

# ଦୁର୍ଗାସ୍ତୋତ୍ର

ଶ୍ରୀ ଅରବିନ୍ଦ

ମାତଃ ଦୁର୍ଗେ ! ସିଂହବାହିନି ସର୍ବଶକ୍ତିଦାୟିନି ମାତଃ ଶିବପ୍ରିୟେ ! ତୋର ଶକ୍ତ୍ୟଂଶଜାତ ଆମ୍ଭେମାନେ ଭାରତବର୍ଷର ଯୁବକଗଣ ତୋର ମନ୍ଦିରରେ ଆସୀନ, ପ୍ରାର୍ଥନା କରୁଛୁ—ଶୁଣ, ମାତଃ ! ଏହି ଭାରତବର୍ଷେ ଆବିର୍ଭୂତ ହୁଅ, ପ୍ରକାଶ ହୁଅ ॥

ମାତଃ ଦୁର୍ଗେ ! ଯୁଗେ ଯୁଗେ ମାନବଶରୀରରେ ଅବତୀର୍ଣ୍ଣ ହୋଇ ଜନ୍ମେ ଜନ୍ମେ ତୋରହିଁ କାର୍ଯ୍ୟ କରି ତୋ ଆନନ୍ଦ-ଧାମରେ ଫେରିଯାଉ । ଏଥର ବି ଜନ୍ମ ହୋଇ ତୋହରି କାର୍ଯ୍ୟରେହିଁ ଆମ୍ଭେମାନେ ବ୍ରତୀ, ଶୁଣ, ମାତଃ ! ଏହି ଭାରତବର୍ଷେ ଆବିର୍ଭୂତ ହୁଅ, ସହାୟ ହୁଅ ॥

ମାତଃ ଦୁର୍ଗେ ! ସିଂହବାହିନି, ତ୍ରିଶୂଳଧାରିଣି, ବର୍ମ-ଆବୃତ-ସୁନ୍ଦର-ଶରୀରେ, ମାତଃ ଜୟଦାୟିନି ! ତୋ ପ୍ରତୀକ୍ଷାରେ ଭାରତ ରହିଅଛି, ତୋର ସେହି ମଙ୍ଗଳମୟୀ ମୂର୍ତ୍ତି ଦେଖିବାକୁ ଉତ୍ସୁକ, ଶୁଣ, ମାତଃ ! ଏହି ଭାରତବର୍ଷେ ଆବିର୍ଭୂତ ହୁଅ, ପ୍ରକାଶ ହୁଅ ॥

ମାତଃ ଦୁର୍ଗେ ! ବଳଦାୟିନି, ପ୍ରେମଦାୟିନି, ଜ୍ଞାନଦାୟିନି, ଶକ୍ତିସ୍ୱରୂପିଣି ଭୀମେ, ସୌମ୍ୟ-ରୌଦ୍ର-ରୂପିଣି ! ଜୀବନସଂଗ୍ରାମେ, ଭାରତସଂଗ୍ରାମେ ତୋର ପ୍ରେରିତ ଯୋଦ୍ଧା ଆମ୍ଭେମାନେ; ଦିଅ, ମା ! ପ୍ରାଣେ, ମନେ ଅସୁରର ଶକ୍ତି, ଅସୁରର ଉଦ୍ୟମ; ଦିଅ, ମା ! ହୃଦୟରେ, ବୁଦ୍ଧିରେ ଦେବଚରିତ୍ର, ଦେବଜ୍ଞାନ ॥

ମାତଃ ଦୁର୍ଗେ ! ଜଗତ୍‌ଶ୍ରେଷ୍ଠ ଭାରତଜାତି ନିବିଡ଼ ତିମିରରେ ଆଚ୍ଛନ୍ନ ଥିଲା । ତୁହି ମାତଃ ! ଗଗନପ୍ରାନ୍ତରେ ଅଳ୍ପ ଅଳ୍ପ ଉଦୟ ହେଉଛୁ, ତୋର ସ୍ୱର୍ଗୀୟ ଶରୀରର ତିମିରବିନାଶିନୀ ଆଭାରେ ଉଷାର ପ୍ରକାଶ ହେଲା । ଆଲୋକ ବିସ୍ତାର କର, ମାତଃ ! ତିମିର ବିନାଶ କର ॥

ମାତଃ ଦୁର୍ଗେ ! ଶ୍ୟାମଳା ସର୍ବସୌନ୍ଦର୍ଯ୍ୟଅଳଂକୃତା ଜ୍ଞାନ-ପ୍ରେମ-ଶକ୍ତିର ଆଧାର ଭାରତଭୂମି ତୋର ବିଭୂତି, ଆଜିପର୍ଯ୍ୟନ୍ତ ଶକ୍ତି ସଂହରଣରେ ଆତ୍ମଗୋପନ କରିଥିଲା । ଆଗତ ସେହି ଯୁଗ, ଆଗତ ସେହି ଦିନ ଯେତେବେଳେ ସମଗ୍ର ବିଶ୍ୱର ଭାର ସ୍କନ୍ଧରେ ବହନ କରି ଭାରତଜନନୀ ଉଠୁଅଛି । ଆସ, ମାତଃ ! ପ୍ରକାଶ ହୁଅ ॥

ମାତଃ ଦୁର୍ଗେ ! ତୋର ସନ୍ତାନ ଆମ୍ଭେମାନେ, ତୋ ପ୍ରସାଦରେ, ତୋ ପ୍ରଭାବରେ ମହତ୍ କାର୍ଯ୍ୟ, ମହତ୍ ଭାବର ଉପଯୁକ୍ତ ହେଉ । ହେ ମାତଃ ! ବିନାଶ କର କ୍ଷୁଦ୍ରତା, ବିନାଶ କର ସ୍ୱାର୍ଥ, ବିନାଶ କର ଭୟ ॥

ମାତଃ ଦୁର୍ଗେ ! କାଳୀରୂପିଣି, ନୃମୁଣ୍ଡମାଳିନି, ଦିଗମ୍ବରେ, କୃପାଣପାଣିଦେବି, ଅସୁରବିନାଶିନି ! କ୍ରୁରନିନାଦରେ ଅନ୍ତଃସ୍ଥ ରିପୁ ବିନାଶ କର, ଗୋଟିଏ ବି ଯେପରି ଆମ୍ଭମାନଙ୍କ ମଧ୍ୟରେ ଜୀବିତ ରହି ନ ପାରେ, ବିମଳ, ନିର୍ମଳ ଯେପରି ହେଉ, ଏହି ପ୍ରାର୍ଥନା ମାତଃ ! ପ୍ରକାଶ ହୁଅ ॥

ମାତଃ ଦୁର୍ଗେ ! ସ୍ୱାର୍ଥ, ଭୟ, କ୍ଷୁଦ୍ରାଶୟତାରେ ମ୍ରିୟମାଣ ଭାରତ । ହେ ମାତଃ ! ଆମ୍ଭମାନଙ୍କୁ ମହତ୍ କର, ମହତ୍ ପ୍ରୟାସୀ କର, ଉଦାରଚେତା କର, ସତ୍ୟସଂକଳ୍ପ କର, ଯେପରି ଆଉ ଅଳ୍ପାଶୀ, ନିଶ୍ଚେଷ୍ଟ, ଅଳସ, ଭୟଭୀତ ନ ହେଉ ॥

ମାତଃ ଦୁର୍ଗେ ! ଯୋଗଶକ୍ତି ବିସ୍ତାର କର, ଆମେହିଁ ତୋର ପ୍ରିୟ ଆର୍ଯ୍ୟସନ୍ତାନ, ଆମ୍ଭମାନଙ୍କ ମଧ୍ୟରେ ଲୁପ୍ତ ଶିକ୍ଷା, ଚରିତ୍ର, ମେଧାଶକ୍ତି, ଶ୍ରଦ୍ଧା, ଭକ୍ତି, ତପସ୍ୟା, ବ୍ରହ୍ମଚର୍ଯ୍ୟ, ସତ୍ୟଜ୍ଞାନ ବିକାଶ କରି ଜଗତରେ ବିତରଣ କର । ମାନବ-ସହାୟେ ଦୁର୍ଗତିନାଶିନି ଜଗଦମ୍ବେ ! ପ୍ରକାଶ ହୁଅ ।।

ମାତଃ ଦୁର୍ଗେ ! ଅନ୍ତଃସ୍ଥ ରିପୁ ସଂହାର କରି ବାହାରର ବାଧାବିଘ୍ନ ନିର୍ମୂଳ କର । ବଳଶାଳୀ, ପରାକ୍ରମୀ, ଉନ୍ନତଚେତା ଆର୍ଯ୍ୟଜାତି ଭାରତର ପବିତ୍ର କାନନେ, ଉର୍ବର କ୍ଷେତ୍ରେ, ଗଗନସହଚର ପର୍ବତ ତଳେ, ପୂତସଲିଳା ନଦୀତୀରେ ଏକତା, ପ୍ରେମ, ସତ୍ୟ, ଶକ୍ତି, ଶିଳ୍ପ, ସାହିତ୍ୟ, ବିକ୍ରମ, ଜ୍ଞାନରେ ଶ୍ରେଷ୍ଠ ହୋଇ ନିବାସ କରୁ, ମାତୃଚରଣରେ ଏହାହିଁ ପ୍ରାର୍ଥନା, ପ୍ରକାଶ ହୁଅ ।।

ମାତଃ ଦୁର୍ଗେ ! ଆମ୍ଭମାନଙ୍କ ମଧ୍ୟରେ ଯୋଗବଳରେ ପ୍ରବେଶ କର । ଆମ୍ଭେମାନେ ହୋଇଉଠିବୁ ତୋର ଯନ୍ତ୍ର, ଅଶୁଭବିନାଶୀ ତରବାରି, ଅଜ୍ଞାନତିମିରବିନାଶୀ ପ୍ରଦୀପ, ହେ ମାତଃ ! ଭାରତର ଯୁବକଗଣଙ୍କର ଏହି ବାସନା ପୂର୍ଣ୍ଣ କର । ଯନ୍ତ୍ରୀ ହୋଇ ଯନ୍ତ୍ର ଚଳାଅ, ଅଶୁଭହନ୍ତ୍ରୀ ହୋଇ ତରବାରି ଘୁରାଅ, ଜ୍ଞାନଦୀପ୍ତିପ୍ରକାଶିନୀ ହୋଇ ପ୍ରଦୀପ ଧର, ପ୍ରକାଶ ହୁଅ ।।

ମାତଃ ଦୁର୍ଗେ ! ତୋତେ ପାଇଲେ ଆଉ ବିସର୍ଜନ କରିବୁ ନାହିଁ, ଶ୍ରଦ୍ଧା-ଭକ୍ତି-ପ୍ରେମର ଡୋରରେ ବାନ୍ଧି ରଖିବୁ । ଆସ ମାତଃ ! ଆମ୍ଭମାନଙ୍କ ମନ-ପ୍ରାଣ-ଶରୀରରେ ପ୍ରକାଶ ହୁଅ ।।

ବୀରମାର୍ଗପ୍ରଦର୍ଶିନି, ଆସ ! ଆଉ ବିସର୍ଜନ କରିବୁ ନାହିଁ । ଆମ୍ଭମାନଙ୍କ ସମଗ୍ର ଜୀବନ ହେଉ ନିରବଚ୍ଛିନ୍ନ ଦୁର୍ଗାପୂଜା, ଆମ୍ଭମାନଙ୍କର ସକଳ କାର୍ଯ୍ୟ ଅବିରତ ପବିତ୍ର ପ୍ରେମମୟ ଶକ୍ତିମୟ ମାତୃସେବାବ୍ରତ ହେଉ, ଏହାହିଁ ପ୍ରାର୍ଥନା, ମାତଃ ! ଭାରତରେ ଆବିର୍ଭୂତ ହୁଅ, ପ୍ରକାଶ ହୁଅ ।।

# ଉତ୍ତିଷ୍ଠତ, ଜାଗ୍ରତ...

—ସ୍ୱାମୀ ବିବେକାନନ୍ଦ

ପୁନରାୟ ତୁମମାନଙ୍କୁ ସ୍ମରଣ କରାଇ ଦେଉଛି—ହେ ଭାରତ ! ଭୁଲ ନାହିଁ, ତୁମର ନାରୀ-ଜାତିର ଆଦର୍ଶ ସୀତା, ସାବିତ୍ରୀ, ଦମୟନ୍ତୀ ; ଭୁଲ ନାହିଁ, ତୁମର ଉପାସ୍ୟ ଉମାନାଥ ସର୍ବତ୍ୟାଗୀ ଶଙ୍କର ; ଭୁଲ ନାହିଁ, ତୁମର ବିବାହ, ତୁମର ଧନ, ତୁମର ଜୀବନ ଇନ୍ଦ୍ରିୟ ସୁଖ ପାଇଁ ନୁହେଁ । ତୁମେ ଜନ୍ମ ହେବା ଦିନଠାରୁ ମା' ଙ୍କ (ଭାରତମାତାଙ୍କ) ନିମିତ୍ତ ବଳି ପ୍ରଦତ୍ତ । ଭୁଲ ନାହିଁ, ତୁମର ସମାଜ ମହାମାୟାଙ୍କ ଛାୟା ମାତ୍ର । ଭୁଲ ନାହିଁ—ନୀଚ ଜାତି, ମୂର୍ଖ, ଦରିଦ୍ର, ଅଜ୍ଞ, ମୋଚି, ମେହେନ୍ତର ତୁମର ରକ୍ତ, ତୁମର ଭାଇ ।

ହେ ବୀର ! ସାହସ ଅବଲମ୍ବନ କର, ସଦର୍ପରେ କହ—ମୂର୍ଖ ଭାରତବାସୀ, ଦରିଦ୍ର ଭାରତବାସୀ, ବ୍ରାହ୍ମଣ ଭାରତବାସୀ, ଚଣ୍ଡାଳ ଭାରତବାସୀ ମୋର ଭାଇ । ତୁମେ ମଧ୍ୟ ତାଙ୍କ ପରି କଟୀମାତ୍ର ବସ୍ତ୍ରାବୃତ ହୋଇ ସଦର୍ପରେ କହ—ଭାରତବାସୀ ମୋର ଭାଇ, ଭାରତବାସୀ ମୋର ପ୍ରାଣ, ଭାରତର ଦେବଦେବୀ ମୋର ଈଶ୍ୱର, ଭାରତର ସମାଜ ମୋର ଶିଶୁ ଶଯ୍ୟା, ମୋର ଯୌବନର ଉପବନ, ବାର୍ଦ୍ଧକ୍ୟର ବାରାଣସୀ । କହ ଭାଇ, ଭାରତର ମୃତ୍ତିକା ମୋର ସ୍ୱର୍ଗ, ଭାରତର କଲ୍ୟାଣରେ ମୋର କଲ୍ୟାଣ ; ଆଉ ପୁଣି ଦିନରାତି କହ—ହେ ଗୌରୀନାଥ ! ଜଗଦମ୍ବେ ! ମୋତେ ମନୁଷ୍ୟତ୍ୱ ଦିଅ, ମା ମୋର ଦୁର୍ବଳତା, କାପୁରୁଷତା ଦୂର କର, ମୋତେ ମଣିଷ କରିଦିଅ ।

ହେ ଯୁବକ ବୃନ୍ଦ ! ଯାଅ, ଏହି ମୁହୂର୍ତ୍ତରେ ସେହି ପାର୍ଥସାରଥି ମନ୍ଦିରକୁ, ତାଙ୍କ ନିକଟରେ ସାଷ୍ଟାଙ୍ଗ ପ୍ରଣିପାତ କର ଏବଂ ତାଙ୍କ ନିକଟରେ ଏକ ମହାବଳି ପ୍ରଦାନ କର । ନିଜ ଜୀବନର ବଳି, ତାଙ୍କରି ପାଇଁ—ଯାହାଙ୍କ ପାଇଁ ସେ ଯୁଗେ ଯୁଗେ ଅବତୀର୍ଣ୍ଣ ହୋଇଥାନ୍ତି, ଯେଉଁମାନଙ୍କୁ ସେ ଅଧିକ ପ୍ରେମ କରନ୍ତି, ସେହି ଦୀନ, ଦରିଦ୍ର, ପତିତ, ଉତ୍ପୀଡ଼ିତମାନଙ୍କ ପାଇଁ ।

'ଉତ୍ତିଷ୍ଠତ ଜାଗ୍ରତ ପ୍ରାପ୍ୟ ବରାନ୍ନିବୋଧତ'—ଉଠ, ଜାଗ, ଯେତେ ଦିନ ଯାଏଁ ସେହି ଅଭିଳଷିତ ବସ୍ତୁ ପ୍ରାପ୍ତ ନ ହୋଇଛି ସେତେ ଦିନ ଯାଏଁ ପ୍ରବଳ ଉଦ୍ୟମ, ଅସୀମ ଚେଷ୍ଟା କରିବାରୁ ବିରତ ହୁଅ ନାହିଁ ।





## ଏହିପରି କହୁଥିଲେ

"ଆପଣ ଦେଶ ପାଇଁ ପାଞ୍ଚ ମିନିଟ୍ ଭାବିବା କଥା କହୁଛନ୍ତି । କ'ଣ ଭାବିବି ? ଭାବିଲେ ବା କ'ଣ ହେବ ?" ଜଣେ ଉତ୍ସାହୀ ଯୁବକ ଓକିଲ ମଧୁବାବୁଙ୍କୁ ଥରେ କଟକ ଓକିଲ ଖାନାରେ ପଚାରିଥିଲେ । ମଧୁବାବୁ ପ୍ରଶ୍ନକର୍ତ୍ତାର ସାହସ ଓ ମନର ଦମ୍ଭ ଦେଖି ଖୁସି ହୋଇଥିଲେ । କାରଣ ମଧୁବାବୁଙ୍କ ଚିଡ଼ା ପ୍ରକୃତି ଯୋଗୁଁ ତାଙ୍କୁ ପ୍ରଶ୍ନ ପଚାରିବା ତ ଦୂରର କଥା, ତାଙ୍କ ପାଖ ମାଡ଼ିବା ପାଇଁ ବହୁ ଯୁବକ ଭୟ କରୁଥିଲେ । ଅବଶ୍ୟ ଏଥିରେ ଭୟ ଓ ଭକ୍ତି ଉଭୟ ସମ ଭାବରେ ମିଶ୍ରିତ ଥିଲା । ମଧୁବାବୁ ଅସାର କଥା କହିବେ ନାହିଁ । ଯାହା କହିବେ ତାହା ଅମୃତବାଣୀ ସଦୃଶ—ଏହି ଧାରଣା ସମସ୍ତଙ୍କ ମନରେ ଥିଲା । ତାଙ୍କ ଭଳି ଉଚ୍ଚକୋଟୀର ରାଜନୀତିଜ୍ଞ, ଦେଶସେବୀ, ନିର୍ଭୀକ, ଚିନ୍ତାଶୀଳ ଅଭିଜ୍ଞ ବ୍ୟକ୍ତି ଦେଶରେ ବିରଳ ଥିବାରୁ ମଧୁବାବୁ ଟିକିଏ କେଉଁଠି ପାଟି ଫିଟାଇଲେ ବହୁ ଯୁବକ, ବୃଦ୍ଧ, ଶିକ୍ଷିତ ତାଙ୍କୁ ବେଢ଼ି ଯାଉଥିଲେ ଏବଂ ଧୀରସ୍ଥିର ଭାବରେ ତାଙ୍କ କଥା ଶୁଣୁଥିଲେ । ମଧୁବାବୁଙ୍କ ମନର ଅବସ୍ଥା ଅନୁସାରେ ତାଙ୍କ କଥା ମଧୁର ବା କଠୋର ହେଉଥିଲା । ଖୁସି ସମୟରେ ହସରସର ମୃଦୁ ବଚନ ଯୁବକ ଓ ବନ୍ଧୁମାନଙ୍କୁ ଆନନ୍ଦିତ କରିଥାଏ । ଗଭୀର ତତ୍ତ୍ୱ କଥା ବ୍ୟାଖ୍ୟାନରେ ଶ୍ରୋତାର ମନ ବହୁ ଉର୍ଦ୍ଧ୍ୱକୁ ନେଇଯାଏ । ଗାଳି ହେଉ, ପରିହାସ ହେଉ, ସ୍ତୁତି ହେଉ, ଗାମ୍ଭୀର୍ଯ୍ୟପୂର୍ଣ୍ଣ ତତ୍ତ୍ୱ ବ୍ୟାଖ୍ୟାନ ହେଉ, ଶ୍ରୋତା ତାଙ୍କଠାରୁ କିଛି ନୂତନ କଥା ଶିଖିବାର ଅବକାଶ ପାଏ ।

ସେଦିନ ବୃଦ୍ଧଙ୍କ ମନ ଖୁସି ଥାଏ । ସେ ଯୁବକକୁ ଆଶୀର୍ବାଦ କରି ଉପମାପୂର୍ଣ୍ଣ ସଂକ୍ଷିପ୍ତ ବାଖ୍ୟାନ ଶୁଣାଇଲେ । ଆରେ ବୈଷ୍ଣବମାନେ ଯେଉଁ ହରିନାମ ନିଅନ୍ତି, ସେଥିରୁ କଣ ବୁଝିବାକୁ ହେବ ଯେ, ସବୁବେଳେ ସେମାନଙ୍କ ମନରେ ଉଚ୍ଚଭାବ ଜାଗ୍ରତ ହେଉଛି କିମ୍ବା ନୀଚଭାବ ଦୂର ହୋଇଯାଉଛି ? ଉଚ୍ଚଭାବ ଆସିଲେହିଁ ଭଲ କର୍ମ ହୁଏ । ତେଣୁ ସମଗ୍ର ବିଶ୍ୱ କଥା ଚିନ୍ତା କର । ତୁମ ନିଜ କ୍ଷୁଦ୍ର ପରିବାର ମଧ୍ୟରେ ଥାଇ ଭଲଭାବନା କର । ଲର୍ଡ଼ କର୍ଜନ କହୁଥିଲେ "ଯିଏ ଯେଉଁ କ୍ଷୁଦ୍ର ଭୌଗୋଳିକ ପରିସର ମଧ୍ୟରେ ଥାଉ ପଛକେ ସେ ସେଥିପାଇଁ କିଛି କାମ କରିବା ଉଚିତ । ଧର ବାଟରେ ଯାଉଛ, କଣ୍ଟାଟେ ବାଟରେ ପଡ଼ିଛି, ତାକୁ ଉଠାଇ ଅନ୍ୟତ୍ର ଫୋପାଡ଼ି ଦିଅ । ବାଟ ସଫା ହୋଇଯାଉ । ଏହା ମଧ୍ୟ ଦେଶ ଓ ଦଶ ପାଇଁ କାମ । ଉପସ୍ଥିତ ଅସୁବିଧାରୁ ଏଡ଼ି ସୁଖର ଜୀବନଯାପନ ନିମନ୍ତେ ଯେଉଁ ଉପାୟ ଉଦ୍ଭାବନ କରିବା ଆବଶ୍ୟକ, ସେସବୁ ଚିନ୍ତା କର ଓ ବାସ୍ତବ ରୂପ ଦିଅ । କର୍ମକ୍ଷେତ୍ର ଅସୀମ, ତାହା ଭିତରୁ କାମ ବାଛିନିଅ । ପରସ୍ପର ସ୍ୱାର୍ଥର ସଂଘର୍ଷକୁ ତ୍ୟାଗ କର । ପର ଧନକୁ ଲୋଭ କରନାହିଁ । ପରକୁ ଈର୍ଷା କର ନାହିଁ" ।

# ଦେବୀ ଦୁର୍ଗତିନାଶିନୀ



ଶ୍ରୀ କୈଳାସ ଚନ୍ଦ୍ର ମିଶ୍ର

ଯୋ ମାଂ ଜୟତି ସଂଗ୍ରାମେ ଯୋ ମେ ଦର୍ପଂ ବ୍ୟପୋହତି ।।
ଯୋ ମେ ପ୍ରତିବଳଂ ଲୋକେ ସଃ ମେ ଭର୍ତ୍ତା ଭବିଷ୍ୟତି ।।

ଦୂତମୁଖରୁ ତ୍ରିପୁର ବିଜୟୀ ଶୁମ୍ଭନିଶୁମ୍ଭ ଭ୍ରାତୃଦ୍ୱୟ ଏହିପରି ଉକ୍ତି ଶୁଣି ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ପଡ଼ିଲେ ଏବଂ କହିଲେ "ଜଣେ ଏକାକିନୀ ନାରୀର ଏତେ ଦୂର ଆସ୍ପର୍ଦ୍ଧା, ଏତେ ଦାମ୍ଭିକତା, ଏହାର ଉପଯୁକ୍ତ ପ୍ରତିକାର ଆବଶ୍ୟକ" । ଏଣୁ ଦୂତମାନଙ୍କୁ ଆଦେଶ ଦେଲେ, "ଶୀଘ୍ର ଯାଇ ସେହି ଦେବୀଙ୍କୁ ବଳାତ୍କାର ପୂର୍ବକ ରକ୍ଷରାଜ ଅନ୍ତଃପୁରକୁ ନେଇ ଆସ । ଯଦି ସେ ସ୍ୱଇଚ୍ଛାରେ ଆଗମନ ନ କରନ୍ତି ତେବେ କେଶାକର୍ଷଣ ପୂର୍ବକ ନେଇ ଆସିବାକୁ ହେବ ।"

ଏପରି ଆଦେଶ ଦେବାବେଳେ ଦୈତ୍ୟରାଜ ଶୁମ୍ଭ ଉପଲବ୍ଧି କରି ପାରିନଥିଲେ ଯେ ଏହି ତ୍ରିପୁର ଶୋଭନା ସୁନ୍ଦରୀ, ରକ୍ଷ ତାପରେ ପ୍ରପୀଡ଼ିତ ଦେବତାମାନଙ୍କର ଅନୁନୟ ଶ୍ରବଣ କରି ଦୈତ୍ୟର ବିନାଶ ପୂର୍ବକ ଅମରଗଣଙ୍କ ସଂସ୍ଥାପନା ନିମିତ୍ତ ଏହିପରି ଛଦ୍ମବେଶୀ ଥିଲେ ସିନା, ସେ ସାଧାରଣ ନାରୀ ନୁହନ୍ତି । ସେ ସ୍ୱୟଂ ସମସ୍ତ ଦେବତାଙ୍କର ଦେହ ତେଜରୁ ସମ୍ଭୂତା ଜଗତ୍ରୟ ତ୍ରାଣକାରିଣୀ ଆଦ୍ୟାଶକ୍ତି, ବିଶ୍ୱର ପରମ ମଙ୍ଗଳମୟୀ ଦୁର୍ଗତି-ନାଶିନୀ ଦେବୀ ଦୁର୍ଗା । ତାଙ୍କର ଉଦ୍ଦେଶ୍ୟ ଶୁମ୍ଭନିଶୁମ୍ଭଙ୍କୁ ସମୂଳେ ବିନାଶ କରିବା । ସେ କାହିଁକି ଜଣେ ସାମାନ୍ୟ ଦୂତର ଭୀତିପ୍ରଦ କଥାରେ ବିଚଳିତ ହୋଇ ଥାଆନ୍ତେ ? ଏଣୁ ଯେତେବେଳେ ଦୂତ ଯାଇ ଶୁମ୍ଭନିଶୁମ୍ଭଙ୍କ ପ୍ରଶସ୍ତି ଗାନକଲା, ସେମାନେ କିପରି ତ୍ରୈଲୋକ୍ୟ ଅଧୀଶ୍ୱର ହୋଇଛନ୍ତି ତାହା ବଖାଣି ବସିଲା, ସେତେବେଳେ ସ୍ମିତ ହାସ ପ୍ରକାଶ କରି କହିଲେ, "ମୁଁ ତ କିଛି ନବୁଝି ଏପରି ପଣ କରି ଦେଇଛି । ହେ ଦୂତ, ତୁମର ପ୍ରଭୁ ଯଦ୍ୟପି ପ୍ରକୃତରେ ଏତେ ବଳଶାଳୀ ତେବେ ତ ଶୁଭ ଭଲ ହେଲା । ମୋ ସାଙ୍ଗରେ ଯୁଦ୍ଧକରି ମୋତେ ପରାସ୍ତ କରି ଦେଲେ ମୋର ସତ୍ୟ ରକ୍ଷା ହେବ । ତୁମର ରକ୍ଷରାଜଙ୍କର ଉଦ୍ଦେଶ୍ୟ ମଧ୍ୟ ସିଦ୍ଧହେବ " ।

ଫଳରେ ହେଲା ଯୁଦ୍ଧ । ଦେବୀ ଏକାକିନୀ । ପ୍ରଥମରେ ସେନାପତି ଧୂମ୍ରଲୋଚନ ଯୁଦ୍ଧ କ୍ଷେତ୍ରରେ ପ୍ରବିଷ୍ଟ ହେଲା । ଧୂମ୍ରଲୋଚନ ନିମିଷକେ ତିନିପୁର ଭସ୍ମ କରିବାକୁ ସକ୍ଷମ, କିନ୍ତୁ ହେବ କଅଣ ? ଦେବୀ ତାକୁ କ୍ରୁଦ୍ଧ ହୋଇ ଅବଲୋକନ କରନ୍ତେ ନିମିଷକେ ଭସ୍ମ ହେଲା । ଖଦ୍ୟୋତ ଯାଇଥିଲା ବିବସ୍ୱାନଙ୍କୁ ତେଜପ୍ରଦର୍ଶନ କରିବାକୁ । କି ବିଚିତ୍ର ବୁଝାମଣା ! ଏଣୁ ଅନୁରୂପ ଫଳ ହେଲା । କୋଟି ସୂର୍ଯ୍ୟ ଯେଉଁ ଚରଣର ଶରଣାପନ୍ନ ସାଧାରଣ ଖଦ୍ୟୋତ ହୋଇ ସେହି ମହାନ ଶକ୍ତିକୁ ପ୍ରତିରୋଧ କରିବା ଇଚ୍ଛାକୁ ବାଳଚପଳତା ବା ବାତୁଳତା ଭିନ୍ନ ଆଉ କି ଆଖ୍ୟା ଦିଆଯାଇପାରେ ।

ଯୁଦ୍ଧର ଆଉ ଆବଶ୍ୟକତା ରହିଲା ନାହିଁ । ତ୍ରିପୁର ବିଜୟୀ ଶୁମ୍ଭନିଶୁମ୍ଭଙ୍କର ତ୍ରିପୁର ବିଜୟୀ ସେନାପତି ଦେବୀଙ୍କର ନିମିଷକ କ୍ରୋଧର ଭୟାବହ ପରିଣାମ ସହ୍ୟ କରିବାକୁ ଏକାନ୍ତ ଅକ୍ଷମ ହୋଇ ବିନଷ୍ଟ ହେଲା । ଏହି ସମ୍ବାଦ ରକ୍ଷରାଜଙ୍କର ଅସହ୍ୟ ହେଲା । ଏଣୁ ସେ ତତ୍‌କ୍ଷଣାତ୍ ଚଣ୍ଡମୁଣ୍ଡକୁ ବହୁ ସେନା ପରିବେଷ୍ଟିତ ହୋଇ ଦେବୀଙ୍କୁ ଧରି ଆଣିବାକୁ ଗମନ କଲେ । ତା'ପରେ ସେନାପତି ଚଣ୍ଡମୁଣ୍ଡ ଯୁଦ୍ଧରେ ପ୍ରବୃତ୍ତ ହେଲେ । ଭୟଙ୍କର ସେ ରାକ୍ଷସଦ୍ୱୟ । ଅତି ଭୟଙ୍କର ତାଙ୍କର ଯୁଦ୍ଧ । ସେମାନଙ୍କୁ ଦେଖି ଦେବୀ ଏତେ କ୍ରୁଦ୍ଧ ହୋଇଥିଲେ ଯେ ତାଙ୍କର ମୁହଁ କାଳୀ ସଦୃଶ କଳା ଦେଖା ଯାଉଥିଲା । ଦେବୀଙ୍କର ଭ୍ରୂକୁଟି ଅତି କୁଟିଳ ଆକାର ଧାରଣ କରିବାରୁ ଅତି ଭୟଙ୍କର ଦେଖାଗଲା ଏବଂ ସେହି କପାଳରୁ ଶସ୍ତ୍ର

ସନ୍ନଦ୍ଧ ହୋଇ କାଳୀ ବହିର୍ଗତା ହେଲେ । ସେ ନରମୁଣ୍ଡ-ମାଳାରେ ବିଭୂଷିତ ହୋଇ ବ୍ୟାଘ୍ରଚର୍ମ ପରିଧାନ କରିଥିଲେ । ଏଣେ ତାଙ୍କର ଶରୀର କେବଳ ଅସ୍ଥି କଙ୍କାଳ-ସାର ହୋଇଥିବାରୁ ସେ ଅତି ଭୟଙ୍କର ଦେଖାଯାଉଥିଲେ । ତାଙ୍କର ବଦନ ବିସ୍ତୃତ ଏବଂ ଜିହ୍ୱା ଲହ ଲହ ହୋଇ ମହା ଭୟଙ୍କର ଦେଖାଯାଉଥିଲା ।

ଏବଂଭୂତ କରାଳବଦନା କାଳୀ ଭୟଙ୍କର ଯୁଦ୍ଧରେ ବ୍ୟାପୃତ ରହି କ୍ଷଣ କ୍ଷଣ କରି ଚଣ୍ଡ ଏବଂ ମୁଣ୍ଡ ନାମକ ଦୁଇ ଦୁରାତ୍ମା ଦୈତ୍ୟଙ୍କୁ ବିନାଶ କରି ସେମାନଙ୍କର ମୁଣ୍ଡ ଧରି ଦେବୀଙ୍କ ପାଖରେ ଉପସ୍ଥିତ ହେଲେ ଏବଂ କହିଲେ, ଆପଣ ଶୁମ୍ଭନିଶୁମ୍ଭଙ୍କୁ ବଧ କରିବେ ବୋଲି ଏହି ଯୁଦ୍ଧ-ଯଜ୍ଞରେ ମୁଁ ଚଣ୍ଡମୁଣ୍ଡ ମହାପଶୁଙ୍କୁ ଆପଣଙ୍କୁ ଅର୍ପଣ କରୁଛି । ଏଥିରେ ଅତି ପ୍ରସନ୍ନ ହୋଇ ଜଗଦ୍ଧାତ୍ରୀ ଦେବୀ ଭଗବତୀ ବିଜୟିନୀ କାଳୀଙ୍କୁ ଚାମୁଣ୍ଡା ଆଖ୍ୟାରେ ଆଖ୍ୟାୟିତ କଲେ । ତା'ପରେ ରକ୍ଷରାଜ ଶୁମ୍ଭନିଶୁମ୍ଭଙ୍କ ଆଗମନ ପ୍ରତୀକ୍ଷାରେ ରହିଲେ କଲ୍ୟାଣମୟୀ ଚଣ୍ଡିକା । ଚଣ୍ଡମୁଣ୍ଡ ନିହତ ହେବା ପରେ ସେନାପତି ରକ୍ତବୀର୍ଯ୍ୟ ଯୁଦ୍ଧରେ ଯୋଗ ଦେଲେ । ଭୟଙ୍କର ସେ ରାକ୍ଷସ । ତାହା ଦେହରୁ ଯେଉଁ ରକ୍ତ ନିର୍ଗତ ହେଲା ସେହି ରକ୍ତ ବିନ୍ଦୁ ଭୂପତିତ ହୁଅନ୍ତେ ପ୍ରତ୍ୟେକ ରକ୍ତ ବିନ୍ଦୁରୁ ରକ୍ତବୀର୍ଯ୍ୟ ରାକ୍ଷସ ସମ ଜଣେ ଜଣେ ଯୋଦ୍ଧା ଉତ୍ପନ୍ନ ହୋଇ ଯୁଦ୍ଧ କଲେ । ଦେବୀ ପ୍ରଥମରେ କିଞ୍ଚିତ୍ ଆଶ୍ଚର୍ଯ୍ୟ ହେଲେ । କିନ୍ତୁ ସଚରାଚର ବିଶ୍ୱର ଧାରଣକାରୀ ଓ ପାଳନକାରୀ ଦେବୀଙ୍କ ପକ୍ଷରେ ଅସମ୍ଭବ ନଥିଲା କୌଣସି ସମସ୍ୟାର ସମାଧାନ । ଏଣୁ ସେ ଆଦେଶ ଦେଲେ........

"ଚାମୁଣ୍ଡେ ତୁମେ ବଦନ ବିସ୍ତାର କର" ଏବଂ ମୋର ଶସ୍ତ୍ରପାତରେ ଯେଉଁ ରକ୍ତ ବିନ୍ଦୁ ନିଃସୃତ ହୋଇ ଭୂପତିତ ହେବ ତାକୁ ତୁମେ କ୍ରମାଗତଭାବେ ପାନ କରନ୍ତେ ଅସୁର ହୀନରକ୍ତ ଓ ହୀନବଳ ହେବ ଏବଂ ତାହାକୁ ମାରିବା ସହଜ ହେବ । ସେହିପରି ହେଲା ଏବଂ ଯୁଦ୍ଧ କରି ରକ୍ତବୀର୍ଯ୍ୟ ନିହତ ହେଲା । ଅକ୍ଷୟବୀଜ ରକ୍ତବୀର୍ଯ୍ୟ ଦେବୀମାୟା ବଳରେ ନିମିଷକେ କ୍ଷୟ ହୋଇ ଭୂପତିତ ହେଲା । ଦିଗଙ୍ଗନା ହର୍ଷପୂରିତ ଓ ଦେବଗଣ ଉତ୍ସାହିତ ହେଲେ । ଯେଉଁ ଦେବୀ ସମଗ୍ର ବିଶ୍ୱକୁ ଧାରଣ କରନ୍ତି, ଯାହାଙ୍କ ଇଚ୍ଛାରେ ସମଗ୍ର ବିଶ୍ୱ ଆତଯାତ, ସାମାନ୍ୟ ଜଣେ ରାକ୍ଷସର ସଂହାର ତାଙ୍କ ପକ୍ଷରେ ଅତି ସାଧାରଣ କଥା ସତ କିନ୍ତୁ ତାହାଙ୍କର ମହିମା ଲେଶମାତ୍ର ଉପଲବ୍ଧି କରି ନପାରି ଜ୍ୱଳନ୍ତ ଅନଳ ପ୍ରତି ପତଙ୍ଗଗଣ ଧାବମାନ ହୋଇ ଯେଉଁ ଦଶା ଲାଭ କରନ୍ତି, ସେହିପରି ପରିଣତି ଲାଭ କରିବା ଜଣେ ତତ୍‌କାଳୀନ ରାଜା ବା ସେନାପତି ପକ୍ଷରେ ହାସ୍ୟାସ୍ପଦ ନୁହେଁ କି ?

ଆହୁରି ହାସ୍ୟାସ୍ପଦ ବିଷୟ ହେଲା ତ୍ରିପୁର ବିଜୟୀ ବଳବାନ ରାକ୍ଷସମାନେ ଗୋଟିକ ପରେ ଗୋଟିଏ ନିହତ ହେଉଥିବା ସ୍ଥଳେ, ଅର୍ବୁଦ ଅର୍ବୁଦ ଯୋଦ୍ଧା ଅଗ୍ନି ତେଜରେ ପତଙ୍ଗବତ୍ ଦଗ୍ଧ ହେଉଥିବା ବେଳେ ଅନ୍ୟମାନେ ସେହି ଦେବୀଙ୍କୁ ପାଦାକ୍ରାନ୍ତ କରିବା ଅଭିପ୍ରାୟରେ ଧାବମାନ ହେବା ବିଶେଷ ହାସ୍ୟାସ୍ପଦ ବିଷୟ ବ୍ୟତୀତ ଆଉ କଅଣ ହୋଇପାରେ ।

ଏସବୁ ସତ୍ତ୍ୱେ ଶୁମ୍ଭ ନିଶୁମ୍ଭ ପ୍ରକୃତ ତଥ୍ୟ ଉପଲବ୍ଧି କରି ପାରିଲେ ନାହିଁ । ସେମାନେ ଅର୍ବୁଦ ଅର୍ବୁଦ ସେନା ପରିବେଷ୍ଟିତ ହୋଇ ଯୁଦ୍ଧକୁ ଗମନ କଲେ । ସେମାନଙ୍କର ଏତାଦୃଶ ଆଚରଣ ଅବଲୋକନ କରି ଦେବୀ ମଧ୍ୟ ନିଜ ଦେହରୁ ବ୍ରାହ୍ମୀ, କୌମାରୀ, ବୈଷ୍ଣବୀ, ଐନ୍ଦ୍ରୀ, ବାରାହୀ ଆଦି ମହାଶକ୍ତିମାନଙ୍କୁ ନିର୍ଗତ କଲେ ଏବଂ ସେମାନେ ନିଜ ନିଜର ଯଥୋଚିତ ବାହନ ଆରୋହଣ କରି ଦୁର୍ଦ୍ଧର୍ଷ ଦୈତ୍ୟ ସେନାକୁ ନିହତ କରିବାରେ ଲାଗିଲେ । ଏଣେ ଦେବୀ ନିଜେ ଶୁମ୍ଭାସୁରର ଶିର ମଧ୍ୟ ଛେଦନ କଲେ ।

ଏଠାରେ ଗୋଟିଏ କଥା ସ୍ମରଣ କରାଯାଇ ପାରେ ଯେ, ଯେତେବେଳେ ମହିଷାସୁରର ଉତ୍ପୀଡ଼ନରେ ଅତିଷ୍ଠ ହୋଇ ଦେବଗଣ ଯାଇ ବିଷ୍ଣୁଙ୍କ ନିକଟରେ ସ୍ୱୀୟ ଦୁଃଖ ଜଣାଇଲେ ସେତେବେଳେ ନାରାୟଣ ଅତ୍ୟନ୍ତ କ୍ରୁଦ୍ଧ ହେବାରୁ ତଦୀୟ ନେତ୍ର ଦ୍ୱୟରୁ ଅଦ୍ଭୁତ କ୍ରୋଧାଗ୍ନି ସମ୍ଭୂତ ହୋଇ ଊର୍ଦ୍ଧ୍ୱଗାମୀ ହେଲା । ସେତେବେଳେ ସେହି ସ୍ଥାନରେ ବିରାଜମାନ-ଥିବା ଅନ୍ୟାନ୍ୟ ଦେବଗଣଙ୍କ ଶରୀରରୁ ଅନୁରୂପ ତେଜପୁଞ୍ଜ ବିନିର୍ଗତ ହୋଇ ଊର୍ଦ୍ଧ୍ୱଗାମୀ ହେଲା ଏବଂ ଏହି ପୁଞ୍ଜିଭୂତ ତେଜରାଶିରୁ ସମ୍ଭୂତ ହୋଇଥିଲେ କୋଟି ସୂର୍ଯ୍ୟ ସମପ୍ରଭ ନାରୀରୂପିଣୀ ଦୁର୍ଗତିନାଶିନୀ ଦେବୀ ଦୁର୍ଗା ।

ଏହାର ସତ୍ୟତା ପ୍ରତୀତ ହେଲା ଯେତେବେଳେ ସେହି ନାରୀଙ୍କ ଦେହରୁ ନାରୀରୂପିଣୀ କୋଟି କୋଟି ଦେବୀ ପୁନଃ ସମ୍ଭୂତ ହୋଇ ଭୀଷଣ ନାଦରେ ଯୁଦ୍ଧ ଭୂମି ପରିପୂର୍ଣ୍ଣ କରି ଅନବରତ ରାକ୍ଷସମାନଙ୍କୁ ସଂହାର କରିବା ଦ୍ୱାରା ରାକ୍ଷସମାନଙ୍କ ମନରେ ଅସୀମ ଭୟର ସଞ୍ଚାର କରାଇ ଭୀତତ୍ରସ୍ତ କରିଥିଲେ ।

ପ୍ରାଣୋପମ ଭାଇ ନିଶୁମ୍ଭର ମୃତ୍ୟୁ ସମ୍ବାଦ ଶୁଣି ଶୁମ୍ଭ ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ଅବଲୋକନ କଲା ।

ବିଶ୍ୱକାୟ ଦେବୀ ମହାମାୟୀ
ନକ୍ଷତ୍ର ମଣ୍ଡଳ ତ୍ରାସ
କରୁଥିଲା ଶରର କିରୀଟ ।
ସସ୍ତ୍ର ସସ୍ତ୍ର ପ୍ରହରଣେ ଥିଲେ ସେ ସନ୍ନଦ୍ଧ ।
ଆଉ ସଙ୍ଗେ ଥିଲେ ହୋଇ ସାହାପକ୍ଷ
କାଳୀ, ଚାମୁଣ୍ଡା, ବାରାହୀ
ଐନ୍ଦ୍ରୀ, ମାହେଶ୍ୱରୀ ।
ବୈଷ୍ଣବୀ, କୌମାରୀ, ବ୍ରାହ୍ମୀ
ଉଗ୍ରତାରା ସହ ବହୁ ଦେବୀ

ଭୟଭୀତ ଶୁମ୍ଭ ଅସୁର ଦେବୀଙ୍କୁ ଲକ୍ଷ୍ୟ କରି କହିଲା:

ବହୁ ଗର୍ବିତା ହୋଇତୁ କରୁଅଛୁ ଯୁଦ୍ଧ
କରିଅଛୁ ଆଶ୍ରା ତୁହି ଏତେ ଶକ୍ତିଙ୍କର
ଏକାକୀ ଯୁଝିଲେ ସିନା ବୁଝାଯିବ ପରାକ୍ରମ ତୋର '

ଦୈତ୍ୟରାଜର ଏତାଦୃଶ ବାଣୀ ଶୁଣି ଦେବୀ କୁଟିଳ ହାସ୍ୟ ପ୍ରକାଶ କରି ଉତ୍ତର ଦେଲେ,

ଆରେ ମୂର୍ଖ ହୀନମତି !
ଏତେବେଳ ଯାଏ ତୁହି
ଥିଲୁ ସୁପ୍ତ ଅଥବା ଜାଗ୍ରତ ।
ନୋହିଥିଲେ ସୁସ୍ଥ—
କି ବିବେଚନାରେ
ଜଣେ ଏକାକିନୀ ରମଣୀର ସଙ୍ଗେ
ଯୁଦ୍ଧ କରିବାର ପାଇଁ
ପେଶିଥିଲୁ ସପ୍ତ ସେନାପତି ସହ ବହୁ ସେନା ।
ତେବେ ଶୁଣ ମୂର୍ଖ
ଯଦ୍ୟପି ତୁ ହେଲୁ ଭୟଭୀତ ।
ସମସ୍ତ ଶକ୍ତିଙ୍କୁ ମୁହିଁ କରୁଅଛି ଲୁକ୍‌କାୟିତ ଏଥେ ।
ଏକାକୀ କରିବି ଯୁଦ୍ଧ
ବୁଝିବି ତୁ କେତେ ପରାକ୍ରମୀ ।

ଏହାକହି ସମସ୍ତ ଶକ୍ତିଙ୍କୁ ନିଜ ଦେହରେ ଲୀନ କରି ସର୍ବବ୍ୟାପିନୀ ବୋଲି ପ୍ରମାଣିତ କଲେ । ସକଳ ବିଶ୍ୱର ଆଧାର ବୋଲି ରାକ୍ଷସଙ୍କୁ ବୁଝାଇଲେ ଏବଂ ତାହା ସଙ୍ଗରେ ଭୀଷଣ ଯୁଦ୍ଧ କରି ତାହାକୁ ସଂହାର କଲେ । ଚତୁର୍ଦ୍ଦିଗରେ ହେଲା ଦେବୀଙ୍କର ଜୟକାର ଗାନ । ଦେବଗଣ ସମବେତ କଣ୍ଠରେ ସ୍ତୁତି କଲେ :

ବିଶ୍ୱେଶ୍ୱରି ତ୍ୱଂ ପରିପାସି ବିଶ୍ୱଂ
ବିଶ୍ୱାତ୍ମିକା ଧାରୟସୀତି ବିଶ୍ୱଂ
ବିଶ୍ୱେଶବନ୍ଦ୍ୟା ଭବତୀ ଭବନ୍ତି
ବିଶ୍ୱାଶ୍ରୟା ଯେ ତ୍ୱୟି ଭକ୍ତି ନମ୍ରାଃ

* * * *

ନିର୍ଦ୍ଦେଶକ, ସୂଚନା ଓ ଲୋକସଂପର୍କ
ବିଭାଗ, ଭୁବନେଶ୍ୱର

ଦେବଗଣ ସ୍ତୁତିରେ ଅତ୍ୟନ୍ତ ତୁଷ୍ଟା ହୋଇ ଦେବୀ ଆଶ୍ୱାସନା ବାଣୀ ଶୁଣାଇ କହିଲେ :

ବର ଦାହଂ ସୁରଗଣା ବରଂ ଯଂ ମନିସେଚ୍ଛ୍ୟ
ତଂ ବୃଣୁଧ୍ୱଂ ପ୍ରୟଚ୍ଛାମି ଜଗତାମୁପକାରକଂ ।।

"ହେ ଦେବଗଣ ! ମୁଁ ତୁମମାନଙ୍କଠାରେ ପ୍ରୀତ ହୋଇଅଛି । ଜଗତର ଉପକାର ଲାଗି ଯେଉଁ ବର ମାଗିବାକୁ ଇଚ୍ଛା କରୁଅଛ ତାହା ମାଗ; ମୁଁ ଦେବି ।

ଦେବୀଙ୍କର ଏହି ଆଶ୍ୱାସନା ବାଣୀରେ ଉତ୍ସାହିତ ହୋଇ ଦେବତାମାନେ କହିଥିଲେ:

ସର୍ବାବାଧା ପ୍ରଶମନଂ ତୈଲୋକ୍ୟଶାଖିଳେଶ୍ୱରି ।
ଏବ ମେବ ତ୍ୱୟାକାର୍ଯ୍ୟ ମସ୍ମଦ୍ ବୈରୀ ବିନାଶନଂ ।।

ଦେବୀ ତଥାସ୍ତୁ କହି ଅନ୍ତର୍ଦ୍ଧାନ ହୋଇଥିଲେ ।

ଦେବୀ ଏହି ଯେଉଁ ପ୍ରତିଶ୍ରୁତି ଓ ଆଶ୍ୱାସନାବାଣୀ ଶୁଣାଇ ଥିଲେ ସେହି ସତ୍ୟ ସେ ସବୁବେଳେ ରକ୍ଷା କରି ଅଛନ୍ତି । ଜଗତକୁ ବିପଦରୁ ମୁକ୍ତ କରି ନ୍ୟାୟ ଏବଂ ସତ୍ୟ ପ୍ରତିଷ୍ଠା କରି ଲୋକ ଜଗତର ମଙ୍ଗଳ ବୃଦ୍ଧି କରି ଥିବାରୁ ସେ ମଙ୍ଗଳା ନାମରେ ଅଭିହିତ ହୋଇଛନ୍ତି ।

ଆଜି ଏହି ଅବସରରେ ସେହି ସର୍ବବ୍ୟାପିନୀ ଶକ୍ତି ସ୍ୱରୂପିଣୀ, ସର୍ବମଙ୍ଗଳାଙ୍କର ଚରଣାର ବିନ୍ଦରେ ଏତିକି ମାତ୍ର ମିନତି ଯେ, ଏହି ବିଶ୍ୱରେ ଶାନ୍ତି, ମୈତ୍ରୀ ପ୍ରତିଷ୍ଠା କରି ମାନବ ସମାଜରୁ ହିଂସା, ଦ୍ୱେଷ, ଦାରିଦ୍ର୍ୟ ଦୂର କରି ସମସ୍ତଙ୍କ ମନରେ ପ୍ରଶାନ୍ତି ଓ ଆଶ୍ୱାସନା ଭରି ଦିଅନ୍ତୁ ।

ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ

## ଗୁଡ଼ାଖୁ ଘଷିବାରୁ କ୍ୟାନସର ରୋଗ

ଗୁଡ଼ାଖୁ ଘଷିବାର କୁଫଳ ଓ ଏହାର ପରିଣତି ସଂପର୍କରେ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶାଳୟ, ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ଜଣାଇ ଅଛନ୍ତି । ଓଡ଼ିଶା, ମହାରାଷ୍ଟ୍ର, ପଞ୍ଜାବ ପ୍ରଭୃତି ରାଜ୍ୟମାନଙ୍କରେ ଗୁଡ଼ାଖୁର ପ୍ରଚଳନ ବିଶେଷ ପରିମାଣରେ ଦେଖାଯାଏ । ବିଶେଷ କରି ଓଡ଼ିଶାର ଗ୍ରାମାଞ୍ଚଳରେ ଲୋକେ ବହୁ ସଂଖ୍ୟାରେ ଏହାକୁ ଦାନ୍ତ ଘଷିବାରେ ବ୍ୟବହାର କରନ୍ତି । ଗୁଜୁରାଟର କର୍କଟ ଗବେଷଣା କେନ୍ଦ୍ର ମତରେ ଗୁଡ଼ାଖୁରେ ଧୂଆଁ ପତ୍ରର ଅଂଶ ଥିବାରୁ ଏହା ଶରୀର ପକ୍ଷରେ ନିଶ୍ଚିତ ଭାବରେ କ୍ଷତିକାରକ । ବମ୍ବେର ଟାଟା ମେମୋରିଆଲ କେନ୍ଦ୍ର ମଧ୍ୟ ଗୁଡ଼ାଖୁ ଘଷିବା ଫଳରେ କର୍କଟ ରୋଗ ହୋଇପାରେ ବୋଲି ମତବ୍ୟକ୍ତ କରିଛନ୍ତି । ୧୯୭୨ ରୁ ୧୯୭୫ ମସିହା ମଧ୍ୟରେ କଟକର କ୍ୟାନସର ଇନିଷ୍ଟିଚ୍ୟୁଟ ଏକ ସର୍ଭେ କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ, ଗୁଡ଼ାଖୁ ବ୍ୟବହାର କରିବା ଫଳରେ ଗାଲ ଓ ଦାନ୍ତ ମୂଳରେ କର୍କଟ ରୋଗ ହୋଇପାରେ । ଓଡ଼ିଶାର ଜନସାଧାରଣ ବିଶେଷ କରି ଗ୍ରାମାଞ୍ଚଳର ଅଧିବାସୀମାନଙ୍କର ଏହି ମନ୍ଦ ଅଭ୍ୟାସର ପରିଣତି ବିଷୟରେ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଡ଼ାଇରେକ୍ଟର ଜେନେରାଲ ଗଭୀର ଉଦବେଗ ପ୍ରକାଶ କରିଛନ୍ତି । ଗୁଡ଼ାଖୁ ଘଷିବାର ମନ୍ଦ ଅଭ୍ୟାସକୁ ପରିତ୍ୟାଗ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଉଛି ।

# ହିନ୍ଦୁସ୍ଥାନ ଫର୍ଟିଲାଇଜର କର୍ପୋରେସନ ଲିଃ

- ହିନ୍ଦୁସ୍ଥାନ ଫର୍ଟିଲାଇଜର କର୍ପୋରେସନ ଲିଃ ଙ୍କ ସାର ସମ୍ପ୍ରସାରଣ ଓ କୃଷି ଗବେଷଣା ବିଭାଗ ୧୯୭୧ ମସିହାଠାରୁ ଆମ ରାଜ୍ୟର ଅଗଣିତ କୃଷକମାନଙ୍କୁ ସୁଷମ ସାର ପ୍ରୟୋଗ କରି ଅଧିକ ଉତ୍ପାଦନ କରିବାରେ ସାହାଯ୍ୟ କରି ଆସୁଛନ୍ତି ।

- ଓଡ଼ିଶାର ପୁରପଲ୍ଲୀରେ ବାସକରୁଥିବା ଅଗଣିତ କୃଷକମାନଙ୍କ ଜମିର ନମୁନା ମାଟି ଆମର ୨ଟି ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାରରେ ବିନା ମୂଲ୍ୟରେ ପରୀକ୍ଷା କରି ଚାଷୀମାନଙ୍କୁ ଆବଶ୍ୟକ ଖାଦ୍ୟସାର ପ୍ରୟୋଗର ନିର୍ଦ୍ଦେଶନାମା ଯୋଗାଇ ଦେଉ ।

- ସୁଫଳା (୨୦:୨୦:୦) ଓ ୟୁରିଆ (୪୬%) ସାର ବ୍ୟବହାର କରି ଅଧିକ ଲାଭପ୍ରଦ ହେବାପାଇଁ ମଧ୍ୟ ଆମେ ଚାଷୀମାନଙ୍କୁ ପରାମର୍ଶ ଦେଉ ।

- ଆମ ରାଜ୍ୟର ଭିନ୍ନ ଭିନ୍ନ ଅଞ୍ଚଳମାନଙ୍କରେ ବୈଷୟିକ ତାଲିମପ୍ରାପ୍ତ କୃଷି ବିଶେଷଜ୍ଞମାନଙ୍କୁ ମୁତୟନ କରାଯାଇ ସେମାନଙ୍କ ଦ୍ୱାରା ସଭାସମିତି, ପତ୍ରପତ୍ରିକା, ପ୍ରଦର୍ଶନ କ୍ଷେତ୍ର ଆଦିର ବ୍ୟବସ୍ଥା କରି ସାର ପ୍ରୟୋଗ ଓ ତତ୍‌ସହିତ ସମ୍ପୃକ୍ତ କୃଷି ସମସ୍ୟାର ସମାଧାନ କରୁ ।

- କଟକ, ସମ୍ବଲପୁର ଓ କୋରାପୁଟ ଜିଲ୍ଲାରେ ସଘନ ସାର ସମ୍ପ୍ରସାରଣ କାର୍ଯ୍ୟକ୍ରମ ପରିଚାଳନା କରି ଚାଷୀମାନଙ୍କର ଆର୍ଥିକ ମାନଦଣ୍ଡ ବଢ଼ାଇବାରେ ସମକ୍ଷମ ହୋଇପାରିଛୁ ।

- ଏ ସମ୍ବନ୍ଧରେ ଅଧିକ ଜାଣିବାପାଇଁ ସ୍ଥାନୀୟ ଏଚ୍. ଏଫ୍. ସି. କର୍ମଚାରୀ ଅଥବା ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ ପରାମର୍ଶ କରନ୍ତୁ ।

ଆଞ୍ଚଳିକ ମୁଖ୍ୟ କୃଷିବିତ୍

**ହିନ୍ଦୁସ୍ଥାନ ଫର୍ଟିଲାଇଜର୍ କର୍ପୋରେସନ ଲିଃ**

(ସାର ସମ୍ପ୍ରସାରଣ ଓ କୃଷି ଗବେଷଣା ବିଭାଗ)

ଷ୍ଟେସନ ସ୍କୋୟାର, ଭୁବନେଶ୍ୱର-୭୫୧୦୦୬

# ମଶାଣି ତୁଳସୀ

ଲୋକରତ୍ନ ଡଃ କୁଞ୍ଜବିହାରୀ ଦାଶ

କ୍ଷୀଣ ସ୍ୱରରେ ହରିବୋଲ ପକାଇ ପକାଇ ହରିବୋଲ ବାବାଙ୍କର ସ୍ୱର କେତେବେଳେ ବନ୍ଦ ହୋଇଗଲା । ହରିବୋଲ, ଆନନ୍ଦେ ଏକବାର ହରିବୋଲ, ଆଉରି ଏକବାର ହରିବୋଲ, ପୁଣି ଏକବାର ହରିବୋଲ । ଲୋକଙ୍କ ହରିବୋଲ ଚହଳରେ ଗୋପେଶ୍ୱର ମହାଦେବଙ୍କ ଗମ୍ଭୀରା ଉଛୁଳି ପଡ଼ିଲା । ଶବଦ ପାଇ କୀର୍ତ୍ତନିଆ ଦଳ ଆସି କୀର୍ତ୍ତନ ଆରମ୍ଭ କରିଦେଲେ । ଗାଇ ଉଠିଲେ ହରିବୋଲ—ଓରଫ୍ ପାଣୁଦାସଙ୍କର ଭଜନଟିଏ—

ଭଜ ଶ୍ରୀ ଗୋବିନ୍ଦ ନାମ    ମାନବ ଜନ୍ମର ଲଭ  
ଭବାର୍ଣ୍ଣବେ କର୍ଣ୍ଣଧାର    ଅଟନ୍ତି ସେ ପଦ୍ମନାଭ  
ଭାବରେ ଯେହୁ ଭଜନ୍ତି    ଭବସାଗରୁ ତରନ୍ତି  
ଭାବେ ବିଜେ କରିଛନ୍ତି    ସର୍ବ ଘଟେ ପଦ୍ମନାଭ ।  
ଭକ୍ତଙ୍କୁ ଦିଅନ୍ତି ଦେଖା    ଭବସାଗରକୁ ସଖା  
ଭରସା କରତ୍ ଏକା    ମନରେ ନ କର କ୍ଷୋଭ ।  
ଭାଷାରେ ଭୁଲିବ୍ ଯେବେ    ଭଲ କେହି ନ କହିବେ  
ଭାବରେ ଅଭାବ ହେବେ    ସଂସାରେ ନ ନେବ୍ ଲାଭ  
ଭାବ ଶ୍ରୀ ଗୋବିନ୍ଦ ଲୀଳା    ଭାବରେ ଭସାଅ ଭେଳା  
ଭଜେ ପ୍ରାଣବନ୍ଧୁ ଭୋଳା    ମହେଶଙ୍କ ବାକ୍ୟ ଶୁଭ ।

ଗୋପେଶ୍ୱରଙ୍କ ବରଗଛ ମୂଳେ ବାବାଙ୍କ କୁଡ଼ିଆଟି, ଚାରିଦିଗକୁ ଚାରି ଦ୍ୱାର । ସବୁ ଆଡ଼ର ଆଲୁଅ ପବନ ଅବାଧରେ ଆସି କୁଡ଼ିଆରେ ପଶେ । ଚାରି ଆଡ଼କୁ ଖୋଲାବାଟ । ଯିଏ ଯୋଉ ବାଟରେ ଚାଲିଯାଉ । ମନ ଦୃଢ଼ ଥିଲେ ଭଗବାନଙ୍କୁ ଭେଟିବ ।

ବାବା ସେଇଘରେ ବସିପାହାନ୍ତିଆରୁ ହରିବୋଲ ପ କାନ୍ତି । ବାବାଙ୍କ ହରିବୋଲ ଶୁଣିଲେ ଲୋକେ ଭୋର ହେଲା ବୋଲି ଜାଣନ୍ତି ।

ତାଙ୍କ ବାପାଙ୍କ ଦିଆନାମ ପାଣୁ ଦାସ—ଅପରଡିଆଣୀ । ଯମର ଆଖି ଏଡ଼ାଇବା ଲାଗି ତାଙ୍କୁ ଏଇ ଅଛୁଆଁ ନାମଟି ଦିଆ ହୋଇଥିଲା । ଭଜନର ଭଣିତାରେ ବାବା ଏଇ ନାମକୁ ସାଧୁ କରି ପ୍ରକଟ କରିଥିଲେ—ପ୍ରାଣବନ୍ଧୁ ଦାସ, ପ୍ରାଣବନ୍ଧୁ ଯଦିବା ଭିନ୍ନାର୍ଥକ ।

---

ଡ଼କ୍ଟର ଦାଶ ଜୀବନ ସାରା କବିତା, ଭ୍ରମଣ କାହାଣୀ, ପ୍ରବନ୍ଧ ଲେଖିଛନ୍ତି, ଲୋକଗୀତ ବା କାହାଣୀ ସଂଗ୍ରହ କରିଛନ୍ତି ବା ଗବେଷଣା କରିଛନ୍ତି । ଏବେ ୬୫ ବର୍ଷ ବୟସରେ ଏଇ ପ୍ରଥମ ଉପନ୍ୟାସ ସେ ଆରମ୍ଭ କରିଛନ୍ତି । ତାର ପ୍ରଥମ ଅଧ୍ୟାୟଟି ଏଇ । ଅଳ୍ପଦିନ ଆଗେ ତାଙ୍କର ପ୍ରଥମ କ୍ଷୁଦ୍ରଗଳ୍ପ ପୁସ୍ତକ 'ହସ କାନ୍ଦର ଗପ' ପ୍ରକାଶିତ ହୋଇଅଛି ।

—ସଂପାଦକ

ମହାପ୍ରୟାଣ ପରେ ଭକ୍ତମାନେ କୋକେଇରେ ବାନ୍ଧି ହରିବୋଲ ପକାଇ ପକାଇ ବାବାଙ୍କୁ ଆରପଟ ହୁଡ଼ାକୁ ନେଇଗଲେ । କାଳେ ବିଲୁଆ, କୁକୁର ଝିଙ୍କିନେବେ, ଏଥିଲାଗି ଗହୀରା ଗାତ ଖୋଳି ବାବାଙ୍କୁ ସମାଧି ଦେଲେ । ସମାଧି ଦେବା ବେଳେ କୀର୍ତ୍ତନିଆଁମାନେ ବାବାଙ୍କର ପୁଣି ଗୋଟିଏ ଭଜନ ଗାଇଲେ—

ଫାଟିଲେ ଶୂନ୍ୟ ପଞ୍ଜରୀ
ଫିଟିବରେ ବନ୍ଧନରୁ ଉଡ଼ିଯିବେ ଶୁଆ ସାରୀ
ଫାଙ୍କା ହୋଇ ପଡ଼ିଥିବ ଫୁକାରିଲେ ନ ଶୁଣିବ
ଫାନ୍ଦେ କେହୁ ପକାଇବ ଅଠାକାଣ୍ଡିଆଟି ଧରି
ଫାନ୍ଦ ବନ୍ଧା ଛନ୍ଦ ଫାଶି ଫାଙ୍କା କରିଅଛି ବସି
ଫାଶରୁ ସେ ଗଲେ ଖସି ନୋହିବ କେବେ କାହାରି ।
ଫୁଲଫୁଟି ଝଡ଼ିଗଲା, ଫଳ ମଧ୍ୟ ନ ଫଳିଲା
ଫସଲ ହିଁ ଜଳିଗଲା ବିଷମ ମରୁଡ଼ି ପାଗି ।
ଫଳିବାର ଅକାରଣ, ଫୁଲଣା ଝୁଲଣା ପଣ
ଫୁଟିବାର ଅକାରଣ ପ୍ରାଣବନ୍ଧୁ ମରେ ଝୁରି ।

ସମାଧି ମାଟି ଉପରେ ମହାର୍ଦ୍ଦ କୁଡୁଆରେ ଅଣା ତୁଳସୀ ବୁଦାଟି ଲଗାଇ ମାଠିଆଏ ପାଣି ଢାଳି ଦିଆ ହେଲା ।

ଘଟ ବସିବ କାହା ଦୁଆରେ ? ଘଟ ଦୀପବା ଜାଳିବ କିଏ ? ସଂସାରୀଙ୍କ ପରି ବାବାଜୀଙ୍କର ତ କ୍ରିୟା ଧରାଯାଏ ନାହିଁ, ଛୁଠ ହୁଏ ନାହିଁ । ପୁରୋହିତେ କୌଣସି କ୍ରିୟା କର୍ମ କରନ୍ତି ନାହିଁ । ଯେ ସମସ୍ତଙ୍କୁ ଶୁଦ୍ଧପୂତ କରୁଥିଲେ ତାଙ୍କୁ ଶୁଦ୍ଧପୂତ କରିବ କିଏ ? କେବଳ ଶୁଦ୍ଧ ଶ୍ରାଦ୍ଧ ଦିନ ଭକ୍ତମାନେ ମିଳି ଶ୍ରୀ ଗୁରୁକ୍ଷେତ୍ରରେ ଗୋଟିଏ ମଉଛା କରିଥିଲେ । ବହୁ ଆଉ ବହୁ କୀର୍ତ୍ତନମଣ୍ଡଳୀ ଆସି ଯୋଗ ଦେଇଥିଲେ । ଢାଗୁଡୁମାଗୁଡୁ ଝାଇଁ ଝାଇଁ ଶବ୍ଦରେ ଗାଁ କଂପିଥିଲା । ଗାୟକ ମଣ୍ଡଳୀ ମଝିରେ ମଝିରେ ବୁଲି ବୁଲି ଝାଞ୍ଜ ହଳେ ଧରି ଗୀତ ବୋଲୁଥାଏ ; ମୃଦଙ୍ଗ ଓ ଝାଞ୍ଜବାଲାମାନେ ପାଳି ଧରୁଥାନ୍ତି, ଖୋଳରେ ଟିପ ଚଳଉଥାନ୍ତି । ଗୀତ ପଦ ସରିଲାକ୍ଷଣି ପୁଣି ଢାଗୁଡୁମାଗୁଡୁ ଝାଇଁ ଝାଇଁ । ଭିନ୍ନ ଭିନ୍ନ ମଣ୍ଡଳୀ ବି ଭିନ୍ନ ଭିନ୍ନ ସଂକୀର୍ତ୍ତନ ଗୀତ ଗାଉଥାନ୍ତି । ସବା ଶେଷରେ ସବୁ ମଣ୍ଡଳୀ ଏଇ ଗୋଟିଏ ଦୁହାଦେଲେ —

ପ୍ରେମ କହେ
ଶ୍ରୀ ରାଧେ
ଶ୍ରୀକୃଷ୍ଣ
ବୋଲ ପ୍ରଭୁ ନିତାଇ
ଶ୍ରୀ ଚୈତନ୍ୟ ନିତ୍ୟାନନ୍ଦ ଅଦ୍ୱୈତ ।
ବୋଲ ଆନନ୍ଦେ ଏକବାର .. ହରିବୋଲ
ଗ୍ରାମର ମଙ୍ଗଳ ହେଉ .. ହରିବୋଲ
ଶ୍ରୀଗୁରୁଙ୍କ ଜୟ ହେଉ .. ହରିବୋଲ
ଦାତାର ମଙ୍ଗଳ ହେଉ .. ହରିବୋଲ

ଶ୍ରୀ ଜଗନ୍ନାଥ କି .. ଜୟ
ବଡ଼ଠାକୁରକି .. ଜୟ
ସୁଭଦ୍ରା ମାଇକି .. ଜୟ
ଲକ୍ଷ୍ମୀନାରାୟଣ କି .. ଜୟ
ସାକ୍ଷୀ ଗୋପାଳ କି .. ଜୟ
ଶ୍ରୀ ଚୈତନ୍ୟ ମହାପ୍ରଭୁ କି .. ଜୟ
ଶ୍ରୀ ନିତ୍ୟାନନ୍ଦ ମହାପ୍ରଭୁ କି .. ଜୟ
ଅଦ୍ୱୈତ ପ୍ରଭୁ କି .. ଜୟ
ଶଚୀ ମାତା କି .. ଜୟ
ପୁରନ୍ଦର ମିଶ୍ର କି .. ଜୟ
ସାତ ସମୁଦ୍ର କି .. ଜୟ
ବାରାନିଧି କି .. ଜୟ
ନରେନ୍ଦ୍ର ପୁଷ୍କରିଣୀ କି .. ଜୟ

ମାର୍କଣ୍ଡ ପୁଷ୍କରିଣୀକି .. ଜୟ
ଶ୍ୱେତ ଗଙ୍ଗା କି .. ଜୟ
ଇନ୍ଦ୍ରଦ୍ୟୁମ୍ନ କି .. ଜୟ
କାଳିନ୍ଦୀ ହ୍ରଦ କି .. ଜୟ
ବୃନ୍ଦାବନ ଚୌରାଶୀ କୋଶ କୁ .. ଜୟ
ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରକୁ .. ଜୟ
ଗିରି ଗୋବର୍ଦ୍ଧନକୁ .. ଜୟ
ରାଧା କୃଷ୍ଣକୁ .. ଜୟ
ଶ୍ୟାମ କୃଷ୍ଣକୁ .. ଜୟ
ଲଳିତା କୃଷ୍ଣକୁ .. ଜୟ
ଅଷ୍ଟସଖୀ କି .. ଜୟ
ରାଧାରାଣୀକି .. ଜୟ

ତାପରେ ପ୍ରେମଧ୍ୱନି—

ଶ୍ରୀ ଚୈତନ୍ୟ ହାଟ ବସାଏ, ଘାଟ ବସାଏ
ନଗରେ ନଗରେ ଥାବା
ଯହିଁ ତହିଁ ନିଶାନ ଉଡ଼େ ତିନ ମନୋହର ବାବା
ନାଚ କୁଦ ତାଳ ବଜାୟ ସଦା ହରିର ଗୁନ ଗାୟ
ଚୈତନ୍ୟର ସୁପ୍ରୀତି ନାଇଁ ପ୍ରେମ କହିଁସୁ ପାୟ ।

ତାପରେ ପଙ୍ଗତ ଆରମ୍ଭ ବେଳେ—

ରାମ କହେ ଦୁଃଖ ଯାୟ
କୃଷ୍ଣ କହେ ସୁଖ ଉପୁଜାୟ
ମହିମା ମହାପ୍ରସାଦ ସାଧୁ ପ୍ରୀତି ଲଗାଓ ।

ଭୋଜନ ବେଳେ—

ଶାକ ଖାଓ ଶୁକୁତା ଖାଓ
ଆର ଖାଓ ରାଜି
ଭଗବତ ଚନ୍ଦ୍ରଙ୍କ ଚସମେଁ ପାଓ
ମନ କର ରାଜି ।

ଆଚମନ ବେଳେ—

ତୁଳସୀ ମଞ୍ଜରୀ ଜଲ ତାର ପରେ ଗଙ୍ଗା ଜଲ
କୃଷ୍ଣ ବୋଲିଲ ନିଜ ଶିରେ
ଦାସ ଗୋବିନ୍ଦ କହେ
ଗୌର ଆଇଲ ନଦିଆ ନଗରେ ।

ପଙ୍ଗତ ପରେ ଶ୍ରୀ ଗୁରୁଙ୍କ ନାମରେ ପୁଣି ହରିବୋଲ ଦେଇ ଯେ ଯାହା ଘରକୁ ବାହୁଡ଼ିଲେ ।

କେତେବେଳେ ବର୍ଷା ପାଣି, କେତେବେଳେ କାକର ଟୋପି ଉପରେ ଭରସା କରି ଏଣେ ସମାଧି ଉପରର ତୁଳସୀ ବୁଦାଟି ବଢିବାକୁ ଲାଗିଲା । ଦେଖୁ ଦେଖୁ ଝଙ୍କା ଗଛଟିଏ ହେଲା, ଭରା ହୋଇଗଲା ଜଟା । ମଞ୍ଜି ଝଡ଼ି ଝଡ଼ି ତୁଳସୀ ବଣଟିଏ ମାଡ଼ିଗଲା । ଖରାଦିନେ ସେ ବଣ ଶୁଖିଯାଏ, ବର୍ଷାଦିନେ ପୁଣି ଝଙ୍କା ହୋଇ ଉଠେ । ଦେଖୁ ଦେଖୁ ବଣଟା ମାଡ଼ିଗଲା ହୁଡ଼ାଯାକ । ସମସ୍ତେ କହନ୍ତି— ଏ ବାବାଙ୍କର ମହିମା ! ଚଉରାରେ ଏତେ ଯତ୍ନକରି ବୃନ୍ଦାବତୀ ଉଧଉ ନାହାନ୍ତି । ଘରୁଆ ତୁଳସୀରେ ପାଣି ନ ଦେଇ ପାଣି ଟଳେ ପାଟିକି ନିଏ ନାହିଁ । ସବୁବେଳେ ସ୍ତବ ସ୍ତୁତି ପୂଜା ଧୂଆଁ ଲାଗିଛି । ତେତିଶ କୋଟି ଦେବତା ଡାଳେ ପତ୍ରେ ଓ ମୂଳେ ମୂଳେ ଜଗିଛନ୍ତି । ଅଥଚ ବିନା ଯତ୍ନରେ ବୃନ୍ଦାବତୀ ସେଠି କେମିତି ବଢି ମାଡ଼ି ଚାଲିଛନ୍ତି । ସେଇ ବଣ ସେମିତି କେତେ ବର୍ଷ ରହିଥିଲା, ହୋଇଥିଲା ମହାପୁରୁଷଙ୍କ ସ୍ମୃତି ଦେଉଳ ।

ତାଙ୍କୁ ଛୁଇଁଦେଲେ ବାବାଙ୍କ କଥା ସବୁ ମନେ ପଡ଼ି ଯାଉଥିଲା । ବାବାଙ୍କ ନୁଖୁରା ମାଖରା ଚେହେରା ଆଖି ଆଗରେ ନାଚି ଯାଉଥିଲା । ମୁଣ୍ଡବାଳ କହଁରା ହୋଇ ଆପେ ଆପେ ଜଟା ବାନ୍ଧି ଯାଇଥିଲା । ମୁହଁରେ ବିରଳ ଦାଢ଼ି । ବେକରେ ବାନ୍ଧିଥାନ୍ତି ତୁଳସୀ ମୂଳର ଗୋଟେ ମୋଟା ପଦକ, ପିଲାଙ୍କ ବେଙ୍ଗୀ କଉଡ଼ି ପରି । କାଖରେ ହରିଣ ଛାଲଟିଏ, ଡାହାଣ ହାତରେ ଗୋଟିଏ ଚିମୁଟା ।

ବାବା କାହା ଦୁଆରେ ଭିକ ମାଗୁ ନଥିଲେ । କେବଳ ହରିବୋଲ ପକାଇ ପକାଇ ଯାଉଥିଲେ । ଯିଏ ଯାହା ଯାଚି ଦେଉଥିଲା ନେଉଥିଲେ । କିଏ କେତେ ଦେଲା ଛୁହଁୁ ନଥିଲେ, ମନରେ କିଛି ବିକାର ଆସିବ ବୋଲି । ଭିକ ପାଇଲା ପରେ କହୁଥିଲେ—ଆନନ୍ଦେ ଏକବାର ହରିବୋଲ । କିଏ ଖାଇବା କୁ ଦେଲେ ଖୁସିରେ ଖାଉ ଥିଲେ, ଭଜା, ତିଅଣ ଖୋଜୁ ନ ଥିଲେ, ଖାଇବା ଲାଗି ବାସନ ବା କଦଳୀ ପତ୍ର ଲୋଡୁ ନଥିଲେ । ଭୁଇଁକି ଫୁଙ୍କି ଝାଡ଼ି ଦେଇ 'ଏଇଠି ଦିଅ' ବୋଲି କହୁଥିଲେ ।

ଦେଲେ ଭଲ ନଦେଲେ ବି ଭଲ । ସବୁବେଳେ ହସ ଖୁସି, ସବୁବେଳେ ଆନନ୍ଦ ।

କଥା ଅଛି—'ଯାହା ଖାଇଯିବ ପେଟକୁ
ଯାହା ନେଇଯିବ ବାଟକୁ ।'

ବାବା ବଞ୍ଚିବା ଲାଗି ଯତ୍ ସାମାନ୍ୟ ଖାଉଥିଲେ । ଦିପା ଗଉଣିଏ ଯାହା ପ୍ରତିଦିନ ଭିକ ପାଉଥିଲେ ସେଥିରୁ ଅଧେ ଛାଣ୍ଡି ଦେଉଥିଲେ । ବାଧିକି ପଡ଼ିଲେ ସେଥିରୁ ଖାଇବା କି ଔଷଧପତ୍ର ଖର୍ଚ୍ଚ କରିବା ଲାଗି ନୁହେଁ । ଆଗତ ଭବିଷ୍ୟତ କୁ ତାଙ୍କର ଭୟ ନଥିଲା । 'ଯେ ଯାହା ଅର୍ଜିବ ସେଥିରୁ କିଛି ଧର୍ମ କାର୍ଯ୍ୟରେ ଖର୍ଚ୍ଚ କରିବ'—ଏ ତାଙ୍କର ସଂସାର ଲାଗି ବାଣୀ ଥିଲା । ତେଣୁ ଭିକରୁ ସେ ଅଧେ ଛାଣ୍ଡୁଥିଲେ । ବର୍ଷ ଶେଷରେ ସେଇ ଧନରେ ସେ ଗୋଟିଏ ମଉଛବ କରୁଥିଲେ, କେତେଆଡ଼ୁ କେତେ ଭକ୍ତ ଆସି ପହଞ୍ଚୁଥିଲେ । ସେଦିନ ବାବାଙ୍କ ଆନନ୍ଦ ସମୁଦ୍ର ଉଚ୍ଛୁଳୁ ଥିଲା । ପରକୁ ଖୋଇବାରେ ଏତେ ସୁଖ ! ବର୍ଷକର ସଞ୍ଚିତ ଧନ ଭଲ କାମରେ ଲାଗି ଯିବାରେ ଏତେ ଆନନ୍ଦ !

ଅନ୍ନ ଦାନରୁ ବଡ଼ ଦାନ ନାହିଁ; ସେ ଦାନରୁ ବଡ଼ ଧର୍ମ ବି ନାହିଁ । ଏ ଧନ ଲୋକେ ଦେଇଥିଲେ ଲୋକଙ୍କ କାର୍ଯ୍ୟରେ ଲାଗିଲା । ନେଇଦିନର ଦୁଃଖ ଦେଇ ଦିନରେ ସୁଖ ହୋଇଗଲା । ଶେଷ ଜୀବନରେ ତାଙ୍କର ମନେ ହେଉଥିଲା—ସେ ପରଲାଗି ବଞ୍ଚିଛନ୍ତି, ଯେମିତି ବଳିତା ଘର ଆଲୁଅ କରିବା ଲାଗି ଜଳେ । ସଂସାର ସୁଖ ବା ଦୁଃଖରେ ମନ ବୁଡ଼ି ଯାଏ, ସଂସାର ସୁଖ ଥିର ବୋଲି ମନେ ହୁଏ । ସଂସାରରୁ ମନ କୁ କିଞ୍ଚିତ୍ ଆଡ଼େଇ ରଖିବା ବାବାଙ୍କର କାମ । ଧନ ଜୀବନର ସବୁ କିଛି ନୁହେଁ, ଆଉରି କିଛି ତା ଉପରେ ଅଛି—ଯାହା ମଣିଷ କୁ ବେଶୀ ସୁଖ ଦିଏ, ଶାନ୍ତି ଦିଏ । ମଣିଷ ସଂସାର ଛାଡ଼ିଲେ ସବୁ ଛାଡ଼ି ଯିବା କୁ ହୁଏ, କେବଳ ସେତିକି ବାଟ କୁ ନିଏ— ପ୍ରାଣର ବନ୍ଧୁ କେବଳ ଧର୍ମ । ସବୁ ଆପଦ ବିପଦରେ ସେଇ ଧର୍ମହିଁ କେବଳ ମଣିଷ କୁ ରକ୍ଷା କରେ ।

ବାବା ବିଭୁତି ଦିଅନ୍ତି ନାହିଁ, କୁହୁକ ଭାବେ ରୋଗ ବି ଉଡ଼ାଇ ନିଅନ୍ତି ନାହିଁ । ତାଙ୍କ ବିଚାରରେ ହରିନାମ ହିଁ ସବୁ ରୋଗର ଏକମାତ୍ର ଔଷଧ । ଭଲଭାବ ମନକୁ ସଫା କରେ, ଭଲ କାମ ମନକୁ ଖୁସିରଖେ । ଈଶ୍ୱର ତାହେଲେ ଆପେଆପେ ପାଖେଇ ଆସନ୍ତି, ତାଙ୍କୁ ଧ୍ୟାନ କର ବା ନକର ।

ବାବାଙ୍କର ବଡ଼ ମଠ ନାହିଁ, ବଡ଼ ବଡ଼ ଶିଷ୍ୟ ନାହାନ୍ତି, କୋଉଠି କିଛି ହେଲେ ଆଡ଼ମ୍ବର ନାହିଁ । ସେଇ ଘରିଦୁଆରିଆ କୁଡ଼ିଆରେ ମଉଛା ଦିନ ସେ ଅଣ୍ଟା ସଳଖି ବସିଯାନ୍ତି, କାଠ ତାଳି ବଜାଇ ଭଜନ ପରେ ଭଜନ ଗାଇଯାନ୍ତି । ତୁଣ୍ଡ କୋଉଠି ଅଟକେ ନାହିଁ । ସେଇ ଭଜନ ହିଁ ସବୁ, ସେଥିରୁ ଯେ ଯାହା ବୁଝେ, ଯାହା ବା ମାନି ଚଳେ । ସେତେବେଳେ ଭକ୍ତମାନେ ଯାହା ଟିପି ରଖିଥିଲେ ଏବେ ଏକାକ୍ଷରୀ ଭଜନ ନାମରେ ବୈଠକୀମାନଙ୍କରେ ବୋଲାଯାଏ ।

ବାବା ତ ଗଲେ, ପୋଖରୀମାନଙ୍କରେ କେତେପରସ୍ତ ପଙ୍କ ଜମିଗଲା ; ଉଘାଳୁଚି କିଏ ?

ଧର୍ମ ନାଁ ଶୁଣିଲେ ଲୋକେ ଚିଡ଼ିବିଲେ । କୀର୍ତ୍ତନ ଶୁଣିଲେ କାନରେ ହାତ ଦେଲେ । ବାଇଆ ପରି ଧନ ପଛରେ ଧାଇଁଲେ । ଫୁଲ ବଗିଚାରେ ମାଡ଼ିଗଲା ପୋକଶୁଙ୍ଘା । ଏଇ ସମୟରେ କିଏ ସେ ଆସି ପହଞ୍ଚିଲା ଦିନେ ଖଣ୍ଡିଆ ଭୂତ ପରି । ଆଖିରୁ ନିଆଁ ବାହାରୁଚି, ଲମ୍ବା ଲମ୍ବା ଦାନ୍ତ ଯେମିତି ଥରି ଯାଉଚି, ବାହାରୁଚି ଅଭିଶାପ ।

କିଏ ସେ ଡ଼ାକ ପକେଇଲା—ଆରେ ପିଲେ, ପଳେଇ ଆସ, ଏ ବାବାଜୀ ମୁଣିରେ ପୂରାଇ ଘେନିଯିବ, ନ ହଲେ ପଥର କରିଦେବ । ପିଲାଏ ଧୂଳି ଖେଳ ଛାଡ଼ି ଯେ ଯୁଆଡ଼େ ପଳେଇଲେ ।

ମରଦମାନେ ତ କାମକୁ ଯାଉଛନ୍ତି, ବାବାଜୀଙ୍କି ଦେଖି କେତୁଟା କୁକୁର ବେଢ଼ିଥାନ୍ତି। ତିନିଟା ଲଞ୍ଚାଇ ବାହୁଡ଼ ଥାଏ, ଏଣେ ଢେଇଁ ଢେଇଁ ଧାଇଁ ଥାଏ। ମାଇପେ ବାଡ଼ି ପଟେ ଲୁଚି ଲୁଚି ଦେଖୁଥାନ୍ତି। ବାବାଜୀଟା ଏକା ନିଶ୍ୱାସକେ ଛୁଡ଼ାକୁ ଦୌଡ଼ିଲା, କଣ ମନ୍ତ୍ର କରି ଫୁଙ୍କି ଦେଲା, ଫାଉଁକିନେ ତୁଳସୀ ବୁଦାଗୁଡ଼ାକ ଜଳି ଉଠିଲା, ମୁହୂର୍ତ୍ତକେ ମୁଠାଟିଏ ପାଉଁଶ ହୋଇଗଲା। ମହାତ୍ମାଙ୍କ ସମାଧିରୁ ମାଟିମୁଠାଏ ନେଇ ଦେ ଦୌଡ଼। ସେଇ କାଲୁ ସେ ବାବାଜୀଙ୍କି ଆଉ କେହି ଦେଖି ନାହାନ୍ତି, ମଶାଣିରେ ଗୋଟିଏ ହେଲେ ତୁଳସୀ ଗଛ ବି ଆଉ ଉଠି ନାହିଁ।

ଜାଣିବା ଶୁଣିବା ଲୋକେ କହନ୍ତି—ଏ ବୁଆଡ଼େ ରାତି ଅଧରେ ମଡ଼ା ଉପରେ ବସି ସାଧନା କରେ, ଭୂତ ଡାହାଣୀଙ୍କି ଯୋଚି ବେଙ୍ଗଳା ବୁଲାଏ ; ବାବନା ଭୂତକୁ ଗୁଲର କରି ରଖିଚି। ଯେତେବେଳେ ଯାହା ଲୋଡ଼େ ଦଣ୍ଡକ ମଧ୍ୟରେ ତାକନା ଆଣି ଦିଏ।

ଭୂତନାଥ ବୁଆଡ଼େ ତାକୁ ସପନେଇଥିଲେ—ଏଇ ମାଟି ମୁଠାକ ଆଣି ପାରିଲେ ତାର ସାଧନା ପୂର୍ଣ୍ଣାଙ୍ଗ ହବ !

"ଉଦୟଶ୍ରୀ"

ମହତାବ ରୋଡ଼, କଟକ—୩



## ସୂଚନା ଭବନରେ ଶିଶୁ ଚଳଚ୍ଚିତ୍ର ପ୍ରଦର୍ଶନ

ଆନ୍ତର୍ଜାତିକ ଶିଶୁବର୍ଷ ପାଳନ ଉପଲକ୍ଷେ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ଭୁବନେଶ୍ୱର ସୂଚନା ଭବନର ଶୀତତାପ ନିୟନ୍ତ୍ରିତ ପ୍ରେକ୍ଷାଳୟରେ ଶିଶୁ ଚଳଚ୍ଚିତ୍ର ପ୍ରଦର୍ଶନ ବ୍ୟବସ୍ଥା କରାଯାଇଛି। ମାସର ପ୍ରତି ରବିବାର ଦିନ ଅପରାହ୍ନ ୩ଟା ୩୦ ମିନିଟରୁ ୫ଟା ୩୦ ମିନିଟ ପର୍ଯ୍ୟନ୍ତ ଏହି ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ। ଭାରତର ଶିଶୁ ଚଳଚ୍ଚିତ୍ର ନିର୍ମାଣ ସୋସାଇଟି, ରାଜ୍ୟ ସରକାର, କେନ୍ଦ୍ର ସରକାର, ଭାରତୀୟ ଚଳଚ୍ଚିତ୍ର ସଂରକ୍ଷଣ ସଂସ୍ଥା (Film Archives of India) ଓ ବିଦେଶର ଶିଶୁ ଚଳଚ୍ଚିତ୍ର ପ୍ରତିଷ୍ଠାନମାନଙ୍କ ସହାୟତାରେ ଶିଶୁମାନଙ୍କ ଲାଗି ଶିକ୍ଷଣୀୟ ତଥା ଆମୋଦଦାୟକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ।

ଏହି ଶିଶୁ ଚଳଚ୍ଚିତ୍ର ଦେଖିବା ନିମନ୍ତେ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁମାନଙ୍କ ଲାଗି ଟିକଟର ମୂଲ୍ୟ ପ୍ରେକ୍ଷାଳୟର ତଳ ଓ ବାଲକୋନିରେ ଯଥାକ୍ରମେ ଏକଟଙ୍କା ଓ ଦେଢ଼ଟଙ୍କା ଏବଂ ଶିଶୁମାନଙ୍କ ସହିତ ଯାଉଥିବା ଅଭିଭାବକଙ୍କ ନିମନ୍ତେ ଦୁଇଟଙ୍କା ଓ ତିନିଟଙ୍କା ରଖାଯାଇଛି। ଆଗାମୀ ଡିସେମ୍ବର ମାସ ୩୧ ତାରିଖ ପର୍ଯ୍ୟନ୍ତ ଏହି ଶିଶୁ ଚଳଚ୍ଚିତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ସୂଚନା ଭବନରେ ପ୍ରତି ରବିବାର ଦିନ ଅନୁଷ୍ଠିତ ହେବ।


# ରସାୟନିକ ସାରର ଦର

## ୧୦-୩-୭୯ ରୁ ବିକ୍ରି କର ଓ ଅନ୍ୟାନ୍ୟ କର ବାଦ୍ ପ୍ରଚଳିତ ସାରର ଦର

| ସାରର ନାମ | | ଟନ ପ୍ରତି ଦାମ ଟଙ୍କା | (୫ କିଲୋ ପର୍ଯ୍ୟନ୍ତ ଖୁଚୁରା ବିକ୍ରି ପାଇଁ) କିଲୋପ୍ରତି ଦାମ ଟଙ୍କା |
|---|---|---|---|
| ୧ । ଆମୋନିୟମ ସଲଫେଟ୍ ୨୦ (୧୦୦ କେଜି ବସ୍ତା) | .. | ୮୯୫·୦୦ | ୦·୯୧ |
| ୨ । ଆମୋନିୟମ ସଲଫେଟ୍ (୫୦ କେଜି ବସ୍ତା) | .. | ୯୦୫·୦୦ | ୦·୯୨ |
| ୩ । କ୍ୟାଲସିୟମ ଆମୋନିୟମ ନାଇଟ୍ରେଟ୍ ୨୫% | .. | ୧୦୦୦·୦୦ | ୧·୦୧ |
| ୪ । କ୍ୟାଲସିୟମ ଆମୋନିୟମ ନାଇଟ୍ରେଟ୍ ୨୬% | .. | ୧୦୪୦·୦୦ | ୧·୦୫ |
| ୫ । ୟୁରିଆ ୪୬ % | .. | ୧୪୫୦·୦୦ | ୧·୪୬ |
| ୬ । ଟ୍ରିପଲ ସୁପର ଫସଫେଟ୍ ୪୬% (ଗୁଣ୍ଡ) | .. | ୧୫୦୦·୦୦ | ୧·୫୧ |
| ୭ । ଟ୍ରିପଲ ସୁପର ଫସଫେଟ୍ ୪୬% (ଦାନାଦାର) | .. | ୧୬୦୦·୦୦ | ୧·୬୧ |
| ୮ । ଏ. ପି. ଏସ୍. ଏନ୍. ୨୦:୨୦:୦ | .. | ୧୬୦୦·୦୦ | ୧·୬୧ |
| ୯ । ଏ. ଏନ୍. ପି. ୨୦:୨୦:୦ | .. | ୧୫୦୦·୦୦ | ୧·୫୧ |
| ୧୦ । ଡ଼ି. ଏ. ପି. ୧୮:୪୬:୦ | .. | ୨୨୦୦·୦୦ | ୨·୨୧ |
| ୧୧ । ଜି. ଏ. ପି. ୨୮:୨୮:୦ | .. | ୨୨୦୦·୦୦ | ୨·୨୧ |
| ୧୨ । ବିଜୟା ୨୪:୨୪:୦ | .. | ୧୯୦୦·୦୦ | ୧·୯୧ |
| ୧୩ । ଜି. ଏ. ପି. ୧୪:୩୫:୧୪ | .. | ୨୧୦୦·୦୦ | ୨·୧୧ |
| ୧୪ । ବିଜୟା ୧୭:୧୭:୧୭ | .. | ୧୬୦୦·୦୦ | ୧·୬୧ |
| ୧୫ । ଏନ୍. ପି. କେ. ୧୫:୧୫:୧୫ | .. | ୧୩୦୦·୦୦ | ୧·୩୧ |
| ୧୬ । ଏନ୍. ପି. କେ. ୧୦:୨୬:୨୬ | .. | ୧୮୦୦·୦୦ | ୧·୮୧ |
| ୧୭ । ଏ. ପି. ଏସ୍. ୧୬:୨୦:୦ | .. | ୧୪୦୦·୦୦ | ୧·୪୧ |
| ୧୮ । ଏନ୍. ପି. କେ. ୧୨:୩୨:୧୬ | .. | ୨୦୦୦·୦୦ | ୨·୦୧ |
| ୧୯ । ଏନ୍. ପି. କେ. ୧୯:୧୯:୧୯ | . | ୧୮୦୦·୦୦ | ୧·୮୧ |
| ୨୦ । ଏନ୍. ପି. କେ. ୧୪:୨୮:୧୪ | .. | ୧୯୦୦·୦୦ | ୧·୯୧ |
| ୨୧ । ଏମ୍. ଓ. ପି. ୬୦% (୫୦ କେଜି ବସ୍ତା) | .. | ୮୦୫·୦୦ | ୦·୮୨ |
| ୨୨ । ଏମ୍. ଓ. ପି. ୬୦% (୧୦୦ କେଜି ବସ୍ତା) | .. | ୭୯୫·୦୦ | ୦·୮୧ |
| ୨୩ । ସିଙ୍ଗଲ ସୁପର ଫସଫେଟ୍ ୧୬% (୫୦ କେଜି ବସ୍ତା) | .. | ୫୮୪·୪୩ | ୦·୬୦ |
| ୨୪ । ସିଙ୍ଗଲ ସୁପର ଫସଫେଟ୍ ୧୬% (୧୦୦ କେଜି ବସ୍ତା) | .. | ୫୭୪·୦୪ | ୦·୫୮ |
| ୨୫ । ଡ଼ି. ଏମ୍. ସି. ସିଙ୍ଗଲ ସୁପର ଫସଫେଟ୍ | .. | ୬୧୧·୨୨ | ୦·୬୨ |

କୃଷି ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର

# କାଞ୍ଚନେ ବାଞ୍ଛା



ଫତୁରାନନ୍ଦ

"କାଞ୍ଚନେ ବାଞ୍ଛା ନାହିଁ ମୋର, ମାଗଇ ପ୍ରଭୁ କୃପା ତୋର"

ଏହି ବାବାଜିଆ ପଦଟି ମଧୁସୂଦନ ରାଓଙ୍କ "ବର୍ଣ୍ଣବୋଧରେ" ଆମ ବୁଢ଼ାବାପା ପଢ଼ିଥିଲେ, ଆମ ବାପା ପଢ଼ିଲେ, ଆମେ ପଢ଼ିଲୁ, ଏବେ ଆମ ପୁଅ ଘରେ ପଢ଼ୁଛି । ସ୍କୁଲରେ ସେ ସରକାରୀ "ବର୍ଣ୍ଣବୋଧ" ପଢ଼ୁଛି । ସରକାରୀ "ବର୍ଣ୍ଣବୋଧ" ପଢ଼ିଲେ ଓଡ଼ିଆ ଜ୍ଞାନରେ ଖଇଗ୍ର ରହି ଯାଉଛି । କେବଳ ସରକାରୀ "ବର୍ଣ୍ଣବୋଧ" ନ ପଢ଼େଇ ଘରେ ଅବଧାନମାନେ ପକ୍କା ଓଡ଼ିଆ ଜ୍ଞାନ ଅଣେଇବାକୁ ମଧୁରାଓଙ୍କ ଏହି "ବର୍ଣ୍ଣବୋଧ" ପଢ଼ାଉଅଛନ୍ତି । ଏହିପରି ଭାବରେ ଏ "ବର୍ଣ୍ଣବୋଧଟି" ଆହୁରି ଶହ ଶହ ବର୍ଷ ଯାଏ ବୋଧହୁଏ ପଢ଼ାହେଉଥିବ । ମ୍ୟାକ୍‌ମିଲନ ଏଣ୍ଡ କୋ କଲିକତା, ବୋମ୍ବାଇ, ମାନ୍ଦ୍ରାଜ ଲଣ୍ଡନ ଏ ବହିରୁ କୋଟି କୋଟି ସଂଖ୍ୟାରେ ଛାପି ହାତ ଓ ମନର ଜଣ୍ଡୁ ମେଣ୍ଟେଇ ସାରିଛନ୍ତି । ତାଙ୍କ ପରେ ଆମ ଦେଶୀ ଲୋକେ କୋଟି କୋଟି ସଂଖ୍ୟାରେ ଛାପୁଛନ୍ତି । ଅଧିକ ଛବିଳ ଓ ମନୋହର କରି ଛାପୁଛନ୍ତି । ଶହ ଶହ ବର୍ଷ ହେଲା କୋଟି କୋଟି ଓଡ଼ିଆ ପିଲା ଏହାକୁ ପଢ଼ି ଆସିଛନ୍ତି । ଜଣେ ହେଲେ କେହି ଏ ପର୍ଯ୍ୟନ୍ତ ଅନୁଭବ କଲେଣି କି ଏ ପଦଟା ଏକାବେଳକେ ନିକମା ଅର୍ଥାତ ଏ ପଦ ଯେଉଁ ଉଦ୍ଦେଶ୍ୟରେ ଲେଖା ହୋଇଥିଲା ତାହା ଏ ଯାବତ୍ ସଫଳ ହୋଇ ପାରି ନାହିଁ । ଏ ନିଷ୍କ୍ରିୟ ପଦଟି କେବଳ ମୂର୍ଖ ଗହ୍ୱରର ଶୁଆ ପରି ହୋଇ ଆସିଛି । ଶୁଆ ଖଞ୍ଜିଏ ପାଟି ଭିତରେ ଥିଲେ ପାଟି ତାକୁ ଏ କଳ ସେକଳ କରୁଥାଏ ଏବଂ ଖେଦାଇ ଲଗିଥାଏ । ଶୁଆ ବିଷୟକ କୌଣସି ଜ୍ଞାନ ମୁଣ୍ଡକୁ ପଶୁ ନ ଥାଏ । ଖେଦାଉ ଥିବା ବ୍ୟକ୍ତି ଖେଦାଉ ଥିଲା ବେଳେ ଅନ୍ୟାନ୍ୟ ବିଷୟ ଚିନ୍ତା କରୁଥାଏ । ସେ ସେଦିନ କାହାର ଛିଦ୍ର ଅନ୍ୱେଷଣ କରିବ କାହାର କିପରି କୁତ୍ସାରଟନା କରିବ, କାହା ପାଇଁ କେଉଁଠି ଗାତ ଖୋଳିବ, କାହାର ଶହେ ଖଣ୍ଡିଏ କିପରି ମାରିନେବ । ସେ ଟିକିଏ ହେଲେ ଶୁଆ ବିଷୟରେ ଚିନ୍ତା କରୁ ନ ଥାଏ। ସେ ଟିକିଏ ହେଲେ ଭାବୁ ନ ଥାଏ— ସେ ଶୁଆଟି କେଉଁ ସ୍ଥାନରେ ଫଳିଥିଲା । କେଉଁ ବ୍ୟବସାୟୀ ତାକୁ କେତେ ଧନ ଦେଇ କିଣିଥିଲା । ତା ମୂଲ୍ୟକୁ ବଢ଼େଇବାକୁ କେତେ ବର୍ଷ ସେ ତାର ଗମ୍ଭୀରି ଘରେ ଲୁଚେଇ ରଖିଥିଲା । ସେ ଶୁଆରେ ଭିଟାମିନ୍ ଅଛି କି ନାହିଁ । ଏହାକୁ ପାନରେ ଦେଇ ଖେଦାଇବା ଭଲ କି କେବଳ ତାକୁ ଖେଦାଇବା ଭଲ, ଏ ଶୁଆ ଖେଦାଇବାରେ କିଛି ଉପକାର ହେଉଛି କି ନା, କଟକୀ ସେର ସ୍ତରି ଅଣା ଥିଲାବେଳେ ଯେତିକି ଶୁଆ ଖେଦାଯାଉଥିଲା, ଏବେ କିଲେ ପନ୍ଦର ଟଙ୍କା ବେଳେ ସେତିକି ଖେଦାଇବାରେ ଅର୍ଥନୈତିକ ଔଚିତ୍ୟ ଅଛି କି ନା ଇତ୍ୟାଦି ଇତ୍ୟାଦି ।

ମଧୁରାଓଙ୍କର ଏ ପଦ୍ୟଟି ଠିକ୍ ଏହି ମୂର୍ଖର ଶୁଆ ପରି ଶହ ଶହ ବର୍ଷ ହେଲା ଓଡ଼ିଆମାନେ ଏହାକୁ ପଢ଼ି ଆସୁଛନ୍ତି—"କାଞ୍ଚନେ ବାଞ୍ଛା ନାହିଁ ମୋର, ମାଗଇ ପ୍ରଭୁ କୃପା ତୋର ।" କାଞ୍ଚନ ବୋଇଲେ ସୁନା ବା ଧନରେ ମୋ ଇଚ୍ଛା ନାହିଁ, ହେ ପ୍ରଭୁ ତୋ କୃପାହିଁ କେବଳ ମାଗୁଛି । ଏ ପଦଟାକୁ ସମସ୍ତେ କେବଳ ପାଟିରେ ପାକୁଳି କରୁଛନ୍ତି । ଏଇଟା କିନ୍ତୁ ମୁଣ୍ଡକୁ ଭେଦୁନି, ମନଟା ତାର ବୋଲି ଲଗିଛି । 'କାଞ୍ଚନେ ଇଚ୍ଛା ଅଛି ମୋର, ଭରିଦେ ପ୍ରଭୁ ମୋର ଘର' । ମନରେ ଯଦି ଏତକ ନ ଥାଆନ୍ତା ତେବେ ବ୍ୟବସାୟୀ ଏ ଅପମିଶ୍ରଣରେ ମାଡି ମାସକୁ ଗୋଟାଏ ଲେଖାଏଁ ଦୋମାହାଲା କୋଠା ବାନ୍ଧେଇ ଦେଇ ନ ଥାନ୍ତେ । ଅମଲା-ମାନେ ଫାଇଲ ପିଣ୍ଡ ତଳେ ମାଡ଼ି ବସି ଗୁହାରିଆମାନଙ୍କଠାରୁ ପଣି ଆଦାୟ କରୁ ନ ଥାନ୍ତେ । ଡାକ୍ତର ମାନେ ସରକାରଙ୍କଠାରୁ ମୋଟା ଦରମା ପାଉଥିଲେ ସୁଦ୍ଧା ଘରୋଇ କ୍ଲିନିକ୍ ସବୁ ଖୋଲି, ସରକାରୀ ଡାକ୍ତରଖାନାରୁ ରୋଗୀ ସବୁ ସେଠାକୁ ଅଡ଼େଇ ନେଇ, ଘରୋଇ ଚିକିତ୍ସା କରି ରୋଗୀମାନଙ୍କ ତଣ୍ଟି ଅଧିକରୁ ଅଧିକ ଚିପି ବ୍ୟାଙ୍କରେ ଟଙ୍କା ଜମା କରୁ ନ ଥାଆନ୍ତେ । ଇଞ୍ଜିନିୟରମାନେ କଣ୍ଟ୍ରାକ୍ଟର ମାନଙ୍କଠାରୁ ପଣି ଆଦାୟ କରି ଦେଶର

ବନ୍ଧ, ବାନ୍ଧ, ରାସ୍ତା ଘାଟ, କୋଠାବାଡ଼ିଗୁଡ଼ାକୁ ଗର ମଜବୁତ୍ କରୁ ନ ଥାଆନ୍ତେ । ମନ୍ତ୍ରୀମାନେ ଗାଦିକୁ ଚିରସ୍ଥାୟୀ କରିବା ଲାଗି ମିଲ୍ ମାଲିକ, ଖଣି ମାଲିକ, କେନ୍ଦୁପତ୍ରିଆ ଠିକାଦାରମାନଙ୍କଠାରୁ ଫୁଲ ମୁଣିଆ ଚାନ୍ଦା ଆଦାୟ କରି ଭଣ୍ଡାର ଘରେ ସାଇତୁ ନ ଥାଆନ୍ତେ । ଏ କାଞ୍ଚନ ବାଞ୍ଛା ଆବାଳ ବୃଦ୍ଧ ବନିତା ସମସ୍ତଙ୍କର ଏତେ ପ୍ରବଳ ହେଲାଣି ଯେ ତାହା ସବୁ ସ୍ଥାନରେ ସବୁ ସମୟରେ ପରିଲକ୍ଷିତ ହେଉଛି । ଏଇଟା ସମସ୍ତଙ୍କର ଦିହ ଘସରା ହୋଇଗଲାଣି । ଗୋଟିଏ ପରିବାର ପ୍ରତି ଦୃଷ୍ଟି ନିକ୍ଷେପ କରାଯାଉ । ସକାଳୁ ସମସ୍ତେ ଉଠି ନିତ୍ୟ କର୍ମ ସାରିବା ପରେ ଛୁଆ ପୁଅ ବାପ ପାଖକୁ ଆସି ଚାରିଣି ଟିଏ ମାଗୁଛି । ସ୍ତ୍ରୀ ପଡ଼ୋଶୀର ଶାଢ଼ୀ ପରି ଶାଢ଼ୀ ଟିଏ ଆଣିବାକୁ ଟଙ୍କା ମାଗୁଛି । ଛୁଆକୁ ପଢ଼ାଉଥିବା ଅବଧାନ ଟଙ୍କା ମାଗୁଛି । ଗୃହ ସ୍ୱାମୀ ଅଫିସ ଗଲାବେଳେ ରିକ୍‌ସାବାଲା ଆଠଅଣା ଯାଗାରେ ଟଙ୍କାଟିଏ ମାଗୁଛି । ବାଟରେ ପାନ ଖଣ୍ଡେ କିଣିଲେ ଦୋକାନୀ ଅଳପ ଗୁଆ ଗୁଣ୍ଡି ଦେଇ ବେଶି ପଇସା ମାଗୁଛି । ବାବୁ ମଧ୍ୟ ଅଫିସରେ ବସି ଗୁହାରିଆମାନଙ୍କୁ ଅନ୍ୟାୟ ପାଉଣା ମାଗୁଛନ୍ତି, ସେତକ ଧରି ସେ ଘରେ ପହଞ୍ଚିବା ମାତ୍ରେ ଦୁଧ ନାମ ଧେୟ ପାଣି ଯୋଗାଉଥିବା ଗଉଡ଼ ଓ ଅଟା ନାମ ଧେୟ ଚୋକଡ଼ ଯୋଗାଉଥିବା ମୁଦି ଦୋକାନୀ ପ୍ରକୃତ ପ୍ରାପ୍ୟ ଠାରୁ ଯଥେଷ୍ଟ ବେଶୀ ଧନ ବାଞ୍ଛା କରୁଛନ୍ତି । ଏ କାଞ୍ଚନ ବାଞ୍ଛା କେବଳ ମଣିଷଙ୍କଠାରେ ସୀମାବଦ୍ଧ ହୋଇ ରହିନି । ଏହା ପଶୁଙ୍କ ଉପରକୁ ଡେଇଁଲାଣି । ଦେଖା ଯାଇଛି ଗୋଟିଏ ହାତୀ ପ୍ରତ୍ୟେକ ଗୃହସ୍ଥର ଦ୍ୱାର ଆଗରେ ଠିଆ ହୋଇ ଥୋଡ଼ ପାହାଡ଼କୁ ଲମ୍ବାଇ ଦିଏ । ଗୃହସ୍ଥ ଗୋଟିଏ ଦଶ ପଇସି ତା ଥୋଡ଼ରେ ଦେଲେ ସେ ତାକୁ ତା' ଉପରେ ବସିଥିବା ମାହୁନ୍ତ ହାତକୁ ବଢ଼ାଇ ଦେଇ ସ୍ଥାନ ପରିତ୍ୟାଗ କରେ । ନ ପାଇଥିବା ଯାଏ ସେ ସ୍ଥାନ ଛାଡ଼େ ନାହିଁ । ଖେଳ ଦେଖାଉଥିବା ପୋଷା ମାଙ୍କଡ଼ମାନେ ମଧ୍ୟ ଦର୍ଶକମାନଙ୍କ ପାଖରେ ପଇସା ପାଇଁ ଅଳି କରି ଥାଆନ୍ତି । ଏଣୁ କାଞ୍ଚନ ବାଞ୍ଛା କି ମଣିଷ କି ପଶୁ ସମସ୍ତଙ୍କଠାରେ ଅତି ଉଗ୍ର ଭାବରେ ଭରି ରହିଅଛି । ମଧୁସୂଦନ ରାଓ ଙ୍କ ଭଳି ଏକ ପୂଜନୀୟ ଗୁରୁସ୍ଥାନୀୟ କବି ଏପରି ଏକ ନିକମା ପଦ୍ୟ ଲେଖିବା ବଡ଼ ଆଶ୍ଚର୍ଯ୍ୟ ଓ କ୍ଷୋଭର ବିଷୟ । ଭାଗ୍ୟେ ଓଡ଼ିଆ ଭାଷା ଓଡ଼ିଶା ଭିତରେ ହିଁ ସୀମାବଦ୍ଧ । ପଡ଼ୋଶୀମାନେ ଯଦି ଓଡ଼ିଆ ବୁଝୁ ଥାଆନ୍ତେ ତେବେ ଏଇ ନିକମା ପଦ୍ୟ ପାଇଁ ଆମକୁ ଏବଂ ଆମ କବିକୁଳକୁ ଯେ କେତେ ଟିଟିକାରି ମାରୁଥାଆନ୍ତେ ତା'ର ଇୟତ୍ତା ନାହିଁ ।

ପୁନଶ୍ଚ ଦେଖନ୍ତୁ ଏଠି କାଞ୍ଚନର ଅର୍ଥ ସୁନା ହେଲେହେଁ ସୁନା ଅର୍ଥରେ ବୁଝା ଯାଇନି । ସୁନାର ଏକ କ୍ରୟକାରୀ ଶକ୍ତି ଅଛି । ପୃଥିବୀର ଯେ କୌଣସି ଜିନିଷ ସୁନା ଦେଇ କିଣି ହୁଏ । ଭରିଏ ଓଜନର ସୁନା କାର୍ଡ ଖଣ୍ଡିଏ ଅଣ୍ଡାରେ ମାରି ଯାଇ ଆସି ହେବ । କିନ୍ତୁ ସେହି ସୁନା ମୂଲ୍ୟରେ ଖରିଦ କରିଥିବା ଘସି ମୁଣ୍ଡା ରଖିବାକୁ ଘରଦ୍ୱାର ପିଣ୍ଡା ସବୁ ନିଅଣ୍ଟ ହେବ । ସୁନାର ଏତିକି ବିପଦ ହେଲା—ଚୋର ଓ ଖଣ୍ଡମାନେ କିସ୍ କଦରରେ ଏହାକୁ ଚୋରି କରି ନେଇ ଯାଇ ପାରନ୍ତି । ଏଥି ଲାଗି କେତେକ ଚାଲାଖ୍ ଲୋକ ସୁନା ନ ରଖି ଧାନ ମୁଗ ଓ ମାଣ୍ଡିଆ ଇତ୍ୟାଦି ରଖନ୍ତି । ଚୋର ଏ ଗୁଡ଼ାକୁ ଚାହିଁ ଯିବନି । ଏ ଗୁଡ଼ାକ ଚୋରି କରି ନେବା ବି ବିପଦଜନକ । ପିଠିରେ ବସ୍ତା ଲଦି ଚୋର ଦୌଡ଼ି ପଳାଇ ଯାଇ ପାରିବନି । ବରଂ ମାଲିକ ପଛରୁ ଦୌଡ଼ି ଯାଇ ଗୋଡ଼କୁ ଠେଙ୍ଗାଏ ପକାଇ ଛୋଟା କରି ଦେବ । ଏଇଥି ପାଇଁ ଅନେକ କାଞ୍ଚନକୁ ବାଞ୍ଛା କରନ୍ତି ନାହିଁ । କାଞ୍ଚନ ଦ୍ୱାରା କ୍ରୟ ହେଉଥିବା ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ସବୁ ବାଞ୍ଛା କରନ୍ତି । କବି ମଧୁସୂଦନ ଏହି ଧରଣ ଲୋକ ଅଟନ୍ତି । କାଞ୍ଚନ ପରିବର୍ତ୍ତେ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ସବୁ ମାଗିଛନ୍ତି । ଆଜିକାଲି ମନୁଷ୍ୟର ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ସଂଖ୍ୟା କିଛି କମ୍ ନୁହେଁ । ଗୋଟି ଗୋଟିକର ନାଆଁ କହି ଗୋଟିଏ ଧାଡ଼ିରେ ସଂପୂର୍ଣ୍ଣ କରିବା ଯେ କୌଣସି କବି ପକ୍ଷେ ସମ୍ଭବ ନୁହେଁ । ଉଦାହରଣ ସ୍ୱରୂପ— "କାଞ୍ଚନେ ବାଞ୍ଛା ନାହିଁ ମୋର, ମାଗଇ ପ୍ରଭୁ ଧାନ ବିସେର, ଶହେ ମଶୁର, ତେଲ ଲିଟର, ପାଏ ଓଷର, ଗୋଟେ ସିଗାର, ଲୁଗା, ଚଦର, ସ୍ନୋ, ପାଉଡ଼ର ଓଷ୍ଠି ପତର, ଟିକଟ ଦୁର୍ଗାର, ଇତ୍ୟାଦି, ଇତ୍ୟାଦି । ଏମିତି ମାଗି ଲାଗିଥିଲେ ରାତି ପାହିବ ପଛେ ମାଗୁଣି ସରିବ ନାହିଁ । ଚତୁର ଗଣେଶ ପୃଥିବୀ ପ୍ରଦକ୍ଷିଣ କରିବା ପାଇଁ ଯେପରି ଶିବଙ୍କ ଚାରି ପାଖରେ ଘୁରିଗଲେ ଚତୁର କବି ସେହିପରି ଏତେ ଏତେ ଜିନିଷ ମାଗିବାରେ ସମୟର ଅପବ୍ୟୟ ନ କରି କହିଦେଲେ—"ମାଗଇ ପ୍ରଭୁ କୃପା ତୋର" । କେଉଁ ଜିନିଷଟା ପ୍ରଭୁଙ୍କ କୃପା ନୁହେଁ କୁହନ୍ତୁ । ଚତୁର କବି ସୁନା ନ ମାଗି ଚୋରକୁ ଚିଟା କାଟିଲେ! ପ୍ରଭୁଙ୍କର କେବଳ କୃପା ମାଗି ସମୟର ଅପଚୟକୁ ବନ୍ଦ କରିଦେଲେ । କବି ପ୍ରଭୁଙ୍କର ଜଣେ ବଡ଼ ଭକ୍ତ । ସେ ଯେତେବେଳେ କୃପା ମାଗିଛନ୍ତି ପ୍ରଭୁ ନିଶ୍ଚୟ ତାହା ଦେଇଥିବେ । ଉପର ଆଉ ଲୋଡ଼ା କଅଣ ? ତେଣିକି ସବୁ ପ୍ରଭୁଙ୍କର ଦାୟିତ୍ୱ । ଭକ୍ତକୁ ଭୋକ ହେଲା—ସେ ଦିବ୍ୟ ଅନ୍ନ ବ୍ୟଞ୍ଜନ ଆଣି ଯୋଗାଇ ଦେବେ ଅବଶ୍ୟ କୌଣସି ଅଜ୍ଞାତ ଲୋକ କରିଆରେ । ଭକ୍ତଙ୍କର ଲୁଗା ଚିରି ଗଲା—ପ୍ରଭୁ କୌଣସି ବ୍ୟବସାୟୀକୁ ସପନେଇବେ— "ହେ ! ଯାଅ ମୋର ଭକ୍ତକୁ ଦୁଇ ଯୋଡ଼ା ସୁପର ଫାଇନ୍ ଲୁଗା ଚଦର ଦେଇ ଆ । ନଚେତ୍ ତୋର ବ୍ୟବସାୟରେ ଗଣ୍ଡଗୋଳ କରି ଦେବି । ତୋ ପଛରେ ସେଲ୍ ଟିକସ ଓ ଇନ୍‌କମ୍ ଟିକସ ବାଲା ଲଗେଇ ଦେବି । ବାସ୍, ଏତିକିରେ ବ୍ୟବସାୟୀ ଜଣକ ସକାଳୁ ଅପଣା ପାଟିରେ ଭକ୍ତଙ୍କ ଘରକୁ ଯାଇ ଦଶ ଯୋଡ଼ା ସୁପର ଫାଇନ ଅମ୍ବିକା ମିଲର ଲୁଗା ଚଦର , ବର୍କି ହାମ କନା ଦୁଇଥାନ, ଶୀତ ଦିନ ପାଇଁ ଲଲ୍ ମିଲ କମ୍ବଳ, ଶୋଇବା ପାଇଁ ଡ଼ନ୍‌ଲୋପ୍ ପିଲୋ ଗଦି ଓ ତକିଆ ଇତ୍ୟାଦି ଛୁଡ଼େଇ ଦେଇ ଆସିବ । ଭକ୍ତଖାଲି ଗୋଡ଼ରେ ଚାଲି ନ ପାରିଲେ ପ୍ରଭୁଙ୍କ ସ୍ୱପ୍ନାଦେଶ ପାଇ ବାଟା କଂପାନି ଚପଲ ଓ ଯୋତା ବୋଝେ ନେଇ ତାଙ୍କ ଘରେ ଥୋଇ ଦେଇ ଆସିବ । ସେହିପରି ଭକ୍ତଙ୍କ ଦେହ ଖରାପ ହେଲେ କୁଆଡ଼ୁ କୁଆଡ଼ୁ ଡ଼ାକ୍ତର ମାନେ ଧାଇଁ ଆସି ନିଜ ହାତରୁ ଔଷଧ ପତ୍ର ଓ

ପଣି ଦେଇ ତାଙ୍କୁ ଭଲ ନ କରିବା ଯାଏ ଛାଡ଼ିବେ ନାହିଁ । ପ୍ରଭୁଙ୍କ କୃପା ହେଲାତ ସବୁ ମିଳିଗଲା । ତେବେ ତୁଛାଟାରେ କାହିଁକି ସେ ମାଗିବେ କାଞ୍ଚନ ଦିଅ, ଖାନା ଦିଅ, କପଡ଼ା ଦିଅ, ଔଷଧ ଦିଅ, କେବଳ କୃପାରେ ହିଁ ଏ ସବୁ ଅନାୟାସରେ ଅଯାଚିତ ଭାବରେ ମିଳିଯିବ । ସେଇଥିଲାଗି କବି ଅତି ଚତୁରତାର ସହିତ ମାଗି ଦେଲେ କାଞ୍ଚନେ ବାଞ୍ଛା ନାହିଁ ମୋର, ମାଗଇ ପ୍ରଭୁ କୃପା ତୋର ।

ଏବେ ଦେଖାଯାଉ କେଉଁମାନଙ୍କ ପାଇଁ ଓ କେଉଁ ବହିରେ ଏହା ଛପା ହେଲା । ଛୁଆ ପିଲାଏ ଖଡ଼ି ଧରିବା ସଂଗେ ସଂଗେ ଏହି ବହିକୁ ଧରିଥାନ୍ତି । ଯେଉଁ ଗୂଢ଼ ଆଧ୍ୟାତ୍ମିକ ଅର୍ଥରେ ଭକ୍ତ କବି ଏହାକୁ ଲେଖିଥିଲେ ତାହା କୋମଳ-ମତି ଶିଶୁଏ ବୁଝି ପାରିବେ ତ ? ସେମାନେ କହିବେ ସୁନା ମୁଁ ମାଗୁ ନାହିଁ । ଆଉ ପ୍ରଭୁଙ୍କ କୃପାକୁ ସେମାନେ ବୁଝିବେ ଯେ ଅବଧାନେ ଆଉ ବେତରେ ନ ବାଡ଼ାନ୍ତୁ । ବାପା ସବୁ ପଇସା ବାକ୍ସରେ ନ ରଖି କିଛି ପଇସା କାମିଜ ପକେଟରେ ରଖି ଥାଆନ୍ତୁ । ବାପା ଆକଟ କଲାବେଳେ ବୋଉ ଧାଇଁ ଯାଇ ତାଙ୍କ ସାଙ୍ଗରେ କଳି କରୁ । ଆମ ବିରୁଦ୍ଧରେ ବାପାଙ୍କ ପାଖରେ ଫେରାଦ ହେବାକୁ ଯାଉଥିବା ଲୋକଙ୍କୁ ବାଟରେ ଗୋଖର ସାପ କାମୁଡ଼ୁ । ବୋଉ ଖାନା ତୋଳିଟାରେ ଲୁଣ ନ ପକେଇ ପୋଖରୀ ପାଣି ଯାଉ । ଏ ସବୁ କୃପାରୁ କିଛି କିଛି ସେମାନଙ୍କୁ ମିଳିଲେ ବା ନ ମିଳିଲେ କିଛି ଯାଏ ଆସେ ନାହିଁ । କିନ୍ତୁ "କାଞ୍ଚନେ ବାଞ୍ଛା ନାହିଁ ମୋର" ଘୋଷି ଘୋଷି ଶିଶୁର ମନରେ ଯଦି ସେଇଟା ରହି ଯାଏ ଆଉ ଶିଶୁ ତା ପ୍ରତି ଆସକ୍ତି ନ ରଖେ ବା ତାର ମହତ୍ୱ ଉପଲବ୍ଧି ନ କରେ ତେବେ ବଡ଼ ଦିନକୁ ସେ ଗୋଟିଏ ବିଫଳ ନାଗରିକ ହେବ । ଲୁଣ କିରୀ ଯେପରି ଦୁର୍ମୂଲ୍ୟ ହେଲଣି ସେଥିରେ ସେ ଲୁଣକିରୀଟାଏ ପାଇ ପାରିବନି । ଆଉ ଧନର ମହତ୍ୱ ଜାଣିବାରେ ଅକ୍ଷମ ଥିବାରୁ ସେ କୌଣସି ବ୍ୟବସାୟବି କରି ପାରିବନି । ଯୁବକଟି ଘୁରିଆଡ଼ୁ ବିଫଳମନୋରଥ ହେଲେ ଶେଷରେ କୌଣସି ଏକ ଡ଼ାକୁ ଦଳରେ ଯୋଗ ଦେବ । ଏକ ଭୟଙ୍କର ଅସାମାଜିକ ବ୍ୟକ୍ତି ହୋଇ ଉଠିବ ଏବଂ ଏହାର କାରଣ ହେବେ ଭକ୍ତ କବି ମଧୁସୂଦନ ରାଓ ଓ ତାଙ୍କର କବିତା "କାଞ୍ଚନେ ବାଞ୍ଛା........ "

ଯେଉଁ ସମୟରେ ଏ ପଦ୍ୟଟି "ବର୍ଣ୍ଣବୋଧ"ର ଅନ୍ତର୍ଭୁକ୍ତ ହେଲା ସେତେବେଳେ ଶିକ୍ଷାର କର୍ଣ୍ଣଧାର ଥିଲେ ଗୋରାସାହେବଗଣ । ସେମାନଙ୍କ ପରି ଚତୁର କର୍ତ୍ତୃପକ୍ଷ କୁତ୍ରାପି ଦେଖିବାକୁ ମିଳିବେ ନାହିଁ । ସେମାନଙ୍କ ମନରେ ଇଚ୍ଛା ଥିଲା ଯେ ଭାରତୀୟ-ମାନେ ସବୁବେଳେ ଗୋଲାମ ହୋଇ ରହି ଥାଆନ୍ତୁ । କେହି ଶିଳ୍ପପତି ବା ମିଲ୍ ମାଲିକ ନ ହୁଅନ୍ତୁ । ତାହାହେଲେ ସେମାନେ ବିଲାତର ଜିନିଷସବୁ ଆଣି ଏଠି ବିକ୍ରି କରିବେ । ଭାରତ ଗୋରା ସାହେବମାନଙ୍କର ସବୁଦିନ ପାଇଁ ଏକ ସମୃଦ୍ଧି-ଶାଳୀ ବଜାର ହୋଇ ରହିଥିବ । ଭାରତୀୟମାନଙ୍କୁ ଗୋଲାମ ମନୋଭାବାପନ୍ନ କରିବାକୁ ହେଲେ ସେମାନଙ୍କୁ ଶିଶୁ ଅବସ୍ଥାରୁ ହିଁ ଗଢ଼ିବାକୁ ହେବ । କଥାରେ ଅଛି, "ଯାହା ନ ହୋଇଛି ବାଳ କାଳେ, ତାହା କି ହେବ ପାଚିଲା କାଳେ । ନା ହେବନି । ଆଉ ମଧ୍ୟ ଭାରତ ବର୍ଷଟା ମୁନି ଋଷିଙ୍କ ଦେଶ । ମୁନି ଋଷିମାନେ ହିଁ କହି-ଛନ୍ତି ମୂଢ଼ ଜହୀହି ଧନାଗମ ତୃଷ୍ଣା, କୁରୁ ତନୁ ବୁଦ୍ଧେ ମନସି ବିତୃଷ୍ଣା" । ତେଣୁ ଗୋରାମାନେ ଦେଖିଲେ ଭାରତୀୟ ମାନଙ୍କ କଥାରେ ଭାରତୀୟମାନଙ୍କୁ ଦରିଦ୍ର ଭିକ୍ଷୁକ ସହଜରେ କରି ହେବ । ସେମାନେ ଯେତେବେଳେ ଦେଖିଲେ ବାବାଜି କବି ମଧୁସୂଦନ ରାଓ ଲେଖିଛନ୍ତି, "କାଞ୍ଚନେ ବାଞ୍ଛା ନାହିଁ ମୋର" ସେମାନେ ଖପ୍ କରି ସେଇଟିକୁ ଧରି ପକେଇଲେ ଆଉ ତାକୁ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ "ବର୍ଣ୍ଣବୋଧ"ରେ ପୂରେଇ ଦେଲେ । ଶିଶୁମାନେ ପାଠ ଆରମ୍ଭରୁ ଯେପରି ଘୋଷୁ ଥିବେ "କାଞ୍ଚନେ ବାଞ୍ଛା ନାହିଁ ମୋର ।" ଅର୍ଥାତ "ମୁଁ ଶିଳ୍ପପତି ହେବିନି, ମୁଁ ମିଲ ମାଲିକ ହେବିନି, ମୁଁ ଭିକ ମାଗିବି, ମୁଁ ବାବାଜି ହେବି" ଆମ ଲୋକେ ବଡ଼ ଦିନକୁ ସେଇଆ ହେବେ । ଗୋରା ସାହାବମାନେ ବିଲାତି ଜିନିଷ ସବୁ ଆଣି ଆମକୁ ବିକିବେ । ଭୁଲ ଚୁକ୍ ରେ କିଛି କାଞ୍ଚନ ଯଦି ଆମ ପାଖରେ ଅଟକି ଯାଇ ଥାଏ ତେବେ ତାକୁ ଝାମ୍ପି ନେଇ ପଳେଇବେ । ଆମ ଲୋକେ ବି ସେ କାଞ୍ଚନକୁ ରଖିବା ପାଇଁ ଚେଷ୍ଟା କରିବେ ନାହିଁ । କାରଣ ସେମାନଙ୍କର କାଞ୍ଚନରେ ବାଞ୍ଛା ନ ଥିବ ।

ଏ ଧରଣର ପଦ୍ୟ ବୋଧହୁଏ ଭାରତର ଅନ୍ୟ କୌଣସି ଭାଷାରେ ନ ଥିଲା । ସେହିହେତୁ ସେସବୁ ଅଞ୍ଚଳ ଓଡ଼ିଶା ଠାରୁ ଧନୀ, ଓଡ଼ିଶା ସବୁଠାରୁ ଗରିବ ।

ଗୋରାମାନେ ୩୨ ବର୍ଷ ହେଲା ଏ ଦେଶ ଛାଡ଼ି ଦେଇ ଗଲେଣି । ବଡ଼ ଦୁଃଖର କଥା ଏଡ଼େ ଏଡ଼େ ବଡ଼ ଅର୍ଥ-ନିର୍ଦ୍ଦେଶକମାନେ ସାଲୁ ସାଲୁ ହେଉଥିଲା ବେଳେ ଜଣେ ହେଲେ କାହାରି ଏ ପଦ ପ୍ରତି ନଜର ପଡ଼ୁନି । ସଭାରେ ବକ୍ତୃତା ଦେଲାବେଳକୁ ଦୁନିଆ ଯାକର ଅର୍ଥନୀତିକୁ ସଭାକୁ ଟାଣି ଆଣୁଛନ୍ତି ଅଥଚ ଏଡ଼େ ବଡ଼ ଗୁରୁତ୍ୱପୂର୍ଣ୍ଣ ବିଷୟଟାଏ କାହାରି ନଜରରେ ପଡ଼ୁନି । ଅର୍ଥ-ନୀତିଜ୍ଞ-ମାନେ ହୁଏତ ସେ ପଦ ଦେଖି ନାହାନ୍ତି ତେଣୁ କିଛି କରି ପାରିଲେ ନାହିଁ । ଆମ ଶିକ୍ଷାବିତ୍ ମାନେ କରୁଛନ୍ତି କଣ ? ସେମାନଙ୍କ ଦୃଷ୍ଟିରେ ବି ଏହା ପଡ଼ୁନି । ଖାଲି ପନ୍ଦର କରିବାକୁ ୧୦+୨+୩ ଲେଖୁଛନ୍ତି ତ ତାକୁ ଲିଭେଇ ୧୦+୩+୨, ତାକୁ ଲିଭେଇ ୯+୪+୨, ଏମିତି କରିବାରେ ସମୟ କେବଳ ଅପବ୍ୟୟ କରିବାରେ ଲାଗିଛନ୍ତି ।

ଉପସଂହାରରେ ଆମେ କେବଳ ଏତିକି କହୁଛୁ ଯେ ଏ ପଦ୍ୟଟି ଅତି ମୂଲ୍ୟବାନ ସତ । କିନ୍ତୁ ଏହା ଶିଶୁ ମାନଙ୍କପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ । ଶିଶୁମାନେ ଏହାର ସୂକ୍ଷ୍ମ ଅର୍ଥ ବୁଝି ନ ପାରି ସ୍ଥୂଳ ଅର୍ଥକୁ ଗ୍ରହଣ କରିବେ ଏବଂ ନିଜର ସର୍ବନାଶ କରିବେ । ଅତି ଶୀଘ୍ର ଏହାକୁ "ବର୍ଣ୍ଣବୋଧ"ରୁ କାଢ଼ି ନେଇ ଏମ୍: ଏ: ପାଠ୍ୟପୁସ୍ତକରେ ପୂରାଇ ଦିଆଯାଉ । ଏମ୍: ଏ: ଛାତ୍ରମାନେ ଏହାର ଅସଲ ଉଦ୍ଦେଶ୍ୟ ବୁଝି ପାରି ତଦନୁଯାୟୀ କାର୍ଯ୍ୟ କରିବେ । ଫଳରେ ଦେଶରେ ଆର୍ଥ-ନୀତିକ ଦୁର୍ଗତି ହେବ ନାହିଁ ।

# ପାହାଡ଼

ଶ୍ରୀ ଚନ୍ଦ୍ରଶେଖର ରଥ

ସେ ଅଞ୍ଚଳ ନିଜେ ନ ଦେଖିଲେ ବୁଝି ହେବନାହିଁ । ସେଠା ଗଛ ପତର, ଅନ୍ଧାର ଆଲୁଅ, ବିଲୁଆ, ବାଘ, ମଣିଷ, ପାଣି, ପବନ, ଆକାଶ ପାହାଡ଼ ସବୁ କେମିତି ଅଲଗା । ସବୁ କେମିତି ଟିକିଏ ଉଞ୍ଚ ଉଞ୍ଚ, ଟିଣ ଥିଲା ଭଳି, ଦାଢ଼ ଥିଲା ଭଳି । ଏମିତି ଲେସେଡ଼ା, ମାଖୁନା ଦଲଡ଼ା ନୁହେଁ ।

.........ମୁଁ ସେ ଟିଣ ପାହାଡ଼ରୁ ଅତି କଷ୍ଟରେ ଓହ୍ଲାଉଥାଏ । ମୋ ସାଙ୍ଗରେ ସେଥିରୁ କଉପୁନୀମରା ଶାଳଗଛପରି ପୁଞ୍ଜାଏ ଭେଣ୍ଡିଆ ଥାଆନ୍ତି । ସେମାନେ ଆସିଥାନ୍ତି ମୋତେ ପାଛୋଟି ନେବାକୁ । ହେଲେ ଟିକିଏ ଇଁ କି ଚୁଁ କରୁ ନଥାନ୍ତି । କଳା ମୁଗୁନି ପରି ନିଦା ବିଷ୍ଣୁ-ଗୁଡ଼ିଏ ।

ସେତେବେଳକୁ ଆହୁରି ଅଧେ ଓହ୍ଲାଇବାକୁ ବାକିଥାଏ । ମୋର ଅଣଗୁଣ ଚେଳୁଥାଏ । ଗୋଡ଼ ଦିଖଣ୍ଡ ଓସାରି ହୋଇ ଫାଳୁଙ୍ଗା ଧରି ଯାଉଥାଏ । ଅଳ୍ପକେ ଅଖଣ୍ଡରେ ଛେଚି ହୋଇଯିବି ; ନାକ ଦଣ୍ଡା ବାଙ୍କେଇ ହୋଇଯିବ ; ଆଣ୍ଠୁ ଗଣ୍ଠି ଛିଣ୍ଡି ଛିନ୍ନଛତ୍ର ହୋଇ ଚେଣ୍ଡା ଗଡ଼ିଲା ପରି ଗଡ଼ିଯିବି । ଏ ଅପନ୍ତରା ରାଜ୍ୟରେ ଶେଷରେ ପ୍ରାଣଯିବ, ଆଉ ଏ ସରକାର ପେଟ ପୁରିବ । କପାଳରୁ ବେକରୁ ଝାଳ ଛିଡ଼ି ପଡ଼ୁଥାଏ । ମୁଁ ଏଇଭଳି ଚମକି ଘୁଲିଥାଏ । ଲଡ଼ଥଡ଼୍ ହେଉଥାଏ ଦେହ । ଏତିକି ବେଳେ ଡ଼ାହାଣ ଗୋଡ଼ଟା ଘସଡ଼ି ଖସି ! ମୁଁ ଅତର୍କରେ ଗୋଟାଏ ବିକଟାଳ ରଡ଼ି ଛାଡ଼ିଲି । ଭୋବନିଶୋର ଯାଏଁ ଶୁଭିଥିବ ନାଁ କ’ଣ ! ଚଟୁଆ ଛେଚି ହୋଇ ଯୋଉ କଚଡ଼ା ଖାଇଲି, ବାବୁ ; ଆଉ କହି ନୁହେଁ !

ପଡ଼ୁ ପଡ଼ୁ ମୁଦା ବାନ୍ଧିଗଲି । ଏଣିକି ଗଡ଼ିଯିବା ବାକି ! ଛେଚା କଚାରେ ବାଟରେ କୋଉ କାଳୁ ପ୍ରାଣ ବାହାରିଯିବ । ଝୋଲରେ ପଡ଼ିଲବେଳକୁ ତୁଚ୍ଛା ମୁର୍ଦ୍ଦାରଟା ! ...... ମାତ୍ର ତା’ ଆଉ ହେଲା ନାହିଁ । ମୋ ଆଗକୁ ଚହଟି ଆସି ସେଥିରୁ କିଏ ଗୋଟାଏ ମୋତେ ମାଡ଼ି ବସିଲା । ମୋ ଢୁଣ୍ଡଳି ଫିଟାଇ ମୋତେ ଚିତ୍‌ମାଡ କରି ଶୁଆଇ ଦେଲା । ମୋର ବୁଝିବା ଶକ୍ତି ନଥାଏ । ମତେ ବୋଧେ ଲଙ୍ଗଳା କରି ଦେଲା ନା’ କଣ ! ମୁଁ କଥା କହିବାକୁ ପବନ ପାଉ ନଥାଏ । ଗୋଟାଏ ଉହୁଙ୍କାରେ ମୋତେ କାନ୍ଧରେ ବସାଇ ଗୋଟାଏ ହାତରେ ଲୁହା ଶିକୁଳି ପରି ମୋ ଗୋଡ଼ ଯୋଡ଼ାକୁ ଛନ୍ଦିଦେଲା । ଯାତ୍ରା ଦେଖାଳୀ ପିଲାଙ୍କ ପରି ମୁଁ ତା’ ମେଣ୍ଢା ଲୁମିଆ କଟିଆ ବାଳ ଗୁଡ଼ାକୁ ଦୁଇ ମୁଠାରେ ଧରି ନେଲି । ମୋତେ ଦମ୍ଭ ଲାଗିଲା । ସେ ବେଣାଚେରଗୁଡ଼ାକ ପାହାଡ଼ର ପେଟ ଭିତରୁ ବାହାରି ଥିଲା ପରି ମୋତେ ଲାଗିଲା । ସେଥିରୁ ଗୋଟାଏ ଗୋଟାଏ ସିଅ ପଥରକୁ ଭେଦି ଆଉ ପାଖେ ବି ଲଟେଇ ଥିବେ !—କିଏ ଜାଣେ ! ପଥର ପରି ସେ ଭଣ୍ଡିଆ ଟୋକା ମୋ ତଳେ ଦୁଲୁକୁଥାଏ । ମାଣ୍ଡିଆ ଜାଉ ପରି ମୁଁ ବୋହି ଯାଉଥାଏ । ଏପଟରୁ ସେପଟ । ଝିଙ୍କି ଧରିଥାଏ ସେ ବେଣାଚେରକୁ । ବାଙ୍କ, ମୋଡ଼, ଗଡ଼ାଣି ସବୁ ପାଣି ପରି ସରଳ ହୋଇଗଲା । କଳା ମଚ ମଚ ଖୁରୁଗ ଗୁଡ଼ୋଚି ଯାକ ଖପ୍ ଖାପ୍ ଓହ୍ଲେଇ ଗଲେ ସେ ଦୁର୍ଲଙ୍ଘ ଗଡ଼ାଣି । ଓହ୍ଲେଇଗଲେ, ନିମିଷକରେ ଝୋଲ ଆଉ ପାରିକୁ ।

ମୋତେ ବୁଜୁଲାଟାଏ ପରି ତଳେ ଥୋଇ ଦେଇ ସେ ଦାନ୍ତ ଦିଂଭାଡ଼ି କାଢି ହସିଲା । ମୋ ଖାଇବି ଚଟୁଆ ଖଣ୍ଡ ଘା’ ପରି ପୀଡ଼ା ହୋଇଥାଏ । ତଥାପି ଏ ବାରକ ବଞ୍ଚିଗଲି ବୋଲି ଧୋତି ଖଣ୍ଡ ଗୁଡ଼େଇ ହେବାକୁ ମାଗିଲି । ମୋ ସେ ତା’ କଉପୁନୀ ଟିକକ କାଛି ଭିଡ଼ି ଦେଇଥାଏ । ଗୁଡ଼ିଆ ପୁଡ଼ିଆ ଦେଖି ତାକୁ କଉତୁକ ଲାଗୁଥାଏ । ପଣ୍ଟରିଲାରୁ ତା’ ଭାଷାରେ କହିଲା, ‘ମଇଜା ଟିକକ ଘୋଡ଼େଇବାକୁ କପଡ଼ା ବାବୁ ; ନହେଲେ ଏଡ଼େ ସୁନ୍ଦର ଦେହରେ ଖରା ପଡ଼ିବ, ପବନ ବାଜିବ ; ତାକୁ କାହିଁକି କନ୍ଥ ଠଇଁ ଲୁଚେଇବ ?’

ପଥର ପରି ପଦେ କହିଲେ ସେ ପଦେ ଉତ୍ତର ଦିଅନ୍ତି । ନହେଲେ ସେମିତି ଚାଣ, ସେମିତି ଆଉଜିଲେ ସମ୍ଭାଳିଲା ପରି ମଡ଼େଇ ହୋଇଗଲେ ତୁରି ଦେଲା ପରି ସେ ଲୋକଗୁଡ଼ାକ !

"ଆଚ୍ଛା, ହଉରେ, ଲଉଖନିଆ, ମୋତେ ସେ ପାହାଡ଼ ଶିଖ ଉପରୁ ତୁ କାନ୍ଧେଇ ଆଣିଲୁ ନାହିଁ କାହିଁକି ? ସୁନ୍ଦର ଦେଖୁଥିଲି । ମୁଁ କଟଡ଼ା ଖାଇ ପଡ଼ିଲି ଉଠାନ୍ତୁ ଯାଇ ଟେକିନ୍ତୁ !—ହଉରେ !"—

ସେ ହସିଲା । ତା' ଭାଷାରେ ଅଳ୍ପକେ ଛିଣ୍ଡେଇଲା ପରି କହିଲା, "ମରଦ ପିଲାକୁ କେମିତି ଟେକିବ ବାବୁ ? ତାକୁ ଲାଜ ମାଡ଼ିବ ନାହିଁ ?"

......ସେମାନଙ୍କୁ ଡ଼ାକିଲେ ଆସିବେ । ନଡ଼ାକିଲେ ଛୁଇଁବେ ନାହିଁ । କେହି କାହାକୁ ଛୁଇଁ ଦେବ ନାହିଁ । ଯା' ଘର ଖୁଣ୍ଟି ଯଦି ଆଉ ଘର ମର୍ଦ ଛୁଇଁ ଦେଲା ସେ ଉଠିଯିବ ଆଉଠାଏ ଘର କରିବାକୁ । ଛୁଇଁ ଦେଲା ଯଦି ସେ ମାଗି-ଦେଲା । ମାଗିବା ସେମାନଙ୍କ ଭିତରେ ସବୁଠୁ ବେଢ଼ିତ୍ ହୀନ କାମ । ମର୍ଦପିଲା କେବେ ମାଗିବ ନାହିଁ । ଫଳଟାଏ ଯେ ଗୋଟେଇଛି ସେଇ ଖାଇବ । ଫଳମୂଳର ଅଭାବ ନାହିଁ ସେ ଅକ୍ଷୟ ଭଣ୍ଡାରରେ । ଖାଇକ୍ଷୀର ଖାଇପିଲା ଖାଇବ । ଗାଈକୁ ଦୁହିଁବା ମନା । ବାଘକୁ ଭୋକ କଲେ ସେ ବାଛୁରୀଟାଏ ଶ୍ବେବେଇଯିବ । ସେଇଟା ତା' ଆହାର । ଅଖଡ଼ରେ ନ ପଡ଼ିଲେ ସେ ମଣିଷ ଅଥବା ପୋଷ୍ୟଙ୍କୁ ଖାଇବ ନାହିଁ । ବାଘଟା ଧର୍ମ ଜନ୍ତୁ । ବାଘ ରଜା-ଜନ୍ତୁ ! ତାକୁ ତା' ଆହାର ପାଖରୁ କେହି ହୁଲୁଡ଼େଇବେ ନାହିଁ ।

ଏ ସବୁ ଶୁଣି ମୋ ମଞ୍ଜ ଭିତର ଥରି ଯାଉଥାଏ । ରାତି ସାରା ମୁଁ ଚମକୁଥାଏ—ଗୁଡ଼ାଏ ଲୁମ, ଗୁଡ଼ାଏ ଖୁର ଆଉ ପୋଷ୍ ମାଉଁସ ଗନ୍ଧ ଘାରି କିନା ଗୋଟାଏ ହେଣ୍ଟାଳରେ ବାଘ ହେଉଥିବ । ତା'ର ଭୋକବେଳେ ମୋତେ ହାବୁଡ଼ି ଗଲେ ଏମାନେ କେହି ହେଲେ ଟୁଁ କରିଦେବେ ନାହିଁ । ଏକ ବୁଝା ମୂର୍ଖ । ଏ ପାଳିକ ରକ୍ଷିଯାଥ, ଜଗନ୍ନାଥ ବୋଲି ନିଜ ଭିତରେ ବିଳ ବିଳଉଥାଏ ।

ଏମିତି ଏମିତି ରାତି ପାହିଲା । ସକାଳ ପହରୁ ସେମାନଙ୍କର ଜମି ଜମା କାଗଜ ନଥି କାଢ଼ି ବସିଗଲି । ପଢ଼ନ୍ ଆଉ ଉଙ୍କୋ ବାରି ଦେଇ ଗାର ପକେଇ ଦେଲି । ସେମାନେ ସମସ୍ତେ କାଗଜ ଉପରେ ଟିପ ବୁଲେଇ ଦେଲେ । ବେଳ ବୁଡ଼ ବଗିକି, ଖଣ୍ଡେ ଜମି ବିବାଦରେ ବାହାରିଲା । ଛ' ଏକରିଆ ଥାଳି ପରି ଗହୀର ଜମି । ମହାଜନ ନାରେ ସେ ଖଣ୍ଡ ହୋଇଯିବା କଥା !

ଲଉଖନିଆ ଭୁଆଡ଼େ ଦୁଇବର୍ଷ ତଳେ ଆସି ମହାଜନ ଦୁଆରେ ଠିଆ ହୋଇଥିଲା । କହିଥିଲା ଯେ ତା'ର ମାଈକିନିଆ ମରିଗଲା । ତାକୁ ସେ ଯୁଇ ଆଙ୍କି ଦେଲା । ତା'ର କିଛି ମଦ ପାଣି ନିଅଣ ହେଉଛି !— ସେତେବେଳକୁ ତା' ଆଖିମାନ ରଙ୍ଗ ଧରିଥାଏ । ସେ ଖାଇ ସାରିଥାଏ ପ୍ରଚୁର ନିଶା ! କିନ୍ତୁ ତା' ହୋସ୍ ବୁଡ଼େଇବାକୁ ଆଉ କିଛି ତ୍ରିଶାଷ ବାକିଥାଏ ।

ଲଉଖନିଆ କାହା ଦୁଆରେ ଆସି ହାତ ପତେଇ ଠିଆ ହେବ ଏଇଟା କାହାରି ହେଲେ ବିଶ୍ୱାସ ହେଉନାହିଁ । ତାର ତିନିମାସ ଆଗରୁ 'ବହୁଆ ବୋଲି' କେଣ୍ଡିଆ ବୋକା ଲଉଖନିଆ ମାଇପକୁ ଧରି ପକେଇଲା—ସେ ପାଖ ଗାଁକୁ ସେଉଆ କରି ମୁହଁ ପାଇ ଯାଉଥାଏ । ଲଉଖନିଆ ଶୁଣିବା ମାତ୍ରେ ଝାଂପି ପଡ଼ିଲା । ବହୁଆ ବୋଟିରେ ଦାଉ ଲଗେଇ ଚିଣି ଦେଲା । କଣ୍ଠାରେ ରକ୍ତ ପିଇଗଲା । ବାଘ ପରି ମର୍ଦ ଏଉ ଲଉଖନିଆ । ସେ ଆସି ସାଧବ ଦୁଆରେ ଠିଆ ହେବା ବଡ଼ ଆଚମ୍ବିତ କଥା !

ଲଉଖନିଆ ମହାଜନ ମୁହଁକୁ ଚାହିଁଲା । ନିଶ ଦେରି ଦେଇ କହିଲା, 'ମତେ ନିଶା ଖାଇବାକୁ ପଇସା କିଛି ଦେଇ ପକା । ମୋର ବଡ଼ ଜମିଟାକୁ ଲେଖ କରିଥିଲୁ ନା । ତତେ ସେଇଟା ଦେଇ ଦେଲି । ମୋର ମାଇକିନିଆ ମରିଗଲା । ମତେ ନିଶା ଖାଇବାକୁ ପଇସା ଦେ !'

ଛ'ଅଣା ପଇସାରେ ପେଟେ ମଦ ଖାଇ ଗଡ଼ି ପଡ଼ିଲା ଲଉଖନିଆ । ସେଇ ଦିନଠୁ ସେ ଜମିରେ ପାଦ ଦେଲା ନାହିଁ । ସାଧବ ମଧ୍ୟ ସାହସ କଲା ନାହିଁ ସେଥିରେ ହଳ ପକେଇବାକୁ । ସରକାରୀ ଜବଲ ହେବା ଯାଏଁ ଟାକି ରହିଥାଏ । ସେ ତକବନ୍ଦିରେ ସବୁଠୁ ଖତିଆନ୍ ଏକ ଚକଡ଼ା ଛ' ଏକରିଆ ଜମି ଲଉଖନାର । ବାଁଣ ହୋଇ-ଯାଉଥାଏ ଦୁଇବର୍ଷ ଭିତରେ ।

ସାଧବ କହିଲା, "ମୁଁ ସେ ଜମି ନେଲେ ଧର୍ମ ସହିବ ନାହିଁ, ବାବୁ । ଲଉଖନିଆକୁ ଡ଼ାକି ପଚାରି ଦିଅ । ସେ କହିଲେ, ତା' ନାରେ କରିଦିଅ "। ଗାଁ ମୁଖିଆ କହିଲା, 'କରିଦିଅ' । ବାକି ଯାହାକୁ ପଚାରିଲେ ସେ କହିଲା 'କରିଦିଅ' ।

ଛ'ଅଣା ପଇସାରେ ଛ' ଏକର ସୁନା ପରି ଜମି ଗ୍ରାସିଯିବ, କେଉଁ ଗୋଟାଏ ବେହୋସି ବେଳର କଥା ଉପରେ ! ମୁଁ କହିଲି, "ଲଉଖନିଆ, ତୁ କହି ଦେ, ମୁଁ ତୋ' ନା ରେ ଲେଖି ଦେଇ ଗ୍ରଲିଯିବି ।"

ଫାଉଁକିନା ତେକା ମାରି ବସିଲାଠୁ ପାଞ୍ଚ ହାତ ଉପରେ ଫଣା ଟୋଳି ହୋଇଗଲା । ଲଉଖନିଆର ନିଶ ଉପରକୁ । ତା' ମୁହଁ ଉତୁରି ପଡୁଥାଏ । କହିଲା, "ଆରେ, ନାଇଁ ବାବୁ ! ଥରେ ଛେପ ପକେଇ ଦେଇଛି । ସେଇଟା ଆଉ ଗ୍ରଟିବି ନାହିଁ । ଆରେ, ଯା !"

ଏତିକି କହି ତା' ହାତରେ ଧରିଥିବା ମୁନିଟାକୁ ଟେକି ଚୁଲିରେ ଚକରଦଣ୍ଡ ଗୋଟାଏ ଚ୍ରିହ ବସେଇ ଦେଲା । ଗଡ଼ିଶ ମାଛ ମୁଣ୍ଡ ଶିକପୁଆରେ ଛେଚି ହେଲାପରି ତା' ବୁଢ଼ା ଆଙ୍ଗୁଠି ଗାଲେସିରୁ ବହ ବହିଆ ରକ୍ତ ଛିଟିକି ପଡ଼ିଲା । ଠେଙ୍ଗାଟାକୁ ଲଉଖନିଆ ତଳକୁ ଲଇଁ ଚାହିଁ ଦେଲା ନାହିଁ । ଦାନ୍ତ ଚାବି ସେମିତି ଘା' ଉପରୁ କାଢ଼ି ନେଲା ନାହିଁ । ଦାନ୍ତ ଚାବି ସେମିତି ନିଶ ଠିଆ କରି କଟମଟ ଚାହିଁ ରହିଥାଏ । କେହି ତା' ଫଣା ଆଗରେ ପାତି ଫିଟେଇ ପାରିଲେ ନାହିଁ ।

ମୋ ତଳ ପାଟି ଓହଳି ପଡ଼ିଥାଏ । 'ହାଁ' ଟା କରି ମୁଁ ଅନେଇଥାଏ । ଲଇଖନିଆ ସେମିତି ଦାବିଲା ପରି ଦୁଇପଦ ଦୋହରାଇ ଦେଲା । 'ମୁଁ ଛେପ ପକେଇ ଦେଇଛି । ଆଉ ଢ଼ୋକିବି ନାହିଁ । ଜମି ତା'ର ! ....

ସେ ବୁଲି ପଡ଼ି ଚାଲିଗଲା । ତଳକୁ ଲଇଁ ନାହିଁ, କି ପଛକୁ ଚାହିଁ ନାହିଁ । ଗୋଟି ଗୋଟି ହୋଇ ଗାଁ ର ବାକି ସବୁ ଉଠି ଚାଲିଗଲେ । ନ ପଚାରିଲେ ତ' କାହାରି ପାଟି ଫିଟିବ ନାହିଁ । କେହି କିଛି ନ କହି, ଜଣ ଜଣ ବାହାରି ଗଲେ ।

ମୁଁ ରାଗିଥାଏ, କି ଶଙ୍କି ଯାଇଥାଏ, ଅଥବା ଦୁଃଖରେ ଭାଙ୍ଗି ପଡ଼ିଥାଏ କହିପାରିବି ନାହିଁ । ଝୋଲା ମାରିଲା ପରି ପଡ଼ିଯାଇଥାଏ । ରାତି ଗୋଟାଯାକ ନିଦ ନାହିଁ । ଲେଉଟି ଲେଉଟି ସେ ମୁହଁ ଟା ଦିଶି ଯାଉଥାଏ । ମୁଁ ଚମକି ପଡୁଥାଏ । ସେ ମୁହଁ ଟା ବାଘର କି ଲଇଖନିଆର ବାରି ହେଉ ନଥାଏ ।

ବେଳ ଉଇଁ ଆସୁଥାଏ । ଜଣେ ଆସି ପହଞ୍ଚିଲା । କିଛି ଯେମିତି ଘଟି ନାହିଁ ଭଳି ତା'ର ହାବ ଭାବ ।

ପଚାରିଲି, "କିରେ କ'ଣ ?"

"ଲଇଖନିଆ ବାହାରିଗଲା ବାବୁ !"

ମୁଁ ଧଡ଼ପଡ଼ ହୋଇ ଉଠି ବସିଲି । ସେ ସେମିତି ମିଟି ମିଟି ଅନେଇ ଥାଏ "କିରେ, କ'ଣ, ସେ ଗାଁ ଛାଡ଼ି ବାହାରି ଗଲା ?"

"ହଉ !"

"ଆରେ, କହ, କ'ଣ ହେଇଚି କହୁନାହୁଁ କାହିଁକି ? ତାର ଜମି ଚାଲିଗଲା ବୋଲି !!"

"ନାହିଁ ।"

ଉପାଧ୍ୟକ୍ଷ, ବକ୍ସି ଜଗବନ୍ଧୁ ମହାବିଦ୍ୟାଳୟ
ଭୁବନେଶ୍ୱର

"ତେବେ କ'ଣ ହେଲା ?---ଆଉ କ'ଣ ହେଲା ?" ମୁଁ ଠିଆ ହୋଇ ପାଦ କାଢ଼ିବାକୁ ଯାଉଥାଏ ।

"କାଲି ରାତିରେ ତା'ର ପିଲାଟାକୁ ବାଘ ଖାଇ ଦେଲା ।" "ହେଁ ! ?—ଏଁ ? !" ହୋଇ ମୁଁ ଚମକି ହେଉଁ ପଡ଼ିଲି । ତା' କାନ୍ଧକୁ ଝୁଙ୍କି ପଚାରିଲି, 'କ'ଣ କହୁଛୁ ? ?"—ଲଇଖନିଆ ଥିଲା କି ନାହିଁ ?"

"ଥିଲା ।"

"ହେଁ ; ! " ମୁଁ ଚିତ୍ ମାର୍ ହୋଇ ପଡ଼ି ଯାଇଥାନ୍ତି ହାନିଆରେ ।—"ତା ଆଗରେ ତା' ପୁଅକୁ ବାଘ ଖାଇ ଗଲା ।"


"ହଉ ।"

"ହଉ ! ! ! ପାଞ୍ଚ ମିନିଟ୍ ଯାଏ ମୋର ହୋସ୍ ଥିବା ପର୍ଯ୍ୟନ୍ତ ମୋ ଭାଷାରେ ମୁଁ ଯାହା ପାରିଲି ଶୋଧି ଦେଇଗଲି । ତା' ପରେ ଧାଇଁ ଲି ଏକମୁହାଁ ସେଇଠୁ !

ସେ ସେମିତି ମୋ ପଛେ ପଛେ ଠୁକ୍ ଠୁକ୍ ଚାଲି ଆସୁଥାଏ ; ଯେମିତି କିଛି ହୋଇନାହିଁ ।

ନୂଆ ଖରା ପାହାଡ଼ ପିଠିରେ ପଡ଼ିଥାଏ । ପଛ ମୁହାଁ ପାହାଡ଼ ଟାକୁ ଅଗଚିପରେ ଚଢ଼ି ଚାଲି ଯାଉଥାଏ ଲଇଖନିଆ !

ମୁଁ ମସ୍ତବଡ଼ ରଡ଼ିଟାଏ ଛାଡ଼ିଲି । ହାଲିଆ ହୋଇ ମାଣ୍ଡିଆ କାଉ ପରି ଲେସେଡ଼ି ପଡ଼ିଲି ଭୂଇଁ ଉପରେ । ଝୋଲା ଧାରର ସେ ମହିଷିଆ ଘାସଗୁଡ଼ାକୁ ମୁଠା ମୁଠା କରି ଉପାଡ଼ି ଆଣୁଥାଏ । କାନ୍ଦୁଥାଏ ଏବଂ ଅନେଇଥାଏ ଖରାରେ ଦାଉ ଦାଉ ଝଟକୁ ଥିବା ସେ ତିଖ ପାହାଡ଼କୁ-ଲଇଖନିଆ ଉଠି ଯାଉଥାଏ ଉପରୁ ଉପରକୁ ।



# ଅମୁହାଁ ଦେଉଳ

ଅଧ୍ୟାପିକା ମନୋରମା ମହାପାତ୍ର

ଶୁଣିଥିଲି ମନେ ଅଛି ବୋଉ ମୋର,
ତୋ ତୁଣ୍ଡରୁ ବହୁବାର
ଅମୁହାଁ ଦେଉଳ ସେହି ଅମୁହାଁ ଦେଉଳେ
ବୁଢ଼ୀ ମାଆ କହୁଥିଲେ ପରମ ରୂପସୀ ଥାଏ
ଶୁଣିଥିଲୁ ପିଲାବେଳେ
ପରଶର-କାହାଣୀ ସକାଳେ ।

ଗିରିଙ୍ଗା ଗଛର ମୂଳେ ନିଆଁ ପୁଇଁ ହେଲାବେଳେ
ବେଙ୍ଗବତୀ କନ୍ୟା କଥା............
ଅମୁହାଁ ଦେଉଳ କଥା ............

ଶୁଣିଥିଲୁ ସାଇତା ସେ
କର୍ଣ୍ଣର ମରମ ତଳେ, ସ୍ମୃତି ଗନ୍ତାଘରେ
ଦେଉଳ ଭିତରେ ଥାଏ ପଦ୍ମଗନ୍ଧା ଚଂପକ ଗଉରୀ
ସାଧବ ଦୁଲଣୀ ସିଏ, ରୂପ, ଗୁଣେ, ଲକ୍ଷଣେ............
କେହି ନୁହେଁ ତା' ସାଥେ ସରି ।

ଚଉପାଶେ ଘୂରୁଥାନ୍ତି ରୂପଲୋଭୀ କେତେ ସୌଦାଗର
କେତେ କେତେ ରାଜା ପୁଅ
କଟୁଆଳ ପୁଅ ଆଉ ମନ୍ତ୍ରୀଙ୍କ କୁମର ।

ଯୁଗ ଯୁଗ ବିତିଯାଏ ଘୂରୁଥାନ୍ତି, ଚଉଦିଗେ ଅମୁହାଁ ଦେଉଳ,
ଖୋଜିତ ପାଆନ୍ତି ନାହିଁ, କାହିଁ ଅଛି ପ୍ରବେଶର ଦ୍ୱାର ।।
ଶାସ୍ତ୍ରେ ଯେତେ ମନ୍ତ୍ର ଅଛି ବାର ବାର କରି ଉଚ୍ଚାରଣ,
ସୁନାକାଠି ରୂପାକାଠି ଅନ୍ୱେଷଣେ କେତେବୀରେ.................
ହିଡ଼ାଇଲେ ଆପଣା ଜୀବନ ।

ଅମୁହାଁ ଦେଉଳ ମଧ୍ୟେ ମାନସ ପ୍ରତିମା ଅଛି
ଯାହାକୁ ପାଇବା ଆଶେ ଜୀବନ ମୁକ୍ତି.................
ସେମାନେ ଛୁଟାନ୍ତି ମନ ପବନର ଘୋଡ଼ା ନୀଳ ଗଗନର ବୁକେ
ଚିରି ଅନ୍ଧକାର..........

ନିଶୀଥର ପ୍ରହରର ଶୁଭୁଥାଏ ବାରବାର
କାମନା ବିହ୍ୱଳ କଣ୍ଠ ଆକୁଳ ଚିତ୍କାର
ଅନୁକ୍ଷଣ ପ୍ରଶ୍ନବାଚୀ କାହିଁ ଅଛି ପ୍ରବେଶର ଦ୍ୱାର ??

ସେ କାହାଣୀ ମିଛ ନୁହେଁ, ଜମା ମିଛ ନୁହେଁ
ଏବେ ମଧ୍ୟ ଅନୁଭୂତି ସେହି କଥା କହେ................

ସ୍ୱାଧୀନତା ଲଭିବାର ବହୁକାଳ ପରେ
ତିରିଶି ବରଷୁ ଆହା ଊର୍ଦ୍ଧ୍ୱ ହେଲ ଘୂରୁଛନ୍ତି ଶାସକ ପ୍ରବର
ଦଳ ଦଳ ରାଜପୁତ୍ର ଅର୍ଥନୀତି ବିଶାରଦ ଦକ୍ଷ କାରିଗର
ଘୂରୁଛନ୍ତି ଚଉପାଖେ ସ୍ୱାଧୀନତା ଅମୁହାଁ ଦେଉଳ
ଖୋଜିତ ପାଆନ୍ତି ନାହିଁ କାହିଁ ଅଛି ପ୍ରବେଶର ଦ୍ୱାର ! !

ଅମୁହାଁ ଦେଉଳ ମଧ୍ୟେ ମାନସ ପ୍ରତିମା ଅଛି
ଅକ୍ଷୟ ଅମୃତ ବୋଳା ପୂର୍ଣ୍ଣତା ଛପିଛି ।
ଅଛି ସ୍ଥିତି ଅଛି "ପରିତୃପ୍ତି"
ଅମୁହାଁ ଦେଉଳ ନାମ "ସ୍ୱାଧୀନତା" ଅନିନ୍ଦ୍ୟ ମୂରତି ।
ତା' ମଧ୍ୟରେ ଛପିଅଛି ପ୍ରାଚୁର୍ଯ୍ୟ ପ୍ରତିଷ୍ଠା,
ନାମ ତା'ର "ଏ ଜାତିର ମୁକ୍ତି" ।

ଅଳିନ୍ଦ କାଚ ଫାଙ୍କରୁ ଝାପସା ହେଉପଛେ
ବହୁବାର ଦେଖନ୍ତି ସେମାନେ "ମୁକ୍ତିର ପ୍ରତିମା"
ଝଲସୁନ୍ତି ବୁଣି ଦେଇ ଅନୁକ୍ଷଣ ଉଜ୍ଜ୍ୱଳ ସୁଷମା !
ନେତ୍ର ତାଙ୍କ ନିରେଖିଛି ବହୁବାର ସେହି ରୂପକାନ୍ତି
କିନ୍ତୁ ଖାଲି ବଢିଛି କାମନା ଆଉ ବଢ଼ିଛି ଅଶାନ୍ତି !

ତଥାପି ବିଶ୍ୱାସ ଅଛି................ପରଂପରା ପ୍ରତି ଶ୍ରଦ୍ଧା ଅଛି
ବୁଢ଼ୀ ମା' କାହାଣୀ ପୁଣି ନୂଆ ରୂପ ଧରି ପ୍ରକଟିବ
ବିଶ୍ୱାସ-ମଶାଲ ଧରି ହୁଏତ ଆସିବ ସିଏ, ହୁଏତ ଆସିବ !

ଆସିବ ଯେ କାରିଗର ପାରିବାର ଉଜ୍ଜ୍ୱଳ ଯୁବକ
ଆଶାପୂର୍ଣ୍ଣ ଦୀପ୍ତିମୟ ନେତ୍ରେ ଭରି ବିଶ୍ୱାସ ପୁଲକ !

ଆସିବ ସେ କଳାକାର
ନିଷ୍ଠା ବେଣୁ ବାଇ ଯିଏ
ଆଳସ୍ୟର ମହାନିଦ୍ରା ନିମିଷକେ କରି ଦେବ ଦୂର !

ଉପଭୋଗ ତୁଳିତଳ୍ପ ଶଯ୍ୟା ପାଶେ ଯିବ
ଭବିଷ୍ୟତ ସମ୍ଭାବନା ମହାନିଦ୍ରା ସହସା ଭାଙ୍ଗିବ !
ଉଦ୍ଦାମ ଉତ୍ସାହ ତାର
ଚମତ୍କାର "ଇଚ୍ଛାରୂପ" ଧରି ଚିହ୍ନିନେବ ପଥ ଚିହ୍ନି ନେବ
ଫିଟିବ ଅର୍ଗଳ
ମୁକ୍ତ ହେବ ପ୍ରବେଶର ଦ୍ୱାର
ଖୋଲିଯିବ ଖୋଲିଯିବ ରୁଦ୍ଧ ସେହି ଅମୁହାଁ ଦେଉଳ ! !

ଅର୍ଥନୀତି ବିଭାଗ
ରେଭେନ୍ସା ମହାବିଦ୍ୟାଳୟ, କଟକ-୩

# ଅନୁଗୁଳର ଶେଷ ରାଜା ସୋମନାଥ ସିଂହ

ଶ୍ରୀ ଜାନକୀବଲ୍ଲଭ ମହାନ୍ତ (ଭରଦ୍ୱାଜ)

ପୂର୍ବତନ ଅନୁଗୁଳ ରାଜ୍ୟର ଶେଷ ରାଜା ହେଉଛନ୍ତି ସୋମନାଥ ସିଂହ । ଏହାଙ୍କ ରାଜତ୍ୱକାଳରେ ଅନୁଗୁଳ ଖାସ୍‌ହେଲା ଓ ଇଂରେଜ ଶାସନର ଅଂଗୀଭୂତ ହୋଇଥିଲା । ସୋମନାଥ ଖ୍ରୀ: ୧୮୦୦-୧୮୦୧ରେ ଭୂମିଷ୍ଠ ହୋଇଥିଲେ ଓ ଖ୍ରୀ: ୧୮୫୩ରେ ହଜାରିବାଗ୍‌ରେ ରାଜବନ୍ଦୀ ଭାବେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ସେ ଥିଲେ ନିର୍ଭୀକ, ଶକ୍ତିମାନ, ସୁଶାସକ ଓ ପ୍ରଜାବତ୍ସଳ । ଏକ କ୍ଷୁଦ୍ର ରାଜ୍ୟର ରାଜା ହୋଇ ସେ କାଳର ପ୍ରବଳ ପ୍ରତାପୀ ଇଂରେଜ ଶାସକମାନଙ୍କ ବିରୁଦ୍ଧରେ ସେ ଆପଣାର ସ୍ୱାଧୀନ ମତ ବ୍ୟକ୍ତ କରିବାକୁ ସାହସୀ ହୋଇଥିଲେ ଓ ପ୍ରଜାମାନଙ୍କ କଲ୍ୟାଣ ଲାଗି ଆପଣାକୁ ବିପନ୍ନ କରିଥିଲେ, ଏହା ତାହାଙ୍କ ମହାନୁଭବତା ଓ ସାହସିକତାର ହିଁ ପରିଚୟକ ।

ଅନୁଗୁଳଠାରୁ ପ୍ରାୟ ୧୦ ମାଇଲ ଦୂରରେ ଅବସ୍ଥିତ ପୁରୁଣାଗଡ଼ରେ ଥିଲା ତାଙ୍କର ରାଜଧାନୀ । ତାହାଙ୍କ ଯୌବନକାଳ ତତ୍‌କାଳୀନ ପରିବେଶରେ ରାଜକୀୟ ବ୍ୟସନରେ ଅତିବାହିତ ହୋଇଥିବା ସମ୍ଭବପର । ମାତ୍ର ନାନା କାରଣରୁ ସେ ତତ୍‌କାଳୀନ ଶାସକବର୍ଗଙ୍କ ବିଶ୍ୱାସଭାଜନ ହୋଇ ପାରିନଥିଲେ । ଏଥିପାଇଁ ତାଙ୍କୁ ବହୁ ସଂଘର୍ଷ ଓ ଅନ୍ତର୍ଦ୍ୱନ୍ଦ୍ୱର ମଧ୍ୟ ସମ୍ମୁଖୀନ ହେବାକୁ ପଡ଼ିଥିଲା । ପରିଶେଷରେ ଏହାହିଁ ତାଙ୍କ ଜୀବନରେ ତଥା ଅନୁଗୁଳ ରାଜବଂଶରେ ଘଟାଇ ଥିଲା ଚରମ ଦୁର୍ଯୋଗ ।

ତାହାଙ୍କ ଜୀବନ ଚରିତ ସଂପର୍କରେ ମିଳିଥିବା ଉପାଦାନ ପର୍ଯ୍ୟାପ୍ତ ମନେ ହୁଏ ନାହିଁ । ଇଂରେଜମାନେ ତାଙ୍କ ଚରିତକୁ ସେ ସମୟରେ ଭିନ୍ନଭାବେ ଚିତ୍ରଣ କରିବା ସ୍ୱାଭାବିକ । ଇ. ବି. କୋବ୍‌ଡେନ୍ ରାମ୍‌ସେ ତାଙ୍କ ସଂପର୍କରେ ଲେଖିଛନ୍ତି—ସେ ଥିଲେ ଅତ୍ୟାଚାରୀ ଓ ସରକାରଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ବ୍ୟବସ୍ଥା କରୁଥିଲେ । ମେରିଆ ଦମନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରୁଥିବା ସରକାରୀ କର୍ମଚାରୀଙ୍କୁ ସେ ବିରୋଧ କରୁଥିଲେ । ସେଥିପାଇଁ ତାଙ୍କୁ ବନ୍ଦୀ କରାଯାଇ ସରକାର ଅନୁଗୁଳକୁ ହାତକୁ ନେଇଥିଲେ । ମାତ୍ର ଏହା ସତ୍ୟ ନୁହେଁ; ପରନ୍ତୁ ଅତିରଞ୍ଜିତ ଓ କପୋଳ-କଳ୍ପିତ ମନେହୁଏ ।

ବାସ୍ତବରେ ସୋମନାଥ ଥିଲେ ବିଚାରବନ୍ତ ସୁଶାସକ ଆତ୍ମାଭିମାନୀ । ରାଜତ୍ୱର ଶେଷ କେତେ ବର୍ଷ ତାଙ୍କୁ ଘୋର ଶାରୀରିକ, ମାନସିକ ଯନ୍ତ୍ରଣା ଓ ଦ୍ୱନ୍ଦ୍ୱ ମଧ୍ୟରେ ଗତି କରିବାକୁ ପଡ଼ିଥିଲା । ତାଙ୍କର ମାନସିକ ଅଶାନ୍ତି ଲାଗି ଇଂରେଜ ଶାସକବର୍ଗ ଯେ ମୁଖ୍ୟତଃ ଦାୟୀ ଏହା ନିର୍ବିବାଦରେ କୁହାଯାଇପାରେ । ସେ ସମୟରେ ଶାସନର ସୁବିଧା ଦୃଷ୍ଟିରୁ ଓଡ଼ିଶାର ମଧ୍ୟବର୍ତ୍ତୀ ଅନୁଗୁଳ ରାଜ୍ୟଟିକୁ ଅଧିକାର କରିବା ଥିଲା ଇଂରେଜମାନଙ୍କର ଏକାନ୍ତ ଅଭିପ୍ରାୟ । ଏଣୁ ନାନା ମିଥ୍ୟା ଅଭିଯୋଗରେ ସେମାନେ ସୋମନାଥଙ୍କୁ ଅଭିଯୁକ୍ତ କରିଥିଲେ ଓ ଅବଶେଷରେ ତାଙ୍କୁ ବନ୍ଦୀକରି ସପରିବାର ହଜାରିବାଗ୍‌ଠାରେ ଅନ୍ତରୀଣ କରି ରଖିଥିଲେ । ସେହି ବନ୍ଦୀଶାଳାରେ ହିଁ ୧୮୫୩ ମସିହା ଜୁନ୍ ମାସରେ ତାଙ୍କର ଦେହାନ୍ତ ହୋଇଥିଲା । ସୋମନାଥଙ୍କ ପୁତ୍ର ପ୍ରତି ମଧ୍ୟ ଶାସକବର୍ଗ ଅନୁକୂଳ ନ ଥିଲେ । ଚରମ ଅବିଚାର ଫଳରେ ସେ ମଧ୍ୟ ରାଜ୍ୟଚ୍ୟୁତ ହୋଇ ଅତି ଦୁଃସ୍ଥ ଓ ମାନସିକ ଅବସାଦଗ୍ରସ୍ତ ହୋଇ ପ୍ରାଣତ୍ୟାଗ କରିଥିଲେ । ଅନୁଗୁଳ ରାଜବଂଶ ଚିରଦିନ ପାଇଁ ବିଲୁପ୍ତ ହୋଇଗଲା ।

## ବନ୍ଦୀଶାଳାରୁ ରାଜ ସିଂହାସନ

୧୮୧୧ରେ ଅନୁଗୁଳର ନିଃସନ୍ତାନ ରାଜା ଜରାଓର ସିଂହଙ୍କ ମୃତ୍ୟୁ ପରେ ରାଜବଂଶରେ ଗୃହବିବାଦ ଆରମ୍ଭ ହୋଇ ଯାଇଥିଲା । ତାଙ୍କ ସାନଭାଇ ଜୟସିଂହ ରାଜା ହେଲେ ହେଁ ଅଳ୍ପ କେତେମାସ ପରେ ତାଙ୍କୁ ହତ୍ୟାକରି ତାଙ୍କ ବିମାତା ପୁତ୍ର ପୃଥ୍ୱୀ ସିଂହ ରାଜା ହେଲେ । ଆପଣାକୁ ବିପଦମୁକ୍ତ କରିବା ଲାଗି ସେ ବହୁ ରାଜବଂଶୀୟଙ୍କୁ

ମଧ୍ୟ ବନ୍ଦୀ କରିଥିଲେ । ମାତ୍ର ଇଂରେଜ ସରକାର ଏ ବିଷୟରେ ଅନୁସନ୍ଧାନ କରି ଜରାଓରଙ୍କ ଭ୍ରାତୃଷ୍ପୁତ୍ର ସୋମନାଥଙ୍କୁ ରାଜାଭାବେ ସ୍ୱୀକୃତି ପ୍ରଦାନ କରିଥିଲେ । ଫଳରେ ଅପ୍ରତ୍ୟାଶିତଭାବେ ବନ୍ଦୀଶାଳାରୁ ସୋମନାଥଙ୍କୁ ମୁକ୍ତ କରି ୧୮୧୪ରେ ତାଙ୍କୁ ରାଜପଦରେ ଅଭିଷିକ୍ତ କରାଗଲା । ଅଳ୍ପ ବୟସ ହେଲେ ହେଁ ସୋମନାଥ ଥିଲେ ବୁଦ୍ଧିମାନ୍, ସାହସୀ ଓ ରାଜନୀତିକୁଶଳ । ତାହାଙ୍କ ସୁଶାସନ ଫଳରେ ଅନଗୁଳରେ ଶାନ୍ତି ପ୍ରତିଷ୍ଠା ହୋଇ ପାରିଥିଲା ଓ ଅଳ୍ପକାଳ ମଧ୍ୟରେ ସେ ପ୍ରତିବେଶୀ ରାଜାମାନଙ୍କ ମଧ୍ୟରେ ମଧ୍ୟ ନିଜର ବ୍ୟକ୍ତିତ୍ୱକୁ ପ୍ରତିଷ୍ଠିତ କରିପାରିଥିଲେ । ସମ୍ଭବତଃ ୨୦।୨୨ ବର୍ଷରେ ତାଳଚେର ରାଜକନ୍ୟାଙ୍କ ସହ ତାଙ୍କର ବିବାହ ସଂପାଦିତ ହୋଇଥିଲା ।

ସେତେବେଳେ ରାଜ୍ୟର ସୀମା ସଂପର୍କରେ ଗଡ଼ଜାତ ରାଜାମାନଙ୍କ ମଧ୍ୟରେ ବିବାଦ ଓ ସଂଘର୍ଷ ସୃଷ୍ଟି ହେଉଥିଲା । ସୋମନାଥଙ୍କର ରାଜତ୍ୱର ୧୧ଶ ବର୍ଷରେ ୧୮୨୫ ଖ୍ରୀଷ୍ଟାବ୍ଦରେ ଢେଙ୍କାନାଳ ରାଜାଙ୍କ ସହିତ ତାଙ୍କର ଏକ ଯୁଦ୍ଧ ହୋଇଥିଲା । ଏହି ଯୁଦ୍ଧ ଖୁବ୍ ଭୀଷଣ ହୋଇଥିବା ଅନୁମେୟ । ଏଥିରେ ସୋମନାଥ ଜୟଲାଭ କରିଥିଲେ । ଏହି ଯୁଦ୍ଧ ପ୍ରସଙ୍ଗକୁ ଭିତ୍ତିକରି ତାହାଙ୍କ ସମକାଳୀନ କବି କବିଚନ୍ଦ୍ର ନୃସିଂହ ରାୟଗୁରୁ 'ବୃଢ଼ାପଙ୍କ ଯୁଦ୍ଧପୋଥି' ନାମକ ୧୬ଶ ଛାନ୍ଦ ବିଶିଷ୍ଟ ଏକ କାବ୍ୟ ରଚନା କରିଅଛନ୍ତି । (୧)

କବି ନୃସିଂହଙ୍କ ବର୍ଣ୍ଣନାନୁସାରେ ଏହି ଯୁଦ୍ଧ ମାତ୍ର ଦୁଇଦିନ ହୋଇଥିଲା । ପ୍ରଥମ ଦିନ ଢେଙ୍କାନାଳର ଶ୍ରୀରିଶହ ସୈନ୍ୟ ନିହତ ହୋଇଥିଲେ । ଇଂରେଜ ରାଜତ୍ୱ କାଳରେ ସୋମନାଥଙ୍କ ଦ୍ୱାରା ଢେଙ୍କାନାଳର ଶହଶହ ସୈନ୍ୟ ନିହତ ହୋଇଥିବା ସଂପୂର୍ଣ୍ଣ ଅତିରଞ୍ଜିତ । ଏହି ଯୁଦ୍ଧରେ ସୋମନାଥଙ୍କ ଶ୍ୱଶୁର ତାଳଚେର ରାଜା ଭାଗୀରଥି ହରିଚନ୍ଦନ ତାଙ୍କୁ ସାହାଯ୍ୟ କରିଥିଲେ । ସୋମନାଥ ନିଜେ ରଣକ୍ଷେତ୍ରରେ ଯୁଦ୍ଧ ପରିଚାଳନା କରିଥିବା ଜଣାଯାଏ । ଯାହାହେଉ, କବି ନୃସିଂହ ତାହାଙ୍କ କାବ୍ୟରେ ମୁଖ୍ୟତଃ ରାଜାଙ୍କୁ ବୀରଭାବେ ହିଁ ଚିତ୍ରଣ କରିଛନ୍ତି । ଏହି କାବ୍ୟରୁ ସୋମନାଥଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗର ପରିଚୟ ମିଳେନାହିଁ । ଶ୍ରୀଯୁକ୍ତ ସୁଧାକର ପଟ୍ଟନାୟକଙ୍କ ନିର୍ଦ୍ଧାରଣ ଅନୁଯାୟୀ କାବ୍ୟଟି ଯଥାର୍ଥତଃ ୧୮୪୭ ଖ୍ରୀଷ୍ଟାବ୍ଦରେ ଅନଗୁଳ ଇଂରେଜ ଶାସନାଧୀନ ହେବା ପରେ ହିଁ ରଚିତ ହୋଇଥିଲା । କାବ୍ୟଟି ସମରତରଙ୍ଗ ଆଦର୍ଶରେ ରଚିତ ହୋଇଥିବା ଯୋଗୁଁ ଏଥିରେ ରାଜାଙ୍କୁ କବି ଯୁଦ୍ଧପ୍ରିୟରୂପେ ଚିତ୍ରଣ କରିଅଛନ୍ତି । ତାହାଙ୍କ ବର୍ଣ୍ଣନା ଅନୁଯାୟୀ ରାଜା ନିଜେ ଯୁଦ୍ଧ ପୋଷାକ ପରିଧାନ କରି ବହୁ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଅଶ୍ୱାରୋହଣ ପୂର୍ବକ ଯୁଦ୍ଧ ପରିଚାଳନା କରୁଥିଲେ । ସୋମନାଥଙ୍କ ଶୌର୍ଯ୍ୟ ଓ ବ୍ୟକ୍ତିତ୍ୱ ଯୋଗୁଁ ପ୍ରତିବେଶୀ ରାଜ୍ୟର ରାଜାମାନେ ମଧ୍ୟ ତାଙ୍କୁ ସମ୍ମାନ ଓ ସମ୍ଭ୍ରମ ପ୍ରଦର୍ଶନ କରୁଥିଲେ । ଏହା ତତ୍‌କାଳୀନ ଇଂରେଜ ରାଜକର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ଓ ଗଡ଼ଜାତ ଅଂଚଳରେ ଯେଉଁ ସବୁ ଅନୈତିକ ଘଟଣା ଘଟୁଥିଲା ସେଥିପାଇଁ ସେମାନେ ସୋମନାଥଙ୍କୁ ସନ୍ଦେହ କରିବାକୁ ଆରମ୍ଭ କଲେ । ଦଶପଲ୍ଲାରେ ସଂଘଟିତ ଏକ ଲୁଣ୍ଠନ ଓ ଅନଗୁଳରେ ସଂଘଟିତ ଏକ ହତ୍ୟାକାଣ୍ଡ ପାଇଁ ତାଙ୍କୁ ଦାୟୀ କରାଯାଇଥିଲା । ମାତ୍ର ସେ ଏ ସବୁ ବ୍ୟାପାର ସହ ସଂପୃକ୍ତ ନୁହନ୍ତି ବୋଲି ଦୃଢ଼ ଭାବରେ ସରକାରଙ୍କୁ ଜଣାଇ ଦେଇଥିଲେ ।

ଯାହା ହେଉ, ଖ୍ରୀ ୧୮୩୬ରୁ ଖ୍ରୀ ୧୮୪୬ ପର୍ଯ୍ୟନ୍ତ ସୋମନାଥଙ୍କ ରାଜତ୍ୱକାଳ ଅପେକ୍ଷାକୃତ ଥିଲା ନିରୁପଦ୍ରବ ଓ ଏହି ସମୟରେ ସେ ଅପେକ୍ଷାକୃତ ନିଶ୍ଚିନ୍ତ ଜୀବନ ଯାପନ କରୁଥିବା ଅନୁମିତ ହୁଏ । ସମ୍ଭବତଃ ଏହି ସମୟରେ ହିଁ ସେ ସଂଗୀତ ରଚନା ପ୍ରତି ଆକୃଷ୍ଟ ହୋଇଥିଲେ । ମାତ୍ର ତାଙ୍କ ରାଜତ୍ୱର ଶେଷ ୩ବର୍ଷ ଘୋର ଦୁଶ୍ଚିନ୍ତାପୂର୍ଣ୍ଣ ଥିଲା । ଇଂରାଜୀ କର୍ତ୍ତୃପକ୍ଷ ତାହାଙ୍କ ବିରୁଦ୍ଧରେ ନାନା ପ୍ରକାର କାଳ୍ପନିକ ଓ ମିଥ୍ୟା ଅଭିଯୋଗ କରି ତାଙ୍କୁ ଘୋର ଦୁଶ୍ଚିନ୍ତାଗ୍ରସ୍ତ କରିଥିଲେ । ତେଣୁ ସେହି ସମୟ ମଧ୍ୟରେ ତାଙ୍କ ପକ୍ଷରେ କାବ୍ୟ ସୃଷ୍ଟିରେ ମନୋନିବେଶ କରିବା କଦାପି ସମ୍ଭବ ହୋଇ ନ ଥିବ ।

ଏହାପରେ ହିନ୍ଦୋଳର ଏକ ଗ୍ରାମକୁ ଦଖଲ କରି ନେବାରୁ ଇଂରେଜ କର୍ତ୍ତୃପକ୍ଷ ତାହାଙ୍କ ପ୍ରତି କ୍ରୋଧାନ୍ୱିତ ହୋଇଥିଲେ । କୌଣସି ପ୍ରମାଣ ନ ଥିଲେ ହେଁ ଦଶପଲ୍ଲାର ଦୁଇଟି ଗ୍ରାମର ଲୁଣ୍ଠନ, ପଶ୍ଚିମା ଯାତ୍ରୀଙ୍କ ଉପରେ ଅତ୍ୟାଚାର ପାଇଁ ମଧ୍ୟ ସୋମନାଥଙ୍କୁ ଦାୟୀ କରାଯାଇଥିଲା । ପରିଶେଷରେ ଇଂରେଜ ରାଜକର୍ମଚାରୀଗଣ ସୋମନାଥଙ୍କ ବିରୁଦ୍ଧରେ ଏକ ଗୁରୁତର ଅଭିଯୋଗ ଆଣିଲେ । ସେତେବେଳେ ବୌଦ୍ଧର କନ୍ଧମାନଙ୍କ ମେରିଆ ବା ନରବଳି ପ୍ରଥାକୁ ରହିତ କରିବା ଲାଗି ସରକାର ବିଭିନ୍ନ ବ୍ୟବସ୍ଥା କରୁଥିଲେ । ଏହା କନ୍ଧମାନଙ୍କ ମଧ୍ୟରେ ଏକ ଆନ୍ଦୋଳନ ସୃଷ୍ଟି କରିଥିଲା ଓ ଏହି ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ କନ୍ଧ ନେତା ନବଘନ କହଁର । ମାତ୍ର କୌଣସି ପ୍ରମାଣ ନ ଥିବା ସତ୍ତ୍ୱେ ସୋମନାଥ ନବଘନ କହଁରକୁ ଗୋପନରେ ସାହାଯ୍ୟ କରୁଛନ୍ତି ବୋଲି ମାକ୍‌ଫରସନ ବଙ୍ଗ ସରକାରଙ୍କୁ ଜଣାଇ ଦେଇଥିଲେ । ଘୁମୁସରର ବିଦ୍ରୋହୀ ନେତା ଚକ୍ରବିଶୋଇଙ୍କୁ ମଧ୍ୟ ସୋମନାଥ ଗୋପନରେ ସାହାଯ୍ୟ କରିଛନ୍ତି ବୋଲି ତାଙ୍କ ବିରୁଦ୍ଧରେ ଅଭିଯୋଗ ଆଣାଯାଇଥିଲା । ସୋମନାଥ ଏହା ଅସ୍ୱୀକାର କଲେ ହେଁ ତାଙ୍କୁ ସୁପରିଣ୍ଟେଣ୍ଡେଣ୍ଟଙ୍କ ପାଖକୁ ଯାଇ ନିଜ ବିଶ୍ୱସ୍ତତାର ପ୍ରମାଣ ଦେବାକୁ ଏବଂ ଚକ୍ରବିଶୋଇଙ୍କୁ ଓ ନବଘନ କହଁରକୁ ଅର୍ପଣ କରିବାକୁ ପୁନଶ୍ଚ ଆଦେଶ ଦିଆଗଲା ।

(୧) ଏହି ପୋଥି ସୁଧାକର ପଟ୍ଟନାୟକଙ୍କ ଦ୍ୱାରା ରାଜା ସୋମନାଥ ସିଂହ ଜଗଦେବ ନାମରେ ନାମିତ ହୋଇ ଏକ ବିସ୍ତୃତ ମୁଖବନ୍ଧ ସହ ସଙ୍କଳିତ ଓ ପ୍ରକାଶିତ ହୋଇଅଛି । ପ୍ରଥମ ପ୍ରକାଶ—୧୯୫୪ ।

୧୮୪୬ ମାର୍ଚ୍ଚ ମାସରେ କଟକ ଆସିବାଲାଗି ସୋମନାଥଙ୍କ ନିକଟକୁ ପରଓ୍ୱାନା ପଠାଗଲା । ସେତେବେଳକୁ ସେ ବାତ ରୋଗରେ ପୀଡ଼ିତ ହୋଇ ଚଳତ୍ ଶକ୍ତିହୀନ ହୋଇ ପଡ଼ିଥାନ୍ତି । ଏଣୁ କଟକ ଯିବା ତାଙ୍କପକ୍ଷେ ମଧ୍ୟ ସମ୍ଭବପର ହୋଇ ପାରିଲା ନାହିଁ । ରାଜା ଉତ୍ତରରେ ସେଇ ବିଷୟ ଜଣାଇ ସ୍ପଷ୍ଟଭାବେ ଲେଖିଥିଲେ, "ସେ କର୍ଥି ର ବା ବିଶୋଇକୁ ସାହାଯ୍ୟ କରିନାହାନ୍ତି" । ତାହା ଛଡ଼ା ଅନ୍ୟଜିଲ୍ଲାର ଲୋକ ହୋଇ ଥିବାରୁ ସେ ଦୁହିଁଙ୍କୁ ପଠାଇବା ତାଙ୍କ ପକ୍ଷେ ସମ୍ଭବ ନୁହେଁ । ଦଶପଲ୍ଲାର ଦୁଇଟି ଗାଁକୁ ପୋଡ଼ିଥିବା ଓ କେତେକ ଲୋକଙ୍କୁ ହତ୍ୟା-କରିଥିବା ଅନୁଗୁଳର ଆଠଜଣ ଲୋକଙ୍କୁ କଟକ ପଠାଇବା ପାଇଁ ରାଜାଙ୍କୁ ନିର୍ଦ୍ଦେଶ ଦିଆଗଲା । ଅସୁସ୍ଥତା ଯୋଗୁଁ ସେ କଟକ ଯିବାକୁ ଅସମର୍ଥ ବୋଲି ଜଣାଇବା ସଙ୍ଗେ ସଙ୍ଗେ ସରକାର ଅନ୍ୟାୟରେ ଲୋକଙ୍କୁ ବନ୍ଦୀ କରୁଥିବାରୁ ସେମାନେ ଭୟରେ କଟକ ଯିବାକୁ ରାଜି ହେଉ ନାହାନ୍ତି ବୋଲି ଜଣାଇ ଦେଇଥିଲେ । ନିର୍ଦ୍ଦୋଷ ପ୍ରଜାମାନଙ୍କୁ ଇଂରେଜମାନଙ୍କଦ୍ୱାରା ଦଣ୍ଡିତ କରାଇବାକୁ ପ୍ରଜାବତ୍ସଳ ସୋମନାଥ ଋହିଁ ନ ଥିଲେ ।

ସେ ଯୁଗରେ ତାଙ୍କ ପରି ଆତ୍ମାଭିମାନୀ ରାଜା ମଧ୍ୟ ଭାରତରେ ଖୁବ୍ କମ୍ ଥିବେ । ଆତ୍ମସମ୍ମାନବୋଧ ସଂପର୍କରେ ସେ ଥିଲେ ଖୁବ୍ ସଚେତନ । କମିଶନରଙ୍କ ପତ୍ରରେ ତତ୍କାଳୀନ ପରଂପରାନୁଯାୟୀ ରାଜାଙ୍କୁ 'ମେହେରବାନ ଦୋସ୍ତାନ, ସମ୍ବୋଧନ କରାଯାଇ ନ ଥିବାରୁ ସେ କ୍ଷୁଣ୍ଣ ହେବା ସଙ୍ଗେ ସଙ୍ଗେ କମିଶନରଙ୍କ ବିରୁଦ୍ଧରେ ଗଭର୍ଣ୍ଣର ଜେନେରାଲଙ୍କୁ ଜଣାଇବାରେ ପଶ୍ଚାତ୍‌ପଦ ହୋଇ ନାହାନ୍ତି । ସୋମନାଥଙ୍କ ଭାଷାରେ "ମୁଁ ଗାଦିରେ ବସିବା ଦିନଠାରୁ ଆଜିପର୍ଯ୍ୟନ୍ତ ସରକାରଙ୍କ ଆଦେଶ ଅମାନ୍ୟ କରି ନାହିଁ ବା ତାଙ୍କ ବିରୁଦ୍ଧରେ କିଛି କାର୍ଯ୍ୟ କରିନାହିଁ । ମାତ୍ର କମିଶନର ଅନ୍ୟ ଲୋକଙ୍କଠାରୁ ଶତ ଶୁଣି ମୋ ବିରୁଦ୍ଧରେ ଗଭର୍ଣ୍ଣମେଣ୍ଟଙ୍କୁ ରିପୋର୍ଟ କରୁଅଛନ୍ତି । ଗଭର୍ଣ୍ଣମେଣ୍ଟ ଏ ସବୁ ବିଚାର କରି ଅନୁସନ୍ଧାନ ପୂର୍ବକ ଯିଏ ପ୍ରକୃତ ଦୋଷୀ ତାକୁ ହିଁ ଦଣ୍ଡ ଦିଅନ୍ତୁ ।" ...... "ସେମାନେ ବରାବର ଆମମାନଙ୍କୁ ଉପଯୁକ୍ତ ସମ୍ମାନ ଦେଉଥିଲେ । ପ୍ରତ୍ୟେକ ପତ୍ରରେ ମଧ୍ୟ ଆମ୍ଭମାନଙ୍କୁ 'ମେହେରବାନ୍ ଦୋସ୍ତାନ୍' ବୋଲି ସମ୍ବୋଧନ କରୁଥିଲେ" ମାତ୍ର ବର୍ତ୍ତମାନ କମିଶନର ମୋତେ ଚିଠି ଲେଖିଲା ବେଳେ ଏହି ସମ୍ବୋଧନ ଉଠାଇ ଦେଇ ମୋର ଅପମାନ କରିଅଛନ୍ତି ଏବଂ ମୋର ଯେପରି ସର୍ବନାଶ ହୁଏ, ସେଥିର ବ୍ୟବସ୍ଥା କରିଅଛନ୍ତି ମଧ୍ୟ । କାଉନ୍‌ସିଲ ହାଉସ୍ ନ୍ୟାୟ ବିଚାରର ସ୍ଥାନ । ଯେଉଁ ଲୋକ ତାହାର ସମ୍ମାନ ହରାଇଲା, ତାହାର ଜୀବନରେ ମୂଲ୍ୟ କଣ ? ମୋର କେବଳ ପ୍ରାର୍ଥନା, ମୋର ଅର୍ଜି ଉପଯୁକ୍ତ ଭାବରେ ବିଚାର କରାଯାଉ । ତାହାହେଲେ ମୁଁ ମୋର ବର୍ତ୍ତମାନ ଦୁର୍ଭାଗ୍ୟରୁ ଉଦ୍ଧାର ପାଇବି ।" ଏହି ପତ୍ର ହିଁ ସୋମନାଥଙ୍କ ନିର୍ଭୀକତା, ଆତ୍ମସମ୍ମାନବୋଧସମ୍ପନ୍ନ ବ୍ୟକ୍ତିତ୍ୱର ଏକ ଅମଳିନ ଦଲିଲ ।

ଅସୁସ୍ଥତା ସମୟରେ ସରକାରୀ କର୍ତ୍ତୃପକ୍ଷ ତାଙ୍କ ବିରୁଦ୍ଧରେ ଅଭିଯୋଗ ଆଣି ତାଙ୍କୁ ବିବ୍ରତ କରୁଥିବା ଯୋଗୁଁ ସୋମନାଥ ଗଭର୍ଣ୍ଣର ଜେନେରାଲଙ୍କ ନିକଟକୁ ଆପଣାର କୈଫିୟତ୍ ଲେଖି ତାର ଦୁଇଟି ନକଲ କଲେକ୍ଟର ଓ କମିସନରଙ୍କ ନିକଟକୁ ପଠାଇଥିଲେ । ଏହା ମଧ୍ୟ ତାଙ୍କର ନିର୍ଭୀକତା ଓ ସ୍ୱାଧୀନ ମନୋବୃତ୍ତିର ପରିଚାୟକ । ସୋମନାଥ ଯେ ବହୁ ପରିମାଣରେ ଦୋଷମୁକ୍ତ ଓ ଅଯଥା ସନ୍ଦେହର ପାତ୍ର ହୋଇ ଥିଲେ ଏହା ତତ୍କାଳୀନ କେତେକ ସ୍ୱାଧୀନଚେତା ଓ ବିଚାରବନ୍ତ ଇଂରେଜ କର୍ମଚାରୀ ମଧ୍ୟ ସ୍ୱୀକାର କରିଯାଇଛନ୍ତି ।

ଏହି ସମୟରେ କେନ୍ଦ୍ରରୁ ସିଧା ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟକୁ ଆଦେଶ ଆସିଲା —"ରାଜାଙ୍କୁ ତୁରନ୍ତ ସାକ୍ଷୀ ସହ କଟକ ଡକାଅ । ଏକ ନିର୍ଦ୍ଧାରିତ ସମୟ ମଧ୍ୟରେ ସେ ନ ଆସିଲେ ତାଙ୍କୁ ବିଦ୍ରୋହୀ ବୋଲି ଘୋଷଣା କର ।" ସୋମନାଥଙ୍କୁ ତାହା ଜଣାଇ ଦିଆଗଲା, ମାତ୍ର ଏପରି ପତ୍ର ପାଇବା ପରେ ମଧ୍ୟ ସୋମନାଥ ଅବିଚଳିତ ଓ ନିର୍ଭୀକ ଭାବେ ସରକାରଙ୍କୁ ଜଣାଇଥିଲେ—"ମୋ ଶତ୍ରୁମାନଙ୍କ କଥାକୁ ବିଶ୍ୱାସ କରାଯାଇ ମୋତେ ଅକାରଣରେ ଦୋଷୀ ବୋଲି କୁହାଯାଉଛି—ଏତଦ୍ୱାରା ସରକାର ଆଦୌ ନ୍ୟାୟ କରୁନାହାନ୍ତି ।" ଏଭଳି ଉତ୍ତର ଓ ଆଚରଣର ପରିଣାମ ସେ ଅବଶ୍ୟ ହୃଦୟଙ୍ଗମ କରିଥିବେ । ମାତ୍ର ପ୍ରଜାବତ୍ସଳ ସୋମନାଥ ଆପଣାର ପ୍ରଜାଙ୍କୁ ଜାଣୁ ଜାଣୁ ବିପଦାପନ୍ନ କରିବାକୁ ଶ୍ରେୟସ୍କର ମଣିନାହାନ୍ତି । ଯାହାହେଉ, ଏହା ଫଳରେ ସୋମନାଥଙ୍କ ଜୀବନରେ ଅନତିବିଳମ୍ବେ ଦୁର୍ଯ୍ୟୋଗ ଘନେଇ ଆସିଲା ।

## ରାଜ ସିଂହାସନରୁ ବନ୍ଦୀଶାଳା

୧୮୪୮ ଜାନୁଆରୀ ମାସରେ କର୍ଣ୍ଣେଲ୍ କ୍ୟାମ୍ପବେଲ୍ ଅନୁଗୁଳ ଫିଲ୍ଡ଼ ଫୋର୍ସର ଅଧିନାୟକ ଭାବେ ନିଯୁକ୍ତ ହେଲେ ଓ ତାହାଙ୍କ ନିର୍ଦ୍ଦେଶରେ ଏକ ବିରାଟ ସାମରିକ ବାହିନୀ ଅନୁଗୁଳ ଅଭିମୁଖେ ପ୍ରେରିତ ହେଲା । ଅନୁଗୁଳରେ ଏଠି ସେଠି ସାମାନ୍ୟ ପ୍ରତିରୋଧ ହୋଇଥିଲେ ହେଁ କେଉଁଠି ବିଧିବଦ୍ଧ ଯୁଦ୍ଧ ହୋଇ ନ ଥିଲା । ବାମଣ୍ଡା ରାଜାଙ୍କ ସହାୟତାରେ ସୋମନାଥ ଧୃତ ହେଲେ । ଯେଉଁ ପ୍ରଜାମାନଙ୍କ ଲାଗି ସେ ଇଂରେଜ୍ ସରକାରଙ୍କ ଶତ୍ରୁ ବିବେଚିତ ହୋଇଥିଲେ, ସେଇ ପ୍ରଜାମାନଙ୍କ ମଧ୍ୟରୁ କେତେକ ତାଙ୍କୁ ଧରେଇ ଦେବାରେ ସରକାରଙ୍କୁ ସହାୟତା କରିଥିଲେ । ଶୁଣାଯାଏ, ରାଜାଙ୍କୁ ଇଂରେଜମାନେ ବନ୍ଦୀ କରି ନେବାବେଳେ ବୁଆଡ଼େ ସେ ବଡ଼କେରା ଗ୍ରାମ ନିକଟରେ ଅତି ଦୁଃଖରେ କହିଥିଲେ—"ଏ ରାଜ୍ୟର କେବେ ମଙ୍ଗଳ ହେବ ନାହିଁ ।" ଏକଥା ଏବେ ମଧ୍ୟ ଗ୍ରାମବାସୀଙ୍କ ଠାରୁ ଶୁଣିବାକୁ ମିଳେ ।

ଫେବୃଆରୀ ମାସରେ ବନ୍ଦୀ ଭାବେ ତାଙ୍କୁ ସପରିବାର କଟକ ଅଣାଗଲା । ପ୍ରଥମେ କଟକ ପଲଟନ ଲାଇନ୍ ନିକଟରେ ୩୫ ଟଙ୍କା ଭଡ଼ାରେ ଏକ ବଙ୍ଗଳାରେ ତାଙ୍କୁ

ରଖାଯାଇଥିଲା । ଇତିପୂର୍ବରୁ ତାଙ୍କ ପୁତ୍ର ଯୁବରାଜ ସୋମନାଥ ଅନଗୁଳରୁ ଆସି କଟକ କମିସନରଙ୍କ ନିକଟରେ ସେ କାହିଁକି ଆଶ୍ରୟପ୍ରାର୍ଥୀ ହୋଇଥିଲେ, ତାହାର ହେତୁ ବୁଝିହୁଏ ନାହିଁ । ସମ୍ଭବତଃ ଦୁର୍ବଳମନା ସୋମନାଥ ରାଜ୍ୟଲାଭ ଆଶାରେ ଇଂରେଜମାନଙ୍କ ଚକ୍ରାନ୍ତରେ ପଡ଼ି ଯାଇଥିଲେ । ରାଜାଙ୍କ ସହ ସେତେବେଳେ ସେହି ବଙ୍ଗଳାରେ ରହୁଥିଲେ ପାଞ୍ଚଜଣ ରାଣୀ, ତିନିଜଣ ଅନ୍ତର ପୁଅ, ଦଶଜଣ ଦାସୀ, ଆଠଜଣ ଚାକର, ଚାରିଜଣ ମେହେନ୍ତର, ତିନିଜଣ ମେହେନ୍ତରାଣୀ ଓ ଚାରିଜଣ ଧୋବା । ଏଥିପାଇଁ ଘରଭଡ଼ା ସମେତ ୪୦୬ଟଙ୍କା ଖର୍ଚ୍ଚର ବ୍ୟବସ୍ଥା କରାଯାଇଥିଲା ।

୧୮୪୮ ମସିହା ଶେଷ ଭାଗରେ ରାଜାଙ୍କୁ ସପରିବାର ମିଲିଟାରୀ ଫୌଜଙ୍କ ତତ୍ତ୍ୱାବଧାନରେ ହଜାରିବାଗ୍ ପଠାଗଲା ଓ ସେଠାରେ ମିଲିଟାରୀ ଲାଇନ୍ ନିକଟବର୍ତ୍ତୀ ଏକ ବଙ୍ଗଳାରେ ତାଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ ଅନ୍ତରୀଣ ବନ୍ଦୀ ଭାବରେ ସପରିବାର ଅବସ୍ଥାନ କରିବାକୁ ଦିଆଯାଇଥିଲା ।

ସେଠାରେ ସୋମନାଥ ବନ୍ଦୀ ଅବସ୍ଥାରେ ଥିବା ସମୟରେ ମଧ୍ୟ ଅନଗୁଳର ପ୍ରଜାମାନେ ତାଙ୍କ ପ୍ରତି ଅନୁଗତ ଥିବା ଜଣାଯାଏ । କେହି କେହି ପ୍ରଜା ତୀର୍ଥାଟନ କାଳରେ ସୁଦୂର ହଜାରିବାଗ୍‌କୁ ଯାଇ ରାଜାଙ୍କୁ ଦର୍ଶନ କରି ଆସିଥିବା ଜଣାଯାଉଅଛି । ମାତ୍ର ଏହା ଫଳରେ ସରକାର ସୋମନାଥଙ୍କ ଲାଗି ନିୟୋଜିତ ପ୍ରହରୀ ବ୍ୟବସ୍ଥାକୁ ଅଧିକ କଠୋର କରିଥିଲେ । ବନ୍ଦୀ ଅବସ୍ଥାରେ ମଧ୍ୟ ସୋମନାଥଙ୍କପ୍ରତି ଇଂରେଜ ସରକାର କିପରି ହୃଦୟହୀନ ଥିଲେ ତାହା ଏଥିରୁ ଅନୁମେୟ ।

ଇଂରେଜ ସରକାର ସୋମନାଥଙ୍କ ପୁତ୍ର ପ୍ରତି ମଧ୍ୟ ଚରମ ନିଷ୍ଠୁରତା ପ୍ରଦର୍ଶନ କରିଛନ୍ତି । ସୋମନାଥଙ୍କୁ ନାନା ଆଳରେ ବନ୍ଦୀ କରିବା ସଙ୍ଗେ ସଙ୍ଗେ ଲେକନାଥଙ୍କୁ ମଧ୍ୟ ରାଜଗାଦି ଦେଇ ନ ଥିଲେ । ତାଙ୍କୁ ରାଜା ଭାବରେ ସ୍ୱୀକାର ନ କରିବାର କୌଣସି ସଙ୍ଗତ କାରଣ ନ ଥିଲା । ଇଷ୍ଟ ଇଣ୍ଡିଆ କମ୍ପାନୀ ସରକାର ଅନଗୁଳକୁ ଖାସ୍ ଦଖଲକୁ ନେବା ଲାଗି କିପରି ଦୃଢ଼ ପରିକର ଥିଲେ, ତାହା ଏଥିରୁ ଜଣାଯାଏ । ରାଜ୍ୟଲିପ୍ସୁ ଇଂରେଜମାନେ ଏହି ମହାନୁଭବ ସ୍ୱାଧୀନ ମନୋବୃତ୍ତିସମ୍ପନ୍ନ ରାଜା ଓ ତାହାଙ୍କ ପରିବାରବର୍ଗଙ୍କ ପ୍ରତି ଯେ ସେ ଯୁଗରେ ଚରମ ଅବିଚାର କରିଛନ୍ତି, ଏ ବିଷୟରେ ସନ୍ଦେହର ଅବକାଶ ନାହିଁ ।

## ରାଜକବି ସୋମନାଥ

ସୋମନାଥ ଯେପରି ଥିଲେ ବୀର, ଆତ୍ମାଭିମାନୀ, ନିର୍ଭୀକ ଓ ପ୍ରଜା ବତ୍ସଳ, ସେହିପରି ଥିଲେ ଗୁଣଗ୍ରାହୀ ଓ କାବ୍ୟଶାସ୍ତ୍ରାନୁରାଗୀ । ବିଗତ ପ୍ରାୟ ଏକଶହ ବର୍ଷ ମଧ୍ୟରେ ସୋମନାଥଙ୍କ ସଙ୍ଗୀତାବଳୀ ସୀମିତ ସଞ୍ଚ-ସରରେ ହେଉ ପଛକେ ସୁଧୀ ସମାଜର ଦୃଷ୍ଟିରୁ ଅପସାରିତ ହୋଇ ଯାଇନାହିଁ । ଢେଙ୍କାନାଳର ଅଧିବାସୀ ପ୍ରାଚୀନ ଓଡ଼ିଆ ସଙ୍ଗୀତର, ବିଶିଷ୍ଟ ସଙ୍କଳୟିତା ଦାମୋଦର ପଟ୍ଟନାୟକ ତାହାଙ୍କ 'ସଙ୍ଗୀତ ସାଗର'ର ୨ୟ, ୩ୟ ଓ ୬ଷ୍ଠ ଭାଗରେ (ପ୍ରଥମ ପ୍ରକାଶକାଳ ଯଥାକ୍ରମେ ୧୮୯୦, ୧୮୯୩, ୧୯୦୩) ସୋମନାଥଙ୍କ ତିନିଗୋଟି ଗୀତ ସନ୍ନିବିଷ୍ଟ କରିଥିଲେ । (୧) ବିଜୟ ଚନ୍ଦ୍ର ମଜୁମଦାର ତାହାଙ୍କ ସଂପାଦିତ ଟିପିକାଲ ସିଲେକ୍‌ସନ ଫ୍ରମ ଓଡ଼ିଆ ଲିଟରେଚର ୨ୟ ଖଣ୍ଡରେ (ପ୍ରଥମ ପ୍ରକାଶ ୧୯୨୩) ସୋମନାଥଙ୍କ ଗୋଟିଏ ଗୀତ ସଂଯୋଜନ କରିଅଛନ୍ତି । ଏତଦ୍‌ବ୍ୟତୀତ ସୋମନାଥ ଶୃଙ୍ଗାର ରସାତ୍ମକ ସଙ୍ଗୀତ ପୂର୍ଣ୍ଣ 'ସଙ୍ଗୀତମାଳା' ନାମକ ଏକ ପୁସ୍ତକ ରଚନା କରିଥିବା ବିଷୟ ବିଶିଷ୍ଟ ଆଲୋଚକ ଜଗବନ୍ଧୁ ସିଂହ ସ୍ୱୀକାର କରିଅଛନ୍ତି । (୨) ପ୍ରାଚୀ ସମିତି ମଧ୍ୟ ୧୯୩୦-୩୩ ମଧ୍ୟରେ ସୋମନାଥଙ୍କର ବହୁ ରଚନା ସଂଗ୍ରହ କରିଥିଲେ । ମାତ୍ର ଶତାଧିକ ବର୍ଷ ମଧ୍ୟରେ ସେଗୁଡ଼ିକୁ ସଂଗ୍ରହ କରିବାର କୌଣସି ବିଧିବଦ୍ଧ ଉଦ୍ୟମ ହୋଇନାହିଁ । ସଂପ୍ରତି ଏଇ ଲେଖକ ସେଗୁଡ଼ିକୁ ସଙ୍କଳିତ କରିବାରେ ଯତ୍‌କିଞ୍ଚିତ ପ୍ରୟାସ କରିଅଛି । ପ୍ରାଚୀ ସମିତି ଓ ଲେଖକର ସଂଗ୍ରହକୁ ମିଶାଇ ସୋମନାଥଙ୍କ ପ୍ରାୟ ଦେଢ଼ଶହ ଗୀତର ସନ୍ଧାନ ଏ ଯାବତ୍ ମିଳିଅଛି । ପ୍ରାୟ ସମସ୍ତ ଗୀତର ଭଣିତାରେ 'ଅନଗୁଳ ଭୂପ' ବୋଲି ସ୍ପଷ୍ଟଭାବରେ ଉଲ୍ଲିଖିତ ହୋଇ ଥିବାରୁ ଗୀତଗୁଡ଼ିକ ଯେ ଅନଗୁଳ ରାଜା ସୋମନାଥ ସିଂହଙ୍କ ରଚନା, ଏ ବିଷୟରେ ଆଦୌ ସନ୍ଦେହ ଜନ୍ମେ ନାହିଁ ।

ସୋମନାଥଙ୍କ ରଚିତ ଗୀତମାନଙ୍କୁ ମୁଖ୍ୟତଃ ଚାରିଭାଗରେ ବିଭକ୍ତ କରାଯାଇପାରେ । ସେଗୁଡ଼ିକ ହେଉଛି (କ) ଦୁଇଟି ଚଉତିଶା (ଖ) ତେରଟି ଆଖ୍ୟାନ ସମ୍ବଳିତ 'ଦେବୀ ମାହାତ୍ମ୍ୟ' ବା ମାଳଶ୍ରୀ ଓ ଚାରିଗୋଟି ଭକ୍ତିଗୀତିକା, (ଗ) ନବେଟି କୃଷ୍ଣଲୀଳାତ୍ମକ ଗୀତ ଓ (ଘ) ତେୟାଳିଶ ଗୋଟି ଲୌକିକ ଆଦିରସାତ୍ମକ ଗୀତ । 'ସୁନ୍ଦରୀ ଚଉତିଶା'ଟି ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ଉକ୍ତି ପ୍ରତ୍ୟୁକ୍ତିମୂଳକ । ଶ୍ରୀକୃଷ୍ଣଙ୍କ ଶ୍ରୀରାଧାଙ୍କ ପ୍ରତି ଚାଟୂକ୍ତି ଓ ଶ୍ରୀରାଧାଙ୍କ ପ୍ରତ୍ୟୁତ୍ତର ଏହି ଚଉତିଶାରେ ବର୍ଣ୍ଣିତ । ଚଉତିଶାଟିରେ ରୀତିକାବ୍ୟର ପ୍ରଭାବ ସୁସ୍ପଷ୍ଟ ।

ରାଧାକୃଷ୍ଣ ଲୀଳାତ୍ମକ ଗୀତରେ ରାଧାକୃଷ୍ଣଙ୍କର ନବାନୁରାଗ, ବିରହାନୁଚିନ୍ତା, ବିରହୋତ୍କଣ୍ଠା, ରାସ, ବଂଶୀ ବିଭବ, ହୋରି ପ୍ରଭୃତି ପ୍ରସଙ୍ଗ ଉକ୍ତି ପ୍ରତ୍ୟୁକ୍ତି ଛଳରେ ଗତାନୁଗତିକ ରୀତିରେ ବର୍ଣ୍ଣିତ ।

---

୧ । ଏହି ଗୀତଗୁଡ଼ିକର ଆଦ୍ୟଛତ୍ର ଯଥାକ୍ରମେ ହେଉଛି—''ନାହା ରହିଲେ କାହା ସଦନେ ଗୋ'' (୩ୟ), ''ଯହିଁ ପ୍ରାଣ ଈଶ୍ୱରୀରେ'' (୬ଷ୍ଠ), ''ଛାଡ଼ ହେ ପାଣି'' (୨ୟ) ।

୨ । ପ୍ରାଚୀନ ଉତ୍କଳ—ପୃ ୧୨୨ ।

ଲୌକିକ ପ୍ରେମ ଗୀତିକା ଗୁଡ଼ିକ ଅଧିକାଂଶ ନାୟକର ଅନୁଭୂତିମୂଳକ । କେବଳ ଗୋଟିଏ ଗୀତରେ ଅଭିମାନୀ ନାୟିକାର ଭାବନା ବର୍ଣ୍ଣିତ ହୋଇଥିବା ଦେଖାଯାଏ । ଅଧିକାଂଶ ଗୀତରେ ନାୟକର ବିରହାନୁଚିନ୍ତା, ସମ୍ଭୋଗ-ଭାବନା, ନାୟିକାର ରୂପ ପ୍ରଶସ୍ତିମୂଳକ ମନ୍ଦ୍ରିର ଅଭିବ୍ୟକ୍ତି ଦେଖିବାକୁ ମିଳେ । ଏଇ ନାୟିକାକୁ ମୁଖ୍ୟତଃ ପରକୀୟାଭାବେ ଗ୍ରହଣ କରାଯାଇପାରେ । ନାୟକର ସ୍ମୃତିପଥରେ ଯେଉଁ ନାୟିକାର ଭାବନା ପ୍ରତିଭାତ ହୋଇଛି, ସେ କେବଳ ରତିଲାଳସୀ, ସମ୍ଭୋଗ ଆତୁରା ଓ ବିବିଧ ରତି ପ୍ରବୀଣା । ଗୋଟିଏ ଗୀତରେ କେଳିସଦନ ବାହୁଡ଼ା ନାୟିକାର ରୂପ ବର୍ଣ୍ଣିତ ହୋଇଅଛି । ଢ଼ଗ ବୃତ୍ତରେ ରଚିତ ଗୋଟିଏ ଗୀତରେ ସାଧାରଣ ନାରୀ-ପୁରୁଷଙ୍କ ପ୍ରଣୟାନୁଭୂତି ମୂଳକ ଉକ୍ତି ତଥା ରାଧାକୃଷ୍ଣଙ୍କ ପ୍ରୀତି ସମ୍ବନ୍ଧୀୟ ଉକ୍ତି ବର୍ଣ୍ଣିତ ।

ମିଳିଥିବା ଗୁଡ଼ିଗୋଟି ଜଗନ୍ନାଥ ଓ ବିଷ୍ଣୁ ବନ୍ଦନା-ମୂଳକ ଗୀତରୁ କବିଙ୍କ ପାରଂପରିକ ଈଶ୍ବର ବିଶ୍ୱାସର ପରିଚୟ ମିଳିବା ସଙ୍ଗେ ସଙ୍ଗେ କବିଙ୍କ ଆତ୍ମାନୁ-ଭୂତିର କେତେକ ନିଦର୍ଶନ ମଧ୍ୟ ମିଳିଥାଏ । ସମ୍ଭବତଃ କବି ଇଂରେଜମାନଙ୍କ ଦ୍ୱାରା ବାରମ୍ବାର ଅପଦସ୍ତ ହେବା ଓ ଅପମାନିତ ହେବାରୁ ଏ ଦେଶର ପ୍ରଭୁ ଜଗନ୍ନାଥଙ୍କୁ ନିମ୍ନୋକ୍ତ ରୀତିରେ ଜଣାଣ କରିଥିଲେ ।

"କମଳ ଲୋଚନ ପ୍ରଭୁ ଥାଉଥାଉ ମୋ କର୍ମ ବିଫଳ ହୋଇଲା

× × × ×

କମଳାକାନ୍ତଙ୍କୁ ଭରସା କରିଣ
ଲୋକହସା ଏବେ ହୋଇଲି ।

ଭଣେ ସୋମନାଥ ଅନୁକୂଳ ପତି,
ଏ ନିନ୍ଦା କାହାକୁ ହୋଇଲା ହେ" ।

ଇଂରେଜ ଶାସକମାନଙ୍କ କ୍ଷମତାର ଦର୍ପ, ଉତ୍ପୀଡ଼ନ କୁଶାସନରେ ଜର୍ଜରିତ କବିଙ୍କ ମନରେ ଏତାଦୃଶ ପ୍ରତିକ୍ରିୟା ଜନ୍ମିବା ସମ୍ଭବପର । ସମ୍ଭବତଃ ସେଥିପାଇଁ ଭାବକବି ଗର୍ବୀମାନଙ୍କ ଦର୍ପ ବିଦଳିତ କରିବା ଲାଗି ପ୍ରାର୍ଥନା କରିଛନ୍ତି ।

"ଜୟ ଜୟ ଜଗବନ୍ଦନ କେଶବ ଜୟ ହେ ଯାମଳାଭଞ୍ଜି
ଗର୍ବୀଜନ ଗର୍ବ ତୁରିତେ ଭଞ୍ଜି ।

× × × ×

ଭାରତେ ଅର୍ଜୁନ ଯେସନେ କହି ।
କୌରବଙ୍କୁ ନାଶିଲ ସାହା ହୋଇ ।"

ଭଗବାନଙ୍କୁ ତେଣୁ ସେ ଜଣାଇଛନ୍ତି—"ଅକଟ ନୋହୁ ଶ୍ରୀମୁଖେ ଆଜ୍ଞା ହେଉ, ଯାହା ଏବେ ମୋର ସଙ୍କଟ । ହାସ୍ୟ ହୋଇଲଣି ଦେଳକୁ ଦେଳକୁ ଦେଖି ନ ଶୁଣ ମୋର ଦୁଃଖ ।"

ଇଂରେଜ ବିଦ୍ରୋହୀମାନଙ୍କ ବିଷୟ କବି ନିଜେ ଜାଣି ନ ଥିଲେ । ମାତ୍ର ସେ ଏହା ଜାଣିଛନ୍ତି ବୋଲି ଇଂରେଜ ଶାସକମାନଙ୍କର ଧାରଣା ଜନ୍ମିଥିଲା । ଏ ବିଷୟରେ ଜଣାଇବା ଲାଗି ସେମାନେ ସୋମନାଥଙ୍କୁ ବାଧ୍ୟ କରୁଥିଲେ ସମ୍ଭବତଃ ଏହି ପ୍ରସଙ୍ଗକୁ ଉପଲକ୍ଷ କରି କବି ଲେଖିଥିଲେ— "ଯେହୁ ଦେଖିଥାଇ ସେ ବିନା ଜାଣଇ ଆଉ କେ ଜାଣିବ କହ ତ ।"

କବିଙ୍କ ରଚିତ ମାଳଶ୍ରୀ ବା 'ଚଣ୍ଡୀ ମାହାତ୍ମ୍ୟ' ସପ୍ତଶତୀ ଚଣ୍ଡୀର କଥାବସ୍ତୁ ଅବଲମ୍ବନରେ ଲିଖିତ ଓ ଚଣ୍ଡୀର ବିଷୟକ୍ରମ ଏଥିରେ ସୁରକ୍ଷିତ । ଏହାର ଭାଷାରେ କବିଙ୍କ ସ୍ୱାଭାବିକ ସରଳତା ମଧ୍ୟ ଅବ୍ୟାହତ ରହିଅଛି । ଓଡ଼ିଆରେ ସମ୍ଭବତଃ ଏହାହିଁ ସମ୍ପୂର୍ଣ୍ଣ ସପ୍ତଶତୀ ଚଣ୍ଡୀ ଅନୁସରଣରେ ଲିଖିତ ପ୍ରଥମ କାବ୍ୟ ଏହା ମାଳଶ୍ରୀ ରାଗରେ ଲିଖିତ । ପ୍ରତ୍ୟେକ ଆଖ୍ୟାନର । ଘୋଷାପଦ 'ଜୟଜୟ' ଶବ୍ଦରୁ ଆରମ୍ଭ ହୋଇଅଛି । ଏଥିରେ ସଂସ୍କୃତ ମାତ୍ରାବୃତ୍ତ ଛନ୍ଦାନୁସରଣର ପ୍ରୟାସ ଦେଖିବାକୁ ମିଳେ ଯଥା—

କମ୍ବୁ ଶୋଭିନୀ ଆର୍ତ୍ତନାଶିନୀ ଦୁଷ୍ଟ ଦୈତ୍ୟ ନିବାରିତେ
ପାଶ ଶୋଭିନୀ ତ୍ରିପୁରମୋହିନୀ ସର୍ପ କୁଣ୍ଡଳ ରାଜିତେ ।

ଏଥିରେ ଧୂମ୍ରଲୋଚନ, ଚଣ୍ଡମୁଣ୍ଡ, ରକ୍ତବୀଜ, ନିଶୁମ୍ଭ ଶୁମ୍ଭ, ମଧୁକୈଟଭ, ମହିଷାସୁର ବଧ ପ୍ରଭୃତି ସଂକ୍ଷେପରେ ବର୍ଣ୍ଣନା କରାଯାଇଅଛି ।

## ଭାଷା

ସୋମନାଥଙ୍କ ଭାଷାରେ ସ୍ଥାନେ ସ୍ଥାନେ ମାର୍ଜିତ ସାଧୁ ଭାଷାର ବ୍ୟବହାର ଦେଖିବାକୁ ମିଳୁଥିଲେହେଁ, ସରଳ ଲୋକ ପ୍ରଚଳିତ ଭାଷା ହିଁ ଥିଲା ତାଙ୍କର ଆଦର୍ଶ । କଥ୍ୟଭାଷାକୁ ସଙ୍ଗୀତରେ ବିନିଯୋଗ କରିବାରେ ସୋମନାଥଙ୍କ କୃତିତ୍ୱ ସ୍ୱୀକାର୍ଯ୍ୟ । ଅକଟ, ଜଣ, ଛଦ୍ମ, ହିଁମିଟ, ଗୁମାନ, ତୋପ, ଢୋକାଇ, ଡିଙ୍ଗର, ଭଲୁର, ନିହୁଡ଼ିବା (ଢାଳିବା), ବୋଇଲା, ଛନ ଛନ, ତେରଛ, ଲସାଇ., ପେଡ଼ି, ଛଇଳ, ବଣା, ବାଲୁତ, ବିସୋର, କେଳକି, ଉଗାରିହସା, ହେଳ, ଝୁଡ଼ି ପ୍ରଭୃତି ବହୁ ଦେଶଜ ଶବ୍ଦାବଳୀରେ ତାହାଙ୍କ ଗୀତଗୁଡ଼ିକ ସମୃଦ୍ଧ । ଲୋକଭାଷାର ଛନ୍ଦ ପ୍ରତି କବିଙ୍କ ଅନୁରାଗ ମଧ୍ୟ ଢଗବୃତ୍ତରେ ରଚିତ ଗୀତମାନଙ୍କରୁ ଜଣାଯାଏ ।

କେତେକ ଆଞ୍ଚଳିକ ଶବ୍ଦର ପ୍ରୟୋଗ ଓ କେତେକ ଆଞ୍ଚଳିକ ଉଚ୍ଚାରଣଗତ ଭିନ୍ନତା, ଯଥା —'ଚ୍ଚି' ପରିବର୍ତ୍ତେ 'ଟି' (ହୁଡ଼ିଗଲିଟି ହୁଡ଼ି ଗଲିଚି) ପ୍ରଭୃତି ତାହାଙ୍କ ଗୀତ-ମାନଙ୍କରେ ଲୁଚିଲ । ଧୂର, ଲଭବା (ଆଣିବା), ଲକସ, ବୃଲନା ପ୍ରଭୃତି କେତୋଟି ଆଞ୍ଚଳିକ ଶବ୍ଦର ଦୃଷ୍ଟାନ୍ତ । କବିଙ୍କ ଗୀତଗୁଡ଼ିକ କିପରି ସରଳ ଭାଷାରେ

ବିରଚିତ ଦୃଷ୍ଟାନ୍ତ ସ୍ୱରୂପ ନିମ୍ନୋକ୍ତ ଗୀତଟିକୁ ଉଲ୍ଲେଖ କରାଯାଇପାରେ —

କେଣେ କଲୁ ଲଇବା ପୁଣି,
ଯମୁନା ତଟେ ମୁରଲୀ ପାଣି । ପଦ ।
ଦେଖି ନଟବର ଲଗାଇବ ହଟ,
ବୋଲିବ କାହିଁକି ଆସ ମିଡଣି ।
ଦେଇଗଲେ ମୁଇ ଛାଡ଼ିଦେବା ବାଟ,
ନୋହିଲେ ଘରକୁ ଯାଅ ସଜନୀ । ୧ ।
କେତେ ଆଉ କଥା ଲଗାଇବ ସେହି,
ଉତ୍ତର ହୋଇଲେ ବୋଲଣା ଶୁଣି ।

× × × ×

ସୁଧା ନିହୁଡ଼ିଲା ପରି ଲଗୁଥିବ,
ଅଧିକେ ବିନ୍ଧିବ ମଦନ ପୁଣି । ୩ ।

ସୋମନାଥଙ୍କ କେତେକ ଗୀତର ଛନ୍ଦ, ଶବ୍ଦ ଯୋଜନାର ସାମ୍ୟ ବନମାଳୀ ଓ ରାମକୃଷ୍ଣଙ୍କ ସଙ୍ଗୀତ ସହ ଦେଖିବାକୁ ମିଳେ ।

## ଆଲଙ୍କାରିକତା

କବିଙ୍କ କାବ୍ୟସୃଷ୍ଟି ଆଲଙ୍କାରିକ ଆଦର୍ଶ ରୀତିକାଳୀନ ପରଂପରା ଉପରେ ପ୍ରତିଷ୍ଠିତ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅନୁପ୍ରାସ, ଯମକ ପ୍ରଭୃତି ଶବ୍ଦାଳଙ୍କାର ପ୍ରୟୋଗରେ କବିଙ୍କର ଥିଲା ସର୍ବାଧିକ ଅନୁରାଗ । ଅକ୍ଷର ନିୟମରେ କବିତା ରଚନା ସେ ଯୁଗରେ ବେଶ୍ ଜନପ୍ରିୟତା ଲାଭ କରିଥିବା ଅନୁମେୟ । ଏଣୁ କବି 'ର' ନିୟମ , 'ବ' ନିୟମ, କବିତା ଲେଖିବା ସଙ୍ଗେ ସଙ୍ଗେ ଆଦ୍ୟରେ 'କ' ଠାରୁ 'ଚ' କ୍ରମ ଏବଂ 'ଛ' ଠାରୁ 'ଠ' କ୍ରମ ରକ୍ଷାକରି ଗୀତ ରଚନା କରିଅଛନ୍ତି । 'ତ' ପ୍ରାନ୍ତ ନିୟମରେ କବିଙ୍କ ନ ଜାଣି ମୁହିଁ ହୁଡିଗଲିଟି" ଗୀତଟି ରଚିତ । ଅନୁପ୍ରାସ ରଚନାରେ କବି କିପରି ସମଧିକ ଅନୁରାଗୀ ଥିଲେ, ତାହା ନିମ୍ନୋକ୍ତ ଗୀତଟିରୁ ଅନୁମେୟ —

ବରଜବରଜ ଆସୁ ବାର ତାକୁ ଯା'ରେ । ୦ ।
ବଡ଼ ପରମାଦ ଶ୍ୟାମ ଦେଖି ତରଜା ରେ,
ବକଇ କଟୁ ବଚନ ଆସୁ ତାକୁ ଯା ରେ । ୧ ।

× × × ×

ବୋଲେ ସୋମନାଥ ବୀରବର ସେ ଯାରେ,
ବିସ୍ମର ନ କର ରାଧେ ସେ ନାମ ମନ୍ତ୍ରାରେ । ୫ ।

ଶୃଂଖଳା ଅଳଙ୍କାରରେ ରଚିତ ଏହି ଗୀତଟିରୁ ତାଙ୍କର ଅଳଙ୍କାର ଯୋଜନାର କୃତିତ୍ୱ ମଧ୍ୟ ଜଣାପଡ଼େ ।

ନଇଲେ ମୋର ପୁରକୁ ଗୋ ଶ୍ୟାମସୁନ୍ଦର
ଦର ମୁଁ କରନ୍ତି ଦୂର
ଦୂର ହୋଇଯାନ୍ତା ମାର, ମାରନ୍ତା କାହିଁକି ଶର
ସରସ ଅଙ୍ଗେ ମୋହର । ୦ ।

ମନ୍ଦିଣ ବାସରେ, ବାସ ବାସ କୁସୁମେ ହରଷ ରସରେ ବଳାଇ ଆଶ ଆଶା ଗଣିଣ ନିରଶ ।

ରସ ବିହାରୀ ଜଲେ ତ କ୍ଷଣା,
କ୍ଷଣା ହୋଇବି ବୋଲି ତ ନ ଥିଲା ଜଣା
ଜଣା ନ ଥିଲା ଭାଣ୍ଡ ପଣ ତାଙ୍କର ଯେ ଶୁଣା,
ଶୁଣା ଥିଲେ ନ ବଳାନ୍ତି ମୋ ଚିତ୍ତ ନବୀନା
ବିନା ଦୋଷେ ମୋର ଅଙ୍ଗ କାମଶରେ ହେଲା ଭଙ୍ଗ । ୧ ।

× × × ×

ବରଜ ରାଜ ବିଜୟେ କରିବ ଆଜ ।
ଭଣେ ସୋମନାଥ ରାଜ । ୪ ।

'ଅ' ଠାରୁ 'କ୍ଷ' ପର୍ଯ୍ୟନ୍ତ ସମସ୍ତ ସ୍ୱର ଓ ବ୍ୟଞ୍ଜନର କ୍ରମ ରକ୍ଷା ପୂର୍ବକ ଯେଉଁ ପଦ୍ୟ ରଚିତ ହୁଏ ତାହାକୁ ସଂସ୍କୃତ ପରିଭାଷାରେ 'ବର୍ଣ୍ଣମାତୃକା ପ୍ରବନ୍ଧ' କୁହାଯାଏ । ଏତାଦୃଶ ରଚନା ପ୍ରଣୟନରେ ମଧ୍ୟ ସୋମନାଥଙ୍କ ଅନୁରାଗ ଲକ୍ଷ୍ୟ କରାଯାଇପାରେ । 'ଗୋପୀଚିନ୍ତା' ଗୀତିକାଟି ତାହାର ଅନ୍ୟତମ ଦୃଷ୍ଟାନ୍ତ ।

ସୋମନାଥଙ୍କ ଏହି ଗୀତଗୁଡ଼ିକରୁ ତାହାଙ୍କ ବ୍ୟକ୍ତିତ୍ୱର ନିର୍ଦ୍ଦିଷ୍ଟ ରୂପରେଖ ସମ୍ପର୍କରେ ଆମ୍ଭେମାନେ ସବିଶେଷ ଅବହିତ ହୋଇ ପାରୁ ନା ।

ସେ ଯେପରି ଦେବୀ ଭକ୍ତ ଥିଲେ, ସେହିପରି ରାଧା-କୃଷ୍ଣ ଓ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ମଧ୍ୟ ଭକ୍ତି ଗୀତିକା ରଚନା କରିଛନ୍ତି । ଗୀତଗୁଡ଼ିକରେ ଉଚ୍ଚ କବିତ୍ୱର ନିଦର୍ଶନ ଖୁବ୍ କମ୍ । ସମ୍ଭବତଃ କବିତାଗୁଡ଼ିକ ତାହାଙ୍କର ପ୍ରାଥମିକ ରଚନା । ଅନ୍ତରୀଣ ବନ୍ଦୀ ଭାବେ କାଳଯାପନ କରୁଥିବାବେଳେ ସେ ଆଉ କଣ ରଚନା କରିଥିଲେ, ତାହା ଜାଣିବା ସମ୍ଭବ ନୁହେଁ ।

ରାଧା-କୃଷ୍ଣ ଲୀଳାତ୍ମକ ଗୀତଗୁଡ଼ିକ ମଧ୍ୟ ଗତାନୁଗତିକ କହିଲେ ଅତ୍ୟୁକ୍ତି ହେବ ନାହିଁ । ସୋମନାଥଙ୍କ ସାହିତ୍ୟ ରଚନା କାଳ ବାସ୍ତବିକ ଥିଲା ଏକ ଅନୁକରଣର ଯୁଗ । କୃଷ୍ଣ ଲୀଳାତ୍ମକ ଗୀତ ଓ ଆଦିରସାତ୍ମକ ଚୌପଦୀ ରଚନା ହିଁ କବିମାନଙ୍କର ଏକମାତ୍ର ଧର୍ମ ଓ କର୍ମ ହୋଇ ପଡ଼ିଥିଲା । ସୋମନାଥ ସେହି ଭାବରେ ପରିଚାଳିତ ହୋଇ ଏହି ଗୀତିକାଗୁଡ଼ିକ ରଚନା କରି ଯାଇଅଛନ୍ତି ।

ଯାହାହେଉ, ସେ ଯୁଗରେ ଏହି ରାଜ କବିଙ୍କ କବି ପ୍ରତିଭାର ବିକାଶ ନ ହେଉଣୁ ହିଁ ଅକାଳରେ ଝାଉଁଳି ପଡ଼ିଲା । ବନ୍ଦୀ ଅବସ୍ଥାରେ ସେ ହୁଏତ କେତେ ରଚନା ଲେଖିଥିବେ । ମାତ୍ର ସେଗୁଡ଼ିକ ସମ୍ଭବତଃ ତାହାଙ୍କ ମୃତ୍ୟୁ ପରେ ଚିରକାଳ ପାଇଁ ବିଲୁପ୍ତ ହୋଇଯାଇଛି । କାଳର ସର୍ବଗ୍ରାସୀ ପ୍ରଭାବରୁ ଯେତିକି ମାତ୍ର ଆମର ହସ୍ତଗତ ହୋଇଛି, ତାହାହିଁ ଆଜି ଉଦ୍ଧାର କରିବା ସଙ୍ଗେ ସଙ୍ଗେ ଆମେ ଏହି ରାଜକବିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ନିବେଦନ କରୁଛୁ ।

ପ୍ରଫେସର—ଓଡ଼ିଆ ବିଭାଗ,
ରେଭେନ୍ସା କଲେଜ, କଟକ—୩

# ଶ୍ରୀନିବାସର
# ହସ, କାନ୍ଦ ଓ ମୁଣ୍ଡଲଡ଼ା

ଡକ୍ଟର କୃଷ୍ଣ ପ୍ରସାଦ ମିଶ୍ର

ମ୍ୟାନେଜର ବାବୁ ବ୍ୟାଙ୍କର ସେହି ଶାଖାକୁ ଆସିଥିବା ମାତ୍ର ବର୍ଷଟିଏ ହୋଇଥିବ, ତାଙ୍କର ବଦଳି ଖବର ଆସିଲା, ବଦଳି ପୁଣି ଆଉ କେଉଁ ଜାଗାକୁ ନୁହେଁ, ନିଜର ସହରକୁ, ନିଜର ଅଞ୍ଚଳକୁ । ମ୍ୟାନେଜର ଚିଠି ଚିରିବାବେଳେ ଶ୍ରୀନିବାସ ଦୈବାତ୍ ତାଙ୍କ ରୁମ୍‌ରେ ଉପସ୍ଥିତ ଥିଲା ଓ ମ୍ୟାନେଜର ଚିଠି ଚିରୁଥିବା ଦେଖି ସେଠି ଦଣ୍ଡେ ଠିଆ ହୋଇ ରହିଗଲା । ସେ ପଚାରିଲା—ସାର୍, ହ୍ୟାପିନିଉଜ୍ ? ମ୍ୟାନେଜର ତା' ହାତକୁ ଚିଠିଟି ବଢ଼ାଇ-ଦେଲେ ।

ମୁହଁରେ କୌଣସି ଭାବ ପ୍ରକାଶ ନ କରି ଚିଠିଟି ଆଣି ପଢ଼ି ସାରିବା ପରେ ଶ୍ରୀନିବାସ ଗଦ୍‌ଗଦ ହୋଇ ନିଜର ଆନନ୍ଦ ପ୍ରକାଶ କରିବା ସଙ୍ଗେ ସଙ୍ଗେ ବ୍ୟାଙ୍କ୍‌ର ସବୁ କର୍ମଚାରୀଙ୍କୁ ବଡ଼ପାଟିରେ ଘଟଣା କ'ଣ ଜଣାଇ ଦେଇ, "ସାର ଏଥରକ ମହାପ୍ରସାଦରେ ଠକିବେ ନାହିଁ, ଏଥର ପୂରା ରନ୍ଧାରନ୍ଧି ଛଣା ଛଣି ହେବ" ବୋଲି ସମ୍ବାଦ ଦେଇ ଦେଲା । ସେହି ସମୟରେ ମ୍ୟାନେଜରଙ୍କ ଅଫିସର ଏକାଉଣ୍ଟାଣ୍ଟ ଉଦ୍ଦେଶ ତାକୁ ଟାଣି ନେଇ କହିଲା—"ୟୁ ଫୁଲ୍, ମ୍ୟାନେଜର ଇଜ୍ ନଟ୍ ହ୍ୟାପି ! ଇଟ୍ ଇଜ୍ ଏ ପନିସ୍‌ମେଣ୍ଟ !"

ଉଦ୍ଦେଶ ମୁହଁକୁ ଶ୍ରୀନିବାସ ଗମ୍ଭୀର ହୋଇ ଚାହିଁଥିବା ବେଳେ ହଠାତ୍ ଯେପରି ବୁଝିଦେଲା ଯେ ଏଥର ମଧ୍ୟ ତା'ର ହସିଦେବା ଭୁଲ୍ ହୋଇଗଲା ଯେପରି ଆଗରୁ ବହୁତଥର ହୋଇଛି । ଉଦ୍ଦେଶ ବୁଝାଇଦେଲା ଯେ ମ୍ୟାନେଜରଙ୍କ ଧର୍ମପତ୍ନୀ ଡି. ଜି. ଏମ୍.ଙ୍କୁ ରିପ୍ରେଜେଣ୍ଟେ-ସନ୍ କରି ତାଙ୍କ ସ୍ୱାମୀଙ୍କର ଟ୍ରାନ୍‌ସଫର ତାଙ୍କ ସହରକୁ କରିଛନ୍ତି, କାରଣ ମ୍ୟାନେଜର ସ୍ତ୍ରୀଙ୍କ ପାଖରେ ରହିବାକୁ ଭଲ ପାଆନ୍ତି ନାହିଁ । ତେଣୁ ମ୍ୟାନେଜର ସେହି ସହରକୁ ଯିବେ କି ନାହିଁ ତାହା ଦେଖିବା କଥା । ଉଦ୍ଦେଶ କଥା ଶୁଣି ଶ୍ରୀନିବାସ ନିଜ ଟେବୁଲ୍ ପାଖକୁ ଚାଲିଗଲା ।

× × × ×

କେହି ହସୁଥିବା କି କାନ୍ଦୁଥିବା ଦେଖିଲେ ଶ୍ରୀନିବାସ ମୁଗ୍ଧ ହୋଇ ସେ ଆଡ଼କୁ ଚାହିଁ ରହେ, କିଛି ଅତ୍ୟନ୍ତ ଆଶ୍ଚର୍ଯ୍ୟକର କଥା ଘଟୁଥିବା ପରି ତାକୁ ଜଣାପଡ଼େ, କାରଣ ସେ ନିଜେ ଭଲ ଭାବେ ହସି ପାରେ ନି କି କାନ୍ଦି ପାରେ ନାହିଁ । ହସ କି କାନ୍ଦର ପରିସ୍ଥିତି ଆସିଲେ ତା' ମନକୁ ଆପେ ଆପେ ସନ୍ଦେହ ଆସିଯାଏ, ହସିବା ବା କାନ୍ଦିବାର ଠିକ୍ ଭୁଲ୍ କଥା ନେଇ । ସେ ସେହି ସବୁ ପରିସ୍ଥିତିରେ ତେଣୁ ଗମ୍ଭୀର ରହିଯାଏ, ନ'ହେଲେ ଅତି ବେଶୀ ହେଲେ ଜୀବନ ନଥିବା ହସଟିଏ ହସିଦିଏ କି କାନ୍ଦିଲା ପରି ମୁହଁଟାକୁ ଅମିଡ଼ା କରିଦିଏ । ଶାରୀରିକ କାରଣ ଯୋଗୁ ସୃଷ୍ଟି ହେଉଥିବା ହସ ଓ କାନ୍ଦ ଏକଥାର ବ୍ୟତିକ୍ରମ, କିନ୍ତୁ ବୟସ ବଢ଼ିବା ସଙ୍ଗେ ସଙ୍ଗେ ଏପରି ହସକାନ୍ଦ ସୃଷ୍ଟି ହେବାର ସୁଯୋଗତ କମି ଯାଉଛି । ସେଥିପାଇଁ ଅନେକ ତାକୁ ପ୍ରଶଂସା କରିଛନ୍ତି, ଅନେକ ତା' ଆଡ଼କୁ ଆଶ୍ଚର୍ଯ୍ୟ ହୋଇ ଚାହିଁଛନ୍ତି । ତାକୁ ଏହାର କାରଣ ପଚାରିଲେ, ପିଲାଦିନେ ହସ, କାନ୍ଦ, ମୁଣ୍ଡଲଢ଼ା ପ୍ରଭୃତି ତାକୁ ଉପଯୁକ୍ତ ଭାବେ ଶିକ୍ଷା ଦିଆ ଯାଇନାହିଁ ବୋଲି ସେ କହେ ଏବଂ ତା' ଉତ୍ତର ଶୁଣି ଅନେକ ଲୋକ ତା'ର ବହୁ ବହି ପଢ଼ା ସହ ଏହିପରି ଉତ୍ତରକୁ ଯୋଡ଼ି ଦେଇଥାନ୍ତି । ବ୍ୟାଙ୍କ୍‌ର କେହି ବନ୍ଧୁ କି ବ୍ୟାଙ୍କ୍‌ର କେହି କଷ୍ଟୋମର ହସିବାକୁ, କାନ୍ଦିବାକୁ, ମୁଣ୍ଡ ଲଢ଼ିବାକୁ ମଣିଷକୁ ଶିଖାଯାଏ, ଏକଥା ଯେପରି ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି । ଶ୍ରୀନିବାସ କଥାରେ ତା'ର ନିକଟତମ ବନ୍ଧୁମାନେ ମଧ୍ୟ ହସି ଉଠନ୍ତି, ଆଉ ଠିକ୍ ସେତିକିବେଳେ ସେ ଗମ୍ଭୀର ହୋଇଯାଏ ।

ସେଇଥିପାଇଁ କେହି ପ୍ରାଣଖୋଲା ହସ ହସିଲେ କି କାନ୍ଦିଲେ ସେ ତାକୁ ଦେଖିବାକୁ ଭଲପାଏ ସେପରି ଅବସ୍ଥାର ଫଟୋ ମିଳିଲେ ସେ ତାକୁ ସାଇତି ରଖିବାକୁ ଚେଷ୍ଟା କରେ । ଲାଲବାହାଦୁର ଶାସ୍ତ୍ରୀଙ୍କ ମୃତ୍ୟୁରେ ତାଙ୍କର ଶବକୁ ଜୁଣ୍ଟାଇ ଲଳିତା ଦେବୀଙ୍କର କ୍ରନ୍ଦନରତ ଅବସ୍ଥାର ଫଟୋକୁ ସେ ଡ୍ରଇଁ ରୁମ୍ କାନ୍ଥରେ ଝୁଲାଇ

ରଖିଛି । ସେ ଫଟୋକୁ ଚାହିଁ ସେ କିଛି କଥା ବୁଝିବାକୁ ଚେଷ୍ଟା କରେ । ବେଳେ ବେଳେ ଫଟୋକୁ ଚାହିଁ ସେ ମନକୁ ମନ କହିଛି, "କି ଦୃଢ଼ ବିଶ୍ୱାସ ସେମାନଙ୍କର, ସେଇଥିପାଇଁ ସେମାନେ ଏପରି କାନ୍ଦି ପାରିଲେ ।" ଗାନ୍ଧିଜୀଙ୍କର ଦୁଇ ତିନୋଟି ଦାନ୍ତ ଦିଶୁଥିବା ହସର ଫଟୋ ମଧ୍ୟ ତା'ର ଡ୍ରଇଁ ରୁମ୍‌ରେ ଅମୂଲ୍ୟ ସମ୍ପଦ । ଏବେ ଆଲିଗଡ଼ ଗଣ୍ଡଗୋଳ ପରେ ଜଣେ ଭାଇ ଆଉ ଜଣେ ଭାଇକୁ ପ୍ରବୋଧୁଥିବା ଦୃଶ୍ୟ ସେ ସଂଗ୍ରହ କରି, କାଚ ବନ୍ଧାଇ, କାନ୍ଥରେ ଝୁଲାଇ ଦେଇଛି ।

ପିଲାଦିନେ ଥରେ ଗୋଟାଏ ସ୍ତ୍ରୀ ଲୋକ ତା'ର ପିଉସୀ ନାନିକୁ ପ୍ରଥମ କରି ଶାଶୁଘରକୁ ଯିବା ପାଇଁ ବିଦାୟ ଦେଉଥିଲେ । ଶ୍ରୀନିବାସର ଦୂର ସଂପର୍କୀୟ ପିଉସୀ ଗୋବିନ୍ଦପୁର ଶାସନର । ପିଉସୀଟି ଅଳଙ୍କାର ପତ୍ରରେ ଲଦି ହୋଇଥାଏ, ବନାରସୀ ପାଟ ପିନ୍ଧିଥାଏ, ବନାରସୀ ଶାଢ଼ୀଟିଏ ଘୋଡ଼ାଇ ହୋଇଥାଏ ମଧ୍ୟ । ତା' ପାଇଁ ଦାଣ୍ଡରେ ବଳଦ ଗାଡ଼ି ସଜା ହୋଇ ରହିଥାଏ । ଜିନିଷପତ୍ର ଲଦା ହୋଇ ଆଉ ଦୁଇଟି ଶଗଡ଼ ପଛରେ । ମନଲାଖି ଜ୍ୱାଁଇ ମିଳିଛି ବୋଲି ସମସ୍ତଙ୍କ ମନ ଖୁସି । ଗୋହିରୀ ପାର ହୋଇ ଖଣ୍ଡେ ବାଟ ଗଲେ ପିଉସୀର ଶାଶୂଘର ଶାସନ । ଆମ୍ବଦିନେ ଆମ୍ବ ଝଡ଼ାଇବାକୁ ସେହି ଶାସନ ତୋଟାକୁ ପିଲାମାନେ ଯାଆନ୍ତି । ଦାସ କାଠିଆ ହେଲେ ତ ସେହି ଶାସନରେ ଲୋକଙ୍କ ରାତି କଟେ । ଗାଁର ସ୍ତ୍ରୀଲୋକମାନେ ପିଉସୀନାନିକୁ ଧରି ବାହୁନି ବାହୁନି କାନ୍ଦୁ ଥାଆନ୍ତି, ବାହାରୁ ଯେତେ ଡକରା ଆସିଲେ ବି ତାକୁ ଛାଡୁ ନଥାନ୍ତି । ଓଢ଼ଣା ଟେକି ପିଉସୀ ମୁହଁ କୁ ଚାହିଁ ଦେଇ କାନ୍ଦିବା ଆରମ୍ଭ କରି ଦେଉଥାଆନ୍ତି । ତା' ପିଠିକୁ ଆଉଁସି ପକାଇ ଲହରେଇ ଲହରେଇ କାନ୍ଦୁ-ଥାଆନ୍ତି । ପିଉସୀ ମଧ୍ୟ କାନ୍ଦୁଥାଏ । ହଠାତ ଜଣେ ବୟସ୍କା ସ୍ତ୍ରୀଲୋକ ଅନ୍ୟମାନଙ୍କୁ ଠେଲି ପେଲି ସେ ଗହଳି ଭିତରକୁ ପଶି ଆସିଲେ ଓ ପିଉସୀ ମୁହଁରୁ ଶାଢ଼ୀ ଟେକି ଦେଇ ତା ମୁହଁକୁ ଚାହିଁ କାନ୍ଦିବାକୁ ଆରମ୍ଭ କଲେ । ସମସ୍ତେ ଆସିବା ପରେ ସେ କିପରି କାନ୍ଦିବେ ତା ଦେଖିବାକୁ ଯେପରି ରହି ବସିଥିଲେ । ସେ କାନ୍ଦିବା ପରେ ପରେ ଅନ୍ୟମାନେ ତାଙ୍କ ପାଳି ଧରିଲେ । ତାଙ୍କ କାନ୍ଦିବା ବାହୁନିବାରେ କିଛି ନୂତନତା ଦେବା ପାଇଁ ବୋଧେ ସେ ଶ୍ରୀନିବାସକୁ ଗୋଟାଏ ହାତରେ ଜାବୁଡ଼ି ଧରି କାନ୍ଦିଲେ, "ଆଲୋ ଶଶୀ, ଆଉ ତୁ ମୋ ଶିନୀକୁ ଦେଖିବୁ କିଲୋ, ଛାତିକୁ କିପରି ପଥର କରି ଆମ ସମସ୍ତଙ୍କୁ ଭୁଲି ଯିବୁଲୋ, ଶିନୀକୁ ତୁ ଭୁଲି ଯିବୁ ଲୋ, ମୋର ଧନ ଲୋ, ଗେଲମଣିଲୋ, ସାତସମୁଦ୍ର ପାର ହୋଇ କେଉଁ ରାଇଜକୁ ଯିବୁ ଭାରିଲୋ......" ! ବୟସ୍କା ମହିଳାଙ୍କ ଭାବ ଏତେ ଟାଣ ବୋଲି ଶ୍ରୀନିବାସ ଜାଣି ପାରି ନଥିଲା । ହାତ ଝିଙ୍କୁ ଝିଙ୍କୁ ତା'ନାମ ନେଇ ବାହୁନିବାରେ ସେ ଠୋ ଠୋ ହୋଇ ହସି ଉଠିଲା । ମୂଳରୁ ତାକୁ ହସ ଲାଗୁଥିଲା ସତ, କିନ୍ତୁ ସେ ସମସ୍ତଙ୍କ କାନ୍ଦ ଦେଖି ନିଜକୁ ଚପାଇ ରଖିଥିଲା । ଶେଷରେ ସେ ଆଉ ସଂଭାଳି ପାରିଲା ନାହିଁ । କିନ୍ତୁ ତା' ହସ ବାହାରୁ ବାହାରୁ ତିନ୍ତୁଳିଆ ଚିହ୍ନାକୁ ଲୁଗାରୁ ଫୋପାଡ଼ିବା ପରି ବୟସ୍କା ମହିଳା ଜଣକ ତାକୁ ଠେଲିଦେଲେ ଓ ସେହି ସମୟରେ ଗୋଟିଏ ଖଣ୍ଡ ଆସି ଜାବ ପରି ଲୋମଶ ହାତର ଜାବରେ ପଡ଼ି ସେ ପୂରା ଦାଣ୍ଡ ପଟଯାଏ ଚାଲି ଆସିଲା । "ତୋତେ ମଜା ଲାଗୁଛି ନାଁ, ମୋ ଝିଅ ଶାଶୁଘର ଯାଉଛି, ସମସ୍ତେ କାନ୍ଦୁଛନ୍ତି, ତୁ ହସୁଛୁ ! ରାକ୍ଷସ କାହିଁକା ।" ଶ୍ରୀନିବାସ ତା'ପରେ ସତରେ କାନ୍ଦିଥିଲା, କାରଣ ମାଡ଼ଟା କେବଳ ଗାଲରେ ନୁହଁ କାନର କିଛି ଅଂଶରେ ଖୁବ୍ ଜୋରରେ ବାଜିଥିଲା । ଆଉ ତା' ସାଙ୍ଗକୁ ସମସ୍ତଙ୍କ ଆଗରେ ରାକ୍ଷସ ବୋଲି ଗାଳି !

ଏକଥା ଶ୍ରୀନିବାସ ହୁଏତ ଭୁଲି ଯାଇଥାଆନ୍ତା, ଯଦି ଏପରି ଘଟଣା ପରେ, ପୁଣି ଆଉ ଏକ ଦୁର୍ଘଟଣା ଜଣେ ଅତ୍ୟନ୍ତ ପ୍ରିୟ ଲୋକଙ୍କୁ କେନ୍ଦ୍ର କରି ଘଟି ନଥାଆନ୍ତା । ତାଙ୍କ ଘରେ ଆଉ ଯାହା ତରକାରୀ ହେଉ ନହେଉ ଡ଼ାଲିଟା ହୁଏ, ଆଉ ଡ଼ାଲିଟା ମା ଖୁବ୍ ବଢ଼ିଆ ରାନ୍ଧନ୍ତି ! ବାଗେଇ କରି ରାନ୍ଧିଲେ ପଥରା ବିରିର ମୁଗଯାଇ ଡ଼ାଲିରେ ମିଶିଯାଏ, ବାଡ଼ିର ସଜ ବାଇଗଣ ସାଙ୍ଗକୁ ସଜ ଛଚ୍ଛି ପଡ଼ିଥାଏ, ତହିଁକୁ ମା' ଙ୍କର ବଘରା ବାସ୍ନା— ଘଣ୍ଟାଏ ପରେ ବି ଡ଼ାଲିରେ ସେହି ବାସ୍ନା ଲାଗି ରହିଥାଏ । ସେଦିନ ଶ୍ରୀନିବାସର ନନା ସହରରୁ ଗାଁକୁ ଆସି ଥାଆନ୍ତି । ମୁରୁଜରେ ଠା'ହୋଇ ସେ ଖାଇ ବସିଥାନ୍ତି, ତାଙ୍କ ଆଗରେ ବାପା, ବାପାଙ୍କ ପାଖରେ ଶ୍ରୀନିବାସ । ବଡ଼ୁଘର ହୋଇ ନଥିବାରୁ ସେ ବାପାଙ୍କ ସଙ୍ଗେ ଖାଇବାର ଅଧିକାର ପାଇଥାଏ । ଥାଳିର ଗୋଟିଏ ପଟୁ ବାପା, ଗୋଟିଏ ପଟୁ ସେ । ବାପା ଓ ନନା ଖାଉ ଖାଉ ଜମିଜମା ନେଇ କଣ କଥାବାର୍ତ୍ତା ହେଉଥାଆନ୍ତି । ମା' ହାଣ୍ଡିଶାଳେ ବସି ଢୁଳାଉ ଢୁଳାଉ ଆଉ କିଏ କ'ଣ ମାଗିବ ବୋଲି ଅପେକ୍ଷା କରିଥାନ୍ତି । ବାପା, ନନା ଓ ଶ୍ରୀନିବାସର ପ୍ରଚଣ୍ଡ ଡ଼ାଲି ହାପୁରାରେ ତାଙ୍କର ଘୁମ ମଝିରେ ମଝିରେ ଭାଙ୍ଗି ଯାଉଥାଏ । ହଠାତ୍ ବାପା ମା'ଙ୍କୁ ଡ଼ାଲିରେ ପଡ଼ିଥିବା ଲଙ୍କାଟିଏ ମାଗିଲେ । ଶ୍ରୀନିବାସ ପ୍ରମାଦ ଗଣିଲା । ବାପା ମରିଚ ମଂଥି ଦେବା ପରେ ଡ଼ାଲିଟା ରାଗ କରିବ, ତା' ହାପୁରା ମଜା ଚାଲିଯିବ । କିନ୍ତୁ ସେ କିଛି କହିଲାନି । ମା' କିଛି ଡ଼ାଲି ଓ ଡ଼ାଲିରେ ପଡ଼ିଥିବା ଲଙ୍କାଟିଏ ଆଣି ବାପାଙ୍କ ଥାଳିଆରେ ପକାଇ ଦେଲେ । ବାପା ତାଙ୍କର ମୋଟା ବୁଢ଼ା ଓ ବିଶି ଆଙ୍ଗୁଠିରେ ଲଙ୍କାଟିକୁ ଡ଼ାଲିରେ ମଂଥିବାକୁ ଲାଗିଲେ । ମଂଥୁ ମଂଥୁ ସେ ଚିତ୍କାର କରି ଉଠିଲେ । ଶ୍ରୀନିବାସର ନନାଙ୍କ ନାମ ସହ ବୋଉ ପଦକୁ ମିଶାଇ । ସେତେବେଳେ ସେ ଆଖିଟାକୁ ଚିପିଧରି ଥାଆନ୍ତି ଓ "ଆହା, ଆହା, ଉହୁ, ଉହୁ"ରେ ଘର କଂପାଇ-ଥାନ୍ତି । ମା ହାଣ୍ଡିଶାଳୁ ଦଉଡ଼ି ଆସିଲେ, ବୋଉ ଶୋଇବା ଘରୁ । ନନା ଖାଇବା ଜାଗାରୁ ଉଠି ଠିଆ ହୋଇ ପଡ଼ିଲେ । ପିଢ଼ା ଛାଡ଼ି କିନ୍ତୁ ସେ ଆସି ପାରୁ ନଥାନ୍ତି, ଚଳୁ କଲା ଖାଦ୍ୟ ନଷ୍ଟ ହୋଇଯିବ । ବାପାଙ୍କ "ଉଃ ଆଃ" କ୍ରମଶଃ "ମରିଚ ପାଣି ଆଖିରେ ପଡ଼ିଗଲାରେ" ବାକ୍ୟର ରୂପ ଧାରଣ କଲା । ପିଢ଼ା ଉପରୁ ପୁଷ୍ଟି ନଥିବା ନନା ସେହି ସମୟରେ ଉଠି ଆସି ଶ୍ରୀନିବାସକୁ

ଅଇଁଠା ହାତରେ ଚଟକଣିଟିଏ ମାରି ତାକୁ ହସ ବନ୍ଦ କରିବାକୁ କହିଲେ । ନନାଙ୍କଠୁ ମାଡ଼ ଖାଇ ଶ୍ରୀନିବାସ ଚୁପ୍ ହୋଇଗଲା । ତା'ପରେ ବାପା ଆଖି ଧୋଇ କ୍ଷିର ପିଇ ଶେଯକୁ ଯାଇ ଶୋଇଲେ । ମାଡ଼ ଖାଇ ତାଙ୍କ ଆଗରୁ ଶ୍ରୀନିବାସ ଶେଯକୁ ଚାଲି ଯାଇଥିଲା । ଶେଯରେ ଶୋଇ ସେ କାହିଁକି ହସିଥିଲା ବୋଲି ଭାବୁ ଭାବୁ ତାକୁ ନିଦ ଲାଗି ଯାଇଥିଲା । ସେତିକିବେଳେ ତା'ର ଯାହା ମନେ ପଡ଼ିଥିଲା, ବାପାଙ୍କ ଚିତ୍କାରରେ ନନା ପିଢ଼ା ଉପରେ ଠିଆ ହୋଇ ପଡ଼ୁ ପଡ଼ୁ ନିଜେ ମୁରୁକେଇ ହସିବାକୁ ଆରମ୍ଭ କରିଥିଲେ ।

ବାପାଙ୍କୁ ଶ୍ରୀନିବାସ ଖୁବ୍ ସୁଖ ପାଏ । ତେଣୁ ତାଙ୍କୁ କଷ୍ଟ ହେଲା ବେଳେ ସେ କିପରି ହସି ପାରିଥିଲା ସେହି ଅପରାଧ ବୋଧ ବହୁତ ଦିନଯାଏଁ ତାକୁ ଆଚ୍ଛନ୍ନ କରି ରଖିଥିଲା । ଏହିପରି ପରିସ୍ଥିତିରେ ପଡ଼ି ସେ ଆଉ ନହସି ସବୁ "ହାସ୍ୟକର" ପରିସ୍ଥିତିରେ ଗମ୍ଭୀର ହୋଇ ରହିବା ଠିକ୍ ବୋଲି ଭାବିଲା ।

ବୋଉକୁ ଖୋଜି ଖୋଜି ସେ ଥରେ ଅଜାଙ୍କ ଘର ବାଡ଼ିପଟ ବାରଣ୍ଡାରେ ପହଞ୍ଚିଗଲା । ଛୁଟିରେ ସେମାନେ ଅଜାଘର ଯାଇଥିଲେ । ସେହି ସମୟରେ ଚାରି ପାଞ୍ଚଜଣ ସ୍ତ୍ରୀଲୋକ ସେଠି ଗୁଣ୍ଡ ହୋଇ ଉଚ୍ଚ କଣ୍ଠରେ ହସୁଥିଲେ ଓ ଥଟ୍ଟା ତାମସା ହେଉଥିଲେ । ଜଣେ କେହି ସ୍ତ୍ରୀ ଲୋକ ଅନ୍ୟ ଜଣକୁ ଆଲିଙ୍ଗନ କରି ଦେବାପରେ ଅନ୍ୟମାନେ ହସୁଥିଲେ ଓ ତାଙ୍କୁ ସେହି କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରୁଥିଲେ । ସେହି ସମୟରେ ହୃଷ୍ଟ ପୁଷ୍ଟ ସ୍ତ୍ରୀ ଲୋକ ଜଣେ ହାତକୁ ପ୍ରସାରି ତା'ର ବୋଉକୁ ଜାବୁଡ଼ି ଧରି ଗେଲ କରିବାକୁ ଲାଗିଲା । ସମସ୍ତେ ହୋ ହୋ ହୋଇ ହସୁଥାଆନ୍ତି, କିନ୍ତୁ ଶ୍ରୀନିବାସ ସେମାନଙ୍କ କାର୍ଯ୍ୟ ଦେଖି ଡିର ଡିରେଇ କାନ୍ଦି କାନ୍ଦି ବାଣ୍ଡପଟକୁ ଚାଲିଗଲା । "ଯାଃ ଚାଲିଯା, ତୁ ଏଠି କଣ କରୁଛୁ" ବୋଲି ବୋଉର ଭର୍ତ୍ସନା ତାକୁ ଚାବୁକ ମାଡ଼ ପରି ଲାଗିଥିଲା । ସେଦିନ ରାତିରେ ବୋଉ ପାଖରେ ଶୋଇବାକୁ ତା'ର ଇଚ୍ଛା ହୋଇ ନଥିଲା ।

କେବଳ ହସ କାନ୍ଦ ନୁହେଁ, ମୁଣ୍ଡ ଟୁଙ୍ଗାରିବା ମଧ୍ୟ ବିପଜ୍ଜନକ କାର୍ଯ୍ୟ ବୋଲି ଶ୍ରୀନିବାସ ଭାବେ । ତେଣୁ ସେ କାମ ପଡ଼ିଲେ ପରିଷ୍କାର କରି "ହଁ" କି "ନାହିଁ" କୁହେ, କେବେ ମୁଣ୍ଡ ଲାଡ଼େନି । ଦିନେ ମାମୁଁ ଗ୍ରାମୋଫୋନଟିଏ କେଉଁଠୁ ମାଗି ଆଣି ପିଣ୍ଡାରେ ବଜାଉଥିଲେ । ହିନ୍ଦି ରେକର୍ଡ ଶୁଣିବା ପାଇଁ ସାହାରୁ ବହୁ ଲୋକ ଉଠି ଆସି ବାରଣ୍ଡାରେ ଜମା ହୋଇଥିଲେ । ସାଇଗଲ୍‌ଙ୍କ କୌଣସି ଗୀତର ରେକର୍ଡ ବଜା ଯାଉଥାଏ । ଶ୍ରୀନିବାସ ଶାରେ ଦେଖିଥିଲା, ଉଇ ଗୀତ ହେଲେ ଲୋକ ଖୁସିରେ ମୁଣ୍ଡ ଲାଡୁଥିଲେ । ବହୁବାର ସେ କଥା ଦେଖି-ଦେଖି ସେଥର ସାଇଗେଲଙ୍କ ଗୀତ ଶୁଣିବା ବେଳେ ସେ ମୁଣ୍ଡ ଲାଡ଼ିବାକୁ ଲାଗିଲା । ସେ ଆଖି ବୁଜି ଧୀରେ ଧୀରେ ମୁଣ୍ଡ ଲାଡୁଛି । ଗ୍ରାମୋଫୋନଠୁ ଟିକିଏ ଦୂରରେ ବସିଥିବା ମାମୁଁଙ୍କ ଜଣେ ବନ୍ଧୁ ମାମୁଁଙ୍କ ସହ କଥା ହେବାକୁ ଆରମ୍ଭ କଲେ—ଆରେ ରାମୁଡୁ, ତୋ ଭଣଜା ଗ୍ରାମୋଫୋନ ଉପରେ ପଡ଼ିଯିବରେ, ଦୁଳାଉଛି । କଥାଟା ଏପରି କୁହାଯାଇଥିଲା ଯେ ଶ୍ରୀନିବାସ ପାଇଁ ଆଖି ଫିଟାଇବା ଓ ମୁଣ୍ଡ ଲଢ଼ା ବନ୍ଦ କରିବା ଅସମ୍ଭବ ହୋଇ ଗଲା । ତେଣୁ ଆଉ ଉପାୟ ନଦେଖି ଶ୍ରୀନିବାସ ସତରେ ଦୁଳାଇବା ପରି ମୁଣ୍ଡ ହଲାଇବାକୁ ଲାଗିଲା । ଶେଷରେ ତାକୁ ଜଣେ ହାତ ଧରି ଉଠାଇ ନେଇ ଉପରେ ଶୁଆଇ-ଦେଲା । ସେ ଜାଣିଲା, ତା' ଦ୍ୱାରାରେ ମାମୁଁଙ୍କ ରାଗଡ଼ି ବନ୍ଧୁ ଯାଇ ବସିଗଲେ । ମନ ଦୁଃଖରେ ଉପର ଘରେ ଗୀତ ଶୁଣୁ ଶୁଣୁ ସେ ଶୋଇ ପଡ଼ିଲା ।

ହସ କାନ୍ଦ ପରି ମୁଣ୍ଡ ଲଢ଼ିବା ମଧ୍ୟ ବିପଜ୍ଜନକ କଥା । ସେ ତେଣୁ ତିନୋଟିଯାକ କଥା ପ୍ରତି ସାବଧାନ । କିନ୍ତୁ ସବୁବେଳେ ସାବଧାନ ରହି ହୁଏନା । ଆଜି ସେ ଅଫିସରେ ଅସାବଧାନ ହୋଇ ଯାଇଥିବା ହେତୁ ଅସୁବିଧାଜନକ ପରିସ୍ଥିତିରେ ପଡ଼ିଥିଲା ଓ ଉଦ୍ଧତଙ୍କଠୁ ଗାଳି ଶୁଣିଥିଲା ।

× × × ×

ଘରେ ତା'ର ଗମ୍ଭୀର ମୁହଁ ଦେଖି ତା'ର ହସକୁରି ଝିଅ ଦୁଇ ଜଣ ବୋଉକୁ ବଡ଼ ପାଟିରେ ଡାକି ସାବଧାନ କରିଦେଲେ—"ବୋଉ, ନନା ଆଜି ରାଗିଛନ୍ତି ।" ତା' ପରେ ସେମାନେ ଶ୍ରୀନିବାସକୁ ପଚାରିଲେ—"ନନା ତୁମେ ରାଗିଛ ?"

—"ନାଇଁତ ।"

—"ତା'ହେଲେ ହସିଲ ଟିକିଏ ।"

—"କୋଣସି ସର୍ତ୍ତ ନାହିଁତ ?"

ଝିଅମାନେ ଶ୍ରୀନିବାସର ଏପରି କଥା ସହ ପରିଚିତ ଥିଲେ । ଏକାବେଳେ ସେମାନଙ୍କ ପାଟିରୁ ବାହାରିଗଲା—"ହାଁ, ନିସର୍ତ୍ତକ ।"


ପରେ ପରେ ସମସ୍ତେ କହିଲେ—"ଆଜି କିଏ ଘରକୁ ଆସୁଛି ।"

ଶ୍ରୀନିବାସର ମୁହଁରେ ହସ ଖେଳି ଗଲା ।

ଦର୍ଶନ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ।

# ଆମେ ଖର ରୋଜଗାର ର ସାଧନ କୁ ଫୋପାଡ଼ି ଦେଉଛୁ-

## ଅର୍ଥାତ ଖର ଭିକ୍ଷା ପାତ୍ର!



ଅମ ସହର ଦେଖା ହେବା ପରଠୁ, ଶବ ଟେନଲଟେବେଳ ଏହା ପାଇ ଥିବା ପଇସା ଗୋଟେଇ ସେ କୃତାର୍ଥ ହୋଇ ଯାଉ ଥିଲା ଓ ତାର କ୍ଷୁଧା ମେଣ୍ଟାଇ ଥିଲା ।

### ସେ ନିଜ ପାଦରେ ଠିଆ ହେବାକୁ ଚାହେଁ ଭଗବାନ ତାଙ୍କୁ ସାହାଯ୍ୟ କରନ୍ତୁ

କଥାଟି ସତ । ଯେବେ ଭିକାରୀ ପଦ ପାଦେ ଅଗେଇ ଆସିବାକୁ ଚେଷ୍ଟା କରେ ତାହେଲେ ଅନ୍ୟ ମାନେ ତାଠାରୁ ଢେର ପାଦ ପଛେଇ ଯାନ୍ତି···

କାରଣ କାଳେ ତାଙ୍କ ଦେହରେ ତାର ଛାଇ ବା ତାର ଛୁଆଁ ଲାଗିଯିବ!

### ଅସହାୟ ଦୁର୍ଭାଗାଦଳ

ଘର ଦ୍ୱାର ନ ଥିବା ବାଉଳ, ଫୁଟପାଥରେ ରହୁ ଥିବା ଲୋକେ, ଅସ୍ପୃଶ୍ୟ, ବସ୍ତିବାସୀ···ଆମ ଦେଶର ଏଭଳି ୨୪ କୋଟି ୮୦ ଲକ୍ଷ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ରହୁଛନ୍ତି ।

### ଆମେ ତାଙ୍କ ପାଇଁ କଣ କରୁଛୁ

ପଢନ୍ତୁ ଏହିଭଳି ଲୋକ, ଦରିଦ୍ରଙ୍କ ମଧ୍ୟରୁ ଦେଶରେ ଆମ ସାମାଜିକ-ଆର୍ଥିକ ସାହାଯ୍ୟ ପାଉଛନ୍ତି···ନିଜ ଛୋଟ ବ୍ୟବସାୟ ଆରମ୍ଭ କରିବା ପାଇଁ, ଘର ତିଆରି କରିବା ପାଇଁ, ବଳଦ କିଣିବା ପାଇଁ···ସେମାନେ ଯେପରି ସମାଜ ସହିତ ଏକ ହୋଇପାରନ୍ତି, ସମାଜ ର ସହିତ ଜୀବନ ଯାପନ କରି ପାରନ୍ତି!

### ବ୍ୟାଙ୍କିଙ୍ଗ ର ଏକ ନୂଆ କଳ୍ପନା

ଷ୍ଟେଟ ବ୍ୟାଙ୍କର ଏହି ବିଶେଷ ଦୁର୍ବଳ ବର୍ଗଙ୍କୁ ସାହାଯ୍ୟ କରିବା ପାଇଁ ଏଭଳି ବିଶେଷ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ।

ସହର ର ବସ୍ତି ଅଂଚଳରେ ମଧ୍ୟ ବ୍ୟାଙ୍କ ଏଭଳି କଲ୍ୟାଣମୂଳକ କାର୍ଯ୍ୟରେ ସାହାଯ୍ୟ କରୁଛି । ସ୍କୁଲ, ଡାକ୍ତରଖାନା, ଜେଲଖାନା, ବିପଦଗ୍ରସ୍ତ ସେବା···ଆମ ପାଇଁ କୌଣସି କ୍ଷେତ୍ର ବର୍ଜିତ ନୁହେଁ···

### କୃଷିକ୍ଷେତ୍ର ଓ କୃଷକ

ଏହା ହେଉଛି ଏକମାତ୍ର ବ୍ୟାଙ୍କ, ଯାହାର ବିଶେଷ ଶାଖା ସବୁ କୃଷି ବିକାଶ ପାଇଁ କାର୍ଯ୍ୟରତ ରହିଛନ୍ତି । ଆଧୁନିକ କୃଷି ଯୋଜନା ତଥା କୃଷି ଗୋଷ୍ଠୀଙ୍କର ଦୈନନ୍ଦିନ କୃଷି ଆବଶ୍ୟକତା ପୂରଣ କରିବା ଦିଗରେ ଏହି ବିଶେଷ ଶାଖା ସବୁ ନିଜର ଅବଦାନ ଯୋଗାଇ ଦେଉଛନ୍ତି ।

### ସ୍ୱପ୍ନ ସାର୍ଥକ କରିବାର ଯୋଜନା

ଆପଣଙ୍କର ପୁଅର ବିଦେଶରେ ଶିକ୍ଷା; ସୁନ୍ଦର ଅବକାଶ ଗୃହ ସ୍ଥାପନ; ନିଜର ଘର; ଜୀବନରେ ଶାନ୍ତିରେ ରହିବା; ... ସ୍ୱାସ୍ଥ୍ୟ ଲାଭ, ଅଳ୍ପ ବହୁ ପୁଂଜିରେ ରହି ବହୁ କାରବାର ।

### ବିଶ୍ୱରେ ବୃହତ୍ତମ ବ୍ୟାଙ୍କିଙ୍ଗ ପ୍ରବନ୍ଧ

୫,୦୦୦ ରୁ ଅଧିକ କାର୍ଯ୍ୟାଳୟ ମାଧ୍ୟମରେ ବ୍ୟାଙ୍କ ସମ୍ପୃକ୍ତ ବିକାଶ ଯୋଜନାଗୁଡ଼ିକୁ ଦୂର ଦୂର ଅଞ୍ଚଳରେ ଅର୍ଥ ସାହାଯ୍ୟ ଦେଉଛି । ଆନ୍ତର୍ଜାତୀୟ ବ୍ୟାଙ୍କିଙ୍ଗ ଜଗତରେ ଭାରତକୁ ବିଶେଷ ସ୍ଥାନ ଦେଇଛି । ଆଜି ଦେଶରେ ଏହା ଅର୍ଜନ କରିଛି ଏକ ବିଶେଷ ଗୌରବ ।

ଆମର ଧର୍ମ ହେଉଛି ସେବା—
ସେବାର ଆଧାରରେ ନୁହେଁ, ଉଚିତ ଲକ୍ଷ୍ୟର ଦିଗରେ ।

**ଷ୍ଟେଟ ବ୍ୟାଙ୍କ**

**ଆସନ୍ତୁ, ମିଳିମିଶି ଆଗେଇ ଯିବା**

ସ୍ବ.୪୭୦୩

# ପ୍ରାକୃତିକ ସମ୍ପଦଭରା ଓଡ଼ିଶାରେ ଆମେ ଗରିବ କାହିଁକି ?

ପ୍ରଫେସର ଶି. କେ. ଜେନା

ଓଡ଼ିଶା ବିଭିନ୍ନ ପ୍ରାକୃତିକ ସଂପଦରେ ଭରା । ଏତେ ଅଳ୍ପ ଜାଗା ଭିତରେ ବହୁଳ ପରିମାଣରେ ଖଣିଜ, ବନ୍ୟ ଓ ସାମୁଦ୍ରିକ ସଂପଦ ମିଳିବା ପୃଥିବୀରେ ବିରଳ କହିଲେ ଅତ୍ୟୁକ୍ତି ହେବ ନାହିଁ । ବିଭିନ୍ନ ପ୍ରକାରର ଓ ବହୁଳ ପରିମାଣରେ ଖଣିଜ ପଦାର୍ଥ ମିଳୁଥିବାରୁ ଓଡ଼ିଶାକୁ ଭାରତର ଖଣିଜ ସଂପଦର ଗନ୍ତାଘର କୁହାଯାଏ । ଏଠାରେ କୋଇଲା, ଲୁହା ଓ ଚୁନ ପଥର, ବକସାଇଟ୍, ଡ଼ୋଲମାଇଟ୍, ଫାୟାର କ୍ଲେ, ମାଙ୍ଗାନିଜ ପଥର, କ୍ବାରଜାଇଟ୍, ସୀସା ପଥର ପ୍ରଭୃତି ବହୁଳ ପରିମାଣରେ ଗଚ୍ଛିତ ଅଛି । ଏହା ବ୍ୟତୀତ ଗ୍ରାଫାଇଟ୍, କାୟାନାଇଟ୍, ସିଲିମିନାଇଟ, ମୋନାଜାଇଟ୍ ମିଶ୍ରିତ ବାଲି, ଏଜ୍ ବେଷ୍ଟସ୍, ଅଭ୍ର, ବେରିଲ ପଥର, ଇଲମେନାଇଟ୍, ଜିରକୋନିୟମ୍ ଓ ଥୋରିୟମ ପ୍ରଭୃତି ଧାତବ ପଦାର୍ଥ ମଧ୍ୟ ମିଳେ । ଏହି ପ୍ରଦେଶର ସମଗ୍ର ଆୟତନର ପ୍ରାୟ ୪୨ ଭାଗ ଅଞ୍ଚଳ ଜଙ୍ଗଲରେ ପରିପୂର୍ଣ୍ଣ ଓ ଏହାର ୪୮୦ କିଲୋମିଟର ବ୍ୟାପି ସୁବିସ୍ତୀର୍ଣ୍ଣ ସମୁଦ୍ର ବେଳାଭୂମି ଅଛି । ଏହାର ନଦ, ନଦୀ ଓ ସମୁଦ୍ରରୁ ବହୁ ପରିମାଣରେ ମାଛ, ଚିଙ୍ଗୁଡ଼ି, କଙ୍କଡ଼ା, ଶାମୁକା ଇତ୍ୟାଦି, ଲୁଣ ଓ ବିଭିନ୍ନ ଲବଣ ଜାତୀୟ ରାସାୟନିକ ପଦାର୍ଥମାନ ମିଳିବା ସଙ୍ଗେ ସଙ୍ଗେ ଏହାର ବଣ, ଜଙ୍ଗଲରୁ ମୂଲ୍ୟବାନ କାଠ, କେନ୍ଦୁପତ୍ର, ଅଠା, ଫଳ, ଔଷଧି ଗଛ, ମଞ୍ଜି, ଡେରମୂଳ, ରେଶମ ଓ ସୁଗନ୍ଧି ତେଲ ମଧ୍ୟ ମିଳିଥାଏ ।

ଭାରତ ବର୍ଷର ପ୍ରାୟ ୯୦ ଭାଗ କ୍ରୋମାଇଟ୍ ଓ ଭେନାଡ଼ିୟମ ମିଶ୍ରିତ ଲୁହା ପଥର ଓ ପ୍ରାୟ ୧୦୦ ଭାଗ ନିକେଲ ଖଣିଜ ପଥର କେବଳ ଏହି ଓଡ଼ିଶାରୁ ହିଁ ମିଳିଥାଏ । ତାଳଚେର ଅଞ୍ଚଳରେ ବହୁଳ ପରିମାଣର ପଥର କୋଇଲା ମଧ୍ୟ ଗଚ୍ଛିତ ଅଛି । ଓଡ଼ିଶାର ଅନେକ ଅଞ୍ଚଳ ସମତଳ ଓ ଉର୍ବରା । ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଋଷିକୂଲ୍ୟା, ସୁବର୍ଣ୍ଣରେଖା ପ୍ରଭୃତି ଓ ତାହାର ଶାଖାନଦୀଗୁଡ଼ିକ ଏହି ପ୍ରଦେଶରେ ପ୍ରବାହିତ ହେଉଥିବାରୁ ପ୍ରଦେଶର କୃଷି ଜମି ଗୁଡ଼ିକରେ କୃଷି କରିବାରେ ଏହା ଅଧିକ ସାହାଯ୍ୟ କରି ଥାଆନ୍ତି । ଏହି ପ୍ରଦେଶର ଜଳବାୟୁ ଓ ମୃତ୍ତିକା ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାର ହୋଇଥିବାରୁ, ବର୍ଷର ସବୁ ସମୟରେ ବିଭିନ୍ନ ଧରଣର ଫସଲ ଆମଦାନୀ କରିବାର ସଂଭାବନା ମଧ୍ୟ ରହିଅଛି ।

ଏବଂବିଧ ପ୍ରାକୃତିକ ସଂପଦ ଗଚ୍ଛିତ ଥିବା ସତ୍ତ୍ବେ ଆଜି ଓଡ଼ିଶା ଅତି ଗରିବ । ଓଡ଼ିଶାର ୮୦ ଭାଗ ଲୋକ ଆଜି ଦାରିଦ୍ର୍ୟ ସୀମା ରେଖା ତଳେ ରହିଛନ୍ତି । ଆମର ଏ ଦାରିଦ୍ର୍ୟ ପାଇଁ ଓଡ଼ିଶାବାସୀ ହିଁ ବହୁଳ ପରିମାଣରେ ଦାୟୀ ।

ସମଗ୍ର ଓଡ଼ିଶାର ୧୩ଟି ଜିଲାରେ ପ୍ରାୟ ୩୪ ହଜାର ଗ୍ରାମ ଓ ୧୦୦ଟି ମାତ୍ର ସହର ଅଛି । ଏଥି ମଧ୍ୟରୁ ଶତକଡ଼ା ୪୫ ଭାଗ ଗ୍ରାମରେ ଆଦିବାସୀମାନେ ବସବାସ କରନ୍ତି । ଏମାନଙ୍କର ଶିକ୍ଷା ନାହିଁ କହିଲେ ଚଳେ । ପ୍ରତି ଗ୍ରାମରେ ଅତି ବେଶିରେ ଜଣେ କିମ୍ବା ଦୁଇଜଣ ଲୋକ ଲେଖାପଢ଼ା ଜାଣନ୍ତି । ଓଡ଼ିଶାର ସମଗ୍ର ଲୋକ ସଂଖ୍ୟାର ୪୦ ଭାଗରୁ ଅଧିକ ଲୋକ ଆଦିବାସୀ ଓ ହରିଜନ ଏବଂ ଏମାନଙ୍କର ଆର୍ଥିକ ଅବସ୍ଥା ବଡ଼ ଖରାପ । ଏମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ଉପରେ ଓଡ଼ିଶାର ଉନ୍ନତି ଓତଃପ୍ରୋତଭାବେ ଜଡ଼ିତ ।

ଓଡ଼ିଶାକୁ ଏକ ଗ୍ରାମ୍ୟ ପ୍ରଦେଶ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାର ପ୍ରାୟ ୯୦ ଭାଗରୁ ଅଧିକ ଲୋକ ଗ୍ରାମାଞ୍ଚଳରେ ବସବାସ କରନ୍ତି ଓ ୮୦ ଭାଗ ଲୋକ କୃଷି ବିଶେଷତଃ ଧାନଚାଷ କରି ଜୀବିକା ନିର୍ବାହ କରନ୍ତି । ପୁରାତନ ପ୍ରଣାଳୀରେ ଚାଷ, ଅନୁପଯୁକ୍ତ ସାର ଓ ବିହନ ବ୍ୟବହାର ଓ ଶସ୍ୟହାନି ପ୍ରଭୃତି ପାଇଁ ଚାଷୀର ଯଥେଷ୍ଟ ଜମି ଥାଇ ମଧ୍ୟ ତାହାର ଅବସ୍ଥା ସ୍ବଚ୍ଛଳ ନୁହେଁ । ଏସବୁରୁ ଆମ ଚାଷୀକୁଳକୁ ରକ୍ଷା କରିବାକୁ ହେଲେ ସେମାନଙ୍କୁ ନାନା ପ୍ରକାର ପରାମର୍ଶ ଦେଇ ଚିରାଚରିତ ପ୍ରଥାରୁ ଓହରି ଆସି ଉନ୍ନତ ଧରଣର ବିହନ,

ସାର ଓ ଚାଷ ପ୍ରଣାଳୀ ବ୍ୟବହାର କରି ବିଭିନ୍ନ ପ୍ରକାର ଫସଲ ବହୁଳ ପରିମାଣରେ ଉତ୍ପନ୍ନ କରାଯାଇ ପାରିବ ସେଥିପ୍ରତି ଦୃଷ୍ଟିଦେବା ହେଉଛି ସର୍ବାଦୌ କର୍ତ୍ତବ୍ୟ । ତତ୍ ସଙ୍ଗେ ସଙ୍ଗେ ସେହି ଫସଲଗୁଡ଼ିକ କିପରି ଭଲ ଭାବରେ ସଂରକ୍ଷଣ କରି ତଥା ଉଚିତ ସମୟରେ ବିକ୍ରୟ କରି କୃଷକ ଅଧିକ ଲାଭବାନ ହୋଇ ପାରିବ ତା' ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ହେବ । ଗ୍ରାମାଞ୍ଚଳରେ କୃଷିଭିତ୍ତିକ ଶିଳ୍ପାନୁଷ୍ଠାନ ଗଢ଼ି ଉଠିଲେ ସେମାନଙ୍କର ଆର୍ଥିକ ଅବସ୍ଥା ନିଶ୍ଚୟ ଅଧିକ ଉନ୍ନତ ହେବ । କୃଷି ବ୍ୟତୀତ ଗୋରୁ, ମହିଷି, ଛେଳି, ମେଣ୍ଢା, ଘୁଷୁରି ପ୍ରଭୃତି ପଶୁ ପାଳନ କରି ରାଜ୍ୟର ବିଭିନ୍ନ ସ୍ଥାନକୁ ଦୁଗ୍ଧ ଓ ଦୁଗ୍ଧଜାତ ପଦାର୍ଥ ଯୋଗାଣ, ମାଂସ, ଚମଡ଼ା ଓ ଚମଡ଼ାଜାତ ପଦାର୍ଥ ଯୋଗାଣ ଦ୍ୱାରା ସେମାନେ ବହୁତ ଲାଭବାନ ହୋଇ ପାରିବେ । ସେହିପରି ଗ୍ରାମମାନଙ୍କରେ ବହୁତ ପୁଷ୍କରିଣୀ ଖୋଳାଇ ଉନ୍ନତ ଧରଣର ମାଛ ଚାଷ କରି ଅଳ୍ପ ପରିଶ୍ରମ ଓ ଖର୍ଚ୍ଚରେ ଅଧିକ ଲାଭ ମିଳି ପାରିବ । ସ୍ଥାନୀୟ କଂଚାମାଲ ଆଧାରିତ କ୍ଷୁଦ୍ର ଓ କୁଟୀର ଶିଳ୍ପମାନ ଗଢ଼ି ନିକଟତମ ସହରମାନଙ୍କୁ ସମବାୟ ମାଧ୍ୟମରେ ବିଭିନ୍ନ ପଦାର୍ଥ ପଠାଇ କୃଷକ ଓ ତାର ପରିବାର ଅଧିକ ଅର୍ଥ ଉପାର୍ଜ୍ଜନ କରି ପାରିବ ।

ସରକାର ଆଜିକାଲି ଗ୍ରାମାଞ୍ଚଳରେ ଅନେକ ଯୋଜନା ହାତକୁ ନେଉଛନ୍ତି ଓ ନାନା ପ୍ରକାର ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରୁଛନ୍ତି । କିନ୍ତୁ ଦୁଃଖର କଥା ଯେ ପ୍ରକୃତ କାର୍ଯ୍ୟକ୍ଷେତ୍ରରେ ବିଶେଷ କିଛି ସଫଳତା ହାସଲ କରାଯାଇ ପାରୁନାହିଁ । ତାର କାରଣ ହେଲା, ସାଧାରଣ ଲୋକଙ୍କର ଶିକ୍ଷା, ବୈଷୟିକ ଜ୍ଞାନ ଓ ବିଭିନ୍ନ ଯୋଜନାରେ ଲାଭ କ୍ଷତି ବିଷୟରେ ବିଶେଷ ଶିକ୍ଷା ବା ଧାରଣା ନାହିଁ । ତା'ଛଡ଼ା ଯେଉଁ ଲୋକମାନଙ୍କ ହାତରେ ଏସବୁର ଦାୟିତ୍ୱ ଅର୍ପଣ କରାଯାଉଛି ସେମାନଙ୍କର ପୂର୍ଣ୍ଣମାତ୍ରାରେ କର୍ତ୍ତବ୍ୟବୋଧ ଓ ସହଯୋଗର ଅଭାବ ପରିଲକ୍ଷିତ ହେଉଛି । ଯେକୌଣସି ଗୋଟାଏ ନିର୍ଦ୍ଦିଷ୍ଟ ଯୋଜନା ହାତକୁ ନିଆଗଲେ ତାହା ଠିକ୍ ସମୟରେ ଓ ସୁଚାରୁରୂପେ ସଂପୂର୍ଣ୍ଣ ହେବା ଉଚିତ ଓ ଅର୍ଥର ଉପଯୁକ୍ତ ବ୍ୟବହାର ହେବା ଉଚିତ ।

ଆମ ପ୍ରଦେଶରେ ଅନେକ ସମବାୟ ସମିତିମାନ ରହିଛି । ସମବାୟ ଯୋଜନାରେ ଯଦି ଫଳ ଚାଷ ଚିନି, ଗୁଡ଼ କାରଖାନା ବା ମାଛଚାଷ କରାଯାଏ ଓ ସେଠାକାର ସ୍ଥାନୀୟ ଅଧିବାସୀମାନଙ୍କୁ ମୂଳରୁ ସେଥିରେ ସଂଶ୍ଳିଷ୍ଟ କରାଯାଇ ସେହିମାନଙ୍କୁ ନେଇ ସମବାୟ ସମିତି-ମାନ ଗଢ଼ାଯାଏ ତେବେ ନିଶ୍ଚିତ ଭାବରେ ଏହି ସମବାୟ ସମିତିଗୁଡ଼ିକ ଭଲଭାବରେ ଚାଲନ୍ତା । ଅଧିକନ୍ତୁ ପ୍ରଥମରୁ ସେମାନଙ୍କୁ ନଗଦ ଟଙ୍କା ଆକାରରେ ସାହାଯ୍ୟ ନଦେଇ ଅର୍ଥ ବିନିମୟରେ ସେହି ଅନୁଷ୍ଠାନକୁ ଆବଶ୍ୟକୀୟ ସରଞ୍ଜାମ, ଯନ୍ତ୍ରପାତି, ସାର, ବିହନ ପ୍ରଭୃତି ଯୋଗାଇ ଦେଲେ ଉଦ୍ଦେଶ୍ୟ ଅଧିକ ସଫଳ ହେବ ।

ନିର୍ଦ୍ଦେଶକ, ଆଞ୍ଚଳିକ ଗବେଷଣାଗାର, ଭୁବନେଶ୍ୱର ଓ
ସଭ୍ୟ, ଓଡ଼ିଶା ରାଜ୍ୟ ଯୋଜନା ବୋର୍ଡ ।

ଆମ ଓଡ଼ିଶାରେ ରାସ୍ତାଘାଟ ଓ ଯାନବାହନ ଅତି କମ ଓ ତାହା ମଧ୍ୟ ବିଶେଷ ଉନ୍ନତ ଧରଣର ନୁହେଁ । ଚାଷୀ ଯାହା ବା ଉତ୍ପନ୍ନ କରୁଛି ତାହା ଦରକାର ଥିବା ଅଞ୍ଚଳକୁ ପଠାଇ ପାରୁନାହିଁ । ଏଣୁ ବଡ଼ ଧରଣର ହାଟ ବଜାର ଓ ସଂରକ୍ଷଣ କେନ୍ଦ୍ର ଏବଂ ବ୍ୟାଙ୍କମାନ ଗାଁ ଗହଳିଠାରୁ ବହୁତ ଦୂରରେ ନ ରହି ଗାଆଁମାନଙ୍କର ପେଣ୍ଠସ୍ଥାନମାନଙ୍କରେ ସ୍ଥାପନ କରିବା ଉଚିତ । ଏହାଦ୍ୱାରା ସହଜ ଓ ସୁଲଭ ଉପାୟରେ ଚାଷ ଦ୍ରବ୍ୟର ସଂରକ୍ଷଣ ଓ ବିକ୍ରି କରାଯାଇ ପାରିବା ସଙ୍ଗେ ସଙ୍ଗେ ଅଧିକ ନଷ୍ଟରୁ ମଧ୍ୟ ରକ୍ଷା ମିଳି ପାରିବ ।

ଓଡ଼ିଶାର ଜଙ୍ଗଲମାନଙ୍କରେ ଓ ଏହାର ପାର୍ଶ୍ୱବର୍ତ୍ତୀ ସ୍ଥାନମାନଙ୍କରେ ବହୁଳ ଆଦିବାସୀ ବସବାସ କରନ୍ତି । ସେସବୁ ଅଞ୍ଚଳରେ ଜଙ୍ଗଲଜାତ ଯଥା : କେନ୍ଦୁ ପତ୍ରରୁ ବିଡ଼ି ପ୍ରସ୍ତୁତି, ମହୁଚାଷ, ଫଳଚାଷ, ସୁଗନ୍ଧି ଓ ଭେଷଜ-ଗୁଣସଂପନ୍ନ ଉଦ୍ଭିଦର ଚାଷ, ବେତ ଓ ବାଉଁଶରୁ କୁଟୀର ଶିଳ୍ପ ପ୍ରସ୍ତୁତି ପ୍ରଭୃତି ବୈଷୟିକ ଶିକ୍ଷା ଦେଇ ଓ ସେମାନଙ୍କୁ ନେଇ ସେହି ଶିଳ୍ପଗୁଡ଼ିକ ବସାଇଲେ ସେମାନଙ୍କର ଜୀବନଧାରଣର ମାନ ବୃଦ୍ଧି କରାଯାଇ ପାରିବ । ସେହିପରି ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ମାଛ ଓ ଲୁଣ ମାରିବା, ଗଭୀର ସମୁଦ୍ରରୁ ମାଛ ମାରିବା, ନଡ଼ିଆ ଓ ଅଗର ପ୍ରଭୃତି ଚାଷ କରିବାର ବହୁତ ସୁବିଧା ସୁଯୋଗ ରହିଥିଲେ ମଧ୍ୟ ଏସବୁର ପ୍ରକୃତ ବିନିଯୋଗ ହୋଇ ପାରି ନାହିଁ ।

ଓଡ଼ିଶାରେ ବହୁଳ ପରିମାଣ ଖଣିଜ ପଦାର୍ଥ ଗଚ୍ଛିତ ଥାଇ ମଧ୍ୟ ସେ ତୁଳନାରେ ଧାତବ ଖଣିଜ, ରାସାୟନିକ ଓ ଯାନ୍ତ୍ରିକ ଶିଳ୍ପ କାରଖାନାମାନ ଖୁବ୍ କମ ରହିଅଛି । ଓଡ଼ିଶାରେ ଏସବୁ ଶିଳ୍ପର ପ୍ରସାର ବହୁଳ ପରିମାଣରେ କରାଯାଇ ଅଧିକ କର୍ମ ନିଯୁକ୍ତି କରାଯାଇ ପାରିବ । ଏସବୁ ଶିଳ୍ପର ବିକାଶ ପାଇଁ କାରିଗରି ଓ ବୈଷୟିକ ବିଦ୍ୟାର ଯେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏକଥା ସ୍ମରଣ ରଖିବା ଉଚିତ । ଯଦି ଆମର ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ସଂଭାବ୍ୟ ଯୋଜନା ତଥା ପରିକଳ୍ପନାମାନ ଦେଇ ନାନାପ୍ରକାର ଇନ୍‌ଫ୍ରାଷ୍ଟ୍ରକ୍‌ଚର (Infrastructure) ଓ ମାର୍କେଟିଂର ସୁବିଧା ଦିଆଯାଏ ସେମାନେ ନିଶ୍ଚୟ ଏଥିପ୍ରତି ଆଗ୍ରହାନ୍ୱିତ ହେବେ ଓ ତତ ସଙ୍ଗେ ସଙ୍ଗେ ଅନେକ ଛୋଟ ବଡ଼ ଶିଳ୍ପ ଗଢ଼ି ଉଠିବ ।

ଓଡ଼ିଶାର ଉନ୍ନତି ପାଇଁ ପ୍ରକୃତି ସମସ୍ତ ପ୍ରକାର ସୁବିଧା ଓ ସୁଯୋଗମାନ ଦେଇଛି କିନ୍ତୁ ଆମର ଚେଷ୍ଟା, ଅନୁରକ୍ତି, ସହଯୋଗ ଏବଂ କଠିନ ପରିଶ୍ରମହିଁ ଅଭାବ । ସାଧାରଣ ଜନତା ବିଶେଷ କରି ଶିକ୍ଷିତ ଜନସମାଜ ଓ ସରକାରଙ୍କର ଚେଷ୍ଟା ଓ ପରସ୍ପର ସହଯୋଗ ଫଳରେ ଏହି ପ୍ରଦେଶର ସାମାଜିକ ଓ ଆର୍ଥିକ ଉନ୍ନତି ଅବଶ୍ୟମ୍ଭାବୀ ।

# ଓଡ଼ିଶାରେ ଶକ୍ତି ଉପାସନା



ଡଃ ହରେଶଚନ୍ଦ୍ର ଦାସ

ଓଡ଼ିଶାର ପ୍ରାଚୀନ କଳିଙ୍ଗରେ ବହୁଧର୍ମ ଓ ସଭ୍ୟତାର ମିଶ୍ରଣ ଘଟିଛି । ଏହି ଭୂଖଣ୍ଡ ବହୁ ଆର୍ଯ୍ୟ ଓ ଅନାର୍ଯ୍ୟ ସଭ୍ୟତା ଓ ସଂସ୍କୃତିର ଏକ ଅଭିନବ ମିଳନ କ୍ଷେତ୍ର ରୂପେ ଯୁଗଯୁଗଧରି ପ୍ରତିଷ୍ଠା ଲାଭ କରିଆସିଛି । ହିନ୍ଦୁ, ବୌଦ୍ଧ ଓ ଜୈନ ସଂସ୍କୃତି ଓ ଶିଳ୍ପ ପରିପୁଷ୍ଟି ଲାଭ କରିଛି । ଏଥିପାଇଁ ଓଡ଼ିଶାବାସୀଙ୍କର ସାଂସ୍କୃତିକ ଜୀବନରେ ଜୀବନଚର୍ଯ୍ୟା, ଧର୍ମଚିନ୍ତା ଏବଂ ଶିଳ୍ପ ସଂସ୍କୃତିର ଏକ ଅଭିନବ ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ । ଭାରତର ଅନ୍ୟାନ୍ୟ ଅଞ୍ଚଳ ଯେତେବେଳେ ମୁସଲମାନମାନଙ୍କର ଘନ ଘନ ଆକ୍ରମଣରେ ଧ୍ୱସ୍ତ ବିଧ୍ୱସ୍ତ, ସେତେବେଳେ ଓଡ଼ିଶା ତାର ନିଜର ସାର୍ବଭୌମତ୍ୱ ରକ୍ଷାକରି ଶିଳ୍ପ ସଂସ୍କୃତିର ପରାକାଷ୍ଠା ଦେଖାଇ ପାରିଛି । ପ୍ରବଳ ପରାକ୍ରମୀ ରାଜା ମହାରାଜାମାନେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ସାମ୍ରାଜ୍ୟ ବିସ୍ତାର କରି କଳା, ଧର୍ମ ଓ ସଂସ୍କୃତିର ଅଭୂତପୂର୍ବ ଉନ୍ନତି ସାଧନ କରିଥିଲେ । ଏବେମଧ୍ୟ ପୁରୀ, ଭୁବନେଶ୍ୱର ଓ କୋଣାର୍କର ନଭସ୍ପର୍ଶୀ ମନ୍ଦିରମାଳା ଏବଂ ବିଭିନ୍ନ ଅଞ୍ଚଳରେ ସାନବଡ଼ ମନ୍ଦିରରାଜି ସେମାନଙ୍କ କୀର୍ତ୍ତିର ନିଦର୍ଶନରୂପେ ବିଦ୍ୟମାନ । ସେତେବେଳେ କଳିଙ୍ଗ ଯେ ମୁସଲମାନ ଆକ୍ରମଣରୁ ମୁକ୍ତଥିଲା ତାହା ନୁହେଁ ମାତ୍ର କଳିଙ୍ଗର ବିରାଟ ସାମରିକ ବାହିନୀ ଆଗରେ ମୁସଲମାନମାନଙ୍କର ଶକ୍ତି କ୍ଷୀଣ ହୋଇଯାଉଥିଲା । ଏହି ସୁବିସ୍ତୃତ କ୍ଷେତ୍ରରେ ଧର୍ମଚିନ୍ତା ଓ ଆଧ୍ୟାତ୍ମିକ ସାଧନା ଉତ୍କର୍ଷତା ଲାଭ କରିଥିଲା । ତେଣୁ ଏ ଅଞ୍ଚଳର ଲୋକମାନଙ୍କ ଜୀବନ ଧାରାରେ ଅନାର୍ଯ୍ୟ ପ୍ରବର୍ତ୍ତିତ ବିଭିନ୍ନ ଲୌକିକ ଧର୍ମ, ଶାସ୍ତ୍ରାନୁମୋଦିତ ହିନ୍ଦୁ ଧର୍ମ, ବୌଦ୍ଧ ଧର୍ମ ଓ ସାଧନା, ଜୈନଧର୍ମ, ଭକ୍ତିସିକ୍ତ ବୈଷ୍ଣବଧର୍ମ, ଶୈବ ଓ ଶାକ୍ତ ଧର୍ମର ପ୍ରଭାବ ପ୍ରତିକ୍ଷେତ୍ରରେ ଅନୁଭୂତ ହୁଏ ।

ଏ ଅଞ୍ଚଳରେ ଶାକ୍ତଧର୍ମ କେବେ ଏବଂ କିପରି ପ୍ରବେଶ କଲା ସଠିକ ଭାବରେ କହି ନହେଲେ ମଧ୍ୟ ଏହା ଯେ ଆଦିକାଳରୁ ଧର୍ମ ଜୀବନର ଏକ ବିଶିଷ୍ଟ ଅଂଶ ହୋଇ ରହିଛି ଏଥିରେ ସନ୍ଦେହ ନାହିଁ । ମନେହୁଏ ପ୍ରାକ୍-ଐତିହାସିକ ଯୁଗରୁ ଶାକ୍ତ ଓ ତନ୍ତ୍ରଧର୍ମର ପ୍ରଚଳନ ହୋଇଥିଲା । ପ୍ରାକ୍ ଐତିହାସିକ ଯୁଗର ଅବଶେଷ ଜିନିଷ ପ୍ରମାଣ ଦିଏ ଯେ ମହେଞ୍ଜୋଦାରୋ ଏବଂ ହରପ୍ପା ସଭ୍ୟତା କାଳରୁହିଁ ଶକ୍ତି ସାଧନା ଆରମ୍ଭ ହୋଇଛି । ବୈଦିକ ସଂସ୍କୃତି ପ୍ରଥମ ଅବସ୍ଥାରେ ବରୁଣ, ମିତ୍ର, ଇନ୍ଦ୍ର, ଅଗ୍ନି, ସୂର୍ଯ୍ୟ, ଉଷା, ପୃଥିବୀ ପ୍ରଭୃତି ଦେବ ଦେବୀଙ୍କୁ ପୂଜାକରି ସ୍ୱାତନ୍ତ୍ର୍ୟ ବଜାୟ ରଖିଥିଲେ ମଧ୍ୟ ପରବର୍ତ୍ତୀ କାଳରେ ଶାକ୍ତ ଓ ତାନ୍ତ୍ରିକ ଶକ୍ତିଦ୍ୱାରା ପ୍ରଭାବିତ ହୋଇଥିଲା ଏବଂ ଅଥର୍ବ ବେଦ ଯୁଗରେ ବୈଦିକ ଓ ତାନ୍ତ୍ରିକ ସଂସ୍କୃତିର ଏକ ଅପୂର୍ବ ମିଳନ ଘଟିଥିଲା । ପ୍ରତ୍ନତତ୍ତ୍ୱବିତ୍ ପ୍ରାକ୍-ଐତିହାସିକ ମହେଞ୍ଜୋଦାରର ପ୍ରତ୍ନତାତ୍ତ୍ୱିକ ଖନନ ଦ୍ୱାରା ମିଳିଥିବା ମୂର୍ତ୍ତି ଓ ଅନ୍ୟାନ୍ୟ ବିଷୟ ବିଶ୍ଳେଷଣ କରି ପ୍ରମାଣ କରିଅଛନ୍ତି ଯେ ସିନ୍ଧୁ ଉପତ୍ୟକା ସଭ୍ୟତାରେ ଶିବଶକ୍ତି ଉପାସନାର ପ୍ରଚଳନ ଥିଲା ।

"The objects unearthed at the pre-historic (circa 2750 B.C.) sites of the Indus valley prove the prevalence of the cults of the father God and mother Goddess among the pre- Aryan people of India. The Mahenjo-daro people worshipped a male God who may be regarded as the proto-type of Siva. He represented as seated in the yoga posture surrounded by animals and has three visible faces with two horns on two sides of tall head dress. . . . . . . .This apparently explains the later conceptions of Siva as a yogin, styled Pasupati in linga a being specially important and his special attribute being the three eyes and the trident probably associated respectively with the three faces and the two homs together with the head dress.

ସାର ଜନ୍ ମାରସାଲ ତାଙ୍କ ପ୍ରାଗଐତିହାସିକ ପ୍ରତ୍ନତାତ୍ତ୍ୱିକ ବିବରଣ ଗ୍ରନ୍ଥରେ ଏ ସଂପର୍କରେ ସଠିକ ବିବରଣୀ ପ୍ରଦାନ କରିଅଛନ୍ତି । ଡ଼ଃ ଭୂପେନ୍ଦ୍ରନାଥ ଦତ୍ତ ତାଙ୍କର

ବୈଦିକ ଫିଲଟରାଲ କଷ୍ଟମସ୍ ଆଣ୍ଡ ଇଣ୍ଟସ୍‌ଟାଲି କଲଚର ନିବନ୍ଧରେ ଶାକ୍ତଧର୍ମର କ୍ରମବିକାଶ ଏବଂ ଶିବ ଶକ୍ତି ସମ୍ବନ୍ଧ ସଂପର୍କରେ ଲେଖିଛନ୍ତି—

"It exhibits to our eyes. On the one hand the worship of the Mother Goddess...... and side by sjde with her a god whom we have seen has good reason to recognise as the prototype of historic Siva......Thus we are sure that already in the Brahman period Siva is an important God and in Aranyaka or in the Upanisada period which is a concluding period in the Vedic age we find that Rudra or Siva has already been connected with the Mother Goddess as her spouse.

ଏଥିରୁ ପ୍ରମାଣିତ ହୁଏ ଯେ ପ୍ରାକ୍-ଐତିହାସିକ ଯୁଗରେ ଶିବଶକ୍ତି ଉପାସନା ଆରମ୍ଭ ହୋଇଥିଲେହେଁ ବୈଦିକ ଯୁଗରେ ବିଶେଷ ଭାବରେ ଏହା ଆଦୃତ ହେଲା । ବ୍ରାହ୍ମଣ ଓ ବୌଦ୍ଧ ଯୁଗରେ ଦେବୀ ଉପାସନା ତଥା ତନ୍ତ୍ର ସାଧନାର ଧାରା ବିଶେଷ ଭାବରେ ପ୍ରାଧାନ୍ୟ ଲାଭ କରିଥିଲା । ଏହି ସାଧନା ଯେ ସମଗ୍ର ଭାରତବର୍ଷରେ ବିସ୍ତୃତ ଥିଲା "ମହାପୀଠ" ଗ୍ରନ୍ଥରେ ଏହା ସଠିକ ଭାବରେ ପ୍ରମାଣିତ ହୋଇଛି । ଏହାଛଡ଼ା ଅନ୍ୟାନ୍ୟ ତନ୍ତ୍ର ଓ ପୁରାଣରେ ବହୁ ଶାକ୍ତ ପୀଠର ଉଲ୍ଲେଖ ରହିଛି । ଶକ୍ତିପୀଠର ଉତ୍ପତ୍ତି ସହିତ ପୁରାଣ ବର୍ଣ୍ଣିତ ଦକ୍ଷ ପ୍ରଜାପତି ଉପାଖ୍ୟାନ ପ୍ରଣିଧାନଯୋଗ୍ୟ ।

ଦକ୍ଷ ପ୍ରଜାପତି ଏକ ବିରାଟ ଯଜ୍ଞର ଆୟୋଜନ କରିଥିଲେ କିନ୍ତୁ ତାଙ୍କ କନ୍ୟା ସତୀ ଏବଂ ଜାମାତା ଶିବଙ୍କୁ ଯଜ୍ଞରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରି ନଥିଲେ । ଦକ୍ଷ ତନୟା ଉମା ଅତି ଦୁଃଖରେ ଯଜ୍ଞକୁଣ୍ଡରେ ଶରୀର ବିସର୍ଜନ କଲେ । ଶିବ ସତୀଙ୍କର ପ୍ରାଣହୀନ ଦେହକୁ କାନ୍ଧରେ ବହନକରି ପୃଥିବୀର ଚତୁର୍ଦ୍ଦିଗ ଭ୍ରମଣ କରିବାକୁ ଲାଗିଲେ । ତାଙ୍କର ପ୍ରଳୟଙ୍କର ରୁଦ୍ରରୂପ ସମଗ୍ର ପୃଥିବୀକୁ ପ୍ରକମ୍ପିତ କଲା । ତାଙ୍କୁ ଶାନ୍ତ କରିବାପାଇଁ ବିଷ୍ଣୁ ସତୀଙ୍କର ଦେହକୁ ସୁଦର୍ଶନ ଦ୍ୱାରା ଖଣ୍ଡବିଖଣ୍ଡ କଲେ । ବହୁ ଅଂଶରେ ଖଣ୍ଡିତ ସତୀଙ୍କର ଦେହ ଭାରତର ଯେଉଁ ଯେଉଁ ସ୍ଥାନରେ ପତିତହେଲା, ସେହି ସେହି ସ୍ଥାନ କାଳକ୍ରମେ ଦେବୀପୀଠ ବା ଶକ୍ତି ପୀଠ ନାମରେ ବିଖ୍ୟାତହେବାକୁ ଲାଗିଲା ।

ପୁରାଣ ଓ ତନ୍ତ୍ର ଗ୍ରନ୍ଥମାନଙ୍କରେ ଅସଂଖ୍ୟ ଶକ୍ତିପୀଠର ଉଲ୍ଲେଖ ରହିଛି । ମାତ୍ର ତା'ମଧ୍ୟରୁ ଏକାବନଟି ପୀଠ ପ୍ରସିଦ୍ଧ । ଏଥିରୁ ପ୍ରମାଣିତ ହୁଏ ଯେ ଭାରତବର୍ଷରେ ଏକଦା ଶକ୍ତି ସାଧନା ପ୍ରଚଳିତ ଥିଲା । ଓଡ଼ିଶାରେ ଦେବୀଙ୍କର ନାଭୀ ବିରଜାକ୍ଷେତ୍ରରେ ଏବଂ ବାମପାଦ ପୁରୁଷୋତ୍ତମ କ୍ଷେତ୍ରରେ ପତିତ ହୋଇଥିଲା ବୋଲି ପୁରାଣ ତନ୍ତ୍ରାଦି ଗ୍ରନ୍ଥରେ ଉଲ୍ଲେଖ ଅଛି ।

ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଶାକ୍ତଉପାସନାର ପରମ୍ପରା ଆଲୋଚନାରୁ ଜଣାଯାଏ ଯେ ଓଡ଼ିଶାରେ ପ୍ରାକ୍-ଐତିହାସିକ ଯୁଗରୁ ଶକ୍ତି ଉପାସନାର ପ୍ରଚଳନ ଥିବାର ପ୍ରତ୍ନତାତ୍ତ୍ୱିକ ପ୍ରମାଣ ମିଳେ । ସମ୍ବଲପୁର ଜିଲ୍ଲାର ବିକ୍ରମ ଖୋଲ ଓ ଉଲାପଗଡ଼, କଳାହାଣ୍ଡି ଜିଲ୍ଲାର ମାରାଗୁଡ଼ା ଓ ଯୋଗୀମଠ ଏବଂ ସୁନ୍ଦରଗଡ଼ ଜିଲ୍ଲାର ଉଷାକୋଠି ଏବଂ ମାଣିକମଡ଼ାର ପ୍ରାକ୍-ଐତିହାସିକ ଯୁଗର ପର୍ବତ ଖୋଲରେ ଚିତ୍ର ଭାସ୍କର୍ଯ୍ୟ ଏବଂ ବିଭିନ୍ନ ସ୍ଥାନରୁ ଦୃଷ୍ଟିଗୋଚର ହେଉଥିବା 'ଟୋଟେମ' ସମ୍ବନ୍ଧୀୟ ଜିନିଷରୁ ସଠିକ୍‌ଭାବରେ ଅନୁମାନ କରାଯାଇ ପାରେ ଯେ ଓଡ଼ିଶାରେ ଶାକ୍ତ ଓ ତନ୍ତ୍ର ଉପାସନା ଏହି ସମୟରୁ ହିଁ ପ୍ରବର୍ତ୍ତିତ ହୋଇଥିଲା । ପରବର୍ତ୍ତୀ ଯୁଗରେ ଓଡ଼ିଶା ବା ପ୍ରାଚୀନ ଉଡ୍ଡୀୟାନ ଶାକ୍ତ କ୍ଷେତ୍ର ହିସାବରେ ପ୍ରତିଷ୍ଠା ଲାଭକଲା ।

ଐତିହାସିକ ଯୁଗରେ ଶକ୍ତି ଓ ତନ୍ତ୍ର ତତ୍ତ୍ୱ ନିର୍ଦ୍ଦିଷ୍ଟ ରୂପରେ ପ୍ରକାଶ ପାଇଲା । ଗୁପ୍ତରାଜତ୍ୱ କାଳରେ ପ୍ରତିଷ୍ଠିତ ସର୍ବପ୍ରଥମ ଶାକ୍ତପୀଠ ହେଉଛି ବିରଜାକ୍ଷେତ୍ର । ଦ୍ୱିଭୁଜା ମହିଷାମର୍ଦ୍ଦିନୀ ବିରଜା ଓଡ଼ିଶାର ସର୍ବପ୍ରାଚୀନ ଶାକ୍ତଦେବୀ ବୋଲି ଐତିହାସିକମାନେ ପ୍ରମାଣ କରିଅଛନ୍ତି । ଖ୍ରୀଷ୍ଟୀୟ ଷଷ୍ଠ ଓ ସପ୍ତମ ଶତାବ୍ଦୀରେ ପଦ୍ମବ୍ରଜଙ୍କ ଦ୍ୱାରା ରଚିତ 'ହେ ବଜ୍ରତନ୍ତ୍ରରୁ' ଜଣାଯାଏ ଯେ ଜଳନ୍ଧର, ଉଡ୍ଡୀୟାନ ପୂର୍ଣ୍ଣଗିରି ଓ କାମରୂପ ଏହି ଚାରୋଟି ଭାରତର ଶ୍ରେଷ୍ଠ ଶାକ୍ତପୀଠ । କାଳିକା ପୁରାଣରେ ଉଡ୍ର (ଯେଉଁଠାରେ ଦେବୀ କାତ୍ୟାୟନୀ ଓ ଭୈରବ ଜଗନ୍ନାଥ) ଯାଳଶୈଳ (ଦେବୀ ଚଣ୍ଡୀ ଓ ଭୈରବ ମହାଦେବ) ପୂର୍ଣ୍ଣଶୈଳ (ଯେଉଁଠାରେ ଦେବୀ ପୂର୍ଣ୍ଣେଶ୍ୱରୀ ଓ ଭୈରବ ମହାନାଥ) ଏବଂ କାମରୂପ (ଯେଉଁଠାରେ ଦେବୀ କାମେଶ୍ୱରୀ ଓ ଭୈରବ କାମେଶ୍ୱର) ଏହି ଚାରୋଟି ଶକ୍ତିପୀଠ ବୋଲି ଉଲ୍ଲେଖ ରହିଛି । ଏଥିରୁ ପ୍ରମାଣିତ ହେଉଛି ଯେ ଉଡ୍ର ଥିଲା ତନ୍ତ୍ରସାଧନାର ପ୍ରଶସ୍ତପୀଠ । ହୁଏନ୍‌ସାଂ ଉଡ୍ଡୀୟାନ କ୍ଷେତ୍ରରେ ବୌଦ୍ଧଦେବୀ ମାରୀଚି, କୁରୁକୁଲ୍ଲା ପୂଜିତ ହେଉଥିବାର ବର୍ଣ୍ଣନା ତାଙ୍କ ବିବରଣୀରେ ଲେଖିଯାଇଅଛନ୍ତି । ଉଡ୍ଡୀୟାନରେ ବିଶିଷ୍ଟ ତନ୍ତ୍ର ସାଧକ ଇନ୍ଦ୍ରଭୂତି 'ଜ୍ଞାନସିଦ୍ଧି' ନାମକ ଏକ ତନ୍ତ୍ରଗ୍ରନ୍ଥ ରଚନା କରିଥିଲେ ଏବଂ ତାଙ୍କର ଭଉଣୀ ଲକ୍ଷ୍ମୀଙ୍କରା ବିଖ୍ୟାତ ତନ୍ତ୍ର ସାଧିକା ଥିଲେ ଏବଂ 'ଅଦ୍ୱୟ ସିଦ୍ଧି' ନାମକ ବୌଦ୍ଧତନ୍ତ୍ର ରଚନା କରିଥିଲେ ।

'ଉଡ୍ଡୀୟାନ' ବା ଆଧୁନିକ ଓଡ଼ିଶା ଯେ କେବଳ ବୌଦ୍ଧ ତାନ୍ତ୍ରିକ କ୍ଷେତ୍ରଥିଲା ତା'ନୁହେଁ, ହିନ୍ଦୁ ତନ୍ତ୍ରରେ ଏହାମଧ୍ୟ ଏକ ଶ୍ରେଷ୍ଠ ପୀଠଥିବାର କାଳିକା ପୁରାଣରୁ ପ୍ରମାଣ ମିଳେ । ଓଡ଼ିଶାରେ ଚାରୁକାର୍ଯ୍ୟ ମଣ୍ଡିତ ଅସଂଖ୍ୟ ବୌଦ୍ଧ ଓ ହିନ୍ଦୁ କୀର୍ତ୍ତି ସମ୍ବନ୍ଧରେ ପର୍ଯ୍ୟାଲୋଚନା କଲେ ଦେଖାଯାଏ ଯେ ବ୍ରାହ୍ମଣ୍ୟ ଓ ବୌଦ୍ଧତନ୍ତ୍ର ସାଧନା ସମାନ୍ତରାଳ ଭାବରେ ହିନ୍ଦୁ ଓ ବୌଦ୍ଧ ସଂପ୍ରଦାୟରେ ଲୋକପ୍ରିୟତା ଅର୍ଜ୍ଜନ କରିଥିଲା । ଏକା ସମୟରେ ହିନ୍ଦୁଦେବୀ କାଳୀ, ତାରା, ମହାକାଳୀ, କରାଳୀ, ଦୁର୍ଗା, କାତ୍ୟାୟନୀ, ମହିଷାମର୍ଦ୍ଦିନୀ, ଭୈରବୀ, ଭୁବନେଶ୍ୱରୀ ଏବଂ ବୌଦ୍ଧଦେବୀ

ତାରା, ନୀଳସରସ୍ୱତୀ, ଅପରାଜିତା, ମାରୀଚି, ପର୍ଣ୍ଣଶବରୀ ପ୍ରଜ୍ଞାପାରମିତା ପୂଜା ପାଉଥିଲେ ।

ବୌଦ୍ଧଧର୍ମ ସମାଜରୁ ଲୋକପ୍ରିୟତା ହରାଇବା ସଙ୍ଗେ ସଙ୍ଗେ ବ୍ରାହ୍ମଣ୍ୟ ଧର୍ମର ପ୍ରାଧାନ୍ୟ ବୃଦ୍ଧି ପାଇବାକୁ ଲାଗିଲା ଏବଂ ଦୁର୍ଗା ସର୍ବ ଶକ୍ତିମୟୀ ସୃଷ୍ଟି କର୍ତ୍ତ୍ରୀ, ପାଳନକର୍ତ୍ତ୍ରୀ, ଏବଂ ସଂହାର କର୍ତ୍ତ୍ରୀ ରୂପେ ପରିଚିତ ହେଲେ । କାଳକ୍ରମେ ଏହି ସର୍ବଶକ୍ତିମୟୀ ଦେବୀ ମହିଷମର୍ଦ୍ଦିନୀ, ଚାମୁଣ୍ଡା, ବୈଷ୍ଣବୀ, ବ୍ରାହ୍ମଣୀ, ବରାହୀ ପ୍ରଭୃତି ସପ୍ତମାତୃକା ଏବଂ ଚଉଷଠି ଯୋଗିନୀ ରୂପରେ ବିଭିନ୍ନ କ୍ଷେତ୍ରରେ ବିଭିନ୍ନ ନାମରେ ପୂଜିତ ହେବାକୁ ଲାଗିଲେ । ମାତ୍ର ଦେବୀଙ୍କର ମହିଷ ମର୍ଦ୍ଦିନୀ ରୂପ, ବିଶେଷ ଭାବରେ ଓଡ଼ିଶାରେ ଲୋକପ୍ରିୟତା ଅର୍ଜନ କରିଥିଲା । ଏହି ମହିଷ ମର୍ଦ୍ଦିନୀ ଦୁର୍ଗାଙ୍କର ଦ୍ୱିଭୁଜା ମୂର୍ତ୍ତିଠାରୁ ଅଷ୍ଟାଦଶଭୁଜା ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ଯାଗାରେ ଦୃଷ୍ଟି-ଗୋଚର ହୁଏ । ତନ୍ମଧ୍ୟରୁ ଯାଜପୁରର ବିରଜା, ଝଙ୍କଡ଼ର ଶାରଳା, ତାଳଚେରର ଜାଗୁଳାଇ, କାକଟପୁର ନିକଟବର୍ତ୍ତୀ ସୋମେଶ୍ୱରର ଦ୍ୱିଭୁଜା ମହିଷମର୍ଦ୍ଦିନୀ ମୂର୍ତ୍ତି, କଟକର ଚଣ୍ଡୀ, ବାଣପୁରର ଭଗବତୀ, ବାଲେଶ୍ୱର ଜିଲ୍ଲାର ଖଜୁରେଶ୍ୱର, ମଣିନାଗେଶ୍ୱରର ମହିଷମର୍ଦ୍ଦିନୀ ମୂର୍ତ୍ତି, ଭୁବନେଶ୍ୱରର ବୈତାଳ, ବ୍ରହ୍ମେଶ୍ୱର ଏବଂ ମୋହିନୀ ମନ୍ଦିରର ମହିଷା ମର୍ଦ୍ଦିନୀ, ପଟିଆର ଶିଖର ଚଣ୍ଡୀ, ବଡ଼ମ୍ବାର ଭଟ୍ଟାରୀକା, ରେମୁଣା ପାଖରେ କନକଦୁର୍ଗା, ବାସୁଦେବ-ପୁର ନିକଟବର୍ତ୍ତୀ ପୋଡୁଆଁର ଦୁର୍ଗା, ଚିଲିକା ପାଖର ହରଚଣ୍ଡୀ ପ୍ରଭୃତି ମହିଷମର୍ଦ୍ଦିନୀ ମୂର୍ତ୍ତି ଏବଂ ପ୍ରାଚୀ ଉପତ୍ୟକାର ଦ୍ୱିଭୁଜାରୁ ଦ୍ୱାଦଶ ଭୁଜା ପର୍ଯ୍ୟନ୍ତ ମୂର୍ତ୍ତି ଉଲ୍ଲେଖନୀୟ ।

ଦେବୀ ଦୁର୍ଗାଙ୍କ ବ୍ୟତୀତ ସପ୍ତମାତୃକା ଏକତ୍ର ଏବଂ ଭିନ୍ନ ଭିନ୍ନ ଭାବରେ ମଧ୍ୟ ପୂଜିତ ହେଉଛନ୍ତି । ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇଥିବା ଭୁବନେଶ୍ୱରର ପରଶୁରା-ମେଶ୍ୱର, ବୈତାଳ, ମୁକ୍ତେଶ୍ୱର, ଯାଜପୁର, ପୁରୀର ମାର୍କଣ୍ଡେଶ୍ୱର ପୋଖରୀ ପାଖରୁ, କଳାହାଣ୍ଡି ଜିଲ୍ଲାର ବେଲଖଣ୍ଡି, ବଲାଙ୍ଗୀର ଜିଲ୍ଲାର ରାଣୀପୁର-ଝରିଆଲ, ବାଲେଶ୍ୱର ଜିଲ୍ଲାର ଖଜୁରେଶ୍ୱର ଓ ଗଣ୍ଡିବେଡ, ହୀରାପୁର ସପ୍ତମାତୃକା ମୂର୍ତ୍ତି ଓଡ଼ିଶାରେ ଶାକ୍ତ ଉପାସନାର ନିଦର୍ଶନ ।

ଭୟଙ୍କରୀ କରାଳବଦନା ଚାମୁଣ୍ଡା-ବ୍ରହ୍ମାଣୀ, ମାହେଶ୍ୱରୀ କୌମାରୀ, ବୈଷ୍ଣବୀ, ବାରାହୀ, ମାତୃକା ମୂର୍ତ୍ତିଗୁଡ଼ିକ ସମ୍ମିଳିତ ଭାବେ ପୂଜିତ ହେଉଥିଲେ ମଧ୍ୟ ଏକାକୀ ବହୁସ୍ଥାନରେ ପୀଠ ଦେବୀରୂପେ ଖ୍ୟାତିଲାଭ କରିଅଛନ୍ତି । ତା'ମଧ୍ୟରୁ ବାଙ୍କୀର ଚର୍ଚ୍ଚିକା, ଭୁବନେଶ୍ୱରର ବୈତାଳ ଓ ମୋହିନୀ ମନ୍ଦିରର ଚାମୁଣ୍ଡାମୂର୍ତ୍ତି ପୀଠଦେବୀ ରୂପେ ସୁଖ୍ୟାତ । ଏହା ବ୍ୟତୀତ ପ୍ରାଚୀ ଉପତ୍ୟକାରେ ପୂଜିତ ହେଉଥିବା ଚାମୁଣ୍ଡା ମୂର୍ତ୍ତିମାନଙ୍କ ମଧ୍ୟରେ ପିତାପଡ଼ା, ଅଙ୍ଗେଶ୍ୱର ମନ୍ଦିରର ଚାମୁଣ୍ଡା, କପିଳେଶ୍ୱରପୁରର ଚାମୁଣ୍ଡା, ସୋମନାଥ ମନ୍ଦିରର ଚାମୁଣ୍ଡା, କାକଟପୁର ମଙ୍ଗଳା ମନ୍ଦିରର ଚାମୁଣ୍ଡା ଏବଂ ନିଆଳି ନୂଆଗାଁର ଚାମୁଣ୍ଡାମୂର୍ତ୍ତି ଉଲ୍ଲେଖଯୋଗ୍ୟ ।

ଚାମୁଣ୍ଡାଙ୍କ ପରି ବାରାହୀ ମଧ୍ୟ ପୀଠଦେବୀ ରୂପେ ପ୍ରାଚୀ ଉପତ୍ୟକାର ଚୌରାଶୀଠାରେ ପୂଜିତ ହେଉଛନ୍ତି । ସେହି ମନ୍ଦିର ମଧ୍ୟରେ ପ୍ରାଚୀ ଉପତ୍ୟକାର ଅନ୍ୟସ୍ଥାନରୁ ଅଣାଯାଇଥିବା ଦୁଇଟି ବାରାହୀ ମୂର୍ତ୍ତି ରଖାଯାଇଛି । ବାରାହୀଙ୍କ ମନ୍ଦିର ମଧ୍ୟ ଓଡ଼ିଶାର ମନ୍ଦିରର କ୍ରମ ବିକାଶରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି । ବାରାହୀ ମନ୍ଦିର ଭୌମଙ୍କର ଯୁଗରେ ତିଆରି ହୋଇଥିବା ବୈତାଳ, ମୋହିନୀ, ଗୌରୀ ପ୍ରଭୃତି ଶାକ୍ତ ମନ୍ଦିର ଏବଂ ସୋମବଂଶୀମାନଙ୍କ ସମୟରେ ତିଆରି ହୋଇଥିବା କାରୁକାର୍ଯ୍ୟମଣ୍ଡିତ ଶୈବ ମନ୍ଦିର ଏକ ସଂଯୋଗକାରୀ ମନ୍ଦିର ରୂପେ ଗ୍ରହଣ କରାଯାଇଅଛି । ଏହି ମନ୍ଦିରର ଗଠନ ପ୍ରଣାଳୀ ପାର୍ଶ୍ୱଦେବତା, ମିଥୁନଚିତ୍ର ବୈତାଳ-ଶ୍ରେଣୀର ମନ୍ଦିର ଅପେକ୍ଷା ଉତ୍କୃଷ୍ଟତର ଏବଂ ସୋମବଂଶୀ ମନ୍ଦିର ଅପେକ୍ଷା ନିକୃଷ୍ଟତର ବୋଲି ମନେହୁଏ । ଏହି ମନ୍ଦିରରେ ସର୍ବ ପ୍ରଥମେ ମିଥୁନ ଚିତ୍ରର ସମାବେଶ ପରି-ଲକ୍ଷିତ ହୁଏ ।

ଓଡ଼ିଶାରେ ଯୋଗିନୀ ପୂଜାର ପ୍ରଚଳନ ଏବଂ ଭୁବନେଶ୍ୱର ନିକଟବର୍ତ୍ତୀ ହୀରାପୁରଠାରେ ଏବଂ ବଲାଙ୍ଗୀର ଜିଲ୍ଲାର ରାଣୀପୁର ଝରିଆଲଠାରେ ଗୋଲକୃତି ଚଉଷଠି ଯୋଗିନୀ ମନ୍ଦିର ସାଂସ୍କୃତିକ ଇତିହାସରେ ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟ । ମଧ୍ୟ ଏବଂ ପୂର୍ବ ଭାରତରେ ଆବିଷ୍କୃତ ହୋଇଥିବା ନଅଟି ଗୋଲାକାର ମନ୍ଦିର ମଧ୍ୟରୁ ଓଡ଼ିଶାରେ ଦୁଇଗୋଟି ଅବସ୍ଥିତ । ହୀରାପୁର ମନ୍ଦିର ଅଷ୍ଟମ ଶତାବ୍ଦୀର ଶେଷ ଭାଗରେ କିମ୍ବା ନବମ ଶତାବ୍ଦୀର ପ୍ରଥମ ଭାଗରେ ଏବଂ ରାଣୀପୁର ଝରିଆଲ ମନ୍ଦିର ଦଶମ ଶତାବ୍ଦୀରେ ନିର୍ମିତ ହୋଇଛି ବୋଲି ଐତିହାସିକ ଏବଂ ପ୍ରତ୍ନତାତ୍ତ୍ୱିକମାନେ ମତବ୍ୟକ୍ତ କରନ୍ତି । ମନ୍ଦିର ମଧ୍ୟରେ ଚଉଷଠି ଯୋଗିନୀଙ୍କର ମଣ୍ଡଳାକାରରେ ପରିବେଷ୍ଟଣ ମଣ୍ଡପ ଉପରେ ଭୟଙ୍କର ଭୈରବମୂର୍ତ୍ତି ଏବଂ ବହିଃପାର୍ଶ୍ୱରେ ନବ କାତ୍ୟାୟନୀ ପ୍ରଭୃତି ମୂର୍ତ୍ତି ଅବଲୋକନ କଲେ ଆଶ୍ଚର୍ଯ୍ୟଲାଗେ ଏବଂ ଏହି ଅଞ୍ଚଳରେ ଶାକ୍ତ ତାନ୍ତ୍ରିକ କାର୍ଯ୍ୟ କିପରି ପ୍ରସାର ଲାଭ କରିଥିଲା ସହଜରେ ଅନୁମାନ କରାଯାଇପାରେ । ଯୋଗିନୀ ମନ୍ଦିରରେ ଦେବୀଙ୍କର ଚଉଷଠି ପ୍ରକାର ଭୟଙ୍କର ରୂପ ପ୍ରକଟିତ ହୋଇଅଛି । ପ୍ରକୃତରେ ଏହା ଏକ ଅଭିନବ କଳ୍ପନା । ମୋର Tantricism : A study of yogini cult ଗ୍ରନ୍ଥରେ ଦେବୀଙ୍କର ଯୋଗିନୀରୂପର ଉପରି, ଯୋଗିନୀ ମନ୍ଦିର, ଯୋଗିନୀ ତତ୍ତ୍ୱ ଏବଂ ଏ ସମ୍ବନ୍ଧୀୟ ଇତିହାସ ବିଶେଷ ଭାବରେ ଆଲୋଚନା କରାଯାଇଛି ।

ଓଡ଼ିଶା ଭାରତର ଏକ ଶ୍ରେଷ୍ଠ ତାନ୍ତ୍ରିକ ପୀଠ ଏବଂ ଏହି ଧର୍ମ ଧାରଣା ରାଜା ମହାରାଜାମାନଙ୍କ ପୃଷ୍ଠ-ପୋଷକତାରେ ଯେ ଉତ୍କର୍ଷ ଲାଭ କରିଥିଲା ଏଥିରେ ସନ୍ଦେହ ନାହିଁ । ଯୋଗିନୀ ମନ୍ଦିର ସଂପର୍କରେ ଆଲୋଚନା କଲେ ଜଣାଯାଏ, ଶିଳ୍ପଶାସ୍ତ୍ରରେ ଏପ୍ରକାର ଗଠନ ପ୍ରଣାଳୀର କୌଣସି ଉଲ୍ଲେଖ ନାହିଁ । ଏହା ମଣ୍ଡଳ ବା ଚକ୍ର ଆକାର ଏବଂ ଶକ୍ତି ଯୁକ୍ତ ଶିବଲିଙ୍ଗର ଏକ ଅଭିନବ ପରିପ୍ରକାଶ ।

ଏହି ପରିପ୍ରେକ୍ଷୀରେ ଆଲୋଚନା କରାଯାଇପାରେ ଯେ ଏହିଧର୍ମ ପ୍ରଭାବରେ ଅନେକ ଶାକ୍ତ ତନ୍ତ୍ର ଗ୍ରନ୍ଥ ଓଡ଼ିଶାରେ ରଚିତ ହୋଇଛି । ଏପର୍ଯ୍ୟନ୍ତ ମିଳିଥିବା ପ୍ରାୟ ପାଞ୍ଚଶହ ତନ୍ତ୍ରପୋଥି ମଧ୍ୟରୁ ପ୍ରାୟ ୨୦୦ ଓଡ଼ିଶାର ସାଧକ, ଦାର୍ଶନିକ, ପଣ୍ଡିତମାନଙ୍କଦ୍ୱାରା ଲିଖିତ ହୋଇଛି । ଅନେକଗୁଡ଼ିଏ ଗ୍ରନ୍ଥରେ ତନ୍ତ୍ର, ମନ୍ତ୍ର, ଯନ୍ତ୍ର ଏବଂ ଉପାସନାର ମାର୍ଗ ସମ୍ବନ୍ଧରେ ଆଲୋଚନା କରାଯାଇଅଛି ।

ଏହାବ୍ୟତୀତ ଓଡ଼ିଶାର ପଲ୍ଲୀଅଞ୍ଚଳରୁ ଆରମ୍ଭକରି ସହର ପର୍ଯ୍ୟନ୍ତ ଅସଂଖ୍ୟ ରୂପରେ ଦେବୀ ଲୋକଦେବତା ହିସାବରେ ପାରମ୍ପରିକ ରୀତିରେ ପୂଜିତ ହୁଅନ୍ତି ଏବଂ ନଦୀ, ପର୍ବତ, ବୃକ୍ଷ, ନାଗ ଏବଂ ଅନ୍ୟାନ୍ୟ ହିଂସ୍ରପ୍ରାଣୀ ଦେବୀଙ୍କର ରୂପାନ୍ତର ମନେକରି ଲୋକେ ପର୍ବ ପର୍ବାଣୀରେ ପୂଜା ଆରାଧନା କରନ୍ତି । ଓଡ଼ିଶାରେ ଏପରି ଗ୍ରାମ ନାହିଁ ଯେଉଁଠାରେ ଦେବୀଙ୍କର ପୂଜା ନାହିଁ । ଏପରିକି ଅନେକ ସ୍ଥାନରେ ସେ କୁଳଦେବୀ ଭାବରେ ପୂଜା ପାଆନ୍ତି ।

ଆଧୁନିକ ସଭ୍ୟତାର ପ୍ରଭାବରେ ପରମ୍ପରାଗତ ଧର୍ମ ଓ ଉପାସନା ପ୍ରାୟ ଲୋପ ହେବାକୁ ବସିଛି । ଏଥିନିମନ୍ତେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପୂଜା ଉପାସନା ଓ ଧର୍ମ ଧାରଣା ବିଷୟରେ ବିବରଣୀ ସଂଗ୍ରହ କରି ଆଲୋଚନା-ମୂଳକ ଗ୍ରନ୍ଥ ପ୍ରଣୟନ କରାଯିବା ଉଚିତ । ଗବେଷକ, ଐତିହାସିକ, ନୃତତ୍ତ୍ୱବିତ୍ ଏ ବିଷୟରେ ଧ୍ୟାନଦେବା ବାଞ୍ଛନୀୟ ।

ଅଧ୍ୟକ୍ଷ, ରାଜ୍ୟ ସଂଗ୍ରହାଳୟ
ଭୁବନେଶ୍ୱର



## କୃଷକମାନଙ୍କ ପାଇଁ ଋଣ ବ୍ୟବସ୍ଥା

ରାଜ୍ୟର ୩୬ ଲକ୍ଷ ୭୨ ହଜାର କୃଷକ ପରିବାରଙ୍କର କୃଷି ଉତ୍ପାଦନ ପାଇଁ ଅନ୍ୟୂନ ୧୨୬ କୋଟି ଟଙ୍କା ଋଣ ଆବଶ୍ୟକ ଥିବା ସ୍ଥଳେ ଗତ ଆର୍ଥିକ ବର୍ଷ ମଧ୍ୟରେ କୃଷି ସମବାୟ ସମିତିଗୁଡ଼ିକ ପକ୍ଷରୁ ସେମାନଙ୍କୁ ୪୭ କୋଟି ୨ ଲକ୍ଷ ଟଙ୍କା ଋଣ ଯୋଗାଇ ଦିଆଯାଇ ପାରିଛି । ଏଥି ମଧ୍ୟରୁ ସ୍ୱଳ୍ପ, ମଧ୍ୟମ ଓ ଦୀର୍ଘ ମିଆଦୀ ଋଣ ସୂତ୍ରରେ ଦିଆଯାଇଥିବା ଯଥାକ୍ରମେ ୩୦ କୋଟି ୩୬ ଲକ୍ଷ ଟଙ୍କା, ୮ କୋଟି ୪୬ ଲକ୍ଷ ଟଙ୍କା ଓ ୮ କୋଟି ୨୦ ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ । ଏହା ବ୍ୟତୀତ, ବ୍ୟବସାୟିକ ବ୍ୟାଙ୍କମାନେ ଗତ ବର୍ଷ କୃଷକମାନଙ୍କୁ ୩୫ କୋଟି ୯୭ ଲକ୍ଷ ଟଙ୍କା କୃଷି ଋଣ ଯୋଗାଇ ଦେଇଛନ୍ତି ।

କୃଷକମାନଙ୍କୁ ସହଜ କିସ୍ତି ଓ ଅଳ୍ପ ସୁଧ ହାରରେ ଋଣ ଯୋଗାଇ ଦେବା ନିମନ୍ତେ ୨ ହଜାର ୯୦୫ଟି ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟ କରୁଛି । ଏ ଗୁଡ଼ିକର ସଭ୍ୟ ସଂଖ୍ୟା ୧୯୭୭-୭୮ ମସିହାରେ ୨୧ ଲକ୍ଷ ୯୨ ହଜାର ଥିବାସ୍ଥଳେ ଗତ ବର୍ଷ ପାଖ ୨୪ ଲକ୍ଷକୁ ବୃଦ୍ଧି ପାଇଛି । ପ୍ରତ୍ୟେକ ସମିତିର ହାରାହାରି ୬୫୩ ଜଣ ସାଧାରଣ ସଭ୍ୟଙ୍କ ମଧ୍ୟରୁ ୧୪୮ ଜଣ ଋଣ ଗ୍ରହୀତା ହାରାହାରି ୬୩୦ ଟଙ୍କା ଋଣ ନେଇଥିବା ସ୍ଥଳେ ୨ ହେକ୍ଟର ପର୍ଯ୍ୟନ୍ତ ଜମି ଥିବା ଦୁର୍ବଳ ଶ୍ରେଣୀ ଲୋକମାନେ ଜଣପିଛା ହାରାହାରି ୪୯୫ ଟଙ୍କା ଋଣ ନେଇଛନ୍ତି ।

ବହୁ ଭାଗ ଶୁଷ୍କ ଜମିରେ ଜଳସେଚନର ସୁବିଧା ନଥିବା ଦୃଷ୍ଟିରୁ କୃଷି କାର୍ଯ୍ୟକ୍ରମ ପାଇଁ ସ୍ୱଳ୍ପ ମିଆଦୀ ଋଣ ନେବାକୁ ସାଧାରଣ କୃଷକ ବିଶେଷ ଆଗ୍ରହୀ ନୁହନ୍ତି । କିନ୍ତୁ ଦୁର୍ବଳ ଶ୍ରେଣୀର କୃଷକମାନେ ସ୍ୱଳ୍ପ ମିଆଦୀ ଋଣ ନେଇ କୃଷି ଉତ୍ପାଦନ ବଢ଼ାଇବା ଦିଗରେ ଅଧିକ ଯତ୍ନ କରୁଛନ୍ତି ।

# ଅନ୍ଧାରରୁ ଆଲୁଅକୁ

ଅଧ୍ୟାପକ ପ୍ରଫୁଲ୍ଲ ମହାନ୍ତି

ସକାଳେ ରବିବାରିଆ ସ୍କୁଲରେ ଉଜୀର୍ଣ୍ଣ ତିରିଶି କେତୋଟି ଲୋକଙ୍କୁ ମୋର ଅଧାବୁଝା ଗୀତା ଓ ପ୍ରାୟ ଅବୁଝା ହିନ୍ଦୁ ସଂସ୍କୃତି ଉପରେ କିଛି କହିଲା ପରେ ସେଦିନ ମୋ ପାଇଁ ସମୟ ଥିଲା ଅସରନ୍ତି । ସକାଳର ଆଲୋଚନା ଓ ବିଶେଷ କରି ଜଣେ ପ୍ରୌଢ଼ଙ୍କ ସହିତ ଆଦାମ୍ ଓ ଇଭର ସ୍ୱର୍ଗଚ୍ୟୁତି ବିଷୟରେ ବାଦାନୁବାଦ ପରେ ମନଟା କେମିତି ଖଟ୍‌କା ହୋଇ ଯାଇଥିଲା । ଘୁରାଇ ଘୁରାଇ ମନରେ ଉଠୁଥିଲା କେବଳ ଗୋଟିଏ ପ୍ରଶ୍ନ : ଭଗବାନ ଆଦାମ୍‌ର ପ୍ରଥମ ଭୁଲ ପାଇଁ କ୍ଷମା ଦେଲେନି କାହିଁକି ?

ଆଦି ପୁରୁଷର ଗୋଟିଏ ଭୁଲ ପାଇଁ ଆମେ ସବୁ କୋଟି କୋଟି ମଣିଷ ଏ ମାଟି ଉପରେ ଧସି ହେଉଛୁ ; ଆକାଶକୁ ଛୁଇଁବା ପାଇଁ . ଚେଷ୍ଟା କରି ପୁଣି ଖସି ଯାଉଛୁ କାଦୁଅକୁ– ଆମ ଲୁହର ଗଡ଼ଖାଇ ଏପାଖରେ ଜଗି ବସିଛୁ ପଥରକୁ, ମୁନିଆ ନଖକୁ, ଝଲକାଏ ପବନରେ ଚମକି ରହୁଁଛୁ ନିଛକ୍ ଶୂନ୍ୟତାର କୋଳରେ ।

ନା କିଛି ଭାବିବି ନାହିଁ । ଚିନ୍ତା ବି ଏକ ଆତ୍ମ ପ୍ରବଞ୍ଚନା ମନର ଗୋଟିଏ ଲୋଭିଲା ମୁଖା । ଜୀବନର ଖିଅକୁ ସଜାଡ଼ି ଧରିବାର ଏକ ଅପଚେଷ୍ଟା ।

ମୁଁ ଆଜି କିଛି କରିବିନି । ଗୋଟିଏ ଲୋଭନୀୟ କ୍ଳାନ୍ତିର ଆହ୍ଲାଦରେ ଖାଲି ଶୋଇବି, ମନଟାକୁ ତକିଆ ତଳେ ରଖି ।

କିନ୍ତୁ...............

ମୁଁ ଯେ ଅତିଥି ! ଦକ୍ଷିଣ ଆମେରିକାର ଗୋଟିଏ ପ୍ରାୟ ନିଃଶବ୍ଦ ସହର ହାଟିସ୍‌ବର୍ଗରେ ! ଦକ୍ଷିଣ ମିସିସିପି ବିଶ୍ୱବିଦ୍ୟାଳୟର ରସାୟନ ବିଭାଗ ମୁଖ୍ୟ ରବର୍ଟ ଭାନ୍ ଆଲରଙ୍କ ଘରେ, ଶ୍ରଦ୍ଧାର ଅତିଶୟୋକ୍ତିରେ । କ୍ଷତି କଣ କିଛି ସମୟ ତାଙ୍କ ସହିତ ଗପ କଲେ ? ତାଙ୍କ ଛୁଆଙ୍କ ସହିତ ଖେଳିଲେ ?

କିନ୍ତୁ............ହଁ ମନେ ପଡ଼ିଲା, ଭାନ୍ ଆଲର ତ ଆଜି ମେମ୍ ଫିସ୍ ସହରକୁ ଯିବେ, କାମର ତାଗିଦାରେ ଓ ତାଙ୍କ ପିଲାମାନେ ଯିବେ ତାଙ୍କୁ ବଳେଇ ଦେବାକୁ । ଫେରିବେ ସନ୍ଧ୍ୟା ସାତଟାରେ ।

ତେବେ ଚୁପ୍ କରି ଶୋଇ ରହିବା ଭଲ ।........ କିନ୍ତୁ ଭଗବାନ କାହିଁକି ଆଦାମ୍‌କୁ କ୍ଷମା ଦେଲେନି ?

କାଚ କାନ୍ଥ ଆରପାଖେ ଅପରାହ୍ନର ଖରା ପବନରେ ଝୁଲୁଥିଲା । ନିଦ ବି ବୋଧେ ଖେଳୁଥିଲା ଛାଇ-ଆଲୁଅର ଅଛୁଆଁ କାରୁଣ୍ୟ ଭିତରେ । ହଠାତ୍ ଆରଘରୁ ଡାକିଲେ ଅତିଥି ସତ୍କାରିଣୀ : ପ୍ରଫୁ୍ୟଲ, ତୁମର ଫୋନ୍ ଆସିଛି । ମନେ ମନେ ଗ୍ରାହାମ୍ ବେଲଙ୍କୁ ଅଭିସମ୍ପାତ ଦେଇ ଫୋନ୍ ଧରିବାକୁ ଗଲି । ଆରପଟେ ଅଚିହ୍ନା ସ୍ୱର, ଭୁଷ, ଅସ୍ୱଚ୍ଛ, କିନ୍ତୁ ଦୃଢ଼ ତାରୁଣ୍ୟର । ନିମନ୍ତ୍ରଣ କରିଗଲେ ଫୋନ୍‌ରେ, ରାତ୍ରି ଭୋଜନ ଲାଗି । ତାଙ୍କ ନାଁ ଟି ସ୍ପଷ୍ଟ ଶୁଣିପାରି ନଥିଲେ ମଧ୍ୟ ହଁ ଭରିଥିଲି, କାରଣ ମନା କରିବାର ଅଭଦ୍ରତା ମୋ ଲାଗି ସହଣୀୟ ହେଲେ ମଧ୍ୟ ମୋ ଦେଶ ଲାଗି ଠିକ୍ ହେବନି ବୋଲି ।

ତା'ପରେ ପ୍ରାୟ ଦୁଇଘଣ୍ଟାର ସଂପୂର୍ଣ୍ଣ ନୀରବତା । ଭାନ୍ ଆଲର ପରିବାର ବାହାରି ସାରିଥିଲେ । ଟେଲିଭିଜନର ସବୁ ରଙ୍ଗ ଫିକା ପଡ଼ିଥିଲା । ମୋର ସବୁ ନିଦ ଗୁଡ଼ି ଉଡ଼ୋଇଥିଲେ ତାରାଙ୍କୁ ଚିଡ଼େଇବା ପାଇଁ । ଆଉ, ମୋର ସବୁ ଇନ୍ଦ୍ରିୟ ପରସ୍ପରର ଅଚିହ୍ନା ପରି ଏପାଖ ସେପାଖ ଟଣାଟଣି ହୋଇ ମୋଠାରୁ ପ୍ରାୟ ବିଛିନ୍ନ ହୋଇ ପଡ଼ିଥିଲେ ।

ସୁରିଟା ବେଳେ ପୁଣି ଫୋନର ଶବ୍ଦ । ଡାକୁଥିଲେ ପୁଣି ସେଇ ବ୍ୟକ୍ତି । ବର୍ତ୍ତମାନ ନାଁ ଟି ଠିକ୍ ଶୁଣିପାରିଲି : ଗ୍ଲେନ୍ ପିଏରସନ (Glen pearson) ଡାକ୍ତର । କିନ୍ତୁ ଚମକି ପଡ଼ିଲି ଯେତେବେଳେ ସେ କହିଲେ!

ପ୍ରାୟ ପନ୍ଦର ମିନିଟ୍‌ରେ ଆସି ପହଞ୍ଚୁଛି, ପ୍ରସ୍ତୁତ ହୁଅନ୍ତୁ । ଯେତେ ମଇଳା ଲୁଗା ପିନ୍ଧିବେ ସେତେ ଭଲ, ଯେତେ ଖୋଲା ହେବେ ସେତେ ଭଲ । ଭାବିଲି କିଏ ଏ ଲୋକ, ମୋ ମନର ପ୍ରତିରୂପ ନୁହେଁ ତ ! ତଥାପି କେମିତି ଗୋଟିଏ ଆଗ୍ରହ ମୋ ଗୋଡ଼ ହାତକୁ ଟିକିଏ ଚଞ୍ଚଳ କରି ପକାଇଲା । ଯାହା ପିନ୍ଧିଥିଲି ତାକୁ ନ ବଦଳେଇ ପ୍ରସ୍ତୁତ ହୋଇ ରହିଲି ଗାଡ଼ି ଶବ୍ଦକୁ କାନ ଡେରି । ପିଏରସନଙ୍କ ଆତିଥ୍ୟ ଅପେକ୍ଷା ତାଙ୍କ ଚେହେରା ଦେଖିବା ଲାଗି ମନ ବ୍ୟସ୍ତ ହୋଇ ଉଠିଲା ।

କିନ୍ତୁ କେତେବେଳେ ପିଏରସନଙ୍କ ଗାଡ଼ି ଆସିଛି ଏବଂ ସେ ଦୁଇଥର ଘଣ୍ଟି ବଜାଇ ସାରିଲେଣି ଜାଣି ପାରିଲିନି । ପୃଥିବୀର ଅଶବ୍ଦ ରାଜ୍ୟରେ ବୁଲିଲେ, ଶବ୍ଦ ଶୁଣିଲେ କେବଳ ଚମକିବା ସାର ହୁଏ । ଦଉଡ଼ିଗଲି, କବାଟ ଖୋଲିଲି । କିନ୍ତୁ ଯେଉଁ ଲୋକ ହାତ ବଢ଼ାଇଲେ ତାଙ୍କୁ ମୁଁ ପିଏରସନ ବୋଲି ସ୍ୱୀକାର କରିବା ଲାଗି ପ୍ରସ୍ତୁତ ନଥିଲି । ଫୋନରେ ତାଙ୍କ କଣ୍ଠ ସ୍ୱରର ତାରୁଣ୍ୟ ଏବଂ ନିମନ୍ତ୍ରଣରେ ରୋମାଞ୍ଚକର ଖୋଲା ଭାବକୁ ମୁଁ ଯୋଡ଼ି ପାରିଲିନି ଜଣେ ବୃଦ୍ଧ ଏବଂ ପାତଳା ଚେହେରାର ଅସୁନ୍ଦର ମୁହଁ ସହିତ । ପଦକ୍ଷେପରେ ଏବଂ କଥାଭାଷାରେ କିନ୍ତୁ ଥିଲା ଯୁବକସୁଲଭ ଚପଳତା । ଗାଡ଼ି ପାଖରେ ଆଉ ଗୋଟିଏ ଆଶ୍ଚର୍ଯ୍ୟ ଅପେକ୍ଷା କରି ରହିଥିଲା,—ଆଉ ଜଣେ ଭାରତୀୟ, ଗୁପ୍ତା, ଜବଲପୁର ଭେଷଜ ମହାବିଦ୍ୟାଳୟର ଜଣେ ମୁଖ୍ୟ ଅଧ୍ୟାପକ । ତାଙ୍କୁ ଦେଖି ସାମାନ୍ୟ ଖୁସି ଓ କିଛିଟା ଅହେତୁକ ବିରକ୍ତି ଓଲଟପାଲଟ ହେଲା ମନରେ । ଗାଡ଼ିରେ ବସିଲି । ଗାଡ଼ିର ମସୃଣ ଗତି ଭିତରେ ଭାବିଲି, ଏ ଲୋକ କାହିଁକି ଡ଼ାକିଛି ଖାଇବାକୁ ? ଖୁଆଇବାରେ କଣ ତାର ଆନନ୍ଦ ! ଅପରିଚିତ ବିଦେଶୀ ସହିତ ଭାବବିନିମୟ କଣ ତାର ଲକ୍ଷ୍ୟ ? ନା ଆମେ ରହିବୁ ତା'ର ଡ଼ାଏରୀର କୌଣସି ଏକ ତାରିଖ–ଚିହ୍ନିତ ପୃଷ୍ଠାରେ, ଗୋଟିଏ ଗତାନୁଗତିକ ସନ୍ଧ୍ୟାର ସ୍ମାରକୀ ହୋଇ ? ଆମ ନାଁ, ଠିକଣା ସେ ଜାଣିଲା କେମିତି ? କଣ ବା ଦରକାର ଥିଲା ଜାଣିବା ? ବୁଢ଼ାର ଏ ଗୋଟିଏ ସମୟ କାଟିବାର ଯୋଜନା ନୁହେଁ ତ ? ବା ଆମେ ତାର ଆମେରିକୀୟ ଗର୍ବର ଶୀକାର ନୋହୁଁ ତ ?

ଓଃ ଭଗବାନ୍, ତୁମେ କାହିଁକି କ୍ଷମା ନ ଦେଲ ଆଦାମ୍‌କୁ ?

ପିଏରସନ୍‌ଙ୍କ ଗାଡ଼ି ମୁହାଁଇଲା ଗୋଟିଏ ଗଳି ରାସ୍ତାରେ । ମୋ ଆଖି ହଠାତ୍ ସତେଜ ହୋଇ ଉଠିଲା । ଛୋଟିଆ ଛୋଟିଆ ଘର ଆଉ କଳା କଳା ମଣିଷ ଦେଖି । ପିଏରସନ ହଠାତ୍ କେତେବେଳେ କଟକ ବୁଲି ଆସିଲେ ନା କଣ ? ହସିଲି ମନେ ମନେ । ଗରିବ ବି ଅଛନ୍ତି ଏଠି, ଆମରି ପରି କଳା, ଆକାଶ ଦେଖି ପାରିବା ଭଳି ଛାତ ତଳେ । ଗଳି ପାରିହୋଇ ଗାଡ଼ି ଆଗେଇଗଲା । ଅଳ୍ପ ଦୂରରେ ଦେଖାଗଲା ହାଟିସ୍‌ବର୍ଗର ଘରୋଇ ଉଡ଼ାଜାହାଜ ପଡ଼ିଆ । ଏ କଣ ! ବୁଢ଼ା କୁଆଡ଼େ ଚାଲିଛି ?

ଏତିକିବେଳେ ପିଏରସନ କହି ଉଠିଲେ ଆପଣମାନଙ୍କ ପାଇଁ ମୁଁ ଗୋଟିଏ ଭିନ୍ନ ପ୍ରକାରର ଆୟୋଜନ କରିଛି । ଚାଲନ୍ତୁ ପ୍ରଥମେ ଟିକିଏ ଆକାଶ ଆଡ଼େ ବୁଲିଯିବା, ମୋର ଛୋଟ ଉଡ଼ାଜାହାଜରେ । ଗୁପ୍ତା ମୋ ଆଡ଼େ ଚାହିଁ ଆଖି ମାରିଲେ । ମୁଁ ଟିକିଏ ବୋକାଙ୍କ ଭଳି ଚାହିଁଲି ବୁଢ଼ାର ପଛପଟକୁ । ମଇଳା କାନଭାସ ଯୋତାରେ ମାଡ଼ି ଚାଲିଥିଲା ସେ ଗୋଟିଏ ସୁନ୍ଦର ଛୋଟିଆ ଉଡ଼ାଜାହାଜ ଆଡ଼କୁ । ବାୟୁ ଯାନଟିର ନାକରେ ହାତମାରି ବୁଢ଼ା ଗର୍ବରେ କହିଲା : ମୋ 'ପ୍ରେୟସୀ'ର ଖଣ୍ଡାଧାର ନାକ କେମିତି ଲାଗୁଛି ? ଉତ୍ତରକୁ ଅପେକ୍ଷା କରି ନଥିଲା ସେ । ଟିକିଏ ରସିକିଆ ପ୍ରଶ୍ନ ପଚାରି ଦେଇଛି ବୋଲି ଆତ୍ମ ପ୍ରସାଦରେ ସେ ଉଠିଗଲା ପାଇଲଟ ସିଟ୍ ଉପରକୁ, ଯାତ୍ରା ପୂର୍ବର ପ୍ରାଥମିକ ପରୀକ୍ଷା କରିବା ଲାଗି । ଉଡ଼ାଜାହାଜ ଚାରିପଟେ ମୁଁ ଟିକେ ଘୂରି ଦେଖିଲି । ଛୋଟିଆ, ଚାରିଜଣ ବସିବା ଭଳି । ସୁନ୍ଦର ଗଢ଼ଣ । ଗୋଟିଏ ପଟେ ତାର ଲେଖା ହୋଇଥିଲା "ସେସ୍‌ନା–ଆଡ଼ମିରାଲ୍" (Cessna Admiral) । ବାୟୁଯାନଗୁଡ଼ିକ ସଂପର୍କରେ କୌଣସି ଜ୍ଞାନ ନାହିଁ ମୋର କିମ୍ବା ଆହରଣ କରିବାର ଆଗ୍ରହ ମଧ୍ୟ ନାହିଁ । ଉଡ଼ିଯିବାର ଆକର୍ଷଣ କିନ୍ତୁ ଦୁର୍ନିବାର । ହଠାତ୍ ଗର୍ଜନ କରି ଇଞ୍ଜିନ ଚାଲୁ କରି ବୁଢ଼ା ଯେତେବେଳେ ଭିତରକୁ ଡ଼ାକିଲା, କାହିଁକି କେଜାଣି ଟିକିଏ ଥା ଥା ମା ମା କଲି । ଛୋଟିଆ ଯାନ ବୋଲି ନୁହେଁ, ବୁଢ଼ାର ଚଲେଇବା ଯୋଗ୍ୟତା ଉପରେ ମୋର କିଛିଟା ଆସ୍ଥା କମ୍ ଭଳି ବୋଧ କଲି । ତା'ପରେ ଭାବିଲି, ହ: ଅ: ହେଇ ହେଇ ଦୁର୍ଘଟଣାଟିଏ ହେବତ ! ହଉ । ମୋର ଜନ୍ମଠୁ କଣ ବଡ଼ ଅଘଟଣ ହେବ ? ଲୋକେ ତ ଜାଣିବେ, ଉଡ଼ିଲାବେଳେ ମଲା–। ଗୁପ୍ତା ଡ଼ାକିଲେ, ଉଠିଲି ଭିତରକୁ । ଭିତରଟାରୁ ବାଙ୍ଗ ଉଠିଲା ପରି ଲାଗୁଥିଲା । କିଛି ସମୟ ପରେ ଆମେ ଉଠିଲୁ ଉପରକୁ, ଉପରକୁ, ତଳର ମଣିଷ ବିନ୍ଦୁ ହେଇଯାଏଁ, ତା'ପରେ ଅଦୃଶ୍ୟ ହେଇଯାଏ । ବୁଢ଼ାର ଆରମ୍ଭ ହେଲା ଗପ । ତା' ବାପ ରହନ୍ତି ଦୁଇଶ ମାଇଲ ଦୂରରେ, ଅନ୍ୟ ସହରରେ । ପୁଅ ପାଖରେ ରହିବାର ଆବଶ୍ୟକତା ମନେ କରନ୍ତି ନାହିଁ । ତାଙ୍କୁ ବେଳେବେଳେ ସେ ଦେଖିବାକୁ ଯାନ୍ତି, କାମରୁ ମୁକ୍ତି ପାଇବା ପାଇଁ । ସପ୍ତାହରେ ଅନ୍ତତଃ ଦୁଇଥର ସେ 'ପ୍ରେୟସୀ'କୁ ନେଇ ବୁଲନ୍ତି, ଅସୀମର ସୀମିତ ପରିକ୍ରମା କରନ୍ତି । ସ୍ତ୍ରୀ ତାଙ୍କର ମୃତ, ପୁଅ ନାହିଁ— ହଠାତ୍ ଯାନଟି ଖସିଲା ତଳକୁ । ଗୁପ୍ତା ଜାବୁଡ଼ି ଧରିଲେ ସିଟ୍‌କୁ । ପଛପାଖେ ମୁଁ ଟିକିଏ ଅଣେଇ ହୋଇ ପଡ଼ିଲି । ତାପରେ କିନ୍ତୁ ଯାନଟି ପୁଣି ଉଠିଲା ଉପରକୁ । ଗୁପ୍ତା କହିଲେ: ଏ ବୁଢ଼ା ବୋଧେ ଆମକୁ ନଦୀରେ କିମ୍ବା କୌଣସି ଘର ଉପରେ ଛେଚିବ । ବୁଢ଼ାର କିନ୍ତୁ କୌଣସି ଭାବାନ୍ତର ନଥିଲା । ନିଜର ଦକ୍ଷତାହୀନତା ବା ଇଞ୍ଜିନର ଦୋଷ ଉପରେ କୌଣସି ଟିପ୍‌ପଣୀ ନକରି ବୁଢ଼ା ପୁଣି ଗପି ଚାଲିଲା ।

ବୁଢ଼ା କଣ ଆମକୁ ଡ଼ରେଇଥିଲା ? ମୃତ୍ୟୁଟା କେତେ ପାଖରେ ଦେଖାଯାଉଥିଲା ? ନା ପୁଅ ଜନ୍ମ କରିବା ପୂର୍ବରୁ ସ୍ତ୍ରୀର ମୃତ୍ୟୁରେ ଟିକିଏ ଖସି ପଡ଼ିଥିଲା ନିଜର ଦୃଷ୍ଟି

ଛିଟେଇଛି ? ଏବେ କିନ୍ତୁ ଉଡ଼ାଜାହାଜଟି ଉଡୁଥିଲା ଉଗଲ ପରି, ବାୟୁ ସାମ୍ରାଜ୍ୟରେ ପ୍ରଭୁତ୍ୱ ବିସ୍ତାର କରି । ବୁଢ଼ା ଝୁଲୁଛି ଉଡୁଥିଲା ଖୁସିରେ (ବା! ଧୂଦିର ଛନ୍ଦାରେ) । ପୁଣି ମେଲେଇଲା ଗପ । ଷାଠିଏ ବର୍ଷର ତ ପୁଣି କିଛି ଇତିହାସ ଥାଏ । କାହାଣୀଭରା । କିଛିଟା ଜନ୍ମ ମୃତ୍ୟୁ, ହସ କାନ୍ଦର ଏକାଙ୍କିକା କିମ୍ବା କ୍ଷୁଦ୍ର ଗଳ୍ପ । ବୁଢ଼ା ଶୁଣୁଥିଲା ମନଦେଇ ! ମୋ କାନରେ ଶବ୍ଦ କିଛି ବାଜି ଫେରି ଯାଉଥିଲା କଳା ପଡ଼ି ଆସୁଥିବା ଆକାଶ ଆଡ଼େ । ମୁଁ ମନେ ମନେ ଖୋଜୁଥିଲି ଆକାଶରେ କଣ କିଛି ଦେଖିବି ବୋଲି । କିଛି ଦେଖାଗଲାନି । ନା ଚିତ୍ର ନା ପ୍ରତୀକ ନା ହରଫିପି ନା ଆଉ କିଛି । ଆଖି ବନ୍ଦକଲେ କାଳେ କିଛି ଦେଖାଯିବ ଭାବି ବନ୍ଦକଲି । ନା ଖାଲି କଳାରଙ୍ଗ । ବୁଢ଼ା କହୁଥିଲା, ଏଇଟା ପେଟାଲ (Petal), ଏଇଟା...... ଜଣ ଗୋଟାଏ ନଦୀ । ଏଇଟା ହାଟିସ୍ୱବର୍ଗର........

ଭ-ଗ-ବା-ନ—ଆଦାମ୍‌କୁ କ୍ଷମା କରିଥିଲେ ତୁମର କଣ କ୍ଷତି ହୋଇଥାନ୍ତା ?

ଉଡ଼ାଜାହାଜରୁ ଓହ୍ଲେଇ ମୁଁ ପିଏରସନଙ୍କ ସହିତ ଟିକିଏ ଗପକଲି । ମୋର ଅସହାୟ ଶୂନ୍ୟତାକୁ ଉଦ୍ଧାର ମୁଖାରେ ଯୋଡ଼େଇ କେତୋଟି ଅବାନ୍ତର ପ୍ରଶ୍ନ କଲି । ମୋର ବିଗତ ଅଭଦ୍ରତାର ପ୍ରାୟଶ୍ଚିତ କଲି ଆଗ୍ରହାତି-ଶଯ୍ୟରେ । ମିଏରସନ ଜାଣିପାରିଲେ କି ନାହିଁ କେଜାଣି, କିନ୍ତୁ ଆଗ୍ରହରେ ମୋର ପ୍ରଶ୍ନର ଉତ୍ତର ଦେଉଥିଲେ । ଏ ସହର କେବେ ଆରମ୍ଭ ହେଲା, କଳା ଲୋକଙ୍କ ବସ୍ତିଟା ଉଡ଼ାଜାହାଜ ପଡ଼ିଆ ପାଖରେ କାହିଁକି ଅଛି, ଉଡ଼ିବାରେ ଆପଣଙ୍କର ଆଗ୍ରହ କେଉଁ ଦିନଠୁ ହେଲା, ଭାରତୀୟ ସଙ୍ଗୀତ କେବେ ଶୁଣନ୍ତିକି ନାହିଁ, ରଡ଼. ମାକ୍ୟୁନ୍‌ଙ୍କ କବିତା ପଢ଼ିଛନ୍ତିକି ନାହିଁ ଇତ୍ୟାଦି ଇତ୍ୟାଦି ଏବଂ ଅନେକ ଅନୁଚ୍ଚାରିତ ପ୍ରଶ୍ନ ଯାହାକି ଉତ୍ତରର ଅପେକ୍ଷା କରିନଥିଲା ।

ବସ୍ତି ଡେଇଁ ଗାଡ଼ି ଚାଲିଲା ପାଇନ୍ ଘେରା ଜଙ୍ଗଲ ରାସ୍ତାରେ । ଗାଡ଼ିର ସାମନା ବତୀ ଆଗରେ ପିଏରସନଙ୍କର ଅନେକ ସ୍ମୃତି ବୋଧହୁଏ ଚକ ଚକ କରୁଥିଲା । ସେ ଧୀର ଗତିରେ ଗାଡ଼ି ଚଲେଇଲେ, ଦୁଇ ପାଖର ଅନ୍ଧାର କିଛିଟା ହସୁଥିଲା ଗଛ ଫାଙ୍କରେ । ପୁଣି କୁଆଡ଼େ ଚାଲିଛି ବୁଢ଼ା ? ଖାଇବାକୁ କୋଉଠି ଦେବ ? କଣ ଗାଡ଼ିରେ କିଛି ରଖିଛି ? ଖାଇବାକୁ ବିଶେଷ ଇଚ୍ଛା ନାହିଁ ବାବା, ଦେ ମତେ ଛାଡ଼ିଦେ, ମୁଁ ପ୍ଲୁଚିଯାଏଁ ମୋର ହାତ-ପାଦହୀନ ମାଦକ କଳ୍ପନା ପାଖକୁ । ମୋର ଆବେଗର ଘେରାପାଚିରୀ ଭିତରକୁ । କୁଆଡେ ଯାଉଚୁ ଏ ରାତିର ଡେଉ ଡେଇଁ ଡେଇଁ, ଏ ପାଇନ୍ ରାତିର ହାତ ଛୁଇଁ ଛୁଇଁ ? ଯିବୁ ଯଦି ଆଉରି ଜୋରରେ ଚାଲ, ପଳେଇ ଚାଲ— ପଳେଇପ୍ଲର୍ ନିଃଶବ୍ଦ ଜ୍ୟୋତ୍ସ୍ନାକୁ, ଗତିପଙ୍କୁଆର ସାଇତା ରକ୍ତ ପାଖକୁ ।

ପିଏରସନ ଛୁଆଙ୍କ ପରି କହି ଉଠିଲେ ; ହେଇ ଆସିଗଲା ମୋର ଗ୍ରାମ୍ୟନିବାସ । ଆଗ ଅନ୍ଧାରରେ, ବାଁ ପଟକୁ ଗୋଟିଏ ସରୁଆ ପଥ ମଡ଼ମଡ଼ ରାସ୍ତାରେ ଗାଡ଼ି ପୁରେଇ ଦେଇ ବୁଢ଼ା ଟିକିଏ ଗଦ୍ ଗଦ୍ ହୋଇପଡ଼ିଲେ । ସଚିବାଳୟ ପ୍ରଧାନ ପ୍ରବେଶ ଦ୍ୱାରରେ ପ୍ରବେଶପତ୍ର ନଥାଇ, ଡ୍ରାଇଭରଟିଏ ହଲେଇ ଦେଇ ଗାଡ଼ିରେ କିଛି ବାଟ ଚାଲିଗଲା ପରେ. ଗଡ଼ ଜିଣିବାର ଉଲ୍ଲାସରେ ଛାତି ଯିମିତି ଟିକିଏ ଫୁଲି ଉଠି ମୁହଁକୁ ଗୋଲାପୀ କରେ, ପିଏରସନ ସେମିତି କିଛିଟା ଭାବ ଦେଖେଇଲେ । ସାମ୍ନା ଆଲୁଅରେ ଦେଖାଗଲା ଗୋଟିଏ ଦୁଇତାଲା ଘର, ପାଇନ୍ କାଠର । ବିରାଟ ଗୋଟିଏ ମଞ୍ଚ ଉପରେ ଠିଆ ହୋଇଥିବା, ବିଗତ-ଯୌବନା ପ୍ରଖ୍ୟାତ ସୁନ୍ଦରୀ ପରି ଏକ ଅନବଦ୍ୟ ଠାଣିରେ ଘରଟି ।

ଆମେରିକୀୟ ଟଙ୍କାର କରାମତି ଅନେକ ଦେଖିଥିଲେ ମଧ୍ୟ, ପିଏରସନଙ୍କ ରୁଚିର ପ୍ରଶଂସା ନକରି ରହି ପାରିଲିନି । ସଭ୍ୟତାର ଏତେ ଦୂରରେ, ନିର୍ଜନ ପାଇନ୍ ବଣରେ ଶୀତତାପ ନିୟନ୍ତ୍ରିତ ସୁନ୍ଦର ଘର ! ବ୍ୟକ୍ତିଗତ ବିଜୁଳି ଉପାଦନକାରୀ ଯନ୍ତ୍ର, ଆଧୁନିକ ବଞ୍ଚିବାର ସମସ୍ତ ଲୋଭନୀୟ ଉପକରଣ— କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟ ଲାଗିଲା କାଚ ଘର ଏବଂ ଷ୍ଟୁଡ଼ିଓ ଦେଖି । ପିଏରସନଙ୍କ ଆଖିକୁ ଦେଖଲି, ଚଷମା ତଳ ଆଖିରେ ଦୃପ୍ତି ଅଛି, କିନ୍ତୁ ତା' ସଙ୍ଗେ ସଙ୍ଗେ କିଛିଟା କରୁଣ ଗ୍ଲାନି ମଧ୍ୟ ଲକ୍ଷ୍ୟ କଲି । ସ୍ତ୍ରୀର ଅନ୍ତର୍ଧାନରେ ବୁଢ଼ା କଣ ଏଠି....? ନା ଆଉରି କଣ କିଛି ବଡ଼ ପାପ କରିଚି ? ହତ୍ୟା ବା ଧର୍ଷଣ ବା...... ଧେତ୍—ଭଗବାନ ତୁମେ କାହିଁକି କ୍ଷମା ନ ଦେଲ ଆଦାମ୍‌କୁ ! ମୁଁ ବୋଧେ ମୋ ମନର ପାପସବୁ ବୁଢ଼ା ଉପରେ ନଦି ଦେଉଚି । ବୁଢ଼ା ହୁଏତ ନିର୍ଦ୍ଦୋଷ । ଏ ଘରେ ହୁଏତ ସେ ଶାନ୍ତି ପାଉଚି କେତୋଟି ମୁହୂର୍ତ୍ତ ପାଇଁ, ପଳେଇ ଆସିଚି ଡ୍ରହନ ବିଜନ ହେଇ ସେପାଖ ବୃଜନରୁ । ହୁଏତ ଏଠି ବି ସେ ଜଳିଛି ।

ପିଏରସନଙ୍କୁ ଆଉ ଟିକେ ନିଘା କଲି । କିନ୍ତୁ ଇର୍ଷା ମଧ୍ୟ ଜାଗ୍ରତ ହେଲା ତା'ପାଇଁ । ପଳେଇବା ପାଇଁ ନିଜର ତ ତାଙ୍କର ଟିକିଏ ଜାଗା ଅଛି । ହୋଇପାରେ ସେ କେବଳ ପ୍ରବଞ୍ଚନା । କିନ୍ତୁ ପ୍ରବଞ୍ଚନା ପାଇଁ ବି ମୋର......

ବୁଢ଼ା କହିଲେ ଏମିତି ଜାଗାକୁ ଆସି ଖାଲି ଫେରିବାକୁ ହେବ ନାହିଁ । ତିନୋଟି ଗ୍ଲାସରେ କିଛି ଢୋକାଢୋକ ଢାଳି ବୁଢ଼ା ଆଣି ରଖିଲେ । ମୁଁ ଚେଢି ଧରି କହିଲି, "ଏ ଅନ୍ଧାରରେ ଯଦି ଆମକୁ କିଏ ଦେଖୁଛି ତାକୁ" । ପିଏରସନ ଗମ୍ଭୀର ହୋଇଗଲେ । କହିଲେ, ହିଁ ତାଙ୍କୁ ! ନିଶ୍ଚୟ ତାଙ୍କୁ । ମୋ ବୟସର ଲୋକଙ୍କୁ ସେ ହିଁ ଦିନେ ଉତାରିବ । ଆଖିଟା ତାଙ୍କର ଠିକ୍ ଦେଖା ନ ଯାଇଥିଲେ ମଧ୍ୟ କଣ୍ଠ ସ୍ୱରରୁ ବୁଝି ପାରିଲି ପିଏରସନ ଟିକିଏ ନରମି ଯାଇଛନ୍ତି । ଆରେ ଏ ବୁଢ଼ାଟା କାନ୍ଦି ପାରେ, ନରମି ପାରେ, ମାଟିକି ଭିଜେଇ ପାରେ ?

ସ୍ୱଇଲ୍କୁ ଖାଇବା କହି ବୁଢ଼ା ଉଠିଲେ । ମୋର କିନ୍ତୁ ଇଚ୍ଛା ନଥିଲା ଉଠିବାକୁ । ଗୋଟିଏ ରାତି ସେ ଘରେ ରହି

ବୁଢ଼ାର ସ୍ମୃତିସବୁକୁ ଦଉାଣ୍ଡିବାକୁ ଇଚ୍ଛାହେଲା ବହୁତ । ହିନ୍ଦୀରେ ଗୁପ୍ତାକୁ କହିଲି ସେ କଥା । ଗୁପ୍ତା ମୁହଁ ମୋଡ଼ିଲା, ବୁଢ଼ା ଓହ୍ଲେଇଗଲେ ପାହାଚ । ଟାଣି ହୋଇ ଆସିଲି ମୁଁ । ହଉରେ ବୁଢ଼ା, ମୁଁ କଣ ଅନନ୍ତକାଳକୁ ଭୋକରେ ବସିଚି ଯେ ମତେ ଖାଇବାକୁ ଦବୁ ? କଣ ବା ଦବୁ ? ହଉ, ସେ କାମଟା ଶୀଘ୍ର ସାରିଦେ, ଛାଡ଼ିଦେ ମୋତେ : ମୋ ପାଖରେ ।

ସେଇ ଅନ୍ଧାରରେ ବୁଢ଼ା ଗାଡ଼ି ଚଲେଇଲା ଅଜଣା ଦିଗରେ । ବଙ୍କାଟଙ୍କା ରାସ୍ତାରେ କିଛିବାଟ ଗଲାପରେ ଗାଡ଼ିଟି ଧୀରେ ଧୀରେ ଉପରକୁ ଉଠିଲା ପରି ଲାଗିଲା । କିଛି ଦୂରରେ ଗୋଟିଏ ମୁଣ୍ଡିଆ ଉପରେ ଦେଖାଗଲା ଗଦାଏ ଆଲୁଅ । ମରୁଭୂମିର ଉଦ୍ୟାନ ପରି ସୁନ୍ଦରିଆ ଦିଶୁଥିଲା ପାହାଡ଼ ଉପରର ଆଲୁଅଗୁଡ଼ିକ । ଆଉ ଟିକିଏ ପାଖରୁ ଦେଖାଗଲା ସୁସଜ୍ଜିତ ଛୋଟିଆ ଛୋଟିଆ ଦୁଇ ଚାରୋଟି ଘର, ଆଉ ଟିକିଏ ପାଖରୁ ଅନେକ ଗାଡ଼ି, ଅନେକ ଲୋକ । ତା'ପରେ ନିଅନ ଆଲୁଅର ବିରାଟ ଏକ ବୋର୍ଡ୍—ମାକ୍ସ (Mack's) ।

ଗାଡ଼ି ରହିଲା ପରେ ମୁଁ ଚାରିଆଡ଼କୁ ବଲ ବଲ କରି ଚାହିଁଲି । ଅନେକ ଅନ୍ଧାର ପରେ ହଠାତ୍ ଗୁଡ଼ାଏ ଆଲୁଅ ମୋ ଆଖିକି ଟିକିଏ ବିବ୍ରତ କରୁଥିଲେ । ପିଏରସନ ଡାକିଲେ : ଆସନ୍ତୁ, ଆସନ୍ତୁ । ଏ ଜାଗାଟା ଖାଇବା ପାଇଁ ଏ ଶହେ ମାଇଲ ଭିତରେ ଖୁବ୍ ପ୍ରସିଦ୍ଧ । ଚାଲନ୍ତୁ, ମାଛକୁଣ୍ଡ ପାଖକୁ ଯିବା, ନିଜେ ବାଛିବା ନିଜର ମାଛ । ଆଶ୍ଚର୍ଯ୍ୟ ହେଲିନାହିଁ । ଏକୁଟିଆ ଟିକିଏ ନିଜ ଭିତରେ ହଜିଯିବାକୁ ଚେଷ୍ଟା କରି ମଧ୍ୟ ଏ ଲୋକଗୁଡ଼ାକ ସଭ୍ୟତାର ନକଲି ଢାଞ୍ଚାକୁ ଛାଡ଼ି ପାରୁନାହାନ୍ତି । ଯୁଆଡ଼େ ଗଲେ ବି ସାଙ୍ଗରେ ବାନ୍ଧି ନେଉଛନ୍ତି ସଭ୍ୟତାର ଆରାମ୍, ଅଣ୍ଟିରେ ପୂରାଇ ନେଉଛନ୍ତି ଆଞ୍ଜୁଳା ଆଞ୍ଜୁଳା କରି କ୍ଷୁର୍ତ୍ତିମତା । ବୁଢ଼ାର ବା ଦୋଷ କଣ ? ସେତ ଆମକୁ ଖୁସି କରେଇବାରେ ବ୍ୟସ୍ତ । ଚାଲ ଚାଲ ହୋଇ ଗଲୁ ମାଛକୁଣ୍ଡ ପାଖକୁ । ଗୋଟିଏ ବିରାଟ କାଚ କୁଣ୍ଡରେ ପହଁରୁଥିଲେ ଅନେକ ମାଛ, ଆମ ପୋହଳା ପରି ମାଛ, ଆକାରରେ ଟିକିଏ ବଡ଼ । ଖାଇପିଇ ପୋଷା ହୋଇଛନ୍ତି ଆମ ପାଇଁ । ବୁଢ଼ା କହିଲେ ! ଏ ହେଲା କେଟ୍ ଫିସ୍ (Catfish) । ଖୁବ୍ ସ୍ୱାଦ । କାଲିଫର୍ଣ୍ଣିଆରୁ ବି ବେଳେବେଳେ ଲୋକେ ଆସନ୍ତି ଏଠି କେଟ୍‌ଫିସ୍ ଖାଇବା ପାଇଁ । ମାକ୍ ର ବହୁତ ସୁନାମ ଅଛି ସେ ଦିଗରେ । ବୁଢ଼ା ଆଙ୍ଗୁଠି ଦେଖେଇ ବାଛି ଦେଲେ ମାଛ । ଏଇଟା, ଏଇଟା, ଓ ଏଇଟା । ମାଛ ଧରହେଲେ, ଛଟପଟ ହେଲେ ତା'ପରେ ହୁଏତ ଶୋଇ ଯାଇଥିବେ, ଆଉକି ଯାଇଥିବେ ଅଜଣା ଗୋଟିଏ ଆତଙ୍କରେ । ତା'ପରେ କଟାକଟି ହେବେ । ଦେହରେ ତାଙ୍କର ବୋଳାହେବ ସଭ୍ୟ ମଣିଷର ଅଭିଳାଷର ପଟକ । ତା'ପରେ ଶବାଧାରରେ ସଜାହୋଇ ଆସିବେ ସେମାନେ ଆମ ରୁଚିର ପ୍ରଶଂସାପତ୍ର ପରି ।

ଆମ ଟେବୁଲ ସଜା ହୋଇଥିଲା ଆଗରୁ । ପିଏରସନ କୌଣସି ତ୍ରୁଟି କରିନଥିଲେ ଆତିଥ୍ୟରେ । ସ୍ତ୍ରୀ ନ ମରିଥିଲେ ହୁଏତ ଆମକୁ ଖୁଆଇଥାନ୍ତେ ନିଜଘରେ । କିନ୍ତୁ ଏ ବି ଠିକ୍ । ଅତିଥିମାନଙ୍କୁ ସେ ଦେଉଛନ୍ତି ଯାହାକି ଅନେକ ଆମେରିକୀୟଙ୍କ ପାଖରେ ସ୍ୱପ୍ନ ପରି । ବସିଲୁ ଆମେ । ଗୋଟିଏ ହସମୁଖୀ ତରୁଣୀ ପରଷିଲେ ଖାଦ୍ୟ । କେଟ୍‌ଫିସ୍ । ହଶ୍ ପପିସ ( Hush poppies ) ଇତ୍ୟାଦି ଇତ୍ୟାଦି । ଖାଦ୍ୟ ଭଲ ଲାଗୁଥିଲା । ପିଏରସନ ଓ ଗୁପ୍ତା ଗିଳି ଚାଲିଲେ ମାଛମାନଙ୍କୁ । ମୁଁ ବି ଗଣୁଥିଲି ମାଛ ଆତ୍ମାସବୁ କେତେ ଦିନ ମିଶିଲା ମୋ ଦେହରେ, ମୋ ଭାଗ୍ୟରେ ।

ଭଗବାନ ତୁମେ ଆଦାମ୍‌କୁ............

ନାନା, ବିଶେଷ ଭୁଲ ହୋଇନି ।

ପିଏରସନ ଗପି ଚାଲିଥିଲେ, ସୁନ୍ଦର ଜାଗା । ଲୋଭନୀୟ ଜାଗା । ତାଙ୍କ ସ୍ତ୍ରୀ ଥିଲାବେଳେ ସେ ଆସିଛନ୍ତି ଅନେକ ଥର । ବର୍ତ୍ତମାନ ଜାଗାଟି ଖୁବ ଗହଳି ହେଉଛି । ତାଙ୍କ ଝିଅ (ମୋ ବୟସର) ଅନେକ ଆସେ ଏଠିକି ତାର ପ୍ରେମିକମାନଙ୍କୁ ନେଇ ।

ମୋ ଆଖିରେ ପିଏରସନ ଏଥର ଅଲଗା ଦେଖାଗଲେ । ନା ଅସୁନ୍ଦର ନୁହନ୍ତି । ସେ ଭଲ । ସୁନ୍ଦର ବି କୁହାଯାଇ ପାରେ । ବୟସ ହେଲେ କଣ ହେଲା ? ଯୌବନ ଅବସର ନେଇଥିଲେ କଣ ହେଲା ? ସେ ଅବସର ନେଇ ନାହାନ୍ତି । ସେ ଦୌଡ଼ୁଛନ୍ତି, ଠିକ୍ ଚାଲିଛନ୍ତି । ତାଙ୍କ ପୃଥିବୀ କକ୍ଷଚ୍ୟୁତ ହୋଇନି ।

ଏଥର ଡ଼େସର୍ଟ୍ ( Dessert ) ଖାଇବା ଆମଘରେ । ଉଠିବା । ବୁଢ଼ା ରଖିଦେଲେ ଟେବୁଲ୍ ଉପରେ ପରିଚାରିକା ପାଇଁ ପାଞ୍ଚ ଡ଼ଲାରର ଖଣ୍ଡିଏ ନୋଟ । ହସମୁଖୀ ମୁରାଦାନ୍ତ ଦେଖାଇ ଆମକୁ ବିଦାୟ ଦେଲେ । ଟ୍ରୁପାଙ୍କର ଭାରି ଦେହ ଟିକିଏ ବେଶି ଅଳସେଇଲା ।

ଗାଡ଼ି ଚାଲିଲା । ଏଥର ଅନ୍ଧାରଟା ଚିହ୍ନା ଚିହ୍ନା ମନେ ହେଲା ।

ପାଇନ୍‌ଗୁଡ଼ାକ ଆପଣାର ପରି ହାତ ହଲେଇଲେ ।

ଆଇସ୍‌କ୍ରିମ ଅଧା ଖିଆ ହେଲାବେଳେ ଫୋନ ଆସିଲା ବୁଢ଼ାର । ଫୋନ ଧରି ବୁଢ଼ା ହସିଲା ଖାଲି । ଗୁଡ଼ାଏ ଧନ୍ୟବାଦ ଓ ଆଶିର୍ବାଦ ଦେଲା । ଆମ ପାଖକୁ ଆସି କହିଲା : ମୋ ଝିଅ ଆସି ପହଞ୍ଚିବ ସକାଳେ । ତାର କୁଆଡ଼େ ଛୁଆ ହେବ । ଆଜି ମୋର ଭାରି ଶୁଭଦିନ । ଆପଣମାନେ ମୋ ପାଇଁ ବହୁତ ଶୁଭଙ୍କର ।

ପିଏରସନ ବିମୋହିତ ହୋଇ ଉଠିଲେ । ତାଙ୍କ ବିରାଟ ଘରଟା ଆସ୍ତେ ଆସ୍ତେ ଛୋଟ ହୋଇ ଆସିଲା । ପିଏରସନଙ୍କ ମୁହଁ ବଡିବାରେ ଲାଗିଲା । ତାଙ୍କ ଆଖି ପାଲଟିଲା ଅମାପ ପୃଥିବୀ, ନାକ ପୁଡ଼ାରେ ସମସ୍ତ

...ଦନ୍ଦ ବନ୍ଦୀ ପରି ଲାଗିଲେ । ଓଠ ତାଙ୍କର ଖୋଲିଗଲା ...ଦିଗବଳୟ ହଠାତ୍ ମେଲିଗଲା ପରି । ଆକାଶ ଓ ସମୁଦ୍ର ...ମିଶି ମିଶି ଫୁଲି ଉଠିଲେ ଯିମିତି ।

ନା ଭଗବାନ । ଖୁବ୍ ଭଲ କରିଚ ତମେ ଆଦାମ୍‌କୁ କ୍ଷମା ନଦେଇ । କ୍ଷମା ଦେଇଥିଲେ ଆକାଶଟା ନିବୁଜ ହୋଇ ଯାଇଥାନ୍ତା । ଖୁବ୍ ଭଲ କରିଚ ।

...ଫେସର, ଇଂରାଜୀ ବିଭାଗ
...ହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର, ବ୍ରହ୍ମପୁର

# ଉଠ୍‌ରେ ପୁତା

ପ୍ରଭାତ ଶତପଥୀ


ବିନସ୍ଥାଗ କପୋତୀ ଡାକୁଥାଏ
କୁର୍‌ର....କୁର୍
ଉଠ୍‌ରେ ଉଠ୍
ନିଷ୍କପଟ ପୁଅ ମୋର;

ମାଣ ନ ଫୁରିଲା ନାହିଁ
ବର୍ଷା ଟୋପା ପରି ତୋ'ର କୁନି କୁନି ଆଖି
କି ନିରୀହ କାରୁଣ୍ୟରେ ଛଳ ଛଳ
କାଣ୍ଡଜ୍ଞାନହୀନା ନିଷ୍ଠୁର ମାଆ ମୁଁ ତୋ'ର
କୁଟିଳ ବୁଆ ପିଲଙ୍କ କପଟେ ଭୁଲିଲି
ନକଲି ସୁନାର ରଙ୍ଗ ଆଖି ଝଲସାଇ ଦେଲା
ବିଷ ମିଶା ମହୁ ସୋରେଇକି ଦେଖି ଲୁବ୍ଧ ହେଲି
ଶୀତଳ ପାଣି ମାଠିଆ ଗଗରେ ଲାଗିଲି
ନିଷ୍ପାପର ନୀରବ ମୁହଁଟି ତୋ'ର ତଳକୁ ନଇଁଲା
ଧୂର୍ତ୍ତ ବୁଆ ପିଲମାନେ ହସୁଥିଲେ ଉଡ଼ି ଉଡ଼ି ରବ କରି କରି
ତୁଁ ତ କହିଲୁ ନାହିଁ ପଦୁଟିଏ
ମାଆଲୋ, ସ୍ୱଭାବ ମୋର
କୁଣ୍ଡା ନାହିଁ, ଚଞ୍ଚୁ ନାହିଁ
ଅଳପ ହେଲେ ବି ଭଲ

ଅବୁଝା ମୋ ଆକ୍ରୋଶରେ
ଭର୍ତ୍ସନାରେ ହେଲୁ କଳବଳ

ପୃଥିବୀର ସବୁ ସରଳତା
ହଠାତ୍ ଉଭାଉ ହେଲା
ଚାଲିଭି ଆଜି
ଛଳନା, ଶଠତା
ଛେଚିଦେଲା ଅଖଳା ଶିଶୁର ମଥା
ପୁଅ ମୋର ଫେରିଆରେ
ଅବିବେକୀ ମାଆ ତୋର
ମୁଣ୍ଡ କୋଡ଼ି ମରେ ॥

ଡି-୩୦, ବାଣୀବିହାର
ଭୁବନେଶ୍ୱର



# ନିବେଦନ



ଶ୍ରୀମତୀ ଜଗଦ୍ଧାତ୍ରୀ ମହାନ୍ତି

ତୁମର ମୋହର ପ୍ରଭୋ ! ସମ୍ବନ୍ଧ କି ସବୁବେଳେ ତତ୍ତ୍ୱରେହିଁ ସୀମାବଦ୍ଧ ଥିବ ?
ବୌଦ୍ଧିକ ସେ ସମ୍ପର୍କର ମୂଲ୍ୟ କ'ଣ ? ସୂକ୍ଷ୍ମତମ ଚିନ୍ତାର ତନ୍ତ୍ରରେ
ତୁମରେ ମୁଁ ବିଶ୍ଳେଷଣ କରି ମନ ତନ୍ତ୍ରେ କେବେ କଣ ତୁମକୁ ମୁଁ ପାଏ ?
ନୀରବରେ ହସୁଥାଅ ତୁମେ ମୋର ଜ୍ଞାନ ଗରିମାର ପ୍ରହସନ ଦେଖି ।

ସମ୍ମୁଖେ ବିସ୍ତୃତ ନଦୀ, ଅଥଚ ମୁଁ ଜଳ ପାଖେ ଯାଇ
ତୃଷ୍ଣା ନିବାରଣ କେବେ କରେ ନାହିଁ, ଦୂରେ ରହି ନଦୀ ସମ୍ପର୍କରେ
ତଥ୍ୟମାନ କରେ ମୁଁ ସଂଗ୍ରହ, ମୋର କୃତିତ୍ୱର ଶୁଷ୍କ ଯଶୋଗାନ ଶୁଣି
କୃତ୍ୟ କୃତ୍ୟ ହୁଏ, କିନ୍ତୁ ତଦ୍ୱାରା କି କେବେ କ'ଣ ଛୁଏଁ ମୁଁ ତୁମକୁ ?

ଜଣେ କିଛି ଜାଣି ନାହିଁ, ଗତି ନାହିଁ, ବୁଝି ନାହିଁ ତୁମ ସମ୍ପର୍କରେ
ଅଥଚ ସେ ତୁମ ନାମ ଗାଇ ଗାଇ ଦିନ ରାତି ବିଭୋର ରହୁଛି
ସେ ପରମ ପ୍ରାପ୍ତି ପରେ ଅଧିକ କି ପ୍ରୟୋଜନ ଆଉ ?
ଅଥଚ ସେ ପ୍ରାପ୍ତି ଅଭାବରେ ତତ୍ତ୍ୱଜ୍ଞ ମୁଁ ଜଳି ମରେ ନିଃସଙ୍ଗ ଦୁଃଖର ଜାଲେ ମୋ ଜ୍ଞାନର ଗବେଷଣାଗାରେ ।

ବୃଥା ଏ ସଞ୍ଚୟ ମୋର ଫିଙ୍ଗିଦେଇ ପ୍ରଭୋ ! ମୋତେ ତୁମେ ନିଃସ୍ୱ କର, ନିଃସହାୟ କର
ତେବେ ମୁଁ ତୁମରେ ଖୋଜି ପାଇବାର ଅହଙ୍କାରେ ଜଳାଞ୍ଜଳି ଦେଇ
ସ୍ଥିର ରହି ଅନୁଭବ କରିବି ମୁଁ ଅଙ୍ଗେ ଅଙ୍ଗେ ଶିହରଣ ପ୍ରତିକ୍ଷଣେ ତୁମ ଆଶ୍ଳେଷର ।

C/o ବିଜୟକୃଷ୍ଣ ମହାନ୍ତି
ଜେନେରାଲ ପୋଷ୍ଟ ଅଫିସ, ଭୁବନେଶ୍ୱର-୧

# ସ୍ୱପ୍ନ–ଆଗାମୀ ପ୍ରଭାତର

ଶ୍ରୀମତୀ ବୀଣାପାଣି ମହାନ୍ତି

ସୁଭଦ୍ରା ଯେତେ ବୁଝେଇଲେ ବି ଟୋକାଟା ବୁଝିବାକୁ ନାରାଜ । ତୁହାଇ, ତୁହାଇ ସେଇ କଥା ପଚାରୁଛି— "ମା ! କହନ । କ'ଣ ସବୁ ଆମର ହେବ ପରା ତୁ କହିଥିଲୁ ?" "ଗ୍ରେପାଟା ହେବ । କଳଖିଆଡ ଖାଇଲୁ—ବେ ଏଣିକି ଶୋଇପଡ଼ ।" "ନାହିଁ......ତୁ କହ । ସେ ସଭାରେ ବାବୁ ଯାହା ଯାହା କହିଲେ ତୁ କହ । ପିଲମାନେ କ'ଣ ରଜା ହେବେ ମା ?" ଅଜୟର କଣ୍ଠରେ ଅହେତୁକୀ ଆଗ୍ରହ । "ରାଜା ? ହଇରେ ରଜା ହେବ କିଏ ? ସେ କଥା ନାହିଁ ଯେ ସଭାରେ କଥା ପଡ଼ିଥିଲା ପିଲାଏ କେମିତି ଭଲ ମଣିଷ ହେବେ, ସୁସ୍ଥ ରହିବେ, ଭଲ ପାଠ ପଢ଼ିବେ । ତତେ ରଜା ହେବା କଥା କହିଲା କିଏ ?"

ଅଜୟ ଉତ୍ତର ଦେଲା—

"ବିଦୁ ଦିଦି କହୁଥିଲେ ଏ ବର୍ଷ ତୁଆଡ଼େ ପିଲାଙ୍କର ରାଜା ହେବା ବର୍ଷ ।" ହସି ପକେଇଲା ସୁଭଦ୍ରା । ବିଦୁଟା ସେମିତି ମନଭୁଲାଣିଆ କଥା କହେ । ଖବର କାଗଜରେ ଯାହା ପଢ଼େ ତାକୁ ବନେଇ ଚୁନେଇ କହେ । ଗଲବର୍ଷ ସେମିତି କହୁଥିଲା ସ୍ତ୍ରୀ ଲୋକଙ୍କର ରାଣୀ ହେବା ବର୍ଷ ଆସିଛି । ସୁଭଦ୍ରା ଆଉ କିଛି ନ କହି ଛିଣ୍ଡାକାମାଟା ରଫୁ କରିବାରେ ମନ ଦେଲା । ଅଜୁ ଏଥର ଅଳି କଲାପରି କହିଲା—"ମା ! ମୋ ନା'ଟା ତୁ ସେଇ ସ୍କୁଲରେ ଲେଖେଇ ଦେ' ଯେଉଁଠି ଅରୁଣ ବାବୁଙ୍କ ପୁଅ ପଢୁଛି" । ସୁଭଦ୍ରା କଣେଇ କରି ପୁଅ ମୁହଁକୁ ଅନେଇ ଉତ୍ତର ନ ଦେବା ଉଚିତ୍ ମନେକଲା । ଅଜୁ ତ ବୁଝିବନି ଇଂରାଜୀ ସ୍କୁଲରେ ପଢ଼େଇବାକୁ ତା'ମାର ସାମର୍ଥ୍ୟ ନାହିଁ । ଏଇ ସାଧାରଣ ସ୍କୁଲର ବହି ଖାତା ଯୋଗେଇବା ପାଇଁ ସେ ଯେ କଠିନ ପରିଶ୍ରମ କରୁଛି ସେହି ଏକା ଜାଣେ । ଅଜୁ ତ ଜାଣେ ନାହିଁ ତାର ବାପା ଦୁଇବର୍ଷ ହେଲା ଗୋଟିଏ ପଇସା ଘରକୁ ପଠାଇ ନାହିଁ । ଏମିତି କି ଚିଠି ଖଣ୍ଡେ ବି ଦେଇନାହିଁ । କିଏ କେତେ ରକମ କଥା କହୁଛନ୍ତି........କ'ଣ ସତ ଅଛି ସେଥିରେ ତା'ର ? ମାତ୍ର ବାପାର ଏଇ କରଛଡ଼ା ଦେଇ ରହିବା କଥାଟା ସେ ଅଜୁକୁ କହି ପାରିନି, ଜୀବ ଥିବାଯାଏ କହି ବି ପାରିବ ନାହିଁ । ବାପା କାହିଁକି ଘରକୁ ଆସୁନି ବୋଲି ପ୍ରଶ୍ନକଲେ ସୁଭଦ୍ରା କହେ ଏ ବେଳେ ବାପା ପାଞ୍ଚ ବର୍ଷ ଯାଏ ଘରକୁ ଆସି ପାରିବନି, ବହୁତ କାମ, ଥରେ ଯଦି ଅମାନିଆ ହୋଇ ଚାଲି ଆସେନା ତା'ହେଲେ ଚାକିରୀ ଚାଲିଯିବ । ମନକୁମନ ହିସାବ କରି ଆଙ୍ଗୁଠି ଅଗରେ କହେ ଯେ ଅଜୁ ମାଇନର ପାଶ୍ କଲେ ବାପା ଘରକୁ ଆସିବ । ସୁଭଦ୍ରାର ଚିନ୍ତାରେ ବ୍ୟାଘାତ ଜନ୍ମାଇ ଅଜୁ କହିଲା "ତୁ ବାପାକୁ ଲେଖିଦେ, ମୋ ପାଇଁ ଡ୍ରେସ କରି ପଠାଇବେ । ରଙ୍ଗ ପେନ୍‌ସିଲ୍ ପଠାଇବେ । ମୁଁ ସେଇ ଅରୁଣ ବାବୁଙ୍କ ପୁଅ ସ୍କୁଲରେ ପଢ଼ିବି ମା ।" ଭାରି, ଭାରି କଣ୍ଠରେ ସୁଭଦ୍ରା କହିଲା—"ତୁ ଏଇଲେ ଆଖିବୁଜି ଶୋଇ ପଡ଼ିବି ସୁନା ! କାଲି ସକାଳେ ସେ କଥା ତୋ ବାପାକୁ ଲେଖିଦେବି । ଲଣ୍ଠନର ତେଲ ସରିଆସିଲାଣି—ମୁଁ ଟିକେ ତେଲ ପକାଇଆଣେ ।"

ତେଲ ପକଉ, ପକଉ ସୁଭଦ୍ରା ଆପଣା ଛାଏଁ କଇଁ କରି କାନ୍ଦି ଉଠିଲା । ଛୁଆଟା କିଛି ବୁଝୁ ନାହିଁ, ସ୍ୱପ୍ନ ଦେଖୁଛି, ମିଛ କହି ତାକୁ ଭୁଲେଇ ଥିବାର ଅନିଚ୍ଛାକୃତ ଯନ୍ତ୍ରଣା ସୁଭଦ୍ରାର ଛାତି ଭିତରଟା କୋରି ନେଇଯାଉଛି । ଲଣ୍ଠନର କାଚ ସଫାକରି, ବତୀ ଟେକି ସେ ଯେତେବେଳେ ଆସି ଅଜୁର ବିଛଣା ପାଖରେ ବସିଲା, ସେତେବେଳକୁ ମୁହଁରେ ଏକ ସୁଖ ସ୍ୱପ୍ନର ଆଭା ଫୁଟାଇ ଅଜୁ ଗଭୀର ନିଦ୍ରାରେ ଶୋଇଯାଇଥିଲା । ଅଜୁର ହାତୁଆ ଦେହ ହାତକୁ ଚାହିଁ, ମଇଳା ପ୍ୟାଣ୍ଟକୁ ଚାହିଁ ସୁଭଦ୍ରା ଏକ ଦୀର୍ଘ ଶ୍ୱାସ ଛାଡ଼ିଲା । ସଭାରେ ପିଲାଙ୍କ ବିଷୟରେ ଶୁଣି ଅଜୁ ସ୍ୱପ୍ନ ଦେଖୁଛି । ହେଲେ ସୁଭଦ୍ରା କରିବ କ'ଣ ? ତା'ର ସେଇ ସ୍ୱପ୍ନକୁ ସାର୍ଥକ କରିବା ପାଇଁ ଶକ୍ତି କାହିଁ ?

ସକାଳ ହେଲେ ପାଞ୍ଚଜଣଙ୍କ ଘରେ ସୁଭଦ୍ରା ବାସନ ମାଜି ଯାଏ । କୋଉଦିନ କଳଖିଆ କିଏ ଦେଲେ କାନିରେ ବାନ୍ଧି ଆଣେ ଅଜୁ ପାଇଁ ! ସକାଳୁ ଛୁଆଟା ପଖାଳ ପାଣି

ଶିଉ ଝୁଉ ଯାଉଥାଏ ଯେ ଘରକୁ ଫେରିବା ବେଳକୁ ପିଠିଯାକ ଅଣ୍ଟାରେ ଲାଗିଥାଏ । କେମିତି ସେ ଖାଇ ଦେବ ? ଦିନ ଦି'ପହରେ ଭାତ ଗଣ୍ଡାଏ ଚୁଲିରେ ବସେଇ ପୁଅକୁ ଅନେଇ ବସେ । ପୁଅ ଫେରିଲେ ମା ପୁଅ ଖାଇ ଗଡ଼ିପଡ଼ନ୍ତି ଦଣ୍ଡେ । ତା'ପରେ ପୁଅ ଯାଏ ଖେଳିବାକୁ, ମା ଯାଏ ବାସନ ମାଜି, ଘର ଖରଜୀ, ନହେଲେ କଦଳୀ କି କାଗିଜି ଲେମ୍ବୁ ବିକି । ସଂଜବେଳେ ପୁଅ ପଢୁଥାଏ, ମା ଶୁଣୁଥାଏ । କୋଉଦିନ ଅଜୁ କିଛି କହେନା— ହେଲେ ଆଜି କି ସଭା ହେଇ କେଜାଣି ସାଇରେ ସବୁ ପିଲାଙ୍କୁ ଘରୁ ଆସି କୋଡ଼େଇ ଡାକେଇ ନେଇଗଲେ, ପଡ଼ାଏ ଜଳଖିଆ ଧରେଇ ଦେଇ କେତେ କଣ ଅଜବ କଥା କହିଗଲେ ତାଙ୍କଗିମାନଙ୍କୁ ନେଇ । ହେଲେ ସେ କ'ଣ ସଂଭବ ହେବ ? ହାଇ ମାରିଲା ସୁଭଦ୍ରା । ଆଖି ଆଉ ଛୁଞ୍ଚି ମୁନରେ ରହୁନି । ଲଣ୍ଠନ ଲିଭାଇ ଶୋଇ ପଡ଼ିଲା ସେ ଅଜୁ ପାଖରେ । ଦୁଃଖ ତ କିଛି ନୂଆ ନୁହେଁ—ଦେହ ସୁହା ହୋଇଗଲା ପରେ ରୁଟିନ୍ ପରି ସବୁ କଥା ଦୁଃଖ ସୁଖ ବେଳ ଦେଖି ଅନୁଭବ କରିହୁଏ । ଶେଷକୁ ନିଦ— ସବୁ ଚିନ୍ତାର ଊର୍ଦ୍ଧ୍ୱରେ ଥାଏ ବୋଧେ ।

କେତେବେଳେ ଗୋଟାଏ କରମାଡ଼ି ଶୋଇ ଯାଇଥିଲା କେଜାଣି, ଝାଳରେ ଭିଜି ଦେହ ପୋଡ଼ି ଉଠିବାରୁ ସେ କର ଲେଉଟାଇ ଅଜୁକୁ କୋଳକୁ ଟାଣି ଆଣିବାକୁ ଯାଇ ଜାଣିଲା ବିଛଣା ଶୂନ୍ୟ । ଚମକି ଆଖି ଖୋଲି ଦେଖିଲା ସୁଭଦ୍ରା ଲଣ୍ଠନ ଜଳାଉ ଅଜୁ ତାର ବହି ବସ୍ତାନି ଖୋଲି ପଢୁଛି । ରାତି ବୋଧେ ପାହି ଆସିଲାଣିକି କ'ଣ ? ମଲାଜହ୍ନରୁ ଛିଟିକାଏ ପଡ଼ିଛି ଝରକା ଦେଇ ଘର ଚଟାଣରେ । ସୁଭଦ୍ରା ପୁଣି ଆଖି ବୁଜି ଦେଲା........ । ସମ୍ପୂର୍ଣ୍ଣ ନିଦ ଲାଗିଆସିବା ପୂର୍ବରୁ ହଠାତ୍ ଗୁଣୁଗୁଣୁ କଥାର ସ୍ୱରରେ ସେ ଆଖି ମେଲି ଚାହିଁଲା । ଲଣ୍ଠନକୁ କମାଇ ନିଷ୍ପ୍ରଭ କରି କାନ୍ଥ କଡ଼କୁ ଘୁଞ୍ଚି ଯାଇ ଅଜୁ ଆଣ୍ଠୁ ମାଡ଼ି ପ୍ରାର୍ଥନା କରୁଛି........ଆଖିରୁ ତା'ର ଲୁହ ବୋହି ଯାଉଛି ଗାଲ ଉପର ଦେଇ । କେମିତି ଯେପରି ଚମକି ପଡ଼ିଲା ନିଦ ଭିତରେ ସୁଭଦ୍ରା । ଅଜୁ ! ତାର ଦଶବର୍ଷ ବୟସ ପୂରି ନଥିବା ପୁଅ ରାତି ଅଧରେ ଉଠି ପଡ଼ି ଈଶ୍ୱରଙ୍କୁ ପ୍ରାର୍ଥନା କରୁଛି କାନ୍ଦି କାନ୍ଦି । ଈଶ୍ୱର ପୁଣି କିଏ ନା ବାଲିଯାତ୍ରାରୁ କିଣିଥିବା ମାଟିକଣ୍ଢେଇ ହର ପାର୍ବତୀ, ରାଧାକୃଷ୍ଣ ଓ ଗଣେଶ, ସରସ୍ୱତୀ, କିନ୍ତୁ............କାନ୍ଦୁଛି କାହିଁକି ଅଜୁ ! ହତବାକ୍ ବିସ୍ମୟରେ ବିଛଣାରେ ଉଠିପଡ଼ି ସୁଭଦ୍ରା ବିରକ୍ତିରେ ପାଟିକରି ଉଠୁ ଉଠୁ ଅଟକିଗଲା ଅଜୁର କରୁଣ କଣ୍ଠର ଶବ୍ଦରେ ! କାତର କଣ୍ଠରେ ଅଜୁ କହୁଛି—

"ଈଶ୍ୱରମାନେ ! ପ୍ରତିଦିନ ମୁଁ ତୁମମାନଙ୍କୁ ଡାକୁଛି କେହି ଶୁଣୁନ କାହିଁକି ? ତୁମେ ଯଦି ମାଟି, ପଥର ନୁହଁ, ତା'ହେଲେ ଜବାବ୍ ଦେଉନ କାହିଁକି ? ତୁମେ କିଛି ନକଲେ ନାହିଁ ଠାକୁର, ଖାଲି ମୋ ମା'କୁ କହିଦିଅ ମୁଁ ବଡ଼ମଣିଷ ହେବି ଯେତେକଷ୍ଟ, ଯେତେ ଅସୁବିଧା ଆସୁ ପଛକେ ମୁଁ ଅଟକି ଯିବିନି । ପାଠ ପଢିବି, ନାଁ କରିବି । ମୋ ପାଇଁ ମୋ ମା' ଯେମିତି ଆଉ ଲୁଚେଇ ଲୁଚେଇ ନ କାନ୍ଦେ । ମୋ ମା'କୁ କହିଦିଅ, ମୋ ବାପା ଫେରିବନି ଆଉ । ମୋର କିଛି ସେଥିପାଇଁ ମନକଷ୍ଟ ନାହିଁ । ବାପା ନଥିଲେ କ'ଣ ସତରେ ମୁଁ ମଣିଷ ହୋଇ ପାରିବିନି ? ହେଉ, ମୁଁ ତୁମକୁ କଥା ଦେଉଛି ଠାକୁର ବଡ଼ ମଣିଷ ନିଶ୍ଚୟ ହେବି । ଆଉ ହରପାର୍ବତୀ ! ତୁମେ ଦିହେଁ ପରା ରାତି ଅନ୍ଧାରରେ ଉଡ଼ି ବୁଲୁଥାଅ । ତୁମ ଆଖିରେ କ'ଣ ପଡୁନାହିଁ ଛୋଟ ପିଲାମାନେ କେମିତି ହଇରାଣ ହେଉଛନ୍ତି ? ଏତେ ଉଚ୍ଚ ନୀଚ, ଧନୀ ଗରିବ ପ୍ରଭେଦ ସୃଷ୍ଟିକରି ତମେ ପିଲାମାନଙ୍କୁ କାହିଁକି କଷ୍ଟ ଦେଉଛ କହିଲ ? ହଉ, ଯାହା ଆଜିଯାଏଁ କଲ ଭାବନାହିଁ ଯେ ଭଲ କରିଛ । ଏଣିକି ଆମ ବିଦୁଅପା ସଭାରେ ଯାହା କହିଛି—ସବୁ ପିଲା ସମାନ ହେବେ, ସମାନ ସୁବିଧା ପାଇବେ ସେଇ କଥାଟି ତାର ସତ କରିଦିଅ ପ୍ରଭୁ ! ବିଦୁଅପାଙ୍କୁ ବୋଉ ଯେମିତି ମିଛେଇ ବୋଲି ଆଉ ନ କୁହେ । କରିବ ନାଁ ? ତୁମେ କିନ୍ତୁ ଯାହା କୁହ ଈଶ୍ୱର, ତୁମେ ସବୁ କଥା ଭୁଲିଯାଅ । ପ୍ରତିଦିନ ମୁଁ ତୁମକୁ କେତେ ଏସବୁ ମନେ ପକେଇବିଯେ । ଆଃ ! ବଡ଼ କାଟୁଛି ଠାକୁର । କିଛି ଖରାପ ଭାବିବନି ମତେ ! ମୁଁ ଚେକାମାରି ପକେଇ ବସୁଛି—କେତେ ସମୟ ମୁଁ ଆଣ୍ଠେଇ ପାରିବି କୁହନା ? ଦେଖ, ଲଣ୍ଠନରେ ତେଲ ବି ସରି ଆସିଲାଣି । ଆମ ଘରେ ଏତେ କମ ପଇସା ଯେ ଆମେ ରାତିରେ କିରାସିନି ଜାଳିବାକୁ ପାଇପାରୁନୁ ? ମୋ ମା' ଏକଥା ଜାଣିଲେ ତୁମ ଉପରେ ରାଗିବ ଆଉ ମତେ ମାରି ପକେଇବ । ମା' ତୁମ ଉପରେ ଆଜିକାଲି ରାଗି ଯାଉଛି ବୋଲି ତୁମେ ତା' ଉପରେ ରାଗି ଯିବନି ଆଉ ? ସେ ସେମିତି ମିଛରେ ତୁମ ଉପରେ ରାଗେ ମ ........ । ମା ତୁମକୁ ପେଟ ଭିତରେ ବହୁତ ଭଲପାଏ । କିନ୍ତୁ ଗୋ ଟିଏ କଥା ମନେ ରଖିବ ଶିବ ! ମୁଁ ତୁମକୁ ଏ କଥା କହିଛି ବୋଲି ମୋ ମା'କୁ ମୋଟେ କହିବନିଟି ? ସେ କହିଛି ଘର କଥା ଆଦୌ ବାହାରେ କହିବନି । ମୁଁ ଯେମିତି ତା କଥା ମାନିଛି ତୁମେ ସେମିତି ମୋ କଥା ମାନିବ । ନହେଲେ ମୁଁ ତୁମକୁ ନ ଇରେ ନେଇ ଫୋପାଡ଼ି ଦେବି........ସତ କହୁଛି ........ମୁଁ ତୁମମାନଙ୍କୁ ମୋଟରୁ ଡ଼ରେନା........!"

ହଠାତ୍ ଏତିକିବେଳେ ରାସ୍ତା ଉପରେ ପଞ୍ଚାଏ କୁକୁର ଏକ ସଙ୍ଗରେ କଳି କଲାପରି ଭୋ' ଭୋ' କରି ଭୁକି ଉଠିଲେ ରାତିର ନିସ୍ତବ୍ଧତା ଭଙ୍ଗକରି । ଆଉ ସେଇ ଭୟାନକ ଶବ୍ଦରେ ଚମକି ପଡ଼ି ଗୋଟା ଗୋଟା ଈଶ୍ୱରଙ୍କୁ ଖପ୍‌ଖାପ୍ ଡେଇଁ 'ମାଲୋ' ବୋଲି ଚିତ୍କାର କରି ଅଜୁ ବିଛଣାରେ ଆସି ଲୋଟି ପଡ଼ିଲା । ତା'ର ଦୁର୍ବଳ ହାଡୁଆ ହାତ ମା'ର ଶୁଖିଲା ଛାତି ଉପରେ ବେଢେଇ ହୋଇଗଲା କିଛି ଶବ୍ଦ ନକରି । ଗଭୀର ନିଦ୍ରାର ଛଳନା କରି କର ଲେଉଟାଇ ହାତଥି ପିଠିକୁ ପୁଅର କୋଳେଇ ନେଲା ସୁଭଦ୍ରା । ଥର ଥର କମ୍ପୁଛି ଅଜୁର ଦେହ ଭୟରେ । ଦଶବର୍ଷର ପିଲା ଈଶ୍ୱରଙ୍କୁ ଲୁଚେଇ ଡାକୁଛି ମା' ଭୟରେ, ଅଥଚ କୁକୁର ଭୁକାକୁ ତାର ଜୀବନ ଭୟ !

ସୁଭଦ୍ରା ସନ୍ତର୍ପଣରେ ନିଜ ଆଖିରୁ ଲୁହ ପୋଛିବାକୁ ଚେଷ୍ଟା କରି ବିଫଳ ହେଲା । ଥାଉ—ଯେତେ ଲୁହ ବୋହିବ ବୋହୁ । ଅଜୁବାପା ଘରଛାଡ଼ି ଗଲାଦିନୁ ପଥର ଆଖି ଏବେ

ପ୍ରଥମ ଥର ପାଇଁ ଓଡ଼ା ହୋଇଛି ଯେ, ଏ ଲୁହ ସେ ପୋଛିବ ନାହିଁ । କିଏ ଜାଣେ ଖୁସିରେ ଲୁହ ଝରିବାକୁ ତାକୁ ଆଉ ସୁବିଧା ମିଳିବ କି ନାହିଁ ।

ଅଧ୍ୟାପିକା, ଅର୍ଥନୀତି ବିଭାଗ
ଶୈଳବାଳା ମହିଳା କଲେଜ, କଟକ–୧

ଝାପ୍‌ସା ଆଲୁଅରେ ମାଟିର ଠାକୁରମାନେ ସୁଭଦ୍ରା ସାମ୍ନାରେ ଜୀବନ୍ୟାସ ପାଇ ଆନନ୍ଦରେ ନାଚୁଥିଲେ ଯେମିତି !



## କ୍ଷୁଦ୍ର ଚାଷୀଙ୍କ ପାଇଁ ୫ କୋଟି ୩୭ ଲକ୍ଷ ଟଙ୍କା ସ୍ୱଳ୍ପମିଆଦୀ ଋଣ ବ୍ୟବସ୍ଥା

୧୯୭୮-୭୯ ଆର୍ଥିକ ବର୍ଷ ମଧ୍ୟରେ କ୍ଷୁଦ୍ର ଚାଷୀ ଉନ୍ନୟନ ସଂସ୍ଥା ଜରିଆରେ ୨ ଲକ୍ଷ ୩୧ ହଜାର ୫୩୫ ଜଣ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ ୫ କୋଟି ୩୭ ଲକ୍ଷ ୧୨ ହଜାର ଟଙ୍କା ସ୍ୱଳ୍ପମିଆଦୀ ଋଣ ଯୋଗାଇ ଦିଆଯାଇଛି । ତନ୍ମଧ୍ୟରୁ ସମବାୟ ବ୍ୟାଙ୍କ ଗୁଡ଼ିକ ୪ କୋଟି ୨୫ ଲକ୍ଷ ୨୩ ହଜାର ଟଙ୍କା ଓ ବ୍ୟବସାୟିକ ବ୍ୟାଙ୍କ ଗୁଡ଼ିକ ୧ କୋଟି ୧୧ ଲକ୍ଷ ୮୯ ହଜାର ଟଙ୍କା ଋଣ ମଞ୍ଜୁର କରିଛନ୍ତି । କ୍ଷୁଦ୍ର ଚାଷୀ ଉନ୍ନୟନ ଯୋଜନା କାର୍ଯ୍ୟକାରୀ ହେବା ଦିନଠାରୁ ଏ ପର୍ଯ୍ୟନ୍ତ ଏହି ଉଭୟ ସୂତ୍ରରୁ ମୋଟ ୩୦ କୋଟି ୯୫ ଲକ୍ଷ ୧୪ ହଜାର ଟଙ୍କା ଚାଷୀମାନଙ୍କୁ ଋଣ ମଞ୍ଜୁର କରାଯାଇଛି ।

ରାଜ୍ୟର ୭ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ କୃଷି ଶ୍ରମିକ ଉନ୍ନୟନ ସଂସ୍ଥା ପକ୍ଷରୁ ୭ ଲକ୍ଷ ୭୧ ହଜାର ୩୬୨ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଓ କୃଷି ଶ୍ରମିକଙ୍କୁ ଚିହ୍ନଟ କରାଯାଇ ତନ୍ମଧ୍ୟରୁ ୫ ଲକ୍ଷ ୫୬ ହଜାର ୬୩୪ ଜଣଙ୍କୁ ସମବାୟ ପରିସରଭୁକ୍ତ କରାଯାଇଛି । ଏମାନଙ୍କ ପାଇଁ ଏହି ସଂସ୍ଥା ଜରିଆରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପରେ ୧୨ କୋଟି ୭୧ ଲକ୍ଷ ୩୩ ହଜାର ଟଙ୍କା ବ୍ୟୟ କରାଯାଇଛି ।

# ଚାଲ ଆମେ ହୋଇବା ଅକ୍ଷର....

ଶ୍ରୀ ବିଜୟ କୁମାର ମିଶ୍ର

ଟପ୍........ଟପ୍........ଟପ୍........
ଏ ଝରା ମେଘ ଅନେକ ଦିନର ।
କଦଳୀ ବଗିଚାରେ ଶ୍ରାବଣର ଗୀତ ବି ଅନେକ ଦିନର ।

ଏ ଆଲୁଅ, ଅନ୍ଧାର, ମୋ ମନର ଶାନ୍ତି ଓ ଜୁଆର
ସବୁ ମୋ ବାପାଙ୍କର, ଜେଜେଙ୍କର ଓ ତାଙ୍କ ଜେଜେଙ୍କର ।

ତୁମ-ଆମ ହସ-କାନ୍ଦ ନୀତି ଓ ଦୁର୍ନୀତି
କାମ-କ୍ରୋଧ-ଲୋଭ-ମୋହ-ମଦ ଓ ମାତ୍ସର୍ଯ୍ୟ
ପ୍ରେମ ଓ ପ୍ରଣୟ, ଭକ୍ତି ଓ ବିରକ୍ତି
ସବୁ ଏକ ଧରାବନ୍ଧା ଭାବ-ଅଭାବର ଚିକ୍କଣ ଶିଉଳି ।

ଏଥିରେ କି ଥାଏ କିଛି ମାନେ ?

ମୁଁ-ତୁମେ-ସେମାନେ ର ପାଣିଚିଆ କାହାଣୀକୁ ଶୁଣି
ଶୁଆ-ଶାରୀ, ରଜାପୁଅ-ରାଜାଝିଅ କଥା
କାଚ ପାହାଡ଼ରେ ଥିବା ସୁନାଚମ୍ପା ତୋଳିବାକୁ
ପକ୍ଷୀରାଜ ଘୋଡ଼ା ଚଢ଼ି ଚଢ଼ି
ତୁମକୁ କି କ୍ଳାନ୍ତ ଲାଗୁନାହିଁ ?

ଅନେକ ବିଶ୍ୱାସ ଆଉ ଅନେକ ଜ୍ଞାନରେ
ଏ ପୃଥିବୀ ହେଲାଣି ପ୍ରବୁଦ୍ଧ ।
ଅନେକ ଦିନର ଏ ପୃଥିବୀ କି ଦର୍କାର ମୋର !

ଅନେକ ଦିନର ଏଇ ରଫ୍ଖାତା ଦେହେ
କି ଲେଖିବି ନୂଆ କାବ୍ୟ କିଛି ?

ସବୁ କାବ୍ୟ ମହାକାବ୍ୟ ଏଠି
ସବୁ ଭାଷା କଇଁଛର ପିଠି ।

ଏ ଅର୍ଗଳି ଏ ପାଖର ଘାସପଡ଼ିଆରେ
ଚରି ଚରି ବହୁଦିନ ଜାଣିଲିଣି ପ୍ରତିଟି ପତ୍ରକୁ
ସବୁ ପତ୍ର ଏକାପରି ଲାଗେ
ସବୁ ଘାସ ଏକାପରି ଦିଶେ
ସବୁ ଗୋରୁ ଗୋଟିଏ ଛାଞ୍ଚର ।

ଆଃ, କି ଦର୍କାର, କି ଦର୍କାର ଚେତନାର ଏତେ ବ୍ୟାଭିସ୍ୱର ?

ସ୍ଥିର ଓ ସ୍ଥବିର ଏଇ ନଈକୂଳେ ବସିଚି ମୁଁ ଅନେକ ଦିନରୁ
ପ୍ରତିଟି ଲହଡ଼ୀ ଆଉ ପ୍ରତି କାଠିକୁଟା
ପରିଚିତ ସୂର୍ଯ୍ୟ ଚନ୍ଦ୍ର ପରି ।
ଆକାଶର ନୀଳ ଆଉ ଝକ ଝକ ତାରାପୁଞ୍ଜ ପରି ।

ସଭିଙ୍କ ଦେହରେ ଲେଖା ଗୋଟିଏ ଅକ୍ଷର
ସବୁ ପାଣି ସମାନ ରଙ୍ଗର
ସବୁ ସ୍ରୋତ ସମାନ ସ୍ଥବିର ।

ନଈକୂଳ ଆଉ ମୋର ପ୍ରୟୋଜନ ନୁହେଁ
ଏ ଅର୍ଗଳି ଆଉ ମୋର ଆପଣାର ନୁହେଁ
ଏ କାହାଣୀ, ଏ କବିତା ସବୁ ଭଙ୍ଗାଘର
ଏ ପାଣି, ପବନ ସବୁ ଅନେକ ଦିନର
ଏଠି କ'ଣ ନୂଆକଥା କିଛି ଥାଇପାରେ?

ଆକାଶ ନଦେଖି ସ୍ଥିର ହୋଇବା ଆକାଶ
ଫେଣ ଓ ଲହରୀ ସାଙ୍ଗେ ପାଲଟିବା ନଦୀ
ଝରାମେଘ ଶ୍ରାବଣର କବିତା ନଶୁଣି
ଝରିବା କି ଝରଣର ବରଷା ପାଲଟି ?

କବିତା ନ ଲେଖି ସ୍ଥିର ହୋଇବା ଅକ୍ଷର
ତେବେ ଅବା କ୍ଲାନ୍ତି ଦୂର ହେବ ଅୟୁତ ଯୁଗର ।

ଅଧ୍ୟାପକ, ଇଂରାଜି ବିଭାଗ
ରେଭେନ୍ସା ସାଂଧ୍ୟ କଲେଜ,
କଟକ–୩



ଦୁର୍ଗା ପୂଜାର ପବିତ୍ର ଅବସରରେ ସହୃଦୟ ପାଠକ-ପାଠିକା ଓ
ଶୁଭେଚ୍ଛୁମାନଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି

# ସମାଜ

(ପ୍ରତିଷ୍ଠିତ : ୧୯୧୯)

ପ୍ରତିଷ୍ଠାତା : ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ

ଗୋପବନ୍ଧୁ ଭବନ
ବକ୍ସି ବଜାର
କଟକ—୭୫୩୦୦୧

ଗ୍ରାମ୍ : ସମାଜ

ଫୋନ : ୨୦୯୯୪, ୨୨୦୪୪ ଓ ୨୦୧୮୩

# ଭାରତୀୟ ସଂସ୍କୃତି ଓ ସାହିତ୍ୟରେ ବର୍ଷାବରଣ

ପ୍ରଫେସର ଡଃ ଗୋପାଳ ଚନ୍ଦ୍ର ମିଶ୍ର

ନିଦାଘ-ଦଗ୍ଧ ବସୁନ୍ଧରାର ଉପେକ୍ଷିତ ବକ୍ଷ ଉପରେ ଘୂମନ୍ତ ଆକାଶରେ ସ୍ତୂପୀକୃତ ମେଘମାଳାର କାଜଳକୃଷ୍ଣ ରୂପ ପ୍ରବାସୀ ପଥିକର ପ୍ରାଣରେ ସଂଷ୍ଟର କରେ ଗୋଟାଏ ଅବୋଧ୍ୟ ଆକର୍ଷଣ, ତା' ସାଙ୍ଗକୁ ମେଘ ମହଲରେ ବୁଲୁଥିବା ମାଛରଙ୍କା ପକ୍ଷୀର କିମ୍ବା ଚାତକ ପକ୍ଷୀର ମଧୁର ଆବେଦନ । ଧରିତ୍ରୀର ଦିଗ୍‌ବଳୟରେ ଦେଖାଦିଏ ମୌସୁମୀର ପ୍ରଥମ ଆଶ୍ଳେଷ ଠିକ୍ ଯେପରି ବହୁଦିନ ପରେ କୁଟୀରକୁ ଫେରିଥିବା ପ୍ରବାସୀ ସ୍ୱାମୀ ତାର ବିରହିଣୀ ପ୍ରିୟାକୁ ଦେଖି ଏକ ଅସରନ୍ତି ସମ୍ଭାଷଣରେ ଉଲ୍ଲସିତ ହୋଇଉଠେ । ନିଦାଘ ପରେ ପରେ ଘୂମନ୍ତ ଆକାଶରେ ପ୍ରାବୃଟର ସଂସ୍ପର୍ଶ, ବହୁ ଆକାଂକ୍ଷିତ ଗଭୀର ରାତ୍ରିର ସୁଖ ସ୍ୱପ୍ନ । ସୂର୍ଯ୍ୟଦଗ୍ଧ ମୃତ୍ତିକାର ନବଜୀବନ ପ୍ରାପ୍ତି । ସତେ ଅବା ପାଷାଣୀ ଅହଲ୍ୟାର ପୁନର୍ଜନ୍ମ । ନିଦାଘର କୃଶାଙ୍ଗୀ ସରିତାର ଆଜି ପୁଣି ଆମ୍ରଛାୟା ଘନ ବିଥିକାରେ ଆରମ୍ଭ ହେବ ନୂତନ ଅଭିସାର । କୃଷିଜୀବୀର ଜୀବନରେ ଏହି ଦିନ ହେବ ଆଉ ଏକ ନୂତନ ସୂର୍ଯ୍ୟୋଦୟ । ଭାରତୀୟ ଅର୍ଥନୀତି ପ୍ରାବୃଟର ବୃଷ୍ଟି ନିୟନ୍ତ୍ରିତ । ସେହି ସୂତ୍ରରେ ତାର ସମଗ୍ର କୃଷି-ଭିତ୍ତିକ ସଂସ୍କୃତି ବର୍ଷାର ସ୍ପର୍ଶରେ ପ୍ରଭାବିତ ଏବଂ ପରି-ପୁଷ୍ଟ । ତେଣୁ ଯେଉଁ ଭୂଖଣ୍ଡର ଅର୍ଥନୀତି ଓ ସଂସ୍କୃତି ବୃଷ୍ଟି ନିର୍ଭରଶୀଳ, ସେହି ଦେଶର ସାହିତ୍ୟ ଶିଳ୍ପ ଏବଂ ବୌଦ୍ଧିକତା ପ୍ରାବୃଟ୍-ଭିତ୍ତିକ ହେବା ସ୍ୱାଭାବିକ । 'ଆଷାଢସ୍ୟ ପ୍ରଥମ ଦିବସେ'ର ଏହା ହିଁ ହେଉଛି ବସୁନ୍ଧରା ପ୍ରତି ଅଭୟବାଣୀ, ସଂସ୍କୃତି ଏବଂ ଶିଳ୍ପ ପ୍ରତି ଶୁଭ ଦୃଷ୍ଟି, ଜନଜୀବନ ପ୍ରତି ବହୁଦିଗନ୍ତ ଅପୂରନ୍ତ ଛଳ ଛଳ ଜୀବନ ପାଇଁ ଏକ ଆହ୍ୱାନ । ନିଦାଘ ତାପିତ ବନାନୀ ପାଇଁ ସମ୍ବେଦନଶୀଳ ପ୍ରତିଶ୍ରୁତି, ସବୁଜ ପ୍ରାଚୁର୍ଯ୍ୟର ପ୍ରଲୋଭନ । ବୃଷ୍ଟି ଏବଂ ପ୍ରାବୃଟ ସମ୍ବନ୍ଧୀୟ ଚିନ୍ତା ସୃଷ୍ଟିର ମୂଳ ପ୍ରକୃତି ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ପ୍ରକୃତିର ବିଭିନ୍ନ ଉପାଦାନ ମଧ୍ୟରେ ଜଳର ଧାରଣା ଅନ୍ୟତମ ଏବଂ ଜଳାଭାବରେ ପ୍ରକୃତିର ତୃଷା ନିବାରଣ ଅସମ୍ଭବ । ପ୍ରକୃତିର ବୃକ୍ଷଲତା, ଜୀବଜନ୍ତୁ, ପଶୁପକ୍ଷୀ, ଉଦ୍ଭିଦ ଜଗତ ଯାବତୀୟ ସ୍ଥିତି ବର୍ଷା ଉପରେ ନିର୍ଭର କରିଥାଏ । ଜୀବନର ମୌଳିକ ସଂଯୋଗର ସେତୁ ହେଉଛି ଏହି ଜଳ ଏବଂ ତାହାରି ସ୍ରଷ୍ଟା ହେଉଛନ୍ତି ସ୍ୱୟଂ ଇନ୍ଦ୍ର ଦେବତା । ଭାରତୀୟ ପ୍ରକୃତିର ଋତୁ ପରିବର୍ତ୍ତନର ଅଭିନୟ ମଧ୍ୟରେ ଏହି ବର୍ଷା ହେଉଛି ଏକ ଅଶାନ୍ତ ନାୟକ । ଭାରତୀୟ ଭୂଖଣ୍ଡର ବର୍ଷା ଉପରେ କୃଷି ଉତ୍ପାଦନ ନିର୍ଭର କରିଛି ଏବଂ ତାହା ଉପରେ ନିର୍ଭର କରି ତାହାର ଅର୍ଥନୀତି ଗଢି ଉଠିଛି ଏବଂ ଅର୍ଥନୀତିର ସାବଲୀଳତା ଉପରେ ଦେଶର ସଂସ୍କୃତିର ଭିତ୍ତି ଦୃଢ଼ହୁଏ । ପ୍ରାଚୀନ ବେଦ ଉପନିଷଦ ରାମାୟଣ ଏବଂ ମହାଭାରତ ଯୁଗରେ ମଧ୍ୟ ବର୍ଷା ଦେଶର ଜନସାଧାରଣଙ୍କ ଅର୍ଥନୀତିକୁ ନିୟନ୍ତ୍ରିତ କରୁଥିଲା । ଆଦର୍ଶ ରାମରାଜ୍ୟର ପ୍ରଥମ ସର୍ତ୍ତ ହେଉଛି ଇନ୍ଦ୍ରଦେବ ଠିକ୍ ସମୟରେ ବୃଷ୍ଟି କରି କୃଷି କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବା । ସେଥିପାଇଁ ଭାରତୀୟ ସା ହିତ୍ୟରେ ଇନ୍ଦ୍ର ଦେବତାଙ୍କର ପରିକଳ୍ପନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ତାଙ୍କର ଆଧ୍ୟାତ୍ମିକ ଭୂମିକା ଅପେକ୍ଷା ମର୍ତ୍ତ୍ୟ-ବାସୀଙ୍କର କୃଷିକର୍ମରେ ତାଙ୍କର ପ୍ରୟୋଗାତ୍ମକ ଭୂମିକା ସର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ । ଇନ୍ଦ୍ରଙ୍କର ନାମ ସଂଖ୍ୟା କିଛି କମ୍ ନୁହେଁ । ତାଙ୍କର ନାମସମୂହ ମଧ୍ୟରେ, ମରୁତ୍‌ବତ୍, ମଘବତ, ବିଡୌଜସ, ପାକଶା ସନ, ବୃଦ୍ଧଶ୍ରବସ୍, ସୁନାସୀର, ପୁରନ୍ଦର, ଜିଷ୍ଣୁ, ଲେଖର୍ଷ ଭ, ଶକ୍ର, ଶତମନ୍ୟୁ, ସୂତ୍ରାମନ, ସହସ୍ରାକ୍ଷ ଇତ୍ୟାଦି ଅନ୍ତର୍ଭୁକ୍ତ । ସେହିପରି ଇନ୍ଦ୍ରଙ୍କର ସୃଷ୍ଟ ମେଘର ନାମ ହେଉଛି ଅଭ୍ର, ବାରିବାହ, ବାରିଦ, ଜଳଧର, ବାରିଦ, ଜୀମୂତ, ମୁଦିର, ଧୂମଯୋନି, ଘନ, ଧାରାଧର ଇତ୍ୟାଦି । ମେଘର ଗର୍ଜନକୁ ସ୍ତନିତ, ଗର୍ଜିତ, ରସିତ, ମେଘନିର୍ଘୋଷ କୁହାଯାଇଥାଏ । ଇନ୍ଦ୍ର ହେଉଛନ୍ତି ଋକ୍-ବେଦର ମୁଖ୍ୟ ଦେବତା । ବୈଦିକ ଦେବତାମାନଙ୍କ ମଧ୍ୟରେ ଇନ୍ଦ୍ରଙ୍କର ସ୍ଥାନ ପ୍ରଥମରେ, ଦେବତାମାନଙ୍କ ମଧ୍ୟରେ ସେ ଶତ୍ରୁଦମନକାରୀ ବୀର ଏବଂ ପ୍ରଧାନ ଯୋଦ୍ଧା । କିନ୍ତୁ ପୁରାଣରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ମଧ୍ୟରେ ତାଙ୍କର ସ୍ଥାନ ଅପେକ୍ଷାକୃତ ନିମ୍ନରେ । ତାଙ୍କର

ପ୍ରଭୂତ ଶକ୍ତି ଯୋଗୁଁ ସେ ଦେବରାଜ ନାମରେ ପରିଚିତ । ଋକ୍ ବେଦର ସୂତ୍ର ଅନୁଯାୟୀ ତାଙ୍କର ଜନ୍ମବୃତ୍ତାନ୍ତ ହେଉଛି ସେ ମହର୍ଷି କଶ୍ୟପଙ୍କ ଔରସରେ ମାତୃଗର୍ଭରୁ ପତିତ ହେବା ମାତ୍ରେ ନଭମଣ୍ଡଳକୁ ଆଲୋକ ଉଦ୍‌ଭାସିତ କରିପାରିଥିଲେ ଏବଂ ତାଙ୍କର ଜନ୍ମ ସମୟରେ ପର୍ବତ, ଆକାଶ ଏବଂ ବସୁନ୍ଧରା ପ୍ରକମ୍ପିତ ହୋଇଥିଲେ । ଦେବବୃନ୍ଦ ଭୀତତ୍ରସ୍ତ ହୋଇଥିଲେ । ତାଙ୍କର ଜନନୀ ହେଉଛନ୍ତି ଅଦିତି । ପୁରୁଷ ସୂକ୍ତ ମତରେ ସେ ଅଗ୍ନି ପୁରୁଷ ମୁଖରୁ ଜନ୍ମଲାଭ କରିଥିଲେ । ସେ ପୁଲୋମା ଦାନବର କନ୍ୟା ଶଚୀଙ୍କୁ ବିବାହ କରିଥିଲେ । ତାଙ୍କର ବର୍ଣ୍ଣ, କେଶ, ଶ୍ମଶ୍ରୁ, ଅଶ୍ୱରଥ ହରିତ୍ ଅଥବା ପିଙ୍ଗଳବର୍ଣ୍ଣ । ସେ ଦୀର୍ଘକାୟ ବଜ୍ରବାହୁ, ଧନୁର୍ବାଣ ଏବଂ ଅଙ୍କୁଶ ମଧ୍ୟ ତାଙ୍କର ଅସ୍ତ୍ର । ସେ ସହସ୍ରାକ୍ଷ, କୋଟି କୋଟି ନକ୍ଷତ୍ର ବିଭୂଷିତ ଆକାଶ ହିଁ ଇନ୍ଦ୍ର । ସୋମରସ ତାଙ୍କର ପ୍ରିୟ ପାନୀୟ ଏବଂ ସୋମରସ ରଖିବାର ପାତ୍ରର ନାମ ସେଥିପାଇଁ ଇନ୍ଦ୍ରୋଦର । ସେ ତାଙ୍କ ପିତାଙ୍କର ସୋମରସ ବଳପୂର୍ବକ ପାନ କରିଥିଲେ । ସୋମରସ ପାନକରି ସେ ହୋଇଥିଲେ ମହାଯୋଦ୍ଧା ଏବଂ ବୃତ୍ରହା । ସୋମରସରୁ ତାଙ୍କର ଉତ୍ପତ୍ତି ବୋଲି ମଧ୍ୟ ବର୍ଣ୍ଣନା ଅଛି । ସମସ୍ତ ପ୍ରାକୃତିକ ବ୍ୟାପାରର ଅଧିଷ୍ଠାତା ଦେବତା ରୂପେ ଇନ୍ଦ୍ରଙ୍କର ପ୍ରଶସ୍ତି ସ୍ୱୀକୃତ । ସେ ଝଡ଼ ଆଉ ବଜ୍ରର ଦେବତା । ସେ ଅନାବୃଷ୍ଟି ବିନାଶକ । ସେ ମେଘବକ୍ଷ ବିଦୀର୍ଣ୍ଣକରି ଜଳ-ଧାରା ପ୍ରମୁକ୍ତ କରିଥାନ୍ତି । ତାଙ୍କର ବଜ୍ର ଲୌହ, ପ୍ରସ୍ତର ନିର୍ମିତ ଏବଂ ହିରଣ୍ୟବର୍ଣ୍ଣ । ତାଙ୍କର ରଥ ଶତସହସ୍ର ଅଶ୍ୱଦ୍ୱାରା ଚାଳିତ । ସୋମରସ ପାନମତ୍ତ ଇନ୍ଦ୍ର ଯେତେ-ବେଳେ ରଥାରୂଢ଼ ବଜ୍ରହସ୍ତ ହୋଇ ମରୁତଙ୍କ ସାହାଯ୍ୟରେ ଅନାବୃଷ୍ଟି ରୂପକ ଅସୁର ଅହିବୃତ୍ର ଉପରେ ଆକ୍ରମଣ ଚଳାନ୍ତି, ସେତେବେଳେ ସମଗ୍ର ଆକାଶ ଏବଂ ପୃଥିବୀ ପ୍ରକମ୍ପିତ ହୁଅନ୍ତି । ବଜ୍ରାଘାତରେ ବୃତ୍ର ବିଛିନ୍ନ ହୁଏ ଏବଂ ଇନ୍ଦ୍ର ବଜ୍ରାଘାତ ଦ୍ୱାରା ପର୍ବତବକ୍ଷ ବିଦୀର୍ଣ୍ଣ କରି ଜଳକୁ ବନ୍ଧନମୁକ୍ତ କରିଥାନ୍ତି । ଇନ୍ଦ୍ରର ଶତ୍ରୁ ସଂଖ୍ୟା କମ୍ ନୁହେଁ, ଯଥା ଅହି, ଦୈତ୍ୟ, ବୃତ୍ର, ଅର୍ବୁଦ ଓ ସମ୍ବର ପ୍ରମୁଖ ତାଙ୍କର ଚିର ଶତ୍ରୁ । ଇନ୍ଦ୍ର ସେମାନଙ୍କୁ ପରାଭୂତ କରିବା ଦ୍ୱାରା ଆକାଶ ଅଙ୍ଗନରେ ସୂର୍ଯ୍ୟ ଉଦ୍ଦୀପ୍ତ ହୋଇ ଉଠନ୍ତି, ଅନ୍ଧକାର ପଳାୟନକରେ ଏବଂ ଉଷା ବନ୍ଧନ ମୁକ୍ତ ହୁଅନ୍ତି । ଇନ୍ଦ୍ରଙ୍କର ଅନ୍ୟନାମ ଗୋପତି । ଶତ ଅଶ୍ୱ-ମେଧ ଯଜ୍ଞ କରି ପାରିଲେ ଇନ୍ଦ୍ରତ୍ୱ ଲାଭ ହେବା ସମ୍ଭାବନା । ବର୍ଷାଧିପତି ଇନ୍ଦ୍ରଙ୍କର ସେଥିପାଇଁ ନାମ ହେଉଛି ଶତମୁଖ, ଶତକ୍ରତୁ ଏବଂ ଶତମନ୍ୟୁ । ଅସୁରମାନଙ୍କୁ କବଳିତ କରିବାରେ ଇନ୍ଦ୍ର ସର୍ବଦା ତତ୍ପର । ଅସୁରପୁରୀ ଧ୍ୱଂସ କରି ତାଙ୍କର ନାମ ପୁରନ୍ଦର ହୋଇଛି । ଏକଦା ବୃତ୍ରାସୁର ଦ୍ୱାରା ସେ ପରାଜିତ ହୋଇ ସ୍ୱର୍ଗରାଜ୍ୟରୁ ବିତାଡ଼ିତ ହେଲେ । କିନ୍ତୁ ପରେ ଦଧିଚୀଙ୍କ ଅସ୍ଥିନିର୍ମିତ ବଜ୍ରଦ୍ୱାରା ସେ ବୃତ୍ରାସୁରକୁ ବଧ କଲେ । ସମୁଦ୍ର ମନ୍ଥନରୁ ଇନ୍ଦ୍ର ଐରାବତ ହସ୍ତୀ ଉଚ୍ଚୈଃଶ୍ରବା ଘୋଟକ ଓ ପାରିଜାତ ବୃକ୍ଷ ପ୍ରାପ୍ତ ହୋଇଥିଲେ । ତାଙ୍କ ରାଜ ପ୍ରାସାଦର ନାମ ବୈଜୟନ୍ତୀ । ଇନ୍ଦ୍ରଙ୍କର ପୁତ୍ର ନାମ ଜୟନ୍ତ । ରାବଣର ପୁତ୍ର ଇନ୍ଦ୍ରଙ୍କୁ ପରାଭୂତ କରି ଇନ୍ଦ୍ରଜିତ ନାମ ଧାରଣ କରିଥିଲେ ଏବଂ ଅମରତ୍ୱ ପ୍ରାପ୍ତ ହୋଇଥିଲେ । ଏକଦା ସୁନ୍ଦ ଓ ଉପସୁନ୍ଦ ନାମକ ଦୁଇଜଣ ଦୈତ୍ୟ ଇନ୍ଦ୍ରଙ୍କ ସ୍ୱର୍ଗରାଜ୍ୟ ଆକ୍ରମଣ କଲେ । ବ୍ରହ୍ମା ବିଶ୍ୱକର୍ମାଙ୍କ ସାହାଯ୍ୟରେ ତିଳୋତ୍ତମା ନାମରେ ଏକ ଅପୂର୍ବ ରୂପ ଲାବଣ୍ୟସଂପନ୍ନା ରମଣୀ ସୃଷ୍ଟି କରିଥିଲେ । ତିଳୋତ୍ତମା ଦାନବଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ଇନ୍ଦ୍ର ଓ ମହାଦେବ ତାଙ୍କୁ ସଂଦର୍ଶନ କରିଥିଲେ । ତାଙ୍କ ଦର୍ଶନ ପାଇଁ ମହାଦେବ ଚତୁର୍ମୁଖ ହୋଇଥିଲେ ଏବଂ ଇନ୍ଦ୍ରଙ୍କ ଶରୀରରେ ସହସ୍ର ଲୋଚନ ସୃଷ୍ଟି ହୋଇଥିଲା । ଗୌତମଙ୍କ ପତ୍ନୀ ଅହଲ୍ୟା ସତୀତ୍ୱ ଅପହରଣ କରି ଅଭିଶପ୍ତ ହୋଇଥିଲେ ଏବଂ ପ୍ରଥମେ ପୁରୁଷତ୍ୱ ହରାଇଥିଲେ । ସେହିପରି ଏକଦା ଦୁର୍ବାଶାଙ୍କ ଦ୍ୱାରା ଅଭିଶପ୍ତ ହୋଇଥିଲେ ।

ଏହିସବୁ ବର୍ଣ୍ଣନାରୁ ଏତିକିମାତ୍ର କୁହାଯାଇ ପାରେ ଯେ ଇନ୍ଦ୍ର ହେଉଛନ୍ତି ପୃଥିବୀରେ ବର୍ଷା ସଞ୍ଚାରକାରୀ ଅସାଧାରଣ ଶକ୍ତି । ମହାଭାରତରେ କଥିତ ଅଛି ଯେ ତୃତୀୟ ପାଣ୍ଡବ ଅର୍ଜ୍ଜୁନ କୁନ୍ତୀଙ୍କ ଗର୍ଭରୁ ଏବଂ ଇନ୍ଦ୍ରଙ୍କ ଔରସରେ ଜାତ ହୋଇଥିଲେ । ପୁରାଣ ଅନୁଯାୟୀ କୃଷ୍ଣ ଏବଂ ଇନ୍ଦ୍ରଙ୍କର ଉପାସକ ଥିଲେ । ପରେ ଶ୍ରୀକୃଷ୍ଣଙ୍କ ପ୍ରଭାବରେ ସେମାନେ ଇନ୍ଦ୍ରଙ୍କୁ ପରିତ୍ୟାଗ କରିବାରୁ ଇନ୍ଦ୍ର କ୍ରୁଦ୍ଧ ହୋଇ ପ୍ରଚଣ୍ଡ ଝଡ ବୃଷ୍ଟି କରିଥିଲେ । ପ୍ରଚୁର ବୃଷ୍ଟି ଫଳରେ ସେମାନଙ୍କ ଦେଶ ବନ୍ୟା ପ୍ଲାବିତ ହୋଇ-ଥିଲା । ଏପରି ପରିସ୍ଥିତିରେ ଶ୍ରୀକୃଷ୍ଣ ସ୍ୱ ଅଙ୍ଗୁଳିରେ ଗୋବର୍ଦ୍ଧନ ପର୍ବତ ଧାରଣ ପୂର୍ବକ ବ୍ରଜବାସୀମାନଙ୍କୁ ରକ୍ଷା କରିଥିଲେ । ଓଡ଼ିଆ ସାହିତ୍ୟରେ ଇନ୍ଦ୍ରଙ୍କର ଏହି କ୍ରୋଧାନ୍ୱିତ ପ୍ରତିକ୍ରିୟା ବରାବର ପ୍ରତିଫଳିତ ହୋଇଛି । ଇନ୍ଦ୍ର ସପତ ଦିନ ବୃଷ୍ଟି କଲ ....

ଆଉ ଗୋଟିଏ ଘଟଣା ହେଉଛି ଶ୍ରୀକୃଷ୍ଣ ତାଙ୍କର ପତ୍ନୀ ସତ୍ୟଭାମାଙ୍କ ଅନୁରୋଧରେ ଇନ୍ଦ୍ରଙ୍କ ପାରିଜାତ କାନନରୁ ପାରିଜାତ ବୃକ୍ଷ ଉତ୍ପାଟନ କରି ନେଇଥିଲେ । ଫଳରେ ଇନ୍ଦ୍ର ଏବଂ ଶ୍ରୀକୃଷ୍ଣଙ୍କ ମଧ୍ୟରେ ଯୁଦ୍ଧ ସଂଘଟିତ ହେଲା, ଯୁଦ୍ଧରେ ଇନ୍ଦ୍ର ପରାଭୂତ ହୋଇଥିଲେ । ପରେ ଶ୍ରୀକୃଷ୍ଣ ଇନ୍ଦ୍ର ମିତ୍ରତା ସ୍ଥାପନ କରିଥିଲେ । ଭାରତୀୟ ସାହିତ୍ୟ ଏବଂ ସଂସ୍କୃତିରେ ଇନ୍ଦ୍ରଙ୍କ ପରିକଳ୍ପନା ବଡ ବ୍ୟାପକ ଏବଂ ଗୁରୁତ୍ୱପୂର୍ଣ୍ଣ । ତୃଷାର୍ତ୍ତ ପୃଥିବୀକୁ ଜଳଦାନ କରିବାର କ୍ଷମତା ଏକମାତ୍ର ଇନ୍ଦ୍ରଙ୍କର ଏକଚାଟିଆ ଅଧିକାର । ନାନାପୂଜା ଉପଚାର ମାଧ୍ୟମରେ ଇନ୍ଦ୍ରଙ୍କର ସନ୍ତୋଷ ବିଧାନ ପାଇଁ ଶାସ୍ତ୍ରରେ ବ୍ୟବସ୍ଥା କରାଯାଇଛି । ଭାରତର ବିଭିନ୍ନ ଗ୍ରାମାଞ୍ଚଳରେ ଅନାବୃଷ୍ଟି ପରିସ୍ଥିତିରେ ବୃଷ୍ଟି ଆବାହନ କରି ଇନ୍ଦ୍ର ଦେବଙ୍କର ପୂଜା ଏବଂ ଯଜ୍ଞ କରାଯାଇଥାଏ । ଅଯୋଧ୍ୟାରେ ଅନାବୃଷ୍ଟି ଆଶଙ୍କା-କରି ଜରତା ବେଶ୍ୟାକୁ ନିଯୁକ୍ତ କରାଯାଇ ସେ ଦେଶକୁ ଋଷ୍ୟ ଶୃଙ୍ଗ ମୁନିଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଋଷ୍ୟଶୃଙ୍ଗଙ୍କ ଆଗମନରେ ଅଯୋଧ୍ୟାରେ ବୃଷ୍ଟି ହୋଇଥିଲା । ବର୍ଷାକୁ କେନ୍ଦ୍ରକରି ଇନ୍ଦ୍ରପୂଜା ବିଧିବିଧାନ ଭାରତୀୟ ସଂସ୍କୃତି ଅନ୍ତର୍ଗତ । ଭାରତ କୃଷି ପ୍ରଧାନ ଦେଶ ହୋଇ-ଥିବାରୁ ତାହାର ଅର୍ଥନୀତି କୃଷି ଉତ୍ପାଦନ ଦ୍ୱାରା ନିୟନ୍ତ୍ରିତ

ଏବଂ ତାର ସୁସ୍ଥ ତଥା ସୁଦୃଢ଼ ଅର୍ଥନୀତିର ସ୍ୱଚ୍ଛନ୍ଦ ବିକାଶ-ପାଇଁ ଯୁଗେ ଯୁଗେ ବୃଷ୍ଟି ହିଁ ପ୍ରଧାନ ଅବଲମ୍ବନ ହୋଇଛି । ଭାରତୀୟ ଜନ ଜୀବନରେ ଯେଉଁ ବୃଷ୍ଟିର ଭୂମିକା ଏତେ ଗୁରୁତ୍ୱପୂର୍ଣ୍ଣ, ସାହିତ୍ୟ ଏବଂ ସଂସ୍କୃତି ମଧ୍ୟରେ ତାହାର ଶୈଳିକ ଆବାହନ ଏବଂ ସମ୍ବର୍ଦ୍ଧନା ଏକ ଅପରିହାର୍ଯ୍ୟ ବ୍ୟାପାର । ଭାରତୀୟ ଲୋକସାହିତ୍ୟରେ ବିଭିନ୍ନ ପ୍ରାଦେଶିକ ଭାଷାରେ ବର୍ଷାଭିତ୍ତିକ ଅଫୁରନ୍ତ ରଚନାବଳିର ଅଭାବ ନାହିଁ । ବର୍ଷା ଦେଶର କୃଷିଉତ୍ପାଦନ ସହିତ ନିବିଡ଼ ଭାବରେ ଜଡ଼ିତ ହେଲେହେଁ, ତାହାର କାବ୍ୟିକ ସମ୍ବର୍ଦ୍ଧନା ଶିଶୁମାନଙ୍କ କଣ୍ଠରେ ଯୁଗେ ଯୁଗେ ପ୍ରତିଧ୍ୱନିତ ହୋଇଥାଏ । ନିଦାଘର ଉତ୍ତପ୍ତ ଧରା ବକ୍ଷରେ ବର୍ଷା ଯେତେବେଳେ ଆକାଶର ଇନ୍ଦ୍ରଧନୁ ରଙ୍ଗ ବିଦୀର୍ଣ୍ଣ କରି ପ୍ରବାହିତ ହୁଏ, ସେତେବେଳେ ନିରୀହ ସରଳ ନିଷ୍କପଟ ଶିଶୁ ଚିତ୍ତ କି ପ୍ରକାର ଅବୋଧ୍ୟ ଉଲ୍ଲାସରେ ବିସ୍ତାରିତ ହୁଏ, ତାହା କେବଳ ବର୍ଣ୍ଣନାତୀତ ନୁହେଁ, ମନୁଷ୍ୟ ଜୀବନ ଏବଂ ବର୍ଷା ମଧ୍ୟରେ ଥିବା ନିବିଡ଼ ସଂପର୍କର ପ୍ରତୀକ । ଆକାଶ ଇନ୍ଦ୍ରଧନୁ ଆଉ ଦୂରଚକ୍ରବାଳ ମଥାନ ଉପରେ ଆନତ ମେଘମାଳା ଶିଶୁର ସରଳ ପ୍ରାଣରେ ଯେଉଁ ନୈସର୍ଗିକ ଭାବମୂର୍ତ୍ତି ସୃଷ୍ଟି କରି ପାରିଥାଏ, ତାହା ବୃଷ୍ଟି ପ୍ରାଚୁର୍ଯ୍ୟର କାବ୍ୟିକ ପ୍ରଭାବ ସିନା । ଭାରତୀୟ ଲୋକ-ସାହିତ୍ୟରେ, ଇନ୍ଦ୍ରଦେବତା, ବୃଷ୍ଟି ଆଉ ଇନ୍ଦ୍ରଧନୁର ରଙ୍ଗୋତ୍ସବ ବହୁ ରସାତ୍ମକ ପରିପ୍ରେକ୍ଷୀରେ ବର୍ଣ୍ଣିତ ହୋଇ-ଛନ୍ତି । ଶିଶୁ କିପରି ଆଦ୍ୟ ଆଷାଢ଼ର ପ୍ରଥମ ପ୍ରହରରେ ମେଘକୁ ସ୍ୱାଗତ ଜଣାଏ, ତାହାର ଅଦ୍ୱିତୀୟ ବର୍ଣ୍ଣନା ଓଡ଼ିଆ ଲୋକସାହିତ୍ୟରେ ଦେଖିବାକୁ ମିଳେ ।

"ମେଘବରଷିଲା ଟପର ଟପର
କେସୁର ମାଇଲା ଗଳା
କେଉଁ ରାଇଜରେ ରହିଲେ ରାଜା ମୋ
ତେଲିଙ୍ଗୀ ବାଇଦ ବଜା"

ଏଠାରେ କେବଳ ବର୍ଷା ପ୍ରକୃତିର ବର୍ଣ୍ଣନା ନାହିଁ । ଓଡ଼ିଶାର ସାମାଜିକ ଏବଂ ରାଜନୈତିକ ଜୀବନ ସହିତ ସଂପୃକ୍ତ ପୌରୁଷ ଏବଂ ବ୍ୟକ୍ତିତ୍ୱର ସ୍ମୃତି ଏଠାରେ ଝଙ୍କୃତ । ପ୍ରାଚୀନ ସଂସ୍କୃତ ସାହିତ୍ୟରେ ଏହି ବର୍ଷାର ଅନବଦ୍ୟ ରୂପ ଅପୂର୍ବ କାବ୍ୟିକ ଶୈଳୀରେ ବରାବର ପ୍ରତିଫଳିତ ହୋଇ ପାରିଛି । ସଂସ୍କୃତ ସାହିତ୍ୟର ଶ୍ରେଷ୍ଠ ଏବଂ ଶକ୍ତିଶାଳୀ ସ୍ରଷ୍ଟା କାଳିଦାସ, ଭବଭୂତି ଏବଂ ମାଘ ଜନଜୀବନ ରକ୍ଷାକାରୀ ପ୍ରାବୃଟ ଉଦ୍ଦେଶ୍ୟରେ ଯେଉଁ ପ୍ରକାର କାବ୍ୟିକ ଅର୍ଘ୍ୟ ଢାଳିଛନ୍ତି, ସେଥିରୁ କବି ମାନସ ପଟରେ ପ୍ରକୃତିର ଅବିଚ୍ଛିନ୍ନ ଅଙ୍ଗ ପ୍ରାବୃଟ କି ପ୍ରକାର ପ୍ରତିକ୍ରିୟା ତୋଳି ପାରିଛି ତାହାର ପରିଚୟ ମିଳେ । କାଳିଦାସ ତାଙ୍କର ପ୍ରକୃତି ବର୍ଣ୍ଣନାଧର୍ମୀ "ଋତୁସଂହାର" ରଚନାରେ ମେଘର ସ୍ୱରୂପ କିପରି ଉଦ୍‌ଘାଟନ କରିଛନ୍ତି ତାହା ଉଦ୍ଧାରଯୋଗ୍ୟ:—

ଶଶିକରା ମ୍ବୋଧର ମତ୍ତ—କୁଂଜର—
ସ୍ତଡ଼ିତ୍ ପତାକୋଽ ଶନି ଶବ୍ଦ—ମର୍ଦ୍ଦଳଃ
ସମାଗତୋ ରାଜ ବଦୁଦ୍ଧତ ଦ୍ୟୁତି—
ଘନାଗମଃ କାମିଜନ ପ୍ରିୟଃ ପ୍ରିୟେ ।
କପତ୍ତ—ନୀଳୋତ୍ପଳ—ପତ୍ର କାନ୍ତିଭିଃ
କ୍ୱଚି—ପ୍ରଭିନ୍ନାଂଜନ ରାଶି—ସନ୍ନିଭୈଃ
କ୍ୱଚିତ୍ ସଗର୍ଭ—ପ୍ରମଦା—ସ୍ତନ ପ୍ରଭୈଃ
ସମାଚିତଂ ବ୍ୟୋମ ଘନୈଃ ସମନ୍ତତଃ ।

ଏହାର ମର୍ମ ହେଲା, ବର୍ଷମାନ ଘନକାଳ ଉପସ୍ଥିତ । ହେ ଘନ ଜଘନେ, ଅଭିମାନ ତେଜି ଥରେ ଘନ ପ୍ରତି ଦୃଷ୍ଟି ନିକ୍ଷେପ କର, ଅଶନି ଆଜି ମତ୍ତ ବାରଣର ମାଦଳ, ଚପଳା ହେଉଛି ବିଜୟ ପତାକା, ଧରିତ୍ରୀରେ କୃଷ୍ଣ ମେଘର ଅଭିସାର । ଶୂନ୍ୟ ଗଗନ ଆଜି ପ୍ରାବୃଟପୂର୍ଣ୍ଣ ନୀଳୋତ୍ପଳ ଶୋଭା ପରିପୂର୍ଣ୍ଣ । ସତେଅବା ଦଳିତ କଜ୍ଜ୍ୱଳ ଶରୀରରେ ମେଘ କୃଷ୍ଣ ବର୍ଣ୍ଣ ଧାରଣ କରିଛି । ରେ ଲଳିତା, ଖେଳାଲୋଳ ଖଂଜନା ନୟନା ଥରେ ହେଲେ ବିହଙ୍ଗ ପୂରିତ ମେଘ ପ୍ରତି ଦୃଷ୍ଟିପାତ କର । "ପ୍ରଥମ ବର୍ଣ୍ଣନାରେ କାଳିଦାସଙ୍କର ବର୍ଷା ଆଳଙ୍କାରିକ ସ୍ୱରୂପ ହେଉଛି ଉଦ୍ଦୀପକ ବିଭାବ । ଏହା ବିରହିଣୀ ନାୟିକା ପକ୍ଷରେ ପ୍ରେମ ଉଦ୍ଦୀପକ । ସମଗ୍ର ଋତୁସଂହାର ଅନ୍ତର୍ଭୁକ୍ତ ପ୍ରାବୃଟ ବର୍ଣ୍ଣନା ସମ୍ଭବତଃ ନାୟକ ନାୟିକାଙ୍କ ବିରହାବେଗର ଏବଂ ଶୃଙ୍ଗାର ଚେତନାର ପରିପୋଷକ ରୂପେ ପରିକଳ୍ପିତ । ସେହିପରି କବିଙ୍କର ଅମରକୃତି 'ମେଘଦୂତ' ମେଘ ସନ୍ଦେଶ ସର୍ବସ୍ୱ କାବ୍ୟ, ଏହାର ଅନ୍ତଃସ୍ୱର ମଧ୍ୟ ଶୃଙ୍ଗାର ଚେତନା ଉଦ୍ଦୀପକ । ମେଘଦୂତ ଏକ ଦୂତ କାବ୍ୟ, ଯକ୍ଷରାଜ କୁବେରଙ୍କ ଆଦେଶରେ ଜଣେକ ଯକ୍ଷ ଉପରେ ପ୍ରମୋଦ ଉଦ୍ୟାନସ୍ଥିତ ପଦ୍ମ ପୁଷ୍କରିଣୀର ଦାୟିତ୍ୱ ନ୍ୟସ୍ତ-ଥିଲା । କିନ୍ତୁ ସେ ତାର ନବ ବିବାହିତା ବଧୂ ଚିନ୍ତାରେ ନିମଗ୍ନ ଥାଇ ତାର କର୍ତ୍ତବ୍ୟରେ ହେଳା କରିଥିଲା, ଫଳରେ ସେ କୁବେରଙ୍କ ଦ୍ୱାରା ଶାପଗ୍ରସ୍ତ ହେଲା ଏବଂ ରାମଗିରି ଆଶ୍ରମକୁ ନିର୍ବାସିତ ହୋଇଥିଲା । ନିର୍ବାସନ ସମୟରେ ସେ ତାର ପ୍ରାଣ ପ୍ରିୟାକୁ ଝୁରିଥିଲା, ହଠାତ୍ ଦିନେ ପ୍ରଭାତରେ ସେ ଆବିଷ୍କାର କରିଥିଲା ଯେ ପ୍ରାବୃଟ ସମୂହ ଆକାଶରେ ଉତ୍ତର ଦିଗକୁ ଯାତ୍ରା କରୁଛି, ପ୍ରାଣପ୍ରିୟାର ଭାବନା-କାତର ଯକ୍ଷ ଜୀବ ନିର୍ଜୀବ ବିଷୟ ବିଚାର ନକରି ମେଘକୁ ଦୂତ ରୂପରେ ବିଚାରି ତା' ହାତରେ ପ୍ରିୟା ନିକଟକୁ ବାର୍ତ୍ତା ପ୍ରେରଣ କଲା । 'ମେଘଦୂତ' ମୁଖ୍ୟତଃ ପ୍ରକୃତି ବର୍ଣ୍ଣନାମୂଳକ ରଚନା । ତେଣୁ କାଳିଦାସ ଏହି ବର୍ଣ୍ଣନାତ୍ମକ କାବ୍ୟରେ ରାମଗିରି, ଉଜ୍ଜୟିନୀ, ଆମ୍ରକୂଟ, ନର୍ମଦା, ବିନ୍ଧ୍ୟ, ଦଶାର୍ଣ୍ଣ ଭୂମି, ଶିପ୍ରାନଦୀ, କନଖଳ, ଗଙ୍ଗାନଦୀ, ହିମାଳୟ ଉପତ୍ୟକା, ଅଳକାପୁରୀ ପ୍ରଭୃତି ଭୌଗୋଳିକ ସ୍ଥାନ ତଥା ଦୃଶ୍ୟକୁ ଉଚ୍ଚସ୍ଥାନ ଦେଇଛନ୍ତି । ଆଷାଢ଼ର ପ୍ରଥମ ଦିବସରେ କବି ସେଥିପାଇଁ ମେଘକୁ ସମ୍ବୋଧନ କରି କହିଲେ:—

ଆଷାଢ଼ସ୍ୟ ପ୍ରଥମ ଦିବସେ ମେଘମାଶ୍ଳିଷ୍ଟ ସାନୁଂ
ବପ୍ରକ୍ରୀଡ଼ା ପରିଣତ ଗଜ ପ୍ରେକ୍ଷଣୀୟଂ ଦଦର୍ଶ

ବିବାହିତ—ସେ ଯକ୍ଷ ଆଷାଢ଼ ମାସର ପ୍ରଥମ ଦିନରେ ପର୍ବତର ଅଗ୍ରଭାଗରେ ସଂଲଗ୍ନ ମେଘକୁ

ଡେଇଁଛି । ଏହି ମେଘ ଉତ୍‌ଖାତ କଳି କ ରୁଥିବା ଗଜ ସଦୃଶ ଦେଖା ଯାଉଥିଲା । ସମଗ୍ର କାବ୍ୟରେ ମେଘ ଶୃଙ୍ଗାରାତ୍ମକ ପ୍ରତୀକରୂପେ ବର୍ଣ୍ଣିତ । ସଂସ୍କୃତ କାବ୍ୟ ସାହିତ୍ୟରେ 'ମେଘ' ଏକମାତ୍ର ଉଦ୍ଦୀପନ ବିଭାବ ରୂପେ ବର୍ଣ୍ଣିତ ।

ପ୍ରାଚୀନ ଓଡ଼ିଆ ସାହିତ୍ୟ ବିଶେଷଭାବରେ ସଂସ୍କୃତ କାବ୍ୟାନୁସାରୀ ହୋଇଥିବାରୁ ସେଥିରେ ମେଘ ଓ ବୃଷ୍ଟିରେ ସ୍ୱରୂପ ଶୃଙ୍ଗାର ଚେତନା ଧର୍ମୀ । ବିଶେଷତଃ ରୀତିକାବ୍ୟ - ସ୍ରଷ୍ଟାଗଣ ମେଘକୁ ନାୟକ ନାୟିକାଙ୍କର ମିଳନାତ୍ମକ ସୁଖ ଓ ସନ୍ତୋଷର ନିଦର୍ଶନ ବୋଲି ବର୍ଣ୍ଣନା କରିଛନ୍ତି । ଅବଶ୍ୟ ଏହି ବର୍ଷା ବର୍ଣ୍ଣନା ଆଭିମୁଖ୍ୟର ବ୍ୟତିକ୍ରମ ଯେ ନାହିଁ, ତାହା ନୁହେଁ । ପ୍ରାଚୀନ କବି ସାରଳା ଦାସ, ବଳରାମ ଦାସ ଏବଂ ଜଗନ୍ନାଥ ଦାସ ପ୍ରଭୃତି ଆଧ୍ୟାତ୍ମିକ ଦର୍ଶନବାଦୀ କବି 'ବର୍ଷା'ର ଶୃଙ୍ଗାର ଭିନ୍ନ ରୂପେ ମଧ୍ୟ ସଂଦର୍ଶନ କରି ପାରିଛନ୍ତି । ମାଲ୍ୟବନ୍ତରେ 'ବର୍ଷାକାଳ' ବର୍ଣ୍ଣନା ବଳରାମଦାସଙ୍କ ରଚନାରେ ସାଧାରଣରୂପ ପ୍ରାପ୍ତ ହୋଇ ପାରିଛି—

ଆଷାଢ଼ ମାସ ପ୍ରବେଶ ହୋଇଲକ ଯହୁଁ,
ଝିମି ଝିମି କରିଣ ସେ ବରଷଇ ତହୁଁ ।

ବିଜୁଳି ଦେଖାଇଣ ମାରଇ ଘଡ଼ ଘଡ଼ି,
କି ଜାଣି ପର୍ବତରୁ ଶୃଙ୍ଗ ପଡ଼ିବ କି ଝଡ଼ି ।

ଯହୁଁ ପ୍ରବେଶ ହୋଇଲା ଦୁଃସହ ବରଷା,
ନାନା ପକ୍ଷୀମାନେ ତହିଁ ଭିଆଇଲେ ବସା ।

ବୃକ୍ଷମାନେ ପଲ୍ଲବନ୍ତି ଜଅଁ ଳନ୍ତି ଲତା,
ମୟୂର ଚଢ଼ାଇ ଯେ ମଦନେ ଉନ୍ମତ୍ତା ।

ମୃଗଭୟ ଛାଡ଼ିଣ ଚରନ୍ତି ଏଣେ ତେଣେ,
କୋକିଳ ଝିଙ୍କାରି ପଶିଲେ ଗହନ ବନେ ।

ବୃକ୍ଷମାନେ ଦିଶନ୍ତି ଯେ ନୂଆ ପରକାର,
କଦମ୍ବ ପୁଷ୍ପମାନେ ଫୁଟନ୍ତି ନିରନ୍ତର ।

ଜାମୁଫଳ ପାଚିକରି ପଡ଼ନ୍ତି ଭୂମିରେ,
ବନଫଳ ପାଚି ପଡୁଛନ୍ତି କେତେ ତଳେ ।

ବନର କୁକ୍‌କୁଟମାନେ କାମେ ଖେଦା ଖେଦି,
ପାତାଳ ଗଙ୍ଗା ନାମେ ଯେ ବହେ ତହିଁ ନଦୀ ।

ଜଳ ଖୁମ୍ପା କାହାମ ଯେ ପାଚି ହଂସାବଳୀ,
ଖର ହଂସ ବକ ଯେ କରନ୍ତି ଜଳ କେଳି ।

ଶ୍ରାବଣ ପ୍ରବେଶ ହୋଏ ଏଥୁ ଅନନ୍ତରେ,
ଘୋର ବୃଷ୍ଟି କରିଣ ବରଷେ ଜଳଧରେ ।

ଖଣ୍ଡିତ ଧାରା ଯେ, ନ ଦିଶେ ଦଶ ଦିଶ,
ବନ ପଲ୍ଲବିଣ ପୁଣି ହୁଅଇ ଅଦୃଶ୍ୟ ।

ନଦୀମାନେ ବହନ୍ତି ଯେ ପୂରେ ପୁଷ୍କରିଣୀ,
ପତିତ ଉପନ୍ତୁ ଝରି ପଡ଼ଇ ଯେ ପାଣି ।

ସୂର୍ଯ୍ୟଙ୍କ କିରଣ ତେଜ ନ ଦିଶେ ଗଗନେ,
ବୃକ୍ଷେ କଂପମାନ ହୁନ୍ତି ପ୍ରଚଣ୍ଡ ପବନେ ।

ମାଲ୍ୟବନ୍ତ ପର୍ବତେ ଯେ ଶ୍ରୀରାମ ଅଛନ୍ତି ।
ଅନେକ ଦୁଃଖେଣ ଯେ ବରଷା ବଞ୍ଚୁଛନ୍ତି ॥

ରାମାୟଣ ଏବଂ ମହାଭାରତ ଯୁଗର ସାହିତ୍ୟରେ ବର୍ଷାର ଏତାଦୃଶ ବର୍ଣ୍ଣନା ପରିପ୍ରେକ୍ଷୀରେ ଆଦିରସାତ୍ମକ କାବ୍ୟରେ ବର୍ଷାର ସ୍ୱରୂପ ସଂପୂର୍ଣ୍ଣ ଭିନ୍ନ । ଉପେନ୍ଦ୍ର ଭଞ୍ଜ ତାଙ୍କର ସମସ୍ତ କାବ୍ୟ କୃତିରେ ପ୍ରକୃତି ବର୍ଣ୍ଣନାକୁ ଶୀର୍ଷସ୍ଥାନ ପ୍ରଦାନ କରିଥିଲେ ଏବଂ ତାଙ୍କର ପ୍ରକୃତି ବର୍ଣ୍ଣନା ମଧ୍ୟରେ 'ବର୍ଷା ବର୍ଣ୍ଣନା ସର୍ବାଧିକ ରସୋଦ୍ଦୀପ୍ତ ଏବଂ ଭାବଉଦ୍ରେକକାରୀ । ତାଙ୍କ ବର୍ଣ୍ଣନାରେ ବର୍ଷାକୁ କେତେବେଳେ ବ୍ୟାଘ୍ର କେତେବେଳେ ସିଂହଭାବରେ ବର୍ଣ୍ଣନା କରାଯାଇଛି । ମେଘରୂପୀ ସିଂହର ଆଗମନରେ ବିରହିଣୀମାନଙ୍କର ବ୍ୟଗ୍ରତା କବିଙ୍କ କଳ୍ପନାରେ ମନୋରମ ଭାଷାରେ ଅଭିବ୍ୟକ୍ତ ହୋଇଛି । ସେହିପରି କେତେକ ବର୍ଣ୍ଣନାର ଉଦାହରଣ ଏଠାରେ ଦିଆଗଲା :—

'ରମଣୀ-ରତନ ମେଘକୁ ଯୁହିଁ
କହିବୁରେ ମେଘ କାନ୍ତକୁ ଯାଇ' ।

(ସଙ୍ଗୀତ ଉପେନ୍ଦ୍ର ଭଞ୍ଜ)

ଏ ଘୋର ବରଷା କାଳେ ପ୍ରିୟର
ସାରସ ଆଦରରେ ବସିଥିବ
ବନପତି-ପତି ପତିପରେ ଦୃଷ୍ଟି
ଦେଇ ମୋ ସନ୍ତାପ ହାରୁଥିବ ।
ଗିରୀଶ ଜାଣି ସେ ଧାରା ନିବାରିଣୀ
ନେତ୍ର - ଅମ୍ବୁଜରେ ମନ୍ଥୁଥିବ ।
ସୁନାଶୀର ଧନୁ ଚମକ - ଶବଦେ
ଅବଳା ଚମକି ପଡୁଥିବ ।"

(ସଙ୍ଗୀତ ଉପେନ୍ଦ୍ର ଭଞ୍ଜ)

ସେହି କବି ଉପେନ୍ଦ୍ର ଭଞ୍ଜଙ୍କର ବହୁ ପ୍ରଂଶସିତ ଏବଂ ଉଦାହୃତ ପ୍ରାବୃଟ ବର୍ଣ୍ଣନା ମଧ୍ୟ ତାଦୃଶ କାମଭାବାପନ୍ନ ବର୍ଣ୍ଣନାର ଅନୁରୂପ

ଦେଖି ନବ କାଳିକା ବଳାଳିକା ମାଳିକା,
ଆଡି କାଳିକା କାନ୍ତ ସୁରି
ରକ୍ଷା କେମନ୍ତେ କରି କରିବା ମଲ୍ଲବରୀ -
ଗତିକୁ ଏମନ୍ତ ବିସ୍ମରି ।
ସେ ସହଚରୀ
ଭବେ ବନ୍ଦିଲେ ଏ କାଳକୁ
କଥାଥିବ ଜାଳେ କାଳକୁ ।"

ପୁନଶ୍ଚ :—

"ପ୍ରବେଶ ହୋଇଲା ବରଷା କାଳ,
ପ୍ରମଦାମାନଙ୍କ ଜନମ ଶଳ,
ଜଳ କଜ୍ଜଳ କାନ୍ତି ଶାର୍ଦ୍ଦୁଳ,
ସୁଖେ ବିହରିଲେ ଶିଖରି ତୁଳ ।

ଗର୍ଜିଣ ସନ୍ତତ ପ୍ରକାଶ ଛଳି ବକାବଳୀବନ୍ତ
କୁରଙ୍ଗ ତୁରଙ୍ଗ ଥିଲ ସକାଶେ,
ଚନ୍ଦ୍ର ସୂର୍ଯ୍ୟ ଲୁଚିଗଲେ ଆକାଶେ ।
ମୁନିର୍ବ ମୃଗଚର୍ମ ଥିଲ ବର୍ଣ୍ଣି,
ହିମାଳୟ ବଳୁ ଗଲେ ଶୃଙ୍ଗକୁ ।
ଗଣିପତି ଲୀନ, ଆଗକରି ସେ ଗିଳିଦେଲ ଦିନ
ବ୍ୟାଘ୍ରବମାନେ ଡାକ ଦେଲେ ତହିଁ,
ସିଂହ ଆସୁଅଛି ସନ୍ଦେହ ନାହିଁ ।
ଶୁଣି ବିଯୋଗିନୀ ଲଭି ବଉଳ,
ଛିଣ୍ଡାଇ ହାର ଯୋଡ଼ାର ଡ଼ଉଳୁ ।
ସେ ମିଥ୍ୟା ନ କହେ, ଜାଣିବାକୁ ଯେଣୁ ଅନାଇ ଦେଲ ।

(ଲାବଣ୍ୟବତୀ - ୪୧ ଛାନ୍ଦ , ୧୩ ପଦ)

ପ୍ରାଚୀନ କବିମାନଙ୍କର ବର୍ଷା ବର୍ଣ୍ଣନାର ଏହାହିଁ ଥିଲ ମୁଖ୍ୟ ଆଭିମୁଖ୍ୟ, ଯଦ୍ୟପି ରସକଲ୍ଲୋଳକାର କବି ଦୀନକୃଷ୍ଣ ଦାସଙ୍କ ବର୍ଷା ବର୍ଣ୍ଣନାରେ କେତେକ ଆଙ୍କୁଳିକର ବ୍ୟତିକ୍ରମ ପରିଲକ୍ଷିତ । ଓଡିଶା କୃଷିପ୍ରଧାନ ରାଜ୍ୟ । ବର୍ଷାର ପ୍ରଭାବ ଉତ୍କଳବାସୀଙ୍କ ଉପରେ ବ୍ୟାପକ ବୋଲି ଜଣାଯାଏ । ରସବାଦୀ ପ୍ରାଚୀନ କବି ଦୀନକୃଷ୍ଣଙ୍କ କଳ୍ପନାରୁ ବର୍ଷାଗମରେ ଓଡିଶାର କୃଷକ ସମାଜର ଉତ୍ଫୁଲ୍ଲ କାବ୍ୟିକ ପ୍ରତିକ୍ରିୟା ବାଦ ପଡିନାହିଁ । ସେଥିପାଇଁ ବର୍ଷା ଏବଂ ମେଘର ସମସ୍ତ ଅଭିନୟ ମଧ୍ୟରେ କବି ଓଡିଶାର ପ୍ରାବୃଟ ଆସାର ପ୍ଲାବିତ ଶସ୍ୟକ୍ଷେତ୍ର ପ୍ରତି ସ୍ନିଗ୍ଧ କବି ଦୃଷ୍ଟି ନିକ୍ଷେପ କରିଛନ୍ତି । "ରସକଲ୍ଲୋଳ" କାବ୍ୟର ସମଗ୍ର ଷୋଡ଼ଶୀ ଛାନ୍ଦଟି ବର୍ଷାଭିମୁଖ୍ୟ ବର୍ଣ୍ଣନା କରିବାରେ ନିୟୋଜିତ । ଛାନ୍ଦର ପ୍ରାରମ୍ଭରେହିଁ କବି ବର୍ଷାଗମରେ କୃଷିକାରକମାନଙ୍କର ଅଭିଜ୍ଞତା ଓ ପ୍ରତିକ୍ରିୟା ସୂଚିତ କରିଛନ୍ତି—

ଯଥା :–

କୃଷିକାରକ ହୋଇ ହରଷ,
କଲେ ଯେ ଯାହା ଇଚ୍ଛାୟେ ଖୃଷ,
କେଦାରମାନଙ୍କରେ ପୂରିଲ ଗୀତ ଅଶେଷ ସେ ।

ଏହି ବର୍ଷା ବର୍ଣ୍ଣନାରୁ ଉତ୍କଳୀୟ ସଂସ୍କୃତି ଓ ବୌଦ୍ଧିକତାର ଆଭାସ ମିଳେ । ବହୁ ଉପମା ରୂପକ ମାଧ୍ୟମରେ କବି ବର୍ଷାକୁ ଜନଜୀବନର ପ୍ରତୀକରୂପେ ସାବ୍ୟସ୍ତ କରି ପାରିଛନ୍ତି । ଯଥା

ବର୍ଷା ପ୍ଲାବିତା ନଦୀ ଅସତୀ ସ୍ତ୍ରୀ, ଚକ୍ରବାକ ଦମ୍ପତି ଭରଜ ସଦୃଶ । ହଂସ, ବଳକା, କାଉ, କମଳ, ମୟୂର ମୟୂରୀ, ପରାଗ ସମୟରେ – ଦାନ ଗ୍ରହଣକାରୀ ବିପ୍ର, ଇନ୍ଦ୍ରଗୋପ କଦମ୍ବ (ସାଧବ ବୋହୂ) କୁରଙ୍ଗାନ୍ତ ବ୍ୟାଧି, ଝଡ଼ି ବର୍ଷାଦିନରେ ଜନସାଧାରଣଙ୍କର ଦୁଃଖ, ଦୁର୍ଦ୍ଦଶା, ମୃଗନାଭି କସ୍ତୁରୀ, ଜାହାଜ, ମୂର୍ଖ ନାୟକ ପଲଙ୍କ ଘୋଡ଼ା, ମର୍କଟ, ବଧିର ଭାଟ, ଗ୍ରାମ ଗହଳର ହଳିଆ ସମାଜ ।

ମଧ୍ୟ ଯୁଗର ଅନ୍ୟାନ୍ୟ କବିମାନଙ୍କ ରଚନାରେ ବର୍ଷା ବର୍ଣ୍ଣନାର ଅଭାବ ନାହିଁ । ମାନବ ସମାଜର ରକ୍ଷଣା ବେକ୍ଷଣ ପାଇଁ ବୃଷ୍ଟିର ଆବଶ୍ୟକତା ସର୍ବଥା ସ୍ୱୀକାର୍ଯ୍ୟ । ଜୀବନର ନ୍ୟୂନତମ ଆବଶ୍ୟକ ଖାଦ୍ୟ ପଦାର୍ଥର ଉତ୍ପାଦନ ଏହି ବର୍ଷା ଉପରେ ନିର୍ଭରଶୀଳ, ଏହି ବିରାଟ ସତ୍ୟ ପରବର୍ତ୍ତୀ ବାସ୍ତବଧର୍ମୀ ସାହିତ୍ୟରେ ବିଶେଷ ଭାବରେ ପ୍ରତିଫଳିତ । ଆଧୁନିକ ଯୁଗର କବିମାନଙ୍କ ଲେଖନୀରୁ ଏହି ବର୍ଷା ପ୍ରସଙ୍ଗ ବାଦ୍ ପଡିନାହିଁ । ସୌନ୍ଦର୍ଯ୍ୟ ପିପାସୁ କବିବର ରାଧାନାଥଙ୍କ ଲେଖନୀରେ ବର୍ଷାର ଉଭୟ ଆବେଗାତ୍ମକ ଏବଂ ବାସ୍ତବଧର୍ମୀ ରୂପ ପ୍ରକଟିତ । ପ୍ରାବୃଟ - କାଳୀନ ସମସ୍ତ ଜୀବ ଜନ୍ତୁ, ପକ୍ଷୀ ଏବଂ ଉଦ୍ଭିଦ ଜଗତ କବି କଳ୍ପନାକୁ ସ୍ପନ୍ଦିତ କରିପାରିଛି । ମାତ୍ର କବିଙ୍କର ସମାଜ ଚେତନା ପ୍ରକାଶ କରିବାରେ ବର୍ଷା ହୋଇଛି ପ୍ରଧାନ ଅବଲମ୍ବନ ।

କୃଷକେ ଉପାଡ଼ନ୍ତି ବାଳୁଙ୍ଗା କ୍ଷେତ୍ରୁ,
ସାଧୁ ଯେସନ ଅମ୍ଳ ବଢିମା ଚେତ୍ରୁ ।

ସଲିଳ୍ ଧକାଇଲେ କେ କେ ବୁଲିବେ,
ଅବୁଝା ରାଜା ·ରାଜ୍ୟ ଯଥା ପଣ୍ଡିତେ ।

× × × ×

ବରଷା କାଳ ଅଟେ ଉଦ୍ଭିଦ ମିତ୍ର,
ମାତ୍ର ପଙ୍କଜ ମଲ୍ଲ ନୋହେ ବିଚିତ୍ର ।

ଜଳ ଗହଳ ହେଲ ତା ପକ୍ଷେ ସମ,
ଅତି ସମ୍ପଦ ବାବୁ ମହା ବିଷମ ।

– (ତୁଳସୀ ସ୍ତବ) —

ଓଡିଆ ସାହିତ୍ୟରେ ନନ୍ଦ କିଶୋର ବଳଙ୍କୁ ବର୍ଷାର କବି ରୂପେ ଅଭିହିତ କରାଯାଇଥାଏ । କବିଙ୍କର ପଲ୍ଲୀ ଭିତ୍ତିକ ଗୀତି କବିତା ସମୂହ ପଲ୍ଲୀ ପ୍ରକୃତି ବିଶେଷତଃ ପଲ୍ଲୀ ବର୍ଷାର ଗୁଞ୍ଜରଣରେ ମୁଖରିତ । ତାଙ୍କର ଅଧିକାଂଶ କବିତାରେ ଗ୍ରାମ୍ୟ ପରିବେଶର ପ୍ରାବୃଟ ଅଭିସାର ସ୍ୱତନ୍ତ୍ର ପୂର୍ଣ୍ଣଭାଷାରେ ଅଭିବ୍ୟକ୍ତ । ନନ୍ଦ କିଶୋର ବର୍ଷାକୁ ସାଧାରଣ ଜୀବନର ଆଶା ଆକାଂକ୍ଷା ଏବଂ ଦୈନନ୍ଦିନ ପ୍ରତିକ୍ରିୟା ସହିତ ଜଡିତ କରାଇଛନ୍ତି । ବର୍ଷା ଗ୍ରାମାଞ୍ଚଳରେ କୃଷି ଉତ୍ପାଦନ ଏବଂ ଆର୍ଥିକ ସ୍ୱାଚ୍ଛନ୍ଦ୍ୟର ପ୍ରତୀକ, କିନ୍ତୁ ଏହା ଅପେକ୍ଷା ନନ୍ଦକିଶୋରଙ୍କ କାବ୍ୟ କବିତାରେ ବର୍ଷା ବହୁ ପ୍ରାଚୀନ ସ୍ମୃତି ଏବଂ କିମ୍ବଦନ୍ତୀର ସ୍ମାରକୀ । କବି ନନ୍ଦକିଶୋରଙ୍କ ବର୍ଣ୍ଣିତ ଚରିତ୍ର ପ୍ରାବୃଟ ଦର୍ଶନରେ ସ୍ମୃତି ବିଭୋର ଇତିହାସ ସଚେତନ ଏବଂ କେତେକ କ୍ଷେତ୍ରରେ ବାସ୍ତବ ଅଭିମୁଖୀ ହୋଇଛନ୍ତି । ଏପରି ଚରିତ୍ରମାନଙ୍କ ମଧ୍ୟରେ ଶିଶୁ, ଯୁବକ, ବୃଦ୍ଧ, ତରୁଣ ତରୁଣୀ ପ୍ରଭୃତି ପ୍ରଧାନ । ବିରହୀ ବିରହିଣୀମାନଙ୍କ ଅପେକ୍ଷା ସରଳ ହୃଦୟ ଶିଶୁହିଁ ନନ୍ଦକିଶୋରଙ୍କ ବର୍ଷାଭିତ୍ତିକ କଳ୍ପନାରେ ଅଧିକ ସ୍ଥାନ ଦାବୀ କରିଛନ୍ତି । ତେଣୁ ନନ୍ଦକିଶୋରଙ୍କ ବର୍ଷା ପରିକଳ୍ପନାରେ ମୁଖ୍ୟତଃ

ଶୈଶବ ସ୍ୱପ୍ନ ଆଧାରିତ । ଯୌବନର ଅଭିସାର ଅପେକ୍ଷା ଶୈଶବର ସରଳ ବିସ୍ମୟ ଏବଂ ନରଳ ଆସକ୍ତି ନନ୍ଦକିଶୋରଙ୍କ ବର୍ଷା କଳ୍ପନାର ନୈସର୍ଗିକ ବିଭୂତି । ବିରହିଣୀ ପ୍ରିୟାର ବେଦନା ବିଧୁର ସ୍ୱଗତୋକ୍ତି ଅପେକ୍ଷା ସରଳ ବାଳକ ବାଳିକାମାନଙ୍କର କଳ ଗୁଞ୍ଜନହିଁ ପଲ୍ଲୀ କବିଙ୍କ ବର୍ଷା ବର୍ଣ୍ଣନାର ପ୍ରଧାନ ବୈଶିଷ୍ଟ୍ୟ ।

ପ୍ରାବୃଟ ବର୍ଣ୍ଣନରେ କବିଙ୍କ ଅନ୍ତରରେ ଅତୀତ ଉତ୍କଳର ବହୁ ସ୍ମୃତି ଉଦ୍‌ବୋଧିତ ହେବା ସଙ୍ଗେ ସଙ୍ଗେ ଗ୍ରାମ୍ୟ ମାଟିର ସାଧବ ବୋହୂ, କଇଁଆରିଲତା, ପ୍ରଜାପତି ଚହ୍ଲିଆପଣା, ଗ୍ରାମଦାଣ୍ଡୁ ଆସି ଗାଁର ଟିକି ନୂଆବୋହୂ ପ୍ରଭୃତି ଦୃଶ୍ୟ ଏବଂ ଚରିତ୍ର ସମସ୍ତଙ୍କର ଦୃଷ୍ଟିପଥାରୂଢ଼ ହୁଅନ୍ତି । ବର୍ଷାର ନିଛକ ଶୁଦ୍ଧ ପ୍ରାକୃତିକ ବର୍ଣ୍ଣନା ଅପେକ୍ଷା ବର୍ଷା ପ୍ରଭାବିତ ଗ୍ରାମ୍ୟ ଚରିତ୍ରହିଁ ଅଧିକ ଜୀବନ୍ତ ଏବଂ ପରିସ୍ଫୁଟ ହୋଇ ପାରିଛି , ବର୍ଷା କବି ନନ୍ଦକିଶୋରଙ୍କ କାବ୍ୟ କବିତାରେ । ଗ୍ରାମ୍ୟ ଶିଶୁ ଏବଂ ଅତୀତ ଇତିହାସ ଏକ ପରସ୍ପର ସମନ୍ୱୟ ରକ୍ଷାକାରୀ ଆବେଗରେ ପ୍ରକଟିତ ।

ମେଘ ବରଷିଲା ଟପର ଟପର
  କେଣ୍ଟୁର ମାଇଲା ଗଜା,
କେଉଁ ରାଇଜରେ ରହିଲେ ରଜା,
  ଡେଲେଙ୍କି ବାଇଦ ବଜା ।

ମେଘ ବରଷଇ ବିଜୁଳି ମାରଇ
  ପବନ ବହଇ ଖରେ ,
ତରୁଣ ଯୌବନେ ପରାଣ ପ୍ରତିମା,
  ଛାଡି ଆସିଅଛି ଘରେ ।

ଭାବର ଆବେଗେ ଦୂର ପରବାସେ,
  ମନେ ପଡ଼େ ପ୍ରିୟା ଯାହା ।
ତାହାରି ସଙ୍କେତ ଦରଶନ ଦିଏ,
  ଅତୀତ - ଜୀବନ ଛାୟା ।

(ନିର୍ଝରିଣୀ, ନବବର୍ଷା ଭାବନା-ପୃ-୧୦୫)

ପୁନଶ୍ଚ :-

ଅତି ପ୍ରତ୍ୟୁଷରୁ ଜନପଦ - ବଧୂ
  ଶୁଣି ତାମ୍ର ଚୂଡ଼ ସ୍ୱନ ।
ଚିନ୍ତି ବରଷାରେ ସାରି ନିତ୍ୟକର୍ମ
  ସ୍ନାନେ କରନ୍ତି ଗମନ ।

ପଲ୍ଲୀ-ଉପବନେ ବଂଶ-ନିକୁଞ୍ଜରେ,
  ବକୁଳ ବୃକ୍ଷର ମୂଳେ ।
ଲାବଣ୍ୟ - ପସରା ଶୁଭ୍ର ଅଙ୍ଗୀଗଣ,
  ପଲ୍ଲୀ - ପୁଷ୍କରିଣୀ - କୂଳେ ।"

(ନିର୍ଝରିଣୀ - ବର୍ଷା ମଙ୍ଗଳ - ପୃ-୧୧୫)

ଉତ୍କଳୀୟ ଜନଜୀବନରେ ପ୍ରାବୃଟର ବହୁବିଧ ପ୍ରଭାବର ଏକମାତ୍ର ରସଗ୍ରାହୀ ଚିତ୍ରକର ଭାବରେ ନନ୍ଦକିଶୋର ହିଁ ସୃଷ୍ଟି ସଫଳତାର ଅଧିକାରୀ । ସାମୟିକ ଯୁଗରେ ଭକ୍ତ କବି ମଧୁସୂଦନ ରାଓ ମଧ୍ୟ ସମ-ତାଙ୍କ କାବ୍ୟ କବିତାରେ ବର୍ଷା ବର୍ଣ୍ଣନା କରିଛନ୍ତି । ମାତ୍ର ତାହା ମଧ୍ୟ ଯୁଗୀୟ ବର୍ଣ୍ଣନାର ଅନୁରୂପ ନୁହେଁ । ଆଧୁନିକ ଯୁଗରେ କଥା ସାହିତ୍ୟରେ ଏବଂ ଆଧୁନିକ କବିର କବିତାରେ ବର୍ଷାର କାବ୍ୟୋଚିତ ରୂପ ଅପେକ୍ଷା ତାହାର ଅର୍ଥନୀତି ପ୍ରଭାବ ବାସ୍ତବ ରୂପ ପ୍ରକଟିତ । ସବୁଜ କବିମାନଙ୍କ ବର୍ଷା କବିତା କଳ୍ପନା ଏବଂ ଆବେଗର ପରିପୋଷକ ।

"ବର୍ଷା ଲାଗିଲା ଟଇଟର ଭୂଇଁ ଜ୍ୟୋସ୍ନାର ପାଣିରେ ସତେକି ଧସିଗଲା, ନିଭିଲା ନିଭିଲା ଜହ୍ନ ତାରା ଗଲେ ଲିଭି, ପବନର ପଟୁଆର, ବିଜୁଳିର ଜଉଳସ ଜ୍ୟୋସ୍ନାର ପାଣି, ସତେ ଯେପରି ବତର ପାଦରେ କନ୍ୟା ପାଣି ଢାଳୁଛି, କନ୍ୟା ଆସିଛି । ପହିଲି ବରଷାର ଆଶାର ଆଶ୍ୱାସର ବାଣୀ - ବିପୁଳ କଳରବ ।"

(ପରଜା –ପୃ-୧୪୭)

ଦୁଲୁ ଦୁଲୁ ହୋଇ ମେଘ ଡାକୁଛି, ଅଳ୍ପ ଝିପି ଝିପି ବରଷା ବରଷୁଛି । ଚିକ୍‌କଣ କଳା ଆକାଶ ଓହଳି ପଡ଼ିଛି, ମସାରି ଜନାର ଜାଲ ଫଡ଼କିଲା ପରି ହାଲୁକା ବରଷା ଅସରା ଦୂରେଇ ଦୂରେଇ ଘୁମୁରି ଯାଉଛି, ପୁଣି ପାଖକୁ ଆସୁଛି ।

(ମାଟି ମଟାଳ–ପୃଷ୍ଠା–୬୪୯)

ସଂକ୍ଷେପରେ କହିବାକୁ ଗଲେ ଭାରତୀୟ ତଥା ଉତ୍କଳୀୟ ଜନ ସଂସ୍କୃତିରେ ବର୍ଷାର କାବ୍ୟିକ ଏବଂ ଶୈଳ୍ପିକ ରୂପ ହୃଦୟସ୍ପର୍ଶୀ ସାହିତ୍ୟ ସୃଷ୍ଟି କରି ପାରିଛି ।

'ଜ୍ୟୋତି ବିହାର' ସମ୍ବଲପୁର ବିଶ୍ୱବିଦ୍ୟାଳୟ
ପିନ୍ ୭୬୮୦୧୯

# ଗଣତନ୍ତ୍ର ଓ ମୂଲ୍ୟବୋଧ

ଶ୍ରୀ ଅଖିଳମୋହନ ପଟ୍ଟନାୟକ

ପୃଥିବୀରେ ଏ ଯାବତ୍ ପ୍ରଚଳିତ ଶାସନ ପଦ୍ଧତିମାନଙ୍କ ମଧ୍ୟରେ ଗଣତନ୍ତ୍ର ସର୍ବକନିଷ୍ଠ ଶାସନ ପଦ୍ଧତି, ସୁତରାଂ ଏହାକୁ ଆଧୁନିକତମ ଶାସନ ପଦ୍ଧତି କହିଲେ ଅତ୍ୟୁକ୍ତି ହେବ ନାହିଁ । ତେଣୁ ବର୍ତ୍ତମାନ ପୃଥିବୀରେ ଯେଉଁ ଯେଉଁ ରାଷ୍ଟ୍ରମାନଙ୍କରେ ଏପର୍ଯ୍ୟନ୍ତ ଗଣତାନ୍ତ୍ରିକ ପଦ୍ଧତିରେ ଶାସନ ଚାଲିନାହିଁ, ସେ ଦେଶର ଜନସାଧାରଣ ଏହି ଶାସନ ପଦ୍ଧତିର ପ୍ରବର୍ତ୍ତନ ପାଇଁ ସେହି ସେହି ଦେଶମାନଙ୍କରେ ସାମ୍ବିଧାନିକ ବା ଆନ୍ଦୋଳନାତ୍ମକ ଆନ୍ଦୋଳନର ସୂତ୍ରପାତ କରୁଛନ୍ତି । କେତେବେଳେ କେତେବେଳେ ଗଣତାନ୍ତ୍ରିକ ପଦ୍ଧତିର ବିଜୟ ହେଲେ ମଧ୍ୟ ତାହା ସ୍ୱଳ୍ପ ସମୟ ପାଇଁ ସ୍ଥାୟୀ ହୋଇ ପୁନରାୟ ରାଜତନ୍ତ୍ର ନହେଲେ ମଧ୍ୟ ଫାସିବାଦ ନିଜକୁ ପ୍ରତିଷ୍ଠା କରୁଛି ।

ରାଷ୍ଟ୍ରକୁ ଶାସନ କରିବା ପାଇଁ ବିଭିନ୍ନ ରାଜନୈତିକ ବାଦମାନଙ୍କର ବିବର୍ତ୍ତନ ସୂତ୍ରରେ ଗଣତନ୍ତ୍ର ଅନ୍ୟ ଏକ ବାଦ ମାତ୍ର । କେହି ମନେ କରିବା ଉଚିତ ନୁହେଁ, ରାଷ୍ଟ୍ରର ଶାସନ ପାଇଁ ଗଣତାନ୍ତ୍ରିକ ପଦ୍ଧତି ସର୍ବଶ୍ରେଷ୍ଠ ପଦ୍ଧତି ଓ ଏହା ପରେ ଆଉ କୌଣସି ପଦ୍ଧତି ବିବର୍ତ୍ତିତ ହେବାର ସମ୍ଭାବନା ନାହିଁ । ଯେପରି କେହି ମନେ କରିବା ଉଚିତ୍ ନୁହେଁ ଯେ ପ୍ରାଣୀ ଜଗତର ବିବର୍ତ୍ତନ ଫଳରେ ମନୁଷ୍ୟ ନାମକ ଜନ୍ତୁଟି ସୃଷ୍ଟି ହୋଇ ସାରିଲା ପରେ ଆଉ ବିବର୍ତ୍ତନ ସମ୍ଭବ ନୁହେଁ ।

କିନ୍ତୁ ଦୁଃଖର କଥା ଯେ ବହୁଦିନ ଧରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ବାସ କରି ସାରିଲା ପରେ ବହୁ ଲୋକଙ୍କର ଧାରଣା ଯେପରି ଗଣତନ୍ତ୍ର କେବଳ ନିର୍ବାଚନ ଭୋଟ ବାକ୍ସ, କେବଳ ଦଳଗଠନ ଓ ପରିପ୍ରଚାର । ତେଣୁ ସେମାନଙ୍କର ଅପରିହାର୍ଯ୍ୟ ଉପସଂହାର ଏହି ଯେ ଥରେ ପ୍ରଚାର ହୋଇ ଭୋଟ ଦିଆହୋଇ ବିଧାନ ସଭା ସଦସ୍ୟମାନେ ବା ଲୋକସଭା ସଦସ୍ୟମାନେ ବିଧାନ ସଭା ଓ ଲୋକସଭା କକ୍ଷକୁ ପଶିଗଲେ ଗଣତନ୍ତ୍ରର ସମସ୍ତ କର୍ତ୍ତବ୍ୟ ବା ଅନୁଷ୍ଠାନ ସମାପ୍ତ ହୋଇଯାଏ । ପୁଣି ପାଞ୍ଚବର୍ଷ ପରେ ନିର୍ବାଚନ ଆସିଲାପର୍ଯ୍ୟନ୍ତ । ତେଣୁ ସେମାନେ ଗଣତନ୍ତ୍ରର ଏହି କ୍ଷୁଦ୍ର ଆନୁଷ୍ଠାନିକ ପଦ୍ଧତିଟିରେ ଅଂଶ ଗ୍ରହଣ କରିସାରି ପୁନରାୟ ଗଣତନ୍ତ୍ର ପ୍ରତି ଉଦାସୀନ ରହନ୍ତି । ଯେପର୍ଯ୍ୟନ୍ତ କୌଣସି ସାମ୍ବିଧାନିକ ସଙ୍କଟ ସେମାନଙ୍କର ସ୍ନାୟୁକୁ ଉତ୍ତେଜିତ କରି ନଥାଏ ।

ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ଲଢ଼ିବା ବା ନିର୍ବାଚିତ ହବା ସେହି ପଦ୍ଧତିର ଏକ କ୍ଷୁଦ୍ରାତିକ୍ଷୁଦ୍ର ଅଂଶ । ଜନସାଧାରଣ ବିସ୍ମୃତ ହବା ଉଚିତ୍ ନୁହେଁ ଯେ ଯେଉଁମାନେ ନିର୍ବାଚିତ ହୋଇ ଯାଆନ୍ତି, ସେମାନେ ବ୍ୟବସ୍ଥାପକ ମାତ୍ର, ଅର୍ଥାତ୍ ସେମାନେ ଦେଶର ଆଇନ, ସମ୍ବିଧାନ-ସମ୍ମତ ଭାବେ ତିଆରି କରି ଥାଆନ୍ତି ଏବଂ ସେମାନଙ୍କ ଭିତରୁ ଯେଉଁ କେତେଜଣ ମନ୍ତ୍ରୀମଣ୍ଡଳ ଗଠନ କରନ୍ତି, ସେମାନେ ଦେଶର ଶାସନର ମୁଖ୍ୟଭାବରେ ଅବସ୍ଥାପିତ ହୁଅନ୍ତି । ଏକଥା ବୁଝାଇବାକୁ ପଡ଼ିବ ନାହିଁ ଯେ ଆଇନ କରିବା ଓ ଶାସନ କରିବା ଗଣତନ୍ତ୍ର ନୁହେଁ, ତେଣୁ ଅପରିହାର୍ଯ୍ୟ ଉପସଂହାର ଯେ ଗଣତନ୍ତ୍ର ନିର୍ବାଚନସର୍ବସ୍ୱ ନୁହେଁ । ଗଣତନ୍ତ୍ର ଯଦି ଲକ୍ଷ୍ୟ ହୁଏ, ନିର୍ବାଚନ ସେଥିପାଇଁ ଏକ ପନ୍ଥା ମାତ୍ର ।

ପ୍ରାୟ ଦୁଇଶତରୁ ଊର୍ଦ୍ଧ୍ୱ ବର୍ଷ ଧରି ଏହି ଗଣତାନ୍ତ୍ରିକ ପଦ୍ଧତି ଉପରେ ଗଣତନ୍ତ୍ରର ପୃଷ୍ଠପୋଷକ ବହୁ ମନିଷୀ ଓ ପ୍ରବକ୍ତାମାନେ ଗଣତନ୍ତ୍ରର ସଂଜ୍ଞା ବା ତାହାର ବ୍ୟବହାରିକ ଦିଗ ସଂପର୍କରେ ଯେଉଁ ଐତିହାସିକ ଉକ୍ତିମାନ ଲିପିବଦ୍ଧ କରିଯାଇଛନ୍ତି, ତାହାର ଉଦ୍ଧାର କରିବା ପାଇଁ ଏ ପ୍ରବନ୍ଧ ଉଦ୍ଦିଷ୍ଟ ନୁହେଁ, ତେଣୁ ମୁଁ ସେଥିରୁ ନିଜକୁ ନିବୃତ୍ତ କଲି ।

ସହଜ କଥାରେ ଗଣତାନ୍ତ୍ରିକ ନିଷ୍ପତ୍ତି ହେଲା କୌଣସି ଏକ ସମସ୍ୟା ଉପରେ ପ୍ରତ୍ୟେକ ବ୍ୟକ୍ତିର କହିବାର ଅଧିକାର ଓ ସର୍ବାଧିକ ବ୍ୟକ୍ତିଙ୍କର ମତ ଅନୁଯାୟୀ ସେହି ସଂପର୍କରେ ନିଷ୍ପତ୍ତି ଗ୍ରହଣ କରିବା । ଯେହେତୁ ଆମ ଦେଶରେ ପରୋକ୍ଷ ଗଣତନ୍ତ୍ର ପଦ୍ଧତି ପ୍ରଚଳିତ, ତେଣୁ ଆମେ ବିସ୍ମୃତ ହୋଇଯାଉ ଯେ ଆମର ସ୍ୱ ସ୍ୱ ବ୍ୟବସ୍ଥାପକମାନଙ୍କ ଜରିଆରେ ଆମ୍ଭେମାନେ ଆମରି ମତ ପ୍ରକାଶ କରିଥାଉ । ତାହା ସଂଖ୍ୟାଗରିଷ୍ଠ ହୋଇପାରେ ବା ସଂଖ୍ୟାଲଘୁ

ହୋଇପାରେ । କିନ୍ତୁ ମତଦବାର ପଦ୍ଧତିଟି କାଏମ ରହିଲା ।

ବହୁ ସମୟରେ ଏହି ସଂଖ୍ୟାଗରିଷ୍ଠ ମତ ଉପରେ ବହୁ ଭ୍ରମାତ୍ମକ ଧାରଣା ସୃଷ୍ଟି ହବା ସ୍ୱାଭାବିକ । ସବୁ ସମୟରେ ସଂଖ୍ୟାଗରିଷ୍ଠ ମତକୁ ଯେ ସଂଖ୍ୟାଲଘୁ ମତ ଉପରେ ଜାହିର କରାଯିବ, ଏପରି ନୁହେଁ । ଗଣତନ୍ତ୍ରର ଏହି ମୌଳିକ ଓ ସୂକ୍ଷ୍ମ ତତ୍ତ୍ୱଟିକୁ ଆମେମାନେ ନିର୍ବାଚନର ହଇହଲ୍ଲା ଭିତରେ ବିସ୍ମୃତ ହୋଇ ଯାଇଥାଉ । ଧରାଯାଉ, ହଷ୍ଟେଲ୍‌ରେ ଗୋଟିଏ ପ୍ରକୋଷ୍ଠରେ ପାଞ୍ଚଜଣ ଛାତ୍ର ଅଛନ୍ତି । ଜଣେ ମାତ୍ର ଜ୍ୱରରେ ପୀଡ଼ିତ । ସେହି ପ୍ରକୋଷ୍ଠବାସୀଙ୍କର ମତ ନିଆଗଲେ ଚାରିଜଣ ଛାତ୍ର କହିବେ, ପଂଖା ଚାଲୁ ରହୁ, କିନ୍ତୁ ବିଚରା ଦୁର୍ବଳ ଜ୍ୱର ପ୍ରପୀଡ଼ିତ ଗୋଟିଏ ମାତ୍ର ଛାତ୍ର କହିବ, ପଙ୍ଖା ବନ୍ଦ ରହୁ । ଏଠାରେ ସଂଖ୍ୟାଗରିଷ୍ଠ ମତକୁ ଉପେକ୍ଷା କରି ସଂଖ୍ୟା ଲଘୁ ମତଟି ଜାହିର କରାଯିବା ପ୍ରକୃତ ଗଣତନ୍ତ୍ରର ସୂତ୍ର ।

ଗଣତନ୍ତ୍ରରେ ବିପୁଳ ସଂଖ୍ୟକ ଜନତା ଅଂଶ ଗ୍ରହଣ କରନ୍ତି, କିନ୍ତୁ ତା'ର ଅର୍ଥ ନୁହେଁ ସଂଖ୍ୟାଗରିଷ୍ଠମାନେହିଁ କେବଳ ସୁବିଧା ପାଇବେ । ଗଣତନ୍ତ୍ର ଦୁର୍ବଳର ରକ୍ଷକ ଓ ଶୋଷିତର ପୃଷ୍ଠପୋଷକ । ଏପରିକି ଜଣେ ଏକକ ବ୍ୟକ୍ତିର ଅଭାବ ଅସୁବିଧା ପ୍ରତି ଗଣତନ୍ତ୍ର ସଜାଗ ରହିବା ଉଚିତ୍ ।

କିଛି ଦିନ ତଳେ ବିଲାତ ସହରରେ ନର୍ଦ୍ଦମା ପାଣିକୁ ନିୟନ୍ତ୍ରିତ କରୁଥିବା ସିଓରେଜ୍ ସିଷ୍ଟମ୍ ଅଚଳ ହୋଇପଡ଼ିଲା । ଇଞ୍ଜିନିଅରମାନେ ଆମୂଳଚୂଳ ପରୀକ୍ଷା କରି ଦେଖିଲେ ଯେ ଗୋଟାଏ ଜାଗାରେ ନର୍ଦ୍ଦମା ଜଳବାହୀ ପାଇପ୍‌ଗୁଡ଼ିକ ଯଦି ଗୋଟିଏ ସ୍ଥାନରେ ସିଧାଭାବରେ ନିଆଯାଏ ତାହାହେଲେ ଏପରି ଅଚଳ ଅବସ୍ଥା ବାରମ୍ବାର ସୃଷ୍ଟି ହବା ଅବଶ୍ୟମ୍ଭାବୀ ଏବଂ ନର୍ଦ୍ଦମାର ପାଇପ୍‌ଗୁଡ଼ିକ ସରଳ ରେଖାରେ ନବାକୁ ହେଲେ ତାହା ଜଣେ ବିଧବା ବୃଦ୍ଧାଙ୍କର ଲନ୍ ତଳ ଦେଇ ଯିବା ଭିନ୍ନ ଅନ୍ୟ ଉପାୟ ନାହିଁ । ତେଣୁ କର୍ପୋରେସନର କର୍ମକର୍ତ୍ତାମାନେ, ଏପରିକି ମେୟର ପର୍ଯ୍ୟନ୍ତ ଅନୁମତି ଦବା ପାଇଁ ବୃଦ୍ଧାଙ୍କୁ ବହୁବାର ପ୍ରବର୍ତ୍ତାଇଥିଲେ । ସେମାନେ କହିଥିଲେ ଯେ ନର୍ଦ୍ଦମା ଜଳବାହୀ ପାଇପ୍‌ଗୁଡ଼ିକ ଲନର ବାରଫୁଟ ତଳେ ଯିବ । ସେମାନେ ତା'ପରେ ଲନ୍‌ଟିକୁ ତା'ର ପୂର୍ବାବସ୍ଥା ଅକ୍ଷତ ଫେରାଇ ଆଣିବେ ଓ ସେଥିପାଇଁ ପର୍ଯ୍ୟାପ୍ତ ପରିମାଣର କ୍ଷତିପୂରଣ ମଧ୍ୟ ଦେବେ । କିନ୍ତୁ ଜିଦ୍‌ଖୋର ବୃଦ୍ଧୀ କୌଣସି ମତେ ମଙ୍ଗିବାକୁ ରାଜି ନୁହେଁ । ଅଗତ୍ୟା କର୍ପୋରେସନ କର୍ତ୍ତୃପକ୍ଷ ଅଦାଲତକୁ ଯାଇ ପ୍ରାର୍ଥନା କଲେ ଯେ ଲଣ୍ଡନ ସହରର ସମୂହ ସ୍ୱାର୍ଥ ଦୃଷ୍ଟିରୁ, ଆମଠାରୁ ପ୍ରୟୋଜନୀୟ କ୍ଷତିପୂରଣ ନିଆଯାଇ ବୃଦ୍ଧା ବିଧବାଙ୍କର ଲନ୍‌ଟି କର୍ପୋରେସନର ସାମୟିକ କାର୍ଯ୍ୟାନୁଷ୍ଠାନ ପାଇଁ ଦିଆଯାଉ । ବୃଦ୍ଧା ବିଧବା ଏହି ମକଦ୍ଦମାରେ ତାଙ୍କର ଜବାବ୍‌ରେ ଉଲ୍ଲେଖ କରିଥିଲେ ଯେ ସେ ତାଙ୍କର ସ୍ୱାମୀଙ୍କୁ ହରାଇବା ପରେ ଯଥେଷ୍ଟ ମର୍ମାହତ ହୋଇ ଏକ ଅତ୍ୟନ୍ତ ନିଃସଙ୍ଗ ଜୀବନ ଯାପନ କରୁଛନ୍ତି । ଏହି ଘରଟି ଓ ଘର ସାମ୍ନାର ଏହି ସୁନୀଳ ଲନ୍‌ଟି ତାଙ୍କର ସବୁଠାରୁ ବେଶି ପ୍ରିୟ । ଯେଉଁଠାରେ ସେ ପ୍ରାୟଶଃ ତାଙ୍କର ଅପରାହ୍ନ ଚାହା-ଭୋଜଟି ସମାପ୍ତ କରିଥାଆନ୍ତି । କିନ୍ତୁ ସେ ଯଦି ଜାଣିବେ ଯେ ସେ ବସି ରହିଥିବା ଲନ୍‌ଟିର ବାରଫୁଟ ତଳେ ଲଣ୍ଡନ ସହରର ସମସ୍ତ ଆବର୍ଜନା ସଦା ସର୍ବଦା ପ୍ରବାହିତ ହୋଇ ଚାଲିଛି , ତାହାହେଲେ ତାଙ୍କର ବଞ୍ଚି ରହିବାର ସ୍ପୃହାଟିକକ ମଧ୍ୟ ରହିବ ନାହିଁ ।

ଲଣ୍ଡନ ସହରର ଅଦାଲତ୍ ରାୟ ଦେଲେ ଯେ ଲଣ୍ଡନ ସହରର ଲକ୍ଷ ଲକ୍ଷ ଲୋକଙ୍କ ଭିତରେ ଏହି ବିଧବା ବୃଦ୍ଧାଙ୍କର ମଧ୍ୟ ବଞ୍ଚିରହିବାର ସଂପୂର୍ଣ୍ଣ ଅଧିକାର ରହିଛି । ତେଣୁ ଜଣେ ବ୍ୟକ୍ତିର ବଞ୍ଚି ରହିବାର ସ୍ପୃହା କେହି କାଢ଼ି ନ ନଉ, ଏପରିକି ସର୍ବଶକ୍ତିମାନ୍ ରାଷ୍ଟ୍ର ମଧ୍ୟ । ଏଥିପାଇଁ ଦେଶର ଗଣତାନ୍ତ୍ରିକ ପଦ୍ଧତିରେ ପ୍ରତିଷ୍ଠିତ ଅଦାଲତ୍ ସଦା ସର୍ବଦା ଜାଗ୍ରତ ରହିଛି । ତେଣୁ କର୍ପୋରେସନ ଏହି ନିଃସଙ୍ଗ ବିଧବାଟିର ଲନ୍‌କୁ ସ୍ପର୍ଶ ମଧ୍ୟ କରିପାରିବେ ନାହିଁ । ଦଶଗୁଣ ଅଧିକ ବ୍ୟୟସାପେକ୍ଷ ହେଲେ ମଧ୍ୟ କର୍ପୋରେସନ ନର୍ଦ୍ଦମା ଜଳ ନିୟନ୍ତ୍ରଣ କରିବାକୁ ବିକଳ୍ପ ପନ୍ଥାର ଆଶ୍ରୟ ନିଅନ୍ତୁ ।

ଏହା ଗଣତାନ୍ତ୍ରିକ ପଦ୍ଧତିର ସୁରକ୍ଷା ପାଇଁ ଏକ ନିରପେକ୍ଷ ନିର୍ଭୀକ ଅଦାଲତର ବଜ୍ର ଗମ୍ଭୀର ଘୋଷଣା । ବ୍ୟକ୍ତି, ବ୍ୟକ୍ତି ବ୍ୟକ୍ତିକୁ ନେଇ ସମଷ୍ଟି । ତେଣୁ ସମଷ୍ଟିର ପ୍ରୟୋଜନରେ ଏକ ବ୍ୟକ୍ତିର ଯଥାର୍ଥ ଦାବୀକୁ ବିସ୍ମୃତ ହୋଇଗଲେ ଚଳିବ ନାହିଁ । କାରଣ ଗଣତନ୍ତ୍ର ପଦ୍ଧତିରେ ଯେଉଁ ଶାସନ କରାଯିବ, ତାହା କେବଳ ସମଷ୍ଟିର ଦାବୀ ନୁହେଁ, ଜନଗଣର ଆର୍ତ୍ତ ଚିତ୍‌କାର ନୁହେଁ, ତାହା ଏକ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ, ଯେଉଁ ମୂଲ୍ୟବୋଧ ଏକାଧାରରେ ସଭ୍ୟତାର ମାପକାଠି, ସତ୍ୟ, ସୁନ୍ଦର ଓ ସୁକୁମାର ।

ବିଗତ ବହୁ ଶତାବ୍ଦୀ ତଳର ରୋମ୍ ସାମ୍ରାଜ୍ୟ ସଂପର୍କରେ ଆମେ ସମସ୍ତେ ଭଣା ଅଧିକେ ଅବଗତ । ତତ୍‌କାଳୀନ ରୋମ ସାମ୍ରାଜ୍ୟ ଥିଲା ସଭ୍ୟତାର ଚରମ ପର୍ଯ୍ୟାୟରେ । ସେଠି କି ଆଇନ୍ ଥିଲା, କିନ୍ତୁ ଆଇନ୍ ଥିଲା ରାଜାନୁଗତ । କ୍ରୀତଦାସ ପ୍ରଥା କେବଳ ଏକ ପ୍ରଥା ନୁହେଁ । ତାହା ଥିଲା ରୋମ ସାମ୍ରାଜ୍ୟର ଆଇନ୍ ଓ ସେହି ଆଇନ ଅନୁଯାୟୀ ଅପ୍ରାପ୍ତ ବୟସ ବାଳକ ବାଳିକାମାନଙ୍କୁ ଦେଶର ଧନୀକ ଶ୍ରେଣୀ ବଜାରର ଛକ ଜାଗାରେ ନିଲାମ ଡ଼ାକି କିଣୁଥିଲେ ଏବଂ ଥରେ କିଣିସାରିଲା ପରେ ଅକଥନୀୟ ନିର୍ଯ୍ୟାତନା ସତ୍ତ୍ୱେ କ୍ରୀତଦାସ ରହୁଥିଲା କ୍ରୀତଦାସ ହୋଇ । ଆଣ୍ଡ୍ରୋକ୍ଲିସ୍ ଥିଲା ସେହି କ୍ରୀତଦାସ, ଯେ ରୋମ୍‌ର ପ୍ରଚଳିତ ଆଇନକୁ ଅବଜ୍ଞା କରି ଜଙ୍ଗଲରେ ଆତ୍ମଗୋପନ କରିଥିଲା ନିଜର ମାଲିକ ପାଖରୁ ପଳେଇଯାଇ । ପ୍ରବାଦ ଅଛି , ସେହି ଆତ୍ମ ନିର୍ବାସନ ସମୟରେ ଆଣ୍ଡ୍ରୋକ୍ଲିସ୍ ଗୋଟିଏ ପୀଡ଼ିତ ସିଂହର ଗୋଡ଼ରୁ କଣ୍ଟା ବାହାର କରି ତାକୁ ସୁସ୍ଥ କରି ତୋଳିଥିଲା । ଦୁର୍ଦ୍ଧର୍ଷ ରୋମ ପ୍ରହରୀମାନେ ଆଣ୍ଡ୍ରୋକ୍ଲିସ୍‌ଙ୍କୁ ଗିରଫ୍ କରିଥିଲେ ଓ ତା'ର ଶାସ୍ତି ହୋଇଥିଲା କଠୋରତମ, ଯାହା ଅନ୍ୟ ଦିଗରେ ରୋମ୍‌ର ବିନାଶୀ

ନାଗରିକମାନଙ୍କପାଇଁ ଥିଲା ଅତ୍ୟନ୍ତ ଆମୋଦପୂର୍ଣ୍ଣ— ମୃତ୍ୟୁଦଣ୍ଡ ।

ରୋମର ଐତିହାସିକ ଆଂଫିଥିଏଟର ସୁସଜ୍ଜିତ ଓ ଜନପୂର୍ଣ୍ଣ । ତିଳ ଧାରଣ ପାଇଁ ସ୍ଥାନ ନାହିଁ । ଧରା ପଡ଼ିଛି ଆଣ୍ଡ୍ରୋକ୍ଲିସ୍ ଏବଂ ସେହିଠାରେ ସେ ଶିକାର ହବ ଯତାବନ୍ଧ ଏକ କ୍ଷୁଧିତ ସିଂହର । ଯଥା ସମୟରେ ଅର୍ଗଳ ମୁକ୍ତ ହେଲା । କ୍ଷୁଧିତ ସିଂହ ବିରାଟ ଏରିନାର ମଧ୍ୟ ସ୍ଥଳରେ ଠିଆ ହୋଇଥିବା ଆଣ୍ଡ୍ରୋକ୍ଲିସ୍ କୁ ଦେଖି ପ୍ରଚଣ୍ଡ ବେଗରେ ଧାବମାନ ହେଲା । କିନ୍ତୁ ସିଂହଟି ଆଣ୍ଡ୍ରୋକ୍ଲିସ୍ କୁ ଚିହ୍ନିପାରିଥିଲା । ସେଥିପାଇଁ ପ୍ରଚଣ୍ଡ କ୍ଷୁଧା ସତ୍ତ୍ୱେ ଲକ୍ଷ ଲକ୍ଷ ଦର୍ଶକଙ୍କୁ ନିରାଶ କରି ସିଂହଟି ଆଣ୍ଡ୍ରୋକ୍ଲିସ୍ କୁ ଅକ୍ଷତ ଛାଡ଼ିଦେଇଥିଲା ।

ଏଇ ଥିଲା ନିୟମ । ଅନ୍ୟତମ କ୍ରୀତଦାସ ସ୍ପାର୍ଟାକସ୍ । ଏକ କ୍ରୀତଦାସ ବିପ୍ଳବ କରି ରୋମ ସାମ୍ରାଜ୍ୟର ବିଳାସ ବର୍ଦ୍ଧିତ ସମ୍ରାଟ ଓ ନୋବେଲମାନଙ୍କର ମନମୁଖୀ ଆଇନ୍‌ର ଅବସାନ କରିଥିଲା । ତେଣୁ ଆମେ ଆଜି ଇତିହାସର ଅନ୍ୟ ଏକ ପ୍ରାନ୍ତରେ ସ୍ପାର୍ଟାକସ୍‌କୁ ଗଭୀର ସମ୍ମାନର ସହିତ ସ୍ମରଣ କରୁଛୁ । କାରଣ ସିଏ ଏକ ନୂଆ ମୂଲ୍ୟବୋଧ ପ୍ରତିଷ୍ଠା କରି ଯାଇଥିଲା ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ । ସେ ମୂଲ୍ୟବୋଧ ହେଲା ମନୁଷ୍ୟର ସ୍ୱାଧୀନତାକୁ ମନୁଷ୍ୟ କୌଣସି ମୂଲ୍ୟ ଦେଇ କ୍ରୟ କରିବା ସମ୍ଭବ ନୁହେଁ । ସେ ମୂଲ୍ୟବୋଧ ହେଲା ଚାକର ରଖିବା କାହାର ଜନ୍ମଗତ ଅଧିକାର ନୁହେଁ । ସେ ମୂଲ୍ୟବୋଧ ହେଲା, ଚାକର ରଖିବା ଓ ଚାକିରୀ କରିବା ଲୋକ ମଧ୍ୟରେ ଏହା କେବଳ ଏକ ଚୁକ୍ତି ଓ ଯେ କୌଣସି ପକ୍ଷ ଇଚ୍ଛାନୁଯାୟୀ ଏ ଚୁକ୍ତି ଲଂଘନ କରି ଯାଇପାରେ । ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ଏକମାତ୍ର ଉଦ୍ଦେଶ୍ୟ ଯେ ଲୋକମାନଙ୍କୁ ଆଇନର ଶାସନରେ ଶାସନ କରିବା, ଯାହା ଆଧୁନିକ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ ।

ମୂଲ୍ୟବୋଧ ଆଇନ ନୁହେଁ । ମୂଲ୍ୟବୋଧ-ମାନଙ୍କ ସମାଜ ଏ ଯାବତ୍ ଅବଗାହନ କରିଥିବା ଜ୍ଞାନ, ରୁଚି ଓ ସୌକୁମାର୍ଯ୍ୟ ସମୁଦ୍ରର ନିର୍ଯ୍ୟାସ । ଆଇନ ମାତ୍ର କିଛି ନିୟମର ଏକ ଶୁଷ୍କ ସଂଗୃହୀତ ଅଭିଧାନ ମାତ୍ର । ଆଇନ ସବୁଦିନ ମୂଲ୍ୟବୋଧର ପଶ୍ଚାତ୍ ଗମନ କରିଆସିଛି, କାରଣ ଏପରି ହୋଇ ପାରିବନାହିଁ ବା ହେବା ଉଚିତ୍ ନୁହେଁ, ଯାହା ଆଧୁନିକ ମୂଲ୍ୟବୋଧର ବିରୁଦ୍ଧାଚରଣ କରେ । ତେଣୁ ଗଣତାନ୍ତ୍ରିକ ପଦ୍ଧତିରେ ପ୍ରତିଷ୍ଠିତ ଅଦାଲତ୍ କେବଳ ଶୁଷ୍କ ଆଇନର କ୍ରୀତଦାସ ନୁହେଁ, ତା'ର କର୍ତ୍ତବ୍ୟ ଆଧୁନିକ ମୂଲ୍ୟବୋଧର ପ୍ରତିଷ୍ଠା । ଆଇନ ତିଆରି ହୁଏ ବ୍ୟବସ୍ଥାପକ ସଭା ବା ଲୋକସଭାର ପ୍ରତିଷ୍ଠିତ ଗଣ୍ଡି ଭିତରେ, କିନ୍ତୁ ମୂଲ୍ୟବୋଧ ତିଆରି ହୁଏ ସୁଉଚ୍ଚକୋଟୀ ମନିଷୀମାନଙ୍କ ଦ୍ୱାରା । ଆରିଷ୍ଟୋଟଲ୍, ପ୍ଲେଟୋ, ରୁଷୋ, ଭୋଲଟେୟାର ଲିଙ୍କନ, ବୁଦ୍ଧ, ଗାନ୍ଧୀ ମାନଙ୍କ ଦ୍ୱାରା ।

ଗୋଟିଏ ସ୍ଥୂଳ ଉଦାହରଣ ଦେଲେ ଆହୁରି ସ୍ପଷ୍ଟ ଭାବରେ ବୁଝିହବ । ହୁଏତ ପୁରାତନ ପ୍ରସ୍ତର ଯୁଗରେ ମଣିଷ ମଣିଷକୁ ମାରି ଖାଉଥିଲା । ଯେପରି ସାପମାନେ ଛୋଟ ସାପକୁ, ମାଛମାନେ ଛୋଟ ମାଛକୁ ଓ ବଳଶାଳୀ ଗଧିଆମାନେ ଦୁର୍ବଳ ଗଧିଆକୁ ଖାଉଛନ୍ତି । କାଳକ୍ରମେ ଏକ ନୂତନ ମୂଲ୍ୟବୋଧ ପ୍ରତିଷ୍ଠା ହେଲା ମନୁଷ୍ୟ ମନୁଷ୍ୟକୁ ମାରି ପାରିବ ନାହିଁ । ଯଦି ମାରେ, ତାହା ହବ ହତ୍ୟା ଓ ଆଇନ ଅନୁଯାୟୀ ହତ୍ୟାକାରୀର ମୃତ୍ୟୁଦଣ୍ଡ ହବ ।


ଏ'ଟା ଜଣା କଥା ଯେ ଲୋକସଭାରେ ସଂଖ୍ୟା ଗରିଷ୍ଠ ମତରେ ଆମ ଦେଶର ଆଇନ ତିଆରି ହୁଏ । ଗୋଟାଏ ଉଦାହରଣ ଦବା ପାଇଁ କହୁଛି ; ଧରି ନିଆଯାଉ, ଆମ ଲୋକସଭାର ସଭ୍ୟମାନଙ୍କ ମଧ୍ୟରୁ ବହୁମତରେ ସ୍ଥିରୀକୃତ ହେଲା ଯେ ମନୁଷ୍ୟ ମନୁଷ୍ୟକୁ ମାରିଲେ ତାହାର କୌଣସି ଦଣ୍ଡ ବିଧାନ ହେବନାହିଁ । ତାହାହେଲେ ଏ'ଟା ଆଇନ ହୋଇଗଲା । କିନ୍ତୁ ଏହା କ'ଣ ହୋଇ ପାରିବ ? ଯଦି ନ ହୋଇ ପାରିବ, ତାହା କେବଳ ଏଥିପାଇଁ ଯେ ଏହା ପ୍ରଚଳିତ ମୂଲ୍ୟବୋଧର ବିରୋଧ କରୁଛି । ସେଥିପାଇଁ ଆମର ସର୍ବୋଚ୍ଚ ଅଦାଲତରେ ବସିଥିବା ବିଜ୍ଞ ବିଚାର-ପତିମାନେ ଏ ଆଇନକୁ ବାତିଲ କରିଦେବେ, କାରଣ ଗଣତନ୍ତ୍ର ପ୍ରଥମେ ମୂଲ୍ୟବୋଧର ଓ ପରେ ଆଇନର ଉପାସନା କରେ ।

ଗଣତନ୍ତ୍ର କେବଳ ଏକ ନିର୍ବାଚନ ପଦ୍ଧତି ନୁହେଁ, କେବଳ ଏକ ପ୍ରତିଷ୍ଠିତ ରାଜନୀତି ବିଜ୍ଞାନ ନୁହେଁ । ଏହା ବଞ୍ଚିବାର ଏକ ଆସ୍ୱାଦନ । ଏହା କଳା, ବିଜ୍ଞାନ ଓ ଜ୍ଞାନର ଉନ୍ମୋଚନ ପାଇଁ ଏକ ସହାୟକ ପଦ୍ଧତି । ଏହା ନିଜର ପରିବାରରେ ଓ ଏକ ସଙ୍ଗଠିତ ସମାଜରେ ସହଜ ସରଳ ଭାବରେ ବଞ୍ଚିବାର ଏକ ସୁସ୍ଥ ନିୟମାବଳୀ । ଏହା ଏକ ବିଜ୍ଞାନ ଓ ଏହା ଏକ କଳା, ଯାହା ପାଠ କରିବା ଯଥେଷ୍ଟ ନୁହେଁ । ଯାହାକୁ ନିତ୍ୟନିୟତ୍ ବଞ୍ଚିବାକୁ ହୁଏ । ଏହା ଏକ ଜୀବନ ଧାରଣର ପ୍ରଣାଳୀ । ଏହା ଏକ ଅନନ୍ୟା ଲଜ୍ଜାଶୀଳା ବାଳିକା ପରି ସ୍ପର୍ଶ-କାତର । ଲଜକୁଳୀ ଲତା ପରି ପଲ୍ଲବିତ ଅଥଚ ଆଘାତ କଲେ ପଲ୍ଲବହୀନ ଓ କେବଳ କଣ୍ଟକମୟ । ଗଣତନ୍ତ୍ର ଏକ ଜୀବନବୋଧ, ଏକ ବଞ୍ଚିବାର ପ୍ରଣାଳୀ । ସେଥିପାଇଁ ତା'କୁ ରକ୍ଷା କରିବାକୁ ସଦା ସର୍ବଦା ଜାଗ୍ରତ ରହିବାକୁ ପଡ଼େ । ନ'ହେଲେ ଗଣତନ୍ତ୍ର କେବଳ ଏକ ଶୁଷ୍କ ଅର୍ଥହୀନ ସ୍ଲୋଗାନ୍‌ରେ ପର୍ଯ୍ୟବେସିତ ହୋଇଥାଏ ।

ବାଲିଘର
ଭୁବନେଶ୍ୱର—୨

# "ସ୍ଥଳରୁ ଜଳକୁ"....

## ଖାଦ୍ୟ ସମସ୍ୟାର ଆଶୁ ସମାଧାନ ପାଇଁ
## କୋଟି କୋଟି ଜନତାର ସ୍ୱର



ନଦୀ, ହ୍ରଦ, କ୍ଷୁଦ୍ର ଜଳାଧାର, ଜଳଭଣ୍ଡାର ଓ ସମୁଦ୍ରରେ ମାଛଧର ଜୀବିକା ନିର୍ବାହ ତ ଚାଲିଛି ତା' ସହିତ—

ପୋଖରୀରେ "ସଘନ ମିଶ୍ରିତ ମାଛଚାଷ" ଏବଂ କୁଆରୀଆ ଅଞ୍ଚଳରେ ପୋଖରୀରେ ଲୁଣି ମାଛ ଓ ଚିଙ୍ଗୁଡ଼ି ଚାଷ କରି ଦେଶର ମାଛ ଉତ୍ପାଦନ ବୃଦ୍ଧି କରନ୍ତୁ ଓ ପୁଷ୍ଟିସାର ଖାଦ୍ୟର ଅଭାବ ଦୂର କରନ୍ତୁ ।

ବିଭିନ୍ନ ଅର୍ଥଲଗାଣ ସଂସ୍ଥାରୁ ଆର୍ଥିକ ସାହାଯ୍ୟ ମିଳୁଛି । ସରକାରୀ ରିହାତି ମଧ୍ୟ ମିଳୁଛି । "ସ୍ଥଳରୁ ଜଳକୁ" ଅଭିଯାନକୁ ସବୁମତେ ସଫଳ କରିବାକୁ ଆଗେଇ ଆସନ୍ତୁ ନା ??

ଯୋଗାଯୋଗ:—

**ମତ୍ସ୍ୟ ନିର୍ଦ୍ଦେଶାଳୟ**

ଓଡ଼ିଶା, କଟକ-୭୫୩୦୦୭

# ମହୁରୀ ରାଜ୍ୟରେ ବିଦ୍ରୋହ

ଡ଼କ୍ଟର କୃଷ୍ଣଚନ୍ଦ୍ର ଜେନା

ଗଞ୍ଜାମ ଜିଲ୍ଲାର ମହୁରୀ ଏକ ପୁରାତନ ରାଜ୍ୟ । ପୁରାତନ କାଳରେ ଏହି ରାଜ୍ୟର ଐତିହାସିକ ଖ୍ୟାତି ରହିଥିବାର ପ୍ରମାଣ ମିଳେ । ପୂର୍ବ ଦିଗରେ ବଙ୍ଗୋପସାଗର ଓ ପଶ୍ଚିମ ଦିଗରେ ପୂର୍ବ ଘାଟ ପର୍ବତମାଳା ଏହା ସୀମା ନିର୍ଦ୍ଧାରଣ କରନ୍ତି । ଅତ୍ୟନ୍ତ ମନୋରମ ପ୍ରାକୃତିକ ପରିବେଶ ମଧ୍ୟରେ ରହି ମହୁରୀ ରାଜ୍ୟ ବିଭିନ୍ନ ଦିଗରେ ଉନ୍ନତି କରିଥିଲା ।

ପରବର୍ତ୍ତୀ ଯୁଗରେ ଓଡ଼ିଶାର ଗଜପତି ରାଜାମାନେ ମହୁରୀ ରାଜ୍ୟ ସହ ଘନିଷ୍ଠ ସମ୍ପର୍କରେ ଆସିଥିଲେ । ପୁରୁଷୋତ୍ତମ ଦେବଙ୍କ ସମୟରେ ପୁରୀର ଗଜପତି ବଂଶ ସହ ମହୁରୀ ରାଜ୍ୟର ସମ୍ପର୍କ ଅଧିକ ନିକଟ ହୋଇଥିଲା । ଏ ରାଜ୍ୟର ରାଜଧାନୀ ବ୍ରହ୍ମପୁର ସହର ନିକଟସ୍ଥ ଆଧୁନିକ ମୋଇଡ଼ାଠାରେ ରହିଥିଲା । ଏବେ ମଧ୍ୟ ଏହି ମୋଇଡ଼ାଠାରେ ପ୍ରାଚୀନ ମହୁରୀ ରାଜ୍ୟର ବହୁ କୀର୍ତ୍ତି ଓ ଭଗ୍ନାବଶେଷ ମିଳେ ।

ଆଧୁନିକ ଯୁଗର ବିଦେଶୀମାନଙ୍କ ଏହି ଅଞ୍ଚଳ ଆକ୍ରମଣ କରିବା ପରେ, ମହୁରୀର ଇତିହାସରେ ବହୁ ପରିବର୍ତ୍ତନ ସାଧିତ ହୋଇଥିଲା । ଋଷିକୁଲ୍ୟା ନଦୀ ତଟରେ ଥିବା ଗଞ୍ଜାମ ସହରରେ ଫରାସୀମାନେ ସେମାନଙ୍କ ବାଣିଜ୍ୟ କୋଠି ପ୍ରତିଷ୍ଠା କରିଥିଲେ । ଫରାସୀମାନେ ମହୁରୀ ସମେତ ବହୁ ରାଜ୍ୟରୁ କର ଆଦାୟ କରିଥିଲେ । କେତେ ବର୍ଷ ପର୍ଯ୍ୟନ୍ତ ମହୁରୀ ରାଜ୍ୟ ଓ ଫରାସୀମାନଙ୍କ ମଧ୍ୟରେ ଭଲ ସମ୍ପର୍କ ରହିଲା । ନାରାୟଣ ଦେଓ ଏହି ସମୟରେ କୃତିତ୍ୱ ସହକାରେ ଫରାସୀମାନଙ୍କ ସହ ସମ୍ପର୍କ ରକ୍ଷା କରିବା ସଙ୍ଗେ ସଙ୍ଗେ ବହୁ ଉନ୍ନତିମୂଳକ କାମ ସମ୍ପାଦନ କରିଥିଲେ ।

ଦକ୍ଷିଣ ଭାରତର ରାଜନୀତିରେ ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରେ ବହୁ ପରିବର୍ତ୍ତନ ହେଲା । ଉତ୍ତର ସରକାର ଇଂରେଜମାନଙ୍କ ଅଧୀନସ୍ଥ ଆସିଲା ଓ ଗଞ୍ଜାମ ଜିଲ୍ଲା ଏହାର ଅଂଶ ଭାବେ ଇଂରେଜ ଶାସନାଧୀନ ହେଲା । ମହୁରୀ ରାଜା ଇଂରେଜମାନଙ୍କ ସହିତ ଭଲ ସମ୍ପର୍କ ରକ୍ଷା କରିବାକୁ ଚେଷ୍ଟା କରିଥିଲେ । ଇଂରେଜମାନେ ମହୁରୀ ରାଜାଙ୍କୁ ତିରିଶ ହଜାର ଟଙ୍କା ବାର୍ଷିକ ଖଜଣା ପାଇଁ ଦାବୀ କରିଥିଲେ । ଏତେ ଟଙ୍କା ଦେବା ମହୁରୀ ରାଜାଙ୍କ ପକ୍ଷେ ସମ୍ଭବ ନ ଥିଲା । ନାରାୟଣ ଦେଓ ଯୁକ୍ତି କରିଥିଲେ ଯେ ମହୁରୀର ଜନସାଧାରଣ ଏତେ ବଡ଼ କର ଭାର ବହନ କରିପାରିବେ ନାହିଁ ଓ ଦ୍ୱିତୀୟରେ ଇଂରେଜମାନଙ୍କ ମୁମୁସର ଅଭିଯାନ ସମୟରେ ମହୁରୀ ରାଜା ଯେଉଁ ସାହାଯ୍ୟ କରିଥିଲେ, ତାର ବଦଳରେ ସେ ଇଂରେଜମାନଙ୍କଠାରୁ ସମବେଦନଶୀଳ ବ୍ୟବହାର ଆଶା କରିଥିଲେ । ଇଂରେଜମାନେ ଏହା ଗ୍ରହଣ କଲେ ନାହିଁ ।

ଏହା ପରେ ମହୁରୀ ରାଜ୍ୟରେ ବିଦ୍ରୋହ ଆରମ୍ଭ ହେଲା । ଭାରତର ଇତିହାସରେ ଏହା ଅନ୍ୟତମ ପ୍ରଥମ ବିଦ୍ରୋହ । ଏହି ବିଦ୍ରୋହ କେବଳ ରାଜ ପରିବାର ମଧ୍ୟରେ ଆବଦ୍ଧ ହୋଇ ରହି ନ ଥିଲା । ମହୁରୀ ରାଜ୍ୟର ଜନସାଧାରଣ ମଧ୍ୟ ଏଥିରେ ଘନିଷ୍ଠ ଭାବେ ସଂପୃକ୍ତ ହୋଇଥିଲେ । ବିଶେଷ ଭାବେ ପୂର୍ବ ଘାଟ ପର୍ବତମାଳାରେ ରହିଥିବା ଆଦିବାସୀ କନ୍ଧମାନେ ଏହି ବିଦ୍ରୋହରେ ଯେପରି ଅଂଶ ଗ୍ରହଣ କରିଥିଲେ ତାର ପଟାନ୍ତର ନାହିଁ ।

ରାଜ ପରିବାର ମଧ୍ୟରୁ ଦୁଇଜଣ ଯୁବରାଜ ଏହି ବିଦ୍ରୋହର ନେତୃତ୍ୱ ନେଇଥିଲେ । ମହିଆ ଦେଓ ଏବଂ ସାନ ଦେଓ, ଏମାନେ ଦୁଇ ଭାଇ । ଏମାନେ ଆଦିବାସୀ କନ୍ଧମାନଙ୍କ ମଧ୍ୟରେ ନୂତନ ଜାଗରଣ ସୃଷ୍ଟି କରିଥିଲେ । ଆଦିବାସୀମାନେ ସାଧାରଣତଃ ନିରୀହ ଓ ବିଶ୍ୱାସୀ । ସେମାନଙ୍କର ମହୁରୀ ପରିବାର ପାଇଁ ପ୍ରଗାଢ଼ ବିଶ୍ୱାସ ଓ ଅନୁରକ୍ତି ରହିଥିଲା । ସେମାନେ ଇଂରେଜମାନଙ୍କ ପ୍ରଲୋଭନରେ ଭୁଲି ନ ଥିଲେ ଏବଂ ପ୍ରାୟ ୧୦୦ ବର୍ଷ ପର୍ଯ୍ୟନ୍ତ ଇଂରେଜମାନଙ୍କ ବିରୋଧ କରିଥିଲେ । ଏହିପରି ଦୀର୍ଘ ବିଦ୍ରୋହ ଭାରତ ଇତିହାସରେ ବିରଳ ବୋଲି କହିଲେ ଚଳେ ।

ମହୁରୀ ବିଦ୍ରୋହର ଅନ୍ୟ ଏକ ଦିଗ ବିଶ୍ୱରଯୋଗ୍ୟ । ଇଂରେଜମାନେ ସେମାନଙ୍କ ସ୍ୱାଭାବିକ ଓ ଗତାନୁଗତିକ ପନ୍ଥାରେ ମହୁରୀର ଅଧିବାସୀମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବାକୁ ଚେଷ୍ଟା କଲେ । ସେତେବେଳେ ଜଣେ ରାୟଗୁରୁ ବା ରାଜଗୁରୁ ମହୁରୀ ପରିବାରରେ ଇଂରେଜମାନଙ୍କ ପକ୍ଷରୁ ଶାସନ କାର୍ଯ୍ୟରେ ଉପଦେଷ୍ଟା ହୋଇ ଅବସ୍ଥାପିତ ହେଲେ । ଏ ଜଣେ ଇଂରାଜୀ–ସମର୍ଥକ ଥିଲେ । ମହିଁଆ ଦେଓ ଏବଂ ସାନ ଦେଓ ରାୟଗୁରୁଙ୍କୁ ନହର ରାଜନୀତିରୁ ବିଦାୟ ନେବାପାଇଁ ସବୁ ପ୍ରକାର ଚେଷ୍ଟା କଲେ । ଶେଷରେ ତାଙ୍କୁ ହତ୍ୟା କରାଗଲା । ଏହି ଘଟଣା ସମ୍ପର୍କରେ ବହୁ ତଥ୍ୟ ମାନ୍ଦ୍ରାଜର ପାଣ୍ଡୁଲିପି ଗ୍ରନ୍ଥାଳୟରେ ଦେଖିବାକୁ ମିଳେ ।

ରାଜଗୁରୁଙ୍କ ହତ୍ୟା ପରେ ମହୁରୀର ରାଜନୀତି ଓ ବିଦ୍ରୋହ ସ୍ରୋତ ଭିନ୍ନ ଦିଗରେ ଗତି କରିବା ନିଶ୍ଚିତ ହେଲା । ଜନ୍ ସ୍ମିଥ୍ ଏହି ସମୟରେ ଏହି ଅଞ୍ଚଳର ଦାୟିତ୍ୱରେ ଥିଲେ ଓ ରାଜଗୁରୁଙ୍କ ହତ୍ୟା ପାଇଁ ସେ ଗୋପୀନାଥ ମାର୍ଥାଙ୍କୁ ଦାୟୀ କଲେ । ଗୋପୀନାଥ ମାର୍ଥା, ମହୁରୀ ରାଜାଙ୍କ ସେନାପତି ରୂପେ କାମ କରୁଥିଲେ, ତାଙ୍କୁ ସେ କାମରୁ ବିଦାୟ ଦିଆଗଲା । ମହୁରୀ ବିଦ୍ରୋହର ଇତିହାସରେ ଏହା ଏକ ବିଶେଷ ଘଟଣା । ମହୁରୀର ସିପାହୀ ଓ ସୈନ୍ୟମାନେ ତାଙ୍କ ସେନାପତିଙ୍କ ପାଇଁ ଅନୁରକ୍ତ ଥିଲେ ଏବଂ ତାଙ୍କର କାର୍ଯ୍ୟଚ୍ୟୁତି ପରେ ସେମାନେ ସ୍ୱାଭାବିକ ଭାବେ ଉତ୍ତ୍ୟକ୍ତ ହେବା ସତ୍ୟ । ଇଂରେଜମାନେ ଏହି ଘଟଣାକୁ ପ୍ରତିରୋଧ କରିବା ପାଇଁ ଅଧିକ କଠୋର ପଦକ୍ଷେପ ନେବାକୁ ବାଧ୍ୟ ହୋଇଥିଲେ ।

ମହୁରୀ ରାଜ୍ୟରେ ଏକ ପ୍ରକାର ଅରାଜକତା ବ୍ୟାପିବାକୁ ଲାଗିଲା । ଇତି ମଧ୍ୟରେ ଇଂରେଜମାନେ ବିଧବା ରାଣୀ କୃଷ୍ଣପ୍ରିୟା ଦେବୀଙ୍କୁ ଶାସନ ଭାର ଅର୍ପଣ କଲେ । ତାଙ୍କୁ ସାହାଯ୍ୟ କରିବା ପାଇଁ ଦକ୍ଷିଣରୁ ଆସିଥିବା କରସୁକିଲାଲ ନାମକ ଜଣେ ଧନୀ ବ୍ୟବସାୟୀ ମନୋନୀତ ହେଲେ । ସେଥିରେ ବି ରାଜ୍ୟରେ ବିଦ୍ରୋହ କମି ନ ଥିଲା । ବାହାରର ଲୋକଙ୍କ ହସ୍ତକ୍ଷେପକୁ ମହୁରୀର ଜନସାଧାରଣ ତୀବ୍ର ବିରୋଧ କରିଥିଲେ । କୃଷ୍ଣପ୍ରିୟାଙ୍କୁ ବାର୍ଷିକ ୧୨,୦୦୦ ଟଙ୍କା ବୃତ୍ତି ଦିଆଗଲା ଓ ତାଙ୍କୁ ଦାୟିତ୍ୱରୁ ଅବ୍ୟାହତି ଦିଆଗଲା । ଇଂରେଜମାନେ ମହୁରୀର ଦାୟିତ୍ୱ ନିଜେ ନ ନେଇ ଅନ୍ୟ କେହି ମଧ୍ୟସ୍ଥକୁ ଦେବାପାଇଁ ସ୍ଥିର କଲେ । ବାଂଜମ ତେଲ୍ମା ବୋଲି ଜଣେ ଆନ୍ଧ୍ର ଲୋକଙ୍କୁ ବାର୍ଷିକ ୪୦,୦୦୦ ଟଙ୍କାରେ ମହୁରୀ ରାଜ୍ୟକୁ ବିକ୍ରୟ କରିଦେଲେ ।

ଏହା ମହୁରୀ ଅଧିବାସୀମାନଙ୍କ ପାଇଁ ଅସହ୍ୟ ହୋଇଥିଲା । ସୁରସିଂ ମାର୍ଥା, ଏହାର ବିରୁଦ୍ଧରେ ପ୍ରବଳ ବିରୋଧର ନେତୃତ୍ୱ ନେଲେ । ୧୮୧୮ ଖ୍ରୀଷ୍ଟାବ୍ଦରେ ତାଙ୍କର ନେତୃତ୍ୱରେ ପୂର୍ବଘାଟ ପର୍ବତମାଳାରେ ଯେଉଁ ବିଦ୍ରୋହ ହୋଇଥିଲା, ସେଥିରେ ଇଂରେଜମାନେ ଅସ୍ଥିର ହୋଇଥିଲେ । ବିଦ୍ରୋହ ଦମନ କରିବା ପାଇଁ ସେମାନଙ୍କୁ ସାତ ଜଣ ଇଂରେଜ ଅଫିସର ଓ ତିନି ଶହ ଭାରତୀୟ ସିପାହିଙ୍କୁ ବଳିଦାନ କରିବାକୁ ହୋଇଥିଲା । ସୁରସିଂ ମାର୍ଥାଙ୍କୁ ବନ୍ଦୀ କରାଗଲା ଓ ଗୁଟିର ଜେଲରେ ତାଙ୍କୁ ରଖାଗଲା । ସେ ସେଠାରେ ୧୮୨୦ରେ ପ୍ରାଣତ୍ୟାଗ କରିଥିଲେ ।

ଏହାପରେ ଇଂରେଜମାନେ ମହୁରୀର ବିଦ୍ରୋହ ପ୍ରତି ଅଧିକ ସଜାଗ ହୋଇଥିଲେ । ବିଲିୟମ ଥାକେରି ନାମକ ଜଣେ ଉଚ୍ଚପଦସ୍ଥ ଅଫିସର ଏହାର ତଦନ୍ତ କରିବା ପାଇଁ ଆସିଲେ ଏବଂ ବିଦ୍ରୋହର ମୂଳ କାରଣମାନ ସନ୍ଧାନ କରିଥିଲେ । ସେ କହିଥିଲେ ଯେ ଯେତେ ଦିନ ପର୍ଯ୍ୟନ୍ତ ମହୁରୀରେ ବାହାରର ଲୋକ ଶାସନ ଦାୟିତ୍ୱରେ ରହିବେ , ଏହି ବିଦ୍ରୋହ ଦମନ କରିବା ସମ୍ଭବ ନୁହେଁ ।

ଏହାପରେ କୃଷ୍ଣଚନ୍ଦ୍ର ନରେନ୍ଦ୍ରଦେବଙ୍କୁ ମହୁରୀର ରାଜଗାଦିରେ ବସାଗଲା ଓ କେତେ ବର୍ଷ ପାଇଁ ମହୁରୀର ଶାନ୍ତି ସମ୍ଭବ ହୋଇଥିଲା । ଦୁର୍ଭାଗ୍ୟବଶତଃ ୧୮୪୪ରେ କୃଷ୍ଣଚନ୍ଦ୍ର ନରେନ୍ଦ୍ରଦେବ ପାଗଳ ହୋଇଗଲେ ବୋଲି ଇଂରେଜ ସରକାର ଘୋଷଣା କଲେ । ମୂଳ କାରଣ ହେଲା କୃଷ୍ଣଚନ୍ଦ୍ର ନରେନ୍ଦ୍ରଦେବ ପ୍ରାୟ ୮୦,୦୦୦ ଟଙ୍କା ବାକି ପଡ଼ିଗଲେ । ତେଣୁ ତାଙ୍କୁ ଗାଦିଚ୍ୟୁତ କରିବା ପାଇଁ ଇଂରେଜମାନେ ତାଙ୍କୁ ପାଗଳ ବୋଲି ଘୋଷଣା କଲେ ।

ମହୁରୀର ବିଦ୍ରୋହର ଅଗ୍ନି ପ୍ରଜ୍ୱଳିତ ହୋଇଥିଲା । ଇଂରେଜମାନେ ଆଶଙ୍କା କଲେ ଯେ ଏହି ଗାଦିକୁ ଆଉ କାହାରିକୁ ଶାସନ ପାଇଁ ନ ଦେଇ ନିଜେ ତାର ଦାୟିତ୍ୱରେ ରହିବେ । ୧୮୫୦ରେ ସେମାନେ ଏହି ରାଜ୍ୟକୁ ମାତ୍ର ଶହେ ଟଙ୍କାରେ କ୍ରୟ କଲେ ଓ ଦକ୍ଷିଣରୁ ସିପାହୀମାନଙ୍କୁ ଆଣି ମହୁରୀରେ ରହିଥିବା ବିଦ୍ରୋହର ଅବଶେଷ ଚିହ୍ନକୁ ଧ୍ୱଂସ କରିଥିଲେ ।

ମହୁରୀର ବିଦ୍ରୋହ ଏକ ଶତାବ୍ଦୀର ଇତିହାସ କହିଲେ ଚଳିବ । ଏହି ବିଦ୍ରୋହ ଦେଶପ୍ରୀତି ଓ ତ୍ୟାଗର ଗାଥା–ଏହିପରି ଉଦାହରଣ ଭାରତର ଇତିହାସରେ ବିରଳ । କ୍ଷୋଭର ବିଷୟ ମହୁରୀର ବିଦ୍ରୋହ ଯେପରି ଭାବେ ଲୋକ ଲୋଚନକୁ ଆସିବା କଥା ତାହା ଏବେ ପର୍ଯ୍ୟନ୍ତ ସମ୍ଭବ ହୋଇପାରି ନାହିଁ ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ବ୍ରହ୍ମପୁର, ଗଞ୍ଜାମ ।

# ଈଶ୍ୱରୋତ୍ତର : ଦୁଇଟି କବିତା

ଶ୍ରୀ ସରେଂଦ୍ର କିଶୋର ପଂଡା

## ॥ ମାନସ-ମୃଗୁଣୀ ॥

ପ୍ରତୀକ୍ଷା କରିଛୁ ପ୍ରାର୍ଥନାକୁ, ଆ ଡାକକୁ, ଛାଡ଼ି ପଦକୁ ?
ମୁଁ ଯେ ଚିର ନୀରବ, ନୀରବ,
ସୁଂଦର ନୀଳ ନିଆଁ ! ଖା, ମତେ ଖା,
ମତେ ବରଂ ଜାଳିପୋଡ଼ି ଖା ॥

ଦୂବଟିଏ ବି ତୋ' ଇଚ୍ଛାରେ ଶିହରେ କି
ମଂଦର ମଂଥେ, ମହାସିଂଧୁ ହିଂଦୋଳି ହୁଏ ?
ଅଗମାଗମ ବନସ୍ତର ସବୁଠୁ ନିକଂାଚନ ଢେଂଘରେ
କଢ଼ ଉକୁଟା ମିଠା କଥା ପଶ ଜାଣିପାରି ତୁ
ପୁଲକି ମହକି ଉଠୁ ଆଗତୁର ?
ଧାତୁ ଖଂଡ଼େ ଘୋର ପଜା ମୁନିଆଁ ଧାତୁଆ ହେବାବେଳେ
ପହିଲେ ତୋରି ପାଦରେ ପଶ ଫୋଡ଼ିହବାର ସ୍ପର୍ଶ ପାଉ ?
ଏ ବନସ୍ତର ସମସ୍ତ ଫୁଲ ଧାତବତୀକ୍ଷ୍ଣ ଆଗ୍ନେୟ ହେଉ,
ଆଉ ତୁ ଜାଣିନାହୁଁ ??

ସାଇଁ ସାଇଁ ଦୌଡ଼ି ଯାଉଥିଲି ପବନ ସହିତ ପବନ ହୋଇ
ପାହୁଂତେ ଝଂାପିଲେ ବିଚି ଯାଉଥିଲ ଇହଇହଂାତଉ କାଳ
ସହସା ବାରିନେଲି କସ୍ତୁରୀ କୋଉଠି ତ ଥମିଗଲି ଏକ ପଳ
ସେତିକିରେ ସରିଗଲ କାଳ ??

ତୀରଯୋଖା ଧନୁ ତ
ଆକର୍ଣ ଆମଂଚା ହୋଇ ରହିଚି ଯେ ରହିଚି
ଗୁଳିଭରା ବଂଧୁକର ଘୋଡ଼ା ଉପରେ ଚିପ ବି ପଡ଼ିନି
ଜାଇ ତ ଏତେ ସୂକ୍ଷ୍ମ ଯେ ନିଶ୍ୱାସରେ ବି
ସ୍ୱଚ୍ଛଶୂନ୍ୟ ହୋଇ ନିଭିଯାଉଚି........
ସୁଂଦର ନୀଳ ନିଆଁ !
ଏତେ ମୁଲାୟମ୍ ଲାଗୁଚୁ ତୁ ବି
କହ, ମୁଁ ତେବେ ଛଟପଟ ହଉଚି କେମିତି ??

କଇଁଚଲ ହୋଇ ଆକାଶ ଛୁଉଡ଼ି କାନୁଣିଂଗରେ
ନାଚ ନାଚ ମାଗୁଛି ମେଦିନୀର କଉସ୍ଥରେ
ଫାଟିଛୁ ନିର୍ଗତ ବୁନ୍ଦା ବୁନ୍ଦା ଫେଣ ପ୍ରତିଟିରେ
ଲହଲହ ହେଉଛୁ ତୁ
ସୁନ୍ଦର ନୀଳ ନିଆଁ !
ତୁ ବରଂ ପ୍ରଖର ହୋଇ ମତେ ଖାଇଦେ
ଜାଳିପୋଡ଼ି ଖା ॥

କବିତାକୁ ପ୍ରାର୍ଥନାରେ ପରିଣତ କରିଦେବି
ସ୍ୱାର୍ଥ ପାଇଁ ?
ନହି ନହି !
ଅଭିଶାପ ସହିନେବି, ବରଦାନ କେବେ ମାଗିନାହିଁ ॥

ସବୁ ଜାଲ ଇନ୍ଦ୍ରଜାଲ ତୋର
ମାୟା ତୀର, ଧନୁ ଓ ତୂଣୀର ।
ଦୃଶ୍ୟର ଉହାଡ଼ରେ
ଉହୁଁକି ଆସୁଚି ଶାଦ୍ୱଳର ପ୍ରତ୍ୟେକ ତୃଣ
ଆଉଁସି ଦବାକୁ ଘା ମୋର ।
ଶ୍ରାବ୍ୟତାର ବାହାରେ
ବନସ୍ତ ଗୁଣୁଗୁଣଉଚି ସବୁଠୁ ମିଠା ଗୀତ ତାର ;
ସ୍ତୁତିକୁ ଟାକିଚୁ, ସତେ ? ସବୁ ସ୍ତୁତି ଏଠି ଅବାନ୍ତର ॥

ବ୍ୟାଘ୍ର-ଗନ୍ଧାଶୀ ମାଂସାଶୀ, ଦ୍ରାତାରୂପୀ ହନ୍ତା
ନୀଳ ବ୍ୟାଧ
ପରମ ଜହ୍ଲାଦ !
ଆଖି ମୁଦିହେବା ବେଳେ ଜାଣୁଚି ମୁଁ
ଶେଷ ପ୍ରତିବିମ୍ବ ତୁଇ ମୋ କନୀନିକାରେ
ସବୁଠୁ କରୁଣାମୟ ସ୍ମିତ ତୋର ସଂହାର ମୁଦ୍ରାରେ !!

ମସ୍ତୁନାହିଁ କି ସ୍ତୁମସ୍ତୁନାହିଁ ମୁଁ, ଦେଖ୍
ଏଇ ତ
ମନୁମାଂସର ଆମିଷ ଗନ୍ଧରେ ଭରିଯାଉଥିବା ବେଳେ ସର୍ଜନା
ନିରୁତା କସ୍ତୁରୀରେ ଗଢ଼ା ଶାଶ୍ୱତ ଶାବକଟିଏ
ମୋରି ଭିତରୁ ଗୋଡ଼ ଟେକି ବେକ ଟେର୍ଛେଇ
ଲମ୍ଫ ଦଉଚି ପୃଥିବୀ ଛାଡ଼ି
ଧୀରଙ୍କିୟ ଗତିରେ ଗ୍ଲାଲିଯାଉଚି ସିଧାସଳଖ ଉପରକୁ :
ତୋ'ଠୁ ଊର୍ଦ୍ଧ୍ୱକୁ !!

## ॥ ସବା ଉପର ଥାନଟି ॥

ସବା ଉପର ଥାନଟି କୋଉଠି ??

କାବ୍ୟନାୟକର ସ୍ୱପ୍ନଟି ଥିଲା ଏମିତି :
ଦିନେ ଶିଖର ଆସିଗଲା ଯେ
ପାଦ ଆଉ ପିଛିଳିଲାନି, ପଥର ଗଡ଼ିଗଲାନି ସବାତଳକୁ ।
ପହଂଚିଗଲି ଭାବିଲା ତ ପହଂଚିଗଲା ଆଉ ଦିଗଂତରେ ସେ
ସେଠୁ ଅନାଇଲା ଶିଖରକୁ, ନିଜ ଆଡ଼କୁ :

ଉଂଚ ସୁଉଚ୍ଚ ସ୍ଥାନ, ତୁଳନା ହୀନ
ସର୍ଜନାରେ ବିପୁଳତମ ।
ପାଖ ଆକାଶରେ ଚିକ୍କଡ଼ାଏ ଚତୁର୍ଥୀ ଜହ୍ନ
କେଇ ବୁଂଦା ତାରା ଛିଟିକା
ଆଉ
ଧୀରେ ଧୀରେ ଲଂବା ସରୁ ଦେଣା
ଛାଟି ଛାଟି ଚୂଡ଼ା ଘୁରିକଢ଼େ
ଉଡ଼ଂତା ନିଶାଚର ପକ୍ଷୀଟେ ପରି
ସେ ନିଜେ ॥

ଏକ ସ୍ୱପ୍ନରୁ ଉବୁରି ଯାଉ ଯାଉ ଘେରିପକାଏ ଆରେକ,
ଶିଖରରେ ବି,
ସରେନା ।
ସକଳ ତୃଷ୍ଣାର ସ୍ୱପ୍ନର ଉଚ୍ଚତାର ଶେଷ କୋଉଠି, କେଜାଣି,
ଶେଷ କୋଉଠି, ପ୍ରଭୁ,
ଯା' ଉପରେ ନ ଥାଏ ଆଉ କିଛି ବୋଲି କିଛି
ସେଇ ସବା ଉପର ଥାନଟି କୋଉଠି ??

ଅର୍ବୁଦ ଅର୍ବୁଦ ସ୍ଥାବରଜଂଗମ, କେତେ ବଡ଼ ଏଇ ବିଶ୍ୱ
କାହିଁ କୋଉ କଣରେ
ଚଢ଼ାଉତରା କୀଟାଣୁଟାଏ ସେ ଯେମିତି !
ତାରି ଭିତରେ ବଳୁ ଘଡ଼ଘଡ଼ି ଝଡ଼ତୋଫାନ ଥାପିଛ
ତାକୁ ନୀଡ଼େଇଦବା ପାଇଁ ଦେଇଛ ପୁଣି ସ୍ୱପ୍ନଟାଏ,
ଚିହ୍ନିପାରୁଛ ତାକୁ, ସତେ କଣ ତା' କଥା ତୁମେ ବୁଝୁଚ ?
ତା' କାନ ପାଇଁ ବି ତୁମର
ଫିସ୍‌ଫିସ୍ ମିଠା କଥା ପଦେ ଅଛି
ବହୁଦୂର ତାରାରୁ କୋଟି କୋଟି ଆଲୋକବର୍ଷ ପରେ
ମହାଶୂନ୍ୟ ଦେଇ ଯାହା ପହଁରି ଆସୁଛି ??

ମହଲ ଉପରେ ମହଲ ଉପରେ ମହଲ
ମହଲ ତଳେ ମହଲ ତଳେ ମହଲ
ତଳ ଉପର ହଉଚି ସେ ନିରଂତର ।
ସାଢ଼େତିନିହାତ ଉଚ୍ଚତା ଭିତରେ ଛଟପଟ ହଉଚି କିଏ ଜଣେ ?
ଏଇ ଐକାଂତିକ ଉଦ୍‌ଗମିଷାରେ ତାର
ଅଧିକାର ଅଛି ତ, ପ୍ରଭୁ,
ଅଛି ??

ଛାର ଲିଫ୍‌ଟମ୍ୟାନ୍‌ଟିଏ ସେ ।
କୋଠାର ଛାତ ଭେଦି ଦିନେ
ସ୍ୱଚ୍ଛ-ବାୟବୀୟ ହୋଇ ସତେ ଯେମିତି
ଉଠିଗଲା ତା' ପଂଜୁରୀ ଉପରୋପରି ଶୂନ୍ୟ ମଂଡଳକୁ
ନକ୍ଷତ୍ର ନୀହାରିକା ଟପି ତୁମର ବୈକୁଂଠକୁ ।
କେଡ଼େ ଦୁଃସାହସ ତାର, ସିଧା ଚାହିଁ ତୁମର ମୁହଁକୁ
ବୋଇଲା: ଉଠିଲ ବେଗି, ଯିବା ଚାଲ, ଯିବା ସେ ତଳକୁ !!

ତଳେ କେତେ ହାଉଯାଉ ସଲବଲ ପୋକମଣିଷ
ମାଟି ଖୋଳି ପଶୁଛଂତି ପାତାଳକୁ କୋଇଲା ଖଂଡକୁ,
ପିଠି ଭଂଗି ବୋହୁଛଂତି କ୍ରୁଶ, ଶୈଳ, ଆକାଶ ଗୋଟାକ
ଘଂଟା ଘଂଟା ରଂପୁଛଂତି ଟିପଣା ଓ ଟିଠା
ଜୀବନ ଗୋଟାକଯାକ ମୁଂଡ-ଝାଇଁ, ଆଖି-ଝାପ୍‌ସା
ହାଡ଼-କଡ଼ମଡ଼
ବଂଫ ଧୂଆଁ ଧାତୁ ଶବ୍ଦ ନିଆଁ ଡହଡହ..........
ଚାଲ ତ ଦେଖିବ ଚାଲ, ସେ କହିଲା,
ତୁମଠି ଉଚ୍ଚତା ଶେଷ, ଶିଖରୋପରି ଶିଖର
ସୀମାହୀନ ତୁମେ ସମତଳ,
କିମ୍ବା ଏଇ ନବରଂଗ, ମିଛିମିଛିକା ଏ ଖେଳ
ଚାଲ ତ, ତଳକୁ ଚାଲ !!

ସେଇ ସବା ଉପର ଥାନଟି କୋଉଠି, ପ୍ରଭୁ,
ପଚାରୁଛି ଏଇ ଲିଫ୍‌ଟମ୍ୟାନ୍ । ତୁମେ ନା ?
ତା' ପ୍ରଶ୍ନର ଉତ୍ତରରେ ନୀରବ ରହୁଚ ତୁମେ
ଆଂଗୁଠି ଠାରି ଏଇ ତ ଦେଖାଇ ଦଉଚ ଉପରକୁ ।
ଆହୁରି ଉପରେ ଅଛି, କେତେ ଦୂର, କୋଉଠି ତା, ପ୍ରଭୁ,
ସେଠିକି ତୁମକୁ ନେବି, ଚାଲ ଚାଲ ନେଇଯିବି—
ସବା ଉପରକୁ ।

ଏଇ ଲିଫ୍‌ଟ ବୋଧେ ଆଉ ଖସିବନାହିଁ ତଳକୁ, ପ୍ରଭୁ !
ଖସିବନାହିଁ ତଳକୁ !!

ଡେପୁଟି ସେକ୍ରେଟେରୀ, ରାଜସ୍ୱ ବିଭାଗ,
ଓଡ଼ିଶା ସେକ୍ରେଟେରୀଏଟ୍, ଭୁବନେଶ୍ୱର-୧ ।



# ଜଗତରେ ହଜେନା କିଛି

ଅଧ୍ୟାପକ ଦେବକାନ୍ତ ମିଶ୍ର

କି ବିଚିତ୍ର ଏ ସୃଷ୍ଟି ! ଅନୁପମ ପ୍ରକୃତିର ଶୋଭା ସଂଭାର ମନୁଷ୍ୟକୁ ପୁଲକିତ କରେ । ଏ ସୃଷ୍ଟିର ଆଦି କେଉଁଠି, ଅନ୍ତ କେଉଁଠି ? ଏହି କୌତୂହଳୀ ପ୍ରଶ୍ନଟିର ସଠିକ ଉତ୍ତର ଅଦ୍ୟାବଧି ବୈଜ୍ଞାନିକମାନେ ଘୋଷଣା କରି ନାହାନ୍ତି । ମାତ୍ର ଆମେ ଜାଣି ପାରିଛୁ ଯେ ବିସ୍ତାରପ୍ରବଣ ଏହି ସୁବିସ୍ତୃତ ବିଶ୍ୱରେ ଆମର ବସୁମାତା ପୃଥିବୀ ରୂପୀ ମହାକାଶଯାନର ବିଭୂତି ଅତି ନଗଣ୍ୟ । ପୃଥିବୀରୂପୀ ଗ୍ରହ ଜନ୍ମ ଲାଭକରିବା ପରେ ସେଥିରେ ଜୀବଜଗତର ସର୍ଜନା ସଂଭବ ହେଲା ବହୁ ବିଳମ୍ବରେ ; ପୁଣି ଜୈବିକ ବିବର୍ତ୍ତନର କ୍ରମ ପରିଣତି ସ୍ୱରୂପ ବିସ୍ମୟବୋଧ-ସଂପନ୍ନ ମନୁଷ୍ୟର ଆବିର୍ଭାବ ଘଟିଲା ସର୍ବଶେଷରେ ।

କୌତୂହଳୀ ମନୁଷ୍ୟ ନିଜ ବିସ୍ମୟବୋଧ ବିନିମୟରେ ପ୍ରକୃତିର କ୍ରିୟାଶୀଳତାର ରହସ୍ୟ ଭେଦ କରିବା ପାଇଁ ଆଗ୍ରହୀ ହେଲା । ସେ ଦେଖିଲା ଯେ ଏ ଜଗତରେ କ୍ଷୁଦ୍ରାତିକ୍ଷୁଦ୍ର ଜୀବାଣୁ, କୀଟପତଙ୍ଗଠାରୁ ଆରମ୍ଭ କରି ବୃହତ୍କାୟ ହସ୍ତୀ, ତିମିମାଛ ଭଳି ଜୀବଗୁଡ଼ିକ ଚଳ-ପ୍ରଚଳ ହେଉଛନ୍ତି । କ୍ଷୁଦ୍ରାକୃତି ଦୁବ ଘାସଠାରୁ ଆରମ୍ଭ କରି ବୃହତ୍କାୟ ବଟ ଓ ଅଶ୍ୱତ୍ଥ ବୃକ୍ଷଗୁଡ଼ିକର ସମାହାରରେ ପୃଥିବୀ ବକ୍ଷରେ ବିଚିତ୍ରବର୍ଣ୍ଣ ଉଦ୍ଭିଦ ଜଗତ ସୃଷ୍ଟି ହୋଇଛି । ପ୍ରତ୍ୟେକ ଜାତିର ପ୍ରାଣୀ ଓ ପ୍ରତ୍ୟେକ ଜାତିର ଉଦ୍ଭିଦ ଏକ ସ୍ୱତନ୍ତ୍ର ପ୍ରଣାଳୀ ଅବଲମ୍ବନରେ ଜୀବନ ଧାରଣ କରିଛି । ପ୍ରତ୍ୟେକ ପ୍ରାଣୀ ବା ଉଦ୍ଭିଦ ଅନ୍ୟ ଜାତୀୟ ପ୍ରାଣୀ ବା ଉଦ୍ଭିଦଠାରୁ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖି ପାରୁଛି । ପ୍ରତିଦିନ ଶହଶହ ପ୍ରାଣୀ ମୃତ୍ୟୁ କବଳିତ ହେଉଛନ୍ତି । ଧୂଳିର ଧରଣୀ ବକ୍ଷରେ ଚିରନ୍ତନ ହୋଇ କିଛି ରହୁ ନାହିଁ । ଭୂତାତ୍ତ୍ୱିକ ପରିବର୍ତ୍ତନ ବଳରେ ବଡ଼ ପ୍ରକୃତିର ଶୋଭା ସଂଭାରରେ କ୍ରମ ପରିବର୍ତ୍ତନ ଘଟୁଛି । ନଶ୍ୱର ଶରୀର ଧାରିତ ମନୁଷ୍ୟ ତଥା ମନୁଷ୍ୟେତର ଜୀବ ଜଗତର ବିଲୟ ଘଟୁଛି । ପୁଣି ନୂଆ ନୂଆ ଜୀବ ନୂଆ ନୂଆ ଉଦ୍ଭିଦ ଜନ୍ମଲାଭ କରୁଛନ୍ତି । ମନୁଷ୍ୟ ହୃଦୟଙ୍ଗମକଲା ଯେ ଏ ଜଗତ ପରିବର୍ତ୍ତନଶୀଳ । ଯେଉଁ ପ୍ରାଣୀ ବା ଯେଉଁ ଉଦ୍ଭିଦ ମୃତ୍ୟୁ କବଳିତ ହେଉଛନ୍ତି, ଠିକ୍ ସେହିପରି ଚେହେରାଯୁକ୍ତ ପ୍ରାଣୀ ବା ଉଦ୍ଭିଦ ଆଉ ଦୃଷ୍ଟି ଗୋଚର ହେଉନାହିଁ । ସବୁ ମଣିଷଙ୍କ ଚେହେରା ଏକାଭଳି ହୋଇଥିଲେ ମଧ୍ୟ ଯେଉଁମାନେ ମୃତ୍ୟୁ ବରଣ କରୁଛନ୍ତି, ଠିକ ସେମାନଙ୍କ ଚେହେରାସଂପନ୍ନ ମନୁଷ୍ୟତ ଆଉ ଦୃଷ୍ଟିପଥାରୂଢ଼ ହେଉନାହିଁ । ମନୁଷ୍ୟ ପ୍ରତି ଯେଉଁ ଶୃଂଖଳା ପ୍ରଯୁଜ୍ୟ, ବିଭୁତ ମନୁଷ୍ୟେତର ଜୀବଜଗତ ମଧ୍ୟ ସେହି ଶୃଂଖଳାର ବଶବର୍ତ୍ତୀ ହୋଇଛି । ତାହାହେଲେ କ'ଣ ଭୂତାତ୍ତ୍ୱିକ ପରିବର୍ତ୍ତନ ଯୋଗୁଁ ଯେଉଁ ବସ୍ତୁର ବିଲୟ ଘଟୁଛି, ଜୈବ ରସାୟନିକ ପ୍ରକ୍ରିୟା ଯୋଗୁଁ ଯେଉଁ ପ୍ରାଣୀ ଓ ଜୀବ ଜଗତର ସତ୍ତା ବିଲୁପ୍ତ ହୋଇଯାଉଛି, ଆଉ ଜଗତରେ ସେଗୁଡ଼ିକର ସତ୍ତା ରହୁନାହିଁ ?

ବିଜ୍ଞାନ ବଳରେ ମନୁଷ୍ୟ ଏହି ପ୍ରଶ୍ନର ଉତ୍ତର ପାଇଛି । ସେ ଜାଣି ପାରିଛି ଯେ ସଜୀବ ବା ନିର୍ଜୀବ କୌଣସି ବସ୍ତୁର ବିନାଶ ଘଟେ ନାହିଁ । ଠିକ୍ ସେହିପରି ଶକ୍ତିର ମଧ୍ୟ ବିନାଶ ଘଟେ ନାହିଁ । ଆଲୋକ, ଉତ୍ତାପ, ଶବ୍ଦ, ଚୁମ୍ବକୀୟ, ବୈଦ୍ୟୁତିକ, ରାସାୟନିକ,ନିଉକ୍ଲିଅର ଆଦି ଶକ୍ତିକୁ ବିଭିନ୍ନ ପ୍ରକାରରେ ପ୍ରୟୋଗ କରିବା ଦ୍ୱାରା ମନୁଷ୍ୟ ବହୁବିଧ କାର୍ଯ୍ୟ ସାଧନ କରିପାରେ । ଏପରି କାର୍ଯ୍ୟ ସାଧନ କରିବାବେଳେ ନିୟୋଜିତ ଶକ୍ତି ହଜିଯାଏ ନାହିଁ । ଏହା କେବଳ ଅନ୍ୟ ଶକ୍ତିକୁ ରୂପାନ୍ତରିତ ହୋଇଯାଏ । ବସ୍ତୁର ବିନାଶରେ ଶକ୍ତି ଉତ୍ପନ୍ନ ହୁଏ ଏବଂ ଶକ୍ତି ମଧ୍ୟ ବସ୍ତୁକୁ ରୂପାନ୍ତରିତ ହୋଇପାରେ । ମୂଳତଃ କୌଣସି ଗୋଟିଏ ଅନ୍ତଃକ୍ରିୟା ଘଟିବା ବେଳେ ଯେଉଁ ମୋଟ ବସ୍ତୁ ଓ ଶକ୍ତି ବ୍ୟବହୃତ ହୋଇଥାଏ, ସେହି ଅନ୍ତଃକ୍ରିୟାର ପରିସମାପ୍ତି ଘଟିବା ପରେ ବସ୍ତୁ ଓ ଶକ୍ତିର ରୂପାନ୍ତର ଘଟେ ; ମାତ୍ର ମୋଟ ବସ୍ତୁ ଓ ଶକ୍ତିର ପରିମାଣ ଅପରି-ବର୍ତ୍ତନୀୟ ରହେ । ଏହାକୁ ଆମେ ବସ୍ତୁ, ଶକ୍ତିର ଅବିନାଶିତା ବା Conservation of mass and energy ରୂପେ ବିଗ୍ଭର କରୁ ।

ବିଂଶ ଶତାବ୍ଦୀର ମନୁଷ୍ୟ ଉଲ୍ଲିଖିତ ଅବିନାଶିତା ନିୟମଟିର ସତ୍ୟତା ସମ୍ବନ୍ଧରେ ନିଃସନ୍ଦେହ ମନୋଭାବ

ପୋଷଣ କରିଛି । ବହୁବିଧ ଜୈବିକ, ରାସାୟନିକ, ଜ୍ୟୋତିଃ ପଦାର୍ଥବିଜ୍ଞାନଭିତ୍ତିକ ଓ ପାରମାଣବିକ ପ୍ରକ୍ରିୟା ସଂପାଦନ କରି ତଥା ପ୍ରକୃତିରେ ସ୍ୱାଭାବିକ ରୀତିରେ ସଂଘଟିତ ବହୁବିଧ ଦୃଶ୍ୟକୁ ଅଭିକ୍ରିୟାତ୍ମକ ଗବେଷଣା ଅବଲମ୍ବନରେ ପରୀକ୍ଷା କରି ସେ ଏହି ନିୟମଟିର ସତ୍ୟତା ସମ୍ବନ୍ଧରେ ସଠିକ ଧାରଣା ପୋଷଣ କରିଛି । ମାତ୍ର ପ୍ରକୃତିର ଏହି ନିୟମଟିକୁ ଜାଣିଯିବା ପରେ ବାହ୍ୟ ପରିବେଶକୁ ଇଚ୍ଛାକୃତ ମାର୍ଗରେ ବଦଳାଇ ଦେବା-ପୂର୍ବକ କୃଷି ଓ ଶିଳ୍ପ କ୍ଷେତ୍ରରେ ଉତ୍ପାଦନର ଅଭିବୃଦ୍ଧି ଘଟାଇବା ପାଇଁ ସେ ବିଶେଷ କର୍ମପ୍ରବଣ ହୋଇଛି । ପୁନରଭ୍ୟୁଦୟ କାଳଠାରୁ ବିଗତ ପ୍ରାୟ ଦୁଇ ଶତ ବର୍ଷ ବ୍ୟାପୀ ମନୁଷ୍ୟ ପ୍ରକୃତି ଉପରେ ଆଧିପତ୍ୟ ବିସ୍ତାର କରିବା ସଙ୍ଗେ ସଙ୍ଗେ ବସ୍ତୁ ଓ ଶକ୍ତିର ଅବିନାଶିତା ତଥା ରୂପାନ୍ତର ପ୍ରକ୍ରିୟା ଅବଲମ୍ବନରେ ବସ୍ତୁନିଷ୍ଠ ସଭ୍ୟତାର ତ୍ୱରାନ୍ୱିତ ବିକାଶ ସାଧନ କରିବାକୁ ଲାଳାୟିତ ହୋଇଛି । ତାର ଏପରି ଏକଦିଗଦର୍ଶୀ କର୍ମପ୍ରବଣତା ଯୋଗୁଁ ବିଜ୍ଞାନସମ୍ମତ ଭାଷାରେ ଅବଶ୍ୟ କିଛି ହଜି ଯାଇ ନାହିଁ, କାହାର ସତ୍ତା ଲୋପ ପାଇନାହିଁ । ମାତ୍ର ସେ ହଜାଇଛି ଦୁଇଟି ଅମୂଲ୍ୟ ସଂପଦ । ପ୍ରକୃତି ଯେଉଁ ପ୍ରକାର ସଂସ୍ଥିତି ଧାରଣ କରିଥିବା ଫଳରେ ପୃଥିବୀ ପୃଷ୍ଠରେ ନିଜର ଛନ୍ଦମୟ ଶୃଂଖଳାବଦ୍ଧ କ୍ରିୟାଶୀଳତା ଯୋଗୁଁ ମନୁଷ୍ୟ ତଥା ମନୁଷ୍ୟେତର ଜୀବ ଜଗତର ଲାଳନ ପାଳନ ପାଇଁ ଅନୁକୂଳ ପରିବେଶ ଯୋଗାଇଥିଲା, ତାହାର ସେହି ମୌଳିକ ବିନ୍ୟାସ ଓ ସହାଶ୍ରୟୀ କ୍ରିୟାଶୀଳତା ବିକୃତ ହୋଇଯାଇଛି । ମନୁଷ୍ୟ ଇଚ୍ଛାକୃତ ମାର୍ଗରେ ବସ୍ତୁ ଓ ଶକ୍ତିର ରୂପାନ୍ତର ଘଟାଇବା ଅବସରରେ ନିଜ ପରିବେଶ ଓ ପରିସଂସ୍ଥାକୁ ଏପରି ଦୂଷିତ କରି ପକାଉଛି ଯେ ପ୍ରାକୃତିକ କ୍ରିୟାଶୀଳତା ବାଧା-ପ୍ରାପ୍ତ ହେଉଛି । ମନୁଷ୍ୟ ଇତର ପ୍ରାଣୀ ଓ ଜୀବଜଗତ ସହିତ ସହାବସ୍ଥାନ କରିବା ଦ୍ୱାରା ତଥା ପାରସ୍ପରିକ ନିର୍ଭରଶୀଳତା ବିନିମୟରେ ଜୀବନଯାପନ କରିବା ଦ୍ୱାରା ପ୍ରକୃତି ଯେପରି ନିଜର ଭାରସାମ୍ୟ ରକ୍ଷା କରିପାରୁଥିଲା, ବର୍ତ୍ତମାନ ଆଉ ସେପରି ଘଟୁ ନାହିଁ । ଜଳଚକ୍ର, ଯବକ୍ଷାର-ଯାନଚକ୍ର, ବାୟୁ ପ୍ରବାହ ତଥା ପାଣିପାଗ ପ୍ରଭୃତି ପ୍ରାକୃତିକ କ୍ରିୟାଶୀଳତା ବିକୃତ ହୋଇଯିବାରୁ ମନୁଷ୍ୟ ତଥା ମନୁଷ୍ୟେତର ଜୀବଜଗତର ନିରାପତ୍ତା ବ୍ୟାହତ ହୋଇଛି । ତେଣୁ ମନୁଷ୍ୟର ଅପରିଣାମଦର୍ଶୀ କ୍ରିୟାଶୀଳତା ଯୋଗୁଁ ପ୍ରକୃତି ହଜାଇଛି ତାର ଛନ୍ଦବଦ୍ଧ ସୁସମନ୍ୱିତ କ୍ରିୟାଶୀଳତା ।

ଆଉ ଯେଉଁ ଅମୂଲ୍ୟ ସଂପଦଟି ହଜି ଯାଇଛି, ତାହା ହେଉଛି ମନୁଷ୍ୟର ସୌନ୍ଦର୍ଯ୍ୟାନୁରାଗ ଓ ମଣିଷପଣିଆ । ବସ୍ତୁନିଷ୍ଠ କ୍ରିୟାଶୀଳତା ମନୁଷ୍ୟକୁ ସ୍ୱାର୍ଥସର୍ବସ୍ୱ, ଅର୍ଥ ଓ କ୍ଷମତାପାଗଳ ଓ କର୍ମଚଞ୍ଚଳ କରି ପକାଇଛି । ଅର୍ଥ ଓ କ୍ଷମତାର ସଂପ୍ରସାରଣ ଘଟାଇବା ଅବସରରେ ତାର ଆତ୍ମବିସ୍ମରଣ ଘଟିଛି । ଜଡ଼ ଜଗତକୁ ଇଚ୍ଛାକୃତ ମାର୍ଗରେ ବଦଳାଇ ଦେବା ପାଇଁ ବହୁବିଧ ଟେକ୍‌ନୋଲୋଜି ଉଦ୍ଭାବନ କରିବା ଅବସରରେ ସେ ନିଜର ମାନସ ଜଗତକୁ ଉପେକ୍ଷା କରିଛି । ଭୌତିକ ବିଜ୍ଞାନର ଅଗ୍ରଗତି ସହ ତାଳ ମିଳାଇ ସମାଜ-ବିଜ୍ଞାନର ଅଗ୍ରଗତି ସାଧିତ ହୋଇନାହିଁ । ତେଣୁ ତାର ସାମାଜିକ ଜୀବନ ଅଶାନ୍ତ, ଉତ୍ତେଜନାମୟ ଓ ବ୍ୟାଭିଚାରଗ୍ରସ୍ତ ହୋଇଯାଇଛି । ତାର ଅହଙ୍କାର, ପ୍ରକୃତିକୁ ଜୟ କରିବାର ଦୁର୍ବାର ଲାଳସା ଓ ତଦାଶ୍ରୟୀ କର୍ମପ୍ରବଣତା ତା'ର ମାନସପଟରୁ ସୌନ୍ଦର୍ଯ୍ୟ-ବୋଧ ଓ ମାନବିକତାବୋଧର ବିଲୟ ଘଟାଇଛି । ଶୋଷଣପ୍ରବଣ ମନୋବୃତ୍ତି ବଳରେ ସେ ଏପରି ସ୍ୱାର୍ଥପର ହୋଇଯାଇଛି ଯେ କର୍ମଚଞ୍ଚଳ ଜୀବନ ବିତାଇବା ଅବସରରେ ଅନ୍ୟର ଉପସ୍ଥିତିକୁ ସେ ପାଶୋରି ପକାଉଛି । ମନୁଷ୍ୟର ଦୁଇ ଶତାଧିକ ବର୍ଷ ବ୍ୟାପୀ ଏ ରୂପ ଏକ ଦିଗଦର୍ଶୀ କର୍ମପ୍ରବଣତାର ଫଳସ୍ୱରୂପ ପରିବେଶୀୟ ଓ ପରିସଂସ୍ଥୀୟ ଦୂଷିତୀକରଣ ଘଟିବା ସଙ୍ଗେ ସଙ୍ଗେ ତା'ର ନୈତିକ ଜୀବନର ଅଧଃପତନ ଘଟିଛି ।

ଅନ୍ତଃରାଷ୍ଟ୍ରୀୟ ଓ ଆନ୍ତଃରାଷ୍ଟ୍ରୀୟ କ୍ଷେତ୍ରରେ ଏପରି ଅପରିଣାମଦର୍ଶୀ କ୍ରିୟାଶୀଳତା ଯୋଗୁଁ ଅଶାନ୍ତ, ଦୂଷିତ, ଉତ୍ତେଜନାମୟ, ଦୁର୍ବିସହ ପରିବେଶ ସୃଷ୍ଟି ହେବା ପରେ ମନୁଷ୍ୟ ପୁଣି ତାର ହଜାଇଥିବା ମଣିଷପଣିଆକୁ ଖୋଜିବାରେ ଲାଗିଛି । ମଣିଷ ଠେକିଲେ ଶିଖେ । ସେ ଜାଣିଗଲାଣି ଯେ ଏଣିକି ପ୍ରାକୃତିକ ଭାରସାମ୍ୟରେ ଅଦଳବଦଳ ଘଟାଇବା ଦ୍ୱାରା କିମ୍ବା କେବଳ ବସ୍ତୁନିଷ୍ଠ ସ୍ୱାର୍ଥପ୍ରଣୋଦିତ କର୍ମରେ ଆତ୍ମ ନିୟୋଗ କରିବା ଦ୍ୱାରା ସେ ଧରଣୀ ବକ୍ଷରେ ସମଗ୍ର ଜୀବ ଜଗତର ସ୍ଥାୟିତ୍ୱକୁ ବିପଦାପନ୍ନ କରି ପକାଇବ । ଯେଉଁ ଦାୟାଦମାନଙ୍କ ଶୁଭ ମନାସି ସେ ଏପରି କର୍ମଚଞ୍ଚଳ ଜୀବନ ଯାପନ କରୁଛି, ସେମାନଙ୍କ ଜୀବନର ନିରାପତ୍ତା ଓ ସୁଖଶାନ୍ତି ଏତଦ୍ୱାରା ବ୍ୟାହତ ହେଉଛି ।

ବିଳମ୍ବରେ ହେଲେ ମଧ୍ୟ ଲେଢ଼ିଗୁଡ଼ କହୁଣୀକୁ ବୋହିଯିବା ପୂର୍ବରୁ ମନୁଷ୍ୟ ହୃଦୟଙ୍ଗମ କଲଣି ଯେ ଭୌତିକ ବିଜ୍ଞାନ ଦୃଷ୍ଟିକୋଣରୁ ଜଗତରେ ଅବଶ୍ୟ କିଛି ହଜେ ନାହିଁ । ମାତ୍ର ଇନ୍ଦ୍ରିୟାସକ୍ତ କ୍ରିୟାଶୀଳତା ଯୋଗୁଁ ମାନସ ଜଗତରୁ ମଣିଷପଣିଆଟି ହଜିଯାଏ । ଏହି ମଣିଷପଣିଆକୁ ନିଜ ଭିତରେ ସାଇତି ରଖିବା ହିଁ ମନୁଷ୍ୟର ଧର୍ମ । ସ୍ୱଧର୍ମ ପାଳନ କରୁ ନଥିବା ମନୁଷ୍ୟର ମର ଶରୀର ଅବଶ୍ୟ ଜଗତରୁ ହଜିଯାଏ ନାହିଁ ; କାରଣ ତାର ଶବଟି ବହୁବିଧ ଜୈବ-ରାସାୟନିକ ପ୍ରକ୍ରିୟା ଯୋଗୁଁ ପୁଣି ପ୍ରକୃତି ସହିତ ମିଶିଯାଏ । ମାତ୍ର ମାନସ ଜଗତରୁ ତାର ସତ୍ତା ହଜିଯାଏ । ବିସ୍ମୃତି ଗର୍ଭରେ ସେ ଲୋପ ପାଇଯାଏ । ହଜି ଯିବାର ଆଶଙ୍କା ଥିବା ଏହି ମଣିଷପଣିଆକୁ ସାଇତି ରଖିବା ହିଁ ସାଂପ୍ରତିକ ଯୁଗର ଅସଲ ସମସ୍ୟା । ଏହି ଧର୍ମର ମହିମାକୁ ଉପଲକ୍ଷ କରି ମହାନୁଭବ ଓଡ଼ିଆ କବି ଯଥାର୍ଥରେ ଲେଖିଛନ୍ତି :

"ଧର୍ମ ସିନା ଏକା ମହତ ପଣିଆ
ଆଉ ସବୁ କଥା ଅଢ଼େଇ ଦିନିଆ"

ଏହି ଧର୍ମଭାବ ଆମ ମାନସ ପଟରୁ ହଜି ନ ଯାଉ— ଏହାହିଁ କାମନା ।

ରିଡ଼ର, ରେଭେନ୍ସା କଲେଜ, କଟକ—୩

# ଜାତୀୟ ଚରିତ୍ର

ମୂଳ ଇଂରାଜୀ ରଚନା

ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ

ଶାସନଗତ ସମସ୍ତ ବିଷୟର ଭାଗ୍ୟ ଓ ଭବିଷ୍ୟତର ଅସଲ ଚାବି ହେଉଛି ଜାତୀୟ ଚରିତ୍ର—କୌଣସି ବାଦ ନୁହେଁ ।

ଜାତୀୟ ଚରିତ୍ର ପୁଣି ବ୍ୟକ୍ତିଗତ ନ୍ୟାୟପରାୟଣତା ଉପରେ ନିର୍ଭର କରେ । ଅନ୍ୟପକ୍ଷରେ କହିବାକୁ ଗଲେ ରାଜନୀତିରେ ବ୍ୟକ୍ତିଗତ ନ୍ୟାୟପରାୟଣତା ଓ ଚାରିତ୍ରିକ ଅଭିବୃଦ୍ଧି ପାଇଁ ଆନ୍ଦୋଳନ କରିବା ଅପ୍ରାସଙ୍ଗିକ ନୁହେଁ । କାରଣ ଏହା ଆମ ଜାତୀୟ ଜୀବନର ଆଶା ଓ ଆକାଂକ୍ଷା ସହିତ ଘନିଷ୍ଠ ଭାବରେ ସଂଶ୍ଳିଷ୍ଟ ।

ଜାତୀୟ ଜୀବନର ଉନ୍ନତି ପାଇଁ ଆଶା କରିବା ପୂର୍ବରୁ ବ୍ୟକ୍ତିଗତ ସାଧୁତା ପ୍ରତି ପ୍ରାଧାନ୍ୟ ଦିଆଯିବା ଉଚିତ । ଜଳକଣାର ସମାହାରରେ ହିଁ ବର୍ଷାର ସୃଷ୍ଟି । "ମୋ ପାଇଁ ମୁଁ ପ୍ରଚୁର ଅର୍ଥ ସଞ୍ଚୟ କରିବା ପରେ ସାଧୁ ଭଲଲୋକ ହେବି" କହିବା ନିରର୍ଥକ । ଯଦି ନୀତିହୀନ ଉପାୟର ଅବଲମ୍ବନରେ ନିଜର ସମୃଦ୍ଧି କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ଅସାଧୁତାର ଆଶ୍ରୟ ନିଅନ୍ତି, ତେବେ ଜାତୀୟ ଚରିତ୍ରରେ କୌଣସି ପରିବର୍ତ୍ତନ ଘଟିବ ନାହିଁ । ବର୍ତ୍ତମାନର ପରିସ୍ଥିତି ଭଳି ଏହା ବିଶୃଙ୍ଖଳିତ ଅବସ୍ଥାରେ ରହିବ । ପ୍ରତ୍ୟେକ ବ୍ୟକ୍ତି ଚରିତ୍ରର ସାମଗ୍ରିକ ରୂପହିଁ ଜାତୀୟ ଚରିତ୍ର ।

ରାଷ୍ଟ୍ରୀୟ ବ୍ୟାପାରରେ ଜାତୀୟ ଚରିତ୍ରହିଁ ମଧ୍ୟମଣି, କୌଣସି ଏକ ତୋରଣର ମଧ୍ୟବର୍ତ୍ତୀ ପ୍ରସ୍ତର ଖଣ୍ଡିକ ଭଳି ଏହା ଇଟାଗୁଡ଼ିକୁଧରି ରଖିଥାଏ । ଯଦି ମଧ୍ୟବର୍ତ୍ତୀ ପ୍ରସ୍ତର ଖଣ୍ଡିକ ନଥାନ୍ତା ତେବେ ତୋରଣଟି ଖଣ୍ଡ ବିଖଣ୍ଡ ହୋଇ ଭାଙ୍ଗି ପଡ଼ନ୍ତା । ବ୍ୟକ୍ତି ଚରିତ୍ରର ଉନ୍ନତିହିଁ ଜାତୀୟ ଚରିତ୍ରର ଉନ୍ନତି ସାଧନ କରେ । ଅନ୍ୟ ଅର୍ଥରେ ଜାତୀୟ ଚରିତ୍ର ତୋରଣର ମଧ୍ୟବର୍ତ୍ତୀ ପ୍ରସ୍ତର ଖଣ୍ଡ ପରି ରାଷ୍ଟ୍ରୀୟ ବିକାଶ କ୍ଷେତ୍ରରେ ତାହା କାର୍ଯ୍ୟ କରୁଥାଏ ।

ଆମ ଦେଶର ନରନାରୀମାନଙ୍କର ସୁନିର୍ଦ୍ଦିଷ୍ଟ ଉନ୍ନତି ପାଇଁ କେଉଁ ଉଦ୍ୟମ ଆବଶ୍ୟକ, ତାହାର ପ୍ରାଧାନ୍ୟ ଆମ ଦେଶର ରାଜନୀତି, ଅର୍ଥନୀତି ଓ ପ୍ରତିରକ୍ଷା କାର୍ଯ୍ୟ ସହିତ ଅତି ନିବିଡ଼ ଭାବରେ ଜଡ଼ିତ ।

ଅନେକ ସମୟରେ ଏହା କୁହାଯାଇଥାଏ ଯେ ଗାନ୍ଧିଜୀ ଆମ ଦେଶର ରାଜନୀତିକୁ ଆଧ୍ୟାତ୍ମିକତାର ସ୍ତରକୁ ଉନ୍ନୀତ କରାଇବା ଦିଗରେ ସଚେଷ୍ଟ ଥିଲେ । ସେ ଦୃଢ଼ ଭାବରେ ମତ ପୋଷଣ କରୁଥିଲେ ଯେ ଆମେ ରାଜନୀତି ଓ ନୈତିକତା ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରିପାରିବା ନାହିଁ । ବାସ୍ତବିକ୍ ସେ ରାଜନୀତିର ପୁନର୍ଗଠନ କରିବାକୁ ଚାହୁଁଥିଲେ । ସେ ବ୍ୟକ୍ତିଗତ ସାଧୁତା ରୂପକ ଏକ ବାସ୍ତବ ନିର୍ଭରଶୀଳ ମୂଳଦୁଆ ଉପରେ ଏହାକୁ ପ୍ରତିଷ୍ଠିତ କରିବାକୁ ଆଗ୍ରହୀ ଥିଲେ ।

ଯଦି ଭାରତୀୟ ରାଜନୀତି ଓ ପ୍ରଶାସନିକ ମରୁଦ୍ୟାନରେ ନବଜୀବନର ସବୁଜିମା ଓ ଅଭିବୃଦ୍ଧି ଆଣିବାକୁ ହେବ, ତେବେ ଆମ ପାଇଁ ଚରିତ୍ରର ଶୁଦ୍ଧତା ରୂପକ ମୌସୁମୀ ପ୍ରବାହର ଆବଶ୍ୟକତା ରହିଛି । ମୌସୁମୀ ପ୍ରବାହରେ ଜଳକଣାଗୁଡ଼ିକର ଏକତ୍ରୀକରଣହିଁ ବର୍ଷା ସୃଷ୍ଟି କରିଥାଏ । ବ୍ୟକ୍ତିଗତ ଚରିତ୍ରର ଶୁଦ୍ଧତାହିଁ ସେପରି ମରୁଦ୍ୟାନକୁ ପୁନର୍ଜୀବନ ଦେଇ ପାରିବ ।

ଜୀବନର ସମସ୍ତ କ୍ଷେତ୍ରରେ ଏପରିକି ବାଣିଜ୍ୟ ଓ ଉତ୍ପାଦନ କ୍ଷେତ୍ରରେ କର୍ମଠ ହେବାପାଇଁ ଓ ସାଧୁତା ପ୍ରଦର୍ଶନ କରାଯିବା ପାଇଁ ଭାରତବାସୀ କେବେ ଜାଗ୍ରତ ହେବେ ? ଜାତୀୟ ଜୀବନ ଓ ବ୍ୟକ୍ତିଜୀବନର ତୋରଣରେ ଚରିତ୍ର ହେଉଛି ମଧ୍ୟବର୍ତ୍ତୀ ପ୍ରସ୍ତରଖଣ୍ଡ ସଦୃଶ । କାର୍ଯ୍ୟ କ୍ଷେତ୍ରରେ ଦକ୍ଷତା, ସତ୍ୟବାଦିତା ଓ ମନର ନିର୍ମଳତା ଦ୍ୱାରାହିଁ ଚରିତ୍ର ଗଠିତ ହୋଇଥାଏ । ରାଜନୀତି, ଅର୍ଥନୀତି, ପ୍ରଶାସନ, ଶିକ୍ଷା, ସ୍ୱାସ୍ଥ୍ୟ, ଶରୀର ରକ୍ଷା ଓ ଅନ୍ୟାନ୍ୟ କ୍ଷେତ୍ରରେ ବ୍ୟକ୍ତିଗତ ଜୀବନର ଚାରିତ୍ରିକ ଶୁଦ୍ଧତା ଆବଶ୍ୟକ । ରାଷ୍ଟ୍ରର ଗଠନ ବା ପତନ ବ୍ୟକ୍ତିସମୂହଙ୍କ ଦ୍ୱାରା ସଂଘଟିତ ହୋଇଥାଏ । ଏବେ ଆମର ନରନାରୀମାନେ ଉତ୍ତମ ଚରିତ୍ରର ଅଧିକାରୀ

ଥିଲେ । ଇତି ମଧ୍ୟରେ କିଛି ଗୋଟାଏ ଅଘଟଣ ଘଟିଛି । ଆମମାନଙ୍କ ଚରିତ୍ରକୁ ଯାହା ନଷ୍ଟ କରିଦେଇଛି, ତାହା ଅନୁଧ୍ୟାନ କରି ଜାଣିବା ସମ୍ଭବପର ହେଲେ ହେଁ ସମୟସାପେକ୍ଷ । ଯଦି ଆମେ ଆମର ଉତ୍ତମ ଚରିତ୍ରକୁ ଖୁବ୍ ଶୀଘ୍ର ପୁନଃ ପ୍ରତିଷ୍ଠିତ କରିପାରିବା ତେବେ ଯାଇ ରାଜନୈତିକ, ପ୍ରଶାସନିକ ଓ ଅର୍ଥନୈତିକ ଅବସ୍ଥା ସଂପର୍କୀୟ ସମସ୍ୟାସବୁ ସୁଧୁରି ଯାଇ ପାରିବ । ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ଆମେମାନେ ଖ୍ରୀଷ୍ଟିୟାନ, ହିନ୍ଦୁ, ମୁସଲମାନ ବା ପାର୍ଶୀ ହେଉ କିମ୍ବା ଅନ୍ୟ ଯାହା କିଛି ହେଉନା କାହିଁକି ଅଥବା ହିନ୍ଦୁମାନଙ୍କ ମଧ୍ୟରେ ଯେ କୌଣସି ସଂପ୍ରଦାୟଭୁକ୍ତ ହେଉ ପଛକେ ଉତ୍ତମ ଚରିତ୍ର ଗଠନ ଓ କଠୋର ପରିଶ୍ରମ ନିମନ୍ତେ ଶ୍ରଦ୍ଧା ସମସ୍ତଙ୍କ ଭିତରେ ସମାନଭାବରେ ଥିବା ଆବଶ୍ୟକ ।

ଆମର ଚତୁର୍ଦ୍ଦିଗରେ ବର୍ତ୍ତମାନ ଯେଉଁ ପରିସ୍ଥିତି ଏବଂ ତାହା ଯେଉଁ ଆକାର ଧରିବାକୁ ଯାଉଛି, ସେ ବିଷୟରେ ଭାବିଲେ ନୈରାଶ୍ୟବାଦୀ ହେବା ସ୍ୱାଭାବିକ୍, କିନ୍ତୁ ଏହି ନୈରାଶ୍ୟକୁ ଅତିକ୍ରମ କରିବାପାଇଁ ପଡ଼ିବ । ଆଶାବାଦୀ ହେବା ଆମର କର୍ତ୍ତବ୍ୟ । ଯଦି ଈଶ୍ୱରଙ୍କ ଆମ ଉପରେ କୃପାଦୃଷ୍ଟି ହୁଏ ତେବେ ଆମର ଆଶାବାଦ ଯଥାର୍ଥ ଓ ଫଳପ୍ରସୂ ହୋଇପାରିବ । ରାଜନୀତି, ଅର୍ଥନୀତି, ପ୍ରଶାସନ ଓ ଅନ୍ୟାନ୍ୟ କ୍ଷେତ୍ରକୁ ଯେଉଁ ତୋରଣ ଗଠିତ, ଶାରୀରିକ ଓ ମାନସିକ ସ୍ତରରେ କଠୋର ପରିଶ୍ରମ ଓ ସାଧୁତା ସେହି ତୋରଣର ସଂଯୋଗ ପ୍ରସ୍ତର ଭାବରେ କାର୍ଯ୍ୟ କରିବ ।

ଏହି ପରିବର୍ତ୍ତନର ପ୍ରାକ୍‌କାଳରେ ବିପଥରୁ ସୁପଥକୁ, ଆଳସ୍ୟରୁ କର୍ମଠତା ଆଡ଼କୁ ଗତି କଲାବେଳେ ବ୍ୟକ୍ତିକ ତ୍ୟାଗ ଅନିବାର୍ଯ୍ୟ । ମନେହେବ ଯେପରି ଆମେ ଏକ ତୀକ୍ଷ୍ଣ ଉଠାଣିଆ ରାସ୍ତାରେ ଚାଲିବାକୁ ଚେଷ୍ଟା କରୁଛୁ । କିନ୍ତୁ ଖୁବ୍ ଶୀଘ୍ର ଆମମାନଙ୍କ ଭିତରେ ଏକ ନୂତନ ଆନନ୍ଦ ଖେଳିଯିବ । ଏହା ଆମରକାର୍ଯ୍ୟକୁ ମଧୁର ଓ ଲଘବ କରିବ ଆଉ ଆମମାନଙ୍କୁ ସନ୍ତୋଷ ପ୍ରଦାନ କରିବ । ଆବହମାନ କାଳରୁ ଆମର ବିଭିନ୍ନ ଧର୍ମର ମୁନିଋଷିଗଣ ଓ ଅନ୍ୟାନ୍ୟ ସାଧୁସନ୍ଥାଦି ଏହି ଆନନ୍ଦ ଉପଲବ୍ଧି କରିବାକୁ ଚେଷ୍ଟା କରିଛନ୍ତି । କିନ୍ତୁ ବର୍ତ୍ତମାନ ଯେତେବେଳେ ଏହି କାର୍ଯ୍ୟ ଅତି ଜଟିଳ ହୋଇ ପଡ଼ିଛି, ଏହି ମୁନିଋଷିଙ୍କର ତଥା ଆଧ୍ୟାତ୍ମିକ ଶକ୍ତିର ଅଭାବ ପରିଲକ୍ଷିତ ହେଉଛି ।

ମନୀଷୀ ଶଙ୍କରାଚାର୍ଯ୍ୟ ଆମକୁ କହିଥିଲେ ଯେ ଆମେମାନେ ହେଉଛୁ ସର୍ବଶକ୍ତିମାନ ଈଶ୍ୱରଙ୍କର ବିଭିନ୍ନ ଅଂଶବିଶେଷ ଓ ଈଶ୍ୱର ଏବଂ ଆମମାନଙ୍କ ମଧ୍ୟରେ କେବଳ ଏକ ମାୟାର ଆବରଣ ରହିଛି । ଏହା ଏଭଳି ଏକ ମହାନ୍ ଓ ଶକ୍ତିଶାଳୀ ଦର୍ଶନ ଯେ ଆମର ନରନାରୀମାନେ ତାହା ଅନୁସରଣ କଲେ ସେମାନଙ୍କର ସ୍ୱାର୍ଥାନ୍ଧତା ଦୂର ହେବ ଓ ସେମାନେ ଶକ୍ତିଶାଳୀ ହୋଇପାରିବେ । କିନ୍ତୁ ଏହି ଦର୍ଶନ ଜୀବନଧାରଣର ମାର୍ଗ ହେବା ପରିବର୍ତ୍ତେ କେବଳ ଏକ ମନନଶୀଳ ତତ୍ତ୍ୱରେ ପରିଣତ ହୋଇଅଛି । ଏହା ମନନଶୀଳ ଅଦ୍ୱୈତରେ ରୂପାନ୍ତରିତ ହେବା ଫଳରେ ସେ ତାହାର ଜୀବନୀ-ଶକ୍ତି ହରାଇ ବସିଛି ; ଦୈନନ୍ଦିନ କର୍ମମୟ ଜୀବନକୁ ଅଦ୍ୱୈତ କିପରି ପ୍ରଭାବିତ କରିଛି ତାହା ଈଶ ଉପନିଷଦର ଦୁଇଟି ମନ୍ତ୍ର ମଧ୍ୟରେ ନିହିତ ।

ଯିଏ ଅନ୍ୟମାନଙ୍କୁ ନିଜ ମଧ୍ୟରେ ଉପଲବ୍ଧି କରିବାକୁ ଚେଷ୍ଟାକରେ ଓ ନିଜକୁ ଅନ୍ୟମାନଙ୍କ ହୃଦୟରେ ଥିବାର ଅନୁଭବ କରିପାରେ ସେହି ବ୍ୟକ୍ତି ହିଁ ଅନିଷ୍ଟ ଚିନ୍ତା ଓ ବିପଥ ଗମନରୁ ନିଜକୁ ନିବୃତ୍ତ କରିପାରେ । ଏହିପରି ଅଭ୍ୟାସ ଫଳରେ ସେ ଯେତେବେଳେ ଜୀବ ଜଗତ ସହିତ ନିଜର ଆତ୍ମିକ ସଂପର୍କ ସ୍ଥାପନ କରିପାରେ ସେତେବେଳେ ତାର ସମସ୍ତ ପ୍ରକାର ମାୟା ଓ ଦୁଃଖ ଅପସାରିତ ହୁଏ । ଯଦି ଏହିଭଳି ଭାବରେ ଆମେମାନେ ବ୍ୟକ୍ତିସଦ୍‌ଭାବକୁ ସମଗ୍ର ଜୀବନ ସତ୍ତା ସହିତ ଏକାତ୍ମ କରିପାରୁ ତେବେ ଆମର ଦୁଃଖସମୂହ ଆପଣା ଛାଏଁ ଦୂରୀଭୂତ ହେବ ।

କେବଳ ଏ ଦେଶରେ ନୁହେଁ, ପୃଥିବୀର ବହୁ ଦେଶରେ ଧର୍ମଗୁରୁମାନେ ଲୋକଙ୍କୁ ଉନ୍ନତିର ମାର୍ଗ ପ୍ରଦର୍ଶନ କରିଛନ୍ତି । ସେମାନେ ଇହୁଦୀ, ଖ୍ରୀଷ୍ଟିଆନ୍ ଏବଂ ମୁସଲମାନ ରୂପେ ବିଦିତ । ସେମାନେ ସମସ୍ତେ ଏହି ଶିକ୍ଷା ପ୍ରଦର୍ଶନ କରିଛନ୍ତି ଯେ ସମଗ୍ର ମାନବଜାତି ଭ୍ରାତୃ ବନ୍ଧନରେ ଆବଦ୍ଧ ଓ ଈଶ୍ୱର ହେଉଛନ୍ତି ସମସ୍ତଙ୍କର ପିତା । ସେ ନିଜର ସନ୍ତାନମାନଙ୍କଠାରୁ ପ୍ରକୃତ ପ୍ରେମ ଓ ଆନୁଗତ୍ୟ ଲାଭ କରିବାକୁ ସନ୍ତୁଷ୍ଟ । ସେମାନେ କହି ଯାଇଛନ୍ତି ଯେ ଈଶ୍ୱର ମନୁଷ୍ୟମାନଙ୍କ ହୃଦୟରେ ବାସ କରନ୍ତି ଓ ସେମାନଙ୍କୁ ପ୍ରେମ ଓ ସାଧୁତା ସଂପର୍କରେ ଚେତାଇ ଦେଇଥା ନ୍ତି । ସେମାନେ ଏହି ବାଣୀକୁ ବିଭିନ୍ନ ଭାବରେ ନାମିତ କରିଛନ୍ତି । ଇଂରାଜୀରେ ଏହାକୁ ବିବେକ' ତଥା ତାମିଲ୍, କନ୍ନଡ଼ ପ୍ରଭୃତି ଅନ୍ୟାନ୍ୟ ଭାଷାରେ ଏହାକୁ 'ମାନସ ଆଖି' ବୋଲି କୁହା ଯାଇଛି । ଏହି ବାଣୀକୁ ଶୁଣି ତା' ନିକଟରେ ଶରଣାପନ୍ନ ହେବାକୁ ସେମାନେ ସମସ୍ତଙ୍କୁ କହିଯାଇଛନ୍ତି । ସେମାନେ କର୍ମର ପ୍ରକୃତ ମାର୍ଗ ସମ୍ବନ୍ଧରେ ଶିକ୍ଷା ଦେଇ ଯାଇଛନ୍ତି ।

'ଗୀତା' ଭଗବାନଙ୍କ ସ୍ୱମୁଖରେ ଏହି ଶିକ୍ଷା ଦେଇଛି । "ନିଜ ପାଇଁ ଫଳରେ ଆଶା ନ ରଖି ମୋ ନିକଟରେ ସମସ୍ତ କାର୍ଯ୍ୟ ଉତ୍ସର୍ଗ କରି ପୂର୍ଣ୍ଣ ମନଃଯୋଗରେ କାର୍ଯ୍ୟ କରିଯାଅ । ଯେତେବେଳେ କାର୍ଯ୍ୟ କରୁଛ ତୁମ ମନ ମଧ୍ୟରେ ମୋର ସତ୍ତା ଉପଲବ୍ଧି କର । ମୋର କୃପା ବଳରୁ ତୁମେ ସକଳ ବାଧା ଓ ବନ୍ଧନକୁ ଅତିକ୍ରମ କରି ପାରିବ ।"

ଅନୁବାଦ–ପ୍ରଫୁଲ୍ଲକଲ୍ୟାଣ ମହାପାତ୍ର
ଗୋପୀନାଥ ପ୍ରେସ, ପୋ–ଭଦ୍ରକ, ଜି–ବାଲେଶ୍ୱର
୭୫୬୧୦୦

# ବେକାରୀ ସମସ୍ୟା ଓ ଯୁବଶକ୍ତି

ଶ୍ରୀ ନରଞ୍ଜନ ପଣ୍ଡା

ଆଜି ସମଗ୍ର ଦେଶରେ ବେକାରୀ ଏକ ବିରାଟ ସମସ୍ୟା ରୂପେ ଯୁବସମାଜ ଆଗରେ ଦଣ୍ଡାୟମାନ । କାମ ଖୋଜିଲାବାଲାଙ୍କ ସଂଖ୍ୟା ଶତକଡ଼ା ୧୪ ଭାଗ ହୋଇଥିବା ସ୍ଥଳେ ଖାଲିଥିବା କାମ ସଂଖ୍ୟା ମାତ୍ର ଶତକଡ଼ା ୨·୫ ଭାଗ । ବେକାରୀ ସଂଖ୍ୟା ବର୍ତ୍ତମାନ ଦେଶରେ ୧୭୦ ଲକ୍ଷ । ପୁନରାୟ ପ୍ରତ୍ୟହ ୫,୦୦୦ ବେକାର ସଂଖ୍ୟା ଏଥିରେ ମିଶୁଅଛି । ଅପର ପକ୍ଷରେ ଶିକ୍ଷିତ ବେକାର ସଂଖ୍ୟା ଶତକଡ଼ା ୪୨·୮ ଏବଂ ଯୁବସମାଜ ହେଉଛନ୍ତି ଦେଶ ଜନସଂଖ୍ୟାର ଶତକଡ଼ା ୪୫ ଭାଗ ।

ହିସାବରୁ ଜଣାଯାଇଛି ଯେ, ଦେଶର ୪୫୩ ଏମ୍ପ୍ଲୟେମେଣ୍ଟ ଏକ୍ସଚେଞ୍ଜରେ ୧୯୭୧ ମସିହାରେ କର୍ମ ନିଯୁକ୍ତି ନିମିତ୍ତ ମୋଟ ୨୨·୯୬ ଲକ୍ଷ ରେଜିଷ୍ଟ୍ରେସନ କରିଥିଲେ ଏବଂ ୧୯୭୨ ମସିହାରେ ଏହା ୩୨·୭୯ ଲକ୍ଷକୁ ବୃଦ୍ଧି ପାଇଥିଲା । ସେମାନଙ୍କ ମଧ୍ୟରୁ ୧୪,୦୦୦ ଥିଲେ କୃଷି ଗ୍ରାଜୁଏଟ୍, ୬୩,୦୦୦ ଇଂଜିନିୟର, ୧୨,୦୦୦ ଡ଼ାକ୍ତର ଇତ୍ୟାଦି । ୧୯୫୧ ମସିହାରେ ଦେଶରେ ୧୫ ରୁ ୩୪ ବର୍ଷ ବୟସ ଲୋକଙ୍କ ସଂଖ୍ୟା ୧୨୨·୮ ନିୟୁତ ଥିଲା, ୧୯୬୧ ମସିହାରେ ୧୪୫·୫ ନିୟୁତ ଏବଂ ୧୯୭୧ରେ ଏହା ବୃଦ୍ଧିପାଇ ୧୭୦ ନିୟୁତରେ ପହଞ୍ଚିଥିଲା । ପୁନଶ୍ଚ ତୁଳନାତ୍ମକଭାବେ ବିଚାର କଲେ ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ ଯୁବସେବା ନିମିତ୍ତ ୧·୦୫ କୋଟି, ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ୫·୬୭ କୋଟି ଏବଂ ତୃତୀୟ ଓ ଚତୁର୍ଥ ପଞ୍ଚବାର୍ଷିକ ଯୋଜନାରେ ଯଥାକ୍ରମେ ୬·୩୮ କୋଟି ଓ ୪·୫ କୋଟି ଟଙ୍କା କେବଳ ଖର୍ଚ୍ଚ କରାଯାଇଥିଲା ।

ଉପରୋକ୍ତ ସୂଚନାଗୁଡ଼ିକରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ଯୁବସମାଜ ଆଜି ଜାତୀୟ ଭିତ୍ତିରେ ସମସ୍ତ ସୁବିଧାସୁଯୋଗ ହରାଇ ବସିଛି । ଦେଶ ଓ ଜାତିର ଗଠନମୂଳକ କାର୍ଯ୍ୟକ୍ରମକୁ ପଛକରି ସେମାନେ ଠିଆ ହୋଇଛନ୍ତି । ଏପରିକି ବହୁ ଯୁବକ ଯୁବତୀ ଆପଣା ଘରେ ଚୁପ୍ ହୋଇ ବସି ରହିଛନ୍ତି ଅଥବା ଦ୍ୱାର ଦ୍ୱାର ଅଯଥାରେ ଘୁରି ବୁଲୁଛନ୍ତି।ସଂବିଧାନରେ ବ୍ୟବସ୍ଥା ଅଛି, ଦେଶ ସମସ୍ତଙ୍କୁ କାମ ଯୋଗାଇବା ଲାଗି ଦାୟୀ । କିନ୍ତୁ ବେକାରୀ ସମସ୍ୟା ପରିପ୍ରେକ୍ଷୀରେ ଯାହା ଜଣାପଡ଼େ ସବୁକିଛି ଯେପରି ଓଲଟ ପାଲଟ ହୋଇଯାଉଛି—ସବୁକିଛି ଯେପରି କାଗଜ କଲମରେ ଲେଖାହୋଇ ରହିଯାଉଛି । ସରକାର ଅବଶ୍ୟ ବାର୍ଷିକ ୫ ଲକ୍ଷ ଚାକିରୀ ଯୋଗାଉଛନ୍ତି, ତୁଳନାତ୍ମକ ଭାବେ ବେକାରୀ ସମସ୍ୟା ନିକଟରେ ଏହା ଅତି ନ୍ୟୁନ । ବେକାରୀ ଯୁବଶକ୍ତିକୁ ଗ୍ରାସ କରିବାରେ ଲାଗିଛି । ଆଜି ଦେଶର ଶିକ୍ଷା ଓ କର୍ମସଂସ୍ଥାନ ସମସ୍ୟା ଠିକ୍ ବିପରୀତମୁଖୀ ।

ଯୁବସମାଜ ସେ ଧରଣର ଶିକ୍ଷା ଦରକାର କରୁଛି, ଯାହାଦ୍ୱାରା କି ସେମାନେ ଦେଶର ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ଆଣିପାରିବେ । କୌଣସି ରାଷ୍ଟ୍ର ଯୁବଶକ୍ତିକୁ ବାଦ୍ ଦେଇ ଅଗ୍ରଗତି ପଥରେ ଇଞ୍ଚେ ମଧ୍ୟ ଆଗକୁ ପାଦ ବଢ଼ାଇ ନାହିଁ । ଏବେ ଦେଶର ୩୬,୦୦୦ କଲେଜର ୨୪,୦୦୦,୦୦୦ ଯୁବକ ଯୁବତୀଙ୍କୁ ବିପ୍ଳବାତ୍ମକ ଉପାୟରେ ଓ ଜାତୀୟ ଆବଶ୍ୟକତା ଦୃଷ୍ଟେ ସଂଗଠିତ କରାଯାଇ ପାରିବ, ତେବେ ଜନସଂଖ୍ୟା, ବେକାରୀ, ଦୁର୍ନୀତି, ଆର୍ଥିକ ଅନଗ୍ରସରତା ଓ ଖାଦ୍ୟହୀନତା ପ୍ରଭୃତି ଦେଶର ମୁଖ୍ୟ ସମସ୍ୟାଗୁଡ଼ିକ ସହଜରେ ସମାଧାନ ହୋଇପାରିବ ।

ଦୀର୍ଘ ୩୦ ବର୍ଷ ଧରି ୧୬ଟି ବିଶ୍ୱବିଦ୍ୟାଳୟରୁ ଆଜି ୧୦୪ ଟିରେ ଆସି ପହଞ୍ଚିଲାଣି । ସ୍ୱାଧୀନତା ପୂର୍ବରୁ ଯେଉଁମାନେ ଧନୀ ଥିଲେ, ଯେଉଁମାନଙ୍କ ପାଖରେ ବେଶି ଅର୍ଥ ଓ ସଂପତ୍ତି ଥିଲା, ସେମାନେ ପାଠପଢ଼ି ଗାଁ ଗହଳିରେ ବେଶି ପାଠୁଆ ବୋଲି ପରିଚୟ ଦେଉଥିଲେ ଏବଂ ଅନ୍ୟ କେତେକ ଇଂଜିନିୟର, ଡ଼ାକ୍ତର ଓ ଓକିଲ ହେଉଥିଲେ । କେହି କେହି ମଧ୍ୟ ଅଧିକ ପାଠପଢ଼ି ସରକାରୀ କିମ୍ବା ପ୍ରାଇଭେଟ୍ କଂପାନୀରେ ବଡ଼ ଚାକିରୀ ପାଉଥିଲେ । ବର୍ତ୍ତମାନ ସେ ଅବସ୍ଥାର ବହୁ ପରିବର୍ତ୍ତନ ହେଲାଣି । ଆଜିର କଲେଜରେ ଯେଉଁମାନେ ପାଠ ପଢ଼ୁଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ଶ୍ରମିକ ଶ୍ରେଣୀର ଯୁଅଝିଅ । ଏମାନେ ନିଜ ନିଜର ପରଂପରାଗତ

ଓ ବଂଶାନୁକ୍ରମିକ ଅଭ୍ୟାସକୁ ଭୁଲିଯାଇ କେବଳ ଗ୍ରାଜୁଏଟ୍‌ଟିଏ ହେବେ ବୋଲି ବିଶେଷ ଉତ୍ସୁକ । ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଯୁବକ ଯୁବତୀମାନେ ପାରିବାରିକ କୌଶଳ ଓ ଦକ୍ଷତାଠାରୁ ନିଜକୁ ବହୁଦୂରରେ ରଖିବାକୁ ଚେଷ୍ଟା କରୁଛନ୍ତି । ଆଜି ବଢ଼େଇ ଘରର ପୁଅ ପାଠପଢ଼ି ସାରିଲାପରେ ବଢ଼େଇ କାର୍ଯ୍ୟରେ ନିଜକୁ ନିୟୋଜିତ କରିବାକୁ କୁଣ୍ଠାବୋଧ କରୁଛି, କମାର ଘର ପୁଅ ଇଂଜିନିୟରିଂ ଡ଼ିଗ୍ରୀ ପାଇଲା ପରେ ତାର ପରଂପରାଗତ ବ୍ୟବସାୟକୁ କିପରି ଆହୁରି ବଢ଼ାଇବ ସେଥିପ୍ରତି ମୋଟେ ନଜର ଦେଉନାହିଁ । ବିଶେଷ ଦୁଃଖର ବିଷୟ ଏହି ଯେ ଆଜିର ଯୁବକ ଅଧିକ ଆଧୁନିକ ଶିକ୍ଷାପାଇ ନିଜ ବଂଶଗତ କାର୍ଯ୍ୟ କୌଶଳକୁ ଅଧିକ ବଢ଼ାଇବା ପରିବର୍ତ୍ତେ କିପରି କିରାଣିଟିଏ ହେବ ସେଥିଲାଗି ଏ ଅଫିସରୁ ସେ ଅଫିସ ଘୁରି ବୁଲୁଛି କିମ୍ବା କୌଣସି ଅଫିସରେ ଫାଇଲ ଘଷୁ କରୁଛି । ପୃଥିବୀର ଆଜି ପ୍ରତ୍ୟେକ ଆଗୁଆ ବିଦେଶୀ ରାଷ୍ଟ୍ର ତାର ପରଂପରାଗତ ଧନ୍ଦାକୁ ଲକ୍ଷ୍ୟରଖି ଯୁବସମାଜକୁ ଉଚ୍ଚଶିକ୍ଷା ଦେଉଛି । କିନ୍ତୁ ଆମ ଦେଶର ସଂସ୍କୃତି, ସଭ୍ୟତା ଓ ପରଂପରାଗତ କାର୍ଯ୍ୟଠାରୁ ଶିକ୍ଷା ସଂପୂର୍ଣ୍ଣ ପୃଥକ୍ । ଶ୍ରମିକ ଶ୍ରେଣୀର ଯୁବକ ଯୁବତୀମାନେ ଶିକ୍ଷା କ୍ଷେତ୍ରରୁ ଆସି ଏକ ସାଂଗଠନିକ ସମାଜ ମଧ୍ୟରେ ନିଜକୁ ସାମିଲ୍ କରି ପାରୁନାହାନ୍ତି । ସେମାନେ କୌଣସି କାର୍ଯ୍ୟରେ ନିୟୋଜିତ ନ ହୋଇ କେବଳ ପୁସ୍ତକଲିଖିତ ପାଠରେ ନିଜ ମସ୍ତିଷ୍କକୁ ଭାରାକ୍ରାନ୍ତ କରାଉଛନ୍ତି ଯାହା ଫଳରେ କି ସେମାନେ ଲକ୍ଷ୍ୟହୀନ, ବେକାରୀ ଓ ବିପଥଗାମୀ । ପରୋକ୍ଷରେ କହିବାକୁ ଗଲେ ଏହି ଲକ୍ଷ ଲକ୍ଷ ଯୁବକଯୁବତୀଙ୍କ ଉପଯୁକ୍ତ ଦିଗ୍‌ଦର୍ଶନ ଅଭାବରୁ ଆନ୍ତର୍ଜାତିକ ଶିଳ୍ପ,ବାଣିଜ୍ୟ,ବ୍ୟବସାୟ କ୍ଷେତ୍ରରେ କ୍ଷେତ୍ରରେ ଆମ ଦେଶ ବହୁ ପଛରେ ପଡ଼ିଛି ଏବଂ ଦେଶରେ ବହୁ କୁଶଳୀ କାରିଗରଙ୍କ ଅଭାବ ପରିଲକ୍ଷିତ ହେଉଛି । ତେଣୁ ଦେଶର ପରଂପରାକୁ ଭିତ୍ତିକରି ଆବଶ୍ୟକୀୟ ଆଧୁନିକ ବିଜ୍ଞାନସମ୍ମତ ଉପାୟରେ ଲକ୍ଷ ଲକ୍ଷ ଯୁବକ ଯୁବତୀଙ୍କୁ କିପରି ତାଲିମ ଦେବା ଜରୁରୀ ହୋଇ ପଡ଼ିଛି, ତାହା ପ୍ରତ୍ୟେକଙ୍କ ଚିନ୍ତାର ବିଷୟ ।

ଯୁବ ସଂପ୍ରଦାୟ ଆଜି କହନ୍ତି—"We are in the struggle only to the extent that we are not consulted."। ଏହା ସତ୍ୟ ଯେ ଯୁବକ ଯୁବତୀମାନେ ବହୁବାର ବହୁ କ୍ଷେତ୍ରରେ ଅବହେଳିତ । ସେମାନଙ୍କ ଉଚିତ ଦାବୀ, ଅଧିକାର ଓ ଇଚ୍ଛାକୁ ପେଣ୍ଡୁଭଳି ଫିଙ୍ଗି ଦିଆଯାଉଛି । ସେମାନଙ୍କୁ ବିଶ୍ୱାସର ପରିଧି ଭିତରକୁ ଅଣାଯାଉ ନାହିଁ, ବିଭିନ୍ନ କ୍ଷେତ୍ରରେ ସହଯୋଗ ପାଇଁ ଡ଼ାକରା ଦିଆଯାଉନାହିଁ କିମ୍ବା ନୂତନ ଆଶା ଓ ଉତ୍ସାହର ଅଙ୍କୁର ସେମାନଙ୍କ ମନରେ ଉଦ୍‌ଗମ କରାଯାଉ ନାହିଁ । ତେଣୁ ଯୁବସଂପ୍ରଦାୟ ଦେଶର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ବିପ୍ଳବଗୁଡ଼ିକୁ ଅଧାପନ୍ତରିଆ ଭାବରେ ଛାଡ଼ିଦେଇ ଯାଉଛନ୍ତି । ସେମାନେ ବାରମ୍ବାର ଘୋଷଣା କରୁଛନ୍ତି—we are not dissidents. It is not we, who go looking for fights.

ଉପରୋକ୍ତ ଦୃଷ୍ଟାନ୍ତରୁ ସ୍ପଷ୍ଟ ସୂଚନା ମିଳେ ଯେ ଯୁବସମାଜ ନିଶ୍ଚୟ ସେମାନଙ୍କ ଅପରିମିତ ଶକ୍ତି କୁ ଦେଶର ଗଠନମୂଳକ କାର୍ଯ୍ୟରେ ନିୟୋଜିତ କରିପାରିବେ ଯଦି କୌଣସି ଦିଗରୁ ସେମାନଙ୍କୁ ଠିକ୍ ଦିଗ୍‌ଦର୍ଶନ ଓ ସାହାଯ୍ୟ ମିଳେ । ଏଥିନିମିତ୍ତ ପ୍ରକୃତ ନେତୃତ୍ୱ ଲୋଡ଼ା । ସଚ୍ଚା ନେତୃତ୍ୱ ଦେବାକୁ ହେଲେ ଖୋଲାଖୋଲି ମତ ଦେବାକୁ ହେବ ଏବଂ ବିବେକପୂର୍ଣ୍ଣ କାର୍ଯ୍ୟ କରିବାକୁ ହେବ ଯାହାଦ୍ୱାରା କି ଯୁବସମାଜର ବିଶ୍ୱାସକୁ ସହଜରେ ଜୟଲାଭ କରାଯାଇ ପାରିବ । ନେତୃତ୍ୱ ଦେବା ବ୍ୟକ୍ତିର ଏକତା ମନୋଭାବ, ଦୃଢ଼ତା, ଉତ୍ସର୍ଗୀକୃତ ପ୍ରାଣ, କଠିନ ପରିଶ୍ରମ, ସାଧୁତା ପରନ୍ତୁ ଶୃଂଖଳା ଜ୍ଞାନ ଯଥେଷ୍ଟ ଥିବା ଆବଶ୍ୟକ । ସମାଜ ମଧ୍ୟରୁ ନେତୃତ୍ୱ ଦେବା ନିମନ୍ତେ ଏହିଭଳି ସଚ୍ଚା ଲୋକଙ୍କ ଆବଶ୍ୟକତା ଆଜି ବିଶେଷ ଜରୁରୀ ହୋଇ ପଡ଼ିଛି ।


ଉପଯୁକ୍ତ ନିର୍ଦ୍ଦେଶନା ଫଳରେ ଯୁବଶକ୍ତି ଉଜ୍ଜୀବିତ ହୋଇ ପାରନ୍ତା-ପୃଥିବୀର ସର୍ବାପେକ୍ଷା ବୃହତ୍ ମାନବିକ ସଂପଦର ଉପଯୁକ୍ତ ବିନିଯୋଗ ହୋଇପାରନ୍ତା, କୋଟି କୋଟି ଟଙ୍କା କର୍ମମୂଳକ ଶିକ୍ଷାରେ ଖର୍ଚ୍ଚ କରି ହୁଅନ୍ତା—ସେବାମୂଳକ କର୍ମୀ ଦଳ ଦଳ ହୋଇ କଲେଜ ଓ ବିଶ୍ୱବିଦ୍ୟାଳୟମାନଙ୍କରୁ ଦେଶର ଗଠନମୂଳକ କାର୍ଯ୍ୟରେ ଆଗଭର ହୋଇ ଆସନ୍ତେ । ଏଠାରେ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ଉଦାହରଣ ଦର୍ଶାଇବା ଉଚିତ ହେବ । କଲେଜଗୁଡ଼ିକ ଯଦି ଡ୍ୟାମ୍ ଅଞ୍ଚଳରେ ଅବସ୍ଥାପିତ ହୁଅନ୍ତା, ତେବେ ଶ୍ରମିକ ବାବଦ ବହୁଖର୍ଚ୍ଚ ଲାଘବ ହୋଇପାରନ୍ତା । 'ବାକରା' ଡ୍ୟାମ୍‌ରେ ଅପରିମିତ ଯୁବଶକ୍ତିକୁ ନିୟୋଜିତ କରାଯାଇ ପାରନ୍ତା । ଜର୍ମାନ, ସ୍ୱିଡ଼େନ୍, ବ୍ରିଟେନ୍ ଓ ଫ୍ରାନ୍ସ ଦେଶମାନଙ୍କରେ ଯେପରି ଯୁବସମାଜ ଜାତୀୟ ପୁନର୍ଗଠନ କାର୍ଯ୍ୟରେ ତାଲିମ ପାଆନ୍ତି, ଠିକ୍ ସେପରି ଆମ ଦେଶରେ କରାଯାଇ ପାରନ୍ତା । ଚୀନ୍ ଦେଶରେ ମାଓସେତୁଂ ୩୦୦,୦୦୦ ଯୁବକ ଯୁବତୀଙ୍କ ଦ୍ୱାରା ପୃଥିବୀର ସବୁଠୁଁ ବଡ଼ ଡ୍ୟାମ୍ ମାତ୍ର ତିନି ମାସ ମଧ୍ୟରେ ସଂପୂର୍ଣ୍ଣ କରାଇ ପାରିଥିଲେ । ଠିକ୍ ସେହିପରି ଗୋଦାବରୀ, କ'ବେରୀ ଭଳି ନଦୀ ବନ୍ଧ ଯୋଜନା ଯୁବସମାଜ ଦ୍ୱାରା ସମାପନ କରାଯାଇ ପାରନ୍ତା । ଚୀନର ସାଂସ୍କୃତିକ ବିପ୍ଳବରେ ଯେପରି ଯୁବ ଶ୍ରମିକ ଓ କୃଷକ ପ୍ରଧାନ ଅଂଶ ଗ୍ରହଣ କରିଥିଲେ, ଠିକ୍ ସେପରି ଆମ ଦେଶର ମୁଖ୍ୟ ସମସ୍ୟାଗୁଡ଼ିକ ସମାଧାନ ଦିଗରେ ଯୁବଶକ୍ତିକୁ ବିନିଯୋଗ କରିହୁଅନ୍ତା । ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ମାନଙ୍କରେ ଫାର୍ମ କିମ୍ବା ଫ୍ୟାକ୍‌ଟ୍ରି ବସାଯାଇ ଶିକ୍ଷା ଦେବା ସଙ୍ଗେ ସଙ୍ଗେ ଶାରୀରିକ ପରିଶ୍ରମ ବଳରେ ଉତ୍ପାଦନ ବୃଦ୍ଧି ହୋଇପାରନ୍ତା । ଅବକାଶମାନଙ୍କରେ ଯୁବଗୋଷ୍ଠୀ ବିଭିନ୍ନ ସେବାମୂଳକ କାର୍ଯ୍ୟ କରିପାରନ୍ତେ । ୧୯୬୨-୬୩ ମସିହାର ବିହାର ବନ୍ୟା ଏବଂ ୧୯୭୧ ମସିହାର ବଙ୍ଗଳାଦେଶ ରିଫ୍ୟୁଜି ସେବା ଗୋଟିଏ ଗୋଟିଏ ଉଲ୍ଲେଖନୀୟ ଦୃଷ୍ଟାନ୍ତ । ସେମାନେ ସେଠାରେ ଏକାଠି ରହି କାମକରି କାମରୁ ମିଳୁଥିବା ସନ୍ତୋଷ ଲାଭ କରିପାରନ୍ତେ ।

ଶିକ୍ଷିତ ଓ ଅଶିକ୍ଷିତ ଯୁବକ ଯୁବତୀଙ୍କ କର୍ମସଂସ୍ଥାନ ଲାଗି କେତେକ ଯୋଜନା କାର୍ଯ୍ୟକାରୀ ହେବା ଉଚିତ । ସରକାର, ସମାଜର ଦାୟିତ୍ୱ ସଂପନ୍ନ ବ୍ୟକ୍ତି ତଥା ନେତାମାନେ ଏଥିରେ ମୁଖ୍ୟ ଅଂଶ ଗ୍ରହଣ କରିବା ବିଧେୟ । ସହର ଚଳି

ଗାଁମାନଙ୍କରେ କେତେକ ଆତ୍ମନିର୍ଭରଶୀଳ ସଂସ୍ଥା ଗଢ଼ାଯିବା ଦରକାର, ଯେଉଁଠିକି ଯାତାୟତ ସୁବିଧା ଥିବା ନିତାନ୍ତ ଆବଶ୍ୟକ । ସେଠାରେ କ୍ଷୁଦ୍ର ଶିଳ୍ପ ସଂସ୍ଥାଗୁଡ଼ିକ ଗଢ଼ାଯିବ ଏବଂ ଏହାର ଗୃହ ନିର୍ମାଣ ଓ ରାସ୍ତା ନିର୍ମାଣ କାର୍ଯ୍ୟ ସମୂହ ସହର ଓ ମଫସଲ ଯୁବକଯୁବତୀଙ୍କ ଦ୍ୱାରା ସମାପ୍ତ ହେବା ଉଚିତ । ଏକା ଧାରରେ ପରସ୍ପର ଆତ୍ମନିର୍ଭରଶୀଳ ସଂସ୍ଥା ଯଥା—ସିଲେଇ ଦୋକାନ, ଲଣ୍ଡ୍ରି, ସେଲୁନ୍, ତେଜରାତି ଓ ମନୋହରୀ ଦୋକାନ, ଘ ଜଳଖିଆ ଦୋକାନ ଓ ହୋଟେଲ, ରେଡ଼ିଓ, ଘଣ୍ଟା ଓ ସାଇକେଲ ମରାମତି ଦୋକାନ ଏବଂ କୁକୁଡ଼ା ଓ ଗୋପାଳନ କେନ୍ଦ୍ର ପ୍ରଭୃତି ପ୍ରତିଷ୍ଠାନ ହେବା ଦରକାର । ଏଗୁଡ଼ିକ ବେକାର ଯୁବକ ଯୁବତୀଙ୍କ ଦ୍ୱାରା ପରିଚାଳିତ ହେବା ଉଚିତ । ସରକାର କିମ୍ବା ସାମାଜିକ ସେବାକାରୀ ସଂସ୍ଥାଗୁଡ଼ିକ ସେମାନଙ୍କୁ ମୂଳଧନ ଯୋଗାଇବା ଦରକାର । ଏତଦ୍ ବ୍ୟତୀତ ରେଳ ଷ୍ଟେସନ୍‌ର ବହି ଓ ମାଗାଜିନ୍ ଷ୍ଟଲରେ ଦିନକୁ ଟ ୫·୦୦ ରୁ ଟ ୧୦·୦୦ ହାରରେ ଏବଂ ଉତ୍ପାଦନମୂଳକ ସଂସ୍ଥାମାନଙ୍କରେ ମାସକୁ ଟ ୧୦୦.୦୦ ରୁ ଟ ୨୦୦.୦୦ ହାରରେ ଦରମା ଦେଇ ବେକାର ଯୁବକ ଯୁବତୀମାନଙ୍କୁ ବିଭିନ୍ନ କର୍ମରେ ନିଯୁକ୍ତି ଦେବା ଇତ୍ୟାଦି ବର୍ତ୍ତମାନ ପରିସ୍ଥିତିରେ ଅତି ଜରୁରୀ ହୋଇ ପଡ଼ିଛି । ଏଥିପାଇଁ ବେସରକାରୀ ସଂସ୍ଥା ଓ ଧନୀ ଶ୍ରେଣୀର ଲୋକେ ସରକାରଙ୍କୁ ସାହାଯ୍ୟ କରିବାପାଇଁ ଆଗେଇ ଆସିବା ଦରକାର ।

ଆଜି ଯୁବ ବେକାରୀ ସମସ୍ୟାର ଆଶୁ ନିରାକରଣ ପାଇଁ ଦେଶ ନୂତନ ନେତୃତ୍ୱ ଆହ୍ୱାନ କରୁଛି । Encyclopaedia of Social Work in India ର ଲେଖକ R. K. Kapur କହନ୍ତି—We need more leaders today who can fire the imagination of youth, who can inspire them to work for country.

ଜନଗଣନା ନିର୍ଦ୍ଦେଶାଳୟ
ତୁଳସୀପୁର
ମହାନଦୀ ରୋଡ
କଟକ-୮



## ବ୍ୟାପକ ଫଳ ବୃକ୍ଷ କାର୍ଯ୍ୟକ୍ରମ

ଚଳିତ ଯୋଜନା କାଳ ମଧ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳ ବିଶେଷତଃ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳମାନଙ୍କରେ ଏକ ବ୍ୟାପକ ଫଳ ବୃକ୍ଷ କାର୍ଯ୍ୟକ୍ରମ ଅନୁଯାୟୀ ୧ ଲକ୍ଷ ୩୮ ହଜାର ଏକର ଜମିରେ ଆମ୍ବ, କମଳା, କାଗେଜି ଲେମ୍ବୁ, ସପୁରୀ ଓ ପିଜୁଳି ଆଦି ଫଳ ବୃକ୍ଷ କରାଯିବ । ଏ ପର୍ଯ୍ୟନ୍ତ ୪୧ ହଜାର ୫୦୫ ଏକର ପତିତ ଜମିରେ ଫଳ ବୃକ୍ଷ କରାଯାଇଛି ।

ଗତ ଜାନୁଆରୀ ମାସ ଶେଷ ସୁଦ୍ଧା ଫୁଲବାଣୀ ଓ ଗଞ୍ଜାମ ଜିଲାରେ ଫଳ ବୃକ୍ଷ ଉନ୍ନୟନ ବାବଦରେ ଯଥାକ୍ରମେ ୮ ଲକ୍ଷ ୫୫ ହଜାର ଓ ୫ ଲକ୍ଷ ଟଙ୍କା ବ୍ୟୟ ହୋଇଛି । ଫୁଲବାଣୀ ଜିଲାରେ ଇନସିଟୁ ପ୍ରଣାଳୀରେ ଆମ୍ବ ବୃକ୍ଷ ପ୍ରସାର ଲାଭ କରୁଛି । ଏଥିପାଇଁ ଆଦିବାସୀ ଚାଷୀମାନଙ୍କୁ ଗଛ ପିଛା ଟ ୨.୮୦ ପଇସା କରି ଆର୍ଥିକ ସାହାଯ୍ୟ ମିଳୁଛି । ଏହି ଜିଲାର ଚକଗିଆ ଗ୍ରାମରେ ୧୬ ହଜାର ଆମ୍ବ ଗଛ ଏବଂ ରାଇକିଆ ଗ୍ରାମରେ ୧୫ ହଜାର ୫୭୫ଟି ଆମ୍ବ ଗଛ ଲଗାଯାଇ ବିସ୍ତୃତ ଆମ୍ବ ଉଦ୍ୟାନମାନ ସୃଷ୍ଟି କରାଯାଇଛି । ସେହିପରି ଜି. ଉଦୟଗିରିର ବିଭିନ୍ନ ଅଞ୍ଚଳରେ ୨ ଲକ୍ଷ ୪୧ ହଜାର ଫଳ ଗଛ ଲଗାଯାଇଛି । ଏହା ଫଳରେ ପ୍ରାୟ ୧ ହଜାର ଆଦିବାସୀ ପରିବାର ଉପକୃତ ହୋଇଛନ୍ତି ।

# ଢିନେ ଗଉରୀ ଗଣେଶ ମୂର୍ତ୍ତି
# ମତେ କରିଥିବୁ ସିନ୍ଦୂର ମୂର୍ତ୍ତି

**ଶ୍ରୀ ନରସିଂହ ନନ୍ଦ**

ଓଡ଼ିଶାରେ ପ୍ରଚଳିତ ପର୍ବ-ପର୍ବାଣି, ବ୍ରତ, ଓଷା ବା ଉପବାସମାନଙ୍କର ଯେଉଁ ସ୍ୱାତନ୍ତ୍ର୍ୟ ଅଛି ସେଗୁଡ଼ିକର ଏବେ ବି ବିଶଦ ଆଲୋଚନା ହୋଇ ପାରିନାହିଁ । ଓଡ଼ିଆ ସଂସ୍କୃତି ଓ ସମାଜର ପ୍ରତିଛବି ଏହିସବୁ ବ୍ରତ ଉପାସ ଏବଂ ପର୍ବ-ପର୍ବାଣିମାନଙ୍କରେ ପ୍ରତିଫଳିତ । କୁମାରୀ କନ୍ୟା ଏବଂ ବିବାହିତା ସ୍ତ୍ରୀମାନଙ୍କପାଇଁ ଏବଂ କେବଳ ନାରୀମାନଙ୍କ ଦ୍ୱାରା ତଥା ସେହିମାନଙ୍କର ପୌରୋହିତ୍ୟରେ ଯେଉଁ ବ୍ରତଗୁଡ଼ିକ ପାଳନ କରାଯାଏ ସେଗୁଡ଼ିକୁ ଓଷା, ଉପାସ କୁହନ୍ତି । ଏହି ଦୃଷ୍ଟିରୁ ସାବିତ୍ରୀ, ଦାଣ୍ଡପହଁରା, କୁଆଁର ପୁନେଇଁ, ଚଇତି ମଙ୍ଗଳବାର, ଦୁତିଆ ଓଷା ପ୍ରଭୃତି ଓଷା ବା ଉପାସ ପର୍ଯ୍ୟାୟଭୁକ୍ତ ଏବଂ ନାରୀ ପୁରୁଷ ନିର୍ବିଶେଷରେ ଦୋଳ, ଦଶହରା ପ୍ରଭୃତି ସାର୍ବଜନୀନ ଉତ୍ସବଗୁଡ଼ିକୁ ପର୍ବ ପର୍ବାଣି କୁହାଯାଇଥାଏ ।

ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ପାଳିତ ହେଉଥିବା ବହୁ ପର୍ବ-ପର୍ବାଣି ଏବଂ ଓଷା ଉପବାସମାନଙ୍କର ବିଭିନ୍ନ ମୂଲ୍ୟବୋଧ ରହିଛି । ଐତିହାସିକ ଦୃଷ୍ଟିକୋଣରୁ ବିଗ୍ଭରକଲେ, ବିଭିନ୍ନ ସମୟରେ ଓଡ଼ିଶାରେ ରାଜତ୍ୱ କରୁଥିବା ରାଜାମାନଙ୍କର ଧର୍ମଭାବ ନେଇ ଶତାବ୍ଦୀ ପରେ ଶତାବ୍ଦୀ ତାନ୍ତ୍ରିକ, ଶୈବ, ବୈଷ୍ଣବ, ସୌର, ଶାକ୍ତ, ଗାଣପତ୍ୟ ଇତ୍ୟାଦି ମତବାଦର ବ୍ରତ ଉତ୍ସବ ଓ ପର୍ବ-ପର୍ବାଣି ପାଳିତ ହୋଇଆସୁଛି । ଓଡ଼ିଶାର ଭୌମ ସମ୍ରାଟମାନଙ୍କ ଅମଳରୁ ଶଂଖ ଚକ୍ର, ଗଦା ପଦ୍ମଧାରୀ ବିଷ୍ଣୁ, ଲକ୍ଷ୍ମୀ-ନାରାୟଣ, ଶିବପାର୍ବତୀ, ଶିବଲିଙ୍ଗ, ସପ୍ତମାତୃକା, ଚଉଷଠି ଯୋଗିନୀ, ଚର୍ଚ୍ଚିକା, ଚାମୁଣ୍ଡା, ମହିଷାମର୍ଦ୍ଦିନୀ ଦୁର୍ଗା, ନବଗ୍ରହ, ନାଗନାଗୁଣୀ ଆଦିଙ୍କ ପୂଜା ଅର୍ଚ୍ଚନା, ସୋମବଂଶୀ ରାଜାମାନଙ୍କ ଶିଳାଲେଖ ପ୍ରମାଣରୁ ବାର ତିଥି ନକ୍ଷତ୍ର ନେଇ ପର୍ବମାନଙ୍କ ପ୍ରଚଳନ ବିଭିନ୍ନ ତାମ୍ରଲେଖମାନଙ୍କରୁ ସଂକ୍ରାନ୍ତି, ପୂର୍ଣ୍ଣିମା, ଅମାବାସ୍ୟାର ପ୍ରାଧାନ୍ୟ ନେଇ ପର୍ବ ଇତ୍ୟାଦି ପ୍ରଚଳନର ପ୍ରମାଣ ମିଳେ ।

ସଂସ୍କୃତ ପୁରାଣମାନଙ୍କରେ ବହୁ ବ୍ରତ ଉପବାସର ବିଧିବିଧାନ ଅଛି । ମାତ୍ର ଅଞ୍ଚଳ ଭେଦରେ ତନ୍ମଧ୍ୟରୁ କେତେକ ସ୍ଥାନୀୟ ଚଳଣୀ, ପରିବେଶ, ରୁଚି ଅନୁକ୍ରମେ ପାଳିତ ହୋଇଆସୁଛି । ଚିତ୍ତର ବିଶୁଦ୍ଧି, ଅଲୁବ୍ଧତା ସର୍ବଭୂତ ହିତକାମନା ଓ ସୁସ୍ୱାସ୍ଥ୍ୟ ସହିତ ନିର୍ମଳ ଆନନ୍ଦ ଉପଭୋଗ କରିବା ହେଉଛି ବ୍ରତ ଉତ୍ସବ ଓ ପର୍ବ-ପର୍ବାଣି ମାନଙ୍କର ଲକ୍ଷ୍ୟ । ଏକ ବିଶୁଦ୍ଧ ଜୀବନ ଯାପନ ଲକ୍ଷ୍ୟରେ ପ୍ରଚଳିତ ବ୍ରତ ବିଧି ସଂପର୍କରେ କୁହାଯାଇଛି ।

"ଉପାବୃତ୍ତସ୍ୟ ପାପେଭ୍ୟୋ ଯସ୍ତୁ ବାସୋଗୁଣୈଃ ସହ
ଉପବାସଃ ସ ବିଜ୍ଞେୟଃ ସର୍ବଭୋଗ ବିବର୍ଜିତଃ ।

ଅର୍ଥାତ୍ ସର୍ବଭୋଗ ବର୍ଜିତ, ପାପରୁ ନିବୃତ୍ତ ଓ ଦୟା, କ୍ଷାନ୍ତି, ଧୈର୍ଯ୍ୟ ଆଦି ଗୁଣଯୁକ୍ତ ହୋଇ ଅବସ୍ଥାନ କରିବା ହିଁ ଉପବାସର ଲକ୍ଷଣ । ପର୍ବ ପର୍ବାଣିମାନଙ୍କରେ ଉପବାସୀ ସ୍ତ୍ରୀ ପୁରୁଷମାନେ ସାଂସାରିକ ଜଂଜାଳ ମଧ୍ୟରୁ ନିବୃତ୍ତ ହୋଇ ଆଧ୍ୟାତ୍ମିକ ଚିନ୍ତନ, ମନନ ଓ ଉପାସନା ମାଧ୍ୟମରେ ଉତ୍ତିଷ୍ଠ ନିମନ୍ତେ ଯେଉଁ ଅବକାଶ ଏଇ ବ୍ରତ ଉତ୍ସବ ଓ ପର୍ବ-ପର୍ବାଣି ମାଧ୍ୟମରେ ପାଇଥାନ୍ତି ତଦ୍ୱାରା ସେମାନଙ୍କର ଆତ୍ମିକ ବିକାଶ ହୋଇଥାଏ । ତେଣୁ ବହୁ କାଳରୁ ସମାଜରେ ଏସବୁ ବ୍ରତ ଉତ୍ସବ ଓ ପର୍ବ-ପର୍ବାଣି ପ୍ରଚଳନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି; ରହିଛି ଏବଂ ରହିବ ।

ଓଡ଼ିଶାରେ ପୁରୁଷୋତ୍ତମ ଶ୍ରୀ ଜଗନ୍ନାଥଙ୍କୁ ନେଇ ଯେଉଁସବୁ ପର୍ବ-ପର୍ବାଣି ପ୍ରଚଳିତ ତାହା ଏକାନ୍ତ ସ୍ୱତନ୍ତ୍ର ଏବଂ ସେ ସବୁ ଓଡ଼ିଶାର ଜାତୀୟ ପର୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ । ଚନ୍ଦନ ଭଉଁରୀ, ଚନ୍ଦନ ଦ୍ୱାଦଶୀ, ଦେବସ୍ନାନ ପୂର୍ଣ୍ଣିମା, ଗୁଣ୍ଡିଚା, ବାହୁଡ଼ା, ନବାନ୍ନ, ପୁନିଆ, ପ୍ରଥମାଷ୍ଟମୀ, ଅଗ୍ନିଉତ୍ସବ, ଶାମ୍ବ ଦଶମୀ ଇତ୍ୟାଦି ପର୍ବ ଶ୍ରୀ ଜଗନ୍ନାଥ ମନ୍ଦିରର ପୂଜା ପାର୍ବଣ ଅନ୍ତର୍ଗତ ଏବଂ ସମଗ୍ର ଉତ୍କଳବାସୀ ଏହି ପର୍ବ-ପର୍ବାଣିକୁ ବିଶେଷ ସମ୍ମାନ ଦେଇଥାନ୍ତି । ଓଡ଼ିଶାର ପ୍ରସିଦ୍ଧ ଜ୍ୟୋତିର୍ବିଦ

ଶ୍ରୀ ଶତାନନ୍ଦଙ୍କ ଦ୍ୱାରା ରଚିତ "ଶତାନନ୍ଦ ସଂଗ୍ରହ" ଗ୍ରନ୍ଥରେ ବହୁ ଶତାବ୍ଦୀ ଧରି ଓଡ଼ିଶାରେ ସ୍ୱତନ୍ତ୍ର ଭାବେ ପାଳିତ ହୋଇଆସୁଥିବା ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ସପ୍ତପୁରୀ ଅମାବାସ୍ୟା, ବାଲିତୃତୀୟା (ଗୌରୀ ତୃତୀୟା), ଗଣେଶ ଚତୁର୍ଥୀ, ଋଷିପଞ୍ଚମୀ, ଇନ୍ଦ୍ର ପୂର୍ଣ୍ଣିମା, ଅପରାଜିତା ଦଶମୀ, କୌମୁଦୀ ପୂର୍ଣ୍ଣିମା, ପ୍ରଦୀପା ଅମାବାସ୍ୟା, ଶ୍ରୀ ପଞ୍ଚମୀ, ଫାଲ୍‌ଗୁନୀ ପୂର୍ଣ୍ଣିମା, ଶିବପୂଜା ଓ ଅନଙ୍ଗପୂଜା ଆଦି ବହୁ ବ୍ରତ ଉତ୍ସବାଦିର ଉଲ୍ଲେଖ ରହିଛି । ଶ୍ରୀ ଜୟଦେବଙ୍କ ଜନ୍ମସ୍ଥାନ ପ୍ରାଚୀ ନଦୀର ସଙ୍ଗମସ୍ଥଳ ତ୍ରିବେଣୀଠାରେ ମାଘମାସ ଅମାବାସ୍ୟାରେ ଏକ ବୃହତ ଓ ବିରାଟ ଯାତ୍ରା ହୁଏ । ଏହା ଓଡ଼ିଶାର ଏକ ଜାତୀୟ ପର୍ବ । ଶ୍ରୀ ଚୈତନ୍ୟଙ୍କ ପ୍ରଭାବରେ ଓଡ଼ିଶାର ଘରେ ଘରେ ଗାଁ ଗାଁରେ ଭକ୍ତିଭାବ ସମ୍ବଳିତ ପର୍ବ-ପର୍ବାଣି, ଠାକୁର ମିଳନ, ପଞ୍ଚୁଦୋଳ, ଦଶଦୋଳ, ଲଳିତା ସପ୍ତମୀ, ରାଧାଷ୍ଟମୀ ଝୁଲଣ, ଶରତ ରାସ ଓ ବସନ୍ତରାସ, ଭାଗବତ ଜନ୍ମ ଇତ୍ୟାଦିର ପ୍ରଚଳନ ହୋଇଆସୁଛି । ଲକ୍ଷ୍ମୀ ପୂଜା ଓ ବୋଇତ ବନ୍ଦାଣ ଓଡ଼ିଶାର ଅତି ପ୍ରାଚୀନ ପର୍ବ ଓ ଉତ୍ସବ । ଓଡ଼ିଶାରେ ଶ୍ରୀରାମ, ଶ୍ରୀକୃଷ୍ଣ, ଶ୍ରୀ ଜଗନ୍ନାଥଙ୍କର ପର୍ବ ଉତ୍ସବାଦି ତଥା ବହୁ ଧର୍ମ ମତବାଦ ଦ୍ୱାରା ପାଳିତ ଉତ୍ସବମାନ ଅତ୍ୟନ୍ତ ସମାରୋହରେ ଅନୁଷ୍ଠିତ ହୋଇଥାଏ ।

ଓଡ଼ିଶାର ପୂଜା ପାର୍ବଣ ବା ପର୍ବ-ପର୍ବାଣି କହିଲେ ବିଶେଷତଃ 'ଦଶହରା'କୁ ହିଁ ବୁଝାଏ । ଏବେ ଆମ ଓଡ଼ିଶାରେ ଯେଉଁ ପ୍ରକାର ଦଶହରା ପର୍ବ ପାଳନ କରାଯାଉଛି, ତହିଁରେ ବଙ୍ଗୀୟ ପଦ୍ଧତିରେ ପ୍ରଚଳିତ ମୃଣ୍ମୟୀ-ମୂର୍ତ୍ତି ପୂଜା ବିଶେଷ ପ୍ରାଧାନ୍ୟ ଲାଭ କରିଥିଲେ ହେଁ ଓଡ଼ିଶାର ମୌଳିକ ଦଶହରା ପୂଜା ପାର୍ବଣର ସ୍ୱାତନ୍ତ୍ର୍ୟ ରହିଛି ।

ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀ ଦିନଠାରୁ ଓଡ଼ିଶାରେ ଏହି ଦୁର୍ଗାପୂଜା ଉତ୍ସବର ଷୋଳପୂଜା ଆରମ୍ଭ ହୁଏ । ଏହି ଦିନ ଦ୍ୟୁତି ବାମନ ଓଷା ବା ଦୁତିଆ ଓଷା, ଶ୍ରୀ ଜୟନ୍ତୀ ଏହାକୁ ମୂଳାଷ୍ଟମୀ ବୋଲି କୁହାଯାଏ । ଏହି ଦିନ ଶ୍ରୀବିମଳା ମନ୍ଦିରରେ ଷୋଳପୂଜା ଆରମ୍ଭ ହୁଏ । ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରସ୍ଥ ଶକ୍ତିପୀଠ ଶ୍ରୀବିମଳାଙ୍କ ମନ୍ଦିରରୁ ଆରମ୍ଭ ହୋଇ, ଏହି ଷୋଳପୂଜା ଓଡ଼ିଶାର ଅଧିକାଂଶ ଶକ୍ତିପୀଠରେ ପାଳନ କରାଯାଇଥାଏ । ମୂଳାଷ୍ଟମୀ ପୂର୍ବରୁ ଅଶ୍ୱପଞ୍ଚମୀରେ ଅଶ୍ୱପୂଜା, ଗଜ ଷଷ୍ଠୀରେ ଗଜ ପୂଜା କରାଯାଇ ମୂଳାଷ୍ଟମୀ ଦିନ ଶ୍ରୀ ଦୁର୍ଗାଦେବୀଙ୍କର ସହସ୍ର କୁମ୍ଭାଭିଷେକ ବିଧି କରାଯାଏ । ଶ୍ରୀ ଜଗନ୍ନାଥ ମନ୍ଦିରରେ ଦୁର୍ଗାମାଧବ ବିମଳା ମନ୍ଦିରକୁ ବିଜେ କରନ୍ତି । ଏହିଦିନ ଶ୍ରୀ ଜଗନ୍ନାଥ ଲକ୍ଷ୍ମୀ ଦେବୀଙ୍କର କଥାଶୁଣାକୁ ବିଜେ କରନ୍ତି । ଏହି ଦୁତିଆ ଓଷା ବା ମୂଳାଷ୍ଟମୀ ଦିନଠାରୁ ମୃଣ୍ମୟୀ ମୂର୍ତ୍ତିମାନଙ୍କର ମାଟି ଲଗି ହୁଏ ଏବଂ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ ।

ଓଡ଼ିଶାରେ ଏହି ଷୋଡ଼ଶ ଦିନ ବ୍ୟାପି, ଦେବୀଙ୍କର ଯେଉଁ ଷୋଳପୂଜା ଅନୁଷ୍ଠିତ ହୋଇଥାଏ ତାହା ମୁଖ୍ୟତଃ ଓଡ଼ିଶାର ବାଙ୍କି ଚର୍ଚ୍ଚିକା, ବାଣପୁର ଭଗବତୀ, କାକଟପୁର ମଙ୍ଗଳା, ଝଙ୍କଡ଼ ଶାରଳା, ଯାଜପୁର ବିରଜା, ସମ୍ବଲପୁର ସମଲାଇ, ପୁରୁଷୋତ୍ତମପୁର ତାରାତାରିଣୀ ପ୍ରଭୃତି ପ୍ରଧାନ ପ୍ରଧାନ ଶକ୍ତିପୀଠଠାରୁ ଆରମ୍ଭ କରି ଗାଁ ଗହଳର ଗ୍ରାମଦେବତୀମାନଙ୍କ ନିକଟରେ ଅନୁଷ୍ଠିତ ହୋଇଥାଏ । ଦେବୀପୀଠ ମାନଙ୍କରେ ପୀଠପୂଜା ଏବଂ ବ୍ରହ୍ମପୁର ପ୍ରଭୃତି ଦକ୍ଷିଣ ଓଡ଼ିଶାରେ କେତେକ ସ୍ଥାନରେ କଳସ ପୂଜା କରାଯାଇଥାଏ । ଷୋଡ଼ଶ ଦିନାତ୍ମକ ପୂଜାରେ ପ୍ରତ୍ୟହ ଦେବୀ ଷୋଡ଼ଶ ଜାତିର ପୁଷ୍ପହାର ଦ୍ୱାରା ଅର୍ଚ୍ଚିତା ହୋଇଥାନ୍ତି । ହୋମ, ଅର୍ଚ୍ଚନାଦି ଶାସ୍ତ୍ରୀୟ ବିଧିରେ କରାଯାଏ । ଓଡ଼ିଶାରେ ପ୍ରଚଳିତ ଦୁର୍ଗାପୂଜା ବିଧି ରାଜଗୁରୁ ବର୍ଦ୍ଧନ ମହାପାତ୍ରଙ୍କ ଲିଖିତ "ଦୁର୍ଗୋତ୍ସବ ଚନ୍ଦ୍ରିକା" ଅନୁଯାୟୀ ଉତ୍କଳୀୟ ମତରେ ଯଥାବିଧି ଅନୁଷ୍ଠିତ ହୋଇଥାଏ ।

ମହାଳୟା ଅମାବାସ୍ୟା ପରଦିନଠାରୁ ଶ୍ରୀ ଦୁର୍ଗାଦେବୀଙ୍କର ନବଦିନ ପର୍ଯ୍ୟନ୍ତ ବାହାର ପୂଜାରମ୍ଭ ହୁଏ । ଏହି ଦିନଠାରୁ ଆଶ୍ୱିନ ଶୁକ୍ଳ ନବମୀ ପର୍ଯ୍ୟନ୍ତ ଏହି ପୂଜାକୁ ଶାରଦୀୟ ନବରାତ୍ର ପୂଜା ବା ନବ ପତ୍ରିକା ପୂଜା କୁହାଯାଏ । ଆଶ୍ୱିନ ଶୁକ୍ଳ ପଞ୍ଚମୀ ଦିନଠାରୁ ଉପାଙ୍ଗ ଲଳିତା ବ୍ରତ ବା ଲଳିତା ପଞ୍ଚମୀ ବା ପଞ୍ଚଦିନାତ୍ମକ କଳ୍ପାରମ୍ଭ ହୁଏ । ଆଶ୍ୱିନ ଶୁକ୍ଳ ଷଷ୍ଠୀ ସାୟଂକାଳରେ ଶ୍ରୀ ଶ୍ରୀ ଦୁର୍ଗାଦେବୀଙ୍କର ବୋଧନ ଓ ସପ୍ତମୀ, ଅଷ୍ଟମୀ ଏବଂ ନବମୀ ତିନି ଦିନର ଅନୁଷ୍ଠିତ ମୁଖ୍ୟ ପୂଜାକର୍ମର ଅଧିବାସ ବା ଷଷ୍ଠ୍ୟାଦି କଳ୍ପାରମ୍ଭ ହୁଏ । ମୃଣ୍ମୟୀ ମୂର୍ତ୍ତି ପୂଜାର ବିଲ୍ୱାଧିବାସ କର୍ମ ଏହିଦିନ ଆରମ୍ଭ ହୁଏ ।

ଷଷ୍ଠ୍ୟାଦି କଳ୍ପାରମ୍ଭ ପୂଜା ଦିବସ ମଧ୍ୟ ରାତ୍ରିରେ ପୁରୀ ଶ୍ରୀମନ୍ଦିରସ୍ଥ ବିମଳାଦେବୀଙ୍କ ମନ୍ଦିରରେ ଛେଦ ପଡ଼େ ଏବଂ ଏହା ସପ୍ତମୀ ଓ ଅଷ୍ଟମୀ, ନବମୀ ତିଥିରେ ସନ୍ଧି ମୁହୂର୍ତ୍ତ ସନ୍ଧି ପୂଜା ସମୟରେ ମଧ୍ୟ ଅନୁଷ୍ଠିତ ହୁଏ । ଓଡ଼ିଶାର ପ୍ରସିଦ୍ଧ ଶକ୍ତିପୀଠମାନଙ୍କରେ ଏହି ତିଥିର ପ୍ରଚଳିତ ଛାଗ ବା ମହିଷାଦି ଛେଦ ବା ବଳି ବ୍ୟବସ୍ଥା ଏବେ କ୍ରମଶଃ ହ୍ରାସ ପାଇଥିଲେ ହେଁ ତାନ୍ତ୍ରିକ ମତାନୁଯାୟୀ କୁଷ୍ମାଣ୍ଡାଦି ଫଳ ଓ ଅନ୍ୟାନ୍ୟ ବିକଳ୍ପ ବିଧାନ ଅନୁଯାୟୀ ଏହି ବଳି ବା ଛେଦ କାର୍ଯ୍ୟ ସମାହିତ ହୋଇଥାଏ ।

ମହା ସପ୍ତମୀ ଦିନ ଦୁର୍ଗାପୂଜା ଆରମ୍ଭ ହୁଏ । ମହିଷାମର୍ଦ୍ଦିନୀ ଦେବୀ ଦୁର୍ଗାଙ୍କର ମୃଣ୍ମୟୀ ପ୍ରତିମା ସହିତ ଶ୍ରୀ ଲକ୍ଷ୍ମୀ, ଶ୍ରୀ ସରସ୍ୱତୀ ଏବଂ ଶ୍ରୀ ଗଣେଶ ତଥା ଶ୍ରୀ କାର୍ତ୍ତିକେୟଙ୍କର ପ୍ରତିମାମାନଙ୍କର ସପ୍ତମୀ ବିହିତ ପୂଜା ଉପାସନା ଯଥାବିଧି ଅନୁଷ୍ଠିତ ହୁଏ । ଓଡ଼ିଶାର କଟକ ସହର ଦୁର୍ଗାପୂଜାର ପ୍ରସିଦ୍ଧ ସ୍ଥଳ ହୋଇଥିଲେ ହେଁ ଏବେ ଓଡ଼ିଶାରେ ଛୋଟ ବଡ଼ ଅନେକ ସହର ତଥା ଗାଁ ଗାଁରେ ମୃଣ୍ମୟୀ ପ୍ରତିମା ପୂଜା ତଥା ଶିବ ପାର୍ବତୀ ଓ କାଳୀ ପ୍ରତିମାଦି ମହା ସମାରୋହରେ ପୂଜିତ ହେଉଛନ୍ତି । ତଥାପି ପଶ୍ଚିମ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ଏବେ ମଧ୍ୟ ଅନେକ ସ୍ଥାନରେ ଓଡ଼ିଆ ଜାତିର ମୌଳିକ ପଦ୍ଧତି ଅବ୍ୟାହତ ରହିଛି ଓ ବଙ୍ଗୀୟ ପଦ୍ଧତିର ପ୍ରତିମା ପୂଜା ପ୍ରସାର ଲାଭ କରି ନାହିଁ ।

ଦୁର୍ଗାଷ୍ଟମୀ ବା ମହାଷ୍ଟମୀ ଦେବୀ ଦୁର୍ଗାଙ୍କର ଆବିର୍ଭାବ ତିଥି । ଉତ୍ତର ଓଡ଼ିଶାର ବାଲେଶ୍ୱର ଆଦି ଅଞ୍ଚଳରେ ଏହି ମହାଷ୍ଟମୀ ତିଥିକୁ ମହାସମାରୋହରେ ପାଳନ କରା- ଯାଏ । କୁମାରୀ କନ୍ୟା, ନବ ବଧୂ ଏବଂ ଗୃହିଣୀମାନେ ଦୁର୍ଗାଷ୍ଟମୀ ଦିନ ସକାଳୁ ନଦୀ ବା ପୁଷ୍କରିଣୀ ଜଳରେ ସ୍ନାନ ସାରି 'ଓଷା ମନାସ' କରିଥାନ୍ତି । ଫୁଲ, ଫଳ ନୂତନ ଡ଼ାଲାରେ ଥୋଇ ଗୋଟିଏ ଗୋଟିଏ ପଦାର୍ଥ ଛୁଇଁ ନିଜର ଗୃହ ପରିବାର, ସଂପତ୍ତି, ସ୍ୱାମୀ, ପୁତ୍ରଙ୍କ ମଙ୍ଗଳ ମନାସିଥାନ୍ତି । ଯଥା– ଗଇଣ ଫୁଲ ଛୁଇଁ କହିଥାନ୍ତି "ଘିନେ ଗଉରା ଗଇଣମୁଣ୍ଡି, ମତେ କରିଥିବ ସିନ୍ଦୂର ମୁଣ୍ଡି । ଅର୍ଥାତ୍ ହେ ଗୌରା ବା ଗୌରୀ ଦେବୀ; ଏ ଗଇଣ ଫୁଲ ଗ୍ରହଣ କରି ମତେ ଆଜୀବନ ସ୍ୱାମୀ ସୋହାଗିନୀ କରିଥାଅ । ସେହିପରି ବେଣାଚେର ଧରି କହିଥାନ୍ତି, "ଘିନେ ବେଣା, ବାର- ବରଷର ଖାଏ ପୁରୁଣା" ଇତ୍ୟାଦି । ଏହାପରେ ରାତିରେ ଫଳ ଥୁଆ ବିଧି ବା ଫଳ ବଢ଼ା ଅଷ୍ଟମୀ ପୂଜା ମାଧ୍ୟମରେ ଶ୍ରୀ ଦୁର୍ଗାଙ୍କର ଜନ୍ମବିଧି ପାଳନ କରାଯାଏ । ପଞ୍ଚବର୍ଣ୍ଣ ମୁରୁଜରେ ସତର କୋଠି, ଊଣେଇଶି କୋଠି ବା ଏକୋଇଶି କୋଠିର ମଣ୍ଡଳ କାଟି ଝିଅମାନେ ଦୁର୍ଗା ଗୁଣ୍ଡିଚା ତିଆରି କରନ୍ତି । ଏହି ଗୁଣ୍ଡିଚି ଉପରେ ଦେବୀଙ୍କର ଜନ୍ମବିଧି କରାଯାଏ ଏବଂ ଆଠଫୁଲ ଏବଂ ଆଠ ଫଳ ବାଢ଼ି ପୂଜା କରାଯାଏ । ଦୁର୍ଗାଷ୍ଟମୀ ଦିନ ରାତିରେ ଅନେକ ସ୍ଥାନରେ ଯାତ୍ରା ବା ତାମସା, ଅପେରା, ଥିଏଟର ଆଦି କରାଯାଇଥାଏ ।

ମହାନବମୀ ଦିନ ଓଡ଼ିଶାବାସୀ ବିଭିନ୍ନ ଜାତି·ଏକାନ୍ତ ଉତ୍ସାହ ଉଦ୍ଦିପନା ସହ ଗାଈବସା, ପୋଥିବସା, ଖଣ୍ଡା ବା ଆୟୁଧ ପୂଜା ଇତ୍ୟାଦି ମାଧ୍ୟମରେ ପାଳନ କରିଥାନ୍ତି । ଭଣ୍ଡାରୀ ତାର ଜିଅର ମୁଠିକୁ ଶୁଦ୍ଧପୂତ ଆସନରେ ନୂତନ ବସ୍ତ୍ର ଦେଇ ଯେପରି ସଜ ବସାଇ ପୂଜା କରେ ସେହିପରି କ୍ଷତ୍ରିୟ ବା ଖଣ୍ଡାୟତମାନେ ତାଙ୍କ ସାତପୁରୁଷି ଆୟୁଧ ଖଣ୍ଡା, ତରବାରୀ, ଢାଲ, କାତି, ଶୂଳ, ଛୁରୀ, ମୁଦ୍‌ଗର ଆଦି ଉତ୍ତମ ଆସନରେ ଥୋଇ ଆୟୁଧ ପୂଜା କରିଥାନ୍ତି । ବ୍ରାହ୍ମଣମାନେ ମଧ୍ୟ 'ପତ୍ରିକା-ସରସ୍ୱତୀ' ଭାବେ ତାଳପତ୍ର ପୋଥିମାନଙ୍କୁ ପୂଜା ଅର୍ଚ୍ଚନା କରିଥାନ୍ତି ।

ଦଶହରା ବା ବିଜୟା ଦଶମୀ ଓଡ଼ିଶାରେ ଏକ ପବିତ୍ର ଶୁଭତିଥି । ଅକ୍ଷୟ ତୃତୀୟା ପରି ଦଶହରା ଦିନଟି ଏକ ଅନୁକୂଳ ପର୍ବ । ଏହି ପୁଣ୍ୟ ତିଥିରେ ଓଡ଼ିଶାରେ ବିଦ୍ୟା ଅନୁକୂଳ, ପୋଥି ଅନୁକୂଳ, ଯାତ୍ରା ଅନୁକୂଳ, ନବଗୃହ ନିର୍ମାଣ, ନବ ଦୋଳାଦି ଯାନ ଆରୋହଣ ଅନୁକୂଳ, କାଣ୍ଡ ଅନୁକୂଳ, ବାରୁଦ ଅନୁକୂଳ ଇତ୍ୟାଦି କରାଯାଇଥାଏ । ଉକ୍ତ ଦିବସରେ ଦେବୀମାନଙ୍କର ନବମୀ ବିହିତ ପୂଜା ପାର୍ବଣ ପରେ ବିଶ୍ରାମ ହୁଏ । ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉମାନଙ୍କର ରାଜବେଶ ହୁଏ ଏବଂ ବିଜେ ପ୍ରତିମାମାନେ ଜଗନ୍ନାଥବଲ୍ଲଭକୁ ବିଜେ କରନ୍ତି ।

ପାରଂପରିକ ନୀତିରେ ଦେବୀ ଦୁର୍ଗାଙ୍କର ଅପରାଜିତା ପୂଜା ଶେଷ ପରେ ଦଶହରା ଦିନ ଦେବୀ ଦଶହରା ପଦାକୁ ବିଜେ କରନ୍ତି । ଏହା ପରେ ଲକ୍ଷବିନ୍ଧା ବଦ୍ରକଳୀ ଫିଟିବା ବିଧିମାନ କରାଯାଇ ବାଣ ଫୁଟିବା କାର୍ଯ୍ୟାଦି ଅନୁଷ୍ଠିତ ହୁଏ । ଏଠାରେ ପାଇକମାନେ ମହା ଆଡ଼ମ୍ବରରେ ନିଜ ନିଜର ଅସ୍ତ୍ର ଶସ୍ତ୍ର ସହ ପଟା ଆଖଡ଼ା ଖେଳ ଖେଳନ୍ତି । ଗ୍ରାମରୁ ଗ୍ରାମାନ୍ତରକୁ ଯାଇ ଦୁର୍ଗାଦେବୀଙ୍କର ଅନୁକୂଳ ବିଧିରେ ଯୋଗ ଦେଇ ନିଜ ନିଜର କୃତିତ୍ୱ ପ୍ରଦର୍ଶନ କରନ୍ତି । ଏହି ଉତ୍ସବ ଓଡ଼ିଶାରେ ଜାତି ବର୍ଣ୍ଣ ନିର୍ବିଶେଷରେ ଏକ ସାର୍ବଜନୀନ ପର୍ବ ଏବଂ ଅଣହିନ୍ଦୁମାନେ ଉତ୍ସାହର ସହିତ ଏ ପାର୍ବଣ ଉତ୍ସବରେ ମଧ୍ୟ ଯୋଗ ଦେଉଥାନ୍ତି ।

ଦଶହରା ପର୍ବର ଏଇ ସାମୟିକ ଉତ୍ସାହ, ଉନ୍ମାଦନା, ଆନନ୍ଦ ଯୁଗ ଯୁଗ ଧରି ଏ ଦେଶରେ ଏ ଜାତିର ସାହସ, ଶକ୍ତି, ଐକ୍ୟ, ସଂହତି, ଭକ୍ତି, ମୈତ୍ରୀ ଓ ପ୍ରୀତିର ଚିରନ୍ତନ ଉତ୍ସ ଭାବରେ ପାଳିତ ହୋଇଆସୁଛି ଓ ଆସୁଥିବ ।

ପୋର ଏନ୍–୪୦
ସ୍ମରିନଗର ୟୁନିଟ୍
ଭୁବନେଶ୍ୱର–୧

# 'ଉତ୍କଳ ସାହିତ୍ୟ ସମାଜ' ଏବଂ 'ବଙ୍ଗୀୟ ସାହିତ୍ୟ ପରିଷଦ୍'

ଶ୍ରୀ କୃଷ୍ଣଚରଣ ବେହେରା

ସାରସ୍ୱତ ବା ସାଂସ୍କୃତିକ ଅନୁଷ୍ଠାନମାନଙ୍କରୁ ସମାଜର ପ୍ରାଣ ସ୍ପନ୍ଦନ ଜଣାପଡ଼େ—ଜାତିର ପାରମାର୍ଥିକ ପ୍ରଗତିର ପରିଚୟ ମିଳିଥାଏ । ଆଧୁନିକ ଭାରତବର୍ଷରେ ସେହିପରି ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପ୍ରତିଷ୍ଠିତ ହୋଇ ନବଯୁଗର କ୍ରାନ୍ତିରେ ସହାୟତା କରିଥିଲେ । ସମଗ୍ର ଊନବିଂଶ ଶତାବ୍ଦୀ ଏବଂ ଚଳିତ ବିଂଶ ଶତାବ୍ଦୀ ପ୍ରଥମ ଭାଗରେ ବଙ୍ଗ–ଓଡ଼ିଶାର ଭାଗ୍ୟ ଗୋଟିଏ ସୂତ୍ରରେ ଗ୍ରଥିତ ହୋଇ ରହିଥିଲା । ୧୯୧୧ ମସିହା ଯାଏଁ କଲିକତା କେବଳ ଓଡ଼ିଶାର ନୁହେଁ, ସମୁଦାୟ ଭାରତବର୍ଷର ଥିଲା ରାଜଧାନୀ । ପୂର୍ବରୁ ରାଜନୈତିକ, ସାମାଜିକ ତଥା ସାଂସ୍କୃତିକ କ୍ଷେତ୍ରରେ ଘନିଷ୍ଠ ସଂପର୍କ ଓ ଯୋଗାଯୋଗ ତ ରହିଥିଲା ! ଊନବିଂଶ ଓ ବିଂଶ ଶତାବ୍ଦୀରେ ଇଂରେଜ ରାଜତ୍ୱରେ ମଧ୍ୟ ବଙ୍ଗ–ଓଡ଼ିଶା ମଧ୍ୟରେ ସେହି ସଂପର୍କ ଓ ଯୋଗାଯୋଗ ଦୃଢ଼ତର ହେଲା । ବିଶେଷତଃ ସଂସ୍କୃତି–କ୍ଷେତ୍ରରେ ତାହା ହେଲା ସୁପ୍ରକଟ । ସେତେବେଳେ କଲିକତାର ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ସଦୃଶ ଓଡ଼ିଶାରେ ବିଭିନ୍ନ ଅନୁଷ୍ଠାନ ସ୍ଥାପିତ ଓ ସଙ୍ଗଠିତ ହୋଇଥିଲା । ଏ କ୍ଷେତ୍ରରେ ୧୮୬୬-୬୭ ମସିହାରେ ସଂଘଟିତ ନଅଙ୍କ ଦୁର୍ଭିକ୍ଷର ଏକ ଉଲ୍ଲେଖଯୋଗ୍ୟ ଭୂମିକା ରହିଛି । ଏହି ସମୟରୁ ହିଁ କଟକ ତଥା ପ୍ରଦେଶର ଅନ୍ୟାନ୍ୟ ଅଞ୍ଚଳରେ ବିଭିନ୍ନ ସଂଘ, ସମିତି ତଥା ସାଂସ୍କୃତିକ ଅନୁଷ୍ଠାନମାନ ସ୍ଥାପିତ ହେବାରେ ଲାଗିଲା । ସାମାଜିକ ସଙ୍କଟରୁ ଜନ୍ମ ନେଲା ଜାତୀୟ ଐକ୍ୟ ଓ ସଂହତି । ଏ ସଂପର୍କରେ 'ଉତ୍କଳ ଦୀପିକା' ୧୨।୧।୧୮୬୭ ତାରିଖ ଅତିରିକ୍ତ ସଂଖ୍ୟାରେ ଲେଖିଛନ୍ତି—

"ସନ ୧୮୬୬ ମସି ହା ଓଡ଼ିଶାର ଇତିହାସରେ ଏକ ପ୍ରଧାନ ବର୍ଷ । କେବଳ ଦୁର୍ଭିକ୍ଷ ହେତୁରୁ ଏରୂପ ହୋଇଅଛି ଏମନ୍ତ ନୁହଇ, କାରଣ ଯେରୂପ ଭୟାନକ ଦୁର୍ଭିକ୍ଷ ପଡ଼ିଅଛି ସେହିରୂପ ମଧ୍ୟ ଭାବୀ ଦୁର୍ଭିକ୍ଷ ନିବାରଣର ଏକ ବଳବଭର ଉପାୟ ଅର୍ଥାତ୍ କ୍ଷେତ୍ରରେ ଜଳ ଦେବା କାରଣ ଇରିଗେସନ୍ କୁଂପାନିଙ୍କର ପ୍ରଥମ ନାଳ ଏହି ବର୍ଷ ନିର୍ମାଣ ହୋଇ ଜଳ ଦେବା କାରଣ ପ୍ରସ୍ତୁତ ହୋଇଅଛି । ଶିକ୍ଷା ପ୍ରଣାଳୀ ପ୍ରତି ମଧ୍ୟ ଏବର୍ଷ ବିଶେଷ ମନୋଯୋଗ ହୋଇଥିବାର ଦେଖା ଯାଇଅଛି । ×× ଏବର୍ଷ ଯେରୂପ ଓଡ଼ିଶାର ସାମାଜିକ ଉନ୍ନତି ହୋଇଅଛି ଉଲ୍ଲେଖିତ ରାଜ ସଂକ୍ରାନ୍ତ କାର୍ଯ୍ୟମାନ ତହିଁର ତୁଳନାରେ ଅତି ଅଳ୍ପ ଜ୍ଞାନ ହେବ ସନ୍ଦେହ ନାହିଁ । ଏ ସ୍ଥାନର ଲୋକମାନେ ସାଧାରଣ ହିତ ଚିନ୍ତାରେ ବିଶେଷ ମଗ୍ନ ନ ଥିଲେ ହେଁ ଅବହେଳା କ୍ରମେ ଯେ ଯନ୍ତ୍ରାଳୟ ସ୍ଥାପନ କରିଅଛନ୍ତି ତାହା ଅଦ୍ୟାପି ସଂପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ନ ହୋଇଥିଲେ ସୁଦ୍ଧା ସେଥିର ଫଳାଫଳ ଏହି ବର୍ଷ ଅନୁଭବ ହୋଇଅଛି ଯେ ସାମ୍ବତ୍ସରିକ ଉତ୍କଳ ପଞ୍ଜିକା ଜ୍ୟୋତିଷ ଭିନ୍ନ କାହାରି ବୋଧଗମ୍ୟ ନଥିଲା ଓ ଯାହା ଅନେକ ଅଧିକ ବ୍ୟୟ ସ୍ୱୀକାର ପୂର୍ବକ ଦୂରସ୍ଥ କଲିକତା ନଗରରୁ ଅଣାଇଥିଲେ, ତାହା ଏବର୍ଷ ଯନ୍ତ୍ରାଳୟ ପ୍ରସାଦରୁ ପୁସ୍ତକାକାରରେ ସମସ୍ତଙ୍କ ବୋଧଗମ୍ୟ ଓ ଜ୍ୟୋତିଷ ବିନା ନାନା କର୍ମ ନିର୍ବାହ ହେବା ଯୋଗ୍ୟ ଅବସ୍ଥାରେ ମୁଦ୍ରିତ ଓ ପ୍ରଚାରିତ ହୋଇ ବିଶେଷ ଫଳ ଦର୍ଶାଇ ଅଛି ଓ ଉତ୍ତର କାଳକୁ ପ୍ରତି ବର୍ଷ ଦର୍ଶାଇବ । ଉତ୍କଳ ଦେଶସ୍ଥ ପୁରାତନ କବିମାନଙ୍କର ଚିରସ୍ମରଣୀୟ ନାମ ଆମ୍ଭମାନଙ୍କ ଅଯୋଗ୍ୟତାରୁ ଏତାବତ୍ କାଳ ଦେଶାନ୍ତରରେ ପ୍ରଚାର ହେବାର ଦୁସ୍ତର ଥିଲା । ଏବର୍ଷ ତାହା ଖଣ୍ଡନାଶାରେ କେତେକ ଲୋକ ଯତ୍ନବାନ୍ ହୋଇ ଅଛନ୍ତି ଓ ଯେରୂପ ସୃଷ୍ଟି ପୂର୍ବରେ କେବଳ ଜଳମୟ ଥିଲା ଓ ତହିଁରୁ ସମସ୍ତ ବସ୍ତୁ ଉଦ୍ଭବ ହେଲା, ସେହି ରୂପ ଉତ୍କଳ ସାହିତ୍ୟର ପୁନଃ ସୃଷ୍ଟି ନିମିତ୍ତ ପ୍ରଥମେ ପ୍ରେମସୁଧାନିଧିର ସଞ୍ଚାର ହୋଇଅଛି " ଇତ୍ୟାଦି ।

ଏହି ଜାତୀୟ ସଂହତିର ଫଳଶ୍ରୁତି ସ୍ୱରୂପ ବାଲେଶ୍ୱରଠାରେ 'ଉତ୍କଳ ଭାଷା ଉନ୍ନତି–ବିଧାୟିନୀ ସଭା' (୧୮୬୬), କଟକରେ 'ଡିବେଟିଙ୍ଗ କ୍ଲବ୍' (୧୮୬୯), 'ପୁରୀ ସୋସାଇଟି' (୧୮୭୦), 'ଗଞ୍ଜାମ ଉତ୍କଳ ହିତବାଦିନୀ ସଭା' (୧୮୭୨), 'ଉତ୍କଳ କଟକର 'ଉତ୍କଳ ଭାଷୋଦ୍ଦୀପନୀ ସଭା' (୧୮୭୩), 'ଓଡ଼ିଆ ତାଳପତ୍ର–ସାହିତ୍ୟ ଉଦ୍ଧାରଣ ସମିତି' (୧୮୭୭), 'ଉତ୍କଳ ସଭା' (୧୮୭୭), 'ଆଲୋଚନା ସଭା' (୧୮୯୩), 'ପୁରୀ ଲିଟେରାରି କ୍ଲବ୍' ଏବଂ 'ଜଗନ୍ନାଥ କଲେଜ୍ ଲାଇବ୍ରେରି' (୧୮୯୪), ଅନୁଗୁଳର 'ଶିକ୍ଷା ବିବର୍ଦ୍ଧିନୀ ସଭା' (୧୮୯୭) ପ୍ରଭୃତି ସାଂସ୍କୃତିକ ଅନୁଷ୍ଠାନ ସ୍ଥାପିତ ହୋଇଥିଲା । ଏହି ଅନୁଷ୍ଠାନଗୁଡ଼ିକ ମଧ୍ୟରେ ୧୮୯୩ ମସି ହା ଡିସେମ୍ବର ମାସ ୧୬ ତାରିଖରେ କଟକଠାରେ ପ୍ରତିଷ୍ଠିତ 'ଆଲୋଚନା ସଭା'ର କଥା ଏଠାରେ ବିଶେଷ ଉଲ୍ଲେଖଯୋଗ୍ୟ । ଭକ୍ତକବି ମଧୁସୂଦନ ରାଓ ଥିଲେ ଏହାର ପ୍ରତିଷ୍ଠାତା ଏବଂ ସଭାପତି । ସାହିତ୍ୟିକ

ଚନ୍ଦ୍ରମୋହନ ମହାରଣା ଏହାର ସଂପାଦକ ଥିଲେ । ପ୍ରତି ଶନିବାର ଅନୁଷ୍ଠିତ ଏହାର ବୈଠକମାନଙ୍କରେ ବିଭିନ୍ନ ବିଷୟକ ପ୍ରବନ୍ଧ ପାଠ କରା ଯାଉଥିଲା । ଏହି ସଭାରେ ମୁଖ୍ୟତଃ କଟକ ନର୍ମାଲ୍ ସ୍କୁଲର ଶିକ୍ଷକ ଓ ଛାତ୍ରମାନେ ଯୋଗ ଦେଉଥିଲେ ; ନର୍ମାଲ୍ ସ୍କୁଲ ୧୮୬୯ ମସି ହାରେ ସ୍ଥାପିତ ହୋଇଥିଲା––ବର୍ତ୍ତମାନ ଏହା ସେକେଣ୍ଡାରୀ ଟ୍ରେନିଂ ସ୍କୁଲ ନାମରେ ପରିଚିତ । ସ୍କୁଲ ବାହାରୁ ବିଶ୍ୱନାଥ କର, ନନ୍ଦକିଶୋର ବଳ, କୃଷ୍ଣପ୍ରସାଦ ଚୌଧୁରୀ ପ୍ରମୁଖ ସାହିତ୍ୟିକ ବୃନ୍ଦ ବିଭିନ୍ନ ବୈଠକର ଆଲୋଚନାରେ ଅଂଶ ଗ୍ରହଣ କରୁଥିଲେ ।

୧୯୦୩ ମସିହାରେ ଏହି 'ଆଲୋଚନା ସଭା' ହିଁ 'ଉତ୍କଳ ସାହିତ୍ୟ ସମାଜ' ହେଲା । ସେହି ରୂପାନ୍ତରୀକରଣ ଘଟଣା ମୋଟାମୋଟି ଏହିପରି । ୧୯୦୩ ମସିହା ଏପ୍ରିଲ୍ ମାସରେ ଗଞ୍ଜାମରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀ କରଣ ଲକ୍ଷ୍ୟରେ ଏକ ଜାତୀୟ ସମ୍ମେଳନ ଅନୁଷ୍ଠିତ ହୋଇଥିଲା । ଏହାର ପ୍ରଧାନ ଉଦ୍ୟୋକ୍ତା ଥିଲେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ (୧୮୬୭–୧୯୨୪) । ସମ୍ମେଳନର ପୃଷ୍ଠପୋଷକତା କରିଥିଲେ ମୁଖ୍ୟତଃ ଖଲିକୋଟ ରାଜା ହରିହର ମର୍ଦ୍ଦରାଜ ଦେବ ଏବଂ ବ୍ରହ୍ମପୁରର ଧନାଢ୍ୟ ବ୍ୟକ୍ତି ମାଥୁରୀ ସାହୁ । ବିଧିବଦ୍ଧ ନିମନ୍ତ୍ରଣ କ୍ରମେ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର ଆଦି ବିଭିନ୍ନ ସ୍ଥାନରୁ ପ୍ରତିନିଧିମାନେ ସମ୍ମେଳନରେ ଯୋଗ ଦେଇଥିଲେ । ଏହି ଜାତୀୟ ସମ୍ମେଳନ ସ୍ୱନାମଧନ୍ୟ ମଧୁସୂଦନ ଦାସଙ୍କ ନେତୃତ୍ୱରେ ସେହି ବର୍ଷ ଡ଼ିସେମ୍ବର ମାସରେ କଟକଠାରେ 'ଉତ୍କଳ ସମ୍ମିଳନୀ' ନାମରେ ପ୍ରତିଷ୍ଠା ଲାଭ କଲା । ଯାହାହେଉ, ଗଞ୍ଜାମରେ ଅନୁଷ୍ଠିତ ଉକ୍ତ ଜାତୀୟ ସମ୍ମେଳନରୁ ବାହୁଡ଼ି ଆସି କେତେକ ସାହିତ୍ୟିକ କଟକଠାରେ ନିଖିଳ ଉତ୍କଳ ସ୍ତରରେ ଏକ ସାରସ୍ୱତ ଅନୁଷ୍ଠାନ ପ୍ରତିଷ୍ଠା କରିବା ପାଇଁ ନିଷ୍ଠାପର ଉଦ୍ୟମ ଚଳାଇଲେ । ସେହି ଉଦ୍ୟମର ଫଳଶ୍ରୁତି ହେଲା––ନର୍ମାଲ୍ ସ୍କୁଲର ପୂର୍ବୋକ୍ତ 'ଆଲୋଚନା ସଭା'ର ରୂପାନ୍ତରୀକରଣ–ମଇ ମାସ ସାତ ତାରିଖରେ 'ଉତ୍କଳ ସାହିତ୍ୟ ସମାଜ'ର ପ୍ରତିଷ୍ଠା । ସେହି ୧୯୦୩ ମସିହାରୁ ଆଜି ପର୍ଯ୍ୟନ୍ତ ପ୍ରାୟ ପଞ୍ଚସ୍ତରୀ ବର୍ଷ କାଳ 'ଉତ୍କଳ ସାହିତ୍ୟ ସମାଜ' ପତନ–ଅଭ୍ୟୁଦୟ–ବନ୍ଧୁର–ପନ୍ଥା ମଧ୍ୟରେ କାର୍ଯ୍ୟ କରି ଆସିଛି । ବସ୍ତୁତଃ ଏହା ବର୍ତ୍ତମାନ ଓଡ଼ିଶାର ପ୍ରାଚୀନତମ ଏବଂ ସୁପ୍ରତିଷ୍ଠିତ ସାରସ୍ୱତ ଅନୁଷ୍ଠାନ ।

କଲିକତାର 'ବଙ୍ଗୀୟ ସାହିତ୍ୟ ପରିଷଦ' ସେହିପରି ବଙ୍ଗଳା ସାହିତ୍ୟ ଜଗତରେ ଏକ ପ୍ରାଚୀନତମ ଓ ସୁପ୍ରତିଷ୍ଠିତ ସାରସ୍ୱତ ଅନୁଷ୍ଠାନ । 'ଉତ୍କଳ ସାହିତ୍ୟ ସମାଜ'ର ପ୍ରାୟ ଦଶ ବର୍ଷ ପୂର୍ବରୁ ଏହା ପ୍ରତିଷ୍ଠିତ ହୋଇଥିଲା । ସର୍ବ ପ୍ରଥମେ ସଂସ୍କୃତିବିଦ୍ ପଣ୍ଡିତ ସିଭିଲିୟାନ୍ ଜନ୍ ବୀମସ୍ ସାହେବ (୧୮୩୭–୧୯୦୨) 'ଫ୍ରେଞ୍ଚ୍ ଏକାଡ଼େମୀ' (ପ୍ରତିଷ୍ଠା–୧୬୨୬) ଆଦର୍ଶରେ ଗୋଟିଏ ବଙ୍ଗ ଭାଷା ଓ ସାହିତ୍ୟ ପରିଷଦ ଗଠନର ପ୍ରସ୍ତାବ କରିଥିଲେ । ଏହା ଊନବିଂଶ ଶତାବ୍ଦୀର ଅଷ୍ଟମ ଦଶକର କଥା । ଆପଣା 'ବଙ୍ଗ ଦର୍ଶନ' (୧୮୭୨) ପତ୍ରିକାରେ ସାହିତ୍ୟିକ ବଙ୍କିମ ଚନ୍ଦ୍ର ଏହି ପ୍ରସ୍ତାବକୁ ସ୍ୱାଗତ ଜଣାଇ ମନ୍ତବ୍ୟ ପ୍ରକାଶ କରିଥିଲେ । ବିଭିନ୍ନ ମହଲରେ ଏ ବିଷୟର ଆଲୋଚନା–ଚର୍ଚ୍ଚା ପରେ ବୀମସ୍ ସାହେବଙ୍କ ପ୍ରସ୍ତାବ କାର୍ଯ୍ୟକାରୀ ହେଲା–୧୮୯୩ ମସିହା ଜୁଲାଇ ମାସରେ ଶୋଭାବଜାର ରାଜ ଭବନରେ 'ବେଙ୍ଗଲ୍ ଏକାଡ଼େମୀ ଅଫ୍ ଲିଟରେ-ଚର୍' (Bengal Academy of Literature) ପ୍ରତିଷ୍ଠା କରାଗଲା । ଗୋଟିଏ ବଙ୍ଗଳା ସାହିତ୍ୟ–ଅନୁଷ୍ଠାନର ଏହି ଇଂରେଜୀ ନାମ, ଏହାର ବୈଠକମାନଙ୍କରେ ଇଂରେଜୀ ଭାଷାରେ ବଙ୍ଗଳା ସାହିତ୍ୟର ଆଲୋଚନା–ଚର୍ଚ୍ଚା ଏବଂ ଇଂରେଜୀ ଭାଷାରେ ଏହାର ମୁଖପତ୍ର ପ୍ରକାଶ ଅନେକଙ୍କୁ ଭଲ ଲାଗିଲା ନାହିଁ । ତେଣୁ ୧୮୯୪ ମସିହା ଏପ୍ରିଲ୍ ମାସରେ ଏହି ଏକାଡ଼େମୀର ନାମାନ୍ତର କରାଗଲା––'ବଙ୍ଗୀୟ ସାହିତ୍ୟ ପରିଷଦ' ବିଧିବଦ୍ଧ ଭାବରେ ଜନ୍ମଲାଭ କଲା । ସେହିଠାରୁ ଅନୁଷ୍ଠାନର ବିବରଣୀ, ବିଭିନ୍ନ ବୈଠକରେ ପ୍ରବନ୍ଧ–ପାଠ, ଆଲୋଚନା ଇତ୍ୟାଦି ବଙ୍ଗଳା ଭାଷାରେ ପରିଚାଳିତ ହେଲା । 'ସାହିତ୍ୟ ପରିଷଦ୍ ପତ୍ରିକା' ନାମରେ ବଙ୍ଗଳା ଭାଷାରେ ଏହାର ମୁଖପତ୍ର ପ୍ରକାଶ ପାଇଲା । ଏଠାରେ ଏହା ଉଲ୍ଲେଖନୀୟ ଯେ–'ବଙ୍ଗୀୟ ସାହିତ୍ୟ ପରିଷଦ'ର ପ୍ରାୟ ଶହେ ବର୍ଷ ପୂର୍ବରୁ ୧୭୮୪ ମସି ହାରେ ତତ୍କାଳୀନ ସୁପ୍ରିମ୍ କୋର୍ଟର ବିଚାରପତି ସାର ଉଇଲିୟମ୍ ଜୋନସ୍‌ଙ୍କ ଦ୍ୱାରା କଲିକତାଠାରେ ସୁପରିଚିତ 'ଏସିଆଟିକ୍ ସୋସାଇଟି' ପ୍ରତିଷ୍ଠିତ ହୋଇ ସାରିଥିଲା ।

'ବଙ୍ଗୀୟ ସାହିତ୍ୟ ପରିଷଦ'ର ପ୍ରଥମ ସଭାପତି ହେଉଛନ୍ତି–ରମେଶ ଚନ୍ଦ୍ର ଦତ୍ତ ଆଇ: ସି: ଏସ୍: । ରମେଶ ଚନ୍ଦ୍ର ଓଡ଼ିଶାର କମିସନର ରୂପେ କିଛି କାଳ (୧୮୯୫-୯୬) କଟକରେ ଥିଲେ । ପରିଷଦର ପ୍ରଥମ ସହକାରୀ ସଭାପତି ଦ୍ୱୟ–ନବୀନ ଚନ୍ଦ୍ର ସେନ ଓ ରବୀନ୍ଦ୍ର ନାଥ ଠାକୁର ;ପ୍ରଥମ ସଂପାଦକ ଦ୍ୱୟ–ଲିଓଟାର୍ଡ଼ (ବଙ୍ଗ ସାହିତ୍ୟପ୍ରେମୀ ଫରାସୀ ବ୍ୟକ୍ତି) ଏବଂ ଦେବେନ୍ଦ୍ର ନାଥ ମୁଖାର୍ଜି । ପରିଷଦର ଉଦ୍ଦେଶ୍ୟ ଥିଲା–ବିବିଧ ଉପାୟରେ ବଙ୍ଗଳା ଭାଷା ଓ ସାହିତ୍ୟର ଅନୁଶୀଳନ ଏବଂ ଉନ୍ନତି ବିଧାନ । ସେହି ଉଦ୍ଦେଶ୍ୟ ପୂରଣ ଲାଗି ଉପାୟ ସମୂହ ହେଲା–(୧) ବଙ୍ଗ ଭାଷାର ବ୍ୟାକରଣ ଓ ଅଭିଧାନ ସଙ୍କଳନ, (୨) ବୈଜ୍ଞାନିକ ଓ ଦାର୍ଶନିକ ଶବ୍ଦର ପରିଭାଷା ସଙ୍କଳନ, (୩) ପ୍ରାଚୀନ ବଙ୍ଗଳା କାବ୍ୟାଦିର ସଂଗ୍ରହ ଓ ପ୍ରକାଶ, (୪) ଅନ୍ୟାନ୍ୟ ଭାଷାରୁ ଉତ୍କୃଷ୍ଟ ଗ୍ରନ୍ଥାଦିର ଅନୁବାଦ ପ୍ରକାଶ, (୫) ଦର୍ଶନ, ବିଜ୍ଞାନ, ଇତିହାସ, କାବ୍ୟ ପ୍ରଭୃତି ସବୁ ପ୍ରକାର ସାହିତ୍ୟର ଆଲୋଚନା ଏବଂ ସେହି ବିଷୟକ ଉତ୍କୃଷ୍ଟ ଗ୍ରନ୍ଥାଦିର ପ୍ରକାଶ ଏବଂ (୬) 'ସାହିତ୍ୟ ପରିଷଦ୍ ପତ୍ରିକା' ନାମରେ ବଙ୍ଗଳା ଭାଷାରେ ଖଣ୍ଡିଏ ସାମୟିକ ପତ୍ର ପ୍ରଚାର ।

'ବଙ୍ଗୀୟ ସାହିତ୍ୟ ପରିଷଦ' ଏବଂ 'ଉତ୍କଳ ସାହିତ୍ୟ ସମାଜ'ର ଉଦ୍ଦେଶ୍ୟ ମଧ୍ୟରେ ଅନେକ ସାଦୃଶ ଥିବାର ପରିଲକ୍ଷିତ ହୁଏ ।

ରିଡ଼ର, ଓଡ଼ିଆ ବିଭାଗ
ରେଭେନ୍‌ସା କଲେଜ କଟକ–୩

# ସର୍ପ ଜଣାଣ

ଶ୍ରୀ ତରୁଣ ତପନ ମହାନ୍ତ

ବାଇଶି ପାହାଚରୁ ତାକୁ ଦୁଇଜଣ ଟେକି ଟେକି ତଳକୁ ଆଣୁଥିଲେ, ମୁଣ୍ଡଟି ବାଁ ପଟକୁ ଢଳି ପଡ଼ିଥିଲା ଆଉ ବିଷର୍ଣ୍ଣ ଦେଖା ଯାଉଥିଲା । ଅଥଚ ସେଇ ବିବର୍ଣ୍ଣତା ଭିତରେ ବାରି ହୋଇ ପଡୁଥିଲା ଏକ ପରିତୃପ୍ତ କାମନାର କ୍ଷୀଣ ଛବି ।

ଯେତେବେଳେ ମନ୍ଦିରର କର୍ତ୍ତୃପକ୍ଷ ବୁଢ଼ୀଟିର କେହି ଜ୍ଞାତି/କୁଟୁମ୍ବ ଆଦି ନଥିବାର ଆବିଷ୍କାର କରି ବସିଲେ, ସେତେବେଳକୁ ସେ ମରିବାର ପାଂଚ ଘଣ୍ଟା ଅତିବାହିତ ହୋଇସାରିଥିଲା । ଜୀବିତ ଓ ମୃତାବସ୍ଥାରେ ସର୍ବମୋଟ ମୁଁ ତିନିଥର ହିଁ ବୁଢ଼ୀକୁ ଦେଖିଥିଲି । ତେଣୁ ମୋ ଆଖି ଆଗରେ ନାଚି ଉଠୁଥିଲା ଏକ ଅସ୍ପଷ୍ଟ ଅଥଚ ସ୍ଥାୟୀ ସ୍ମୃତି । ବୁଢ଼ୀକୁ ପ୍ରଥମଥର ପାଇଁ ମୁଁ ଚିହ୍ନିଥିଲି ଗୋକୁଳି ବାବୁଙ୍କ ମାଧ୍ୟମରେ ।

ଦର୍ଶନ ଅଧ୍ୟାପକ ଗୋକୁଳି ବାବୁଙ୍କ ସହିତ ମୁଁ ସେଦିନ ମନ୍ଦିରରୁ ଫେରୁଥିଲି, ହଠାତ୍ ବୁଢ଼ୀଟି ଉପରେ ତାଙ୍କର ଦୃଷ୍ଟି ପଡ଼ିଲା ଅଳ୍ପ ଦୂରରୁ ସେ ମୋତେ କହିଥିଲେ- ଦେଖନ୍ତୁ, ଦେଖନ୍ତୁ ସେଇ ବୁଢ଼ୀଟିକୁ, ତାଙ୍କ ସ୍ୱରରେ ବ୍ୟଗ୍ରତା ଆଉ ଏକ ଦାର୍ଶନିକ କୌତୁହଳ ଲକ୍ଷ୍ୟ କରି ମୁଁ ବି ସଚେତନ ହୋଇ ପଡ଼ିଥିଲି କେତୋଟି ମୁହୂର୍ତ୍ତ ପାଇଁ ।

ବୁଢ଼ୀ ଆମକୁ ଅତିକ୍ରମ କରି ଚାଲିଯିବାପରେ ଗୋକୁଳି ବାବୁ ମୋତେ ପଚାରିଥିଲେ—ଆପଣ ଯାଙ୍କୁ କେବେ ମନ୍ଦିରରେ ଦେଖିଛନ୍ତି ?

ମୁଁ ନାହିଁ କରିବାର ଦେଖି ସେ ପୁଣି ଅନୁରୋଧ କରିଥିଲେ—ଥରେ କେବେ ଚେଷ୍ଟା କରି ଦେଖନ୍ତୁନା ! ମୁଁ ତାଙ୍କୁ ଯେତେ ଥର ଦେଖିଛି ସେତେଥର କିଛିନା କିଛି ସତ୍ୟ ଉଦ୍‌ଘାଟନ କରିଛି । ମଣିଷ ଜୀବନର ସେ ସତ୍ୟ ନିହାତି ବ୍ୟକ୍ତିଗତ ହୋଇପାରେ କିଂବା ହୋଇପାରେ କୌଣସି ଅତିମାନସ ସତ୍ତାର ! ମୁଁ କିଛି ଠିକ୍ କରେ ପୁଣି କିଛି ଠିକ୍ କରି ପାରେ ନାହିଁ । ପ୍ରତିଥର ବୁଢ଼ୀଟି ମତେ ଏକ ଅନ୍ଧ ମୁହାଣି ଭିତରକୁ ଠେଲି ଦେଇ ଚାଲିଯାଏ । ଏହା ଯଦି ସାଧାରଣ ଲୋକଟିର ମତାମତ ହୋଇ ଥା'ନ୍ତା ତା' ହଲେ ମୋର ଗୁରୁତ୍ୱ ଦେବାର ଆବଶ୍ୟକତା ବି ନଥିଲା । କିନ୍ତୁ ଗୋକୁଳି ବାବୁଙ୍କର ଏଭଳି ଏକ ମତାମତକୁ ମୁଁ ଇଚ୍ଛାକରି ମଧ୍ୟ ମନରୁ କାଢି ପାରିଲି ନାହିଁ । ତାଙ୍କୁ ମୁଁ କହିଥିଲି-ହଉ ତା'ହେଲେ ଆପଣ ଭଲ ଚରିତ୍ରଟିଏ ପାଇଛନ୍ତି ମନ୍ଦିର ଭିତରୁ ।

ଏକ ଦାର୍ଶନିକ ସୁଲଭ ହସହସି ଗୋକୁଳି ବାବୁ ମତେ କହିଥିଲେ—ସତରେ ଗୋଟିଏ ଗ୍ଲାସରେ ଯେତିକି ପାଣି ଧରି ପାରିବ ତା'ଠାରୁ ଅଧିକ ସେଥିରେ ରହି ପାରିବନି । ଏଇ ମନ୍ଦିର ବି ଠିକ୍ ସେଇଭଳି । ଯେତେ ଦେବତାଙ୍କ ପରିକଳ୍ପନା ଏଇ ମନ୍ଦିର ଦେହରେ ହୋଇ ଯାଇଛି ଠିକ୍ ସେତିକିଟି ଚରିତ୍ର ଏଠିକି ଆସି ସାରିବାପରେ ଆଉ ଏ ମନ୍ଦିରର ଆବଶ୍ୟକତା ରହିବନି । ପ୍ରତ୍ୟେକ ଦେବତା ଗୋଟିଏ ଚରିତ୍ର । ଅଥଚ ଏଠାକୁ ଆସିଥିବା ପ୍ରତ୍ୟେକ ଲୋକ ଚରିତ୍ର ନୁହନ୍ତି । ସେଦିନର ଆଲୋଚନା ସେଇଠି ରଖି ଆମେ ପରସ୍ପରଠାରୁ ଅଲଗା ହୋଇଥିଲୁ ।

ଆଉ ବୁଢ଼ୀଟିକୁ ମନେରଖିବା ପାଇଁ ଖାସ୍ ଦ୍ୱିତୀୟ ସାକ୍ଷାତ୍‌ହିଁ ଦାୟୀଥିଲା । ମନ୍ଦିରରେ ପ୍ରାୟ ଘଣ୍ଟାଏ କମ୍ ଥିଲା- ଆଖିବୁଜି ଏକାଗ୍ର ବେଳେ ମତେ ଯିବାକୁ ଭଲଲାଗେ । ଆଖିବୁଜି ଏକାଗ୍ର ମନରେ ପ୍ରଣାମ କଲାବେଳେ ମତେ ଜଣାଗଲା ସତେ ଯେମିତି ମତେ କିଏ କୁଆଡ଼େ ଗାଳି ବର୍ଷଣ କରି ଚାଲିଛି । ହୁଏତ ଭୁଲରେ କାହାର ଗୋଡ଼ ଛୁଇଁ ପକାଇଥିବା ଯୋଗୁଁ କିମ୍ବା ମୋର ଉଚ୍ଚତା କାହାକୁ ଅନେକ ସମୟଧରି ଦେବ-ଦର୍ଶନରୁ ବଂଚିତ କରାଇ ଥିବାରୁ । କିଂତୁ ସେ ଦୁଇଟା ଭୁଲରୁ ମୁଁ କୌଣସିଟି କରି ନଥିଲି କିଂବା ମତେ କେହି ଗାଳି ବର୍ଷଣ କରୁ ନଥିଲା । କିଂତୁ ମତେ ବିସ୍ମୟର ଛୁଇଁକି ଭିତରକୁ ଠେଲି ଦେଇ ସେ ବୁଢ଼ୀଟି ଗାଳି ଦେଇ ଚାଲିଥିଲା ପୂର୍ବଭଳି ।

ବାଡ଼ି ପଡ଼ାର ସିନା ଜ୍ଞାନ ନାହିଁ, ଆଖ କୁଆଡ଼େ ଗମ୍ଭରେ ବାଡ଼ିପଡ଼ାଟା ? ସବୁତ ନେଲୁରେ ସତିଆନାଶିଆ । ପୁଣି କଣ ବାକି ରଖିଛୁ ଯେ ମୋରି ଉପରେ ଆଖି । ଏତେ କଲବଲକରୁଛୁ । ବତିଶି ବର୍ଷରେ ଗେରସ୍ତକୁ ଖାଇଲୁ, ସତୁରୀ ବର୍ଷରେ ଭେଣ୍ଡା ପୁଅକୁ ଦଂଶିଲୁ । ମୋର ସବୁଥିଲା, ସବୁ ଗିଳିଛି, ଆଉ କଣ ବାକି ରହିଲା ଏଥର । ଏଇଗାତରେ ପଶିଛୁ । କଳା କଳା ଡ଼ୋଳାରେ ନଜର କରୁଛୁ । କାଳିଆ ନାଗ କି ଗୋଖର ଭଳି ପାହାଡ଼ରେ ଆସ୍ଥାନ ଜମାଇଛୁ । ତତେ ଆଉ କେହି ମିଳିଲେନିରେ ପବନଖିଆ । କେତେ କେତେ ଆହାର ଛାଡ଼ି ଶେଷରେ ମତେ ଧରିଲୁ ।

ମୁଁ ବୋଧହୁଏ ଶେଷଥର ପାଇଁ ପ୍ରଣାମ କରି ନଥିଲି କିଂତୁ ଆଉ ପ୍ରଣାମ କରିବା ପାଇଁ ମୋର ମାନସିକ ପ୍ରସ୍ତୁତି ନଷ୍ଟ ହୋଇ ସାରିଥିଲା । ତା' ଭିତରେ, ମୁଁ ଖାଲି ଛିଡ଼ା ହୋଇ ଲକ୍ଷ୍ୟ କରୁଥିଲି ସେ ବୁଢ଼ୀକୁ । ତା'ର ଦୁଇ ବଂଦ ଆଖି ପତାରୁ ଝରି ଗ୍ଲାଇଥିଲା ଅବାରିତ ଅଶ୍ରୁଧାର । ତା'ର ଗାଲ ଦେଇ ଖସି ଆସୁଥିବା ଅଶ୍ରୁରେ ଆଲୋକ ରଶ୍ମି ପ୍ରତିଫଳିତ ହୋଇ ଝଲ ମଲ କରୁଥିଲା । ଆଉ ତା' ଓଠରୁ ସେଇଭଳି ଛୁଟି ଗ୍ଲାଇଥିଲା ଅଭିଶାପର ନୀଳ ଗରଳ । ବୋଧହୁଏ ସେ ଦୃଶ୍ୟ ଅନ୍ୟମାନଙ୍କ ନିକଟରେ ପୁରୁଣା ହୋଇ ଯାଇଥିବାରୁ କେହି ଦୃଷ୍ଟି ପକାଉ ନଥିଲେ ତା'ଆଡ଼େ, କିନ୍ତୁ ମୁଁ ଚାହିଁ ରହିଥିଲି ତା'ର ଓଠକୁ, ତା'ର ଭାବକୁ, କାନ ଡ଼େରିଥିଲି ତା' ଅନ୍ତରର ଅନୁଷ୍ଟୁପ ଛଂଦକୁ । ସେ ବକି ଗ୍ଲାଇଥିଲା—ରହରେ ଅଳପେଇସା, ଗାତପଶା, ଚୂଳବୁଡ଼ା, ଘରଭଂଗା, କେତେ ଘରତ ଭାଂଗି ସାରିଲୁଣି । ଶେଷକୁ ମତେ ଖାଇଲୁ । ଦେଖିବୁରେ ଶେଷକୁ ମୋରି ଭଳି ହୀନ ଅବସ୍ଥା ହୋଇ ବଡ଼ଦାଣ୍ଡରେ ବୁଲିବୁ । କୋଉ କେଳା ତତେ ଧରି ନ ନେଇ ରଖିଛି ଯାହା । ତୋର ବାଂକ ଗ୍ଲାଲିବେଳେ କିଏ ପିଟି ଦିଅନ୍ତାହେଲେ ବାଡ଼ିଏ । ସବୁ ଗାତପଶାତ ତୋରି ଭଳିରେ, ନ ହେଲେ କି ତୋ ବହପ ରହନ୍ତା ? ମୁଁ କଣ ଗ୍ଲାଲି ଯାଉଛିକି କୁଆଡ଼େ ? ଦେଖିବୁ ରହ, ତୋ ବିଷ କଣ ମତେ କାଟିବ କିରେ ଖଣ୍ଡିଆ । ହାତ ପାଦ ତ ନାହିଁ, ଘୁଷୁରିବାରେ ପୁଣି ଏତେ ଏରିଷା କଣ ପାଇ ମୋତେ ବାର ବାର ଦଂଶୁଛୁ ! ଗଜା ବୟସରେ ଯିବ ତୋ ପୁଅ । ତୋର ସବୁ ପୁଅ ଝିଅଙ୍କୁ ଦଂଶୁନ୍, ପରେତ ଅଛତି । ଆଉ ଅକସ୍ମାତ୍ ବୁଲିପଡ଼ି ବୁଢ଼ୀ ଏକମୁହାଁ ହୋଇ ଫେରି ଆସୁଥିଲା ମନ୍ଦିର ଭିତରୁ । ମୁଁ ସେଠି ଛିଡ଼ା ହୋଇ ଭାବୁଥିଲି ତା'ରି କଥା । ଗୋକୁଳି ବାବୁଙ୍କ କଥା ।

ଆଜି ତୃତୀୟ ସାକ୍ଷାତରେ ମୁଁ ଦେଖୁଥିଲି ତା'ରି ଶବକୁ ବାଇଶି ପାହାଚରେ ବୁହା ହୋଇ ଗଲାବେଳେ । ମଣି ପୂଜାପଣ୍ଡା ଆଉ ହରି ସୁଆର କଥାବାର୍ତ୍ତା ହୋଇ ଆସୁଥିଲେ । ମଣି ପୂଜାପଣ୍ଡା କହୁଥିଲା—ମଲା ଦିହଁ ଦେବତାଙ୍କୁ ଗାଳିଦେଲେ ସିଏ ଛାଡ଼ିବେ, ଦେଲା ଦଂଶି ଦେଲା ତାର ଉତ୍ତରରେ ହରି ସୁଆର କହିଲା—ଯାହା କହ ଭାଇ ଗ୍ଲଇମ ବୁଢ଼ୀ, ଶଳା, ଖୋଦ ଦିଅଙ୍କ ସାମ୍ନାରେ ଠିଆହୋଇ ତାଙ୍କୁ ଗାଳି ଦେବା କଣ କମି କଥା । ମାକ୍, ଆମକୁ କି ଅବସ୍ଥା ନକରୁଛି କାଳିଆ ଢକ୍‌ବିରକୁ ଆଦରି ପଡ଼ିଛୁ ନା ଏଇଠି, ପଦେ କହିବାକୁ ଆମର ସାହସ ହେଉଛି ?

କିନ୍ତୁ ମୁଁ ଛିଡ଼ା ହୋଇ ଭାବୁଥିଲି ସର୍ପଦଂଶନ କଥା । ଯାହାକୁ ବୁଢ଼ୀ ନିଜେ ରଚନା କରିଥିଲା । ବୁଢ଼ୀକୁ ଅଗ୍ରଣ-ସ୍ତମ୍ଭ ନିକଟକୁ ନେଇ ଆସିଥିଲେ ସେମାନେ । ମୁଁ ନିଜର ଅଜାଣତରେ ବୁଢ଼ୀର ଶବ ପଛେ ଆସି ବଡ଼ ଦାଣ୍ଡରେ ଛିଡ଼ା ହୋଇଥିଲି । ମୋର ଆଉ ମନ୍ଦିରକୁ ଯିବାପାଇଁ ଇଚ୍ଛା ହେଉନଥିଲା । ହୁଏତ ମନେ ମନେ ମୁଁ ବୁଢ଼ୀର ଶବଧାର ପଛେ ପଛେ ଯିବାପାଇଁ ଠିକ୍ କରିଦେଇଥିଲି । ବୁଢ଼ୀ ମରିଯିବାପରେ ତିନୋଟି ଘଟଣା ଘଟିଥିଲା ।

(୧) ଗୋକୁଳିବାବୁ ଇଚ୍ଛାକରି ଅନ୍ୟସ୍ଥାନକୁ ବଦଳି ହୋଇପାରିଥିଲେ ।

(୨) ଦିନକୁ ଦିନ ଜଗନ୍ନାଥ ଦୁର୍ବଳ ହୋଇ ଗଲା ଭଳି ମନେ ହେଉଥିଲେ ।

(୩) ନିର୍ଦ୍ଦିଷ୍ଟ ବୟସର ସ୍ତ୍ରୀ/ପୁରୁଷମାନଙ୍କୁ ଏକୁଟିଆ ମନ୍ଦିର ଦର୍ଶନ କରିବାପାଇଁ ବାରଣ କରାଯାଉଥିଲା ।

ପୋଖରିଆ ସାହି, ପୁରୀ



# ସମାଜ ସେବା ଜରିଆରେ ମା' ଓ ଶିଶୁର ବିକାଶ

ଶ୍ରୀମତୀ ସୈରନ୍ଧ୍ରୀ ନାୟକ

ଶିଶୁହିଁ ଦେଶର ଭବିଷ୍ୟତ । କାରଣ ଆଜି 'ଯେ' ଶିଶୁ ସେ ଆସନ୍ତା କାଲି ସାବାଳକ ହୋଇ ସମାଜର ବିଭିନ୍ନ କ୍ଷେତ୍ରରେ ଦାୟିତ୍ୱ ବହନ କରେ । ତେଣୁ ଶିଶୁ କେଉଁ ମୂଲ୍ୟବୋଧ ଓ ଦୃଷ୍ଟିକୋଣ ନେଇ ସାବାଳକ ହୋଇ ଗଢି ଉଠିବ ତାରି ଉପରେ ଭବିଷ୍ୟତରେ ସମାଜର ବିକାଶ ଧାରା ଓ ଦିଗ ନିର୍ଭର କରିବ ।

ଜୀବ ଜଗତରେ ମଣିଷର ଏକ ବିଶେଷତ୍ୱ ହେଲା ତାକୁ ଯଦି ପ୍ରକୃତି ଉପରେ ସଂପୂର୍ଣ୍ଣ ଛାଡ଼ି ଦିଆଯିବ ତାର ଜୀବନ ଧାରଣର ଆଶା ମଧ୍ୟ କ୍ଷୀଣ ହୋଇଯିବ । ଶୈଶବ କାଳରେ ମଣିଷ ତାର ବିକାଶ ପାଇଁ ପରିବାର, ଗୋଷ୍ଠୀ ଓ ସମାଜରୁ ଯେଉଁ ଶିକ୍ଷା ଲାଭ କରେ ତାରି ଉପରେ ତାର ବୌଦ୍ଧିକ, ଶାରୀରିକ ତଥା ଚରିତ୍ରିକ ବିକାଶ ନିର୍ଭର କରେ । ପ୍ରାକୃତିକ ଓ ସାମାଜିକ ପରିବେଶ ଅତିମାତ୍ରାରେ ମଣିଷର ଜୀବନକୁ ପ୍ରଭାବିତ କରୁଥିଲେ ସୁଦ୍ଧା ଅନ୍ୟ ପକ୍ଷରେ ପ୍ରାକୃତିକ ଓ ସାମାଜିକ ପରିବେଶରେ ପରିବର୍ତ୍ତନ ଆଣିବାର କ୍ଷମତା ମଣିଷର ରହିଛି । ମଣିଷ ନିଜର ପରିବେଶକୁ ଚିହ୍ନିବାରେ କେତେଦୂର ସକ୍ଷମ ହୋଇ ପାରିଛି ତାରି ଉପରେ ଦେଶ ଓ ସମାଜର ବିକାଶର ଧାରା ଓ ଗତି ନିର୍ଭର କରେ । ତେଣୁ ଶିଶୁ ନିଜର ବିକାଶ କାଳରେ କଣ ଜାଣିଛି, କଣ ନ ଜାଣିଛି, କେଉଁ ଜିନିଷକୁ ଭଲ ପାଉଛି, କେଉଁ ଜିନିଷକୁ ଘୃଣା କରି ଶିଖିଛି, କେଉଁ ମୂଲ୍ୟ ବୋଧକୁ ସେ ସମ୍ମାନ ଦେଇ ଶିଖିଛି ପ୍ରଭୃତି ଉପରେ ଭବିଷ୍ୟତରେ ସେ ସାବାଳକ ହେଲେ ସମାଜର ବିଭିନ୍ନ କ୍ଷେତ୍ରରେ କେଉଁ ଭୂମିକା ଗ୍ରହଣ କରିବ ନିର୍ଭର କରେ । ଏଇ କାରଣରୁ ବର୍ତ୍ତମାନ ପ୍ରତ୍ୟେକ ସଭ୍ୟ ସମାଜରେ ଶିଶୁର ବିକାଶ ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଉଛି ଓ ଶିଶୁର ବିକାଶ ନିମନ୍ତେ ବିଭିନ୍ନ ରକମ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି ।

ଚୀନ ଭାଷାରେ ଗୋଟିଏ ପ୍ରବାଦ ଅଛି —

ତୁମେ ଯଦି ଗୋଟିଏ ବର୍ଷ ସକାଶେ ଯୋଜନା କରୁଛ ମଞ୍ଜି ବୁଣ,

ତୁମେ ଯଦି ଗୋଟିଏ ପୁରୁଷ ସକାଶେ ଯୋଜନା କରୁଛ ବୃକ୍ଷ ରୋପଣ କର,

ତୁମେ ଯଦି ଗୋଟିଏ ଶତାବ୍ଦୀ ପାଇଁ ଯୋଜନା କରୁଛ ଲୋକଙ୍କୁ ଶିକ୍ଷିତ କର ।

କେତେକ ମତ ପୋଷଣ କରନ୍ତି ଯେ ଦେଶର ବିକାଶ ପାଇଁ ସର୍ବଶ୍ରେଷ୍ଠ ପୁଞ୍ଜି ବିନିଯୋଗ ହେଲା ମାନବ ସଂପଦର ବିକାଶ ପାଇଁ ପୁଞ୍ଜି ବିନିଯୋଗ । ମାନବ ସଂପଦର ବିକାଶ ଯୋଜନାରେ ଶିଶୁର ବିକାଶ ଅଗ୍ରାଧିକାର ପାଇବ ଏଥିରେ କୌଣସି ସନ୍ଦେହ ନାହିଁ । ଶିଶୁମାନଙ୍କ ସମସ୍ୟା ଓ ଶିଶୁ କଲ୍ୟାଣ କାର୍ଯ୍ୟକ୍ରମର ଗୁରୁତ୍ୱ ପ୍ରତି ଦୃଷ୍ଟି ଆକର୍ଷଣ କରିବା ପାଇଁ ଚଳିତ ବର୍ଷକୁ ମିଳିତ ଜାତିସଂଘ ଆନ୍ତର୍ଜାତିକ ଶିଶୁବର୍ଷ ସକାଶେ ଯେଉଁ ଘୋଷଣାପତ୍ର ପ୍ରକାଶ କରିଛନ୍ତି ସେଥିରେ କୁହା ଯାଇଛି ପ୍ରତ୍ୟେକ ଶିଶୁ କେତେଗୁଡ଼ିଏ ମୌଳିକ ଅଧିକାର ପାଇଁ ହକ୍‌ଦାର ଓ ସେହି ଅଧିକାରରୁ ଶିଶୁମାନେ ଯେପରି ବଂଚିତ ନ ହୁଅନ୍ତି ସେଥିପାଇଁ ସମଗ୍ର ମାନବ ସମାଜ ନିଷ୍ଠାପର ଭାବେ ଚେଷ୍ଟା କରିବା ଉଚିତ । ଶିଶୁମାନଙ୍କ ସକାଶେ ଯେଉଁସବୁ ମୌଳିକ ଅଧିକାର ଘୋଷଣା କରା ହୋଇଛି ସେଗୁଡ଼ିକ ହେଲା—ସ୍ୱାସ୍ଥ୍ୟ ସେବା, ସର୍ବ ନିମ୍ନ ଶିକ୍ଷା, ପୁଷ୍ଟିକର ଖାଦ୍ୟ, ଶିଶୁ ଶ୍ରମିକର ଶୋଷଣରୁ ମୁକ୍ତି ପ୍ରଭୃତି । ସେଇ ଘୋଷଣାରେ ଅଧିକନ୍ତୁ କୁହା ଯାଇଛି ଯେ ଶିଶୁର ବିକାଶ ଏପରି ଏକ ପରିବେଶ ଭିତରେ ହେବା ଆବଶ୍ୟକ ଯଦ୍ୱାରା ତା' ଭିତରେ ସହିଷ୍ଣୁତା, ବିଶ୍ୱ ଭ୍ରାତୃତ୍ୱ, ମାନବିକତା ଓ ସେବାଗୁଣ ପ୍ରଭୃତିର ଉଦ୍ରେକ ହେବ ।

ଶିଶୁର ବିକାଶ କ୍ଷେତ୍ରରେ ମା'ର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଶିଶୁ ତାର ପ୍ରାଥମିକ ଅବସ୍ଥାରେ ସଂପୂର୍ଣ୍ଣଭାବେ ମା' ଉପରେ ନିର୍ଭର କରେ । ଇଂରାଜୀରେ ପ୍ରବାଦ ଅଛି—" It is cradle that rules the Nation. " ଶିଶୁର ଝୁଲଣାଦେଶକୁ ଶାସନ କରେ । ଏହାର ମର୍ମ ହେଲା ଶିଶୁ ଯେଉଁ ଚାରିତ୍ରିକ ଲକ୍ଷଣ ନେଇ ଗଢି ଉଠେ ତାହା ମା' ଉପରେ ନିର୍ଭର କରେ । ଆମ ଦେଶରେ ସ୍ୱାଧୀନତା ସଂଗ୍ରାମ ଚାଲିଥିବା ସମୟରେ ଜାତିର ଜନକ ମହାତ୍ମାଗାନ୍ଧୀ ଭାରତୀୟ ନାରୀମାନଙ୍କ ଉଦ୍ଦେଶ୍ୟରେ ତାଙ୍କର ଅଗ୍ର ଲେଖାରେ ସୂଚାଇ ଥିଲେ— "ଆପଣମାନଙ୍କ ଉପରେ ଏଇ ଦେଶର ମୁକ୍ତି ନିର୍ଭର କରେ । ଏ ଦେଶର ଭବିଷ୍ୟତ ବଂଶଧର ଆପଣମାନଙ୍କ କୋଳରେ ବଢୁଛନ୍ତି । ଆପଣମାନେ ଏ ଦେଶର ବାଳକ-ବାଳିକାମାନଙ୍କୁ ନିରାଡ଼ମ୍ବର, ସାହସୀ, ତ୍ୟାଗୀ ଓ ଉଦାର ହେବା ପାଇଁ ଗଢି ପାରନ୍ତି କିମ୍ବା ସେମାନଙ୍କୁ କାପୁରୁଷ ଓ ବିଳାସୀ ଭାବେ ଗଢି ପାରନ୍ତି । ଆପଣମାନେ ଯଦି ସେମାନଙ୍କୁ କାପୁରୁଷ ଓ ବିଳାସୀଭାବେ ଗଢ଼ନ୍ତି ତା' ହେଲେ ସେମାନେ ଜୀବନର ଝଡ଼ଝଞ୍ଜା ସଂଭାଳି ପାରିବେ ନାହିଁ କିମ୍ବା ଆତ୍ମନିର୍ଭରଶୀଳ ହୋଇ ପାରିବେ ନାହିଁ । ଶିଶୁର ସ୍ୱାସ୍ଥ୍ୟ, ମନୋ-ବିଜ୍ଞାନ, ପୁଷ୍ଟିକର ଖାଦ୍ୟ ରନ୍ଧନ ଓ ପ୍ରସୁତି ସମ୍ବନ୍ଧରେ ଯଦି ମହିଳାମାନଙ୍କର ବିଜ୍ଞାନସମ୍ମତ ସମ୍ୟକ୍ ଧାରଣା ନଥାଏ ତା' ହେଲେ ସେମାନେ ନିଜର ଦାୟିତ୍ୱ ତୁଲାଇ ପାରିବେ ନାହିଁ । ଅନେକ ସମୟରେ ସ୍ତ୍ରୀମାନେ ଅନ୍ଧ ବିଶ୍ୱାସ ଓ କୁସଂସ୍କାରର ବଶବର୍ତ୍ତୀ ହୋଇ ବିଜ୍ଞାନସମ୍ମତ ପନ୍ଥା ଅବଲମ୍ବନ କରନ୍ତି ନାହିଁ । ଉଦାହରଣ ସ୍ୱରୂପ ଶିଶୁ ଝାଡ଼ା କିମ୍ବା ଜ୍ୱର ରୋଗରେ ଆକ୍ରାନ୍ତ ହେଲେ ତାକୁ ପିଇବା ପାଣି ଦେବା ଅନୁଚିତ । ଏପରି କରିବା ଦ୍ୱାରା ଶିଶୁର ଦେହରୁ ଜଳୀୟ ଅଂଶ ହ୍ରାସ ପାଇ ସେ ମୃତ୍ୟୁମୁଖରେ ପତିତ ହୁଏ । ସେହିପରି କେତେକ ମହିଳା ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ଗର୍ଭବତୀ ଅବସ୍ଥାରେ କେତେକ ରକମର ପୁଷ୍ଟିକର ଖାଦ୍ୟ ଯଥା:— ଶାଗ, ପାଚିଲାଘଣ୍ଟା, ମାଛ, ମାଂସ, ଅଣ୍ଡା ପ୍ରଭୃତି ଖାଆନ୍ତି ନାହିଁ । ଏପରି କରିବା ଦ୍ୱାରା ସେମାନେ ନିଜର ସ୍ୱାସ୍ଥ୍ୟହାନି କରିବା ସଙ୍ଗେ ସଙ୍ଗେ ଅନାଗତ ଶିଶୁର ବିଶେଷ କ୍ଷତି କରିଥାଆନ୍ତି । ଅନେକ ସ୍ତ୍ରୀ ଲୋକ ଜାଣନ୍ତି ନାହିଁ ଯେ ଶିଶୁ ପ୍ରଥମ ୫ ବର୍ଷ ଭିତରେ ଯେଉଁ ପୁଷ୍ଟିକର ଖାଦ୍ୟଖାଏ ତାରି ଉପରେ ତାର ମସ୍ତିଷ୍କର ବିକାଶ ନିର୍ଭର କରେ । ପୁଷ୍ଟିକର ଖାଦ୍ୟର ଅଭାବରୁ ଶିଶୁର ମସ୍ତିଷ୍କର ଯେଉଁ କ୍ଷତି ଘଟେ ତାହା ଚିରସ୍ଥାୟୀ ହୋଇଯାଏ । ଅଳ୍ପ ଖର୍ଚ୍ଚରେ ଶିଶୁ ଉପଯୋଗୀ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତି ସମ୍ବନ୍ଧରେ ମା'ମାନଙ୍କୁ ଶିକ୍ଷିତା କରିବା ନିତାନ୍ତ ପ୍ରୟୋଜନ । ଆମ ଦେଶର ମହିଳା-ମାନଙ୍କ ଭିତରେ ରୋଗର ଉତ୍ପତ୍ତି ଓ ତାର ନିରାକରଣ ସଂବନ୍ଧରେ ମଧ୍ୟ ଅନେକ ଅନ୍ଧ ବିଶ୍ୱାସ ରହିଛି । ସେମାନେ ପ୍ରତିଷେଧକ ଟୀକା ଔଷଧ ସମ୍ବନ୍ଧରେ ମଧ୍ୟ ଅବଗତ ନୁହନ୍ତି । ପ୍ରତିଷେଧକ ଔଷଧ ପ୍ରୟୋଗ ଦ୍ୱାରା ଆଜି ଶିଶୁମାନଙ୍କୁ ଅନେକ ମାରାତ୍ମକ ରୋଗରୁ ମୁକ୍ତ କରିହେବ । ବସନ୍ତ, ଡ଼ିପଥେରିଆ, ଯକ୍ଷ୍ମା, ଟେଟ୍‌ନା କାଶ, ଧନୁଷ୍ଟଙ୍କାର ପ୍ରଭୃତିର ପ୍ରତିଷେଧକ ଔଷଧ ବାହାରିଲାଣି । ମା ଟିକିଏ ଯତ୍ନବାନ ହେଲେ ନିଜର ପୁଅଝିଅମାନଙ୍କୁ କୁଷ୍ଠରୋଗ ହୋଇଥିଲେ ସେମାନଙ୍କର ଚିକିତ୍ସା କରାଇ ସେମାନଙ୍କୁ ଏଇ ମାରାତ୍ମକ ରୋଗରୁ ମୁକ୍ତ କରି ପାରିବ । କିନ୍ତୁ ଅଧିକାଂଶ ଅଶିକ୍ଷିତା ମହିଳାମାନଙ୍କ ଏ ସମ୍ବନ୍ଧରେ କୌଣସି ଜ୍ଞାନ ନାହିଁ । ଆଉ କେତେକ ଏଇ ବିଷୟରେ ଅବଗତ ଥିଲେ ସୁଦ୍ଧା ସରକାରଙ୍କ ଦ୍ୱାରା କିମ୍ବା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଦ୍ୱାରା ଏଇ ସବୁ ସୁବିଧା କେଉଁଠାରେ ମିଳୁଛି ସେ ସମ୍ବନ୍ଧରେ ଅବହିତ ନଥାନ୍ତି । ସ୍ଥଳ ବିଶେଷରେ ପ୍ରାଥମିକ ଚିକିତ୍ସା କେନ୍ଦ୍ରର ପଡ଼ିଶାରେ ରହୁଥିବା ପରିବାର ମଧ୍ୟ ପ୍ରତିଷେଧକ ବ୍ୟବସ୍ଥାର ସୁଯୋଗ ନିଅନ୍ତି ନାହିଁ ।

ଶିଶୁ କଲ୍ୟାଣ ଓ ମାତୃ କଲ୍ୟାଣ କାର୍ଯ୍ୟକ୍ରମ ଓତଃପ୍ରୋତ ଭାବେ ପରସ୍ପର ସହିତ ଜଡ଼ିତ । ଗୋଟିଏ କାର୍ଯ୍ୟକ୍ରମ ଅନ୍ୟ କାର୍ଯ୍ୟକ୍ରମର ସହାୟକ ଓ ପରିପୂରକ । ଏହିସବୁ କାର୍ଯ୍ୟକ୍ରମରେ ଅର୍ଥବ୍ୟୟ ଅପେକ୍ଷା ସ୍ତ୍ରୀଶିକ୍ଷାର ପ୍ରସାର, ବିକାଶମୂଳକ ଯୋଜନା ସମ୍ବନ୍ଧରେ ଲୋକଙ୍କ ଅବଗତି, ଦୃଷ୍ଟିକୋଣରେ ପରିବର୍ତ୍ତନ ଓ ନୂତନ ମୂଲ୍ୟବୋଧ ପ୍ରତି ଆଗ୍ରହ ବିଶେଷଭାବେ ଦରକାର । ଏଠି ଶିକ୍ଷାର ଅର୍ଥ ସାକ୍ଷରତା ନୁହେଁ—ଶିକ୍ଷାର ଅର୍ଥ ହେଲା ନିଜର ଜୀବନ ଓ କର୍ତ୍ତବ୍ୟ ସଂବନ୍ଧରେ ଆବଶ୍ୟକୀୟ ଜ୍ଞାନ ଓ ତଥ୍ୟ ଆହରଣ । କେବଳ ଏକ ବ୍ୟାପକ ପ୍ରୌଢ଼ଶିକ୍ଷା ଦ୍ୱାରା ଏହା ସଂଭବ ହୋଇ ପାରିବ । ଶିଶୁର ନିରାପଦ ଓ ସୁସ୍ଥ ବିକାଶ ପାଇଁ ସୁଖୀ ପରିବାର ହେଲା ପ୍ରଥମ ମୂଳଦୁଆ । ଦେଶରେ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ନିଆ ଯାଇଛି, ସେଥିରେ ଲୋକମାନଙ୍କୁ ପରାମର୍ଶ ଦିଆଯାଉଛି ଯେ କାହାରି ଦୁଇଟିରୁ ବେଶି ସନ୍ତାନ ନହେଉ । ପିଲା କମ୍ ହେଲେ ସେମାନଙ୍କ ଯତ୍ନ ନେବା ବାପାମାଙ୍କ ପକ୍ଷରେ ବେଶି ସୁବିଧାଜନକ ଓ ମାର ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ, ଏଥିରେ ସନ୍ଦେହ ନାହିଁ । କିନ୍ତୁ ଏଇ ପରାମର୍ଶ ଦେଉଥିବେଳେ ସେହି ପିତାମାତାଙ୍କୁ ନିର୍ଭର ଆଶ୍ୱାସନା ଦେବାକୁ ପଡ଼ିବ ଯେ ସେହି ପିଲାମାନେ ଦୀର୍ଘ-ଜୀବୀ ହେବେ । ତା'ନ ହେଲେ ଲୋକଙ୍କର ପରିବାର କଲ୍ୟାଣ ଯୋଜନା ଉପରୁ ବିଶ୍ୱାସ ତୁଟିଯିବ । ତେଣୁ ପରିବାର କଲ୍ୟାଣର ଦୁଇଟି ଦିଗ ରହିଛି—ଶିଶୁ କଲ୍ୟାଣ ଓ ମାତୃ ମଙ୍ଗଳ । ଶିଶୁ କଲ୍ୟାଣ କାର୍ଯ୍ୟକ୍ରମର ପ୍ରଧାନ ଅଙ୍ଗଗୁଡ଼ିକ ହେଲା— ପୁଷ୍ଟିକର ଖାଦ୍ୟ ଓ ଖାଦ୍ୟସାର ଯୋଗାଣ, ନିର୍ଦ୍ଦିଷ୍ଟ, ଉଚ୍ଚଟ ଓ ମାରାତ୍ମକ ରୋଗରୁ ରକ୍ଷା କରିବା ପାଇଁ ସେମାନଙ୍କର ରୋଗ ନିରୋଧ ଶକ୍ତି ବଢ଼ାଇବା ନିମନ୍ତେ ବିଭିନ୍ନ ପ୍ରକାର ଇଞ୍ଜେକ୍‌ସନ୍ ଓ ପ୍ରତିଷେଧକ ଔଷଧର ବ୍ୟବସ୍ଥା ରହିଛି ।

ମାତୃମଙ୍ଗଳ ଓ ଶିଶୁକଲ୍ୟାଣ କାର୍ଯ୍ୟକ୍ରମରେ କେବଳ ସରକାରୀ କଳ ଉପରେ ନିର୍ଭର କଲେ ଚଳିବ ନାହିଁ । ଏ କ୍ଷେତ୍ରରେ ଯେଉଁମାନେ ଶିକ୍ଷିତ ଓ ବିଜ୍ଞାନସମ୍ମତ ଚିନ୍ତାଧାରା ଗ୍ରହଣ କରିବାରେ ଅଗ୍ରଣୀ ସେମାନଙ୍କର ଏକ ନିର୍ଦ୍ଦିଷ୍ଟ ଭୂମିକା ରହିଛି । ଲୋକଙ୍କୁ ଅନ୍ଧ ବିଶ୍ୱାସ ଓ କୁସଂସ୍କାରରୁ ମୁକ୍ତ କରି ନୂତନ ପଦ୍ଧତି ଓ ଚିନ୍ତାଧାରା ଗ୍ରହଣ କରିବାପାଇଁ ସେମାନେ ସମାଜର ବଞ୍ଚିତ ଲୋକମାନଙ୍କ ଭିତରେ କାମ କରିବା ଉଚିତ । ସରକାରଙ୍କ ତରଫରୁ ଯେଉଁସବୁ ସେବାମୂଳକ ଯୋଜନା ରହିଛି ତା' ସହିତ ସହଯୋଗ କରି ତାର ସନ୍ଦେଶ ଲୋକମାନଙ୍କୁ ପହଞ୍ଚାଇବାକୁ ହେବ । ଏହା ବ୍ୟତୀତ ଲୋକମାନଙ୍କୁ ସଂଗଠିତ କରି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜରିଆରେ ଲୋକେ ଯେପରି ନିଜ ଉଦ୍ୟମରେ ମାତୃ ମଙ୍ଗଳ ଓ ଶିଶୁ କଲ୍ୟାଣ କାର୍ଯ୍ୟକ୍ରମ ହାତକୁ

ନେଇ ପାରିବେ ତାର ବ୍ୟବସ୍ଥା ହେବା ଆବଶ୍ୟକ । ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ଆର୍ଥିକ ଅନୁଦାନ ଦେବା ପାଇଁ ସରକାରଙ୍କ କାର୍ଯ୍ୟକ୍ରମ ରହିଛି । ଓଡ଼ିଶାରେ ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ବାଲୱାଡ଼ି, କ୍ରେସ୍, ଶିଶୁମାନଙ୍କ ବିନୋଦନ ଶିବିର ସ୍ଥାପନ, ପୁଷ୍ଟିକର ଖାଦ୍ୟ ବିତରଣ, ମହିଳା କର୍ମଜୀବୀ ଓ ଶ୍ରମିକମାନଙ୍କ ପୁଅଝିଅମାନଙ୍କ ସକାଶେ ସେବା କେନ୍ଦ୍ର ସ୍ଥାପନ ପ୍ରଭୃତି କାର୍ଯ୍ୟକ୍ରମ ସକାଶେ ଆର୍ଥିକ ସାହାଯ୍ୟ ଦେଉଥାନ୍ତି । ଗ୍ରାମମାନଙ୍କରେ କାର୍ଯ୍ୟ କରୁଥିବା ଯୁବକ ସଂଘ ଓ ମହିଳା ସମିତିଗୁଡ଼ିକ ସମାଜ ମଙ୍ଗଳ ବୋର୍ଡ ଯୋଜନାର ସୁଯୋଗ ନେବା ଆବଶ୍ୟକ ।

ଆମକୁ ମନେ ରଖିବାକୁ ହେବ ଯେ ମାତୃମଙ୍ଗଳ ଓ ଶିଶୁ କଲ୍ୟାଣ କାର୍ଯ୍ୟକ୍ରମରେ ଆମମାନଙ୍କୁ ସମାଜର ବଂଚିତ ଶ୍ରେଣୀର ଲୋକଙ୍କୁ ଅଗ୍ରାଧିକାର ଦେବାକୁ ହେବ, କାରଣ ସେମାନଙ୍କୁ ଏକ ସର୍ବନିମ୍ନ ଉନ୍ନତିର ସ୍ତରକୁ ନଆଣିବା ପର୍ଯ୍ୟନ୍ତ ଆମ ସମ୍ବିଧାନରେଯେଉଁ ସାମାଜିକ ନ୍ୟାୟ ପ୍ରତିଷ୍ଠାର ଲକ୍ଷ୍ୟ ରଖାଯାଇଛି ତାହା ହାସଲ ହୋଇ ପାରିବ ନାହିଁ ।

ସଦସ୍ୟା, ଓଡ଼ିଶା ବିଧାନ ସଭା

ଏମ୍. ଏଲ୍. ଏ. କଲୋନୀ,
ଭୁବନେଶ୍ୱର

## ମରୁଡ଼ି ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ବ୍ୟାପକ ବ୍ୟବସ୍ଥା

୧୯୬୯ ଅଗଷ୍ଟ ୨୨ ତାରିଖ ଦିନ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟଙ୍କ ଅଧ୍ୟକ୍ଷତାରେ ମନ୍ତ୍ରିମଣ୍ଡଳର ଅଣଆନୁଷ୍ଠାନିକ ବୈଠକରେ ରାଜ୍ୟର ମରୁଡ଼ି ପରିସ୍ଥିତି ଓ ତା'ର ମୁକାବିଲା ପାଇଁ ପର୍ଯ୍ୟାଲୋଚନା କରାଯାଇଥିଲା ।

ଏ ପର୍ଯ୍ୟନ୍ତ ମିଳିଥିବା ଖବର ଅନୁଯାୟୀ ରାଜ୍ୟର ପ୍ରାୟ ୫୦ଟି ବ୍ଲକରେ ବର୍ଷାଭାବ ହେତୁ ଶସ୍ୟହାନୀ ଘଟିଛି ବୋଲି ଜଣାଯାଇଛି । ସମ୍ବଲପୁର ଜିଲ୍ଲାର ପଶ୍ଚିମାଞ୍ଚଳ ଓ ଝାରସୁଗୁଡ଼ା ଅଞ୍ଚଳ, ସୁନ୍ଦରଗଡ଼ ଜିଲ୍ଲାର ସଦର ସବ୍‌ଡିଭିଜନ, କେନ୍ଦୁଝର ଜିଲ୍ଲାର ଚଂପୁଆ ସବ୍‌ଡିଭିଜନ, ମୟୂରଭଞ୍ଜ ଜିଲ୍ଲାର ପଞ୍ଚପୀଢ଼ ସବ୍‌ଡିଭିଜନ, ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି, ବ୍ରହ୍ମପୁର ଓ ଛତ୍ରପୁର ଅଞ୍ଚଳ, ଫୁଲବାଣୀ ଜିଲ୍ଲାର ମନମୁଣ୍ଡା ଓ କଣ୍ଟାମାଳ, କଳାହାଣ୍ଡି ଜିଲ୍ଲାର ଖଡ଼ିଆଳ ଅଞ୍ଚଳ ଏବଂ ବଲାଙ୍ଗିର ଜିଲ୍ଲାର ବୀର ମହାରାଜପୁର, ସୋନପୁର, ଲୋଇସିଂହା ଓ ଅଗଲପୁର ଅଞ୍ଚଳ ବର୍ଷା ଅଭାବରୁ କ୍ଷତିଗ୍ରସ୍ତ ହୋଇଥିବାର ଖବର ପହଞ୍ଚିଛି ।

### ପରିସ୍ଥିତିର ଆଶୁ ପ୍ରତିକାର ନିମନ୍ତେ ରାଜ୍ୟ ସରକାରଙ୍କ ବ୍ୟାପକ ବ୍ୟବସ୍ଥା ଗ୍ରହଣ

୧ । ଜମି ଉପରେ ଥିବା ଧାନ ଫସଲକୁ ବଞ୍ଚାଇ ରଖିବା ନିମନ୍ତେ ସଂପୃକ୍ତ ଅଞ୍ଚଳରେ ଥିବା ଉଠା ଜଳସେଚନ ବିଭାଗ, ଗ୍ରାମ ପଞ୍ଚାୟତ ବିଭାଗ ଓ ସମବାୟ ବିଭାଗ ଅଧୀନରେ ଥିବା ଡିଜେଲ ପମ୍ପ ଗୁଡ଼ିକୁ ତୁରନ୍ତ କାର୍ଯ୍ୟରେ ଲଗାଯିବ ଏବଂ ଏଥିନିମନ୍ତେ ଚାଷୀମାନଙ୍କୁ ପମ୍ପ ଭଡ଼ାର ଶତକଡ଼ା
୭୫ ଭାଗ ସବ୍‌ସିଡ଼ି ଦିଆଯିବ । ରାଜ୍ୟର ପଶ୍ଚିମାଞ୍ଚଳରେ ବିସ୍ତୃତ ଭାବେ ଅଡ଼ିବନ୍ଧ ପକାଇ ନାଳ ପାଣିକୁ ଜମିରେ ମଡ଼ାଯିବାର ବ୍ୟବସ୍ଥା କରାଯିବ ।

୨ । କ୍ଷତିଗ୍ରସ୍ତ ଅଞ୍ଚଳରେ ଥିବା ବେସରକାରୀ କୂଅଗୁଡ଼ିକୁ ଶୀଘ୍ର ବିଦ୍ୟୁତ୍ ସଂଯୋଗ କରାଯିବ ।

୩ । ଟେଷ୍ଟ ରିଲିଫ୍ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରାଯିବ ।

୪ । 'ଖାଦ୍ୟ ପାଇଁ କାମ' କାର୍ଯ୍ୟକ୍ରମକୁ ଶସ୍ୟହାନି ଅଞ୍ଚଳରେ ବ୍ୟାପକ ଭାବରେ କାର୍ଯ୍ୟକାରୀ କରାଯିବ ଏବଂ ଏଥିନିମନ୍ତେ ଆବଶ୍ୟକ ହେଲେ ଅନ୍ୟାନ୍ୟ ଅଞ୍ଚଳରୁ ଉପରୋକ୍ତ ଅଞ୍ଚଳକୁ ସଞ୍ଚିତ ଖାଦ୍ୟଶସ୍ୟ ପଠାଯିବ । ଏଥିପାଇଁ ୫ ହଜାର ଟନ୍ ଖାଦ୍ୟଶସ୍ୟ ଯୋଗାଇ ଦିଆଯିବ ଏବଂ ଅଧିକ
୫୦ ହଜାର ଟନ୍ ଗହମ ଯୋଗାଇ ଦେବା ପାଇଁ ଭାରତ ସରକାରଙ୍କୁ ଅନୁରୋଧ କରାଯିବ ।

୫ । ଅପେକ୍ଷାକୃତ ଭଲ ଫସଲ ହୋଇଥିବା ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ନିମିତ୍ତ ଦିଆଯାଇଥିବା ଅର୍ଥରୁ କିଛି ଅଂଶ ଆବଶ୍ୟକ ମତେ କ୍ଷତିଗ୍ରସ୍ତ ଅଞ୍ଚଳର ଉନ୍ନୟନ କାର୍ଯ୍ୟରେ ବିନିଯୋଗ କରାଯିବ ।

ଜଳକଷ୍ଟ ଦୂରୀକରଣ ନିମିତ୍ତ ଯଥେଷ୍ଟ ସଂଖ୍ୟାରେ ନଳକୂଅ ବସାଇବାର ବ୍ୟବସ୍ଥା କରାଯିବ ।

୬ । ଶସ୍ୟହାନି ଅଞ୍ଚଳରେ ଅଧିକ ପାନୀୟ ଜଳ ଯୋଗାଣ ନିମିତ୍ତ ଯଥେଷ୍ଟ ସଂଖ୍ୟାରେ ନଳକୂଅ ବସାଇବାର ବ୍ୟବସ୍ଥା କରାଯିବ । ପୁଷ୍ଟିକର ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବ ।

୭ । କ୍ଷତିଗ୍ରସ୍ତ ଅଞ୍ଚଳର ଶିଶୁ, ଆସନ୍ନ ପ୍ରସବା ମହିଳାମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବ ।

୮ । ଆଗାମୀ ରବି ଶସ୍ୟ ପାଇଁ କ୍ଷତିଗ୍ରସ୍ତ ଅଞ୍ଚଳରେ ତଗାବୀ ଋଣ ମଞ୍ଜୁରୀ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବ । ଯୋଗାଇ ଦେବା ନିମନ୍ତେ ବଣ୍ଟନ ବ୍ୟବସ୍ଥାକୁ

୯ । ଶସ୍ୟହାନି ଅଞ୍ଚଳର ଲୋକମାନଙ୍କୁ ସୁବିଧାରେ ଓ ସୁଲଭ ମୂଲ୍ୟରେ ଅତ୍ୟାବଶ୍ୟକ ଦ୍ରବ୍ୟ ଯୋଗାଇ ଦେବା ନିମନ୍ତେ ବଣ୍ଟନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯିବ ଏବଂ ସେହି ଅଞ୍ଚଳରେ ଅଧିକ ସଂଖ୍ୟକ ସୁଲଭ ମୂଲ୍ୟ ଦୋକାନ ଖୋଲାଯିବ ।

# ସ୍ୱୟଂବର

ଶ୍ରୀ ଫନୀ ମହାଂତ

ସଇଚ୍ଛାରେ ମୁଣ୍ଡ ପାତି ଆବୋରିଲ ପରେ
ସକଳ ଦୁଃଖକୁ ଆଉ କାହା ଦୋଷ ଦେଇ
ଲଭ କ'ଣ ଅଶ୍ୱାରୋହୀ ?

ଦୋଷତ ନିଜର ! ବା' ଟିକିଏ କଥାରେ
ନିଜ ଭାଗ୍ୟକୁ ନିନ୍ଦୁଥିବା ଲୋକଟିର
ଯିଏ ନିଜେ ଏକାଗ୍ର ଚିତରେ ଶର ନିକ୍ଷେପିଲ
ମାଛର ଆଖିକୁ ଓ ସଗର୍ବରେ ବାଜି ଜିଣିଥିଲ
ଶହ ଶହ ଦର୍ଶକ ସାମ୍ନାରେ ।।

ଭୁଲ୍‌ରେ ହେଲେବି ସେ କାହୁଁ ଜାଣିବ
ତା' କଷ୍ଟ ଅର୍ଜିତ ଇପ୍‌ସିତ ନାରୀକୁ,
ହୃଦୟେଶ୍ୱରୀକୁ ! ଥୋକାଏ ପୁରୁଷ ମିଶି ଧର୍ଷଣ କରିବେ
ଓ ବେଶ୍ ଭଦ୍ର ଭାବେ ନୀତି ଓ ଆଦର୍ଶ ପାଇଁ
ଶାସ୍ତ୍ର ଲେଖିଯିବେ ।।

ଅପେକ୍ଷାରେ କେତେ ଯେ ଜ୍ୱଳନ !
ଅପେକ୍ଷାର ଅନ୍ୟ ନାମ ମୃତ୍ୟୁ ! ମୃତ୍ୟୁ ଏକ
ବୃଥା ଆସ୍ଫାଳନ ! ଭୁଲ୍‌ରେ ବିନ୍ଧିଲ ଶର
ସବ୍ୟସାଚୀ ; ସ୍ୱୟମ୍ବର ଏକ ଷଡ଼ଯନ୍ତ୍ର
ମସ୍ତ ବଡ଼ ପାପର ନଜିର ।।

କୋଉ ଆଦର୍ଶ ବା' କରୁଣାର ମୂର୍ତ୍ତିମନ୍ତ
ପ୍ରତୀକ ସେ, ବିନା ସର୍ତ୍ତେ ସମର୍ପିବ ଏପରିକି
ନିଜର ପତ୍ନୀକୁ
ଓ' ଭୀଷଣ ଅଶ୍ୱସ୍ତି ମଧ୍ୟେ ଅପେକ୍ଷା କରିବ
ପୁନର୍ବାର ଗଡ଼ ଜିଣି ଫେରିବା ପର୍ଯ୍ୟନ୍ତ ।।

ଦର୍ଶନ ବିଭାଗ
ବାଣୀବିହାର, ଭୁବନେଶ୍ୱର

# ଗୀତାରେ ଏ ଧୃତରାଷ୍ଟ୍ର କିଏ ?

ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ଗୀତାର ମୁଖ୍ୟ ମୁଖ୍ୟ ନାୟକମାନଙ୍କ ମଧ୍ୟରେ ସର୍ବ-ପ୍ରଥମେ ଅବତୀର୍ଣ୍ଣ ହୋଇଛନ୍ତି 'ଧୃତରାଷ୍ଟ୍ର' । ତାଙ୍କ ପରେ ସଞ୍ଜୟ । ପରେ ପରେ ଆସିଛନ୍ତି 'ରାଜା' ଦୁର୍ଯ୍ୟୋଧନ ଓ 'ଆଚାର୍ଯ୍ୟ' ଦ୍ରୋଣ । ଭୀଷ୍ମଙ୍କର ନାମ ଉଲ୍ଲେଖ କରାଯାଇଛି ମାତ୍ର । କରାଯିବା ସ୍ୱାଭାବିକ । କାରଣ ଗୀତା ଭୀଷ୍ମ ପର୍ବ ଅନ୍ତର୍ଗତ । ତେଣୁ ଭୀଷ୍ମଙ୍କ ନାମ ଉଲ୍ଲେଖ ବିନା ଗୀତା ଅସଂପୂର୍ଣ୍ଣ ରହିଯାନ୍ତା । ମାତ୍ର ଗୀତାରେ ତାଙ୍କର ଭୂମିକା ଅତି ନଗଣ୍ୟ । ତଥାପି ତାଙ୍କର ନାମୋଲ୍ଲେଖ ଅତି ତାତ୍ପର୍ଯ୍ୟପୂର୍ଣ୍ଣ । ସେ ଉଲ୍ଲିଖିତ ହୋଇଛନ୍ତି ସ୍ୱୟଂ କୁରୁରାଜ ଦୁର୍ଯ୍ୟୋଧନଙ୍କ ମୁଖରେ ପ୍ରଥମେ । ତା'ପରେ ସଞ୍ଜୟଙ୍କ ବର୍ଣ୍ଣନା କ୍ରମରେ । ଭୀଷ୍ମଙ୍କ ନାମ ଉଚ୍ଚାରଣ କଲା ପରେ ପରେ ଅନ୍ୟାନ୍ୟ କୌରବପକ୍ଷ ସେନାଗ୍ରଣୀମାନଙ୍କର ନାମ ଉଲ୍ଲେଖ କରିଛନ୍ତି ପାଣ୍ଡବମାନଙ୍କର ମୁଖ୍ୟ ପ୍ରତିପକ୍ଷ ରାଜା ଦୁର୍ଯ୍ୟୋଧନ ଯୁଦ୍ଧକ୍ଷେତ୍ର କୁରୁକ୍ଷେତ୍ରରେ ଏହି ସେନାନାୟକମାନେ ଏକେ ଏକେ ବଳିୟାରଭୁଜ ଯୁଯୁତ୍ସୁ । ଧର୍ମକ୍ଷେତ୍ର–କୁରୁକ୍ଷେତ୍ରରେ ମଧ୍ୟ ଏମାନଙ୍କର ଭୂମିକା ଅଯଥାର୍ଥ ନୁହେଁ । ଅବଶ୍ୟ ଧର୍ମ କ୍ଷେତ୍ରରେ ଏମାନଙ୍କର ରୂପାନ୍ତର ଆବିଷ୍କାରସାପେକ୍ଷ । ମନେହୁଏ ପ୍ରତ୍ୟେକ ଚରିତ୍ର ଉଭୟ ଯୁଦ୍ଧ ଓ ଯୋଗକ୍ଷେତ୍ରରେ ନିଜ ନିଜର ନାମକୁ ସାର୍ଥକ କରିଛନ୍ତି । ଗୋଟାଏ ବିରାଟ ବୀରରସାତ୍ମକ କାବ୍ୟକୁ ଶାନ୍ତରସାପ୍ଲୁତ କରିବାକୁ ଯାଇ କବିଗୁରୁ ବ୍ୟାସ ଯେଉଁ ରୂପକ ଅଳଙ୍କାରର ଅବତାରଣା କୌଶଳ ଅବଲମ୍ବନ କରିଛନ୍ତି, ତାହା ଅତି ବିଚିତ୍ର, ଅଦ୍ଭୁତ ଏବଂ ପ୍ରତିଦ୍ୱନ୍ଦୀନିରପେକ୍ଷ ପ୍ରତିଭାର ପରିଚାୟକ ।

ସମଗ୍ର ଗୀତାରେ ଧରିବାକୁ ଗଲେ ଦୁଇଟି ମୁଖ୍ୟ ନାୟକ 'ଶ୍ରୀ ଭଗବାନ୍' ଓ 'ଅର୍ଜୁନ' । ଅର୍ଜୁନ ମୋହଗ୍ରସ୍ତ । ତାଙ୍କର ସ୍ମୃତିଭ୍ରଂଶ ଘଟିଛି । ସେ ଶୋକାକୁଳ । ତାଙ୍କୁ ପ୍ରକୃତିସ୍ଥ କରିବାକୁ ଯାଇ ଶ୍ରୀକୃଷ୍ଣ ଯେଉଁ ଉପଦେଶ ଦେଇଛନ୍ତି ତାହାହିଁ ଗୀତାରେ ଲିପିବଦ୍ଧ । ତେଣୁ ସଂଳାପ ଦୃଷ୍ଟିରୁ ଶ୍ରୀ ଭଗବାନ୍ ହିଁ ମୁଖ୍ୟ । କିନ୍ତୁ ଅଭିନୟ ଦୃଷ୍ଟିରୁ ଅର୍ଜୁନଙ୍କର ଭୂମିକାକୁ ଗୌଣ ଆଖ୍ୟା ଦିଆଯାଇନପାରେ । ଅର୍ଜୁନ ହିଁ ଗୀତାରେ ସମଧିକ କ୍ରିୟାଶୀଳ । କେବଳ ବିଶ୍ୱରୂପ ପ୍ରଦର୍ଶନ କରିବା ସମୟରେ ଶ୍ରୀଭଗବାନଙ୍କର ସକ୍ରିୟତା ଦୃଷ୍ଟିଗୋଚର ହୁଏ । ଅନ୍ୟଥା ସେ ବକ୍ତା । କିନ୍ତୁ ଶ୍ରୋତା ଅର୍ଜୁନଙ୍କ ଭାବର ପରିବର୍ତ୍ତନ ଘନଘନ ପରିଦୃଷ୍ଟ ହୋଇଛି । ପ୍ରଥମରେ ସେ କାର୍ପଣ୍ୟ ଦୋଷରେ ଅପହତ ସ୍ୱଭାବ ହୋଇଛନ୍ତି । ତାଙ୍କର ଶରୀର ରୋମାଞ୍ଚିତ ହୋଇଛି । ସେ ଭୀତତ୍ରସ୍ତ । ଦେହ ଜଳି ଯାଉଛି । ଧନୁ ହାତରୁ ଖସି ପଡୁଛି । ବହୁ ଉପଦେଶ ଶୁଣିବା ପରେ ଏହି 'ଆର୍ତ୍ତ' ଅର୍ଜୁନ ସନ୍ଦେହାକୁଳ ହୋଇ ନାନା ପ୍ରଶ୍ନ ପଚାରିଛନ୍ତି 'ଜିଜ୍ଞାସୁ' ଭାବରେ । ଶ୍ରୀକୃଷ୍ଣଙ୍କର ଶିଷ୍ୟତ୍ୱ ଗ୍ରହଣ କରିଛନ୍ତି । ତାଙ୍କର ପରିପ୍ରଶ୍ନର ଯଥାର୍ଥ 'ଅର୍ଥ' ସହ ଉପଦେଶ ଦେଇଛନ୍ତି 'ଜ୍ଞାନୀ ତତ୍ତ୍ୱଦର୍ଶୀ' ଗୁରୁ ଶ୍ରୀ ଭଗବାନ୍ । ଶ୍ରୀ ଭଗବାନଙ୍କୁ ତତ୍ତ୍ୱତଃ ସ୍ୱୟଂ ବାସୁଦେବ ବୋଲି ଜାଣିବା ପରେ ତାଙ୍କର 'ମୋହ' ତୁଟିଛି । ସର୍ବଶେଷରେ ସେ ସ୍ମୃତି ମଧ୍ୟ ଫେରିପାଇଛନ୍ତି । ବାସୁଦେବଙ୍କର ବିଶ୍ୱରୂପ ଦେଖିଛନ୍ତି । ଶ୍ରୀ ଭଗବାନଙ୍କର କ୍ଷର ଓ ଅକ୍ଷର ପ୍ରକାଶ ମଧ୍ୟରେ ଅକ୍ଷରର ଉପାସନା ଅଧିକ କ୍ଲେଶକର ବୋଲି ଜଣାଇବା ପରେ ଶ୍ରୀ ଭଗବାନ୍ ତାଙ୍କର 'ପୁରୁଷୋତ୍ତମ' ସ୍ୱରୂପର ସଂଧାନ ଦେଇଛନ୍ତି । କିନ୍ତୁ ବିଚିତ୍ରକଥା, ଗୀତା ଆରମ୍ଭରେ ରଥୀ ଓ ସାରଥି ରୂପରେ ଯେଉଁ କୃଷ୍ଣାର୍ଜୁନ ଅବତୀର୍ଣ୍ଣ ହୋଇଥିଲେ, ତାର ପୁନରଭିନୟ ଅନ୍ୟତ୍ର କେଉଁଠିହେଲେ ଦେଖିବାକୁ ମିଳେ ନାହିଁ, ସମଗ୍ର ଶ୍ରୀମଦ୍ ଭଗବଦ୍‌ଗୀତାରେ । ଗୀତାମୟ ଶ୍ରୀକୃଷ୍ଣାର୍ଜୁନ ଗୁରୁ ଶିଷ୍ୟ ବା ଭଗବାନ୍ ଓ ଭକ୍ତ । ଗୀତା ମଧ୍ୟରେ କେଉଁଠି ହେଲେ ଏକ ପଦମାତ୍ର ଶ୍ରୀ ଭଗବାନ୍ ଅର୍ଜୁନଙ୍କୁ ଯୁଦ୍ଧ କୌଶଳ ସଂପର୍କରେ ଇଙ୍ଗିତ ଦେଇ ନାହାନ୍ତି । ଅର୍ଜୁନଙ୍କର ଯୁଦ୍ଧ ବିଷୟକ ଶିକ୍ଷାଗୁରୁଥିଲେ ଦ୍ରୋଣ–କୃଷ୍ଣ ନୁହନ୍ତି । ଗୀତାର ଶ୍ରୀକୃଷ୍ଣ ସଞ୍ଜୟଙ୍କ ମୁଖରେ ବ୍ୟାସଙ୍କର ବିଶେଷଣ—'ଯୋଗେଶ୍ୱର'–'ଯୁଦ୍ଧ ବିଶାରଦ' ନୁହେଁ । ଶ୍ରୀକୃଷ୍ଣଙ୍କୁ ଏହି ଭୂମିକାରେ ଅବତୀର୍ଣ୍ଣ କରାଇବା ପାଇଁ ସଂଭବତଃ ବ୍ୟାସଦେବ ତାଙ୍କୁ ଅସ୍ତ୍ର ଧାରଣ କରିବାକୁ

ଅବକାଶ ଦେଇ ନାହାନ୍ତି । ମହାଭାରତରେ ଶ୍ରୀକୃଷ୍ଣ ଅସ୍ତ୍ର ଧାରଣ କରିଥିଲେ ତାଙ୍କର ସାରଥି ଓ ଗୁରୁ କକ୍ଷାରେ ଉଭୟବିଧ ଭୂମିକା ପ୍ରତିଷ୍ଠିତ ହୋଇ ପାରିନଥାନ୍ତା । ଗୀତା–କାବ୍ୟ ରୂପକ-ଅଳଙ୍କାର ଅଭାବରେ ନିରାଭରଣ ହୋଇ ପଡ଼ିଥାନ୍ତା ।

**ରୂପମୟୀ ଶ୍ରୀମଦ୍** ଭଗବତ୍‌ଗୀତାକୁ ରୂପକ ଅଳଙ୍କାରରେ ବିଭୂଷିତ କରିବାରେ ବ୍ୟାସଦେବଙ୍କର ଯୋଜନା କି ଚମତ୍କାର ! ଆରମ୍ଭରେ ହିଁ କୁରୁକ୍ଷେତ୍ରକୁ ଯୁଦ୍ଧ କ୍ଷେତ୍ରବୋଲି ନକହି ଧର୍ମକ୍ଷେତ୍ର ଆଖ୍ୟା ଦେବା ସଙ୍ଗେ ସଙ୍ଗେ ସେ ମନୁଷ୍ୟର ଶରୀରକୁ ହିଁ ଉକ୍ତ କ୍ଷେତ୍ର ରୂପେ ପରିଚୟ ଦେଇ କ୍ଷାନ୍ତ ହୋଇ ନାହାନ୍ତି ; ପାଠକର ସମସ୍ତ ସଂଶୟକୁ ନିରଶନ କରିବା ପାଇଁ ସେ ମହାଭାରତର ଦୁଇ ବିବଦମାନ ପକ୍ଷକୁ ଶରୀର କ୍ଷେତ୍ରରେ ଦୁଇ ନୂତନ ଭୂମିକାରେ ଅବତୀର୍ଣ୍ଣ କରାଇଦେଲେ । ପାଠକକୁ ଆଦ୍ୟନ୍ତ ଉତ୍‌କଣ୍ଠା ମଧ୍ୟରେ ଗତି କରିବାକୁ ଦେଇ କୁଶଳୀ କଳାକାର କୃଷ୍ଣଦ୍ୱୈପାୟନ ଗୀତାର ଶେଷ ପର୍ଯ୍ୟାୟକୁ ଆସି ଏହି ଦୁଇ ଭୂମିକାର ପ୍ରତିଷ୍ଠା ସଂପାଦନ କରିଛନ୍ତି 'ଦୈବାସୁରସଂପଦ୍' ଅଧ୍ୟାୟ ରେ । ଗୀତାର ଅଷ୍ଟାଦଶ ଅଧ୍ୟାୟ ମଧ୍ୟରୁ ଷୋଡ଼ଶ ଅଧ୍ୟାୟଟିର ନାମ 'ଦୈବାସୁରସଂପଦ୍ ଯୋଗ' । ମନୁଷ୍ୟର ଅନ୍ତର୍ନିହିତ ଏହି ଦୁଇଟି ପ୍ରବୃତ୍ତି ତାର ସହଜାତ । ଏହି ଦୁଇ ପ୍ରବୃତ୍ତି ମଧ୍ୟରେ ସଂଘର୍ଷ ହିଁ ମହାଭାରତ ଯୁଦ୍ଧ, ମନୁଷ୍ୟର ଶରୀର ରୂପକ ଧର୍ମ କ୍ଷେତ୍ରରେ । ଯେଉଁ ସାଧକର ଅଭ୍ୟନ୍ତରରେ ଆସୁରୀ ପ୍ରବୃତ୍ତିର ପ୍ରାବଲ୍ୟ, ସେ ଆସୁରୀ ସଂପଦ୍ ଅଭିଜାତ ଏବଂ ଦୈବୀଗୁଣାଳଙ୍କୃତ ବ୍ୟକ୍ତି ଦୈବୀ ସଂପଦ୍ ଅଭିଜାତ । ଏହାହିଁ ଶ୍ରୀମଦ୍ ଭଗବଦ୍ ଗୀତାର ଭାଷା (୧୬ଅ–୩, ୪ ମ) । ମୋହିନୀ ପ୍ରକୃତିର ବଶୀଭୂତ ଆସୁରୀ ପ୍ରକୃତି ବ୍ୟକ୍ତିଙ୍କର ଆଶା, କର୍ମ ଓ ଜ୍ଞାନ ଅର୍ଥାତ୍ ସମଗ୍ର ଜୀବନହିଁ ବୃଥା (୯ଅ–୧୨ମ) ଏବଂ ଦୈବୀ ପ୍ରକୃତି ଆଶ୍ରିତ ବ୍ୟକ୍ତି ଅସାଧାରଣ, ମହାତ୍ମା । ସେମାନେ ଶ୍ରୀଭଗବାନଙ୍କୁ ନିତ୍ୟ ଅନାଦିଆଦିଜ୍ଞାନରେ ଅନନ୍ୟମନା ହୋଇ ଭଜନ କରନ୍ତି । (୯ଅ––୧୩ମ)

ସାଧକ ଯେତେବେଳେ ଈଶ୍ୱରାଭିମୁଖୀ ହୋଇ ଅନନ୍ୟମନରେ ଈଶ୍ୱର ଉପାସନା କରେ, ସେତେବେଳେ ତା'ର ଅଭ୍ୟନ୍ତରରେ ସହଜାତ ଏହି ଦୁଇ ପ୍ରବୃତ୍ତି ମଧ୍ୟରେ ସଂଘର୍ଷ ଘଟେ । ଏହି ଅବସ୍ଥାରେ ସାଧକକୁ ସର୍ବ ପ୍ରଥମେ ତାର ସମସ୍ତ ଆସୁରୀ ପ୍ରବୃତ୍ତିର ପରିପୋଷକ ଇନ୍ଦ୍ରିୟ, ମନ, କାମ, କ୍ରୋଧ, ଲୋଭ, ଅହଙ୍କାର ଓ ବୁଦ୍ଧି ପ୍ରଭୃତି ଆଛନ୍ନ କରିଦିଅନ୍ତି । ସେହିମାନଙ୍କୁ ହିଁ ସେ ଆପଣାର ଜ୍ଞାନ କରି ସାଧନ ପଥରେ ଅଗ୍ରସର ହେବାକୁ କୁଣ୍ଠାବୋଧ କରେ । ଶତ୍ରୁଙ୍କୁ ମିତ୍ର ଜ୍ଞାନ କରିବାର ମୋହ ତାକୁ ଗ୍ରାସ କରେ । ସେ ଯେ ଦୈବୀ ସଂପଦଭିଜାତ, ତାହା ସେ ପାଶୋରି ଦିଏ । ତାର ସ୍ମୃତି ଭ୍ରଷ୍ଟ ହୋଇଯାଏ । ଅର୍ଜୁନଙ୍କର ଗୀତା ଆରମ୍ଭରେ ସେହି ଅବସ୍ଥା ହୋଇଥିଲା । ଏହାହିଁ ବ୍ୟାସ ବର୍ଣ୍ଣିତ ଗୀତାର 'ଅର୍ଜୁନ ବିଷାଦ ଯୋଗ' ।

'ଦୈବାସୁର ସଂପଦ୍ ଯୋଗ' ଅଧ୍ୟାୟ ବ୍ୟତୀତ ଅନ୍ୟତ୍ର ମଧ୍ୟ ଗୀତା ମନୁଷ୍ୟର ଏହି ଦୈବୀ ଓ ଆସୁରୀ ପ୍ରବୃତ୍ତି ବିଷୟରେ ଉଲ୍ଲେଖ କରିଛନ୍ତି । (୯–୧୩) ତେଣୁ ଶରୀରସ୍ଥ ଏହି ଦୁଇ ପ୍ରବୃତ୍ତି ମଧ୍ୟରେ ସଂଘର୍ଷ ମହାଭାରତ ସଂଗ୍ରାମରେ ଘଟିଥିବା କୌରବ ଓ ପାଣ୍ଡବମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାର ଅନୁରୂପ ହୋଇଥିବାରୁ ମହାଭାରତୀୟ କୁରୁକ୍ଷେତ୍ରକୁ ଗୀତାରେ ଯୁଦ୍ଧକ୍ଷେତ୍ର ଆଖ୍ୟା ଦିଆନଯାଇ ଧର୍ମକ୍ଷେତ୍ର ଆଖ୍ୟା ଦିଆଯାଇଛି ବୋଲି ନିଃସନ୍ଦେହରେ କୁହାଯାଇପାରେ ।

ମନୁଷ୍ୟର ଅନ୍ତର୍ନିହିତ ଏହି ଦୈବୀ ଓ ଆସୁରୀ ଅର୍ଥାତ୍ ସତ୍ ଓ ଅସତ୍ ତାର ସହଜାତ ଦ୍ୱିବିଧ ବ୍ୟକ୍ତିତ୍ୱ (Personality) ଧୃତରାଷ୍ଟ୍ର ଯାହାଙ୍କୁ 'ମାମକାଃ' ଆଖ୍ୟା ଦେଇଛନ୍ତି ସେହି ଧାର୍ତ୍ତରାଷ୍ଟ୍ରମତା ମନୁଷ୍ୟର ଆସୁରୀ ବା ଅସତ୍ ପ୍ରବୃତ୍ତିର ପ୍ରତୀକ ଏବଂ ତାଙ୍କଦ୍ୱାରା ଉକ୍ତ 'ପାଣ୍ଡବାଃ' ଦୈବୀ ବା ସତ୍ ପ୍ରବୃତ୍ତିର ପ୍ରତିଭୂ । ଏହି ଦୁଇ ବିବଦମାନ ସ୍ୱଭାବ ମଧ୍ୟରେ ଚିରନ୍ତନ ସଂଗ୍ରାମ ସମ୍ବନ୍ଧରେ ଋଗ୍‌ବେଦ ମଧ୍ୟ ଉଲ୍ଲେଖ କରିଛନ୍ତି–

ସୁବିଜ୍ଞାନଂ ଚିକିତୁଷେ ଜନାୟ
ସଚ୍ଚାସଚ୍ଚ ବଚସୀ ପସ୍ପୃଧାତେ
ତୟୋର୍ଯତ୍ ସତ୍ୟଂ ଯତରଦୃଜୀୟ
ସ୍ତଦିତ୍ ସୋମୋଽବତି ହନ୍ତ୍ୟାସତ୍

ଅର୍ଥାତ୍ ଉତ୍ତମ ଜ୍ଞାନେଚ୍ଛୁ ମନୁଷ୍ୟ ମଧ୍ୟରେ ସତ୍ ଓ ଅସତ୍ (ପ୍ରବୃତ୍ତି) ପରସ୍ପର ସ୍ପର୍ଧାନ୍ୱିତ । ସେ ଦୁଇଟି ମଧ୍ୟରୁ ଯେଉଁଟି ସତ୍ୟ ଓ ସରଳ ଜ୍ଞାନୀ ପୁରୁଷ ତାହାକୁ ହିଁ ରକ୍ଷା କରିଥାଏ ଏବଂ ଅସତ୍ୟକୁ ତ୍ୟାଗ କରେ ।

ଏହି ଆସୁରୀ ପ୍ରବୃତ୍ତିର ବୀଜ ସ୍ୱରୂପ ଗୀତାର ପ୍ରଥମ ପାତ୍ର ଧୃତରାଷ୍ଟ୍ର । ଗୀତାର ଅଗ୍ରମାରମ୍ଭରେ ହିଁ ଆସିଛନ୍ତି ଏହି ଅନ୍ଧରାଜ ଧୃତରାଷ୍ଟ୍ର–ଗୀତାର ଆଦି ପ୍ରବର୍ତ୍ତକ–ପ୍ରବକ୍ତା । ତାଙ୍କର ସର୍ବ ପ୍ରଥମ ଉକ୍ତି ଗୀତାର ମୂଳମନ୍ତ୍ର । "ମୋର ସନ୍ତାନବର୍ଗ ଓ ପଣ୍ଡୁର ପୁତ୍ରମାନେ ଯୁଦ୍ଧ କରିବା ପାଇଁ ଯାଇ ଧର୍ମକ୍ଷେତ୍ରରେ କ'ଣ କଲେ ? " ଏହାହିଁ ଧୃତରାଷ୍ଟ୍ରଙ୍କର ପ୍ରଶ୍ନ ଗୀତାର ପ୍ରାରମ୍ଭରେ । ତା'ର ଉତ୍ତର ଦେବାକୁ ଯାଇ ରାଜ ଅମାତ୍ୟ ସଞ୍ଜୟ ସମଗ୍ର ଅଷ୍ଟାଦଶ ଅଧ୍ୟାୟ ଗୀତା ବର୍ଣ୍ଣନ କରିଛନ୍ତି । ଧୃତରାଷ୍ଟ୍ରଙ୍କର ଏହିଠାରେ ସର୍ବପ୍ରଥମ ଓ ସର୍ବଶେଷ ଆବିର୍ଭାବ । ସମଗ୍ର ଗୀତାରେ ତାଙ୍କର ଅନ୍ୟ କୌଣସି ସଂଳାପ ନାହିଁ । ସଞ୍ଜୟଙ୍କ ଉକ୍ତିରେ ସେ ବହୁବାର ସମ୍ବୋଧିତ ହୋଇଛନ୍ତି ସତ୍ୟ, ମାତ୍ର ସେ ସବୁ ସମ୍ବୋଧନ ତାଙ୍କର ଉପସ୍ଥିତି ଅନୁଭବ କରାଇବା ଛଡ଼ା ଅନ୍ୟ କୌଣସି ଆବଶ୍ୟକତା ଦୂରୀଭୂତ କରାଏ ନାହିଁ । ତଥାପି ମହାଭାରତ ଯୁଦ୍ଧରେ ତାଙ୍କର କୌଣସି ଦାୟିତ୍ୱ ନଥିଲା ବୋଲି କୁହାଯାଇ ନପାରେ । ଏକମାତ୍ର ଦୁର୍ଯୋଧନ ମହାଭାରତର ସ୍ରଷ୍ଟା କହିଲେ ଭୁଲ୍ ହେବ । ଧୃତରାଷ୍ଟ୍ରଙ୍କର ଅନୁମୋଦନ ଓ ଅପ୍ରକାଶ୍ୟ ଇଙ୍ଗିତ ବିନା ପିତୃଭକ୍ତ ଦୁର୍ଯୋଧନ କଦାପି ଯୁଦ୍ଧରେ ପ୍ରବୃତ୍ତ ହୋଇ ନଥାନ୍ତେ । ସୁତରାଂ ମହାଭାରତ ଯୁଦ୍ଧ ମୂଳରେ ଯେପରି ଧୃତରାଷ୍ଟ୍ର ବିଦ୍ୟମାନ, ଗୀତାର ଆଦ୍ୟରେ ସେହିପରି ଧୃତରାଷ୍ଟ୍ରଙ୍କର ଆବିର୍ଭାବ ।

'ଧୃତରାଷ୍ଟ୍ର' ଶବ୍ଦର ଅଭିଧାର୍ଥ ରାଜା ବା ସମ୍ରାଟ କହିଲେ ଅନର୍ଥକ ହେବ ନାହିଁ । ଯିଏ ରାଷ୍ଟ୍ରକୁ ଧରି ରଖିଛି ବା ରାଷ୍ଟ୍ର ଯାହାକୁ ଧରି ରହିଛି, ସେ ଧୃତରାଷ୍ଟ୍ର । ମହାଭାରତ ଉପାଖ୍ୟାନରେ ପାଣ୍ଡୁଙ୍କ ପରେ ଧୃତରାଷ୍ଟ୍ର ହିଁ ଘୋଷିତ ରାଜା । ମାତ୍ର ନାମମାତ୍ର ଶାସକ । କିନ୍ତୁ ପ୍ରକୃତ ପକ୍ଷରେ ରାଜା ଥିଲେ ଦୁର୍ଯୋଧନ । ଗୀତାରେ ଉଭୟ ଧୃତରାଷ୍ଟ୍ର ଓ ଦୁର୍ଯୋଧନଙ୍କୁ ରାଜା ଆଖ୍ୟା ଦିଆଯାଇଛି । ଶରୀର କ୍ଷେତ୍ରରେ ସେହିପରି ନାମ ମାତ୍ର ରାଜା ମନୁଷ୍ୟର ଅହଂବୁଦ୍ଧି ବା ଅହଙ୍କାର । କାରଣ ଅହଙ୍କାର କାମନାର-ବଶବର୍ତ୍ତୀ, କାମନାଦ୍ୱାରା ହିଁ ପରିଚାଳିତ । ଏହି ଅହଂ ବୋଧ ମନୁଷ୍ୟର ଶରୀରକୁ ଯେପରି ଧାରଣ କରି ରହିଛି, ଶରୀର ମଧ୍ୟ ସେହିପରି ଅହଂକାରର ଆଶ୍ରିତ । ଅହଂ ଜ୍ଞାନ ବିନା ଶରୀର ଧାରଣ ନିରର୍ଥକ । 'ମୁଁ' ବା 'ମୋର' ବୋଧ ନ ଥିଲେ ଇନ୍ଦ୍ରିୟମାନଙ୍କ ବିଷୟ ଭୋଗର କୌଣସି ମୂଲ୍ୟ ନାହିଁ । କାରଣ 'ଅହଂ' ହିଁ ବିଷୟ ଭୋଗ କରେ । ଇନ୍ଦ୍ରିୟ ସବୁ ଅହଂର ଆୟତ୍ତାଧୀନ ।

ଶରୀର ରୂପୀ କୁରୁକ୍ଷେତ୍ର ବା କର୍ମକ୍ଷେତ୍ରରେ ଅହଂକାରର ସ୍ଥାନ ସୂଚିତ କରି ଶ୍ରୀଗୀତା କହିଛନ୍ତି—"ପଞ୍ଚ ତନ୍ମାତ୍ରା ଓ ପଞ୍ଚ ସୂକ୍ଷ୍ମ ମହାଭୂତର କାରଣ 'ଅହଂକାର', ଅହଙ୍କାରର କାରଣ 'ବୁଦ୍ଧି', ବୁଦ୍ଧିର କାରଣ 'ଅବ୍ୟକ୍ତ' ବା ମୂଳା ପ୍ରକୃତି ; ଏହି ଅହଙ୍କାର, ବୁଦ୍ଧି ଓ ପ୍ରକୃତି ସହ ମନ ଓ ପଞ୍ଚଇନ୍ଦ୍ରିୟ ଗୋଚର ବା ଇନ୍ଦ୍ରିୟ ଭୋଗ୍ୟବସ୍ତୁ ବିଷୟକୁ ନେଇ ଇଚ୍ଛା, ଦ୍ୱେଷ, ସୁଖ, ଦୁଃଖ, ଚେତନା ଓ ଧୃତି ଆଦି ବିକାର ସମୁଚ୍ଚୟ ହିଁ ଏହି ଶରୀର କ୍ଷେତ୍ର", (୧୩-ଅ, ୬/୭ମ) ଅର୍ଥାତ୍ ମୂଳା ପ୍ରକୃତିରୁ ବୁଦ୍ଧି, ବୁଦ୍ଧିରୁ ଅହଙ୍କାରର ଉଦ୍‌ଭବ । ପୁଣି ଅହଙ୍କାର ଦ୍ୱାରା ହିଁ ମନ ଓ ଇନ୍ଦ୍ରିୟାଦି ପରିଚାଳିତ । ସୁତରାଂ ଅହଙ୍କାର ହିଁ ଏହି ଶରୀର ରୂପୀ କ୍ଷେତ୍ରକୁ ଧାରଣ କରିଥିବା ଧୃତରାଷ୍ଟ୍ର । ଏହି ଅହଙ୍କାରକୁ ଆଶ୍ରୟ କରି ମନୁଷ୍ୟର ଆସୁରୀ ପ୍ରବୃତ୍ତି ବଳବତ୍ତର ହୋଇଥାଏ । ଶ୍ରୀଗୀତାଙ୍କ ଭାଷାରେ—"ଆସୁରୀ-ପ୍ରକୃତି ଧାରୀ ବ୍ୟକ୍ତି ଅହଙ୍କାରର ଆଶ୍ରୟରେ ଆପଣାକୁ ଈଶ୍ୱର, ଭୋଗୀ, ସିଦ୍ଧ ବୋଲି ମନେ କରେ ଏବଂ ଜଗତକୁ ଈଶ୍ୱର-ହୀନ କହି ଦୁଷ୍ପୂର କାମବଶତଃ ଦମ୍ଭମାନ ଓ ମଦରେ ମତ୍ତ ହୋଇ ରହିଥାଏ । " (୧୬—୮) ଅତଏବ ଅହଙ୍କାର ହିଁ ଆସୁରୀ ପ୍ରବୃତ୍ତିର ମୂଳ ଏବଂ ଏହି ଅହଙ୍କାର ହିଁ ସମଗ୍ର ଦୃଶ୍ୟମାନ ଜଗତ ବା ଇନ୍ଦ୍ରିୟଗ୍ରାହ୍ୟ ପ୍ରପଞ୍ଚର ଅବଧାରକ ଓ ଶରୀର ରୂପକ କ୍ଷେତ୍ରର ଅଧିକାରୀ । ମାତ୍ର ଅନ୍ଧ । ମହାଭାରତର ଧୃତରାଷ୍ଟ୍ରଙ୍କ ପରି ଅହଙ୍କାର ମଧ୍ୟ ଇନ୍ଦ୍ରିୟାତୀତ ଆଧ୍ୟାତ୍ମ ଜଗତ ସମ୍ବନ୍ଧରେ ଅନ୍ଧ । ସେ ଭ୍ରାନ୍ତ । ଶ୍ରୀଗୀତାଙ୍କ ଭାଷାରେ "ଅହଙ୍କାର, ବଳ, ଦର୍ପ, କାମ, କ୍ରୋଧ ଓ ପରିଗ୍ରହ ବର୍ଜନ କରି ନିଷ୍କାମ ଓ ପ୍ରଶାନ୍ତି ଚିତ୍ତ ହେଲେ ଯାଇ ବ୍ରହ୍ମଜ୍ଞାନ ସମ୍ଭବ ; ଅନ୍ୟଥା ନୁହେଁ ।" (୧୮-୫୩) କାରଣ ଅହଙ୍କାର ବିମୂଢ଼ାତ୍ମା ନିଜକୁ କର୍ତ୍ତା ମନେ କରେ (୩-୨୭) ଏବଂ ଆସୁରୀ ସଂପଦ୍ ଜାତ (ଅହଙ୍କାରୀ) ବ୍ୟକ୍ତି ଜଗତକୁ ନିରୀଶ୍ୱର ପ୍ରତିପାଦନ କରେ । (୧୮-୮) ପରିଶେଷରେ ଶ୍ରୀଭଗବାନ୍ ଅର୍ଜୁନଙ୍କୁ ସାବଧାନୀ ଶୁଣାଇ ଦେଇ କହିଲେ—'ତୁ ଯଦି ଅହଙ୍କାରର ବଶୀଭୂତ ହୋଇ ମୋ କଥା ନଶୁଣୁ ତେବେ ବିନାଶ ସୁନିଶ୍ଚିତ ।" (୧୮-୫୮) ଅତଏବ ଅହଙ୍କାର ହିଁ ଈଶ୍ୱର ବିମୁଖତା ଓ ବିନାଶର ହେତୁ । ମହାଭାରତରେ ଏହାହିଁ ଧୃତରାଷ୍ଟ୍ରଙ୍କର ଭାଗ୍ୟ ଲିପି । ତେଣୁ ଆଧ୍ୟାତ୍ମ ବିମୂଢ଼ ଅହଙ୍କାରକୁ ଅନ୍ଧ ଧୃତରାଷ୍ଟ୍ରଙ୍କ ଚରିତ୍ରର ପ୍ରତିରୂପ ଚିତ୍ରଣ କରି କବି ବ୍ୟାସ ଏକ ସୁନ୍ଦର ଓ ଯଥାର୍ଥ ରୂପକ ଅଳଙ୍କାର ଉପସ୍ଥାପନ କରିଛନ୍ତି ।

ଧୃତରାଷ୍ଟ୍ରଙ୍କ ପରବର୍ତ୍ତୀ ପୁରୁଷ ସଞ୍ଜୟ । ମହାଭାରତ ଯୁଦ୍ଧରେ ସଞ୍ଜୟଙ୍କର ଏକ ସ୍ୱତନ୍ତ୍ର ଭୂମିକା ରହିଛି । ସେ ନିରପେକ୍ଷ, ତଟସ୍ଥ । କୌରବମାନଙ୍କୁ ଯୁଦ୍ଧ ଉଦ୍ୟୋଗରୁ ନିବୃତ୍ତ କରିବା ନିମନ୍ତେ ତାଙ୍କର ଦୌତ୍ୟ ଓ ପ୍ରଚେଷ୍ଟା ପ୍ରଶଂସନୀୟ । ମହାଭାରତ ଯୁଦ୍ଧର ସମସ୍ତ ବିବରଣୀ ସେ ଅବିକଳ ବର୍ଣ୍ଣନା କରିଥିଲେ ରାଜା ଧୃତରାଷ୍ଟ୍ରଙ୍କ ଆଗରେ । ଗୀତା ସେହି ବିବରଣୀର ଏକ ଅଂଶ । ଏହି ବିବୃତିର ପ୍ରକୃତ ପ୍ରବର୍ତ୍ତକ ସ୍ୱୟଂ ବ୍ୟାସ । ଯୁଦ୍ଧର ପ୍ରାକ୍‌କାଳରେ ମହାଭାରତ କାବ୍ୟର ରଚୟିତା ସ୍ୱୟଂ ବ୍ୟାସଦେବ ଯୁଯୁତ୍ସୁ ପୁତ୍ରମାନଙ୍କୁ ଅବଶ୍ୟମ୍ଭାବୀ ବିନାଶଶୀଳ ପ୍ରବୃତ୍ତିରୁ ନିବର୍ତ୍ତାଇବା ପାଇଁ ଧୃତରାଷ୍ଟ୍ରଙ୍କୁ ଅନୁରୋଧ କରନ୍ତେ ଧୃତରାଷ୍ଟ୍ର ତାହା କରିବାପାଇଁ ନିଜର ଅସାମର୍ଥ୍ୟ ଜଣାଇଦେଲେ । ଯେଉଁ ବାତ୍ସଲ୍ୟମମତାବଶତଃ ଧୃତରାଷ୍ଟ୍ର ବ୍ୟାସଙ୍କ ଉପଦେଶକୁ ଅଗ୍ରାହ୍ୟ କରି ଦେଲେ, ସମ୍ଭବତଃ ସେହି ଅପତ୍ୟସ୍ନେହର ବଶବର୍ତ୍ତୀ ହୋଇ, ବ୍ୟାସଦେବ ଅଯାଚିତ ଭାବରେ ଧୃତରାଷ୍ଟ୍ରଙ୍କୁ ବରଦାନ କରିବା ପାଇଁ ଇଚ୍ଛା ପ୍ରକାଶ କଲେ । ସେହି ବରବଳରେ ଧୃତରାଷ୍ଟ୍ର ସ୍ୱସ୍ଥାନରେ ବସି ଅନ୍ଧ ହେଲେ ମଧ୍ୟ ଯୁଦ୍ଧର ରୋମହର୍ଷ ଦୃଶ୍ୟାବଳି ଦର୍ଶନ କରିବାର ଶକ୍ତି ଧାରଣ କରିପାରିଥାନ୍ତେ । କିନ୍ତୁ ଆତ୍ମୀୟସ୍ୱଜନମାନଙ୍କ ନିଧନ-ଜନିତ ବୀଭତ୍ସ ବିଭୀଷିକା ଦର୍ଶନ ଅସହ୍ୟ ହେବା ଆଶଙ୍କା-ରେ ଧୃତରାଷ୍ଟ୍ର ସେ ବର ଗ୍ରହଣ କରିବାକୁ ନାସ୍ତି କରି ଦେଲେ । ମାତ୍ର ଯୁଦ୍ଧର ବିବରଣୀ ଶୁଣିବାକୁ ଇଚ୍ଛା ପ୍ରକାଶ କରିବାରୁ ବ୍ୟାସଦେବ ଉପଯାଚକ ହୋଇ ଯେଉଁ ଶକ୍ତି ଧୃତରାଷ୍ଟ୍ରଙ୍କୁ ଦେବାପାଇଁ ପ୍ରସ୍ତୁତ ଥିଲେ, ସେ ଶକ୍ତିରେ ରାଜ ଅମାତ୍ୟ ସଞ୍ଜୟଙ୍କୁ ଦାନ କଲେ, ଏବଂ ଯୁଦ୍ଧର ସମସ୍ତ ଘଟଣାବଳି ସ୍ୱଚକ୍ଷୁରେ ଦେଖି ସମସ୍ତ ବିଷୟ ଧୃତରାଷ୍ଟ୍ରଙ୍କ ଆଗରେ ନିବେଦନ କରିବା ନିମନ୍ତେ ସଞ୍ଜୟଙ୍କୁ ଆଦେଶ ଦେଲେ । ଏହାହିଁ ମହାଭାରତରେ ସଞ୍ଜୟଙ୍କ ଭୂମିକା ।

ଯୋଗ କ୍ଷେତ୍ରରେ ଏହି ଭୂମିକାରେ ଅବତୀର୍ଣ୍ଣ ମନୁଷ୍ୟର 'ବିବେକ' । ଯୋଗାରୂଢ଼ ଯେତେବେଳେ ଚିତ୍ତନିବୃତ୍ତି ନିମନ୍ତେ ପ୍ରଯତ୍ନ କରେ, ସେତେବେଳେ ତାର ଭୋଗ ଅଭ୍ୟସ୍ତ ବିଷୟ ବିଳାସୀ ଇନ୍ଦ୍ରିୟସବୁ ବିଦ୍ରୋହ କରି ଉଠନ୍ତି । ଏହି ବିଦ୍ରୋହର ମୁଖ୍ୟ ପ୍ରରୋଚକ ତା'ର ଅହଙ୍କାର ଓ କାମନା । କାମନାର ଅଧିଷ୍ଠାନ ଇନ୍ଦ୍ରିୟମାନଙ୍କ ନିଗ୍ରହ, ଅହଙ୍କାର ପକ୍ଷରେ ଅସହ୍ୟ । କାରଣ ବିଷୟରସବିରତ ଇନ୍ଦ୍ରିୟ ଅହଙ୍କାରଚ୍ୟୁତ ହୋଇଯାନ୍ତି । ଶ୍ରୀଗୀତାଙ୍କ ମତରେ ଅହଙ୍କାର-ଶୂନ୍ୟ ବ୍ୟକ୍ତିର ଇନ୍ଦ୍ରିୟକ୍ରିୟା ଅନାସକ୍ତ କର୍ମଯୋଗ" ।

ଦୁର୍ଯ୍ୟୋଧନ ପ୍ରାଣଭୟରେ କୁରୁକ୍ଷେତ୍ରର ଦୂରବର୍ତ୍ତୀ ଦ୍ୱୈପାୟନ ହ୍ରଦରେ ଆତ୍ମଗୋପନ କରନ୍ତି । ଦୁର୍ଯ୍ୟୋଧନଙ୍କର ଦୁର୍ଭାଗ୍ୟ ଏବଂ ପାଣ୍ଡବମାନଙ୍କ ସୌଭାଗ୍ୟକ୍ରମେ ପଞ୍ଚପାଣ୍ଡବ ଏହି ଗୁପ୍ତ ସ୍ଥାନର ସନ୍ଧାନ ପାଇଗଲେ । ସେମାନେ ସେହି ସରୋବର ନିକଟରେ ଉପନୀତ ହୋଇ ଯୁଦ୍ଧର ଆହ୍ୱାନ ଦେଲେ । ମାନୀ ଦୁର୍ଯ୍ୟୋଧନ ଯୁଧିଷ୍ଠିରଙ୍କର ଭର୍ତ୍ସନା ବାକ୍ୟ ସହ୍ୟ କରିନପାରି ଆତ୍ମଗୋପନ ପରିହାରପୂର୍ବକ ହ୍ରଦ ମଧ୍ୟସ୍ଥ ବହିର୍ଗତ ହେଲେ ଏବଂ ଭୀମସେନଙ୍କ ସହ ତାଙ୍କର ଦ୍ୱୈତ ଗଦାଯୁଦ୍ଧ ହେଲା । ଦୁର୍ଯ୍ୟୋଧନ ପରାସ୍ତ ଓ ନିହତ ହେଲେ । ଅସ୍ତ୍ରାଘାତରେ ମୃତ୍ୟୁ ହେବା ଫଳରେ ଏବଂ ଦେହସ୍ଥ ରକ୍ତାମଣ ସମୟରେ ସ୍ୱୟଂ ଭଗବାନ୍ ନରରୂପଧାରୀ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିବାର ସୁଯୋଗ ପାଇ ସ୍ୱର୍ଗଲାଭ କଲେ ।

କାମନାର ବିନାଶ ନିମନ୍ତେ ସାଧକକୁ ଭୀମଭଳି ଦୃଢ଼-ସଂକଳ୍ପ ଓ ନିର୍ମମ ହେବାକୁ ପଡ଼େ । ତେଣୁ ବ୍ୟାସଦେବ ଭୀମ ଦ୍ୱାରାହିଁ ଦୁର୍ଯ୍ୟୋଧନକୁ ସଂହାର କରିଛନ୍ତି । ଯୁଧିଷ୍ଠିରଙ୍କ ଭଳି ଯୁଦ୍ଧରେ ସ୍ଥିର, ଅର୍ଜ୍ଜୁନଙ୍କ ଭଳି ସ୍ୱଚ୍ଛ ସରଳ, ନକୁଳଙ୍କ ଭଳି ଆଭିଜାତ୍ୟ ରହିତ ଓ ସହଦେବଙ୍କ ଭଳି ଦେବତାମାନଙ୍କର ସମକକ୍ଷ ହେଲେ ଯାଇ ଦୁର୍ଜ୍ଜୟ କାମକୁ ସଂହାର କରିବା ସମ୍ଭବ । କାମନାର ବିଲୋପ ପାଇଁ ମନୁଷ୍ୟ ଭୀମ ବା ଭୟଙ୍କର ହେବା ବିଧେୟ । ତେଣୁ ଭୀମଦ୍ୱାରା ଦୁର୍ଯ୍ୟୋଧନ ବଧ କବି ବ୍ୟାସଙ୍କର ଚମତ୍କାର ପରିକଳ୍ପନା ।

ଗୀତା ମତରେ ଯୋଗୀ ସର୍ବମୟ କାମନା ବର୍ଜନ କଲେ ମଧ୍ୟ କାମନାର ପୂର୍ଣ୍ଣ ବିଲୋପ ସାଧନ ସମ୍ଭବ ହୁଏ ନାହିଁ । ଶ୍ରୀ ଭଗବାନଙ୍କ ଭାଷାରେ—"ବିଷୟରସ ବର୍ଜ୍ଜନ ସତ୍ତ୍ୱେ ନିରାହାର ଦେହୀ ବା ବିଷୟ ବିରତ ବ୍ୟକ୍ତିର ଯେଉଁ ଭୋଗ ଲାଳସାର ଅବଶେଷ ରହିଯାଏ ତାହା କେବଳ ଈଶ୍ୱର ଦର୍ଶନ ପାଇବା ଦ୍ୱାରାହିଁ ନିଃଶେଷ ହୁଏ" । (୨-୫୯)

କାମରୂପକ ଦୁର୍ଯ୍ୟୋଧନ ମଧ୍ୟ ଅନ୍ତିମ କାଳରେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରୁକରୁ ଦେହତ୍ୟାଗ କରି ସ୍ୱର୍ଗତି ପ୍ରାପ୍ତ ହେଲେ । କାମନାର ସ୍ୱର୍ଗତି (Subtimation) ସଂବନ୍ଧରେ ଶ୍ରୀ ଗୀତାଙ୍କର ସୂଚନା ବିରୋଧାତ୍ମକ ମନେହେବ, ଆପାତ ଦୃଷ୍ଟିରେ । ଦୁର୍ଯ୍ୟୋଧନ ପରି ଦୁଷ୍ଟ ବ୍ୟକ୍ତିର ସ୍ୱର୍ଗଲାଭ ମଧ୍ୟ ତଦ୍ରୂପ ବିସ୍ମୟକର । ଏକ ମୁଖରେ ଶ୍ରୀ ଭଗବାନ୍ ଏହି 'ଦୁରାସଦ କାମକୁ 'ପାପ୍ମା' ବା ପାପ ସ୍ୱରୂପ (୩-୪୧) ଓ ମୁଁ ସେହି କାମ ବା 'କାମୋଽସ୍ମି ଭରତର୍ଷଭ' ବୋଲିକହିଲା ବେଳେ ମନରେ ସନ୍ଦେହ ଜାତ ହେବା ସ୍ୱାଭାବିକ । ମାତ୍ର ସେ ନିଜକୁ ଯେଉଁ କାମ ଆଖ୍ୟା ଦେଇଛନ୍ତି ତା'ର ଏକ ବିଶେଷଣ ପଦ ବ୍ୟବହାର କରିବାଦ୍ୱାରା ସେ ନିଜେ ସେ ସବୁ ସନ୍ଦେହର ନିରସନ କରିଦେଇଛନ୍ତି ଉଭୟ କାମ ମଧ୍ୟରେ ପାର୍ଥକ୍ୟର ସୀମା ରେଖା ଟାଣି ଦେଇଛନ୍ତି । ସେ ପଦଟି ହେଉଛି—'ଧର୍ମ—ଅବିରୁଦ୍ଧ' । ଅର୍ଥାତ୍ ଯେଉଁ କାମ ଧର୍ମର ବିରୋଧାଚରଣ କରେନାହିଁ ଶ୍ରୀଭଗବାନ୍ ସେହି କାମ । ସେ ଇନ୍ଦ୍ରିୟାଶ୍ରିତ ଦୁଷ୍ପୂରଣୀୟ କାମ ନୁହନ୍ତି । ଦୁଷ୍ପୂର କାମ ହିଁ ଦୁର୍ଯ୍ୟୋଧନ । ଧର୍ମ ଅବିରୁଦ୍ଧ କାମ ସ୍ୱୟଂ ଭଗବାନ୍ ।

ଯେ କୌଣସି କର୍ମର ସଂକଳ୍ପ ହିଁ କାମ । ସଂକଳ୍ପ ବିନା କର୍ମର ସ୍ଥିତି ଧାରଣାତୀତ । ତେଣୁ ଗୀତାରେ ଶ୍ରୀଭଗବାନ୍ 'ମତ୍‌କର୍ମକୃତ୍' ହୁଅ, ମୋ ପାଇଁ କର୍ମ କରବୋଲି କହିବା ବେଳେ ତାଙ୍କପାଇଁ କର୍ମ କରିବାର ସଂକଳ୍ପ ବା କାମନାକୁ ପାପପଙ୍କିଳ କହି ନପାରନ୍ତି । ବୈଷ୍ଣବ ମହାଜନ ପଦା-ବଳିରେ ଉଲ୍ଲେଖ ଅଛି—'କାମକୃଷ୍ଣସେବାର୍ପଣେ' ଅର୍ଥାତ୍ କାମନାକୁ କୃଷ୍ଣସେବାରେ ନିଯୁକ୍ତ କରିବା କର୍ତ୍ତବ୍ୟ । ଗୀତାରେ ଶ୍ରୀଭଗବାନ୍ ମଧ୍ୟ 'ମନୋଗତ ସର୍ବକାମନା ତ୍ୟାଗ'କୁ ସ୍ଥିତପ୍ରଜ୍ଞର ପ୍ରଥମ ଲକ୍ଷଣ (୨-୫୫) ବୋଲି କହିବାବେଳେ ସ୍ପଷ୍ଟ କରି ଦେଇଛନ୍ତି ଯେ ପ୍ରାଣୀ ସର୍ବକାମ ଚରିତାର୍ଥ କରି ରସ ଭୋଗ ତ୍ୟାଗ କଲେ ମଧ୍ୟ ତାର ଅବଶେଷ ରହିଯାଏ ଏବଂ ପରମଙ୍କ ଦର୍ଶନ ଲାଭ କଲେ ତାହା ସଂପୂର୍ଣ୍ଣ ଲୋପ ପାଏ । (୨-୫୯) ଶ୍ରୀ ଭଗବାନଙ୍କ ଉଦ୍ଦେଶ୍ୟରେ କର୍ମହିଁ ଧର୍ମ ଅବିରୁଦ୍ଧ କର୍ମ । ଏହି ଧର୍ମ ଅବିରୁଦ୍ଧ କର୍ମର ସଂକଳ୍ପ ହିଁ ଧର୍ମ ଅବିରୁଦ୍ଧ କାମ । ବିଷୟ ଲାଳସୀ କାମର ସଂପୂର୍ଣ୍ଣ ନିରଶନ କେବଳ ତାହାକୁ ଈଶ୍ୱର ଅଭିମୁଖୀ କରିବା ଦ୍ୱାରାହିଁ ସମ୍ଭବ ; ଅନ୍ୟଥା ନୁହେଁ । 'କାମରୂପକ ଦୁରାସଦ' ବା ଦୁର୍ଯ୍ୟୋଧନର ଅବସାନ ଭଗବାନ୍ ଶ୍ରୀକୃଷ୍ଣଙ୍କ ଦର୍ଶନ ବିନା କଦାପି ସମ୍ଭବହୋଇ ନଥାନ୍ତା । ଏହାହିଁ ବିଧି ନିର୍ଦ୍ଦେଶ ।

ଶ୍ରୀ ଗୀତାର ଆରମ୍ଭରେ ଅହଙ୍କାର ରୂପୀ ଧୃତରାଷ୍ଟ୍ର ନିଜର ସନ୍ତାନ ସ୍ୱରୂପ କାମନାରାଜି ଅର୍ଥାତ୍ ଦୁରାସଦ ଦୁର୍ଯ୍ୟୋଧନାଦି ଶତଭ୍ରାତାଙ୍କୁ 'ମାମକାଃ' ବୋଲି କହିବା ଦ୍ୱାରା ଦୁଇଟି କଥା ସ୍ପଷ୍ଟ କରିଦେଲେ । ପ୍ରଥମରେ ସେ ମନୁଷ୍ୟର ଅନ୍ତର୍ନିହିତ ଆସୁରୀ ପ୍ରବୃତ୍ତିକୁ 'ମୋର' ବା ଆପଣାର କରିନେଲେ । ପାଣ୍ଡବମାନେ ଭ୍ରାତୃ ପୁତ୍ର ହେଲେ ମଧ୍ୟ ଆପଣାର ବୋଲି କହିବା ସୌଜନ୍ୟ ସିଦ୍ଧ ହୋଇଥାନ୍ତା ମାତ୍ର ଦୈବୀ ପ୍ରବୃତ୍ତି ମନୁଷ୍ୟର ଅନ୍ତର୍ନିହିତ ପ୍ରବୃତ୍ତି ହେଲେ ମଧ୍ୟ ଅହଙ୍କାରୀ କଦାପି ତାକୁ ଆପଣାର ବୋଲି ସ୍ୱୀକାର କରିନଥାଏ । ସୁତରାଂ ଆସୁରୀ ପ୍ରବୃତ୍ତିର ମୂଳ କାମନାକୁ ଅହଙ୍କାର ରୂପକ ଧୃତରାଷ୍ଟ୍ର ଆପଣାର ବୋଲି ଦାବୀ କରିବା ସ୍ୱାଭାବିକ । ଦ୍ୱିତୀୟତଃ ମହାଭାରତର ଧୃତରାଷ୍ଟ୍ର ଯେ ଗୀତା ବର୍ଣ୍ଣିତ ଅହଙ୍କାର ତାହାର ପ୍ରମାଣ ଗୀତା ଆରମ୍ଭରେ 'ଧୃତ-ରାଷ୍ଟ୍ରଉବାଚ' କହିବାର ଅବ୍ୟବହିତ ପରେ 'ମାମକାଃ' ପଦ ବିନ୍ୟାସରେ ସ୍ପଷ୍ଟଭାବରେ ଦେଇ ଯାଇଛନ୍ତି । 'ମୁଁ'ର ଷଷ୍ଠିତତ୍ ପୁରୁଷ ମୋର । 'ମୁଁ' ବା 'ଅହଂ' ଭାବଠାରୁ 'ମୋର' ଭାବ ଅଧିକ ଦୁର୍ଦ୍ଦାନ୍ତ । 'ମୁଁ' ଏକ, ମାତ୍ର ମୋର' ବହୁ—ଅସଂଖ୍ୟ ଏକାଧିକ । ଶ୍ରୀଚଣ୍ଡୀ ବର୍ଣ୍ଣିତ ରକ୍ତବୀଜ ପରି ରକ୍ତବିନ୍ଦୁ ଜାତ ତତ୍‌ପ୍ରମାଣ ମହାସୁରମାନଙ୍କ ଉଦ୍ଭବ ପୁଣି ତଦବତ୍ ଅସୁରମାନ ସମ୍ଭବ ହୁଅନ୍ତି । ଅସଂଖ୍ୟ 'ମାମକାଃ' ଠାରୁ ପୁଣି ବହୁ ମମତ୍ୱ ଜନ୍ମଲାଭ କରନ୍ତି । 'ମୋର' ଭାବ ବିନା 'ମୁଁ'ର ଅସ୍ତିତ୍ୱ ନାହିଁ । ତେଣୁ ଅହଙ୍କାରରୂପୀ ଧୃତରାଷ୍ଟ୍ର ନିଜର ଅସ୍ତିତ୍ୱ ଘୋଷଣା କରିବା ପାଇଁ ସର୍ବପ୍ରଥମେ 'ମାମକାଃ' ବା ମୋର ଭାବ ପଦ ବ୍ୟବହାର କରିଛନ୍ତି । 'ମୋର' ଭାବହିଁ 'ମୁଁ' ବା ଅହଙ୍କାରର ଷଷ୍ଠୀ ତତ୍‌ପୁରୁଷ । ମୋତେ, ମୋଦ୍ୱାରା, ମୋଠାରୁ କହିବା ବେଳେ 'ମୁଁ' ସେହି ସେହି ପୁରୁଷରେ ଯେପରି ଜଡ଼ିତ ଥାଏ, ଷଷ୍ଠୀ ତତ୍‌ପୁରୁଷ ମୋର

ଲୁହିବା ବେଳେ ତା'ର ସେ ଆସକ୍ତି ଚରମ ହୋଇଯାଏ । ସପ୍ତମୀ ତତ୍ପୁରୁଷରେ ସେ ଈଶ୍ୱରଙ୍କ 'ଠାରେ' ଅର୍ପିତ ହୁଏ । ତେଣୁ ପ୍ରଥମ ପୁରୁଷ ଅହଂକୁ ସପ୍ତମ ପୁରୁଷ ପରମଙ୍କଠାରେ ଅର୍ପଣ କରିବା ଦ୍ୱାରା ପ୍ରବଳ ପରାକ୍ରାନ୍ତ ଷଷ୍ଠୀ ତତ୍ପୁରୁଷର ଘଟାନ୍ତର ଘଟେ । ଧର୍ମବିରୁଦ୍ଧ ଇନ୍ଦ୍ରିୟା-ଶ୍ରୟୀ. ଧୃତରାଷ୍ଟ୍ରଙ୍କର 'ମାମକାଃ' 'କାମରୂପ-ଦୁରାସଦ' ବା ଦୁର୍ଯ୍ୟୋଧନ ଧର୍ମ ଅବିରୁଦ୍ଧ କାମ ବା ସ୍ୱୟଂ ଭଗବଦ୍ରୂପ ଧାରଣ କରେ । ମହାଭାରତର ଦୁର୍ଯ୍ୟୋଧନ ତେଣୁ ଗୀତାରେ କାମ କକ୍ଷାରେ ଅବତୀର୍ଣ୍ଣ ହେବା ଏକ ସାର୍ଥକ ନିର୍ଦ୍ଦେଶଣା ନାଟ୍ୟକାର ବ୍ୟାସଙ୍କର ।

ଟେବର କଲୋନୀ, ଇଉନିଟ୍—୩
ଭୁବନେଶ୍ୱର




## କାଜୁବାଦାମ, ସପୁରୀ, ମୁର୍ଗା, କଫି, ଗୋଲମରିଚ

ଏବଂ

ଅନ୍ୟାନ୍ୟ ଲାଭଜନକ ଫଳ ଗଛ ଲଗାନ୍ତୁ ଓ ନିଜର ଜମିକୁ ମୃତ୍ତିକା କ୍ଷୟରୁ ବଞ୍ଚାଇ ଅଧିକ ଲାଭବାନ ହୁଅନ୍ତୁ । କୃଷକମାନେ ନିଜ ଉଦ୍ୟମରେ ସେମାନଙ୍କ ଜମିରେ କାଜୁ ଲଗାଇବା ନିମନ୍ତେ ସରକାର ହେକ୍ଟର ପ୍ରତି ରିହାତି ଆକାରରେ ୭୦ ଟଙ୍କା ଏବଂ ରକ୍ଷଣାବେକ୍ଷଣ ନିମନ୍ତେ ୯୦ ଟଙ୍କା ଦେଉଅଛନ୍ତି । ଆଗ୍ରହୀ ଚାଷୀମାନେ ନିକଟସ୍ଥ ମୃତ୍ତିକା ସଂରକ୍ଷଣ ଅଧିକାରୀଙ୍କ ସହ ଉନ୍ନତ ବୃକ୍ଷରୋପଣ ପ୍ରଣାଳୀ, ଉତ୍କୃଷ୍ଟ ଚାଷ ତଥା କାଜୁବାଦାମ ଚାଷ ନିମନ୍ତେ ପରାମର୍ଶ କରନ୍ତୁ ।

କାଜୁବାଦାମ ମଞ୍ଜି, ମୁର୍ଗା ଦଉଡ଼ି ଏବଂ କଫି ମଞ୍ଜି ପାଇବାର ବିଶଦ ବିବରଣୀ ନିମନ୍ତେ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ ।

ନିର୍ଦ୍ଦେଶକ
ମୃତ୍ତିକା ସଂରକ୍ଷଣ
ଭୁବନେଶ୍ୱର
ଗ୍ରାମ୍—ଓରିସଏଲ୍

ଫୋନ—୫୧୯୪୦

# ନିଷ୍ପତ୍ତି

ଶ୍ରୀମତୀ ବିଦ୍ୟୁତ୍‌ଲତା ନନ୍ଦ

କେତେ ଧୂମ୍‌ଧଡ଼କରେ ରୋଷଣୀ ଲିଭିଗଲା । ପଛରେ ଛାଡ଼ି ଯାଇଥିବା ଧୂଆଁ କେବେଠୁ ଆକାଶରେ ମିଶିଗଲାଣି । କିନ୍ତୁ ମାଳିନୀର ପୋଡ଼ା ମନତଳୁ ଏବେ ବି ହୁହୁଳି ହୁହୁଳି ଧୂଆଁ ଉଠୁଛି । ଧୂମାୟିତ ଅନ୍ଧକାରରେ ଛାଇ ଯାଉଛି ତାର ମନ, ପ୍ରାଣ, ହୃଦୟ........

ଯେଉଁ ଆଡ଼କୁ ସେ ମୁହଁ ବୁଲାଉଛି ଦେଖୁଛି ଖାଲି ଅନ୍ଧାର ଓ ଅନ୍ଧାର । ଘରେ ବାପାଙ୍କର ଭାରାକ୍ରାନ୍ତ ମୁହଁ । ଗୋଟାଏ ବିରାଟ ବୋଝକୁ ସେ ଆଉ ଏ ବୃଦ୍ଧ ବୟସରେ ବୋହିବାକୁ ଅସମର୍ଥ ।

ମା'ଙ୍କର ସବୁବେଳେ ବି ଗୋଟିଏ ଚିନ୍ତା । ଝିଅ ଆଉ କେତେ ଦିନ ଏମିତି ଅଭିଆଡ଼ୀ ରହିବ ?

ସାଇ ପଡିଶା ବନ୍ଧୁବାନ୍ଧବ ସମସ୍ତଙ୍କର ଆଖି ମାଳିନୀ ଉପରେ । ଦେଖେଇ ଶିଖେଇ କେତେ କିଏ କହୁଛନ୍ତି । ସେ ଦିନ କୋଉ ଲେଖାଯୋଖାର ସାବି ମାଉସୀ ମାଳିନୀର ମା'ଙ୍କୁ କହୁଥିଲେ—"ଏ ବର୍ଷ ଏତିକି ବାହାଘର ଗଲା ! କୁଆଡ଼େ ଦଉଦ ମାସକାଳ ଆଉ ବାହା ତିଥି ନାହିଁ । କାଳ ଅଶୁଦ୍ଧି । ସେଇଥିପାଇଁ ସାନ ବଡ଼ କେତେ ଝିଅ ଉଠିଗଲେ । 'ମାନୀ'କୁ ଆଉ ରଖିଲ କାହିଁକି ମ ? ବୟସ ଗଡ଼ି ଯାଉଛି । ଯେତେ ପାଠ ପଢ଼ିଲେ କଅଣ ହେଲା ?

ପାଠପଢ଼ା ସାଙ୍ଗରେ ବୟସ ବି ବଢ଼ି ଚାଲିଛି । ଆଖିତଳେ ଦି ଧାର କଳା ଦାଗ ସ୍ପଷ୍ଟ ହୋଇ ଆସୁଛି ମାଳିନୀର ।

ଆହତ ମନକୁ ଶୁଙ୍ଘି ଦେଇ ମାଳିନୀର ମା କହିଲେ — "ଭଲ ବରପାତ୍ରଟିଏ ଯୁଟିଲେ ସିନା ? ଝିଅ ତ ଏମ. ଏ. ପଢ଼ୁଛି । ତାକୁ ଚାହିଁ ଯୋଗ୍ୟ ବରଟିଏ ନ ହେଲେ ହେବ କିମିତି ? ଯେ ବା ଆସିଥିଲେ — ଝିଅ ଦେଖିଲେ, ମୁହଁ ଉପରେ କେତେ ଭଲ କଥା କହିଲେ, ଶେଷରେ କହିଲେ କଅଣ ନା ଯାତକ ଶୁଝିଲାନି ।

ଆମେ କହିଲୁ ପୁଅର ଜାତକ ହେଲେ ଦେଖାଅ- ସେତେବେଳକୁ ନାରାଜ ।

ମାଳିନୀର ଜାତକରେ କିଛି ଅଶୁଭ ସଙ୍କେତ ନଥିଲା । ସାବି ମାଉସୀ ଫିକା ହସି ପୁଣି ଆରମ୍ଭ କଲେ – ଆଜିକାଲି ଜାତକ ନ ଶୁଝିବା କଥାଟା ଖାଲି ଛଳନା । ଅସଲ କଥା ଯାଇ ରହୁଛି – ଯଉତୁକରେ । କିଏ କେତେ ଦେଇପାରିବ ? ଯାହାର ଶିକ୍ଷିତ ରୋଜଗାରିଆ ପୁଅଟିଏ ଅଛି ସେ ପାଠପଢ଼ା ଖର୍ଚ୍ଚଟୁ ଆଗେ କରି ଭବିଷ୍ୟତ ଜମା ପାଇଁ ଆଦାୟ କରି ନେଉଛି । ଦେଖ ଦେଖୁନ, ଯେତେ ସବୁ ବାହାଘର ହୋଇଗଲା, କେତେ ଜଣ ବିନା ଯଉତୁକରେ ବାହାହେଲେ ? ଛାଁ ଛାଁ କେତେଜଣଙ୍କୁ ଛାଡ଼ି ଦେଲେ ସମସ୍ତେ ସେଇ ଗୋଟାଏ ସୁଅରେ ଭସି ଗଲେ । ଖାଲି ଟଙ୍କା – ଟଙ୍କା – ଟଙ୍କା ।

ଗୋଟିଏ ଗୋଟିଏ ବାହାଘରରେ କେତେ ଟଙ୍କା ଖର୍ଚ୍ଚ ହେଲା କେତେ ଧନ ବୁହା ଗଲା ଏତେ ଧନ ଆସିଲା କେଉଁଠୁ, ଗଲା କୁଆଡ଼େ ? ତାର ହିସାବ କେହି ରଖିଛ ନା ? ଚୁପ୍ ଚାପ୍ ସମସ୍ତେ ଦେଖିଯିବା ଛଡ଼ା ପ୍ରତିବାଦ କରୁଛି କିଏ ? ବରଂ ଯାହାର ଝିଅ ଅଛି ସେ ନୀରବ ରହୁଛି । ବେଳ ଥୁଁ ଯଉତୁକ ପାଇଁ ଧନ ଜମା କରିବାରେ ଲାଗିପଡ଼ୁଛି ।

ମା ଓ ସାବି ମାଉସୀଙ୍କର ସବୁ କଥା ମାଳିନୀ କାନ ଡେରି ଶୁଣୁଥିଲା । ମନ ତଳେ ତାର ବିପ୍ଳବର ନିଆଁ କ୍ରମେ ଜଳି ଉଠୁଥିଲା । ତାହାହେଲେ କ'ଣ ଝିଅମାନଙ୍କର ଯୋଗ୍ୟତା ସଦ୍‌ଗୁଣ ଓ ସୌନ୍ଦର୍ଯ୍ୟର ମୂଲ୍ୟ କିଛି ନାହିଁ ? ଧନ ବଦଳରେ ତଉଲ ହେବାକୁ ଶିକ୍ଷିତା ଝିଅମାନେ ପସନ୍ଦ କରୁଛନ୍ତି କେମିତି ? ଏହାଦ୍ୱାରା ନିଜକୁ ସେମାନେ ନ୍ୟୂନ କରି ଦେଉ ନାହାନ୍ତି କି ?

ଏମିତି ଅନେକ ପ୍ରଶ୍ନର ଉତ୍ତର ମାଳିନୀ ଖୋଜି ବୁଲୁଥିଲା । କିନ୍ତୁ କିଏ ଦେବ ତା' ପ୍ରଶ୍ନର ଉତ୍ତର ? କେତେ ମହିଳା ସମିତିରୁ ଯୌତୁକ ବିରୋଧୀ ବକ୍ତୃତା

ସେ ଶୁଣିଛି । କେତେ ନାରୀ ମହଲରୁ ଯୌତୁକ ଭଳି ସାମାଜିକ ବ୍ୟାଧିର ଆଲୋଚନା ପର୍ଯ୍ୟାଲୋଚନା ଶୁଣି ଶୁଣି କାନ ତା'ର ବଧିର ହୋଇଛି ।

ହେଲେ ସେହି ସାମାଜିକ 'ବ୍ୟାଧି କ୍ୟାନସର ଭଳି ପ୍ରତିକାର ବିହୀନ ଓ ଅମୀମାଂସିତ ହୋଇ ବଢି ଚାଲିଛି ।

କେତେଗୁଡ଼ିଏ ମୁଖ୍ୟ କାରଣ ଏ ଯୌତୁକ ବୃଦ୍ଧି ପାଇଁ ଦାୟୀ ବୋଲି ମାଳିନୀ ବିଶ୍ୱାସ କରୁଥିଲା । ଝିଅମାନେ ଯେତିକି ପାଠଶାଠ ପଢି ଉଚ୍ଚଶିକ୍ଷିତା ହେଉଛନ୍ତି, ସେତିକି ଉପଯୁକ୍ତ ବରପାତ୍ର ପାଇଁ ପ୍ରତିଯୋଗିତା ହେଉଛି । ଏ ଯୁଗରେ ଜୀବନର ମାରାଥାନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହେବାକୁ ହେଲେ ଦରକାର ହେଉଛି, ଟଙ୍କା । ଯେ ଯେତେ କୌଶଳରେ ଧନ ଜମା କରିପାରୁଛି, ସେ ସେତେ ଅଧିକ ଯୌତୁକ ଦେଇ ଯୋଗ୍ୟ ବରପାତ୍ର ପାଇପାରୁଛି ।

ଆଜିକାଲି ଅଧିକାଂଶ ଶିକ୍ଷିତ ଯୁବକ ବେକାର କିମ୍ବା ସ୍ୱଳ୍ପ ବେତନଭୋଗୀ । ତେଣୁ ଯେଉଁ ଅଳ୍ପ କେତେଜଣ ଭଲ ଚାକିରୀ ପାଉଛନ୍ତି ତାଙ୍କ ପାଇଁ ପ୍ରତିଯୋଗିତା ହେଉଛି । ହଜାର କାହିଁକି ଲକ୍ଷ ଲକ୍ଷ ଟଙ୍କାର ଯୌତୁକ ଦାବୀ ହେଉଛି । ପବିତ୍ର ବିବାହ ବନ୍ଧନ ବ୍ୟବସାୟରେ ପରିଣତ ହେଉଛି ।

ମାଳିନୀର ତୀକ୍ଷ୍ଣ ଦୃଷ୍ଟିରେ ବାପାଙ୍କର ଅସହାୟ ଭାବ ସ୍ପଷ୍ଟ ହୋଇ ଉଠୁଥିଲା । ଜଣେ ମଧ୍ୟ ବେତନଭୋଗୀ କର୍ମଚାରୀ । କ'ଣ ବା ଆଉ କରିପାରିଥାଆନ୍ତେ ଜୀବନରେ ? ବହୁକଷ୍ଟରେ ଉଚ୍ଚଶିକ୍ଷା ଦେଇପାରିଛନ୍ତି ତାକୁ । ଯୌତୁକ ପାଇଁ କିନ୍ତୁ ଗୁଡ଼ାଏ ଧନ ଜମା କରି ପାରିଲେନି । ଅନ୍ୟାୟ କିମ୍ବା କଳାଧନ ଠାରୁ ସେ ଥିଲେ ଅନେକ ଦୂରରେ ।

ଆଉ ଗୋଟିଏ କାରଣକୁ ମାଳିନୀ ଏଡି ଦେଇ ପାରୁନଥିଲା । ତାହା ଥିଲା ବୟସର ଭୟ । ଆମ ସମାଜରେ ପୁଅମାନଙ୍କର ବୟସକୁ କେହି ହିସାବ କରେନି । ମାତ୍ର ଝିଅକୁ ଷୋହଳ ଟପିଗଲେ କୁହନ୍ତି ବୁଢୀ ହୋଇଗଲା । ଅଧିକାଂଶ ବାପ ମା ଏଇ ବୟସ ଡରରେ ଯୌତୁକ ଦେଇ ବିବାହ ଦିଅନ୍ତି ଝିଅକୁ ।

କେମିତି ବୁଝାଇବ ମାଳିନୀ, ଏ କ୍ଷଣଭଙ୍ଗୁର ଦୁନିଆରେ ବୟସର ରଙ୍ଗ ବଦଳିବା ସ୍ୱାଭାବିକ୍ । କିନ୍ତୁ ଏ ବୟସକୁ ନେଇ ଜଣେ ଝିଅର ହୃଦୟକୁ ମପାଯାଇ ପାରେ ନା ।

କଳାଧନର ପ୍ରାଚୁର୍ଯ୍ୟ ଆଉ ଗୋଟାଏ କାରଣ ବୋଲି ଖୋଜି ପାଇଲା ମାଳିନୀ । କେତେକ ଲୋକଙ୍କ ପାଖରେ ବର୍ଷାକାଳର ନଦୀ ଜଳ ଭଳି ବଢି ଚାଲିଛି ଏଇ କଳାଧନ । ସେଇମାନେ ଲୋକଙ୍କୁ ଯୌତୁକ ଦେଇବେଳେ ବାଧୁନି । ବରଂ ଅନ୍ୟମାନଙ୍କୁ ତଳକୁ ପକାଇ ନିଜେ ଧନବଳରେ ଉପରକୁ ଉଠିବାରେ ଗର୍ବ ଅନୁଭବ କରୁଛନ୍ତି । ସେମାନେ ମାଳିନୀର କଲେଜ ସାଥୀ – ସୀମା, ନନ୍ଦିତା, ଚିତ୍ରଲେଖା, କେତେ ଯୌତୁକ–କୋଠା ମଟରଗାଡି, ଅପର୍ଯ୍ୟାପ୍ତ ସୁନାଗହଣା ନେଇ ବିବାହ କଲେ । ଉଚ୍ଚଯୋଗ୍ୟତାସମ୍ପନ୍ନ ବରପାତ୍ର ପାଇଲେ ।

ଅଥଚ ମାଳିନୀ ନିଜେ ପାଠ, ସୌନ୍ଦର୍ଯ୍ୟ ଓ ଗୁଣରେ ସେମାନଙ୍କଠାରୁ କିଛି କମ୍ ନ ଥିଲା । ତଥାପି ସେ ହାରିଗଲା । ସ୍ନେହ, ଶ୍ରଦ୍ଧାରେ ବନ୍ଧୁ ବାନ୍ଧିବାକୁ କେହି ଆସୁନି ତାଙ୍କ ଦୁଆର ମୁହଁକୁ । ସେ ସବୁ ପୁରୁଣା କାଳିଆ ସମ୍ପର୍କ ଏବେ ଧନମୋହରେ ବଦଳି ଯାଉଛି ।

ଏବେ ଝିଅମାନେ ବି ଅଭାବ ଅସୁବିଧାରେ ସାଙ୍ଗ ଚକଟି ହୋଇ ଜୀବନ ସଂଗ୍ରାମରେ ଝାସ ଦେବାକୁ ଚାହୁଁ ନାହାନ୍ତି । ଅଧିକାଂଶ ଚାହୁଛନ୍ତି ବରଂ ବାପା ମା ଯେ କୌଣସି ଉପାୟରେ ଯୌତୁକ ଦାବୀକୁ ପୂରଣ କରି ସେମାନଙ୍କୁ ରୋଜଗାରିଆ ବର ଦେଖି ବିବାହ ଦିଅନ୍ତୁ । ନୀରବରେ ଯୌତୁକ ଦାବୀର ସମର୍ଥନ କରୁଛନ୍ତି ଅନେକ ।

ମାଳିନୀ ସ୍ୱାମୀର ଅର୍ଥ ଓ ପ୍ରତିଷ୍ଠାକୁ ବିବାହ କରିବାକୁ ଚାହୁଁ ନ ଥିଲା । ବୃଥା ଅହମିକା ଓ ଭ୍ରାନ୍ତି ଭିତରେ ଘୁରି ଘୁରି ନିଜକୁ ସେ ନିଃଶେଷ କରି ଦେବାକୁ ଚାହେଁ ନା । ସେ ଚାହେଁ ତାର ଜୀବନ-ସାଥୀ । ହେଉ ପଛେ ସେ ବେକାର, ଅର୍ଦ୍ଧ ଶିକ୍ଷିତ., ଅଜଣା, ଅଶୁଣା ...... ତଥାପି ସେ ମଣିଷ ।

ମାଳିନୀକୁ ଜୀବନ-ସଂଗ୍ରାମର ସମ୍ମୁଖୀନ ହେବାକୁ ପଡିବ । ହୁଏତ ସେ ଯନ୍ତ୍ରଣାଦଗ୍ଧ ହୋଇପାରେ । ପରାଜିତ ହୋଇପାରେ କିମ୍ବା ଧ୍ୱଂସ ହୋଇଯାଇପାରେ । ତଥାପି ସେ ଶୋଚନା କରିବନି । ଯନ୍ତ୍ରଣାକୁ ଭୁଲି ସେ ଜୀବନର ସଙ୍ଗୀତ ଗାଇବ । ପରାଜୟର ଗ୍ଲାନିକୁ ବିସ୍ମୃତ ହୋଇ ଜୀବନର ବନ୍ଧୁର ପଥରେ ସେ ଅଗ୍ରସର ହେବ । ଧ୍ୱଂସର ସମ୍ମୁଖୀନ ହେଲେ ବି ସେ ହସି ହସି ସକାଳର ଗଙ୍ଗଶିଉଳୀ ଭଳି ଝରିଯିବ ।

ସେଇ ଝରିଯିବାରେ ହିଁ ସେ ସୁଖ ପାଇବ, ଶାନ୍ତି ପାଇବ । ମାଳିନୀ ଉଠିଲା । ଯେତେଶୀଘ୍ର ସମ୍ଭବ ବାପାଙ୍କୁ ଏ ନିଷ୍ପତ୍ତି ଜଣାଇ ଦେବାକୁ ହେବ ।


ଅଧ୍ୟାପିକା, ଇଂରାଜୀ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ ।

# ପରିଚୟ

ଶ୍ରୀ ନିର୍ମଳ ମିଶ୍ର

ବ୍ୟସ୍ତ ହେବାର କିଛି ନାହିଁ
ଏମିତିକା ଠିକ୍ ମୁହୂର୍ତ୍ତରେ
ଲଇଟ୍ ଲିଭିଯାଏ ଓ ମହମବତୀର ଆଲୁଅରେ
ପାଖ ଲୋକର ମାପ ବେଶ୍ ନେଇପାରେ
ଅଭ୍ୟସ୍ତ ଦରଜୀ ।
ଦୁଃଖ କରିବାର କିଛି ନାହିଁ,
ଚୋରି ଧନରେ ଦେଉଳ ତୋଳୁଥିବା
ପୁରୋହିତ ପୁଣ୍ୟର ଅହଂରେ
ହସି ଉଠିବା ବେଳର ଫଟୋ
ଠିକ ଭବେ ନେଇପାରେ ଫଟୋଗ୍ରାଫର ।
ଏଣୁ ଆଲୁଅ ଲିଭିଗଲେ
ଦରଜୀ ବ୍ୟସ୍ତ ହୁଏନି ;
ଯେମିତିକା ଫଟୋଗ୍ରାଫର
ଚିନ୍ତା କରେନି କାହାରି ପୌରୁଷ
ଘର ଅବା ଖୋଲା ପଡ଼ିଆରେ
ଆଲୁଅ ବା ଅନ୍ଧାରରେ
ଫଟୋ ନେବାବେଳେ ।

ଶ୍ରୀ ଗୋପାଳ ପ୍ରେସ୍, ପୁରୀ



# ଶାରଦୀୟ ମହାପୂଜା ଓ ଦୁର୍ଗାମାଧବ

ଶ୍ରୀ ରଘୁନାଥ ପାଢୀ

"ଶିବ ଶକ୍ତ୍ୟା ଯୁକ୍ତୋ ଯଦି ଭବତି ଶକ୍ତଃ ପ୍ରଭବିତୁଂ", ଆନନ୍ଦଲହରୀର ପ୍ରଥମ ପାଦରେ ଶ୍ରୀମତ୍ ଶଙ୍କରାଚାର୍ଯ୍ୟ ଆଦ୍ୟାଶକ୍ତି ପରମାତ୍ମାଙ୍କ ପ୍ରାର୍ଥନା ଛଳରେ ସୂଚାଇ ଦେଇଛନ୍ତି—ଶିବ ଶକ୍ତିଯୁକ୍ତ ହେଲେ ପ୍ରଭବଶାଳୀ ହୋଇ ସୃଷ୍ଟି ସ୍ଥିତି ଲୟାଦି କାର୍ଯ୍ୟ ସମ୍ପାଦନ କରନ୍ତି । ଶିବା ବିନା ଶିବ ସ୍ପନ୍ଦନ ରହିତ । ବାସ୍ତବରେ ବ୍ରହ୍ମର ଶକ୍ତି ହିଁ ଶିବା । ଶିବ ଓ ଶିବାଙ୍କ ମଧ୍ୟରେ ଅଭେଦ ସମ୍ପର୍କ । ଶିବାଙ୍କ ମହିମାମୟ ଗୁଣଗୁଡ଼ିକରେ ଶିବଙ୍କ ମହିମା ନିହିତ । ଶକ୍ତିର ଆରାଧନା ବ୍ରହ୍ମର ଆରାଧନା ମାତ୍ର । ଶକ୍ତି ଶକ୍ତିମାନଙ୍କଠାରୁ ପୃଥକ ନୁହେଁ । "ପୁଂ ଲିଙ୍ଗ ସର୍ବମୀଶାନ ସ୍ତ୍ରୀ ଲିଙ୍ଗ ଭବତ୍ୟୁମା", ପୃଥିବୀର ସମସ୍ତ ପୁଂ ଲିଙ୍ଗ ଶିବ ଓ ସ୍ତ୍ରୀ ଲିଙ୍ଗ ଉମାଙ୍କ ପରିପ୍ରକାଶ ମାତ୍ର । ନାରଦ ପଞ୍ଚରାତ୍ରରେ ଶ୍ରୀକୃଷ୍ଣ ବ୍ରହ୍ମସ୍ୱରୂପ ଓ ଶ୍ରୀମତୀ ବ୍ରହ୍ମସ୍ୱରୂପା ପରା ପ୍ରକୃତି ରୂପେ ପରିକୀର୍ତ୍ତିତା ।

"ଯଥା ବ୍ରହ୍ମ ସ୍ୱରୂପଶ୍ଚ ଶ୍ରୀକୃଷ୍ଣ ପ୍ରକୃତେଃ ପରଃ ।
ତଥା ବ୍ରହ୍ମ ସ୍ୱରୂପାଚ ନିର୍ଲିପ୍ତା ପ୍ରକୃତେ ପରା ।"

ପଦ୍ମ ପୁରାଣ ପାତାଳ ଖଣ୍ଡରେ ସଂସାର "ରାଧାକୃଷ୍ଣମୟ ଜଗତ୍" ରୂପେ ବର୍ଣ୍ଣିତ ହୋଇଛି ।

"ବହୁନା କିଂ ମୁନିଶ୍ରେଷ୍ଠ ବିନା ତାଭ୍ୟାଂ ନ କିଞ୍ଚନ ।
ଚିଦ୍ ଚିଲ୍ଲକ୍ଷଣଂ ସର୍ବଂ ରାଧାକୃଷ୍ଣ ମୟଂ ଜଗତ୍ ।"

ଶିବପାର୍ବତୀ ଓ ରାଧାକୃଷ୍ଣଙ୍କ ଉପାସନା ସର୍ବତ୍ର ବିଦ୍ଧିତ କିନ୍ତୁ ଦୁର୍ଗାମାଧବ ଉପାସନା ପୁରୁଷୋତ୍ତମ ବ୍ୟତୀତ ଅନ୍ୟତ୍ର ବିରଳ ।

ବଜ୍ରଯାନ ଗ୍ରନ୍ଥ ସାଧନମାଳାର ଚାରୋଟି ତାନ୍ତ୍ରିକପୀଠ, ଉଡ୍ଡୀୟାନ, ଶ୍ରୀହଟ୍ଟ (ସିଲହଟ), ପୂର୍ଣ୍ଣଗିରି ଓ ଜାଳନ୍ଧର ମଧ୍ୟରୁ ଉଡ୍ଡୀୟାନ ପୀଠ ଅନ୍ୟତମ । ଏହା ଶ୍ରୀକ୍ଷେତ୍ରରୁ ବିରଜାକ୍ଷେତ୍ର ପର୍ଯ୍ୟନ୍ତ ପରିବ୍ୟାପ୍ତ । କାଳିକା ପୁରାଣରେ ବିମଳା ଉଡ୍ଡୀୟାନ ପୀଠର ଭୈରବୀ ଓ ଭୈରବ ବା ରକ୍ଷକ ହେଉଛନ୍ତି ନୀଳାଚଳ ଚନ୍ଦ୍ର ଜଗନ୍ନାଥ ।

"ବିମଳା ସା ମହାଦେବୀ ଜଗନ୍ନାଥସ୍ତୁ ଭୈରବଃ
କାତ୍ୟାୟନୀ ଚୋଡ୍ଡୀୟାନେ କାମାଖ୍ୟା କାମରୂପିଣୀ,
ପୂର୍ଣ୍ଣେଶ୍ୱରୀ ପୂର୍ଣ୍ଣଗିରୌ ଚଣ୍ଡୀ ଜାଳନ୍ଧରେ ଗିରୌ ।"

ଆଦ୍ୟାଶକ୍ତି ଜଳନ୍ଧରରେ ଜ୍ୱାଳାମୁଖୀ, କାମରୂପରେ କାମାକ୍ଷା, ପୂର୍ଣ୍ଣଗିରିରେ ପୂର୍ଣ୍ଣେଶ୍ୱରୀ, କନ୍ୟାକୁମାରୀ ଓ ଉଡ୍ଡୀୟାନ ପୀଠରେ ବିମଳା ରୂପେ ଲୋକ ବିଦିତା । ତାନ୍ତ୍ରିକ ଜଗତରେ ବିମଳା ପୀଠ ହେଉଛି ଆଦ୍ୟାଶକ୍ତିଙ୍କ ପରାପୀଠ ଓ ଏହା ଯୋଗିନୀ ତନ୍ତ୍ର ସମର୍ଥିତ । ଐତିହାସିକଙ୍କ ମତରେ ଖ୍ରୀ: ୭୪୭ରେ ପଦ୍ମ ସମ୍ଭବ ଉଡ୍ଡୀୟାନ ପୀଠରୁ ତିବ୍ବତ ଯାଇ ତନ୍ତ୍ର ଓ ଇନ୍ଦ୍ରଜାଲ ପ୍ରଚାର କରିଥିଲେ । ଗୁହ୍ୟ ତନ୍ତ୍ରର ସ୍ରଷ୍ଟା ଇନ୍ଦ୍ରଭୂତି ହେଉଛନ୍ତି ଉଡ୍ଡୀୟାନର ସିଦ୍ଧାଚାର୍ଯ୍ୟ ।

The author of the Buddhist iconography suggests that Uddiyana is the same as Odra, Uddiyana and Odra, beyond doubt, the presiding deity of Uddiyana is Katyaine X X

କାଳିକା ପୁରାଣୋକ୍ତ ପାଞ୍ଚଟି ତାନ୍ତ୍ରିକପୀଠ ଯଥା ଉଡ୍‌ଡ୍ରୀୟାନ, ଦେବୀକୂଟ, କାମରୂପ, ଜାଳନ୍ଧର ଓ ପୂର୍ଣ୍ଣଗିରି ମଧ୍ୟରେ ଉଡ୍‌ଡ୍ରୀୟାନ ଅନ୍ୟତମ । ଭବିଷ୍ୟ ପୁରାଣାନୁସାରେ ଭଗବତୀ ସୁଭଦ୍ରା ହେଉଛନ୍ତି ପରାଶକ୍ତି । ସ୍କନ୍ଦ ପୁରାଣରେ ସୁଭଦ୍ରା ଭଗବାନଙ୍କ ଶକ୍ତି ରୂପେ ପରିଚିତା ।

"ତସ୍ୟ ଶକ୍ତି ସ୍ୱରୂପେୟଂ ଭଗିନୀ ସ୍ତ୍ରୀ ପ୍ରବର୍ତ୍ତିକା ।
ସୁଦର୍ଶନନ୍ତୁ ଯଚ୍ଚକ୍ରଂ ସଦା ବିଷ୍ଣୁକରେ ସ୍ଥିତମ୍ ।"

ମାର୍କଣ୍ଡେୟ ପୁରାଣରେ ଦୁର୍ଗାଙ୍କ ଅଷ୍ଟୋତ୍ତର ଶତ (୧୦୮) ନାମ ମଧ୍ୟରେ ବିମଳା, ବନଦୁର୍ଗା, ଭଦ୍ରକାଳୀ, ବିଷ୍ଣୁମାୟା ଓ କାତ୍ୟାୟନୀ ଇତ୍ୟାଦି ଦ୍ରଷ୍ଟବ୍ୟ । ସ୍କନ୍ଦପୁରାଣରେ ସୁଭଦ୍ରାଙ୍କୁ ଭଦ୍ରେ, ଭଦ୍ରକାଳୀ, ଜଗନ୍ମାତା ରୂପେ ବର୍ଣ୍ଣନା କରା ଯାଇଛି । ଜଗନ୍ନାଥ ପୁରୁଷ ଓ ସ୍ତ୍ରୀରୂପା ସୁଭଦ୍ରା ।

ଜୟ ଭଦ୍ରେ ସୁଭଦ୍ରେ ତ୍ୱଂ ସର୍ବେଷାଂ ଭଦ୍ର ଦାୟିନୀ ।
ଭଦ୍ରାଭଦ୍ର ସ୍ୱରୂପାତ୍ୱଂ ଭଦ୍ରକାଳୀ ନମୋସ୍ତୁତେ ।

ତ୍ୱଂ ମାତା ଜଗତାଂ ଦେବୀ ପିତା ନାରାୟଣ ହି ସଃ ।
ସ୍ତ୍ରୀ ରୂପଂ ସର୍ବମେବତ୍ୱଂ ପୁଂ ରୂପୋ ଜଗଦୀଶ୍ୱରଃ ।।

ରାଧା ରସାମୃତ ଗୀତାରେ ସୁଭଦ୍ରା ରାଧାଭାବେ ପରିକୀର୍ତ୍ତିତା । ଜଗନ୍ନାଥଙ୍କ ଗମ୍ଭୀରା ପଞ୍ଚ ସଖାଦିଙ୍କ ଦ୍ୱାରା ନିତ୍ୟ ରାସ ସ୍ଥଳୀରୂପେ ବର୍ଣ୍ଣିତ ହୋଇଛି । ତେଣୁ ରାଧା ରୂପୀ ଦୁର୍ଗା (ବିମଳା ବା ସୁଭଦ୍ରା) ଓ କୃଷ୍ଣରୂପୀ ମାଧବ ବା ଜଗନ୍ନାଥଙ୍କ ମିଳନରେ 'ଦୁର୍ଗାମାଧବ' ଯୁଗଳ ମୂର୍ତ୍ତିର ସୃଷ୍ଟି ।

"ଜ୍ୟେଷ୍ଠ ବଳରାମ ଯେ କନିଷ୍ଠ ଜଗନ୍ନାଥ,
ଯେଉଁ ରାଧା ସୁଭଦ୍ରାଟି ନାମ ତାର ଖ୍ୟାତ ।

ଦକ୍ଷ ପ୍ରଜାପତିଙ୍କ ମୁଖରୁ ସ୍ୱାମୀ ନିନ୍ଦା ସହ୍ୟ କରି ନପାରି ସତୀ ଯଜ୍ଞ କୁଣ୍ଡରେ ଆତ୍ମ ବିସର୍ଜ୍ଜନ କଲେ । ଶିବଙ୍କ କ୍ରୋଧରୁ ବୀରଭଦ୍ରଙ୍କ ଉତ୍ପତ୍ତି ହେଲା । ବୀରଭଦ୍ର ଦକ୍ଷଙ୍କ ଶିର ଛେଦନ କଲେ । ବିରହାତୁର ଶଙ୍କର-ଭଗବାନ ସତୀଙ୍କ ଅର୍ଦ୍ଧଦଗ୍ଧ ଶରୀରକୁ ସ୍କନ୍ଧରେ ଧାରଣ କରି ଦିବ୍ୟଧାମ ଭ୍ରମଣ କଲେ । ଜଗନ୍ନାଥଙ୍କ ନିର୍ଦ୍ଦେଶରେ ଚକ୍ର ସୁଦର୍ଶନ ଶିବଙ୍କୁ ଅଶିବାଗ୍ରାରୁ ରକ୍ଷା ନିମିତ୍ତ ସତୀଙ୍କ ଶରୀରକୁ ୪୯ ଭାଗ (ମତାନ୍ତରେ ୫୨ ଭାଗରେ ବିଭକ୍ତ କଲେ । ସତୀଙ୍କ ଭୂ-ପତିତ ଶରୀରାଂଶରୁ ଶକ୍ତିପୀଠର ସୃଷ୍ଟି । କେତେକଙ୍କ ମତରେ ମା ଭଗବତୀଙ୍କ ପବିତ୍ରତମ ପାଦପୀଠ ପୁରୁଷୋତ୍ତମରେ ପଡି ବିମଳାପୀଠ ସୃଷ୍ଟି ହୋଇଛି । ସମସ୍ତ ପୀଠରେ ଭଗବତୀ ଭୈରବୀ ଓ ଭୈରବ ଭଗବାନ ଶଙ୍କର କିନ୍ତୁ ପୁରୁଷୋତ୍ତମରେ ଭୈରବ ବା ରକ୍ଷକ ଜଗନ୍ନାଥ ଓ ଭୈରବୀ ରୂପେ ପରାମ୍ବା ବିମଳା ଭୁବନ ବିଦିତା ।

"ବିମଳା ଭୈରବୀ ସାକ୍ଷାତ୍ ଜଗନ୍ନାଥାଖ୍ୟ ଭୈରବଃ ।"

ବିରଜା କ୍ଷେତ୍ରରେ ନାଭି ଓ ଶ୍ରୀକ୍ଷେତ୍ରରେ ପାଦ ପଡିଥିଲା । ଉଡ୍‌ଡ୍ରୀୟାନ ପୀଠ ଚତୁଃପୀଠ ମଧ୍ୟରେ ମୁଖ୍ୟ ରୂପେ ବିଦିତ ହେଲା ।

"ଉତ୍କଳ ନାଭି ଦେଶଶ୍ଚ ବିରଜା କ୍ଷେତ୍ର ଉଚ୍ୟତେ
ବିମଳା ସାଃ ମହାଦେବୀ ଜଗନ୍ନାଥସ୍ତୁ ଭୈରବଃ ।"

ଉଡ୍‌ଡୀଶତନ୍ତ୍ରରୁ ସତୀଙ୍କ ଜିହ୍ୱା ପୁରୁଷୋତ୍ତମରେ ପଡ଼ିଥିବା ଅନୁମେୟ । ଏହି କାରଣରୁ ଶ୍ରୀ ଜଗନ୍ନାଥଙ୍କ ନୈବେଦ୍ୟାନ୍ନ ବିମଳାଙ୍କୁ ସମର୍ପଣ ହେଲେ ମହା ପ୍ରସାଦ ହୁଏ ବୋଲି କେତେକଙ୍କ ମତ ।

"ରସନା ଉତ୍କ ଦେଶେଚ ବିମଳା ପୁରୁଷୋତ୍ତମେ ।
ତଦୁଚ୍ଛିଷ୍ଟ ମହାପୀଠେ ଜଗନ୍ନାଥାଖ୍ୟ ଭୈରବଃ ।"

ଅତିବଡ଼ି ଜଗନ୍ନାଥ ଦାସ ଗୋସ୍ୱାମୀ ମହୋଦୟ ବିମଳାଙ୍କୁ ଜଗନ୍ନାଥଙ୍କ ମାୟା ଶକ୍ତି, ବଳଭଦ୍ରଙ୍କ କ୍ରିୟା ଶକ୍ତି ଓ ସୁଭଦ୍ରାଙ୍କ ଇଚ୍ଛା ଶକ୍ତି ବୋଲି ବର୍ଣ୍ଣନା କରିଛନ୍ତି ।

ନାରାୟଣ କଳା ରୂପିଣୀ । ଜ୍ଞାନକ୍ରିୟା ଏ ଇଚ୍ଛା ତିନି ।
ବିମଳାଦି ନବ ଶକ୍ତିନୀ । ଏ ମଧ୍ୟେ ରାମ ବିଳାସିନୀ ॥

ଉପରୋକ୍ତ ବିବରଣୀରୁ ଦୁର୍ଗାମାଧବଙ୍କ ଏକତ୍ର ଉପାସନା ସ୍ପଷ୍ଟରୂପେ ପ୍ରତିପାଦିତ ହୁଏ ।

ଦେବୀ ପୂଜା ବା ଦୁର୍ଗାମାଧବ ପୂଜା ଆଶ୍ୱିନ ମାସର କୃଷ୍ଣ ଅଷ୍ଟମୀଠାରୁ ଶୁକ୍ଳ ନବମୀ ୧୭ଦିନ (ମତାନ୍ତରେ ୧୬ଦିନ) ପର୍ଯ୍ୟନ୍ତ ଶ୍ରୀ ମନ୍ଦିରରେ ପାଳନ କରାଯାଏ । ଅଷ୍ଟମୀ ଦିନ ପ୍ରାତଃ କାଳରେ ଦେବପୂର ଉତ୍ତମ ରୂପେ କ୍ଷାଳିତ ହୁଏ । ଦୁର୍ଗାପୂଜା ନିମିତ୍ତ ଦେବୀ ସୁଭଦ୍ରାଙ୍କୁ ପ୍ରାର୍ଥନା କରାଯାଏ । ଧୂପ ବଢ଼ିବାପରେ ଭଣ୍ଡାରରୁ ସ୍ୱର୍ଣ୍ଣର ଦୁର୍ଗାମୂର୍ତ୍ତି ଆଜ୍ଞା ମାଳପାଇ ମାଜଣା ମଣ୍ଡପରେ ଖଟଉପରେ ବିଜେ ହୁଅନ୍ତି । ପଣ୍ଡା, ପତି, ମୁଦିରସ୍ତ, ଆଘ୍ରାଣ ବ୍ରହ୍ମାବରଣ ହୋଇ କୋଠ-ଭୋଗ-ପାଣିଆ ଦର ୧୦୮ (ମତାନ୍ତରେ ୧୦୦୦) ଗରା ଜଳଦ୍ୱାରା ବନଦୁର୍ଗା ମନ୍ତ୍ରରେ ତାଙ୍କୁ ଅଭିଷେକ କରାଯାଏ । ଶ୍ରୀଅଙ୍ଗ ବସନ ଭୂଷଣ ଦ୍ୱାରା ସୁସଜ୍ଜିତ କରାଯାଏ । ଶୀତଳ ଭୋଗ ହୁଏ । ମୁଦିରସ୍ତ ପ୍ରସାଦ ଲାଗି କରନ୍ତି । ପଞ୍ଚୋପଚାରରେ ଭୋଗ ହୁଏ । ବନ୍ଦାପନା ହୋଇ ଭଣ୍ଡାର ଦୁଆରେ ବାହୁଡ଼ା ବିଜେ କରନ୍ତି । ମାଧବ ବା ବାଳ ପୁରୁଷୋତ୍ତମଙ୍କୁ ଆଜ୍ଞାମାଳଦେଇ କୋଠ ସୁଆଁସିଆ ଦର ଭଦ୍ରାସନରେ ଦୁର୍ଗା ଓ ମାଧବଙ୍କୁ ଏକତ୍ର ବସାଇ (ଜୁଳି) ରତ୍ନ ସିଂହାସନରେ ବିଜେ କରନ୍ତି । ସୁଭଦ୍ରା ଦେବୀଙ୍କଠାରୁ ଦୁର୍ଗା ଓ ଜଗନ୍ନାଥଙ୍କଠାରୁ ମାଧବ ଆଜ୍ଞାମାଳ ପାଇ ଜୟ ବିଜୟ ଦ୍ୱାର ଦେଇ ଝୁଲଣ ମଣ୍ଡପରେ ଥିବା ପାଲିଙ୍କିରେ ବିଜେ ହୁଅନ୍ତି ।

ଆଶ୍ୱିନସ୍ୟ ଚ ମାସସ୍ୟ ବିଧିଂ ଶୃଣୁ ନୃପୋତ୍ତମ ।
ଆଶ୍ୱିନସ୍ୟାଶିତେ ପକ୍ଷେଽଷ୍ଟମ୍ୟାଂ ଚ ସୁମୁହୂର୍ତ୍ତକେ ॥
ପ୍ରାତଃ କାଳାର୍ଚ୍ଚନଂ କୃତ୍ୱା କ୍ଷାଳୟେ ଦେବତା ପୁରଃ ।
ଜୟ ଦୁର୍ଗାଂ ସୁବର୍ଣ୍ଣେନ ରଚିତାଂ ସୁମନୋହରୀ ॥
ଭଦ୍ରାନ୍ତକେଽପି ସନ୍ନ୍ୟସ୍ୟ ସୁଭଦ୍ରାଂ ପ୍ରାର୍ଥୟେ ଦ୍ୱିଜଃ ।
ଭଦ୍ରେ ଦେବି ନମସ୍ତୁଭ୍ୟ—ମାଜ୍ଞା ପୟ ସୁରେଶ୍ୱରୀ ॥
ଦୁର୍ଗୋତ୍ସବାଙ୍ଗ ଭୂତାୟ ସହସ୍ରକୁମ୍ଭକେନ ତୁ ।
ଅଭିଷେକାୟ ଗିରିଜାଂ ଜଗଦାନନ୍ଦ କାରିଣୀଂ ॥
ଇତି ସଂପ୍ରାର୍ଥ୍ୟ ରାଜେନ୍ଦ୍ର ସୁଭଦ୍ରାଙ୍ଗାଦ୍ ସ୍ରଜଂ ପୁନଃ ।
ଆନୀୟ ଦୁର୍ଗା ଦେବ୍ୟାଯୈ ପ୍ରାସାଦାସ୍ୟ ଚ ପୂର୍ବତଃ ।

× × ×

ବନଦୁର୍ଗା ମନ୍ତ୍ରଂ ପଠନ୍ ବୈ ସ୍ନାପୟେଦ୍ଭତଃ
ଅଷ୍ଟୋତ୍ତର ସହସ୍ରେଣ ଜଳକୁମ୍ଭେନ ସ୍ୱର୍ଣ୍ଣିକାଂ ॥

(ନୀଳାଦ୍ରି ମହୋଦୟ)

ଏଥି ପୂର୍ବରୁ ବିମଳାଙ୍କ ନିକଟରେ ସହସ୍ର କୁମ୍ଭ ପୂଜା ସରି ଯାଇଥାଏ । ବ୍ରହ୍ମା ବରଣ ନିମନ୍ତେ ବରୁଣ ପୂଜା ହୁଏ । ଏଥି ପୂର୍ବରୁ ପାଣିପଢ଼େ, ପାହାଡ଼ା ଆଘ୍ରାଣବରଣ, ବ୍ରହ୍ମାବରଣ ଓ ସ୍ୱସ୍ତିବାଚନ ହୋଇଥାଏ । ଚଣ୍ଡୀ ବରଣ ଓ ସଂକଳ୍ପାଦି ଅନୁଷ୍ଠିତ ହୁଏ । ପାଣିପଢ଼େ, ପାହାଡ଼ା ପଡ଼ି ଭୋଗ ବଢ଼ା ହୁଏ । ପାଳିଆ ସେବକ ପୂଜା ଠା କରନ୍ତି । କୋଠ ଭୋଗ ମହାପ୍ରସାଦ, ପିଷ୍ଟକ, ଥାଳି ଖେଚେଡ଼ି ମଣୋହିରେ ବଢ଼ା ହୋଇ ଷୋଡ଼ଶ ଉପଚାରରେ ପୂଜା କରାଯାଏ । ଏହି ଭୋଗ ସମୟରେ ଘଣ୍ଟା, ଛତା, କାହାଳୀ ବାଜେ । ଟେରା ଫିଟିଲେ କର୍ପୂର ଆଳତି—୨୧ବତୀ ବନ୍ଦାପନା ହୁଏ । ବିମଳାଙ୍କ ମନ୍ଦିର ଖଟ ଉପରେ ଦୁର୍ଗାମାଧବଙ୍କୁ ବିଜେ କରାଯାଏ । ଶୀତଳ ଭୋଗ ମଣୋହି ପରେ ବନ୍ଦାପନା ହୁଏ । ବିମଳାଙ୍କ ତିନି ଧୂପ ଓ ଜଗନ୍ନାଥଙ୍କ ରାତି ଚନ୍ଦନଲାଗି ପରେ ବିମାନବଡ଼ୁ ବିମାନରେ ଦୁର୍ଗାମାଧବଙ୍କୁ ନିଅନ୍ତି । ମହାଜନ (ସେବକ) ଦୁର୍ଗାମାଧବଙ୍କୁ ଭଣ୍ଡାର ଘରେ ବିଜେ କରନ୍ତି । ଏହିପରି ଦୁର୍ଗାମାଧବ ୧୬ଦିନ ଜୁଳା ହୋଇ (ଏକତ୍ର ହୋଇ) ରହନ୍ତି । ଦଶହରା ଦିନ ଜଗନ୍ନାଥ ବନ୍ଦୁଳରୁ ଫେରିବାପରେ ଦୁର୍ଗା ଭଣ୍ଡାର ଘରେ ଓ ମାଧବ ଜଗନ୍ନାଥଙ୍କ ବାମ ଦିଗରେ ରତ୍ନସିଂହାସନରେ ବିଜେ କରନ୍ତି ।

ପ୍ରଥମ ୮ ଦିନ ବିମଳାଙ୍କ ମନ୍ଦିରକୁ ଦୁର୍ଗାମାଧବ ବିଜେ କରନ୍ତି । ଉପରୋକ୍ତ ମତେ ନୀତି ପାଳନ ହୁଏ । ନବମୀ ଦିନ ଦୁର୍ଗାମାଧବ ରଥରେ ବସି ଦୋଳମଣ୍ଡପ ସାହି ନାରାୟଣୀ ମନ୍ଦିରକୁ ବିଜେ କରନ୍ତି । ଏହାକୁ ଗୁପ୍ତ ବା ଶାନ୍ତ ଗୁଣ୍ଡିଚ୍ଚ କୁହାଯାଏ । ଏଠାରେ କର୍ପୂର ଲାଗି ସରିବା ପରେ ଖଟ ଉପରେ ଦୁର୍ଗାମାଧବ ବିଜେ ହୁଅନ୍ତି । ଭୋଗ ବନ୍ଧାପନା ହୁଏ । ଜଗନ୍ନାଥଙ୍କ ରାତି ଚନ୍ଦନଲାଗି ସରିବା ପରେ ବିମାନବଡୁ ପାଲିକିରେ ଦୁର୍ଗାମାଧବଙ୍କୁ ନେଇ ଭଣ୍ଡାର ଦୁଆରେ ବିଜେ କରନ୍ତି । ଏହିପରି ଦଶହରା ପର୍ଯ୍ୟନ୍ତ ଚାଲେ ।

ଜଗନ୍ନାଥ ମନ୍ଦିରର ପାର୍ଶ୍ୱ ଦେବାଦେବୀଙ୍କ ପରି ବିମଳାଙ୍କ ପାଇଁ ସ୍ୱତନ୍ତ୍ର ପ୍ରସାଦ ଖଞ୍ଜା ହୋଇ ନାହିଁ । ଜଗନ୍ନାଥଙ୍କୁ ନୈବେଦ୍ୟ ହେବା ପରେ ବିମଳାଙ୍କୁ ସମର୍ପଣ ହୋଇ ମହାପ୍ରସାଦ ହୋଇଥାଏ । ତେଣୁ କେତେକ 'ମହାପ୍ରସାଦ' ଶବ୍ଦ 'ମା ପ୍ରସାଦ' ଶବ୍ଦରୁ ଆସିଛି ବୋଲି କହିଥାଆନ୍ତି ।

"କୈବଲ୍ୟ ଭୋଜିନୀ ଦେବୀ ବିମଳା ବିମଳ ପ୍ରଦଂ
ଗୃହ୍ଣନ୍ତୁ ହରି କୈବଲ୍ୟ ସୃଷ୍ଟି ସ୍ଥିତ୍ୟାନ୍ତ କାରିଣୀ" ।

(ପୂଜା କାରିକା)

ଆଶ୍ୱିନ ଶୁକ୍ଳ ସପ୍ତମୀ ପର୍ଯ୍ୟନ୍ତ ବିମଳାଙ୍କ ନିକଟରେ ସଂକୁଡ଼ି ଭୋଗ ହୁଏ ନାହିଁ । କିନ୍ତୁ ସପ୍ତମୀ, ଅଷ୍ଟମୀ ଓ ନବମୀରେ ସଂକୁଡ଼ି ବା ଆମିଷ ଭୋଗ ହୋଇ ନିଶାର୍ଦ୍ଧରେ ପୂଜା ହୁଏ । ଏହି ତିନିଦିନ ପ୍ରତ୍ୟେକ ରାତିରେ ଦୁଇଟି ଛେଦ ପଡ଼େ । କେତେକଙ୍କ ମତରେ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ, ରକ୍ତବୀର୍ଯ୍ୟ ଓ ମହିଷାସୁର ଏହି ଛ' ଜଣ ଅସୁରଙ୍କ ପାଇଁ ଛ'ଟି ବଳି ବା ଛେଦର ବ୍ୟବସ୍ଥା ଅଛି । ଏହି ବଳିକ୍ରିୟା ସମୟରେ ଦୁର୍ଗାମାଧବ ନଥାନ୍ତି । ଜଗନ୍ନାଥଙ୍କ ବଡ଼ସିଂହାର ହୋଇ ପହୁଡ଼ ହେବାପରେ ଛେଦ ଓ ଭୋଗ ମନ୍ଦିରର ପଶ୍ଚିମ ଦ୍ୱାର ପଟେ ଯା'ଆସ କରେ । ବିମଳାଙ୍କ ନିକଟସ୍ଥ ରୋଷେଇ ଘରେ ମାଛ ରୋଷେଇ ହୁଏ । ଗଜପତି ମହାରାଜାଙ୍କ ନଅରରୁ 'କାଣ୍ଡ ହେଗୁଳ' ନାମକ ଶାଢ଼ୀ ଆସେ । ପରାମା ବିମଳା ତାକୁ ପରିଧାନ କରନ୍ତି । ବଳଭଦ୍ରଙ୍କ ପଦକ, ଅଧରାତି ଭୂଷଣ ବିମଳାଙ୍କ ଶ୍ରୀଅଙ୍ଗରୁ କାଢ଼ି ନିଆଯାଏ । ବ୍ରାହ୍ମଣ ପୂଜକ ଜଗମୋହନ ଆଗରେ ପଶୁପ୍ରୋକ୍ଷଣ କରି ବକୁଳପିଣ୍ଡିକୁ ନିଅନ୍ତି । ବିମଳାଙ୍କ ଜଗମୋହନରେ କଳା ବାଡ଼ ଦିଆଯାଏ । କାଳୀମୂର୍ତ୍ତିଙ୍କ ନିକଟରେ ଖଡ୍‌ଗ ପୂଜା ହୁଏ । କଟେଇତ ବଳି ଛେଦନ କରେ । ସରାରେ ଠାକୁରାଣୀଙ୍କ ନିକଟକୁ ରକ୍ତ ଯାଏ । ଭିତରକୁ ରକ୍ତ ପ୍ରବେଶ କରୁଥିବାରୁ ଆମିଷ ଭୋଗ ଜଗନ୍ନାଥଙ୍କ କୈବଲ୍ୟ ପୂଜକଗଣ ନକରି ବିମଳାଙ୍କ ସେବକଗଣ କରନ୍ତି । ପଶୁପ୍ରୋକ୍ଷଣ ବ୍ୟବସ୍ଥା ବୀରନରସିଂହପୁରର ରଥ ବଂଶୀୟ ବ୍ରାହ୍ମଣଙ୍କ ଦ୍ୱାରା ହୋଇଥାଏ ।

ଏହି ବଳିପୂଜାକୁ କେତେକ ତାମସ ଆଖ୍ୟା ଦେଇଥାଆନ୍ତି । ପଶୁ ବଳି ଅର୍ଥ ମନୁଷ୍ୟର ପଶୁତ୍ୱକୁ ବଳି ଦେବା କିନ୍ତୁ ପ୍ରକୃତ ପଶୁ ଛେଦନ ନୁହେଁ । ଛ'ଟି ବଳିର ଅର୍ଥ ଷଡ଼ରିପୁକୁ ବଳି ଦେବା । ବଳି ପ୍ରଥାକୁ କେନ୍ଦ୍ର କରି ବହୁ ସାତ୍ତ୍ୱିକ ବଳି କାକୁଡ଼ି, କଦଳୀ ଓ ପାଣି କଖାରୁର ପ୍ରଚଳନ ଦେଖାଯାଏ ।

ଗଙ୍ଗ ବଂଶର ପରବର୍ତ୍ତୀ ସୂର୍ଯ୍ୟ ବଂଶୀ ରାଜଗଣଙ୍କ ସମୟରେ ଜଣାଯାଏ, ଏହି ବଳି ପ୍ରଥାର ପ୍ରଚଳନ ହୋଇଛି । ରାଜାଙ୍କ ବିଶ୍ୱାସ ଥିଲା– ଦେବୀଙ୍କୁ ବଳିଦାନ ଦେଲେ ଦେବୀ ସନ୍ତୁଷ୍ଟ ହୋଇ ବରଦା ହେବେ । ରାଜା ଦିଗ୍‌ବିଜୟୀ, ପରାକ୍ରମୀ, ତେଜସ୍ୱୀ ଓ ଐଶ୍ୱର୍ଯ୍ୟବାନ ହେବେ । ଶାରଦୀୟ ପୂଜା ସମୟରେ ପାକସ୍ପର୍ଶ ଦୋଷରୁ ରକ୍ଷା ମିଳିବା ନିମିତ୍ତ ନାରୀମାନେ ୧୬ ଦିନ ପର୍ଯ୍ୟନ୍ତ ବିମଳାଙ୍କ ଜଗମୋହନକୁ ପ୍ରବେଶ କରି ପାରନ୍ତି ନାହିଁ । କେବଳ ପାହାଚ ତଳେ ଦର୍ଶନ ମିଳିଥାଏ ।

ଦଶମୀ ଦିନ ଜଗନ୍ନାଥଙ୍କ ବିଜୟୋତ୍ସବ ପାଳନ ହୁଏ । ଏହି ଦିନ ଓଡ଼ିଶାରେ 'ଦଶହରା' ନାମରେ ଲୋକବିଦିତ । ଅବକାଶ ପରେ ଚନ୍ଦନଲାଗି ହୁଏ । ରାଜ ବେଶ ହୁଅନ୍ତି । ଗୋପାଳ ବଲ୍ଲଭ ପରେ ସକାଳ ଧୂପ ହୁଏ । ଭଣ୍ଡାର ଦ୍ୱାର ଦେଶରେ ପୂଜାରେ ବସିଥିବା ଆୟୁଧମାନଙ୍କୁ ପଣ୍ଡା ଆସି ସ୍ନାନ କରାଇ ବରୁଣ ପୂଜା କରନ୍ତି । ସହସ୍ର କୁମ୍ଭ ଅଭିଷେକ ହୁଏ । ଆୟୁଧ ସବୁ ଘଣ୍ଟ, ଛତା, କାହାଳି ସହ ପଟୁଆର ହୋଇ ତିନିଥର ବେଢ଼ା ବୁଲି ସାରିବା ପରେ ସିଂହାସନରେ ବିଜେ କରନ୍ତି । ବଳଭଦ୍ର ହଳ ଓ ମୂଷଳ, ସୁଭଦ୍ରା ତଡ଼ଗୀ (ତାଡ଼) ଓ ମହାପ୍ରଭୁ ଶଙ୍ଖ ଓ ଚକ୍ର ଧାରଣ କରନ୍ତି ।

ଦକ୍ଷିଣ ଘରେ ରାମ, କୃଷ୍ଣ ଓ ମଦନ ମୋହନ ବୀର ବେଶ ହୁଅନ୍ତି । ଜଗନ୍ନାଥଙ୍କ ଆଳତି ସରିବା ପରେ ରାମ, କୃଷ୍ଣ, ମଦନ ମୋହନ ଓ ଦୁର୍ଗାମାଧବ ରତ୍ନ ସିଂହାସନରେ ବିଜେ କରନ୍ତି ।

"ବିଜୟାଂ ଚ ଦଶମ୍ୟାଂ ବୈ ହ୍ୟୁତ୍ସବାୟ ଜନାର୍ଦ୍ଦନ"
ଆଜ୍ଞାପୟ ଜଗନ୍ନାଥ ଜଗତଂ ହିତକାରଣାତ୍ ।।"

(ନୀଳାଦ୍ରି ମହୋଦୟ)

ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ପାଇ ଜଗମୋହନ ଦେଇ ଯାତ୍ରା କରନ୍ତି । ବଟ ମୂଳରେ ଥିବା ପାଲିଙ୍କିରେ ରାମ କୃଷ୍ଣ, ରଥରେ ଦୁର୍ଗାମାଧବ ଓ ବିମାନରେ ମଦନ ମୋହନଙ୍କୁ ବିଜେ କରାଯାଏ । ଠାକୁରଗଣ ଜଗନ୍ନାଥବଲ୍ଲଭ ମହାଶଙ୍ଖ ପଦାକୁ ଯାଆନ୍ତି । ମୁଦିରସ୍ତେ ସମସ୍ତଙ୍କୁ ପ୍ରସାଦ ଲାଗି କରନ୍ତି । ଶୀତଳ ଭୋଗ ହୁଏ । ବନ୍ଦାପନା ପରେ ବାହୁଡ଼ା ବିଜେ ହୋଇ ଆସି ମାଧବ ରତ୍ନ ସିଂହାସନରେ ଜଗନ୍ନାଥଙ୍କ ବାମ ପାର୍ଶ୍ବେ ବିଜେ ହୁଅନ୍ତି । ଦୁର୍ଗା ଭଣ୍ଡାର ଘରେ ରାମ, କୃଷ୍ଣ ଓ ମଦନ ମୋହନ ଦକ୍ଷିଣ ଘରେ ବିଜେ ହୁଅନ୍ତି । ଏହି ବିଜୟୋତ୍ସବ ମାଙ୍ଗଳିକ 'ଜାଗ୍ରୋତ୍ସବ' ନାମରେ ଅଭିହିତ ।

ଆଦ୍ୟାଶକ୍ତିଙ୍କ ପୂଜନ ସମସ୍ତ ଯୁଗରେ ଦେଖାଯାଏ । ମାର୍କଣ୍ଡେୟ ପୁରାଣୋକ୍ତ ସୁରଥ ରାଜା ମହର୍ଷି ମେଧାଙ୍କ ପରାମର୍ଶରେ ପରମେଶ୍ୱରୀଙ୍କୁ ପୂଜା କରି ଚତୁର୍ବର୍ଗ ଫଳ ପ୍ରାପ୍ତି ହେଲେ । ବୈରାଗ୍ୟବାନ ସମାଧି ବୈଶ୍ୟ ଦୁର୍ଲ୍ଲଭ ଜ୍ଞାନ ଦ୍ୱାରା ମୋକ୍ଷପ୍ରାପ୍ତି ହେଲେ । ତ୍ରେତୟାରେ ସୀତା ଦେବୀ ଜନକ ମହର୍ଷିଙ୍କ ପୁଷ୍ପ ବାଟିକାରେ ଗିରିଜାଙ୍କୁ ପୂଜା କରି ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ରଙ୍କୁ ପତିରୂପେ ପ୍ରାପ୍ତ ହୋଇଥିଲେ । ଭଗବାନ ଶ୍ରୀ ରାମଚନ୍ଦ୍ର ଓ ଲଙ୍କାପତି ରାବଣଙ୍କ ଶକ୍ତି ଉପାସନା ରାମାୟଣରେ ଦେଖାଯାଏ । କେହି କେହି ରାମାୟଣବିତ୍‌ଙ୍କ ମତରେ ରାବଣଙ୍କଠାରୁ ଶ୍ରୀରାମଚନ୍ଦ୍ର ଅଧିକ ଦକ୍ଷ ଚଣ୍ଡି-ସାଧକ ଥିଲେ । ଦେବୀଙ୍କ ଅସୀମ କୃପାରୁ ଲଙ୍କା ଜୟ କରିଥିଲେ । ଦ୍ୱାପରରେ କୃଷ୍ଣପ୍ରାଣା ଗୋପରମଣୀ ମାର୍ଗଶୀର ମାସରେ କାତ୍ୟାୟନୀ ବ୍ରତ ଓ ହବିଷ୍ୟାନ୍ନ କରିଥିଲେ । ଫଳସ୍ୱରୂପ ଭଗବାନ ମୁକୁନ୍ଦଙ୍କୁ ପତିରୂପେ ପାଇ ଧନ୍ୟା ହୋଇଥିଲେ । ଶ୍ରୀମନ୍ଦିରରେ ରୁକ୍ମିଣୀ-ପରିଣୟ ଉତ୍ସବ ଦିନ ମହାଲକ୍ଷ୍ମୀ (ରୁକ୍ମିଣୀ) ଦୁର୍ଗାଙ୍କୁ ପୂଜା କରିବା ପାଇଁ ବିମଳା (ଦୁର୍ଗା)ଙ୍କ ମନ୍ଦିରକୁ ଆସନ୍ତି । ପ୍ରତ୍ୟାବର୍ତ୍ତନ ସମୟରେ ଚିରବାଞ୍ଛିତ ପ୍ରିୟତମ ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା ଅପହୃତା ହୁଅନ୍ତି ।

ଦୁର୍ଗାମାଧବଙ୍କ ଏକତ୍ର ପୂଜନ ଅଧିକାଂଶଙ୍କ ମନରେ ବିସ୍ମୟ ସୃଷ୍ଟି କରିଥାଏ । ଭୋଗ ମଣ୍ଡପର ଉତ୍ତର ଦିଗରେ କୃଷ୍ଣମର୍ମର ପ୍ରସ୍ତରରେ ଦୁର୍ଗା ମାଧବ ଓ ଶିବ ଲିଂଗର ଏକତ୍ର ପୂଜନ ପ୍ରସ୍ତର ଗାତ୍ରରେ ଖୋଦିତ ଥିବାର ଦେଖାଯାଏ । ଏତଦ୍‌ବ୍ୟତୀତ ଶ୍ରୀମନ୍ଦିର ବହିର୍ଦେଶ ପ୍ରାଚୀରର ଦକ୍ଷିଣ ପଶ୍ଚିମ କୋଣରେ, 'ଗାଣ୍ଡାଚୋରା' ନାମକ ଛକ ନିକଟରେ, ପ୍ରାଚୀର ଉର୍ଦ୍ଧ୍ୱରେ ଦୁର୍ଗାମାଧବ ମନ୍ଦିର ଦୃଷ୍ଟିଗୋଚର ହୁଏ । ପୂଜକ ସିଡ଼ି ଯୋଗେ ଉପରକୁ ଯାଇ ପୂଜାଦି କର୍ମ କରିଥାଆନ୍ତି । ଦୁର୍ଗାମାଧବଙ୍କ ଉପାସନା ଶୈବ, ଶାକ୍ତ ଓ ବୈଷ୍ଣବଙ୍କ ମଧ୍ୟରେ ସାମ୍ପ୍ରଦାୟିକ ଭେଦଭାବ ଦୂର କରିଥାଏ । ଉତ୍କଳର ପ୍ରତ୍ୟେକ ମାଙ୍ଗଳିକ କର୍ମରେ ଦୁର୍ଗାମାଧବ ଉପାସନା ଦେଖାଯାଏ । ପ୍ରତ୍ୟେକଙ୍କ ଦ୍ୱାରଦେଶରେ ଚତୁର୍ଭୁଜା ଦୁର୍ଗା (ବିମଳା)ଙ୍କ ସହ ଜଗନ୍ନାଥଙ୍କ ଚିତ୍ର ଅଙ୍କନ କରାଯାଏ । ଦୁର୍ଗାମାଧବ ଉପାସନା ମନୁଷ୍ୟଙ୍କୁ ଚତୁର୍ବର୍ଗ ଫଳର ଅଧିକାରୀ କରେ । ଯେଉଁ ଶ୍ରଦ୍ଧାବାନ ବ୍ୟକ୍ତି ଦୁର୍ଗାମାଧବଙ୍କୁ ନିତ୍ୟ ସ୍ମରଣ କରେ, ତାହାର ସର୍ବ ବିଘ୍ନ ନାଶ ହୋଇ ପରମପଦ ପ୍ରାପ୍ତି ହୁଏ ।

ଯୋ ଦୁର୍ଗାମାଧବଂ ନିତ୍ୟଂ ସ୍ମରନ୍ତି ଶ୍ରଦ୍ଧୟାନ୍ୱିତେ ।
ସର୍ବ ବିଘ୍ନ ଭୟ ଲେଷାଂ ବିନଶ୍ୟନ୍ତି ପଦେ ପଦେ ॥

ଇଂଜିନିଅର
ବାଶେଳୀସାହୀ,
ପାଟଣା ହାଟସାହି ଗଳି, ପୁରୀ



# ନୂଆ ନାଟକର ଭାଷା

ଡକ୍ଟର ନୀଳାଦ୍ରି ଭୂଷଣ ହରିଚନ୍ଦନ

ଆଧୁନିକ ସାହିତ୍ୟରେ ନୂଆ ଚିନ୍ତାକୁ ପୁରୁଣା ଭାଷାରେ ପ୍ରକାଶ କରିବାର ପ୍ରୟାସ ପ୍ରାୟ ନାହିଁ । ସମାଜ-ମନ ଆଜି ଯେପରି ଜଟିଳ, ବିଚ୍ଛିନ୍ନ ହୋଇ ଉଠିଛି, ତା'ର ଅଭିବ୍ୟକ୍ତିରେ ସେଇପରି ଜଟିଳତା ଦେଖାଦେବା ସ୍ୱାଭାବିକ । ନୂଆ ଲୋକ ନୂଆ କଥା ଏକ ସ୍ୱତନ୍ତ୍ର ଭଙ୍ଗୀରେ କହିବ, ଏଥିରେ ବୈଚିତ୍ର୍ୟ କ'ଣ ଅଛି ? ଆଧୁନିକ ପ୍ରକାଶଭଙ୍ଗୀ ଆଧୁନିକ ଭାଷା ଉପରେ ବିଶେଷ ନିର୍ଭରଶୀଳ । ଆଧୁନିକ ଲେଖକ ପୁରୁଣାକୁ ଭାଙ୍ଗି ସବୁବେଳେ ନୂଆ ଗଢ଼ିବାକୁ ସଚେଷ୍ଟ । କାରଣ ତାକୁ ସମାଜର ନୂଆମନ ସହିତ ତାଳଦେଇ ଚାଲିବାକୁ ପଡ଼ିବ । ସେ ସମାଜର ପଛରେ ପଡ଼ି ରହିବାକୁ ଚାହେଁନାହିଁ ; ବରଂ ସମାଜର ଆଗେ ଆଗେ ଯଦି ଦୌଡ଼ି ପାରିବ, ତାହାହେଲେ ତା'ର ଶିଳ୍ପ ସୃଷ୍ଟିର ସାର୍ଥକତା । ନୂଆ ଚିନ୍ତାଧାରାରେ ନୂଆ ପରଂପରା ଗଢ଼ିବାକୁ ଯିବାବେଳେ ଆଜିର ଲେଖକ ପୁରୁଣା ଘଷରା ଭାଷାକୁ ଆଉ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ । ଏଇ ଭାଷା ବହୁବାର ବ୍ୟବହୃତ ହୋଇ ଏଥିରୁ ରଙ୍ଗ ଛାଡ଼ି ଗଲଣି । ଫଳରେ ଆଜି ଏହା ପାଠକ ମନରେ ଗୋଟାଏ ନିର୍ଦ୍ଦିଷ୍ଟ ଭାବସ୍ପନ୍ଦନ ସୃଷ୍ଟି କରିବାକୁ ଆଉ ସମର୍ଥ ନୁହେଁ । ସେଇ ପୁରୁଣା ଭାଷା ଭିତରୁ ଆଜି ନୂଆ ଅର୍ଥ ଖୋଜି ବାହାର କରିବାକୁ ପଡୁଛି । ଆଜି ଅପ୍ରଚଳିତ ହୋଇପଡ଼ିଥିବା ଆମର ପ୍ରାଚୀନ ପରଂପରାର ଶକ୍ତିଶାଳୀ ଶବ୍ଦଗୁଡ଼ିକୁ ସାହିତ୍ୟରେ ଖଞ୍ଜି ଆଲୋଡ଼ନ ସୃଷ୍ଟି କରିବା ଦରକାର । ରୋମାଣ୍ଟିକ୍ ଯୁଗର ମନଥିଲା ଅଲଗା, ପ୍ରକାଶଭଙ୍ଗୀ ଥିଲା ଅଲଗା । ସେ ଯୁଗକୁ ଚାହିଁ ସୁକୁମାର ଲାଳିତ୍ୟପୂର୍ଣ୍ଣ ସୁସଂସ୍କୃତ ଭାଷାର ଦରକାର ଥିଲା । ଆଜି ସେଇ ଭାଷା ବଡ଼ ଅସ୍ୱାଭାବିକ ମନେହେଉଛି । ମଣିଷ ଜୀବନଠୁ ସେ ଭାଷା ବହୁତ ଦୂରେଇ ଯାଇଛି । ଏ ସଂପର୍କରେ ଆଧୁନିକ ଓଡ଼ିଆ କବିତାର ଭାଷା ସଂପର୍କରେ 'ଅଷ୍ଟପଦୀ' ଆଲୋଚନା ପ୍ରସଙ୍ଗରେ ବିଖ୍ୟାତ ଭାଷାତତ୍ତ୍ୱବିତ୍ ଡ଼ଃ ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ଉକ୍ତିର ଉଦ୍ଧାର ଅପ୍ରାସଙ୍ଗିକ ହେବ ନାହିଁ । "ଭାଷାର ଲକ୍ଷ୍ୟ ପ୍ରାଚୀନ ରୋମାନ୍‌ସଧର୍ମୀ ଲେଖକଙ୍କ ଆଦର୍ଶରେ ଘଟଣାର ବିବୃତି ନୁହେଁ କିମ୍ବା ତଥାକଥିତ ସରଳରୈଖିକ ପ୍ରଗତିବାଦୀଙ୍କ ଆଦର୍ଶରେ ପ୍ରତିପକ୍ଷକୁ ଗାଳିଦେବା ନୁହେଁ । ବହିର୍ଜଗତରେ ଯେପରି ନିତ୍ୟ-ନୂତନ ଆବିଷ୍କାର ଲାଗିରହିଛି, ଅନ୍ତର୍ଜଗତରେ ସେଇପରି ଅନୁଭବର ଆୟତନ ଆବିଷ୍କାର କରିବା ଦିଗରେ ଭାଷାର କ୍ଷମତା ଥିବା ଦରକାର । କେବଳ ପ୍ରାଣବନ୍ତ ଭାଷା ପକ୍ଷରେ ହିଁ ଏହା ସମ୍ଭବ । କଥିତ ଭାଷାର ସନ୍ନିଧିରୁ ହିଁ ଭାଷା ରସ ଟାଣି ଏଇ ଶକ୍ତିର ଅଧିକାରୀ ହୋଇପାରେ । ସେଇଥିପାଇଁ ସାରଳା ଭାରତ କିମ୍ବା ଜଗନ୍ନାଥ ଦାସଙ୍କ ଭାଗବତ ଲୋକମନରେ ଏତେ ପ୍ରଭାବ ବିସ୍ତାର କରିପାରିଛି । ଆଧୁନିକ କବି ଆପଣାର କବିତାକୁ ଅତୀତରେ ଧୂଆଁ କିଆ ଅସ୍ପଷ୍ଟ ରୋମାଣ୍ଟିକ୍ ଧାରାରୁ ସ୍ୱତନ୍ତ୍ର କରି ଅଧିକ ପାର୍ଥିବ, ଅଧିକ ବସ୍ତୁ ନିଷ୍ଠ ଭାବରେ ଉପସ୍ଥାପନ କରିବା ପାଇଁ ଭାଷାକୁ ଅନୁଭବର ନିତ୍ୟନୂତନ ଦିଗ୍‌ଦର୍ଶନ ପାଇଁ ପ୍ରୟୋଗ କରିବାକୁ ବାଧ୍ୟ ।"

ଆଜିର ମଣିଷ ନିଃସଙ୍ଗ । ତା'ର ନିଃସଙ୍ଗ ଅସହାୟତାର ସ୍ୱରୂପ ପ୍ରକାଶ ଲାଗି କବି, ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର ସମସ୍ତେ ଚେଷ୍ଟିତ । ବୋଧହୁଏ ସବୁଠାରୁ ସଫଳ ପ୍ରଚେଷ୍ଟା ହୋଇପାରିଛି ନାଟ୍ୟ ସାହିତ୍ୟରେ । ବିଚ୍ଛିନ୍ନତା-ବୋଧପୀଡ଼ିତ ମଣିଷର ଭାଷାରେ ଆଜି ସ୍ୱାଭାବିକତା ଖୋଜିବା ମୂଲ୍ୟହୀନ । ତା'ର ଭାଷା ଅନେକ ସମୟରେ ହୋଇଉଠିଛି ଉଦ୍ଭଟ । ଆଜିର ଓଡ଼ିଆ ନାଟକ କ୍ଷେତ୍ରରେ ଚାଲିଥିବା ଉଦ୍ଭଟ ଆନ୍ଦୋଳନ ଆଡ଼କୁ ଆଖି ଫେରାଇଲେ, ଭାଷାର ଭିନ୍ନତା ସହଜରେ ବାରିହେବ । ପରିବର୍ତ୍ତିତ ମୂଲ୍ୟବୋଧରେ ପରିବର୍ତ୍ତିତ ଭାଷାର ସ୍ୱରୂପ ଅନୁଧ୍ୟାନ କରିବାର କଥା । ଓଡ଼ିଆ ନାଟକ କ୍ଷେତ୍ରରେ ଉଦ୍ଭଟ ନାଟ୍ୟ ଶୈଳୀର ପ୍ରଥମ ପ୍ରବକ୍ତା ନାଟ୍ୟକାର ମନୋରଞ୍ଜନ ଦାସ 'ଅରଣ୍ୟ ଫସଲ' ମୁଖବନ୍ଧ (କୈଫିୟତ୍) ରେ କହନ୍ତି—"ଉଦ୍ଭଟ ନାଟକ ବିଶ୍ୱାସ କରେ ଏବେ ବ୍ୟବହୃତ ହେଉଥିବା ପାରଂପରିକ ଭାଷା, ତା'ର ତଥାକଥିତ ବ୍ୟାକରଣ, ଅଳଙ୍କାର ସୁସଜ୍ଜୋଚିତ ଗଠନ ମାଧ୍ୟମରେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଯଥାର୍ଥ

ସଞ୍ଚୋଗ (Communication) ସ୍ଥାପନ କରିବାର ସାମର୍ଥ୍ୟ ହରାଇ ବସିଛି । ତାହା ଭାବର ସଞ୍ଚୋଳକ ନହୋଇ, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଏକ ଶୂନ୍ୟସ୍ଥାନ ପୂରଣ କରିବା ପାଇଁ ଅର୍ଥହୀନ ଆଚ୍ଛଧ ରୂପେ ବ୍ୟବହୃତ ହେଉଛି । ଆମ ନିତିଦିନିଆ ଜୀବନ ପରିସର ଭିତରେ ବ୍ୟବହାର କରୁଥିବା ଆମର ପାରଂପରିକ ଭାଷା ସଂଳାପକୁ ଯଦି (Short hand) ରେ ଟିପିକରି ସମୀକ୍ଷା କରାଯିବ ସ୍ପଷ୍ଟ ଜଣାଯିବ ଯେ ତା' ଭିତରୁ ଅଧିକାଂଶର ସଙ୍ଗତି ନାହିଁ, (Logic) ନାହିଁ, (Sense) ନାହିଁ । ଅନ୍ୟ କଥାରେ (Non-sense) । ତେଣୁ ପରସ୍ପର ମଧ୍ୟରେ ସଞ୍ଚୋଗ ସ୍ଥାପନର ପ୍ରକୃତ ଭାଷା ହେଉଛି..........ଯାହା Non-sense............ ଅସଂଲଗ୍ନ .......... Illogical ............Incoherent । ତେଣୁ ଉଦ୍ଭଟ ନାଟକ, ଜୀବନଧାରାର ଉଦ୍‌ଭଟତା ପ୍ରକାଶ ପାଇଁ ଏହି ଭାଷା ହିଁ ବ୍ୟବହାର କରେ ।" ଏଇ କଥାରୁ ସହଜରେ ଜଣା ପଡ଼ିଯିବ ଆମ ନାଟକରେ ଭାଷା କେମିତି ରୂପରେ ଆସି ପହଁଚିହେଲଣି । ପାଣିଧାରର ଗତିପଥ ବଦଳିଲା ପରି ଭାଷାର ମୋଡ଼ ବଦଳିଯାଉଛି । ତଥାପି ଭାଷାର ମୌଳିକ ରସସଂପଦଟି ଅବିକଳ ରହିଛି । ସେଇ ମୂଳ ଅଂଶରେ ଯାହା ସବୁ ଯୋଗ ବିୟୋଗ ସବୁ ଘଟୁଛି । ଆଜିର ଖାପ୍‌ଛଡ଼ା ଭାଷାର ମୂଳପିଣ୍ଡକୁ ଦୂର ଅତୀତ ଭିତରେ ଆବିଷ୍କାର କରିହେବ । ମୂଳଠାରୁ ସଂପୂର୍ଣ୍ଣ ରୂପେ ଦୂରେଇ ଗଲେ ନାଟକର ଉଦ୍ଦେଶ୍ୟ ଉପସ୍ଥାପନ ବ୍ୟାହତ ହେବ । କେବଳ ଗୁଡ଼ାଏ ପରସ୍ପର ଅସଂପୃକ୍ତ ଭାଷା ଖଞ୍ଜିଦେଲେ ଆବସର୍ଡ ନାଟକର ଯଥାର୍ଥ ରୂପ ପ୍ରକାଶ ପାଇବ ନାହିଁ । ଏପରି ଅପଚେଷ୍ଟା ଯେ ଓଡ଼ିଆ ନାଟକରେ ନ ହୋଇଛି, ତା' ନୁହେଁ । ଏ ସଂପର୍କରେ ସୁରେନ୍ଦ୍ର ମହାନ୍ତିଙ୍କ ମତ ବିଶେଷ ପ୍ରଣିଧାନଯୋଗ୍ୟ—ସ୍ଲୋଗାନ୍ ଧର୍ମୀ ଛିଣ୍ଡା ଛିଣ୍ଡା ସଂଳାପରେ କୌଣସି ନାଟକ 'ଆବ୍‌ସର୍ଡ'ର ଆଖ୍ୟା ପାଇବାର ଯୋଗ୍ୟତା ଦାବୀ କରି ନ ପାରନ୍ତି । (ଓଡ଼ିଆ ନାଟକର କ୍ରମ ବିକାଶ-ପୃ. ୫୦୯)—

ଆବ୍‌ସର୍ଡ ନାଟକ ବା ଉଦ୍ଭଟ ନାଟକର ଭାଷା ପ୍ରସଙ୍ଗକୁ ଆସିବା ପୂର୍ବରୁ ଆମର ପାରଂପରିକ ଭାଷାର ସ୍ୱରୂପ ଉପସ୍ଥାପନ କରିବା ପ୍ରାସଙ୍ଗିକ ହେବ । ପାରଂପରିକ ଭାଷାର ବିବର୍ତ୍ତନ ଧାରା ସହିତ ଏ ଭାଷାର ସାମଞ୍ଜସ୍ୟ ଓ ଅସାମଞ୍ଜସ୍ୟ ବର୍ତ୍ତମାନ ବିଚାରର ବିଷୟ । ଆଜିକୁ ଓଡ଼ିଆ ନାଟକ ଲେଖା ପ୍ରାୟ ଶହେ ବର୍ଷ ହୋଇଗଲା । ନାଟକର ଭାଷା ଯେ ଏ ଶହେ ବର୍ଷ ଭିତରେ ବହୁତ ପରିମାର୍ଜିତ ହୋଇଛି ସନ୍ଦେହ ନାହିଁ । ଘସିମାଜି ହୋଇ ଭାଷାରୁ କେତେବେଳେ ନୂଆ ସ୍ୱର ବାହାରିଛି ତ କେତେବେଳେ ଭାଷା ଦଇରା ହୋଇ ବ୍ୟବହାରର ଅନୁପଯୋଗୀ ହୋଇପଡ଼ିଛି । ପୁରୁଣା ଜାଗାରେ ପୁଣି ଅନେକ ସମୟରେ ଆମେ ନୂଆଶବ୍ଦ ଆଣି ଥୋଇଛୁ । ଅବଶ୍ୟ ଏ ନୂଆ ଶବ୍ଦଗୁଡ଼ିକରେ ଚମକ୍ ଅଛି, ସନ୍ଦେହ ନାହିଁ । କିନ୍ତୁ ସବୁ ସତ୍ତ୍ୱେ ଆମର ପୁରାତନ ଶବ୍ଦ ଅନେକ ଅଛି, ଯେଉଁଗୁଡ଼ିକ ଅସାଧାରଣ ପ୍ରକାଶ କ୍ଷମତା ଓ ଭାବସଂପଦରେ ଶୁଦ୍ଧ ସୁବର୍ଣ୍ଣ ପରି ଏବେ ବି ଝଲସି ଉଠୁଛି । ଅଥଚ ସେ ଶବ୍ଦଗୁଡ଼ିକ ଆମ ନାଟକରୁ ଅପ୍ରଚଳିତ ହୋଇ ବିଦାୟ ନେଲେଣି । ନାଟ୍ୟକାରମାନେ ନୂଆ ଶବ୍ଦ ପାଇଁ ଦଉଡ଼ି ହେଉଥିବେଳେ ପୁରୁଣା ଅଡ଼କୁ ଥରେ ହେଲେ ଆଖି ବୁଲାଉ ନାହାନ୍ତି । ଫଳରେ ଆମର ଶବ୍ଦ ସଂପଦ ଯେଉଁ ପରିମାଣରେ ବଢ଼ୁଛି, ତା'ଠାରୁ ବେଶି ପରିମାଣରେ କମିଯାଉଛି ।

୧୮୮୦ ରୁ ୧୯୭୦ ଭିତରେ ଲିଖିତ ସ୍ୱଳ୍ପିକଣ ପ୍ରସିଦ୍ଧ ନାଟ୍ୟକାରଙ୍କର ସ୍ୱଳୋଟି ସାମାଜିକ ନାଟକର ସଂଳାପ କଥା ବିଗ୍ଭର କରାଯାଉ । ଏ ନାଟକଗୁଡ଼ିକର ଭାଷା ସମୟୋପଯୋଗୀ ହୋଇ କ୍ରମଶଃ ମାର୍ଜିତ ଓ ସାବଲୀଳ ହୋଇଛି । (୧) 'ଦେଖନି ସହି, କି ସୁନ୍ଦର ଧୂପରେ କେମନ୍ତ କାଳୀ ପଡ଼ି ଯାଇଛି । ଆହା ! କାହିଁ ରଜାଙ୍କ ଝିଅ ହୋଇ ଗରବରେ ଭାସି ବୁଲୁଥାନ୍ତେ ନା ଏହିପରି ଦୁଃଖ କଷଣରେ କଳି ହାଡ଼ ଗୁଣିଖଣ୍ଡ ରହିଲଣି । ' (କାଞ୍ଚିକାବେରୀ–୧୮୮୧-ରାମଶଙ୍କର ରାୟ) (୨) 'ଯେତେବେଳେ ଖୋକୁ ଖେଳୁ ନଥିଲିଟି, ଝଟାପଟା ହୋଇ ମୋ ସଙ୍ଗେ ଲଢୁଥିଲେ ପରା, ଏବେ ଏତେ ଯେ ଧଇଁ ମନ୍ଥୁଚି କାମ ପାଇଟିରେ ଜଳାଞ୍ଜଳି ଦେଇ, ଉପାସି ତିଆସିରେ ଦିନ ନାହିଁ ରାତି ନାହିଁ ଦର୍ଶନ ଟିକିଏ ମିଳୁଛି ନା ?' (ବାସିଆ ବାଉରୀ–୧୯୩୪-ଅଶ୍ୱିନୀକୁମାର ଘୋଷ) (୩) 'ମୁଁ ମନା କରୁଛି—ଝିଅକୁ ନେଇ ଭୋଟରେ ନଚେଇ ଥିଲ ; ଏବେ ଫଳପାଅ, ସେ ହାର ମୋ ଘରେ ପଶିବ ନାହିଁ—'ତାକୁ ନେଇ ଖାଦ ଖୋଳି କୋଉଠି ରଖୁଛ ରଖ' (ପର କଲମ–୧୯୫୫–ଗୋପାଳ ଛୋଟରାୟ) (୪) 'ଆଲୁଅ ଯାହାକୁ ଅନ୍ୱେଷଣ କରି ଯାହାକୁ ପାଇ ପ୍ରାଗୈତିହାସିକ ବସ୍ତୁମାନେ କ୍ରମଶଃ ମଣିଷତ୍ୱ ଲାଭ କଲେ ।' (ଶବବାହକମାନେ–୧୯୬୮–ବିଜୟ ମିଶ୍ର) ଏହି ସ୍ୱଳୋଟି ସଂଳାପରେ ଲକ୍ଷ୍ୟ କରିବାର କଥା ଯେ ଆଧୁନିକ ଭାଷା ବେଶି ପ୍ରକାଶକ୍ଷମ ହେବା ସଙ୍ଗେ ସଙ୍ଗେ ପ୍ରାଚୀନ ପାରଂପରିକ ଭାଷାର ସ୍ୱାଭାବିକ ସୌନ୍ଦର୍ଯ୍ୟ କ୍ରମଶଃ ଲୋପ ହୋଇଯାଉଛି । ରାମଶଙ୍କର, ଅଶ୍ୱିନୀ କୁମାରଙ୍କ ସଂଳାପରେ ବ୍ୟବହୃତ ଅର୍ଥପୂର୍ଣ୍ଣ ଗାଉଁଲି ଶବ୍ଦଗୁଡ଼ିକ ଗୋପାଳ ଛୋଟରାୟ କିମ୍ବା ବିଜୟ ମିଶ୍ରଙ୍କ ଆଧୁନିକ ସଂଳାପ ଭିତରେ ଖୋଜି ପାଇବା ମୁସ୍କିଲ୍ । ସାଂପ୍ରତିକ ଉଦ୍ଭଟ ନାଟକର ସଂଳାପ ସାମାଜିକ ନାଟକରେ ବହୁ ପରିମାଣରେ କୃତ୍ରିମ ମନେ ହେଉଛି । କିନ୍ତୁ ସାମାଜିକ ନାଟକରେ ଯେପରି ଲୋକ କଥିତ ଜୀବନ୍ତ ଭାଷାକୁ ଥୋଇବାର ଚେଷ୍ଟା କରାଯାଇଛି, ପୌରାଣିକ ଓ ଐତିହାସିକ ନାଟକରେ ତାହା ହେଉନାହିଁ । ସାମାଜିକ ନାଟକର ଭାଷାର ଅନ୍ୟ ଦୁଇଟି ଦିଗରେ ପୌରାଣିକ ଓ ଐତିହାସିକ ନାଟକ ସେମାନଙ୍କର ଭାଷାର ସ୍ୱାତନ୍ତ୍ର୍ୟ ବଜାୟ ରଖି ଚାଲିଛନ୍ତି । ତାର ନିର୍ଦ୍ଦିଷ୍ଟ କାରଣ ରହିଛି । ପୁରାଣ ଯୁଗ ଓ ଇତିହାସ ଯୁଗ ପ୍ରତି ଦର୍ଶକ ବା ପାଠକର ଯେଉଁ ରୋମାଣ୍ଟିକ୍ ଭାବାବେଗ, କଳ୍ପନା ଦୃଷ୍ଟି ରହିଛି ସେଥିପ୍ରତି ସଚେତନ ରହି ଭିନ୍ନ ଯୁଗର ପରିବେଶ ସୃଷ୍ଟି କରିବା ପାଇଁ ନାଟ୍ୟକାର ଭାଷାକ୍ଷେତ୍ରରେ ଭିନ୍ନତା ସୃଷ୍ଟି କରିବାକୁ ବାଧ୍ୟ । ଏବେ ବି ପୌରାଣିକ ନାଟକ ପାଇଁ ଅମିତ୍ରାକ୍ଷର ଛନ୍ଦ ଆଉ ଐତିହାସିକ ନାଟକ ପାଇଁ ଓଜଃପୂର୍ଣ୍ଣ ଭାଷାର ବ୍ୟବହାର କରାଯାଉଛି ।

ବର୍ତ୍ତମାନ ଅଭିନୀତ ହେଉଥିବା ଦୁଇଟି ନାଟକରୁ ଉଦାହରଣ ଦିଆ ଯାଇପାରେ । ପୌରାଣିକ ନାଟକ—"ସାକ୍ଷୀ ଥାଅ ଚନ୍ଦ୍ର ସୂର୍ଯ୍ୟ ଦଶଦିଗ ପାଳ, ସାକ୍ଷୀ ଥାଅ ଗ୍ରହ ତାରା ଅନନ୍ତ ଆକାଶ, ସାକ୍ଷୀ ଥାଅ ତୁମେ ଚକ୍ରପାଣି, ଆଉ ଶୁଣ ସର୍ବେ ପ୍ରତିଜ୍ଞା ମୋହର, ଆଗାମୀ କାଲିର ରବି ଅସ୍ତାଚଳ ପୂର୍ବୁ ଜୟଦ୍ରଥେ କରିବି ସଂହାର ।" (ମହାସମର—ବୈଷ୍ଣବ ଚରଣ ମହାନ୍ତି) ଐତିହାସିକ ନାଟକ —"ପରିସ୍ଥିତି ସେମାନଙ୍କୁ ନିଶ୍ଚେଷ୍ଟ କରି ଦେଇଛି ବୈରୀଗଞ୍ଜନ ! ସେମାନଙ୍କ ଭିତରେ ଯେଉଁ ନିଆଁ ଅଛି, ତାକୁ ପ୍ରଜ୍ୱଳିତ କରିବାକୁ ପଡ଼ିବ । ସେଇ ନିଆଁ ଯେତେବେଳେ ତା'ର ସର୍ବଗ୍ରାସୀ ଲେଲିହାନ ଜିହ୍ୱା ବିସ୍ତାର କରି ଜଳି ଉଠିବ, ସେତେବେଳେ ତାକୁ ପ୍ରତିରୋଧ କରିବ କିଏ ? ଆଗଙ୍ଗା ଗୋଦାବରୀ ଗୌଡ଼ବିଜେତା ଜାତିର ରକ୍ତ ଏବେ ବି ଏ ଦେଶ ଯୁବକର ଶିରା ପ୍ରଶିରାରେ ଟକମକ ହୋଇ ଫୁଟୁଚି ।" (ବିପ୍ଳବୀ କୃତ୍ତିବାସ—ପରଶୁରାମ ହରିଚନ୍ଦନ)

ଉପରୋକ୍ତ ଗତାନୁଗତିକ ଭାଷାର ପ୍ରୟୋଗ ଆଜିର ଉଦ୍ଭଟ ନାଟକରେ ଆଉ ନାହିଁ । ଏଗୁଡ଼ିକରେ ସେଇ ପୁରୁଣା ଶବ୍ଦ ଭିତରୁ ନୂତନ ବ୍ୟଞ୍ଜନା ବାହାର କରିବାରେ ଚେଷ୍ଟା କରାଯାଉଛି । ସାଧାରଣ ଶବ୍ଦ ଭିନ୍ନ ପରିବେଶରେ ଅସାଧାରଣ ଅର୍ଥ ପ୍ରକାଶ କରିବାକୁ ସମର୍ଥ ହେଉଛି । ଭାଷା ତା'ର ସାବଲୀଳ ଗତିବେଗ ଛାଡ଼ି ମନ୍ଥର ହୋଇ-ପଡ଼ିଛି । ଅବଶ୍ୟ ଏ ମନ୍ଥର ଗତିବେଗ ହୃଦୟ ଆଡ଼କୁ ନୁହେଁ, ମସ୍ତିଷ୍କ ଆଡ଼କୁ । ଗତାନୁଗତିକ ଭାଷା ହଠାତ୍ ଦର୍ଶକର ମନକୁ ଛୁଇଁଥିଲା । ଅଭିନେତା ଅଭିନେତ୍ରୀ ଆଉ ଦର୍ଶକମଣ୍ଡଳୀ ଭିତରେ ଏକ ସୁନ୍ଦର ବୁଝାମଣା ସୃଷ୍ଟି ହୋଇ-ଯାଉଥିଲା । ନାଟକର ପ୍ରତିଟି ପରିବେଶକୁ ସଂଳାପ ମାଧ୍ୟମରେ ବୁଝିବା ଲାଗି କିଛି ଅସୁବିଧା ନଥିଲା । କିନ୍ତୁ ବର୍ତ୍ତମାନର ସଂଳାପ ବୌଦ୍ଧିକ ହୋଇ ପଡ଼ିଥିବାରୁ ଏ ଅସୁବିଧା ଦେଖା ଦେଇଛି । ଦର୍ଶକ ସଂଳାପ ଭିତରୁ ଅସଲ ବ୍ୟଞ୍ଜନାଟିକୁ ଧରିବାକୁ ଚେଷ୍ଟା କରୁଛି । ଆଜିର ଯୁଗକୁ ଖାଁହିଁ ଦର୍ଶକ ବା ପାଠକ ଯଥେଷ୍ଟ ବିଦଗ୍ଧ ବା ରସିକ ହେବା ଦରକାର । ନ ହେଲେ ନାଟ୍ୟକାରର ବକ୍ତବ୍ୟକୁ ବୁଝିବା ସହଜ ନୁହେଁ । ପ୍ରତୀକାତ୍ମକ ଭାଷାକୁ ବୁଝି ନ ପାରିଲେ ନାଟକର ଗତିକୁ ଧରିବା କଷ୍ଟକର । ଉଦାହରଣ ସ୍ୱରୂପ 'ଅରଣ୍ୟ ଫସଲ' ନାଟକରେ ଚୌକିଦାର କହୁଛି— "ବଣୁଆ ଜୀବ............ଫିଟେଇ ଦେଲେ ପଳେଇଯିବ ଟାଙ୍ଗରାକୁ । କୋଉଠି କଣ୍ଟାଗଛ........କୋଉଠି ସିଜୁ ବୁଦା............ସେ ଆଗେ ଆଗେ ଖସିଥିବ.......... ବୁଢ଼ାଲୋକ ଛକି ଛକି କେତେ ପଛେ ପଛେ ଗୋଡ଼ାଇବି ।" ଦର୍ଶକ ଯଦି ଏ ସଂଳାପଟିର ଅଭିଧା ଅର୍ଥ ବୁଝିବାକୁ ଯିବ ତେବେ ନାଟକର ରସ ଗ୍ରହଣରେ ବାଧା ସୃଷ୍ଟି ହେବ । ନାଟ୍ୟକାର ଏଠାରେ ଛେଳିକୁ ଯୌନ ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି । ଛେଳି ବାରମ୍ବାର ଖାଇଲେ ବି ତା'ର କ୍ଷୁଧା ଅତୃପ୍ତ ରହୁଛି । ସବୁବେଳେ ଏକ ଅତୃପ୍ତିର ଚିତ୍କାର—ମେଁ ମେଁ । ଏ ହେଉଛି ଫ୍ରୟେଡ଼ୀୟ ମନସ୍ତତ୍ତ୍ୱର ଲିବିଡ଼ୋର ପ୍ରଭାବ । ମଣିଷର ସାମଗ୍ରିକ ଚେତନା ଯୌନ ଚେତନା ଦ୍ୱାରା ନିୟନ୍ତ୍ରିତ । ସୁପରଇଗୋ ବା ବିବେକ ମଣିଷକୁ ଏଥିରୁ ନିବୃତ୍ତ କରିବାକୁ ବାରମ୍ବାର ଚେଷ୍ଟା କରୁଛି । କିନ୍ତୁ ଆଜିର ଏ ବସ୍ତୁବାଦୀ ଜଗତରେ ତା'ର ପ୍ରଭାବ କ୍ଷୀଣ । ଏଇ ଗଳି ପାରୁନଥିବା ଚୌକିଦାର ବୁଢ଼ାଟି ହେଉଛି ସୁପରଇଗୋ, ଆଉ ଛେଳି ହେଉଛି ଅପରିତୃପ୍ତ ଯୌନ ଆବେଗ । ପ୍ରଥମେ ସଂଳାପଟି ଶୁଣିବା ମାତ୍ରେ ଅତି ସରଳ ମନେହେବ । କାରଣ ଏହାର ଭାଷା ଅତ୍ୟନ୍ତ ସରଳ, ଗ୍ରାମ୍ୟ । କିନ୍ତୁ ଏହି ଗ୍ରାମ୍ୟ ଭାଷାକୁ ଏଠାରେ ପ୍ରତୀକିତ କରିବାକୁ ଚେଷ୍ଟା କରାଯାଇଛି । ତେଣୁ ସାଧାରଣ ଭାଷାରୁ ଅପୂର୍ବ ବ୍ୟଞ୍ଜନାର ସୃଷ୍ଟି ହୋଇଛି ।

ପୂର୍ବରୁ ନିୟମ ଥିଲା ଯେ ନାଟକୀୟ ସଂଳାପ ସଂକ୍ଷିପ୍ତ, ସାବଲୀଳ, ଆବେଗପୂର୍ଣ୍ଣ, ପ୍ରତ୍ୟକ୍ଷ ଓ ପାତ୍ରମୁଖୀ ହେବ । କିନ୍ତୁ ଏଇ ନିୟମସବୁ ଆଜିର ଉଦ୍ଭଟ ନାଟକରେ ପ୍ରାୟ ଅଚଳ । ଆବ୍‌ସର୍ଡ ନାଟକରେ ସାଧାରଣତଃ ବସ୍ତୁବାଦୀ ସହରୀ ସଭ୍ୟତାର ବିକ୍ଷୁବ୍ଧ ଚିତ୍ର ପ୍ରଦର୍ଶିତ । ଯଦି ଆଜି ବିଚ୍ଛିନ୍ନତାବୋଧ ବା ବିକ୍ଷିପ୍ତତା ଦେଖା ଦେଇଥାଏ, ତେବେ ତାହା ସହରୀ ଲୋକଙ୍କ ମନରେ । ଏଇ ପରିପ୍ରେକ୍ଷୀରେ ଏ ଧରଣର ନାଟକର ଚରିତ୍ରସବୁ ସହରୀ ହେବା ସ୍ୱାଭାବିକ । ସହରୀ ଶିକ୍ଷିତ ଲୋକମାନଙ୍କର କଥାବାର୍ତ୍ତା ମାର୍ଜିତ ସଂଳାପ ଭିତର ଦେଇ ପ୍ରକାଶ ପାଉବ । ତେଣୁ ଅସଂଲଗ୍ନ ସଂଳାପଗୁଡ଼ିକ ଛାଡ଼ିଦେଲେ ଅନ୍ୟତ୍ର ସଂଳାପ ପାତ୍ରମୁଖୀ ହୋଇଛି ବୋଲି କୁହାଯିବ । କିନ୍ତୁ ସଂଳାପରେ ଆଜି ଆଉ ପ୍ରତ୍ୟକ୍ଷତା ନାହିଁ । କେତେକ ସ୍ଥଳରେ ଆବେଗପୂର୍ଣ୍ଣ ସଂଳାପ ବ୍ୟବହାର କରାଯାଉଛି ତ କେତେକ ସ୍ଥାନରେ ସଂପୂର୍ଣ୍ଣ ଆବେଗହୀନ ଶବ୍ଦ କେତୋଟିର ସମାବେଶ ମାତ୍ର । ମନୋରଞ୍ଜନ ଦାସଙ୍କ 'ଅରଣ୍ୟ ଫସଲ'ରେ ବହୁ ସ୍ଥାନରେ ଆବେଗହୀନ ବୌଦ୍ଧିକ ସଂଳାପ ଥିବା ସ୍ଥଳେ 'ଅମୃତସ୍ୟ ପୁତ୍ର' ଓ 'କାଠଘୋଡ଼ା'ରେ ବହୁ ସ୍ଥାନରେ ଆବେଗପୂର୍ଣ୍ଣ ସଂଳାପ ରହିଛି । କାର୍ତ୍ତିକ ରଥଙ୍କ 'ସ୍ୱର୍ଗଦ୍ୱାର' ଓ 'ଜୀବନ ଯଜ୍ଞ' ରେ ଆବେଗହୀନ ସଂଳାପ ଥିବା ସ୍ଥଳେ ପରବର୍ତ୍ତୀ ନାଟକ 'ବହ୍ନିମାନ', 'ମୁଁ ତୁମେ', 'ସ୍ମୃତି—ସାନ୍ତ୍ୱନା—ଶୂନ୍ୟତା' ନାଟକରେ ଆବେଗପୂର୍ଣ୍ଣ ସଂଳାପ ରହିଛି । ତଥାପି ଉପରୋକ୍ତ ସମସ୍ତ ନାଟକରେ ଯେ ସ୍ଥଳବିଶେଷରେ ଉଭୟ ପ୍ରକାର ସଂଳାପ ରହିଛି, ଏକଥା ସ୍ୱୀକାର କରିବାକୁ ପଡ଼ିବ । ଅନେକ ସ୍ଥାନରେ ଏ ସଂଳାପ ଦର୍ଶକ ହୃଦୟରେ ଭାବାବେଗ ସୃଷ୍ଟି କରିବାକୁ ସମର୍ଥ ହୁଏନାହିଁ । ପୂର୍ବରୁ ନାଟକର ସଂଳାପ ରଚନା କ୍ଷେତ୍ରରେ ସଂକ୍ଷିପ୍ତତା ଲାଗି ନିର୍ଦ୍ଦେଶ ଥିଲା । ଆଜିର ନାଟ୍ୟକାର ଆଦୌ ଅର୍ଥହୀନ କଥା କହିବ ନାହିଁ ବୋଲି ଅତ୍ୟନ୍ତ ସଂକ୍ଷିପ୍ତ ସଂଳାପ ବ୍ୟବହାର କରୁଛି । ସଂଳାପ ଏତେ ସଂକ୍ଷିପ୍ତ ହୋଇ ପଡ଼ିଛି ଯେ ସ୍ଥାନେ ସ୍ଥାନେ ଭାବପ୍ରକାଶ ବାଧାପ୍ରାପ୍ତ ହେଉଛି । ଏଇ ସଂଳାପଗୁଡ଼ିକ ପାତ୍ରପାତ୍ରୀଙ୍କ ପକ୍ଷରେ ଉଚ୍ଚାରଣ କରିବା ଲାଗି ଯେପରି କଷ୍ଟକର, ଦର୍ଶକମାନଙ୍କ ପକ୍ଷରେ ଶୁଣିବା ପାଇଁ ସେପରି ଅପ୍ରୀତିକର । ଏହାର କାରଣ ସାବଲୀଳତାର ଅଭାବ । 'ଅରଣ୍ୟ ଫସଲ'ର ଏଇ ଉଦାହରଣକୁ ଲକ୍ଷ୍ୟ କରାଯାଉ । "ସଂଗ୍ରାମ—ବର୍ମା ଫେରୁଥିବେ । ସୁବ୍ରତ—ଫେରନ୍ତୁ । ସଂଗ୍ରାମ—ହାତରେ ବନ୍ଧୁକ ଥିବ । ସୁବ୍ରତ—ଥାଉ ।

ସଂଗ୍ରାମ—ଚମତ୍କାର । ସୁବ୍ରତ—କଣ ? ସଂଗ୍ରାମ—ଅଭିନୟ । ସୁବ୍ରତ—ନା । ସଂଗ୍ରାମ—ଦେବୀ ପ୍ରତିବାଦ କରିବେ । ସୁବ୍ରତ—ଇସ୍ । ସଂଗ୍ରାମ—ଲିଲି ପଚ୍ଛପୁଷ୍ପା ଦେବେ । ସୁବ୍ରତ—ନା । ସଂଗ୍ରାମ—ବର୍ମା ପ୍ରତିରୋଧ କରିବେ । ସୁବ୍ରତ—ନା । ସଂଗ୍ରାମ—ଅସମ୍ଭବ ନୁହେଁ ! ସୁବ୍ରତ—ହାତରେ ଛୁରୀ ଅଛି । ସଂଗ୍ରାମ—ମର୍ଡର । ସୁବ୍ରତ—ହଁ ।" ସ୍ଥାନେ ସ୍ଥାନେ ସଂକ୍ଷିପ୍ତ ଖଣ୍ଡିତ ବାକ୍ୟ ଗୁଡ଼ିକ ମଧ୍ୟ ଅର୍ଥହୀନ ହୋଇ ପଡୁଛି । ଜଣକର ପ୍ରଶ୍ନ ସହିତ ଅନ୍ୟଜଣକର ଉତ୍ତରର କୌଣସି ସମନ୍ୱୟ ବା ଯଥାର୍ଥତା ରହୁନାହିଁ । ଏ କେବଳ ବୌଦ୍ଧିକତା ବା ମନର ଅସଂଲଗ୍ନତା ଦେଖାଇବା ନାଁରେ ଚାଳି ଯାଉଛି ସିନା ସାଧାରଣ ଦର୍ଶକର ସମର୍ଥନ ଲାଭ କରି ପାରୁନାହିଁ । ମନୋରଞ୍ଜନଙ୍କ 'ଅରଣ୍ୟ ଫସଲ', ବିଜୟ ମିଶ୍ରଙ୍କ 'ଦୁଇଟି ସୂର୍ଯ୍ୟଦଗ୍ଧ ଫୁଲକୁ ନେଇ', କାର୍ତ୍ତିକ ରଥଙ୍କ 'ସ୍ୱର୍ଗଦ୍ୱାର'ରେ ଏହିପରି ଅତି ସଂକ୍ଷିପ୍ତ ସଂଳାପର ଅଜସ୍ର ଉଦାହରଣ ମିଳିବ । ଅନେକ ସମୟରେ ଗୋଟିଏ ଗୋଟିଏ ଶବ୍ଦହିଁ ଗୋଟିଏ ଗୋଟିଏ ସଂଳାପରେ ପରିଣତ ହୋଇଯାଇଛି । ଆମେ 'ହଁ' 'ନା' କହି ମନର ଭାବ ବ୍ୟକ୍ତ କଲାପରି କେବଳ ସଂକ୍ଷିପ୍ତ ଶବ୍ଦ କେତୋଟିରେ ମନର ଅବସ୍ଥାକୁ ପ୍ରକାଶ କରାଯାଇଛି । ଆଧୁନିକ ଦ୍ୱିଧାଗ୍ରସ୍ତ ମଣିଷର ବକ୍ତବ୍ୟର ଅର୍ଥଶୂନ୍ୟତା ପ୍ରତିପାଦନ ଲାଗି ମନୋରଞ୍ଜନ 'ଜଙ୍ଗଲର ଛେଳି ଏକ ଗୃହପାଳିତ ପଶୁ' ବାକ୍ୟଟିର ବିଭିନ୍ନ ପଦକୁ ଓଲଟପାଲଟ କରି ବହୁ ଅର୍ଥହୀନ ବାକ୍ୟ ରଚନା କରିଛନ୍ତି । ପୁଣି ଦୁଇଟି ଚରିତ୍ର ସମ୍ପୂର୍ଣ୍ଣ ଅସଂପୃକ୍ତ ସଂଳାପ ଉଚ୍ଚାରଣ କରୁଥିଲେ ମଧ୍ୟ, ଉଭୟଙ୍କ ସଂଳାପରେ ଅବଚେତନ ମନର ଯୋଗ ଲକ୍ଷ୍ୟ କରିହୁଏ । ମନୋରଞ୍ଜନଙ୍କ ନାଟକରେ ପ୍ରଥମେ ଏହିପରି ବହୁବିଧ ପରୀକ୍ଷା ନିରୀକ୍ଷାର ଆରମ୍ଭ ହୋଇଥିଲା । ପରବର୍ତ୍ତୀ କାଳରେ କିନ୍ତୁ ଏ ସମସ୍ତ ସଂଳାପ ନାଟ୍ୟକାରଠାରୁ ଦର୍ଶକମାନଙ୍କୁ ବିଚ୍ଛିନ୍ନ କରିଥିବାର ଅନୁଭୂତ ହେଲା । ଫଳରେ ମନୋରଞ୍ଜନ ପାରଂପରିକ ନାଟ୍ୟ ରୀତିରେ ଅଭ୍ୟସ୍ତ ଦର୍ଶକମାନଙ୍କ ପାଇଁ ରୀତିନାଟ୍ୟର ଭାଷା ସହିତ ଉଭଟ ନାଟକ ଭାଷାର ସମନ୍ୱୟ ସାଧନ କରିବାକୁ ଚେଷ୍ଟା କଲେ । 'କାଠଘୋଡ଼ା' ନାଟକରେ ଏ ପ୍ରକାର ପରୀକ୍ଷାର ପୂର୍ଣ୍ଣ ସଫଳତା ଲକ୍ଷ୍ୟ କରିହୁଏ । 'କାଠଘୋଡ଼ା' ର ରୀତିଧର୍ମୀ ସଂଳାପଗୁଡ଼ିକ ଅତୀତକୁ ଟାଣି ନେବା ସଙ୍ଗେ ସଙ୍ଗେ ଆଧୁନିକ ଖଣ୍ଡିତ ଜୀବନ ସହିତ ଆମକୁ ଗଭୀରଭାବେ ପରିଚିତ କରାଇପାରେ । କାର୍ତ୍ତିକ ଚନ୍ଦ୍ର ରଥ ତାଙ୍କର 'ବହ୍ନିମାନ' ନାଟକରେ ପ୍ରାଚୀନ, ମଧ୍ୟଯୁଗୀ ଓ ଆଧୁନିକ ଓ ଅତ୍ୟାଧୁନିକ ସମାଜ ଉପଯୋଗୀ ନାଟକର ସଂଳାପ ଭିନ୍ନ ଭିନ୍ନ ଅଙ୍କରେ ଉପସ୍ଥାପନ କରିଛନ୍ତି । ରତ୍ନାକର ଚଇନି 'ପୁନଶ୍ଚ ପୃଥିବୀ'ରେ ମହାଭାରତର ବିଭିନ୍ନ ଚରିତ୍ରର ନାମ ବ୍ୟବହାର କରିଥିଲେ ମଧ୍ୟ ଆଧୁନିକ ସଂଳାପ ମାଧ୍ୟମରେ ଆଧୁନିକ ସମାଜ ଜୀବନର ଚିତ୍ର ଦେଇଛନ୍ତି ।

ବହୁ ପରୀକ୍ଷା ନିରୀକ୍ଷା ଦ୍ୱାରା କେତେକାଂଶରେ ସଫଳତା ଲାଭପରେ ମଧ୍ୟ ଆଜିର ଉଭଟ ଆନ୍ଦୋଳନ କ୍ଲାନ୍ତ ହୋଇ ପଡ଼ିଲାଣି । ଆଧୁନିକ ଦର୍ଶକର ରୁଚି ଆଉ ଉଭଟ ନାଟକ ଦେଖିବା ଭିତରେ ସୀମାବଦ୍ଧ ହୋଇ ରହିନାହିଁ । ସେ ଖୋଜୁଛି ଏକ ନୂତନ ଧରଣର ଆଧୁନିକ ନାଟକ । ଏଭଳି ନାଟକର ସଂଳାପ ପରଂପରାଗତ ଶକ୍ତିଶାଳୀ ଭାଷା ସହିତ ଅତ୍ୟାଧୁନିକ ଭାଷାର ଏକ ସମନ୍ୱୟ ପ୍ରତିଷ୍ଠା କରିବା ଲାଗି ଆଗେଇ ଆସିବା ଉଚିତ୍ । ପରଂପରାର ଭିତ୍ତିଭୂମି ଯେ ଅତ୍ୟନ୍ତ ସୁଦୃଢ଼, ସେ କଥା ମନୋରଞ୍ଜନଙ୍କ 'ଅମୃତସ୍ୟ ପୁତ୍ର', 'କାଠ ଘୋଡ଼ା', କାର୍ତ୍ତିକ ରଥଙ୍କ—'ସ୍ମୃତି ସାନ୍ତ୍ୱନା ଶୂନ୍ୟତା' ଓ 'ବହ୍ନିମାନ' ନାଟକ ପ୍ରମାଣ କରି ଦେଇପାରିଛନ୍ତି । ନାଟ୍ୟ ଚରିତ୍ରର ଅନ୍ତର୍ଜଗତକୁ ଆବିଷ୍କାର କରିପାରିବା ଭଳି ବଳିଷ୍ଠ ଭାଷା ଆବଶ୍ୟକ । ଏ ପ୍ରକାର ଭାଷା ଗଢ଼ିବାକୁ ହେଲେ ପରଂପରା ଉପରେ ଠିଆହୋଇ ସ୍ୱଚ୍ଛ ବିବର୍ତ୍ତିତ ନୂତନ ଆଡ଼କୁ ହାତ ବଢ଼ାଇବାକୁ ପଡ଼ିବ ।

ଅଧ୍ୟାପକ, ଓଡ଼ିଆ ବିଭାଗ,
ବିଶ୍ୱଭାରତୀ, ଶାନ୍ତିନିକେତନ
ବୋଲପୁର—୭୩୧୨୩୫, ପଶ୍ଚିମ ବଙ୍ଗଳା



*Objectives and Function of the*

# Orissa State Warehousing Corporation

* Storage and scientific preservation of agricultural produce like wheat, rice, sugar, maize etc.

* Storage of all type of agricultural inputs like fertilisers, manures, implements, pesticides etc.

* Storage of notified commodities like metals, chemicals, paper, cotton yarn cloth, cement, machinery etc.

* Handling and transportation of above articles on behalf of the depositors.

* Disinfestation service to farmers, traders, cooperatives, Government and Government sponsered organisations at economic rates.

* Arrange for Bank Credit on easy terms on the basis of Warehouse Receipts.

* Act as an agent on State Government, Central Government, Companies, Cooperative Societies, etc. in the matter of purchase, sale and distribution of agricultural products, inputs and other notified commodities.

*For better storage and preservation*

**Contact :**

ORISSA STATE WAREHOUSING CORPORATION

BHUBANESWAR

751001

Phone : 51585
51915
50491

# ସ୍ମରଣୀୟ ବ୍ୟକ୍ତିତ୍ୱ
# 'କୃତାର୍ଥ ବାବୁ'

ଶ୍ରୀ ହାଡବନ୍ଧୁ ମିର୍ଦ୍ଧା

ସୂର୍ଯ୍ୟ ଉଦୟ ହୁଏ ପୁଣି ଅସ୍ତ ଯାଏ । ଏହା ଯେପରି ଦୈନନ୍ଦିନ ଘଟଣା ଅର୍ଥାତ୍ ଆମେ ନିତି ଦେଖୁଥାଇଁ ନିତି ଜାଣୁଥାଇଁ, ସେପରି ମଣିଷର ମୃତ୍ୟୁ । ଜନ୍ମ ହୁଏତ ମିଥ୍ୟା ହୋଇପାରେ, କିନ୍ତୁ ମୃତ୍ୟୁ ହେଉଛି 'ଧ୍ରୁବ' । ସୂର୍ଯ୍ୟୋଦୟ ସନ୍ଦେହଜନକ ହୋଇପାରେ ମାତ୍ର ଅସ୍ତ ନିଶ୍ଚିତ । ମଣିଷର ଜୀବନ ନେଇ ବହୁ କବି–ଦାର୍ଶନିକ–ଭାବୁକ-ପଣ୍ଡିତ ନାନା ଯୁକ୍ତି କରିଛନ୍ତି । ଜୀବନ ପଥରେ ବହୁ ଗର୍ବ–ଦର୍ପ–ଅଭିମାନ–ପ୍ରଭାବ ପ୍ରଭୁତ୍ୱ ଦେଖାଇଛନ୍ତି, କିନ୍ତୁ ପରେ ସେ ବି ମୃତ୍ୟୁଦଣ୍ଡର ପ୍ରଚଣ୍ଡ ପ୍ରହାରରେ ନିସ୍ତେଜ ହୋଇ ପଡ଼ିଛି । ଯେଉଁ ମଣିଷ, ମଣିଷର 'ଜୀବନ' ଆଉ 'ରକ୍ତ' ନେଇ ଦ୍ୟୁତ ଖେଳିଛି, ହୋରି ଖେଳିଛି, ଶେଷରେ ସେ ଅନାଏଁ ଅସ୍ତଗାମୀ ସୂର୍ଯ୍ୟର ଅସ୍ତରାଗ । କିନ୍ତୁ ସେହି ଅସ୍ତରାଗର ଶେଷ ସନ୍ତକ ହେଉଛି ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ଚରିତ୍ର । ଯିଏ ମହାନ୍ କାର୍ଯ୍ୟକରିଛି ତାର ବ୍ୟକ୍ତିତ୍ୱ ପୂଜିତ–ଚର୍ଚ୍ଚିତ ଆଉ ଅଭିନନ୍ଦିତ । ହୀନ–ଭଣ୍ଡ–ଭାଣ୍ଡ ଘୃଣିତ ଚରିତ୍ର ଜୀବନ୍ତ ନୁହେଁ, ସେ ମୃତ । ସେ ଜୀବନ ସହିତ ଶେଷ ନିଃଶ୍ୱାସ ମାରି ଚିର ବିଦାୟ ନିଏ ! ବ୍ୟକ୍ତି ବିଶେଷଙ୍କୁ ବ୍ୟଥିତ ମଥିତକରି ରଖେ ଅନେକ ଦିନଯାଏ । କିନ୍ତୁ ମଣିଷର ବ୍ୟକ୍ତିତ୍ୱ ସହଜରେ ବିସ୍ମୃତ ହୁଏ ନାହିଁ । ସକାଳର କର୍ଅଁଳ ସୂର୍ଯ୍ୟର ତେଜପରି ପୁଲକିତ କରେ । ଅପରାହ୍ନ ସୂର୍ଯ୍ୟ ପରି ମାନବ ଜଗତକୁ ଉତ୍ତେଜିତ କରେ ଏବଂ ସନ୍ଧ୍ୟାର ରଂଗୀନ ତେଜରେ ହସାଏ ଏବଂ ଘନ ଅନ୍ଧକାରରେ ମଧ୍ୟ ଧ୍ରୁବତାରା ପରି ଦିଗ୍‌ଦର୍ଶନ ଦିଏ ! ଏ ହେଉଛି ବ୍ୟକ୍ତିତ୍ୱ, ଯାହା ସ୍ମରଣୀୟ, କୀର୍ତ୍ତନୀୟ ।

ବାସ୍ତବିକ୍ ଦିନ ଯାଏ ଚିହ୍ନ ରହେ । ଯୁଗ ଯାଏ କଥା ରହେ । ସେପରି ଏଇ ମାନବ ସଭ୍ୟତା ମଧ୍ୟରେ କେତେ ମଣିଷ ଅନନ୍ତକାଳ ମଧ୍ୟରେ ଲୀନ ହୋଇ ଗଲେଣି; ଯିବେ! ମାତ୍ର ଯିଏ ସାଧକ, ସାଧୁ, ତପସ୍ୱୀ ବର୍ତ୍ତିଛନ୍ତି, ବର୍ତ୍ତିଥିବେ । କାଳ ପ୍ରତିବନ୍ଧକ ହୁଏ ନାହିଁ ।

ଆମ ଗହଣରୁ ମହାନ୍‌ଠାରୁ ସାଧାରଣ ବ୍ୟକ୍ତିଯାଏ ଚାଲିଗଲେଣି । ମାତ୍ର ସେମାନଙ୍କର ତ୍ୟାଗ, ନିଷ୍ଠା, ଧୈର୍ଯ୍ୟ, ସାଧନା-ମନୀଷା, ମହତ୍ୱ ଓ ସର୍ବୋପରି ବ୍ୟକ୍ତିତ୍ୱର ପରାକାଷ୍ଠା ରହିଯାଇଛନ୍ତି । ଜଣେ ଦିଗ୍‌ବିଜୟୀ ସମ୍ରାଟ୍ ହୋଇପାରେ......ଜଣେ ହୀନତମ ଭିଖାରୀ ହୋଇପାରେ, ମାତ୍ର ଚର୍ମ ଚକ୍ଷୁ ଓ ମର୍ମଚକ୍ଷୁ ମଧ୍ୟରେ ପାର୍ଥକ୍ୟ । ଚରିତ୍ର ଓ ବ୍ୟକ୍ତିତ୍ୱ ମଧ୍ୟରେ ପ୍ରଭେଦ । ସେପରି ସମ୍ବଲପୁର ମାଟିର ଅମୃତ ସନ୍ତାନମାନଙ୍କ ମଧ୍ୟରେ ରାଏସାହେବ ପଦ୍ମଶ୍ରୀ ଡକ୍ଟର କୃତାର୍ଥ ଆଚାର୍ଯ୍ୟ ଅନ୍ୟତମ । ସେ ଯେପରି ନିଷ୍ଠା ଓ ନମ୍ରତାର ପ୍ରତୀକ ସେପରି ଧୈର୍ଯ୍ୟର ପ୍ରତିମୂର୍ତ୍ତି । ସାଧାରଣ ଜୀବନରୁ ଆରମ୍ଭକରି ଅସାଧାରଣ ବ୍ୟକ୍ତିତ୍ୱ ହାସଲ କରିବା ବାସ୍ତବିକ ବିସ୍ମୟଜନକ । ଏଣୁ ତାଙ୍କ ବାଣୀରେ "ଦି ଗ୍ରେଟେଷ୍ଟ ପ୍ରେୟାର ଇଜ୍ ପେସେନ୍‌ସ" ଆଦର୍ଶ ଥିଲା ତାଙ୍କ ଜୀବନର ପରମ ଉପାସନା । ସେ ବ୍ୟକ୍ତି ନିଜର ବ୍ୟକ୍ତିତ୍ୱ ନେଇ ବଡ଼ାଇ କରି ନାହାନ୍ତି । ସେ ବିଚକ୍ଷଣ । କର୍ମଚଞ୍ଚଳ ଥିଲେ । ଥିଲେ ଶାନ୍ତ-ହିର ଓ ଧୈର୍ଯ୍ୟବାନ୍ । ତାଙ୍କର ସୌମ୍ୟ ରୂପତଳେ ସତେ-ଯେପରି ପୂତ–ପବିତ୍ର ବ୍ୟକ୍ତିତ୍ୱ ଲୁଚିଥିଲା । ତାଙ୍କୁ ସାକ୍ଷାତ୍ କଲେ, ମନଖୋଲି ମତବ୍ୟକ୍ତ କରୁଥିଲେ । "ଆଗେଇ ଚାଲ............ଦୀନ ଦରିଦ୍ର ଅଭାବୀଙ୍କର ସେବାକର....ସାହିତ୍ୟ....ସଂସ୍କୃତି, ଶିକ୍ଷାର ଗୌରବ ବଢ଼ାଅ ।" ଏଇ କେତୋଟି କଥା ଆଜି ମନରେ ଲାଗି ରହିଛି । ସେ ନିଜେ କରି ଅନ୍ୟକୁ ଉପଦେଶ ନିର୍ଦ୍ଦେଶ ଦେଇଛନ୍ତି । ସେ ତ୍ୟାଗ କରି ଅନ୍ୟକୁ ତ୍ୟାଗ କରିବାକୁ ଉପଦେଶ ଦେଇଛନ୍ତି । ସେ ଗାନ୍ଧୀ, ଗୋପବନ୍ଧୁଙ୍କ ଆଦର୍ଶର ପ୍ରତୀକ । କଳା, ସାହିତ୍ୟ–ଶିକ୍ଷାର ପୃଷ୍ଠପୋଷକ ।

ତାଙ୍କର ବ୍ୟକ୍ତିତ୍ୱର ମହାନତା ପରିଚୟ ତଥା ପ୍ରାଣ ପ୍ରାଚୁର୍ଯ୍ୟର ଆଦର୍ଶ ପାଇ ସ୍ୱର୍ଗତ ଆଦର୍ଶ ଗୁରୁ ପଣ୍ଡିତ ରାଘବ ମିଶ୍ରଙ୍କଠାରୁ । ପଣ୍ଡିତ ଯେପରି ସୁପୁରୁଷ ସେପରି ଥିଲେ ଉଦ୍‌ଯୋଗୀ । ଯେଉଁଠି ଟିକିଏ ଶକ୍ତି, ପ୍ରତିଭା, ତେଜ ଦେଖୁଥିଲେ, ପଣ୍ଡିତ ମିଶ୍ରେ ନିଃସ୍ୱାର୍ଥପର ଭାବେ, ବିନା ଲାଭ ଆଶାରେ ନିଜର କରି ନେଉଥିଲେ । ସେ ବ୍ୟକ୍ତିତ୍ୱ ଆଉ ଗୋଟିଏ ବ୍ୟକ୍ତିତ୍ୱ ତୁପକ ଚୁମ୍ବକ ପାଖକୁ ଆକର୍ଷିତ ହେଉଥିଲେ । ଏ ଥିଲା ପଣ୍ଡିତ ମିଶ୍ରଙ୍କର ଜୀବନର ଅନ୍ୟତମ ଆଦର୍ଶ ।

ଫଳରେ ସେ ସ୍ୱର୍ଗତ ଆଗ୍ରର୍ଯଙ୍କର ଉଦ୍‌ଯୋଗ, ସାଧୁତା, ଉପଲବ୍‌ଧି କରି ପ୍ରେରଣାଦାତା ଭାବେ ପ୍ରେରଣା ଦେଲେ ; ଫଳରେ ସ୍ୱର୍ଗତ ଆଗ୍ରର୍ଯ ଆଗେଇ ଗଲେ ନୂତନ ପଥରେ ।

ସେଇ ପଥରେ ସେ ଏପରି ଆଗେଇ ଗ୍ଲିଲେ ଯାହାଫଳରେ ସେ ସର୍ବତ୍ର ହେଲେ "କୃତାର୍ଥ ବାବୁ" । ତାଙ୍କର ଜୀବନ ବି କୃତାର୍ଥ ହୋଇଛି, ମରଣକୁ କରିଅଛି ଅମୃତ ସୋପାନ । ସାର୍ଥକ ହୋଇଛି । ଆମ ବରପାଲି ଅଞ୍ଚଳର କୃତାର୍ଥ ମାଷ୍ଟ୍ରେ ନାହାନ୍ତି—କିନ୍ତୁ କୃତାର୍ଥ ମିଲ୍‌ର ଶାଢ଼ୀ ରହିଛି । କୃତାର୍ଥ ଶାଢ଼ୀ ରହିଛି । ତାଙ୍କର ସେଇ ସୌମ୍ୟ, ନମ୍ର, କମନୀୟ ରୂପ ଆଜିବି ବିମୋହିତ କରୁଛି । ଭଗବାନ ମେହେରଙ୍କ ସହିତ ଆଜି ବି ସେ ବସିଛନ୍ତି । ବାସ୍ତବିକ୍ ସେ ଥିଲେ ସୁପୁରୁଷ । ଗୁଣାନୁରାଗୀ । ପୁଣ୍ୟାତ୍ମା । ତାଙ୍କୁ ଦେଖିଲେ ବା ଭେଟିଲେ ସ୍ୱାଭାବିକ୍ ମନରେ ଆନନ୍ଦ ଜାତ ହୁଏ । ସାଧାରଣ କାମଠାରୁ ବଡ଼କାମ ପର୍ଯ୍ୟନ୍ତ ଆନ୍ତରିକତାର ସହିତ କରିଛନ୍ତି । ଗରିବଠାରୁ ଧନୀ—ତଥା ପ୍ରଭାବଶାଳୀ ନେତାଙ୍କୁ ମଧ୍ୟ ଆଦରି ନେଇଛନ୍ତି । ଉପହାର ଦେଇଛନ୍ତି । କିନ୍ତୁ ପ୍ରତ୍ୟୁପହାର କାମନା କରିନାହାନ୍ତି । ସେ କ୍ଷଣଜନ୍ମା ହେଲେ ବି ଯୁଗଜନ୍ମା । ଯେହେତୁ "ହୃତ ଗୌରବ ମୃତ ଗୌରବ" ରାଜିକୁ ବିଶ୍ୱସ୍ତରକୁ ନେଇଗଲେ । ନିଜର କୌଳିକ ବା ପୈତୃକ କହି କେହି ଗର୍ବ କରୁଥିଲେ ମଧ୍ୟ ତାର ରକ୍ଷଣାବେକ୍ଷଣ, ପ୍ରଗ୍ଚର ପ୍ରସାର ପାଇଁ ଯଦି କିଛି କରେନା' ମୋର ଅତୀତ, ମୋର ସଂପଦ କହି ଗୌରବ ଅନୁଭବ କରିବାର କିଛି ମାନେ ନାହିଁ ? ଜନ୍ମଦାତା ପିତାଠାରୁ ପୋଷ୍ୟପିତା ବା ଗୁରୁ ଶ୍ରେଷ୍ଠ । କାରଣ ସେ ଜୀବନକୁ ପୁଷ୍ଟ କରିଛି ଜ୍ଞାନାଞ୍ଜନ ଲେପନକରି । ଜୀବନ ସାର୍ଥକ କରେ । ଏହାହିଁ ତ ମାନବିକତା ।

ସେପରି କୃତାର୍ଥ ବାବୁ ସମ୍ବଲପୁରୀ ବୟନକଳା, କୃଷିର ପ୍ରସାର ପ୍ରଗ୍ଚର କରି ନିଜ ତଥା ସମ୍ବଲପୁରୀ କଳା ଗୌରବ ଅଭିବୃଦ୍ଧି କରି ପାରିଛନ୍ତି । ତାଙ୍କର ତତ୍‌ପରତା, ବିଚକ୍ଷଣତା ଓ ସମୟାନୁବର୍ତ୍ତିତା ତାଙ୍କୁ ସତତ ସତେଜ ରଖିଥିଲା । ନ ଥିଲା ମନରେ ଗ୍ଲାନି ବା ପ୍ରାଣରେ ଈର୍ଷା, ଦ୍ୱେଷ, ଅହଂକାର । ସେ ଉଦ୍ୟମ ଓ ସାଧନା ବଳରେ ଧନ—ଯଶ—ମାନ ଲାଭ କରି ତାର ସଦ୍‌ବ୍ୟବହାର କରିଛନ୍ତି । ତାଙ୍କ ଜୀବନରେ ବହୁ ଈର୍ଷାକୁ ଜାଳିଥିବେ—କିନ୍ତୁ ନିଜେ ସ୍ୱର୍ଗତଃ ଆଗ୍ରର୍ଯ ଜଳି ନାହାନ୍ତି । ସେ ବୟନ କଳାକାରମାନଙ୍କୁ ଉତ୍ସାହିତ କରି ସେମାନଙ୍କର କଳାନୈପୁଣ୍ୟର ପ୍ରସାର କରିଛନ୍ତି । ପ୍ରକୃତରେ ସେ ଥିଲେ ଜଣେ କଳାପ୍ରିୟ ଓ କୃଷିପ୍ରିୟ । କଳା ଓ କୃଷିକୁ ଆଗେଇ ନେବା ଦିଗରେ ତାଙ୍କର ପ୍ରଚେଷ୍ଟା ଥିଲା ଅତୁଳନୀୟ ।

ଏକଦା "ଟିଭସନ୍ ମାଷ୍ଟ୍ରେ" ସମଗ୍ର ଜାତିର ମାଷ୍ଟ୍ରେ ହୋଇଗଲେ । ତାଙ୍କର କଳାପ୍ରିୟ ଦୃଷ୍ଟିଭଂଗୀ ଗଂଗାଧର ସାହିତ୍ୟ କଳାପରି ସର୍ବଜନପ୍ରିୟ ଓ ଆଦରଣୀୟ । ଏହା ଏକ ସହଜ ସାଧନା ବା ଉଦ୍ୟମ ନୁହେଁ । ଏହା ଜାତିର ଚିରନ୍ତନ ସଂପଦ! ତେଣୁ ସମ୍ବଲପୁର ବୟନ କଳା ସହିତ ତାଙ୍କର ବ୍ୟକ୍ତିତ୍ୱ ଓ ଚିତ୍ର ବିଶ୍ୱ ମାନଚିତ୍ରରେ ସ୍ଥାନ ପାଇଛି । ତାହା ଲିଭିବାର ବ୍ୟକ୍ତିତ୍ୱ ନୁହଁ ଵା ଭୁଲିବାର ଚରିତ୍ର ମଧ୍ୟ ନୁହଁ । ସେ ନିଶ୍ଚଳଙ୍କ ଚନ୍ଦ୍ରିକା ପରି ଶୀତଳ—କୋମଳ ଆଉ ମନୋରମ ।

ଆଜି ବି ତାଙ୍କର ପ୍ରତିଚକ୍ଷୁ ତଳର ଉଜ୍ଜ୍ୱଳ ଆଖି-ଯୋଡ଼ାକ ଦୀପ୍ତିମାନ । କେହି ଯେ କୌଣସି ମୁହୂର୍ତ୍ତରେ ତାଙ୍କୁ ଭେଟିଛି ବା ତାଙ୍କ ଘରକୁ ଆସିଛି, ନ ଭେଟି ନିରାଶ ହୋଇ ଫେରିନି । ମଧୁର ଆଳାପ, ମିଷ୍ଟ ଭାଷା, ଶିଷ୍ଟ ବ୍ୟବହାର ଜଣକୁ ମୁଗ୍ଧ କରେ । ତାଙ୍କର ନିରଳସ ଜୀବନ, ନିରାଡ଼ମ୍ବର ସ୍ୱଭାବ । ବାଃ କି ବିସ୍ମୟ ବ୍ୟକ୍ତିତ୍ୱ ! ସେ ଗୁଣୀ, ମାନୀ ଆଉ ଧନୀ । ସାଧନା-ସାଧୁ ଉଦ୍ୟମ ମଣିଷକୁ ଉତ୍ତୀର୍ଣ୍ଣ କରାଏ । "ଧନ ଅର୍ଜ୍ଜିଲେ ଧର୍ମକରି, ଧର୍ମେ ପ୍ରାପତ ନରହରି"—ଧନ—ଯଶ ପାଇଲେ କୃତାର୍ଥ ବାବୁ ସେ ସବୁ ଦେଶ—ଜାତି ଫେରି ପାଉଛି । ତାଙ୍କୁ ନେଇ ଗର୍ବ କରିବା ଆମେ । ମାତ୍ର ସେ ଦିନେ ବି ଗର୍ବ କରି ନାହାନ୍ତି ବା କିଛି ନେଇ ନାହାନ୍ତି । ମଣିଷର ଯାହା ଦରକାର, ପରିବାର ପାଇଁ ଯାହା ଆବଶ୍ୟକ ସେତିକି ମାତ୍ର । ନିଜେ ବୟନ ଶିଳ୍ପ ସମ୍ବଲପୁର କଳାର ମାଷ୍ଟର ହୋଇ ବି ବିନା କାହାର ମତ ନ ନେଇ ହସ୍ତକ୍ଷେପ କରି ନ ଥିଲେ । ଦିନେ କଥା ପ୍ରସଙ୍ଗରେ ତାଙ୍କର ବିପ୍ଳବୀ ପୁଅ 'ପ୍ରସନ୍ନ'ଙ୍କ କଥା କହିଲେ । ସେତେବେଳେ ଆତ୍ମଗୋପନ କରିଥିଲେ ନା ଜେଲରେ ଥିଲେ ସେ କହିପାରିଲେ ନାହିଁ, ମାତ୍ର ପୁତ୍ରର ତେଜ, ଶକ୍ତି, ଚେତନା ନେଇ ଖୁସି ଥିଲେ । କିନ୍ତୁ ପୁଅ ପାଇଁ ଉଦ୍‌ବିଗ୍ନ ନ ଥିଲେ । ସେ ତାର ଶକ୍ତି ପ୍ରସାର କରୁ ବୋଲି କାମନା କରିଥିଲେ ।" ମୁଁ ତାଙ୍କର ଦୟା, ସହାସ୍ୟ ବଦନ ଜାତୀୟ ପ୍ରୀତି ଦେଖି ଅବାକ୍ ହେଲି ।

ମୁଁ ଭାବିଲି 'ବାପ ହେବତ ଏପରି' ସମାଜ ଓ ଜାତି ପାଇଁ ପୁଅମାନେ କାମ କରନ୍ତୁ—ଏହା ଥିଲା ତାଙ୍କର ଉଦ୍ଦେଶ୍ୟ । ଯେତେବେଳେ ଭେଟେ, ଗରିବ ଜନ-ସାଧାରଣଙ୍କ କଥା, ପଣ୍ଡିତ ରାଘବ ମିଶ୍ର, ଭଗବାନ ମେହେର ତଥା ବରପାଲି ଅଞ୍ଚଳ କଥା ଆଲୋଚନା କରନ୍ତି, ବରପାଲି କଲେଜ କଥା ପକାନ୍ତି । ବାସ୍ତବିକ୍ ଆମେ ଭଗବାନ ମେହେର, ପଣ୍ଡିତ ରାଘବ ମିଶ୍ରଙ୍କ ପରେ ପରେ ମାଷ୍ଟ୍ରଙ୍କୁ ହରାଇ ପ୍ରାଚୀନ ପରଂପରା, ସଂସ୍କୃତି ଓ କଳାର ଉପାସକଙ୍କଠାରୁ ବିଚ୍ଛିନ୍ନ ହୋଇ ପଡ଼ିଲୁ!

ବି: ଦ୍ର :—[କୃତାର୍ଥ ବାବୁଙ୍କ ଜନ୍ମ ସମ୍ବଲପୁର ଜିଲ୍ଲା ବରଗଡ଼ ସବ୍ ଡ଼ିଭିଜନ ଅନ୍ତର୍ଗତ ଦୁଦୁବାଟିକ୍ରା, ତା ୨୦-୭-୧୯୦୦ରେ ୧୯୨୨ରେ ସ୍କୁଲ ଶିକ୍ଷା ସମାପ୍ତ, ୧୯୪୫-୪୬ରେ ରାଏସାହେବ ଉପାଧିପ୍ରାପ୍ତ, (ହସ୍ତତନ୍ତ ଶିଳ୍ପର ପ୍ରସାର ପାଇଁ ତତ୍‌କାଳୀନ ସରକାରଙ୍କ ଦ୍ୱାରା) । ୧୯୬୪ରେ ଭାରତ ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ ଉପାଧିରେ ଭୂଷିତ । ୧୯୭୫ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ଡ଼ି: ଲିଟ୍ ଉପାଧି ଦ୍ୱାରା ସମ୍ମାନିତ, ୧୯୭୯ ମେ ୭ ତାରିଖରେ ଦେହାନ୍ତ ।

ଅଧ୍ୟାପକ, ଓଡ଼ିଆ ବିଭାଗ, ଗଙ୍ଗାଧର ମେହେର
ମହାବିଦ୍ୟାଳୟ, ସମ୍ବଲପୁର

# ଦେବୀ ଦୁର୍ଗା ଓ ଉତ୍କଳୀୟ ଶକ୍ତି-ଉପାସନା

ଶ୍ରୀ ବୈକୁଣ୍ଠନାଥ ଶତପଥୀ

ଦିଗ-କନ୍ୟାର ଘନ କୃଷ୍ଣ ପଣତ ଉହାଡ଼ରୁ ଝରି ଆସିଥିବା ବର୍ଷାର ସ୍ମୃତିକୁ ପଛରେ ପକାଇ, ଶୁଭ୍ର କାଶ ତଣ୍ଡୀ ଆଉ ସଜ ଶେଫାଳିର ଅଂଜଳି ଘେନି ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆସେ ନିର୍ମଳ କାନ୍ତି ପ୍ରଶାନ୍ତ ଶରତ ! ସୁନୀଳ ଆକାଶରେ ଚଲ୍ତି ବାଦଲର ମନୋହର ଥାଟ, ଶସ୍ୟକ୍ଷେତ୍ରର ଧାରେ ଧାରେ ସମୀରର ଦୋଳାୟିତ ଗତି, ବାଡ଼ି ବଗିଚାରେ ହରରଙ୍ଗୀ ଫୁଲର ସମ୍ଭାର, ଜଳ ସ୍ଥଳ ଆକାଶ ସର୍ବତ୍ର ସୌନ୍ଦର୍ଯ୍ୟର ପ୍ରତିଯୋଗିତା...... ......ପ୍ରକୃତିର ଏଇ ଶାନ୍ତ କମନୀୟ ପରିବେଶ ଭିତରେ ଚତୁର୍ଦ୍ଦିଗକୁ ମୁଖରିତ କରେ ମାତୃ-ପୂଜାର ମଙ୍ଗଳ ଆବାହନୀ । ଏତିକିବେଳେ ଦୁର୍ଗତି-ନାଶିନୀ ମା'ଦୁର୍ଗାଙ୍କର ମର୍ତ୍ତ୍ୟାଗମନ ! ନହବତର ତାନେ ତାନେ ଶାରଦୀୟ ପୂଜାର ଏ ସମ୍ଭାର ପୁରପଲ୍ଲୀ ସହରବଜାରର ବକ୍ଷ ଉପରେ ସୃଷ୍ଟି କରେ କେଉଁ ଐନ୍ଦ୍ରଜାଲିକ ଶୋଭାର ଝଲକ । ସଭିଙ୍କ ଅନ୍ତର ନାଚି ଉଠେ କେଉଁ ଅଜଣା ଆନନ୍ଦରେ । କାହିଁକି ଏତେ ସଜ ବାଜ ? କାହିଁକି ଏ ଦେବୀ ପୂଜା.. ....ମାତୃ ଅର୍ଚ୍ଚନା ? ବିସ୍ତୃତ ଆଲୋଚନା କଲେ ଏ ଶକ୍ତି -ପୂଜାର ତତ୍ତ୍ୱ, ଭୂମିକା, ପୃଷ୍ଠ ପୀଠିକା, ଏହାର କାଳୋଚିତ ପ୍ରଭାବ, ପୌରାଣିକ ତଥ୍ୟ ସମ୍ବଳିତ କିମ୍ବଦନ୍ତୀ ତଥା ସର୍ବୋପରି ଏହାର ଗୁରୁତ୍ୱ ଓ ବୈଶିଷ୍ଟ୍ୟ ନିଶ୍ଚିତ ଭାବେ କିଛିନା କିଛି ରହିଛି—ଯାହା ଫଳରେ କି ଆମ ସମାଜ ତଥା ରାଷ୍ଟ୍ରୀୟ ଜୀବନରେ ଆଜି ଏହାର ସ୍ଥିତି ଓ ପ୍ରଚଳନ !

ପଣ୍ଡିତ ଓ ଶାସ୍ତ୍ରକାରମାନଙ୍କ ମତରେ 'ଦୁର୍ଗା' ଶବ୍ଦଟି ବହୁ ଚିନ୍ତାଦ୍ୟୋତକ ଏବଂ ଅର୍ଥପ୍ରକାଶକାରୀ ଭାବଗର୍ଭକ ଶବ୍ଦ ! ଏହି ଶବ୍ଦଟି ୫ଟି ବର୍ଣ୍ଣ (ଦ, ଉ, ର, ଗ, ଆ) ଦ୍ୱାରା ଗଠିତ ! 'ଦ' କାର ଦୈତ୍ୟ ନାଶକ, 'ଉ' କାର ବିଘ୍ନନାଶକ, 'ର' କାର ରୋଗ ନାଶକ, 'ଗ' କାର ପାପନାଶକ, 'ଆ' କାର ଭୟ ଓ ଶତ୍ରୁ ନାଶକ ଅର୍ଥରେ ବ୍ୟବହୃତ ହୁଏ । ଦୁର୍ଗ+ଆ=ଦୁର୍ଗା । 'ଦୁର୍ଗା' ପଦ ଦୈତ୍ୟବାଚକ ଓ 'ଆ' ଶବ୍ଦ ବିନାଶ-ସୂଚକ । ଏହି ମୂଳ ଦୁର୍ଗ ଶବ୍ଦ ମହାବିଘ୍ନ, ଦୁଃଖ, ଶୋକ, ଯନ୍ତ୍ରଣା, ଯମଦଣ୍ଡ, ଭୟ, ତଥା ରୋଗ କ୍ଳେଶ ପ୍ରଭୃତି ସକଳ ପ୍ରକାର ଦୁଃଖ ଓ ଦୁର୍ଗତିର କାରଣ ! 'ଆ' ଶବ୍ଦର ଅର୍ଥ ଏଠାରେ ହନନକର୍ତ୍ତା । ଦୁର୍ଗ—ଅର୍ଥାତ୍ ପୂର୍ବୋକ୍ତ ଦୁଃଖ ତଥା ବିଘ୍ନମାନଙ୍କୁ ଯେ ବିନାଶକରେ ସେ ଦୁର୍ଗତିନାଶିନୀ । ବାସ୍ତବିକ୍ ଦୁର୍ଗା ହେଉଛନ୍ତି ଦୁଃଖ ଦୁର୍ଗତିର ସଂହାରକାରିଣୀ ବା ହନନକର୍ତ୍ତ୍ରୀ ! ଆଉ କେତେକଙ୍କ ମତରେ ଏହି 'ଦୁର୍ଗା' ଶବ୍ଦର ଅର୍ଥ ହେଉଛି ଯାହାଙ୍କୁ ଜାଣିବା ବା ଭେଦ କରିବା ଦୁଷ୍କର (ଦୁର୍+ଗମ) । ସେ ପୁଣି 'ଦୁର୍ଗ' ନାମକ ଅସୁରକୁ ନିହତ କରିଥିବାରୁ ଦୁର୍ଗା ରୂପେ ପରିଚିତା । ସେ 'ପରମା ପ୍ରକୃତି' ବା ଆଦ୍ୟାଶକ୍ତି । ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ତଥା ଅନ୍ୟାନ୍ୟ ଦେବତାମାନଙ୍କର ସମ୍ମିଳିତ ତେଜ ଶକ୍ତିରୁ ତାଙ୍କର ଉତ୍ପତ୍ତି । ସେ 'ଅଦିତୀ' (ଯେ ସୀମିତ ନୁହନ୍ତି)—ସମସ୍ତ ଦେବଦେବୀଙ୍କର ମାତୃ ସ୍ୱରୂପା ! ଋକ୍‌ବେଦ ଓ ଯଯୁର୍ବେଦର ବିଭିନ୍ନ ସ୍ତୋତ୍ରମାନଙ୍କରୁ ଏହି ଅଦିତୀଙ୍କ ସଂପର୍କରେ ଭିନ୍ନ ଭିନ୍ନ ସୂଚନାମାନ ମିଳିଥାଏ । ଏହି ଅସୀମ ଅନାବୃତ୍ତ ଶାଶ୍ୱତ ମାତୃଶକ୍ତି ଯଥାର୍ଥରେ ଆନନ୍ଦମୟ ଜଗତର ରଚୟିତା, ସତ୍ୟର ରକ୍ଷାକର୍ତ୍ତ୍ରୀ ଏବଂ ଜଗତବାସୀଙ୍କୁ ସର୍ବଦା ପୂର୍ଣ୍ଣତା ଦିଗରେ ପରିଚାଳିତ କରନ୍ତି ।

ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି, ସେ ହେଉଛନ୍ତି ଜଗତର ପିତା ଏବଂ ମାତା । ଈଶ୍ୱର କେବଳ ଏକ ଶକ୍ତିର ସମାବେଶ । ଶକ୍+ତି=ଶକ୍ତି । 'ଶକ୍' ଶବ୍ଦ ଐଶ୍ୱର୍ଯ୍ୟ ଏବଂ 'ତି' ହେଉଛି ବୀର ପରାକ୍ରମ ଅର୍ଥସୂଚକ । ଅତଏବ ଦୁର୍ଗା ହେଉଛନ୍ତି ଐଶ୍ୱର୍ଯ୍ୟ ଏବଂ ପରାକ୍ରମର ଏକ ମିଶ୍ର ଶକ୍ତି । ଯଥାର୍ଥରେ ସେ ସର୍ବଶକ୍ତିମାନ୍ । ସେ ଭିନ୍ନ ଭିନ୍ନ ରୂପ ଓ ଗୁଣ ନେଇ ବିରାଜିତ ହୁଅନ୍ତି । ସ୍ଥାନ ବିଶେଷରେ ସେ ଦ୍ୱିଭୁଜା, ଚତୁର୍ଭୁଜା, ଅଷ୍ଟଭୁଜା ଏବଂ ଦଶଭୁଜା ରୂପେ ପୂଜିତା । ସେ ରକ୍ତ ବସ୍ତ୍ର ପରିହିତା, ଅଳଙ୍କାରଭୂଷିତା, ଅତସୀ କୁସୁମବର୍ଣ୍ଣା ମା ଭଗବତୀ

ସେ ବରାଭୟଦାୟିନୀ, ଶଂଖଚକ୍ର ଗଦା ପଦ୍ମ ଧାରିଣୀ, ସିଂହବାହିନୀ ମା ଭବାନୀ । ସେ ଅଚିନ୍ତନୀୟା ଚିନ୍ମୟୀ । ତାଙ୍କର ସୃଷ୍ଟିନାହିଁ କିମ୍ବା ବିନାଶ ମଧ୍ୟ ନାହିଁ । ଭକ୍ତ-ଜନମାନଙ୍କର ଅଭିଷ୍ଟ ସାଧନ ନିମନ୍ତେ ସେ ସଦା ତତ୍ପର ।

ସୃଷ୍ଟିର ପ୍ରାରମ୍ଭ କାଳରୁ ପ୍ରକୃତି ରୂପିଣୀ ସେହି ଆଦ୍ୟାଶକ୍ତି ବା ମାତୃ-ଶକ୍ତିକୁ ଦେବୀ ରୂପେ ପରିକଳ୍ପନା କରାଯାଇ ତା'ର ଆରାଧନା କରାଯାଉଛି । ନିଜେ ଭଗବାନ୍ ଶ୍ରୀକୃଷ୍ଣ ମଧ୍ୟ ଏହି ଆଦ୍ୟାଶକ୍ତି ମହିମାମୟୀ ମାଆ ଦୁର୍ଗାଙ୍କର ପୂଜାରାଧନା କରିଥିବାର ଉଲ୍ଲେଖ ଅଛି । କିମ୍ବଦନ୍ତୀ କହେ—ମହିଷାସୁର ନାମକ ପ୍ରବଳ ପ୍ରତାପଶାଳୀ ଅସୁରର ଦୌରାତ୍ମ୍ୟରେ ସ୍ୱର୍ଗ ମର୍ତ୍ତ୍ୟ ପାତାଳ ତିନିପୁର ଥରହର ହେବାରୁ ତେତ୍ରିଶ କୋଟି ଦେବତା ସେହି ଅସୀମ ଶକ୍ତିସଂପନ୍ନା ଦେବୀ ଦୁର୍ଗାଙ୍କୁ ଆରାଧନା କରିଥିଲେ । ବୀର ବେଶରେ ସଜ୍ଜିତା ଦେବୀ ସଂହାର ମୂର୍ତ୍ତି ଧାରଣ ପୂର୍ବକ ସ୍ୱହସ୍ତରେ ମହିଷକୁ ନିହତ କରି ଜଗତବାସୀ ତଥା ଦେବକୁଳକୁ ଏଭଳି ଏକ ଘୋର ଦୁର୍ଗତିରୁ ରକ୍ଷା କରିଥିବାରୁ ସେ ଦୁର୍ଗତି-ନାଶିନୀ ବା ଦୁର୍ଗା ନାମରେ ଅଭିହିତା । କେତେକ ପୁରାଣକାରଙ୍କ ମତରେ ସେ 'ଦୁର୍ଗ' ନାମକ ଦାନବକୁ ନିହତ କରି ବିଶ୍ୱର ଦୁଃଖ ମୋଚନ କରିଥିବାରୁ ତାଙ୍କନାମ ଦୁର୍ଗା ହୋଇଛି । ଏହି ଦୁର୍ଗାବତାରରେ ସେ ଶୁମ୍ଭ, ନିଶୁମ୍ଭ, ରକ୍ତବୀଜ ଆଦି ରାକ୍ଷସମାନଙ୍କୁ ସ୍ୱହସ୍ତରେ ନିଧନ କରି ଜଗତକୁ ବିପଦମୁକ୍ତ କରିଥିଲେ । ଜଗତର ସୃଷ୍ଟି-କର୍ତ୍ତା ସ୍ୱୟଂ ବ୍ରହ୍ମା ମଧୁକୈଟଭାସୁରର ଅତ୍ୟାଚାରରେ ଭୀତତ୍ରସ୍ତ ହୋଇ ସେହି ଜଗତ ଜନନୀ ମାଆ ଦୁର୍ଗାଙ୍କୁ ପୂଜା କରିଥିଲେ । କେବଳ ସେତିକି ନୁହେଁ—ସ୍ୱର୍ଗର ଦେବ-ରାଜ ଇନ୍ଦ୍ର ଦୁର୍ବାସା ଋଷିଙ୍କର ଅଭିଶାପରୁ ମୁକ୍ତି ପାଇବା ଲାଗି, ପାର୍ବତୀପତି ଶିବ ତ୍ରିପୁରାସୁରର ପ୍ରବଳ ପରା-କ୍ରମରେ ଭୟଭୀତ ହୋଇ ତା'ଙ୍କକବଳରୁ ରକ୍ଷା ପାଇବା ପାଇଁ ମାଆ ଦୁର୍ଗାଙ୍କର ପୂଜାରାଧନା କରିଥିଲେ । ଆଦର୍ଶ—ପ୍ରଜାବତ୍ସଳ ରାଜା ରାମଚନ୍ଦ୍ର ଅପହୃତା ସତୀ ସୀତାଙ୍କର ପୁନରୁଦ୍ଧାର ନିମନ୍ତେ ଶରତ୍ କାଳରେ (ଆଶ୍ୱିନ ଶୁକ୍ଳ ଦଶମୀ) ଏହି ଶକ୍ତି ରୂପିଣୀ ମାଆ ଦୁର୍ଗାଙ୍କୁ ପୂଜା କରିଥିଲେ ଏବଂ ଲଙ୍କା ଅଭିଯାନ ପୂର୍ବକ ରାବଣକୁ ନିହତ କରି ସୀତାଙ୍କୁ ଫେରି ପାଇଥିଲେ । ରାମଚନ୍ଦ୍ର ବିଜୟ ହାସଲ କରିଥିବାରୁ ଏହା ଆଜି 'ବିଜୟା ଦଶମୀ' ନାମରେ ଅଭିହିତ । ପୁନଶ୍ଚ. ସପ୍ତସତୀ ଚଣ୍ଡୀରେ ବର୍ଣ୍ଣିତ ଅଛି ଯେ ପ୍ରଜାମାନଙ୍କ ଦ୍ୱାରା ଉତ୍ପୀଡିତ ହୋଇ ସର୍ବହରା ରାଜା ସୁରଥ ଗୁରୁ ମେଧସ ମୁନିଙ୍କ ପରାମର୍ଶ କ୍ରମେ ଦେବୀ ଦୁର୍ଗାଙ୍କୁ ଧ୍ୟାନ କରିଥିଲେ ଓ ପୂଜାରାଧନା ପରେ ଆପଣାର ଶତ୍ରୁ କବଳରୁ ରକ୍ଷା ପୂର୍ବକ ଐଶ୍ୱର୍ଯ୍ୟ ପ୍ରାପ୍ତ ହୋଇଥିଲେ । ଏସବୁ ପୌରାଣିକ ତଥ୍ୟ ଏବଂ କିମ୍ବଦନ୍ତୀ ମାନଙ୍କରୁ ପ୍ରମାଣ ମିଳୁଅଛି ଯେ ଦେବୀ ଦୁର୍ଗା ହେଉଛନ୍ତି ମହାଶକ୍ତି । ଆପଣାର ଅଭିଷ୍ଟ ଫଳଲାଭ ଏବଂ ସକଳ ପ୍ରକାର ଦୁଃଖ ଦୁର୍ଗତିରୁ ଉଦ୍ଧାର ଲାଗି ଏହି ଦେବୀ-ଶକ୍ତି ବା ମାତୃ-ଶକ୍ତିକୁ ଆରାଧନା କରାଯାଏ ।

ପୌରାଣିକ ତଥ୍ୟକୁ ଭିତ୍ତିକରି ଏହି ଶକ୍ତି ପୂଜା ବହୁ କାଳରୁ ପ୍ରଚଳିତ ହୋଇଆସୁଛି । ରାମାୟଣ ମହାଭାରତ ଯୁଗରେ ଏହି ଶକ୍ତି-ପୂଜା ବା ମାତୃଅର୍ଚ୍ଚନାର ପ୍ରଚଳନ ଥିଲା । ହିନ୍ଦୁ ଧର୍ମର ବିଶେଷତ୍ୱ ଅନୁଯାୟୀ ଏକ ସମୟରେ ଆଦି ଅନାଦି ପରଂବ୍ରହ୍ମଙ୍କର ଆରାଧନା କରିବା ସଙ୍ଗେ ସଙ୍ଗେ ଏହି ପ୍ରତିମା ପୂଜାର ସୃଷ୍ଟି ହୋଇଥିଲା । ସେହି ଅନାଦି ଅନନ୍ତ ପରଂବ୍ରହ୍ମଙ୍କର ସତ୍ତା ଉପଲବ୍ଧି କରିବାଥିଲା ପ୍ରତିମା ପୂଜାର ବିଶେଷତ୍ୱ । ଏହି ପ୍ରତିମା ପୂଜା ଅନୁଯାୟୀ ଦେବୀ ଦୁର୍ଗାଙ୍କୁ ପୂଜାରାଧନା କରିବା ସୁଦୂର ବୈଦିକ ଯୁଗରେ ପରିଲକ୍ଷିତ ହେଉଥିବାର ପ୍ରମାଣ ଋକ୍‌ବେଦ ଓ ଶାମ୍ ବେଦର ଯଥାକ୍ରମେ ଦେବୀ ସୂକ୍ତ ଓ ରାତ୍ରି ସୂକ୍ତ ପ୍ରଭୃତିରୁ ମିଳିଥାଏ । କାଳକ୍ରମେ ଆର୍ଯ୍ୟ ସଭ୍ୟତାର ଦ୍ରୁତ ପ୍ରସାର ସଙ୍ଗେ ଏହି ଶକ୍ତିପୂଜା ସୁଦୂର ଚୀନ୍, ଜାପାନ ଓ ମିଶର ପ୍ରଭୃତି ଦେଶକୁ ବ୍ୟାପି ଯାଇଥିଲା । ବିଶିଷ୍ଟ ଐତିହାସିକ ତଥା ସମାଲୋଚକ ଡକ୍ଟର ହରେ-କୃଷ୍ଣ ମହତାବ ଶ୍ରୀ ଦୁର୍ଗାଙ୍କର ମୃଣ୍ମୟୀ ମୂର୍ତ୍ତିପୂଜାକୁ ଏକ ହଜାର ବର୍ଷ ତଳର ପୂଜା ବୋଲି ଅନୁମାନ କରିଛନ୍ତି । ପୁନଶ୍ଚ ତାଙ୍କ ମତରେ ଏହାର ସାଡ଼ମ୍ବର ପୂଜା ପ୍ରାୟ ଦେଢ଼ଶହ କିମ୍ବା ଦୁଇଶହ ବର୍ଷ ପୂର୍ବେ ମହାରାଜା କୃଷ୍ଣ ଚନ୍ଦ୍ରଙ୍କ ଆନୁକୂଲ୍ୟରେ ନଦୀୟାରେ ଆରମ୍ଭ ହୋଇଥିଲା । ସେ ସମୟରେ ବଙ୍ଗ ଦେଶରେ ସ୍ଥାୟୀ ବନ୍ଦୋବସ୍ତ ପ୍ରବର୍ତ୍ତିତ ହେବା ଫଳରେ ଏକ ବିତ୍ତବଶାଳୀ ମଧ୍ୟବିତ୍ତ ଶ୍ରେଣୀ ଗଢ଼ି ଉଠିଥିଲା । ବଙ୍ଗର ବଡ଼ ଜମିଦାର ରଜା ମହାରଜା-ମାନେ ସେହି ସମୟର ସୃଷ୍ଟି ! ବିଭବ—ପ୍ରଦର୍ଶନରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଥିଲା ସେ ସମୟରେ ଏହି ଶ୍ରେଣୀ ମଧ୍ୟରେ ନଦୀୟାର ମହାରାଜା ଅଭୂତପୂର୍ବ ଆଡ଼ମ୍ବର ସହକାରେ ଦୁର୍ଗାପୂଜା ଆରମ୍ଭ କରିବା ପରେ ଅନ୍ୟ ରାଜା ମହା-ରାଜାମାନେ ସାଡ଼ମ୍ବର ପୂଜାର ଆୟୋଜନ କରିଥିଲେ । ସେ ସମୟରେ ତତ୍କାଳୀନ ତଥାକଥିତ 'ସୂର୍ଯ୍ୟାସ୍ତଆଇନ୍ ବଳରେ ଓଡ଼ିଶାର ବହୁ ଜମିଦାରୀ କଲିକତାରେ ନିଲାମ୍ ହୋଇ ବଙ୍ଗବାସୀଙ୍କ ହାତକୁ ଚାଲି ଯାଇଥିଲା । ଏହି ଜମିଦାରମାନେ ଓଡ଼ିଶାରେ ମଧ୍ୟ ସାଡ଼ମ୍ବର ଦୁର୍ଗାପୂଜା ପ୍ରଚଳନ କଲେ । କ୍ରମେ ଦୁର୍ଗାପୂଜା ଜମିଦାର ଓ ରାଜାମହାରାଜାମାନଙ୍କ ମହଲରୁ ଆସି ସାର୍ବଜନୀନ ପୂଜା ନାମରେ ଅନ୍ୟ ମଧ୍ୟବିତ୍ତ ଶ୍ରେଣୀମାନଙ୍କ ମଧ୍ୟରେ ପ୍ରବେଶ କଲା । × × × × ଦୁର୍ଗାପୂଜା କହିଲେ ଆଜି ବୁଝାଉଛି ମହାଶକ୍ତିଙ୍କ ସାଡ଼ମ୍ବର ରାଜସିକ ପୂଜା, (ଦେବୀ ପୂଜା—ଡ : ହରେକୃଷ୍ଣ ମହତାବ—'ନବଦାର୍ଗା') । ସେ ଯାହାହେଉ, ବିଶ୍ଳେଷଣାତ୍ମକ ଆଲୋଚନାରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଏହି ଶକ୍ତି ପୂଜା କେବଳ ଆଜି ବା ଏଇଠି ନୁହେଁ, ଏହା ଯୁଗ ବ୍ୟାପୀ ଆଉ ସୁଦୂର-ପ୍ରସାରୀ । ମାନବ ସୃଷ୍ଟି ଆଉ ସଭ୍ୟତାର ଆଦ୍ୟ ଉଷାକାଳରୁ ସମୟ ଓ ଯୁଗ ସହିତ ତାଳ ଦେଇ ଆଜି ପର୍ଯ୍ୟନ୍ତ ଏହା ଗତିକରି ଚାଲିଛି !

ନିଜେ ଦେବୀ ଦୁର୍ଗା ଶିବଙ୍କ ସମ୍ମୁଖରେ ନିଜର ସ୍ୱରୂପ ସଂପର୍କରେ କହିଛନ୍ତି ଯେ ସେ ହେଉଛନ୍ତି 'ବୈକୁଣ୍ଠରେ ମହାଲକ୍ଷ୍ମୀ, ଗୋଲକ-ଧାମରେ ସ୍ୱୟଂ ରାଧିକା,

ଶିବ-ଲୋକରେ ଶିବାନୀ, ବ୍ରହ୍ମ-ଲୋକରେ ସରସ୍ୱତୀ । ସେ ସେହି ଦକ୍ଷ ରାଜାର କନ୍ୟା ପାର୍ବତୀ—ଯିଏକି ଦିନେ ତାଙ୍କର (ଶିବଙ୍କର) ନିନ୍ଦା ଶ୍ରବଣ କରିନପାରି ଦେହ ତ୍ୟାଗ କରିଥିଲେ । ସେ ହେଉଛନ୍ତି କାଳୀ, ବେଦମାତା ସାବିତ୍ରୀ, ଜନକ–ନନ୍ଦିନୀ ସୀତା, ଦ୍ୱାରକାବତୀରେ ରୁକ୍ମିଣୀ, ଆଉ ଶ୍ରୀକୃଷ୍ଣଙ୍କର ଧର୍ମପତ୍ନୀ ରାଧିକା–ଯିଏକି ବୃନ୍ଦାବନରେ ତାଙ୍କର ଲୀଳା ଖେଳ ସଂପାଦନ କରିଥିଲେ ।' ଶିବଙ୍କ ନିକଟରେ ଦେବୀଙ୍କର ଏ ଯେଉଁ ବାଣୀ, ଏଥିରୁ ସ୍ପଷ୍ଟ ଜଣାପଡ଼େ ଯେ ଏହି ମାତୃଶକ୍ତିସଂପନ୍ନା ଦେବୀ ଦୁର୍ଗା ସର୍ବତ୍ର ବିରାଜିତା ଆଉ ପୂଜିତା । ସେ ଯେ ମାତୃଶକ୍ତି, ବିଶ୍ୱେଶ୍ୱରୀ ମହାଶକ୍ତି ତଥା ଏକ ଅନାବୃତ ଶାଶ୍ୱତ ପରଶକ୍ତି.. ଏଥିରେ ସନ୍ଦେହ ନାହିଁ । ତେଣୁ ଆଜିର ଏ ଦୁର୍ଗା ପୂଜା ନିଶ୍ଚିତ ଭାବେ ସେହି ପରାଶକ୍ତି ବା ବିଶ୍ୱେଶ୍ୱରୀ ମାତୃ-ଶକ୍ତିର ପୂଜା । ଏ ଶକ୍ତି କେବଳ ଦୈହିକ ବଳ ବା ଶକ୍ତି ନୁହେଁ, ପକ୍ଷାନ୍ତରେ ଏହା ଧନ, ଜନ, ମନ, ଜ୍ଞାନ, ଦମ୍ଭ ବା ତେଜ ରୂପକ ଶକ୍ତି !

ଦୁର୍ଗା ପୂଜାରେ ଦୁର୍ଗାଙ୍କ ସହିତ ଗଣେଶ, ସରସ୍ୱତୀ, ଲକ୍ଷ୍ମୀ, କାର୍ତ୍ତିକେୟ ପ୍ରଭୃତି ଅନ୍ୟାନ୍ୟ ଦେବ ଦେବୀମାନେ ମଧ୍ୟ ପୂଜା ପାଇଥାନ୍ତି । ଗଣେଶ ସିଦ୍ଧି ଶକ୍ତି, ସରସ୍ୱତୀ ଜ୍ଞାନ ଶକ୍ତି, ଲକ୍ଷ୍ମୀ ଧନ ଶକ୍ତି ଆଉ କାର୍ତ୍ତିକେୟ ଦମ୍ଭ ବୀରତ୍ୱ ତଥା ତେଜ ଶକ୍ତିର ପ୍ରତୀକ । ବୋଧହୁଏ ଏହି ଚାରିଶକ୍ତି ସଙ୍ଗଠିତ ଭାବେ ମିଳିତ ହୋଇ ସବୁ ଶକ୍ତିର ଆଧାର ଆଦି-ଶକ୍ତି ଦୁର୍ଗାଙ୍କ ନିକଟରେ ଏକତ୍ରିତ ହୋଇଛି । ଚଣ୍ଡୀ ପୁରାଣର ବର୍ଣ୍ଣନାନୁଯାୟୀ ମାଆ ଦୁର୍ଗା ଯେ ତେତ୍ରିଶ କୋଟି ଦେବତାଙ୍କର ସମ୍ମିଳିତ ତେଜ ବା ଶକ୍ତିର ପ୍ରତୀକ, ଏଥିରେ ସନ୍ଦେହ ନାହିଁ । ସେ ଦୃଷ୍ଟିକୋଣରୁ ବିଚାର କରିବାକୁ ଗଲେ ମା' ଦୁର୍ଗାଙ୍କୁ ଦେଶର ସଙ୍ଗଠନ ଶକ୍ତି ବା ରାଷ୍ଟ୍ର-ଶକ୍ତିର ପ୍ରତୀକ ବୋଲି ମଧ୍ୟ ଗ୍ରହଣ କରାଯାଇପାରେ । ଏଭଳି ମହା-ଶକ୍ତିର ସେବା, ପୂଜା ଏବଂ ଆରାଧନା ବାସ୍ତବିକ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆଉ ତାତ୍ପର୍ଯ୍ୟପୂର୍ଣ୍ଣ !

ଆଜିର ଏ ବିଂଶ ଶତାବ୍ଦୀର ମହା ଜାଗରଣ ଦୁନିଆରେ ଏହି ଶକ୍ତିରୂପିଣୀ ମା' ଦୁର୍ଗାଙ୍କର ମୃଣ୍ମୟୀ ମୂର୍ତ୍ତିକୁ ଆମ୍ଭେମାନେ ପୁଷ୍ପ ଚନ୍ଦନ ଶୋଭିତ କରି ଧୂପ ଦୀପ ନୈବିଦ୍ୟ ଦାନ ପୂର୍ବକ ପୂଜାର୍ଚ୍ଚନା କରୁଥିଲାବେଳେ ଆମେ ଆମ ମନର, ବ୍ୟକ୍ତିଗତ ଜୀବନର ଅଭିଷ୍ଟ ଫଳପ୍ରାପ୍ତି ପାଇଁ ସେହି ମାତୃ-ଶକ୍ତି ନିକଟରେ ନିଜକୁ ଯେଉଁଳି ଅର୍ପଣ କରୁଛୁଁ, ଠିକ୍ ସେଉଁଳି ପରିପ୍ରେକ୍ଷୀରେ ଆମର ନିତ୍ୟନୈମିତ୍ତିକ ଜୀବନରେ ଆଉ ଏକ ଶକ୍ତିର ଉପାସନାକୁ କ୍ରମଶଃ ଭୁଲିଯିବାକୁ ଚେଷ୍ଟା କରୁଛୁଁ । ତାହା ହେଉଛି ଦେଶ, ରାଷ୍ଟ୍ର ବା ଜାତିର ସଙ୍ଗଠନ ଶକ୍ତିର ଉପାସନା । ଦୁର୍ଗା ଦିନେ ତାଙ୍କର ସଙ୍ଗଠିତ ଶକ୍ତିବଳରେ ଦାନବ କୁଳକୁ ଧ୍ୱଂସ କରି ସତ୍ୟ, ଧର୍ମ, ନ୍ୟାୟ ଏବଂ ପୁଣ୍ୟର ପ୍ରତିଷ୍ଠା କରି ପାରିଥିଲେ । ଆଜିର ବିଶୃଙ୍ଖଳିତ ସମାଜ ତା'ର ବ୍ୟାବହାରିକ ଜୀବନରେ ସେହି ଆଦ୍ୟା-ଶକ୍ତିକୁ ସ୍ମରଣ କରି ନିଜର ସଙ୍ଗଠନ ଶକ୍ତି ଆହରଣ ତଥା ତା'ର ଉପଯୁକ୍ତ ବିନିଯୋଗ କରି ପାରିଲେ ତାହାହିଁ ହୁଅନ୍ତା ପ୍ରକୃତ ଶକ୍ତି–ପୂଜା ! ଯୋଗୀ ଅରବିନ୍ଦଙ୍କ କାମନା– "ମାତଃ ଦୁର୍ଗେ ! ସ୍ୱାର୍ଥ, ଭୟ, କ୍ଷୁଦ୍ରତାରେ ମ୍ରିୟମାଣ ଆଜି ଭାରତ । ଆମ୍ଭମାନଙ୍କୁ ମହତ କର, ମହତ ପ୍ରୟାସୀ କର, ଉଦାରଚେତା କର, ସତ୍ୟ ସଙ୍କଳ୍ପବଦ୍ଧ କର । × × × ବଳଶାଳୀ ପରାକ୍ରମୀ ଉନ୍ନତଚେତା ଜାତି ଭାରତର ପବିତ୍ର କାନନେ, ଉର୍ବର କ୍ଷେତ୍ରେ, ପର୍ବତେ, ପୂତ ସଲିଳା ନଦୀ ବକ୍ଷେ ଏକତା, ପ୍ରେମ, ସତ୍ୟ, ଶକ୍ତି, ଶିଳ୍ପ ସାହିତ୍ୟ, ଜ୍ଞାନ, ବିଜ୍ଞାନରେ ଶ୍ରେଷ୍ଠ ହୋଇ ନିବାସ କର । × × × ଅସ୍ମମାନଙ୍କ ମଧ୍ୟରେ ଯୋଗ ବଳରେ ପ୍ରବେଶ କର । ଆମ୍ଭେମାନେ ହୋଇ ଉଠିବୁଁ ତୋର ଯନ୍ତ୍ର, ଅଶୁଭ ବିନାଶୀ ତରବାରୀ, ଅଜ୍ଞାନ-ବିନାଶୀ ପ୍ରଦୀପ । ଭାରତର ଯୁବକଗଣଙ୍କର ଏହି ବାସନା ପୂର୍ଣ୍ଣକର । ଯନ୍ତ୍ରୀ ହୋଇ ଯନ୍ତ୍ର ଚଳାଅ । ଅଶୁଭ ହନ୍ତ୍ରୀ ହୋଇ ତରବାରୀ ଘୂରାଅ । ଜ୍ଞାନ-ଦୀପ୍ତି ପ୍ରକାଶିନୀ ହୋଇ ପ୍ରଦୀପ ଧର । × × × ଅସ୍ମମାନଙ୍କର ମନ ପ୍ରାଣ ଶରୀରରେ ପ୍ରକାଶ ହୁଅ । × × × × × ଆମ୍ଭମାନଙ୍କର ସମଗ୍ର ଜୀବନ ହେଉ ଏକ ନିରବଚ୍ଛିନ୍ନ ମାତୃ ପୂଜା । ଆମ୍ଭମାନଙ୍କର ସକଳ କାର୍ଯ୍ୟ ଅବିରତ ପବିତ୍ର, ପ୍ରେମମୟ, ଶକ୍ତିମୟ, ମାତୃ ସେବାରତ ହେଉ । ଏହାହିଁ ପ୍ରାର୍ଥନା । ଆସ ମାତଃ ! ଭାରତରେ ଆବିର୍ଭୂତ ହୁଅ । ପ୍ରକାଶ ହୁଅ ।" (ଦୁର୍ଗା ସ୍ତୋତ୍ର–ଶ୍ରୀ ଅରବିନ୍ଦ) ଶକ୍ତି ରୂପିଣୀ ମାଆ ଦୁର୍ଗାଙ୍କୁ ସ୍ମରଣ କରି ଆଜି ସର୍ବତ୍ର ନିନାଦିତ ହୋଇଉଠୁ ଚଣ୍ଡୀର ସେହି ଅମର ବାଣୀ—


ଯା' ଦେବୀ ସର୍ବ ଭୂତେଷୁ
ଶକ୍ତି ରୂପେଣ ସଂସ୍ଥିତା,
ନମସ୍ତସ୍ୟୈ, ନମସ୍ତସ୍ୟୈ
ନମସ୍ତସ୍ୟୈ ନମୋନମଃ ।

ଯା' ଦେବୀ ସର୍ବ ଭୂତେଷୁ
ଶକ୍ତି ରୂପେଣ ସଂସ୍ଥିତା,
ନମସ୍ତସ୍ୟୈ, ନମସ୍ତସ୍ୟୈ
ନମସ୍ତସ୍ୟୈ ନମୋନମଃ ।

ଗ୍ରାମ ଓ ଡ଼ାକଘର–ଜୟଦେବ କସବା
ଭାୟା—ରସାଲପୁର
ଜିଲ୍ଲା—ବାଲେଶ୍ୱର–୭୫୬୦୨୧

## ଛାତ୍ରମାନଙ୍କ ମଧ୍ୟରେ ନେତୃତ୍ୱ ଓ ଭ୍ରାତୃତ୍ୱର ବିକାଶ ଘଟାଇବା ଏନ୍. ସି. ସି. ର ମୂଳ ଉଦ୍ଦେଶ୍ୟ

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଡ଼ାଇରେକ୍ଟର ଜେନେରାଲ ମେଜର ଜେନେରାଲ ମାଥ୍ୟୁ ଥୋମାସ୍ ଅଗଷ୍ଟ ୧୮ ତାରିଖରେ ଭୁବନେଶ୍ୱର ସୈନିକ ସ୍କୁଲ ପରିଦର୍ଶନ କରିଥିଲେ । ଏହି ସ୍କୁଲର ସମସ୍ତ ଛାତ୍ର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅନ୍ତର୍ଭୁକ୍ତ । ଶ୍ରୀ ଥୋମାସ୍ ଛାତ୍ରମାନଙ୍କର ପ୍ରତିବନ୍ଧକ ଦୌଡ଼, ବନ୍ଧୁକ ଚାଳନା, ପ୍ରାଥମିକ ଚିକିତ୍ସା ତାଲିମ ଆଦି କାର୍ଯ୍ୟକ୍ରମ ବୁଲି ଦେଖିଥିଲେ ଓ ସ୍କୁଲର ବିଭିନ୍ନ ବିଭାଗ ମଧ୍ୟ ପରିଦର୍ଶନ କରିଥିଲେ । ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ ଡ଼ାଇରେକ୍ଟର ଜେନେରାଲ ଛାତ୍ରମାନଙ୍କର ଶୃଙ୍ଖଳା, କର୍ତ୍ତବ୍ୟନିଷ୍ଠା ଓ ଉତ୍କର୍ଷତା ହାସଲ ଉପରେ ଗୁରୁତ୍ୱ ଦେଇଥିଲେ । ସାହସିକ ପଦକ୍ଷେପ ନେବା ପାଇଁ ଛାତ୍ରମାନଙ୍କୁ ପ୍ରସ୍ତୁତ କରିବା ଏହାର ଉଦ୍ଦେଶ୍ୟ ବୋଲି ଦର୍ଶାଇ ଭବିଷ୍ୟତ ଜୀବନ ପାଇଁ ଆଜଠୁଁ ନିଜକୁ ପ୍ରସ୍ତୁତ କରିବାକୁ ସେ ଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ ।



୧୯୬୨ ମସିହାରେ ପ୍ରତିଷ୍ଠିତ ଏହି ସୈନିକ ସ୍କୁଲରୁ ପାଶ୍ କରିଥିବା ୪୨୬ ଜଣ ଛାତ୍ରଙ୍କ ମଧ୍ୟରୁ ୧୬୬ ଜଣ ଭାରତୀୟ ସାମରିକ ବାହିନୀରେ କମିଶନ୍‌ଡ଼୍ ଅଫିସର ଭାବରେ ନିଯୁକ୍ତ ହୋଇଛନ୍ତି ଏବଂ ୮ଜଣ ଆଇ. ଏ. ଏସ୍., ଆଇ, ପି. ଏସ୍. ଓ ଅନ୍ୟାନ୍ୟ ସର୍ବଭାରତୀୟ ଚାକିରିରେ ଯୋଗ ଦେଇଛନ୍ତି । ଏହାବ୍ୟତୀତ, ୬୦ଜଣ ମେରାଇନ୍ ଇଞ୍ଜିନିୟରଭାବେ ନିଯୁକ୍ତି ପାଇଛନ୍ତି । ବର୍ତ୍ତମାନ ସ୍କୁଲର ୭ବର୍ଷିଆ ପାଠ୍ୟକ୍ରମରେ ୬୦୩ ଜଣ କ୍ୟାଡ଼େଟ୍ ଅଧ୍ୟୟନ କରୁଛନ୍ତି ।

# ସକାଳ

ଶ୍ରୀ ଶତ୍ରୁଘ୍ନ ପାଣ୍ଡବ

[ ୧ ]

ଆ', ଆ' ମୋର ସକାଳ, ଆ' ।
କେହି ଦେଖନ୍ତି କି କେହି ଶୁଣନ୍ତି କି ?
ମାଟି ସନ୍ଧିରେ ରହି ରହି ଗୁମୁରୁଥିବା ଦୁବ ଘାସର ସ୍ତବ,
ଆଦିମ ହାତଟେ ଦଳି ମକ୍‌ଚି ଦେଇଥିବା ଫୁଲର ଅବୟବ;
ଏମାନଙ୍କ ନିରୀହ ନିଶ୍ୱାସ କେହି ବାରନ୍ତି କି ?

ଆ', ଆ' ମୋର ସକାଳ, ଆ' ।
ପଗ୍ଭରିଲୁ ! ଏଠାରେ ଚଲବୁଲ କରୁଥିବା ଲୋକଙ୍କ
ହୃତ୍‌ପିଣ୍ଡକୁ ତନଖି ପଗ୍ଭରିଲୁ ଯେ:
କିଏ ନୁହଁ ପଶୁ ପକ୍ଷ ! ନାନାବିଧ ଭେଷର ଛାଇରେ
କିଏ ନୁହଁ ହନ୍ତସନ୍ତ !!
ପରଖି ନେ, ପରଖି ନେ ଏମାନଙ୍କ ନିଶ୍ୱାସର ବୃଥ ।

ସକାଳ ! ଦେଖିତ ଗଦା ହେଉଚି
ଶୁଖିଲା ପତ୍ରଙ୍କ ହାଡ଼ ତୋ'ର ବାରଣ୍ଡାରେ,
ଦେଖିତ ଚକ୍‌ଚକ୍ କରୁଛି ଦୁବ ଘାସର ଲୁହ
ମେଷ ଶାବକର ଲୁଇଁ ଉପରେ,
ଦେଖିତ କାଛକୁ ଖସିପଡୁଚି ଅଗ ଅଗ ବୃନ୍ତ,
ସ୍ଥିର ହୋଇ ଯାଇଛି ବିମୂଢ଼ ପବନ ।

ଜାଣୁ ! ଏଠି କବିଟି ପାଇଁ ପୁଞ୍ଜାଏ ଶବ୍ଦ ନାହିଁ
କି ଦୁଆତରେ ସ୍ୟାହୀ ନାହିଁ
କାଣ୍ଡ ବିନ୍ଧୁଛି ଦେବଦର, ଆଃ
ଏଠି ଶରଘାତ ହଂସ ପାଇଁ କେହି ଯେ ଗୌତମ
ନାହିଁ, ସକାଳ !

ଆ', ଆ' ମୋର ସକାଳ, ଆ' ।
ଖପରେ ବାର୍ନିସ୍ କରି ଦେ, ଧୂଳର ଦେ କାଛବାଡ଼
ଦେ ପତ୍ରକୁ ରଙ୍ଗ ଦେ, ବୃକ୍ଷକୁ ମାଳ ମାଳ ପକ୍ଷୀ
ଦେ କଢ଼, ଦେ ସୁବାସ, ଦେ ଶବ୍ଦ, ଚଞ୍ଚୁରେ କାକଳୀ
କେଉଁଠି ଅଟକି ଯାଇଛି କି ଋତୁ ?
ଡାକିଆଣ୍ ତାକୁ. ଡାକୁତ ବିମୂଢ଼ ପବନକୁ
ପବନ ଡାକବାଲ, ଚିଠି ବାଣ୍ଟେ ଚିଠି ।


ଏଥର ତୁ ଖୋଲିଦେ ଝର୍କା, ଦେଖିନେ ସକାଳ ଆସିଚି
ତୋ' ନିର୍ଜନ କ୍ଷତର ରକ୍ତସ୍ରାବ : ସେ ଜାଣେ
ତୋ' ଧୂଳି ମଖା ନିଶ୍ୱାସର ଇତିବୃତ୍ତ : ସେ ଜାଣେ
ତୋ' କ୍ଷତରେ ପଟି ବାନ୍ଧି ସକାଳ ଆସିଚି
ଦେଖୁନୁ ଶୀର୍ଣ୍ଣ କାକୁସ କଟିଚି ଆଖି ଖୋଲି
କିପରି ଥକୁଚି : ସକାଳ ଦେଖୁଚି ।

ଏଥର ତୁ ଖୋଲିଦେ ଦୁଆର
ଡାକି ନେ ସକାଳକୁ, ସକାଳ ତୋ'ର ଇପ୍ସିତ ଅତିଥି
ସକାଳର ପଛେ ପଛେ ଫେରିବାଇ
ତୋ'ପାଇଁ ଯତନରେ ବ ସଜାଡ଼ିଛି ତା'ର ଡାଲ ।

ଏଥର କାନ୍ଦି ପକାନା ଖୁସିରେ, ପଶୁର
ପଶୁର୍ ଯେ : ଓଃ ଏତେ ଦିନ, ଏତେ ଦିନ ପରେ !
ଦେଖିବୁ ତ ଖଗ କ୍ଷୀର ବିନ୍ଦୁ ହୋଇଯିବ
ଦୁବ ଘାସର ଲୁହ ମୁକ୍ତା ମାଳା ପାଇଟିବ !!

ଏତେ ଖୁସି, ଏତେ ଫୂର୍ତ୍ତିରେ ତୁ ଯେ
ଅଣନିଶ୍ୱାସୀ ହୋଇଯିବୁ !
ତାକୁ ତୁ ସାଉଁଟି ନେ, ସଞ୍ଚି ନେ :
ଆସନ୍ତା ଋତୁମାନଙ୍କ ପାଇଁ, ବଢି ମଲ୍ଲୁଡ଼ି ପାଇଁଚ
ନୂଆ ଶବ୍ଦ ନୂଆ ଭଷା ପାଇଁ ।
ଦେଖ୍, ସକାଳ ଆସିଚି, ଇପ୍ସିତ ସକାଳ
ଆ', ଆ' ମୋର ସକାଳ, ଆ ।।

ମାର୍ଫତ/ଡକ୍ଟର କୃଷ୍ଣ ଚରଣ ସାହୁ
ରିଡର, ଓଡ଼ିଆ ବିଭାଗ
ବାଣୀବିହାର, ଭୁବନେଶ୍ୱର–୪



# କୃଷିଭିତ୍ତିକ ଲୋକସଂସ୍କୃତି

ଶ୍ରୀ ନରହରି ଉପାଧ୍ୟାୟ

ଭୌଗୋଳିକ ଅବସ୍ଥିତି ତଥା ପ୍ରାକୃତିକ ଗଠନ ଦୃଷ୍ଟିରୁ ଭାରତବର୍ଷ ଆବହମାନ କାଳରୁ ପ୍ରଧାନତଃ ଏକ କୃଷି ପ୍ରଧାନ ଦେଶ । ସମୟାନୁକ୍ରମେ ଅନ୍ୟାନ୍ୟ ଅଞ୍ଚଳରେ ପରିସ୍ଥିତିର କିଛି କିଛି ଆଖିଦୃଶିଆ ପରିବର୍ତ୍ତନ ଘଟିଥିଲେ ମଧ୍ୟ ଶିଳ୍ପ, ବ୍ୟବସାୟ, ବାଣିଜ୍ୟାଦିର ଅନଗ୍ରସରତା କାରଣରୁ ପୂର୍ବଭାରତର ଓଡ଼ିଶା ଅଞ୍ଚଳ ଯଥାତଥା ସେହି କୃଷି ସର୍ବସ୍ୱ ହୋଇ ରହିଯାଇଛି । ସ୍ୱାଧୀନୋତ୍ତର ଯୁଗରେ ଶିକ୍ଷାଦିର କିଞ୍ଚିତ୍ ବିକାଶ ଘଟିଥିଲେ ମଧ୍ୟ କୃଷି ସମ୍ବନ୍ଧୀୟ ସ୍ଥିତାବସ୍ଥାର ବିଶେଷ ପରିବର୍ତ୍ତନ ଘଟିଛି ବୋଲି କୁହାଯାଇ ନପାରେ । ଓଡ଼ିଶା ଭଳି ଏକ ଗ୍ରାମବହୁଳ ରାଜ୍ୟରେ ସମଗ୍ର ଲୋକସଂଖ୍ୟାର ପ୍ରାୟ ଦୁଇତୃତୀୟାଂଶରୁ ଅଧିକ ଭାଗ ଲୋକ କୃଷି କର୍ମରେ ନିଯୁକ୍ତ ; ସୁତରାଂ ଗ୍ରାମ୍ୟ-ଅର୍ଥନୀତି କୃଷି ଉପରେହିଁ ନିର୍ଭରଶୀଳ । ଫଳତଃ ତାର ସମାଜ, ସଂସ୍କୃତି, ପରଂପରା ସବୁ କୃଷିଭିତ୍ତିକ । ଜନ ଜୀବନଧାରା ଏକପ୍ରକାର ବର୍ଷଯାକ ବହୁବିଧାନ ପୁଷ୍ଟ କୃଷି କାର୍ଯ୍ୟକ୍ରମ ଦ୍ୱାରା ନିୟନ୍ତ୍ରିତ । ହଳ ଅନୁକୂଳଠାରୁ ଫଳ ଅମଳ ଯାଏ, ଶ୍ରମ, ବିଶ୍ରାମ, ଉତ୍ସାହ, ଉତ୍କଣ୍ଠା, ଆଶା ଓ ଆଶଙ୍କାର ସମନ୍ୱୟ କୃଷକ ଜୀବନ । ଅନୁଧ୍ୟାନ କଲେ ଦେଖାଯିବ ଯେ, କାଳ କାଳ ଧରି ଏ ଦେଶର ଜନ୍ମ ପ୍ରବୃଦ୍ଧ ଲୋକସଂସ୍କୃତି ସାଧାରଣ କୃଷକର ପାରଂପରିକ କ୍ରିୟା ଏବଂ ପାରିପାର୍ଶ୍ୱିକ ସାମାଜିକ ପ୍ରକ୍ରିୟା ଉପରେ କିପରି ଗଢି ଉଠିଛି ।

ସାଧାରଣ ଗାଉଁଲୀ ଭାଷାରେ କୁହାଯାଇଥାଏ—"ଗ୍ରାସ ନାହିଁତ ବାସ ନାହିଁ" । ଅର୍ଥାତ୍ ଗ୍ରାସ ଯେବେ ନାହିଁ ବାସରେ କି ପ୍ରୟୋଜନ । ଅନ୍ୟ କଥାରେ କହିଲେ, ଗ୍ରାସ ନଥିବା ଲୋକକୁ ଦାନା ଜନା ମିଳେ ନାହିଁ କି ମୁଣ୍ଡ ଗୁଞ୍ଜିବାକୁ ବାସ ମିଳେ ନାହିଁ । ଏହି ପରିପ୍ରେକ୍ଷୀରେ କୃଷକ ସମାଜରେ ଏକ ଆକ୍ଷେପମୂଳକ ଉକ୍ତି ସର୍ବତ୍ର ପ୍ରଚଳିତ—"ନାହିଁ ଯା'ର ହଳ ହଡ଼ା, ସିଏ ବାପୁଡ଼ା ରାଇଜ ଛଡ଼ା" । ଅତଏବ ଅଲଗଁଳିଆ ଓ ଅଲାଙ୍ଗୁଳିଆ ବ୍ୟକ୍ତି ସମାଜରେ ଉପହସିତ ଏବଂ ହେୟ ବିବେଚିତ ହୋଇଥାଏ । କୃଷକର ଜୀବନ ସର୍ବସ୍ୱ ତାର ସେହି ଜମି ଭୂମି, ହଳହଡ଼ା ; ସେହି ଭିଟାମାଟି ତାର ମାଟିର ବୈକୁଣ୍ଠ, ଶାନ୍ତିର ସ୍ୱର୍ଗ, ଆଶାର ବୈତରଣୀ ଏବଂ ଆଶ୍ୱାସନାର ଗଡ଼ । ସାରା ବର୍ଷ ଖରା ବର୍ଷା ପିଠେଇ, ମାଟି ସଙ୍ଗରେ ମାଟିହୋଇ, ଅଙ୍ଗ ରକ୍ତ ପାଣି କରି ନିଜପାଇଁ ତଥା ଦେଶ ଓ ଦଶ ପାଇଁ ମାଟିରୁ ସୁନା ଫଳେଇବାରେ ଲାଗିଥାଏ । ସେଇଥିରୁ ସେ ଲାଭକରେ ଆତ୍ମତୃପ୍ତି, ଜୀବନର ସରସତା, କର୍ତ୍ତବ୍ୟର ସାଂତ୍ୱନା ଏବଂ ସମାଜର ପ୍ରତିଷ୍ଠା । କୃଷିଜୀବୀ ସମାଜର ପ୍ରବହମାନ ଜୀବନଧାରା ଏବଂ ତତ୍ସଂପର୍କିତ ସଂସ୍କୃତି ଉପରେ କିଞ୍ଚିତ୍ ଆଲୋକପାତ କରିବା ଆଲୋଚନାର ଲକ୍ଷ୍ୟ ।

ଖନାବଚନ ବୋଲି କୁହାଯାଉଥିବା ଗାଁ ଗହଳର ଲୋକ ମୁଖରୁ ଗୋଟିଏ କଥା ଶୁଣାଯାଏ—"ଅଗିବାସି ଜିବା ଦୋଳବାସି, କି କରିବ ପିତା ଖଡ଼ି ଗଣି" । ଏ ଉକ୍ତିର ତାତ୍ପର୍ଯ୍ୟ ହେଲା, ମାଘ ଶୁକ୍ଳ ପୂର୍ଣ୍ଣିମା ଅଗ୍ନ୍ୟୁତ୍ସବର ପର କିମ୍ବା ଫାଲ୍ଗୁନ ମାସର ଦୋଳ ପୂର୍ଣ୍ଣିମାର ପର ଦିନେ ଦୁଇଦିନ ଭିତରେ ବର୍ଷା ହେବାର ଏକ ନିରୂପିତ କାଳ ରୂପେ ସିଦ୍ଧାନ୍ତ କରାଯାଇଛି । ଏହାର ସଠିକତା ବହୁ ସମୟରେ ଅବଶ୍ୟ ଉପଲବ୍ଧି କରାଯାଇଥାଏ । ମାଘ ଫାଲ୍ଗୁନ ମାସ ବେଳକୁ ଫସଲ ଉଠିସାରି ଜମି ପଡ଼ିଆ ପଡ଼ିଥାଏ । ଅଗିଘରା ପୂର୍ଣ୍ଣିମା ବା ଦୋଳ ପୂର୍ଣ୍ଣିମା ପରେ ପରେ ଅସରାଏ ଦୁଇଅସରା ବର୍ଷା ହୋଇଗଲେ ନୂଆ ବର୍ଷର କୃଷିକର୍ମ ଆରମ୍ଭ ହୋଇଯାଏ । ବର୍ଷାପରେ ଜମିରେ ପାଗ ହେଲେ ଚଷା ପୁଅ ତାର ହଳଲଙ୍ଗଳ ସଜକରି ଏକ ଶୁଭଦିନରେ, ବିଶେଷତଃ ମଙ୍ଗଳବାର, ହସ୍ତା, ସ୍ୱାତୀ, ମଘା, ରୋହିଣୀ, ଅନୁରାଧା, ରେବତୀ ଆଦି ନକ୍ଷତ୍ର ; ଦ୍ୱିତୀୟା, ତୃତୀୟା, ପଞ୍ଚମୀ, ସପ୍ତମୀ, ଦଶମୀ ଆଦି ତିଥିରେ ଶୁଭ ଅନୁକୂଳ କରି 'ହଳସୂତ୍ର' କରେ । ଉତ୍କଳୀୟ ପଞ୍ଜିକାରମାନେ ଏଥିପାଇଁ ଶୁଭଲଗ୍ନ ମଧ୍ୟ ସ୍ଥିର କରି ଦେଇଥାନ୍ତି । ହଳ ବିଟାଳିଆ ବ୍ରାହ୍ମଣ କରଣାଦି କୃଷକ ପରିବାରରେ ନୂଆ ହଳିଆ ବା କୋଠିଆ ନିଯୁକ୍ତ ହୁଅନ୍ତି । ହଳସୂତ୍ର ଦିନ ଜମିରେ କ୍ଷୀର ଗୁଡ଼ ପଣା ଢାଳି ହେଳକ ଗୋଟିଏ ଦୁଇଟି ସିଆର କାଟିଦେଇ ହଳବଳଦ ଫିଟାଇ ଦିଆଯାଏ । ସେଦିନ ନୂଆ ହଳିଆର ଖାଇବା ବ୍ୟବସ୍ଥା

ଖାମିଦ ଘରେ । ପୂର୍ବେ କେତେକ ଅଞ୍ଚଳରେ ହଳିଆର ଖାଇବା ପତ୍ରରେ ଟିକେ ଗୁଡ଼ ଦେବାର ପ୍ରଥା ପ୍ରଚଳିତ ଥିଲା । ଏଥିରେ "ମଧୁରେଣ ସମାପୟେତ୍" ଚିନ୍ତାଧାରା ବ୍ୟତୀତ ଅନ୍ୟକିଛି କାରଣ ଥିବା ମନେହୁଏ ନାହିଁ । ଆଜିକାଲି ଆଉ ସେପରି ପ୍ରଥାର ପ୍ରଚଳନ ଦେଖାଯାଉନାହିଁ । ବହୁ ପ୍ରଥାତ କ୍ରମେ ଲୋପ ହୋଇ ଯାଉଛି ଓ ଯିବ, ଗୋଟିଏ ଗୋଟିଏ କଥା ସ୍ମୃତିରେ ହେଲେ ଥାଉ । ହଳସୂତ୍ର ସାରିବାପରେ ଚଷା ପୁଅର ଆଶି ରହେ ଆକାଶ ଉପରେ । ବର୍ଷାହୋଇ ପାଗଯୋଗର ସୁବିଧା ହେଲେ ଘମାଘୋଟ ହଳ କାମ ଲାଗିଯାଏ ।

ପାରଂପରିକ ରୀତିରେ ଫାଲ୍‌ଗୁନ ଫଗୁ ପୂର୍ଣ୍ଣିମା ଦିନ କିମ୍ବା ପଞ୍ଚୁଦୋଳ ମଧ୍ୟରେ ଗ୍ରାମ୍ୟ ଦୋଳ ମଣ୍ଡପରେ ନୂତନ ପଞ୍ଜିକା ପାଠ ଏକ ଉତ୍ସାହପ୍ରଦ ଏବଂ ବହୁ ଆକାଂକ୍ଷିତ ଅନୁଷ୍ଠାନ । ନୂଆ ପାଞ୍ଜିରେ ଆଗାମୀ ବର୍ଷର ଗ୍ରହ ନକ୍ଷତ୍ର ଚଳଣି ଅନୁସାରେ ପାଣିପାଗ, ଶୁଭାଶୁଭ ଯୋଗ, ପାଳକ, ଅଢ଼କ, ଆୟବ୍ୟୟ ଇତ୍ୟାଦି ସମ୍ବନ୍ଧରେ ତଥ୍ୟ ବୟାନ କରାଯାଇଥାଏ । କୃଷିସର୍ବସ୍ୱ କୃଷକକୂଳ ତାର ଭବିଷ୍ୟତ ବର୍ଷର ଆଶା ଆଶ୍ୱାସନା ବାଣୀ ପଦେ ଶୁଣିବାକୁ ଏହି ଦିନଟିକୁ ଅତି ଆଗ୍ରହରେ ଅପେକ୍ଷା କରି ରହିଥାଏ । ସେଦିନ ଜ୍ୟୋତିଷୀମାନେ ଗ୍ରାମେ ଗ୍ରାମେ ଗ୍ରାମବାସୀମାନଙ୍କୁ ନୂଆ ପାଞ୍ଜିର ତଥ୍ୟାବଳୀ ଶୁଣାଇଥାନ୍ତି—କେଉଁ ଗ୍ରହ ରାଜା, କିଏ ମନ୍ତ୍ରୀ କିଏ ପୁରୋହିତ ; ଅଢ଼ା (ଅଢ଼କ) କାହା ହସ୍ତରେ ; ଦେବୀ କେଉଁ ବାହାନରେ ଆସିବେ ; କେଉଁ ମେଘ ପାଳିବ ଓ କେତେଦିନ ପାଳିବ ; ଅଗ୍ନିଭୟ, ମାରିଭୟ, ଲଗାଣ, ଗ୍ରହକୂଟ....ଇତ୍ୟାଦି । ମେଘର ନାମ ସମ୍ବର୍ତ୍ତକ ହେଲେ, ଅଢ଼ା କେଲୁଣୀ ହସ୍ତେ ରହିଲେ, ଦେବୀ ଗଜବାହାନେ ବିଜେହେଲେ, ଧାନ୍ୟ ରତ୍ନାଦିର ଭାଗ ସଂଖ୍ୟା ଆଶାନୁରୂପ ହୋଇଥିଲେ ଏବଂ ବୁଧ ରାଜାଙ୍କୁ ଶୁକ୍ର ମନ୍ତ୍ରୀ ହେଲେ କୃଷି-କୂଳର ଆନନ୍ଦ କହିଲେ ନସରେ । ଅନାଗତ ବର୍ଷର ସୁନେଲି ସ୍ୱପ୍ନରେ ସେ ବିଭୋର ହୋଇଉଠେ ; ନିଶ ମୋଡ଼ି, ବାହୁ ଭିଡ଼ି, ହାତ କଚାଡ଼ି, ହେଣ୍ଡିଟାଏ ମାରି ସ୍ୱଗୃହକୁ ବାହୁଡ଼େ । ମେଘ ଯେବେ ହୁଏ ପୁଷ୍କର, ଅଢ଼ା ଯେବେ ପଡ଼େ ବ୍ରାହ୍ମଣୀ ହସ୍ତେ, ଦେବୀ ବିଜେ ହେଲେ ନୌକା ବାହାନେ, ଶନି ରାଜାଙ୍କୁ ମଙ୍ଗଳ ମନ୍ତ୍ରୀ ହୋଇଗଲେ—ସେ ବର୍ଷ କଥା ସରିଗଲା ଜାଣ । ଚଷା ପୁଅର ମୁଣ୍ଡ ପିଟିଦେବା କଥା ।

କଥା ଅଛି—"ଯେବେ ବରଷଇ ମାଘର ଶେଷ, ଧନ୍ୟ ସେ ରାଜା ଧନ୍ୟ ସେ ଦେଶ" । ସଫଳ ବର୍ଷା ହୋଇଗଲେ ଚାଷ କାମ ସହଜେ ଆଗେଇଯାଏ । ଚୈତ୍ର ମାସ ଶେଷ ବେଳକୁ କର୍ମି ଦୋହଡ଼ ତିନିଚାର ଚାଷ ହୋଇ ବିହନ ବୁଣାଯିବା ପାଇଁ ପ୍ରସ୍ତୁତ ହୋଇଯାଇଥାଏ । ବୈଶାଖ ଶୁକ୍ଳ ତୃତୀୟା ଧାନ୍ୟାଦି ବୀଜ ବପନ ପାଇଁ ପ୍ରଶସ୍ତ ଲଗ୍ନ । ଏହି ଅକ୍ଷୟ ତୃତୀୟା ତିଥିରେ କୃଷକ ତା କ୍ଷେତକୁ 'ଅକ୍ଷି ମୁଠି' ବାହେ । ସେଦିନ ଅନ୍ୟାନ୍ୟ ଶୁଭାଶୁଭ ବାର ନକ୍ଷତ୍ରାଦିର ବିଚାର ନଥାଏ । ମାଛି ଅନ୍ଧାରରୁ ଉଠି କୃଷକ ଘରଣୀ ସ୍ନାନ ଶୌଚାଦି ସାରି ମାଟି ଗୋବରରେ ଦ୍ୱାର ଲିପା ପୋଛା କରେ । ପାରଂପରିକ କଳା କୌଶଳ ଅନୁସରଣରେ ତା' ଉପରେ ନିଜ ହାତରେ ଆଙ୍କି ଦିଏ ଟିକି ଟିକି ଲକ୍ଷ୍ମୀପାଦ, ଲକ୍ଷ୍ମୀଙ୍କ ପ୍ରିୟ ପଦ୍ମଫୁଲ, ଧାନକେଣ୍ଡା ଆଦି ଭଳି ଭଳି ଚିତ୍ରା-ବଳୀ । ଲିପାପୋଛା ହୋଇ ପ୍ରସ୍ତୁତ ହୋଇ ରହିଥିବା ଅକ୍ଷିମୁଠି ଟୋକେଇଟିକୁ ଅରୁଆ ଚାଉଳ ଚୁଟି ପାଣି, କଳା ଓ ସିନ୍ଦୂର ଦ୍ୱାରା ଚିତ୍ରମଣ୍ଡଣି କରିଦିଏ । ସେହି ଟୋକେଇ ଭିତରେ କିଛି ଶୁକ୍ଳ ଧାନ୍ୟ, ଫୁଲ ଚନ୍ଦନ, ଦୁବ ବରକୋଳି ପତ୍ର, ଧୂପଦୀପ, ଭୋଗ ସାମଗ୍ରୀ ଆଦି ସଜଡ଼ା ଯାଏ । ବିଧି ବିଧାନରେ ଦ୍ୱାରପୂଜା ସମାପନ ପରେ କୃଷକର ଗୃହଲକ୍ଷ୍ମୀ ଭକ୍ତିପୂତ ଚିତ୍ତରେ, ସହାସ୍ୟ ବଦନରେ ହୁଳହୁଳି ଧ୍ୱନି ସହ ତାର ସ୍ୱାମୀ ହସ୍ତକୁ ଟେକି ଦିଏ ଅକ୍ଷିମୁଠି ଟୋକେଇ । କି ଅପୂର୍ବ ସେ ପରିବେଶ, କି ପବିତ୍ର ସେ ଅନୁଷ୍ଠାନ ! ଘରେ ଘରେ ଏହି ପର୍ବ ଲାଗିଥିବାରୁ ଏକ ସମୟରେ ଶଂଖ ହୁଳହୁଳି ଓ ଜନ କୋଳାହଳରେ ଗାଁ ଦାଣ୍ଡ ଉଚ୍ଛୁଳି ଉଠୁଥାଏ । ପରିବାରର ପୁଅଭାଇ, ହଳିଆ କୋଠିଆଙ୍କ ସହ ନବବସ୍ତ୍ର-ପୁଷ୍ପମାଲ୍ୟ ପରିହିତ ଚନ୍ଦନଚର୍ଚ୍ଚିତ ଗୃହସ୍ୱାମୀ ସୁପ୍ରଭାତରେ ଅକ୍ଷିମୁଠି ବାହିଗଲେ । ସେଦିନ ଆନନ୍ଦ କୋଳାହଳରେ ଉଦ୍‌ବେଳିତ ହୋଇଉଠେ ସମସ୍ତ ପଲ୍ଲୀ ପ୍ରାଣ—ଆବାଳ-ବୃଦ୍ଧବନିତା ନିର୍ବିଶେଷରେ । ଅକ୍ଷିମୁଠି କିଆରୀର ଏକ କୋଣରେ ସ୍ଥାପିତ ହୁଏ ଅକ୍ଷିମୁଠି ଟୋକେଇ । ଯଥାବିଧି ପୂଜା ଭୋଗରାଗ ପରେ ଲକ୍ଷ୍ମୀ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ସାଷ୍ଟାଙ୍ଗ ପ୍ରଣିପାତ ପୂର୍ବକ ପ୍ରସ୍ତୁତ ହୋଇଥିବା କ୍ଷେତ୍ରରେ ସୁନାପାତିଆରେ ସିଆର କାଟି ବୀଜ ବପନର ଶୁଭାରମ୍ଭ କରେ । ତା' କଣ୍ଠରେ ଝଙ୍କୃତ ହେଉଥାଏ ସେହି କବିବାଣୀ—

"ଆରେ କମଳା କରୁଣା କରିବେ ଛାଟି ଦେ
ମାଟି ମା'ର ଦେହରେ ତୁ ସୁନାଗାର କାଟିଦେ
ଚଷା ପୁଅ ଅକ୍ଷିମୁଠି ସରାଗରେ ଛାଟିଦେ ।"

ସେଦିନଟି ଅକ୍ଷିମୁଠି ବାହକ ଗୃହକର୍ତ୍ତା ହବିଷାନ୍ନ କରି ରହନ୍ତି । ଘରେ ମଧ୍ୟ ଭଲ ଖିଆପିଆର ବ୍ୟବସ୍ଥା ହୋଇ-ଥାଏ । ପାଗଯୋଗ ସୁବିଧା ହୋଇଥିଲେ ତା'ପରେ ପରେ ପୂରା ଦମ୍‌ରେ ଲାଗିଯାଏ ଧାନବୁଣା ।

ଜ୍ୟେଷ୍ଠ ମାସ ଅଧାଅଧି ବେଳକୁ ଭଲକରି ଅସରାଏ ବର୍ଷା ହୋଇଗଲେ ବିଲରେ ଧାନ ଗଛସବୁ ଉଠିପଡ଼େ । ପହିଲୁ ଆଷାଢ଼ରେ ମେଘ ମେଦୁର ମୌସୁମୀ ଆକାଶ ତଳେ ସବୁଜ ଧାନ କ୍ଷେତରେ ଦକ୍ଷିଣା ପବନ ଲହଡ଼ି ଭାଙ୍ଗୁଥାଏ । କି ଅପୂର୍ବ ଚିତ୍ତାକର୍ଷକ ସେ ଦୃଶ୍ୟ ! ମୁଣ୍ଡଫଟା ବୈଶାଖୀ ଖରା, ଜ୍ୟେଷ୍ଠ ମଧ୍ୟାହ୍ନର ତତଲା ଝାଞ୍ଜିକୁ ପିଠେଇ ମୁଣ୍ଡ ଝାଳ ତୁଣ୍ଡରେ ମାରି ଫଳଲାଭ ପାଇଁ ବୁଣିଥିବା ଫଳର ସଫଳ ରୂପାୟନ ଦିଗନ୍ତବିସ୍ତାରି ସବୁଜ କ୍ଷେତକୁ ଚାହିଁଦେଲେ କୃଷକର ମନ ପ୍ରାଣ ଉଲ୍ଲସି ଉଠେ, ତାର ସବୁ ଦୁଃଖ ହଜିଯାଏ । ଏତିକି ବେଳକୁ ଆସି ଯାଇଥାଏ ବହୁ ଅପେକ୍ଷିତ ରଜ ପର୍ବ । ପ୍ରାଣ ପ୍ରାଚୁର୍ଯ୍ୟରେ କୃଷକ କୂଳ ଭୋଳ ହୁଏ ରଜ ପାଳନରେ । ପହିଲୁ ରଜର ପୂର୍ବଦିନ ସଜବାଜ । ଏ ଦିନଟିକୁ ରଜ ଅଧିବାସ କହିଲେ ଚଳେ । ଏହି ପର୍ବ ଉପଲକ୍ଷେ ପିଠାପଣା, ଖିଆପିଆ, ଖେଳାବୁଲା, ନାଟ ତାମସାର ଧୂମ୍ । ବହୁ ଜନପଦରେ ସପ୍ତା—ଭାଗବତ, ନାମ

ସଙ୍କୀର୍ତ୍ତନ ଆଦି ଧର୍ମାନୁଷ୍ଠାନ ହୋଇଥାଏ । ଏହାକୁ ସଂପୂର୍ଣ୍ଣ ଏକ କୃଷିଭିତ୍ତିକ ଜାତୀୟ ପର୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଶାର, ବିଶେଷତଃ ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ତିନିଦିନଧରି ରଜପର୍ବ ଖୁବ୍ ଯାକଯମକରେ ପାଳିତ ହୁଏ । ଆବାଳ ବୃଦ୍ଧବନିତା ସଭିଁଙ୍କ ପ୍ରାଣରେ ଆନନ୍ଦ ଉଲ୍ଲାସ । ନିତ୍ୟ—ଗୃହକର୍ମନିରତା ବୋହୂ ଝିଆସୁଣୀ, ଝିଅ ଝିଆଣିଙ୍କ ପାଇଁ ବର୍ଷର ଏକମାତ୍ର ଅବସର ବିନୋଦନ ଉତ୍ସବ ରଜ । କଟାବଟା, କଳା ପୋଡ଼ା, ଖୋଳାପୋଡା ସବୁ ବାରଣ । ଏହି ଉପଲକ୍ଷେ ପାନ ନଖାଉଥିବା ଲୋକ ବିବିଧ ମସଲଦିଆ ଖଇର ପକା ପାନ ଖାଇ ଓଠ ଲାଲ୍ ଲାଲ୍ କରି ନୂତନ ସ୍ୱାଦର ତୃପ୍ତି ଲାଭ କରେ । ପହିଲୁ ଆଷାଢ଼ର ଝିପିଝିପିଆ ବର୍ଷା ଆରମ୍ଭ ହୋଇଗଲେତ, ମହା ବିପର୍ଯ୍ୟୟ । ସେହି ପରିସ୍ଥିତିକୁ ହୃଦୟଙ୍ଗମ କରି ଆମ ପାଣି କବି ଗାଇଥିଲେ—"ରଜ ସଜବାଜ ମଉଜକୁ ଝିପିଝିପି ବର୍ଷା ସାରି ଦେଲାରେ" । ଚତୁର୍ଥ ଦିନଟି ଭୂମି ଦହଣ । ସେଦିନ ମାଛି ଅନ୍ଧାରରୁ ଉଠି ଗୃହର ବୟୋଜ୍ୟେଷ୍ଠା ରମଣୀ ଘର ବାହାର ଲିପା ପୋଛା କରି ବସୁମତୀ ସ୍ନାନର ଆୟୋଜନ କରେ । ହଳଦୀବୋଳା ଶିଳପୁଆଟିକୁ ସିନ୍ଦୁର କଳାରେ ଚିତ୍ରିତ କରି, ଉପରେ ଖଣ୍ଡେ ହଳଦିଆ ଲୁଗା ପକାଇ ମଝି ଅଗଣାରେ ସ୍ଥାପନ କରାଯାଏ । ଶଂଖ ହୁଳହୁଳି ଧ୍ୱନି ମଧ୍ୟରେ ବସୁମାତାଙ୍କର ଶିଳପୁଆ-ରୂପ ପ୍ରତିମୂର୍ତ୍ତିକୁ ପଞ୍ଚାମୃତ ସ୍ନାନ କରାଇ ଫୁଲ ଦୁବ ବରକୋଳି ପତ୍ରାଦିରେ ଆଭରଣ କରାଯାଏ । ନୈବେଦ୍ୟ ପରେ ଦୀପ ବନ୍ଦାପନା କରି ପୂଜାରିଣୀଙ୍କ ସମେତ ଉପସ୍ଥିତ ପରିବାରର ଅନ୍ୟାନ୍ୟମାନେ ସାଷ୍ଟାଙ୍ଗ ପ୍ରଣିପାତ କରନ୍ତି । ଏହିଠାରୁ ହୁଏ ରଜ ପର୍ବର ଉଦ୍‌ଯାପନ ।

ତା'ପରେ ଆସେ ଘୋର ବର୍ଷାକାଳ । କବି ଗାଇଛନ୍ତି—"ବର୍ଷାରେ ଆଷାଢ଼ ଶ୍ରାବଣ, ମେଘ ବରଷେ ଘନ ଘନ" । ଭଲ ବର୍ଷା ହୋଇ ବିଲ ବାଡ଼ିରେ ସୁରୁଖୁରୁରେ ପାଣି ଯିବାପରେ ଭୁଆପୋତା, ବଛା ବେଉସଣ, ବିଦା ବିହଡ଼ା, ବାଲୁଙ୍ଗା କଢ଼ା ଜୋରସୋରରେ ଲାଗିଯାଏ । ଚାଷୀଙ୍କ ମୁଖରୁ ଶୁଣା ଯାଇଥାଏ—ମିଥୁନ ମାସରେ ଦିନେ ବର୍ଷା ନ ହେଲେ ଲକ୍ଷେ ଭରଣ ହାନିହୁଏ । ଅତଏବ ମିଥୁନ ମାସରେ ବର୍ଷା ବିଳମ୍ବ ହେଲେ ବା ଅତ୍ୟନ୍ତ ବର୍ଷିଲେ ଗଛା ଧାନ ମିଥୁନାମରା ହୋଇଯାଏ । ଚାଷୀ ପାଇଁ ଏହା ଏକ ନୈରାଶ୍ୟଜନକ ପରିସ୍ଥିତି ସୃଷ୍ଟିକରେ । ତାର ନୈରାଶ୍ୟ ବ୍ୟଞ୍ଜକ ଅଭିବ୍ୟକ୍ତି ହେଲା—"ଦୁଧରେ ବାଛୁରୀ ପାଣିରେ ଧାନ", ତେଣୁ ସେ ଦୀର୍ଘ ନିଃଶ୍ୱାସ ପାତ କରି ମୃତକ ପରି ଚାହିଁ ବସିଥାଏ ଆକାଶକୁ ; ଇନ୍ଦ୍ର ରାଜାଙ୍କୁ ଜଣାଉଥାଏ ତାର ଆତୁର ପ୍ରାଣର ସମସ୍ତ ହାରି ଗୁହାରୀ ।

ଆଷାଢ଼ଠାରୁ ଆଶ୍ୱିନ ମାସ ମଧ୍ୟରେ ପଡ଼େ ବହୁ ଓଷାବାର, ଯାନି ଯାତ୍ରା, ପର୍ବ ପର୍ବାଣି । କୃଷିର ଉଜ୍ଜ୍ୱଳ ଭବିଷ୍ୟତ ପର୍ବପର୍ବାଣିଗୁଡ଼ିକର ପାଳନ ପ୍ରକ୍ରିୟାକୁ ଆଡ଼ମ୍ବରପୂର୍ଣ୍ଣ କରିଥାଏ । କଥାରେ ଅଛି—"ରସିକା ନାରୀ ବାପଘର ଯାଏ, ମନ ଫୁଲାଣିଆ ଗୀତ ଗାଏ" । ସୁସ୍ଥ ଭଲତ ଚାଷୀ ଭଲ । ଦାନା ମୁଠାକ ବିଷୟରେ ନିଶ୍ଚିନ୍ତ ହେଲେ, ଚଷା ପୁଅ ବେପିକିର । ଆଷାଢ଼ ମାସର ଗୁଣ୍ଡିଚ୍ଚ ଯାତ ଠାରୁ ଆରମ୍ଭ କରି ଚିତାଲାଗି ଅମାବାସ୍ୟା, ହରିଶୟନ, ରାଧାଷ୍ଟମୀ, ଗହ୍ମାଭିଷେକ, ଝୁଲଣ ଯାତ୍ରା, ସୁନିଆ, ବାମନ ଜନ୍ମ, ଅନନ୍ତବ୍ରତ, ଗଣେଶ ପୂଜା, ଜ୍ୟୋତିବାହାନ ବ୍ରତ, ବିଜୟା ଦଶମୀ, କାଳିପୂଜା ଆଦି ପୁରପଲ୍ଲୀରେ ଖୁବ୍ ଯାକଯମକରେ ପାଳିତ ହୋଇଥାଏ । କୃଷକ କ୍ଷୁଦ୍ର ସେ କେବଳ ଭାବପ୍ରବଣ ହୋଇ ଏସବୁ ବ୍ୟୟବହୁଳ ପର୍ବପର୍ବାଣିରେ ମାତେ, ତା'ନୁହେଁ । ଏପରି ଅନୁଷ୍ଠାନରେ ତାର ଗଭୀର ଆତ୍ମବିଶ୍ୱାସର ବୀଜ ନିହିତ । ସେ ତାର ପିତୃ ପିତାମହ ଅମଳର ପରଂପରାକୁ ବଜାୟ ରଖିବାକୁ ସଦା ତତ୍ପର । ଏଠାରେ ଗୋଟିଏ ଉଦାହରଣ ଦେବା । ଚିତାଲାଗି ଅମାବାସ୍ୟା ଦିନ ପ୍ରଭାତରୁ କୃଷକ ଘରଣୀ ବିରି ଚାଉଳ ଚକୁଳି କରି ଛୋଟ ଛୋଟ ପିଲାଙ୍କ ହାତରେ ପଠାଇ ଦିଏ ନିକଟବର୍ତ୍ତୀ ନଦୀ ବା ପୁଷ୍କରିଣୀ କୂଳକୁ । ମା ବତାଇ ଦେଇଥିବା ପ୍ରକାରେ ଚକୁଳିକୁ ଖଣ୍ଡ ଖଣ୍ଡ କରି ପିଲାଏ ପାଣିକୁ ପକାଉଥାନ୍ତି ଏବଂ ତା ସଙ୍ଗେ ସଙ୍ଗେ କହି ଚାଲିଥାନ୍ତି—'ମୋ ବାପା ଗୋଡ଼ କାଟିବୁ ନାହିଁ, ମୋ ମା ଗୋଡ଼ କାଟିବୁ ନାହିଁ, ମୋ ଗୋଡ଼ କାଟିବୁ ନାହିଁ' ଇତ୍ୟାଦି । ଏହାର ଉଦ୍ଦେଶ୍ୟ କଣ ? ଶ୍ରମଜୀବୀ କୃଷକ ବିଚରା ତାର କୃଷି କ୍ଷେତ୍ରର ପାଣି କାଦୁଅରେ ସାରା ଦିନ ଘୁଷୁରି ପରି ଘୁଷୁରୁ ଥାଏ । ପାଣି ଭିତରେ ଜୋକ ଖଣ୍ଡା ଠାରୁ ଆରମ୍ଭ କରି ଗେଣ୍ଡା ନୁଟିଆ ବିଷାକ୍ତ ଜଳକୀଟ ପର୍ଯ୍ୟନ୍ତ କଣ ବା ନାହିଁ । ଥରେ ଯେବେ ପାଦକୁ ଗେଣ୍ଡା କାଟି ଦେଲାତ ଦୀର୍ଘଦିନ ଧରି ସେ ବେକାର । ବିଷାକ୍ତ କୀଟଦଂଶନ ତ ଆହୁରି ବଡ଼ ବିପଦ । ଏଭଳି ସବୁ ଅନାଗତ ଆପଦ ବିପଦରୁ ନିଜକୁ ତଥା ପରିବାରକୁ ରକ୍ଷା କରିବା ଲକ୍ଷ୍ୟରେ ଜଳଦେବଙ୍କ ପରିତୋଷ ପାଇଁ ସେ ଏହି ଦୃଢ଼ ଆତ୍ମବିଶ୍ୱାସଜନିତ ପାରଂପରିକ ପନ୍ଥା ଅନୁସରଣ କରିଥାଏ ।

କଥାରେ ଅଛି—"ଆସେ ବୁଣ୍ ପଛେ ବୁଣ୍, ଗର୍ଭଣାକୁ ଠୁଣ୍ ଠୁଣ୍" । କାର୍ତ୍ତିକ ଆରମ୍ଭ ଗର୍ଭଣା ସଂକ୍ରାନ୍ତି ବେଳକୁ ଧାନଗଛରେ ଥୋଡ଼ ସଞ୍ଚରି ଯାଇଥାଏ । ଏହି ସଂକ୍ରାନ୍ତି ଦିନ ପ୍ରତ୍ୟୁଷରୁ କୃଷକ କାଶତଣ୍ଡି ଗଛ ଆଦି ନାନା ଡାଳପତ୍ର ସଂଗ୍ରହ କରି ତାର ଧାନକ୍ଷେତଠାରୁ ଆରମ୍ଭ କରି ସବୁ କାଣ୍ଡି ଯାଏ ଗର୍ଭଣା ଖାଡ଼ି ପୋତିଦିଏ । ଏହାର ଉଦ୍ଦେଶ୍ୟ କିଏ କେତେ ଭାବରେ ପ୍ରତିପାଦନ କରିପାରେ । ସାଧାରଣ ଲୌକିକ ବିଶ୍ୱାସଧାରାଟି ଅତି ସରଳ । କୃଷକ କାମନା କରେ, ଫଳେନ୍ଦୁଖୀ ଧାନଗଛଗୁଡ଼ିକ କାଶତଣ୍ଡି ପରି ଫେଣ୍ଟ କରି ଏବଂ ସକଳ ବୃକ୍ଷର ଫଳ ପରିମାଣ ଯେତେ ଧାନ୍ୟ ଫଳ ସେହିପରି ହେଉ । ସେତେବେଳକୁ କାର୍ତ୍ତିକ ନିବିଡ଼ା ହୋଇ ଯାଇଥାଏ ଅର୍ଥାତ୍ ବର୍ଷା ଋତୁ ପ୍ରାୟ ଅତିକ୍ରାନ୍ତ ହୋଇଯାଇଥାଏ । ଫସଲ ଉପରେ ଆଉ କୌଣସି ପ୍ରାକୃତିକ ବିପର୍ଯ୍ୟୟଜନିତ ବିପଦର ଆଶଙ୍କା ପ୍ରାୟ ନଥାଏ ।

ଧୋକ ମରୁଡ଼ି, ଦାଆ ବତାସିରୁ ଫସଲ ଉଦ୍ଧାର ପାଇଗଲେ କୃଷକ ଶାନ୍ତିରେ ନିଶ୍ୱାସ ମାରେ । ଧାନ ପୂର୍ଣ୍ଣ ପାଚିଗଲେ କୃଷକ ଶାନ୍ତିରେ ନିଶ୍ୱାସ ମାରେ । ଧାନ ପୂର୍ଣ୍ଣ ଆହାର ନେଇ ପାଚିବା ଆରମ୍ଭ କଲେ, କାର୍ତ୍ତିକ ଶେଷ ବେଳକୁ ଆରମ୍ଭ ହୁଏ ଖଳା ଧରା । ଅଦ୍ୟ ମାର୍ଗଶୀର ବେଳକୁ ଆରମ୍ଭ ହୋଇ ଯାଉଥାଏ ପଳ ଶୀତ । ଭଲ ତିଥି ନକ୍ଷତ୍ର ଆରମ୍ଭ ହୋଇ ଯାଉଥାଏ ପଳ ଶୀତ । ଭଲ ତିଥି ନକ୍ଷତ୍ର ପାଇଥିବା କୌଣସି ଏକ ସୋମ, ବୁଧ କିମ୍ବା ଶୁକ୍ରବାରରେ

ଧାନକଟା ଆରମ୍ଭ କରିଦିଏ । ଏହାକୁ କହନ୍ତି ଧାନକଟା ଶୁକ୍ରବାର କରିବା । ପ୍ରଥମ କାଟ ଶୁକ୍ଳ ଧାନ୍ୟକୁ ସାଧାରଣତଃ ମାଣବସା ପାଇଁ ସାଇତା ଯାଏ ଏବଂ କେଣ୍ଡାରୁ ଧାନ ଛାଟି ମାଣ ଠାକୁରାଣୀଙ୍କ ପାଇଁ ମେଣ୍ଢି ବା ଜଟ ପ୍ରସ୍ତୁତ କରାଯାଏ । ମାର୍ଗଶୀର ପହିଲି ଗୁରୁବାର ହିନ୍ଦୁ କୃଷକ ପରିବାରରେ ଏକ ବିଶେଷ ଉତ୍ସବ ମୁଖର ଦିନ । ସେଦିନ ଘରେ ଘରେ ମାଣବସା ଲକ୍ଷ୍ମୀପୂଜା । ଆଠଦିନ ଆଗରୁ ଘରର ସ୍ତ୍ରୀଲୋକମାନଙ୍କର ଚାଲିଥାଏ ବିରାଟ ପ୍ରସ୍ତୁତି ପର୍ବ । ଘରଲିପା, ଚିତା ଲେଖା, ଧାନ-କେଣ୍ଡା ଛଡ଼ା, ଜଟ ମୋଡ଼ା ଇତ୍ୟାଦି କାମ ଘମାଘୋଟ ଲାଗିଯାଏ । ସେଦିନ ଧାନକଟା ଧାନମଳା ଆଦି କାର୍ଯ୍ୟ ସଂପୂର୍ଣ୍ଣ ନିଷିଦ୍ଧ । ମାଣ ଠାକୁରାଣୀଙ୍କ ନୈବେଦ୍ୟ ପାଇଁ ବହୁବିଧ ପିଠାପଣା, କ୍ଷୀରି , ତରକାରୀ ସଜଡ଼ା ହୁଏ ଏବଂ ସବିଧିରେ ଆରମ୍ଭ ହୁଏ ପୂଜା ଆରାଧନା । ଏଥିପାଇଁ ବ୍ରାହ୍ମଣ ପୂଜକ ଲୋଡ଼ାଯାଏ ନାହିଁ । ନିଜେ ଗୃହ ଲକ୍ଷ୍ମୀ ଶଂଖ ବଜାଇ ହୁଳହୁଳି ଦେଇ ଭକ୍ତିପୂତ ଚିତ୍ତରେ ପୂଜା ଅର୍ଚ୍ଚନାଦି କରିଥାଏ । ପଡ଼ା ପଡ଼ୋଶୀଙ୍କ ମଧ୍ୟରେ ଭୋଗରାଗ, ମଣ୍ଡା ଚକୁଳି ପରସ୍ପର ଆଦାନପ୍ରଦାନ ଚାଲେ । ଅବଶ୍ୟ ଠାକୁରାଣୀଙ୍କ ପାଖରେ ଲାଗିଥିବା ପ୍ରକୃତ ଭୋଗ କେହି କାହାକୁ ଦିଏ ନାହିଁ । ଏହାର କାରଣ ସହଜରେ ଅନୁମେୟ ।

ପ୍ରଥମାଷ୍ଟମୀ ସେହିପରି ଅନ୍ୟ ଏକ ଆଡ଼ମ୍ବର ପୂର୍ଣ୍ଣ ପର୍ବ । ସେଦିନ ପରିବାରର ପ୍ରଥମ ଗର୍ଭଜାତ ପୁତ୍ର କନ୍ୟାମାନଙ୍କର ନବ ବସ୍ତ୍ର ପରିଧାନ କରିବା ବିଧି । ତଦୁପଲକ୍ଷେ ଘରେ ଘରେ କ୍ଷୀରି ପୁରି, ପିଠାପଣାର ଧୂମ୍ ଛୁଟେ । ହଳଦୀପତ୍ରରେ ପ୍ରସ୍ତୁତ ଏଣ୍ଡୁରି ପିଠା ଏହି ପର୍ବର ଏକ ବିଶେଷ ସାମଗ୍ରୀ । ଅର୍ଥ ସମର୍ଥ ଲୋକେ ଘରର ସବୁ ପିଲାଛୁଆ ଝିଅ ବୋହୂଙ୍କ ପାଇଁ ନୂଆ ଲୁଗାପଟା ବ୍ୟବସ୍ଥା କରିଥାନ୍ତି । ମା'ମାନେ ବଡ଼ ପୁଅ ଝିଅଙ୍କୁ ବିଧି ବିଧାନରେ ନୂଆ ଲୁଗା ପିନ୍ଧାଇ ଦୀର୍ଘାୟୁ କାମନା କରିଥାନ୍ତି । ଏହି ଉପଲକ୍ଷେ ନବାନ୍ନ ଭକ୍ଷଣ, ମୂଳା, କୋବି, କୋଶଳା ଶାଗ ଆଦି ନୂଆ ନୂଆ ଶୀତକାଳୀନ ଶାକସବ୍ଜିର ପ୍ରଥମ ପାରଣା କରିଥାନ୍ତି ।

ଠିକ୍ ପ୍ରଥମାଷ୍ଟମୀ ପରେ ପରେ ଜୋରସୋରରେ ଚାଲେ ଧାନକଟା । ପ୍ରଚଳିତ ଉକ୍ତିରେ—"ପରଷ ମାସରେ ମା ମଲେ ପୁଅ କଚଡ଼ା ଢାଙ୍କି ପକାଏ" । କଥାଟି ବଡ଼ ତାତ୍ପର୍ଯ୍ୟପୂର୍ଣ୍ଣ । ଚଷାପୁଅ ପୁଷ ମାସ ଧାନକଟାରେ ଅଣନିଃଶ୍ୱାସୀ । ଖିଆ ପିଆକୁ ତର ନାହିଁ । ତାର ବର୍ଷକର ହାଡ଼ଭଙ୍ଗା ଝାଳବୁହା ପରିଶ୍ରମର ଫଳ ସେ କେମିତି ଆଣି ଘରେ ପୂରାଇବ, ସେଥିପାଇଁ ସେ ଧାଇଁଛନ୍ତି ଜୀବନମୂର୍ଚ୍ଛା । କାହା କଥା ବୁଝିବାକୁ ତାର ତର କାହିଁ ? ଏହି ଧାନକଟା ଭିତରେ କୃଷକ ଘରଣୀ ପିଲାଛୁଆଙ୍କ ମଙ୍ଗଳ କାମନା କରି ଯମରାଜାଙ୍କ ସନ୍ତୋଷ ବିଧାନ ପାଇଁ କରେ ବାଟଓଷା ।

ପୌଷ ମାସ ଶେଷ ବେଳକୁ ଧାନ କଟାକଟି ସରିଗଲେ କୃଷକ ଯଥାବିଧି ଭୋଗରାଗ କରି ତାର ସେ ବର୍ଷର କ୍ଷେତ ବଢ଼ାଏ । ଶେଷ ଧାନ କେରାଟିକୁ କେହି କେହି କମିରେ ଛାଡ଼ିଆସନ୍ତି, କେହିବା କାଟି ଆଣି ନିଜ ଅମାରରେ ବା ଘର ଉପରେ ପକାଇଥାନ୍ତି । ତା'ପରେ ପହଞ୍ଚିଯାଏ ମକର ସଂକ୍ରାନ୍ତି, କୃଷକ ସମାଜରେ ମହାମେଳା ଏକ ଆଣ୍ଠୁଦଘିଆ ଆଡ଼ମ୍ବରପୂର୍ଣ୍ଣ ପର୍ବ । ସେଦିନ ଘରେ ଘରେ ମକର ଚାଉଳ ଓ ମକର ପୋଡ଼ପିଠା ପ୍ରସ୍ତୁତି ଏକ ଆବହମାନ ପରଂପରା । ତେଣୁ ଲୋକମୁଖରେ ଏହା ପୋଡ଼ପିଠା ସଂକ୍ରାନ୍ତି ନାମରେ ଖ୍ୟାତ । ସମଗ୍ର ଉତ୍କଳର ପୁରପଲ୍ଲୀରେ ମକର ପର୍ବ ବହୁ ଆଡ଼ମ୍ବରରେ ପାଳିତ ହୁଏ । ଉତ୍କଳୀୟ ଆଦିବାସୀ ସମାଜରେ ଏହା ଏକ ପ୍ରଧାନ ପର୍ବ । ମକର ସଂକ୍ରାନ୍ତି ଦିନ ଖଳାପୂଜା କରାଯାଇ ଖଳାକାମ ଧାନ ଅମଳ ଆରମ୍ଭ ହୁଏ । ପିଟାମଳା, ବେଙ୍ଗଳାପକା ସରିଲେ ଧାନ ନଡ଼ା କୁଟା ଆଦି ଯଥା ସ୍ଥାନରେ ସାଇତା ହୋଇ ବର୍ଷକ ପାଇଁ ସନ୍ଧ କରାଯାଏ । ଖଳାପୂଜା, ମେରି ଉଠା ସରିଗଲେ କୃଷକ ପରିବାରର ବର୍ଷକର କୃଷି ଧନ୍ଦା ବଢ଼ିଯାଏ ।

ମାଘ ପୂର୍ଣ୍ଣିମାରେ ଅଗ୍ନି ଉତ୍ସବ । କୃଷି ଉତ୍ପନ୍ନ ନଡ଼ାର କିଛି ଅଂଶ କୃଷକ ଅଗ୍ନିରେ ସମର୍ପଣ କରେ ଏହି ଅବସରରେ । ଏ କ୍ଷେତ୍ରରେ ଘଟିଥାଏ ଭକ୍ତି ଓ ଭୟର ସମନ୍ୱୟ । ପୂର୍ଣ୍ଣିମା ସନ୍ଧ୍ୟାରେ ଗାଁ ମୁଣ୍ଡ ଖୋଲା ପଡ଼ିଆରେ ଜଳି ଉଠେ ବିରାଟ ଅଗ୍ନି । ସଂକୀର୍ତ୍ତନ ଓ ଶଂଖ ହୁଳହୁଳି ହରିବୋଲ ଶବ୍ଦରେ କଂପି ଉଠେ ଗାଁ ଦାଣ୍ଡ । ଆବାଳ-ବୃଦ୍ଧବନିତା ଚାରିପାଖରେ ଘେରି ରହିଥାନ୍ତି ବହୁ ସଂଖ୍ୟାରେ । ସର୍ବେ ଉତ୍କଣ୍ଠିତ ହୋଇ ଚାହିଁ ରହିଥାନ୍ତି—ଅଗ୍ନି କେଉଁ ଦିଗକୁ ଢଳିବ । ଲୋକଙ୍କର ବିଶ୍ୱାସ, ଅଗ୍ନି ଯେଉଁ ପଟକୁ ଢଳିବ ସେପଟ ପାଟରେ ଆସନ୍ତା ବର୍ଷକୁ ସୁନା ଶିଆଳ ଶୋଇବ, ଅର୍ଥାତ୍ ଭଲ ଫସଲ ପାଇବ । ଯାହାର ଯେଉଁ ପଟେ ବେଶି କମିବାଡ଼ି ସିଏ ଚାହୁଁଥାଏ ଅଗ୍ନି ସେଇ ପଟକୁ ଢଳନ୍ତା କି!ଏହିପରି ଉଦ୍‌ବେଗ ଓ ଉତ୍କଣ୍ଠା ମଧ୍ୟରେ ଅଗ୍ନି ଢଳୁ ନ ଢଳୁଣୁ ଜନତା ମଧ୍ୟରୁ କେହି କେହି ଲୋଭଗ୍ରସ୍ତ ଉଚ୍ଛୃଂଖଳ ବ୍ୟକ୍ତି ବିଶେଷ ଜଳନ୍ତା ଅଗ୍ନିରୁ ପ୍ରଥମ ସାର କାଢ଼ି ନେବା ପାଇଁ ଉଦ୍ୟମ ଆରମ୍ଭ କରିଦିଅନ୍ତି । ସେବେଳର ଦୃଶ୍ୟଟି ଯେପରି କୌତୁହଳୋଦ୍ଦୀପକ ସେହିପରି ଉତ୍ତେଜନାପୂର୍ଣ୍ଣ ହୋଇଉଠେ । ବେଳେ ବେଳେ ଏହି ଘଟଣାରୁ ବିରାଟ ଦଙ୍ଗାଗୋଳର ସୂତ୍ରପାତ ହୋଇଥାଏ । ଯାହାହେଉ, ଆଗ ପଛ ହୋଇ ଗାଁ ଲୋକେ ଅଗ୍ନିର ଅବଶେଷ ପାଉଁଶ ସାରରୁ କିଛି କିଛି ସଂଗ୍ରହ କରି ସ୍ୱଗୃହକୁ ବାହୁଡ଼ନ୍ତି । ପରଦିନ ମାଛି ଅନ୍ଧାରରୁ ଗ୍ରାମର ଦାଣ୍ଡ ଖରକା ଓଷେଇତି ଝିଅମାନେ ଅଗିଗାତ, ଅଗ୍ନି ପାଉଁଶ ସଫା ସୁତୁରା କରିଦେଇ ତାଙ୍କର ଓଷା ଉଦ୍‌ଯାପନ କରିଥାନ୍ତି ।

ଆମର ଲୋକସଂସ୍କୃତିର ମହନୀୟ ଅନୁଷ୍ଠାନସମୂହ ଏହିପରି ସାରାବର୍ଷ ଲାଗି ରହିଥାଏ । ସବୁ ଓଷାବାର ବ୍ରତ ମୂଳରେ ରହିଛି ସେହି ପରଂପରାପୁଷ୍ଟ ବଳିଷ୍ଠ ସାଂସ୍କୃତିକ ପ୍ରେରଣା, ଯାହାକି ବସ୍ତୁତଃ କୃଷି ଭିତ୍ତିକ । ଆମର ଏହି ସଂସ୍କୃତି ସୃଷ୍ଟି କରିଛି ଯୁଗ ଯୁଗର ଇତିହାସ । ଏହାର ଅସ୍ତିତ୍ୱ ଏବଂ ଅଭିବୃଦ୍ଧିକୁ କାଳ ଏ ଯାବତ୍ ସ୍ପର୍ଶ କରି ପାରି ନାହିଁ ।

୪ଆର-୨୮୩
ଗଙ୍ଗାନଗର, ଭୁବନେଶ୍ୱର

# ଆଦିବାସୀ ନୁହଁନ୍ତି ବନବାସୀ

**ଶ୍ରୀ ଉମେଶ ପଣ୍ଡା**

ସମ୍ପୂର୍ଣ୍ଣ ଭାରତ ଭ୍ରମଣ କରିବା ଅବସରରେ ଜୀବିକାବଶତଃ ଅନେକ ଆଦିବାସୀ ଅଂଚଳ ଦେଖିବାର ସୁଯୋଗ ମୁଁ ପାଇଛି । ସେମାନଙ୍କର ସରଳ ସୁନ୍ଦର ନିଷ୍କପଟ ଜୀବନଯାତ୍ରା, ମୋ' ମନରେ ତାଙ୍କପ୍ରତି ଏକ ପରୋକ୍ଷ ଆକର୍ଷଣ ସୃଷ୍ଟି କରିଛି । ସେମାନଙ୍କ ମଧ୍ୟରେ ଯେ ଏକ ଉଚ୍ଚ ସାଂସ୍କୃତିକ ସଂଗଠନ ଓ ପରଂପରା ରହିଛି ତାହା ଯେ କୌଣସି ବ୍ୟକ୍ତି ଲକ୍ଷ୍ୟ କରି ପାରିବ ।

ପ୍ରକୃତି ସହ ଗଭୀର ଆତ୍ମୀୟତା ରକ୍ଷାକରି ଗାଉଥିବା ସୁମଧୁର ସଂଗୀତ, ସ୍ୱାଭାବିକ ନୃତ୍ୟ ଓ ତାଳଦେଇ ବଜାଉଥିବା ବାଦ୍ୟ ମଧ୍ୟରେ ସେମାନଙ୍କର ହସ ଖେଳର ଜଗତ ସଂଜୀବିତ । ସାରାଦିନ ଅକ୍ଳାନ୍ତ ପରିଶ୍ରମ ପରେ ସାରାରାତି ନୃତ୍ୟଗୀତରେ ମତ୍ତ ରହୁଥିବା ଅନେକ ଆଦିବାସୀ ପ୍ରଭାତରେ ପ୍ରଫୁଲ୍ଲମନରେ ପୁଣି କାର୍ଯ୍ୟରେ ଲାଗି ପଡ଼ିଥିବା ଦୃଶ୍ୟ ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼ିଥାଏ । ସେହିପରି ଅଣିଆ ଅପିଆ ସାରାଦିନ ପଥର ବୋହି ଟ୍ରକରେ ବସିଥିବା ଆଦିବାସୀ ମା' ଭଉଣୀମାନେ ଯେଉଁ ସୁମଧୁର ଗୀତ ଆନନ୍ଦରେ ଗାଇ ଗାଇ ଚାଲିଯାଉଥାନ୍ତି ତାହା ଦେଖି ଆମ ସାଧାରଣ କାର୍ଯ୍ୟରେ କ୍ଳାନ୍ତି ଓ ବିରକ୍ତ ହେଇ ଉଠୁଥିବା ସମାଜ କଥା ମନେ ପଡ଼େ । କୌଣସି ଲିଖିତ ସାହିତ୍ୟ ଓ ଲିପି ନ ଥିବା ସତ୍ତ୍ୱେ ଆସାମଠାରୁ ଗୁଜୁରାଟ ଏବଂ ବିନ୍ଧ୍ୟାଞ୍ଚଳଠାରୁ ନୀଳଗିରିର ସୁବିସ୍ତୀର୍ଣ୍ଣ ଅଂଚଳର ବନ, ପାହାଡ଼, ଉପତ୍ୟକା ଆଦିରେ ରହୁଥିବା ଆଦିବାସୀମାନଙ୍କର ସାଂସ୍କୃତିକ ସାମ୍ୟ ଥିବା ଜଣା ପଡ଼େ । ପରଂପରା ଭିତିରେ କିଛି ଭିନ୍ନତା ଥିଲେ ମଧ୍ୟ ଜୀବନ ପ୍ରଣାଳୀ, ବିଶ୍ୱାସ ଓ ଆଚାର ପାରସ୍ପରିକ ଯୋଗସୂତ୍ର ଏବେ ବି ଅତୁଟ ଥିବା ଅନୁଭବ କରାଯାଇପାରେ ।

ପ୍ରକୃତରେ ଏହି ପାଞ୍ଚକୋଟି ସନ୍ତାନଙ୍କୁ ଆମେ ଆଦିବାସୀ ଅନୁସୂଚିତ ଜନଜାତି ବା ସିଡୁଲଡ୍ ଟ୍ରାଇବ୍ ବୋଲି ସମ୍ବୋଧନ କରିଥାଉଁ । ରାଞ୍ଚି ଏକସ୍‌ପ୍ରେସ ର ସଂପାଦକ ଶ୍ରୀ ବଳବୀର ଦତ୍ତଙ୍କ ଅନୁସାରେ ଏହି ନାମକରଣ ପ୍ରଥମରେ ଇଂରେଜମାନଙ୍କ ଦ୍ୱାରା ହୋଇଥିଲା ଯେଉଁମାନେ ଭାରତବାସୀଙ୍କୁ ବିଭିନ୍ନ ସମ୍ପ୍ରଦାୟରେ ଭାଗ ଭାଗ କରି ଜାତିଭେଦର ଆଧାର ଉପରେ ସ୍ୱଶାସନ ସୁରକ୍ଷା ପାଇଁ ପ୍ରାଚୀର ନିର୍ମାଣ କରୁଥିଲେ ।

ଏ ସଂପର୍କରେ ମୋର ମତ କିଛି ଅନ୍ୟ ପ୍ରକାର । ପ୍ରାଚୀନ ଭାରତରେ ଗଢିଉଠିଥିବା ସଭ୍ୟତାରେ ଅରଣ୍ୟ, ନଗର, ଗ୍ରାମଗୁଡ଼ିକର ମହତ୍ତ୍ୱ ଥିଲା । ଯିଏ ନଗରରେ ରହୁଥିଲା ତାକୁ ନଗରବାସୀ, ଯିଏ ଗ୍ରାମରେ ବାସ କରୁଥିଲା ତାକୁ ଗ୍ରାମବାସୀ କୁହାଯିବା ପରି ଯିଏ ଅରଣ୍ୟ, ବନ ବା ଗିରିଗୁହାଗୁଡ଼ିକରେ ବାସ କରୁଥିଲେ ତାଙ୍କୁ ଅରଣ୍ୟବାସୀ ବନବାସୀ ବା ଗିରିଜନ ବୋଲି କୁହାଯାଉଥିଲା । ଅରଣ୍ୟରେ ରହୁଥିବାରୁ ଆରଣ୍ୟକ ବା ଝାଡ଼ ଜଙ୍ଗଲରେ ରହୁଥିବାରୁ ଝାଡୁଆ ନାମରେ ଲୋକେ ପରିଚିତ ଥିଲେ । ଏହି ଅରଣ୍ୟରେ ହିଁ "ବୃହଦାରଣ୍ୟକ ଉପନିଷଦ" ସୃଷ୍ଟି ହୋଇଥିଲା । ବାଲ୍ମୀକି, ବ୍ୟାସ ଓ ବିଶ୍ୱାମିତ୍ର ଏହି ମହାନ ବନବାସୀ ସଂସ୍କୃତିର ଶ୍ରେଷ୍ଠ ଦାୟାଦ ଥିଲେ ଯେଉଁମାନେ ବନ ଉପବନର ପ୍ରକୃତି କୋଳରେ ରଚନା କରିଯାଇଥିଲେ ରାମାୟଣ, ମହାଭାରତ । ବନବାସୀ ଓ ନଗରବାସୀଙ୍କ ମଧ୍ୟରେ କୌଣସିପ୍ରକାର ଉଚ୍ଚନୀଚର ଭାବନା ନଥିଲା । ଜନକ, ଦଶରଥ, ଶ୍ରୀକୃଷ୍ଣ, ଅର୍ଜୁନ ଓ ଦୁର୍ଯ୍ୟୋଧନ ଆଦି ନଗରବାସୀ ଥିଲେ ।

ଅରଣ୍ୟଗୁଡ଼ିକରେ ଥିବା ଗୁରୁକୁଳଗୁଡ଼ିକୁ ନଗରବାସୀଗଣ ନିଜର ସନ୍ତାନମାନଙ୍କୁ ବିଦ୍ୟାଶିକ୍ଷା ପାଇଁ ପଠାଉଥିଲେ । ଶ୍ରୀ ରାମଚନ୍ଦ୍ର ବଶିଷ୍ଠଙ୍କ ଆଶ୍ରମରେ ଶିକ୍ଷାଲାଭ କରିଥିଲେ ଓ ଶ୍ରୀକୃଷ୍ଣ ସନ୍ଦୀପନିଙ୍କ ଗୁରୁକୁଳରେ ରହି ବିଦ୍ୟାଧ୍ୟୟନ କରିଥିଲେ । ବିଶ୍ୱର ପ୍ରାଚୀନତମ ଗ୍ରନ୍ଥ ବେଦର ରଚନା ଏହିପରି ଅନେକ ବନବାସୀ ଋଷିଙ୍କ ଦ୍ୱାରା ଅରଣ୍ୟରେ ହିଁ ହୋଇଥିଲା ।

ରାମାୟଣର ଅରଣ୍ୟ କାଣ୍ଡ ଆମ ସଂସ୍କୃତିର ମହାନ୍ କାବ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଭଗବାନ ଶ୍ରୀ ରାମଚନ୍ଦ୍ର ବନବାସୀଙ୍କ ମଧ୍ୟରେ ଥିବା ଅଦ୍ଭୁତ ପ୍ରେମ,

ପାରସ୍ପରିକ ସଂପର୍କ ଏବଂ ଆତ୍ମୀୟତା ରାମାୟଣରେ ସୁନ୍ଦରଭାବରେ ବର୍ଣ୍ଣନା କରିଛନ୍ତି । ସେ ତତ୍‌କାଳୀନ ବନବାସୀଙ୍କ ମଧ୍ୟରେ ବାନର ନାମକ ଜାତି ସହ ମିତ୍ରତା ସ୍ଥାପନ କରି ସୁଗ୍ରୀବଙ୍କ ସେନାପତି ହନୁମାନଙ୍କୁ ରାଜଦୂତ, ନଳଙ୍କୁ କାର୍ଯ୍ୟନିର୍ବାହୀ ମନ୍ତ୍ରୀ ଭାବରେ ଗ୍ରହଣ କରି ଏହି ମୁଖ୍ୟ ବନବାସୀଙ୍କ ସହାୟତାରେ ଲଙ୍କା ବିଜୟ କରିବା ଆଖ୍ୟାୟିକା ରାମାୟଣର ଏକ ଶ୍ରେଷ୍ଠ ପର୍ଯ୍ୟାୟ ।

ଏଠି ପ୍ରଶ୍ନ ଉଠିପାରେ ଯେ ରାମାୟଣରେ ବର୍ଣ୍ଣିତ ପକ୍ଷୀ, ବାନର, ମୃଗ ଆଦି କ'ଣ ମନୁଷ୍ୟ ଥିଲେ ? ଏହା ସେମାନଙ୍କର କୃତ୍ରିମ ରୂପ ହୋଇପାରେ, ମାତ୍ର ସେମାନେ ମନୁଷ୍ୟ ଥିଲେ । ମନୁଷ୍ୟ ପରି କଥାବାର୍ତ୍ତା କରୁଥିଲେ । ଜଟାୟୁ ପକ୍ଷୀଙ୍କ ରାଜା ଥିଲେ । ପକ୍ଷୀ ଏକ ଦକ୍ଷିଣ ଜାତିର ନାମ ଥିଲା । ରାବଣ ସହିତ ଯୁଦ୍ଧ କରିବା ସମୟରେ ଜଟାୟୁ ନିଜ ପରିଚୟ ଦେବାକୁ ଯାଇ କହିଲେ ହେ , ଦଶଗ୍ରୀବ ! ମୁଁ ସନାତନ ଧର୍ମରେ ସ୍ଥିତ ସତ୍ୟ ପ୍ରତିଜ୍ଞ ମହାନିଷ୍ଠ ଗୃଧ୍ରରାଜ ଜଟାୟୁ ଅଟେ । ଶ୍ରୀରାମ ଯେବେ ସୀତାଙ୍କୁ ଖୋଜିବାକୁ ବନରେ ବିଚରଣ କରୁଥିଲେ ସେ ଜାଟାୟୁଙ୍କୁ ପକ୍ଷୀରୂପେ ନ ଦେଖି ମନୁଷ୍ୟ ରୂପରେ ଦେଖି ଲକ୍ଷ୍ମଣଙ୍କୁ କହିଲେ–ଲକ୍ଷ୍ମଣ, ଏ ଅବଶ୍ୟ ଗୃଧ୍ର ରୂପରେ କୌଣସି ରାକ୍ଷସ ପରି ଜଣା ପଡୁଛି । ଜଟାୟୁ ମୃତ୍ୟୁ ଶଯ୍ୟାରେ ସୀତାହରଣ କଥା ଶୁଣାଇଲା । ଲକ୍ଷ୍ମଣଙ୍କୁ ଶ୍ରୀରାମ କହିଲେ–ଏ ମହାବଳୀ ଗୃଧ୍ରରାଜ ପିତାଙ୍କ ମିତ୍ର ଥିଲେ । ସେହିପରି ହନୁମାନ ସୀତାଙ୍କୁ ନିଜ ପରିଚୟ ଦେବାକୁ ଯାଇ କହିଥିଲେ– ବାନରୋହମ୍ ମହାଭାଗୋସ ହେ ଭାଗ୍ୟଶାଳୀନୀ ମୁଁ ବାନର ଅଟେ । ହନୁମାନଙ୍କ ଲାଙ୍ଗୁଡ଼ ନ ଥିଲା । ସେ ଜଣେ ଉନ୍ନତ ବନବାସୀ ଥିଲେ । (ସେ ସଂପର୍କରେ ଏକ ସ୍ୱତନ୍ତ୍ର ପ୍ରବନ୍ଧ ଲେଖା ଯାଇପାରେ । ସେହିପରି ମାରିଚ ମୃଗରୂପ ଧାରଣ କରି ସୀତାଙ୍କୁ ଆକୃଷ୍ଟ କରି ପାରିଥିଲେ । ନରସିଂହ ଦେବଙ୍କ ପଛପାଖରେ ଏକ ଲାଙ୍ଗୁଡ଼ ପରି କିଛି ଝୁଲୁଥିବାରୁ ତାଙ୍କୁ ଯେପରି ଲାଙ୍ଗୁଳା ନରସିଂହ ଦେବ ବୋଲି କୁହାଯାଉଥିଲା, ସେହିପରି ବିଭିନ୍ନ ରୂପରେ ଚିତ୍ରିତ ହୋଇଥିବା ବନବାସୀଙ୍କୁ ରାମାୟଣକାର ଆଳଂକାରିକ ବର୍ଣ୍ଣନା ମାତ୍ର କରିଥିଲେ । ସେମାନେ ସମସ୍ତେ ବନବାସୀ ଥିଲେ । ସେମାନେ ଶ୍ରୀରାମଚନ୍ଦ୍ରଙ୍କୁ ଭକ୍ତି ଓ ଶ୍ରଦ୍ଧା କରୁଥିଲେ ଓ ସେ ମଧ୍ୟ ସେମାନଙ୍କ ଭକ୍ତିରେ ପ୍ରୀତ ହୋଇ ଶବରୀର ଅଇଁଠା କୋଳିକୁ ଅମୃତ ତୁଲ୍ୟ ଭୋଜନ କରିଥିଲେ । ଏଣୁ ଏବେ ମଧ୍ୟ ବନବାସୀଙ୍କ ଗୀତରେ ରାମକୃଷ୍ଣଙ୍କ ଅନେକ କଥା ବିଭିନ୍ନ ଆଖ୍ୟାୟିକା ମଧ୍ୟରେ ସଞ୍ଜୀବିତ । ଗଙ୍ଗା, ଗୋବଂଶ ଆଦିର ଅର୍ଚ୍ଚନା ଦେଖିଲେ ଏମାନେ ଯେ ଏକ ସ୍ୱତନ୍ତ୍ର ଜାତି ଏ ସଂପର୍କରେ ସନ୍ଦେହ ଜାତ ହୁଏ । ଜଗନ୍ନାଥ ଯେ ଶବର ଦେବତା ତାହାବି ଗବେଷଣାରବିଷୟ ।

ଭାରତୀୟ ସଂସ୍କୃତି କୁହେ ବ୍ରାହ୍ମଣ ମଧ୍ୟ କୌଣସି ବନବାସୀ ଋଷିଙ୍କ ବଂଶଜ । ଏଣୁ ବନବାସୀଙ୍କୁ ଆଦିବାସୀ ବୋଲି କହିବା ଦ୍ୱାରା ଏହା ଆମେ ପରୋକ୍ଷରେ ପ୍ରତିପାଦନ କରି ସାରିଛୁ ଯେ ଆମେ ଆକ୍ରମଣକାରୀ ବା ବିଦେଶୀ ଆର୍ଯ୍ୟ ଭାବରେ ଏ ଦେଶରେ ପ୍ରବେଶ କରିଥିଲୁ, କିନ୍ତୁ ଏ ଯୁକ୍ତିର କୌଣସି ଐତିହାସିକ ସତ୍ୟତା ନାହିଁ ।

ଏ ପ୍ରସଙ୍ଗରେ ଅନେକ ମନିଷୀ ଚିନ୍ତା କଲେଣି । ଦୀର୍ଘଦିନ ବନବାସୀଙ୍କ ଗହଣରେ ସେବାକରି ଆସୁଥିବା ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ "ବନବାସୀସନ୍ଦେଶ" ନାମକ ମାସିକ ହିନ୍ଦୀ ପତ୍ରିକା ପ୍ରକାଶ କରି ଏ ବିଷୟକୁ କେବଳ ପ୍ରୋତ୍ସାହନ କରୁନାହାନ୍ତି, ବରଂ ନଗରବାସୀଙ୍କ ଓ ବନବାସୀଙ୍କ ମଧ୍ୟରେ ତପୋନିଷ୍ଠ ଯୋଗସୂତ୍ର ରକ୍ଷା କରିବା ପାଇଁ ସେ ସେବାରତ ।

ଅଧ୍ୟାପକ
ଇଂରାଜୀ ବିଭାଗ
ଡ଼ି. ଏ. ଭି. କଲେଜ
କୋରାପୁଟ–୭୬୪୦୨୦



# ବୃତ୍ତିଭିତ୍ତିକ ପ୍ରୌଢ଼ଶିକ୍ଷା

ଶ୍ରୀ ରବୀନ୍ଦ୍ର କୁମାର ଜେନା

ସ୍ୱାଧୀନତା ପ୍ରାପ୍ତିର ପ୍ରାକ୍‌କାଳରେ ଦେଶର ପ୍ରତ୍ୟେକ ନାଗରିକଙ୍କୁ ସାକ୍ଷର କରିବା ଥିଲା ଏକ ଜାତୀୟ ସଂକଳ୍ପ । କିନ୍ତୁ ଏଯାବତ୍ ଦୀର୍ଘ ବତିଶି ବର୍ଷ ବିତିଯାଇଥିଲେ ହେଁ ଆମେ ଉପସ୍ଥିତ ଲକ୍ଷ୍ୟରେ ପହଞ୍ଚି ପାରିନାହୁଁ । ପୃଥିବୀର ଶିକ୍ଷାଦିଗରେ ଅନଗ୍ରସର ରାଷ୍ଟ୍ରମାନଙ୍କ ମଧ୍ୟରୁ ଖାଲି ଆମଦେଶ ଅନ୍ୟତମ । ଆମେ ବହୁତ ପଛରେ ପଡ଼ିଯାଇଛୁ । ତେଣୁ ଅନ୍ୟ ସମସ୍ତ ଉନ୍ନତ ରାଷ୍ଟ୍ରମାନଙ୍କ ସମକକ୍ଷ ହେବାପାଇଁ ଆମକୁ ବଡ଼ବଡ଼ ପାହୁଣ୍ଡ ପକାଇବାକୁ ପଡ଼ିବ ଓ ତତ୍ ସମ୍ପର୍କୀୟ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ ।

ସ୍ୱାଧୀନତା ପ୍ରାପ୍ତି ବେଳକୁ ଅର୍ଥାତ୍ ୧୯୪୭ରେ ଆମ ଦେଶରେ ଶତକଡ଼ା ୮୬ ଲୋକ ନିରକ୍ଷର ଥିଲେ । ୧୯୭୧ର ଜନଗଣନାରୁ ଜଣାପଡ଼େ ଯେ ତାହା ଶତକଡ଼ା ୬୬କୁ ଖସି ଆସିଛି । ଦୀର୍ଘ ୨୪ ବର୍ଷର ସାଧନା ଭିତରେ ଆମେ ମାତ୍ର ୨୦ ପରସେଣ୍ଟ ନିରକ୍ଷରଙ୍କୁ ସାକ୍ଷର କରି ପାରିଛେ ଏହାକୁ ନେଇ ଭାରତଭଳି ପୃଥିବୀର ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରର ଗର୍ବ କରିବାର କିଛିନାହିଁ । ଏଥିରେ କେବଳ ଲଜ୍ଜିତ ହେବାହିଁ ସାର ହେଉଛି । ଗୋଦରାମାଡ଼େ ଯେତେ କୋଡ଼େ ତେତେ ନ୍ୟାୟରେ ଆମେ ଆଗକୁ ପାହୁଣ୍ଡେ ଗଲାବେଳକୁ ଦି ପାହୁଣ୍ଡ ପଛକୁ ଘୁଞ୍ଚି ଆସୁଛୁ । ଦିନକୁ ଦିନ ଜନସଂଖ୍ୟା ବଢ଼ି ଚାଲିଛି । ଯୋଜନାର ଲକ୍ଷ୍ୟ କେବଳ ବ୍ୟାହତ ହେଉଛି । ବର୍ତ୍ତମାନ ୧୫ରୁ ୩୫ ବର୍ଷ ବୟସ୍କ ନିରକ୍ଷର ସଂଖ୍ୟା ପ୍ରାୟ ଆମ ଦେଶରେ ଏକ କୋଟିରୁ ଅଧିକ । ଏହି ଏକ କୋଟି ନିରକ୍ଷର ବ୍ୟକ୍ତିଙ୍କୁ ଯଦି ସମାଜରେ ଅବହେଳିତ ଭାବେ ରହିବାକୁ ଛାଡ଼ି ଦିଆଯାଏ ତେବେ ଦେଶରେ ସାମୂହିକ ବିକାଶ ହେବ କିପରି ? ଏମାନଙ୍କୁ ବାଦ୍ ଦେଇ ଶିକ୍ଷା ଯୋଜନା ପ୍ରଣୟନ କରିବା ନିଶ୍ଚିତଭାବେ କଷ୍ଟକର ।

ପ୍ରତ୍ୟେକ ନାଗରିକଙ୍କୁ ସାକ୍ଷର କରିବାର ସଂକଳ୍ପ ନେଇ କେନ୍ଦ୍ର ଓ ରାଜ୍ୟରେ ପ୍ରୌଢ଼ଶିକ୍ଷା ବିଭାଗମାନ ଖୋଲାଯାଇଛି । ନୂଆ ପ୍ରକାର କାର୍ଯ୍ୟକ୍ରମମାନ ପ୍ରସ୍ତୁତ ହେଉ । ବିଭିନ୍ନ ଯୋଜନାମାନଙ୍କରେ ଏହାକୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦିଆଯାଉଛି । ସରକାରୀ ଉଦ୍ୟମ ବ୍ୟତୀତ ବେସରକାରୀ ସଂସ୍ଥାମାନଙ୍କୁ ଏ କ୍ଷେତ୍ରରେ ଦାୟିତ୍ୱ ପ୍ରଦାନ କରାଯାଉଛି । ଖର୍ଚ୍ଚ ଦିଗରେ ଲେଶମାତ୍ର କୁଣ୍ଠାନାହିଁ । ତେବେ କାହିଁକି ଏହାର ସଫଳତା ଆମ ପାଖରୁ ଦୂରେଇ ଯାଉଛି । ପ୍ରୌଢ଼ମାନଙ୍କ ପାଇଁ ଯେଉଁ ପାଠ୍ୟକ୍ରମ ତିଆରି କରିଛେ ତାହାକଣ ସେମାନଙ୍କୁ ଆକୃଷ୍ଟ କରିପାରୁଛି ? ସେମାନଙ୍କର ଆବଶ୍ୟକତାକୁ ପୂରଣ କରିବା ଦିଗରେ ଏ ଶିକ୍ଷା କଣ ସମର୍ଥ ହୋଇପାରୁଛି ? ସେମାନଙ୍କ ମନରେ ଉପଯୁକ୍ତ ଅଭିପ୍ରେରଣା ସୃଷ୍ଟି କରିବାରେ ଏହା କାହିଁକି ବ୍ୟର୍ଥ ହେଉଛି ? ଏହି ସମସ୍ତ ପ୍ରଶ୍ନ ଗୁଡ଼ିକୁ ହସରେ ଉଡାଇ ଦିଆଯାଇ ନପାରେ । ଆମେ ଯଦି ମନେ କରୁଥାଉଁ ଯେ ୧୫ରୁ ୩୫ ବର୍ଷ ବୟସ୍କ ପ୍ରୌଢ଼ମାନଙ୍କୁ ପ୍ରୌଢ଼ଶିକ୍ଷା କେନ୍ଦ୍ରକୁ ଡାକି ନେଇ ଚଟ-ଶାଳୀରେ ପିଲାଙ୍କୁ ଅ,ଆ,କ,ଖ ଓ ଦୁଇକେ ଦୁଇ ଘୋଷାଇଲାପରି ଏମାନଙ୍କୁ ଘୋଷାଇବୁ ତେବେ ସେମାନେ ଏଥିପ୍ରତି ଆନ୍ତରିକତା ପ୍ରଦର୍ଶନ କରିବେ କାହିଁକି ? ଏପାଠ ପଢି ସେମାନେ କଣ କରିବେ ? ଏହା ସେମାନଙ୍କର କି ଦରକାରରେ ଲାଗିବ । ବରଂ ଏ ଶିକ୍ଷା ପାଇ ସେମାନେ ଚାକିରୀ ମୁଖାପେକ୍ଷୀ ହେବେ । ହେଲେ ଚାକିରୀ କାହିଁ ? ଘରେ କରୁଥିବା କୌଳିକ ବୃତ୍ତିରୁ ବ୍ୟର୍ଥନାହିଁ ସାର ହେବ । ନିବୃତ୍ତ ହେବେ । ଚାକିରିଂ ଦେହି କହି ସମାଜର ବଡ଼ ଡାଣ୍ଡରେ ଚିତ୍କାର ଛାଡ଼ିବେ । ତେଣୁ ସେମାନଙ୍କପାଇଁ ଏ ଶିକ୍ଷାର ଆଦୌ ଆବଶ୍ୟକତା ନାହିଁ । ଯଦି ସେମାନଙ୍କ ପାଇଁ ଶିକ୍ଷାକୁ ଜୀବନ ଓ ଆବଶ୍ୟକତା ଭିତ୍ତିକ କରାଯାଇ-ପାରିବ ତେବେ ସେମାନେ ଏହାର ମୂଲ୍ୟ ବୁଝିବେ ଓ ବହୁସଂଖ୍ୟାରେ ଶିକ୍ଷାପାଇଁ ଆଗେଇ ଆସିବେ । ପରୀକ୍ଷାକରି ଦେଖା ଗଲାଣି ଯେ ଯେଉଁ ସ୍ଥାନରେ ସେମାନଙ୍କର ଆବଶ୍ୟକତାକୁ ଭିତ୍ତିକରି ପାଠ୍ୟକ୍ରମମାନ ପ୍ରସ୍ତୁତ କରାଯାଇଛି ସେଠାରେ ଶିକ୍ଷା ପ୍ରତି ପ୍ରୌଢ଼ବ୍ୟକ୍ତିମାନେ ଆଗ୍ରହ ପ୍ରକାଶ କରୁଛନ୍ତି ଓ ପ୍ରୌଢ଼ଶିକ୍ଷା ଯୋଜନା ସଫଳ ହେଉଛି । ତେଣୁ ବର୍ତ୍ତମାନ ଚିନ୍ତା କରାଯାଉଛି ସେମାନଙ୍କ ମଧ୍ୟରେ ସାମାଜିକ ତଥା ସାଂସ୍କୃତିକ ଚେତନା ସୃଷ୍ଟି କରିବା

ନିମିତ୍ତ ଏକ ବିଧିବଦ୍ଧ ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳ ଭିତ୍ତିକ ବା କର୍ମାଭିମୁଖୀ ଶିକ୍ଷାର ପ୍ରଚଳନ କରିବାପାଇଁ । ଏହି ଯୋଜନାର ମୂଳଲକ୍ଷ୍ୟ ହେଲା (କ) ନିରକ୍ଷର ବ୍ୟକ୍ତିର ଅର୍ଥନୀତିକ ତଥା ସାମାଜିକ ଅଭିବୃଦ୍ଧି ଘଟାଇବା ସଙ୍ଗେ ସଙ୍ଗେ ଦେଶର ସମୂହ ଅର୍ଥନୀତିକୁ ସୁଦୃଢ଼ କରିବା (ଖ) ନିରକ୍ଷରବ୍ୟକ୍ତିକୁ ସାକ୍ଷର କରିବା ସଙ୍ଗେ ଜୀବନ ସଂଗ୍ରାମରେ ତାକୁ ସୁପ୍ରତିଷ୍ଠିତ କରାଇବା (ଗ) ନିଜର ପରିପାର୍ଶ୍ୱ ସହିତ ଠିକ୍‌ଖାପ୍‌ଖୁଆଇ ଚଳିବାପାଇଁ ପ୍ରେରଣା ଦେବା (ଘ) ବିଭିନ୍ନ ଉନ୍ନୟନମୂଳକ ଯୋଜନାରେ ଅଂଶ ଗ୍ରହଣ କରି ସୁଫଳ ଉପଭୋଗ କରିବାପାଇଁ ସୁଯୋଗ ଦେବା ଓ ଶେଷରେ ତା'ର କଥାବାର୍ତ୍ତା ଚାଲିଚଳନ, କାର୍ଯ୍ୟଦକ୍ଷତାକୁ ମାର୍ଜିତ କରିବା ।

ଆମଦେଶର ସମସ୍ୟାଗୁଡ଼ିକ ଉପରେ ଅନ୍ତର୍ଦୃଷ୍ଟି ନିକ୍ଷେପକଲେ ଆମେ ଦେଖିବା ଏହା ମୁଖ୍ୟତଃ ଦୁଇଟି ଯଥା–ଦାରିଦ୍ର୍ୟ ଓ ଅଶିକ୍ଷା ବା ନିରକ୍ଷରତା । ତେଣୁ ଆମକୁ ଏପରି ଏକ ଶିକ୍ଷା ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ ଯଦ୍ୱାରା ସେମାନେ ସାକ୍ଷର ହୋଇପାରିବେ ଓ ତତ୍ ସଙ୍ଗେ ସଙ୍ଗେ କୌଣସି ଏକ ବୃତ୍ତି ବା ଧନ୍ଦାରେ ଆବଶ୍ୟକ ଦକ୍ଷତା ଅର୍ଜନ କରିପାରିବେ ।ଫଳରେ ସେମାନେ ନିଜର ଦାରିଦ୍ର୍ୟ ଦୂର କରିବା ସଙ୍ଗେ ସଙ୍ଗେ ଶିକ୍ଷା ଦ୍ୱାରା ନିଜର ସୁନାଗରିକ ଦାୟିତ୍ୱ ସଂପାଦନ କରିପାରିବେ । ଏହି ଧନ୍ଦା ବା ବୃତ୍ତି ନିର୍ବାଚନ କରିବା ନିମିତ୍ତ କଷ୍ଟ କରିବାକୁ ପଡ଼ିବ ନାହିଁ । ସେମାନେ ନିଜର ବାପ ଅଜା ଅମଳରୁ ଯେଉଁ ବୃତ୍ତିମାନ କରି ଆସୁଛନ୍ତି ଓ ଯାହାଦ୍ୱାରା ନିଜ ପରିବାରର ଭରଣପୋଷଣ କରି ଆସୁଛନ୍ତି ସେ ସଂପର୍କରେ ଯଦି ସେମାନଙ୍କୁ ଉନ୍ନତଜ୍ଞାନ ଦିଆଯାଇପାରିବ ତେବେ ସେମାନେ ଅଧିକ ରୋଜଗାର କରିପାରିବେ ଓ ଜୀବନ ସଂଗ୍ରାମରେ ସଫଳତା ହାସଲ କରିପାରିବେ ।

ଆମ ଦେଶ ଏକ କୃଷି ପ୍ରଧାନ ଦେଶ । ଏ ଦେଶର ଶତକଡ଼ା ୮୦ ଭାଗରୁ ଅଧିକ ଲୋକ କୃଷକ । ଅଧିକାଂଶ କୃଷକ ନିରକ୍ଷର । ଏହି ନିରକ୍ଷର କୃଷକମାନଙ୍କୁ ଗତାନୁଗତିକ ଢଙ୍ଗରେ ଶିକ୍ଷାଦାନ ଦିଆଗଲେ ବା ସାକ୍ଷର କରିବାକୁ ଚେଷ୍ଟାକଲେ ସେମାନଙ୍କର ଜୀବନ ଧାରଣର ମାନ ବଢ଼ିବ ନାହିଁ କିମ୍ବା ସେମାନେ ଏଭଳି ଅବାଞ୍ଛିତ ଶିକ୍ଷାକୁ ଗ୍ରହଣ କରିବେ ନାହିଁ । ତେଣୁ ଶିକ୍ଷା ସେମାନଙ୍କ ପାଇଁ ଜୀବନାଭିମୁଖୀ ହେବା ଦରକାର । ବୃତ୍ତି ତଥା କୃଷି ସମ୍ବନ୍ଧୀୟ ଶିକ୍ଷା ସେମାନଙ୍କୁ ଉନ୍ନତି ଆଡ଼କୁ ଟାଣି ନେବ । ଦାରିଦ୍ର୍ୟ କବଳରୁ ମୁକ୍ତିପାଇ ସେମାନଙ୍କ ଜୀବନ ସୁଖମୟ ହେବ । ଏହି କଥାକୁ ଉପଲବ୍‌ଧିକରି ଆମ ସରକାର ୧୯୭୩ରେ କୃଷକ ସାକ୍ଷରତା ଯୋଜନା ନାମରେ ଏକ ନୂଆ ଯୋଜନା ପ୍ରବର୍ତ୍ତନ କଲେ । ଏହାର ଉଦ୍ଦେଶ୍ୟ ଦ୍ୱିବିଧ । ପ୍ରଥମତଃ ସେମାନେ ନିଜର ବୃତ୍ତି ସମ୍ବନ୍ଧୀୟ ଜ୍ଞାନ ପାଇବେ ଯାହାକି ସେ ନିଜ କୃଷି କ୍ଷେତ୍ରରେ ପ୍ରୟୋଗ କରି ଅଧିକ ଲାଭବାନ ହେବେ ଓ ଦ୍ୱିତୀୟରେ ସେମାନଙ୍କର ନିରକ୍ଷରତା ଦୋଷ ଦୂର ହେବ । କୃଷକମାନେ ଯଦି ଉନ୍ନତ ବିହନ, ସାର ପ୍ରୟୋଗକରି, ଆଧୁନିକ କୃଷି ଯନ୍ତ୍ରପାତି ବ୍ୟବହାର କରି ପାରିବେ ତାହା ହେଲେ ଅଧିକ ଫସଲ ଉତ୍ପାଦନ କରି ଲାଭବାନ୍‌ହେବେ । ତା'ସଙ୍ଗକୁ ଫସଲ ସଂରକ୍ଷଣ, ବ୍ୟାଙ୍କ ଋଣ ଗ୍ରହଣ ପ୍ରଭୃତି ବିଷୟରେ ଜ୍ଞାନ ଲାଭ କରିପାରିବେ । ଏଣୁ ଏ ପ୍ରକାର ଶିକ୍ଷାପ୍ରତି ସେମାନେ ଆକୃଷ୍ଟହେବେ । ଏହି ଶିକ୍ଷାହିଁ ଥିଲା ଜାତିପିତା ଗାନ୍ଧିଜୀଙ୍କର ଲକ୍ଷ୍ୟ । ପ୍ରଚଳିତ ଶିକ୍ଷା ପଦ୍ଧତି ବଦଳାଇ ସେ ବୃତ୍ତିଭିତ୍ତିକ ଶିକ୍ଷା ପ୍ରବର୍ତ୍ତନ ନିମିତ୍ତ ଆଗ୍ରହୀ ଥିଲେ । ସେ ବିଶ୍ୱାସ କରିଥିଲେ ଯେ ଏହି ବୃତ୍ତିଭିତ୍ତିକ ଶିକ୍ଷାହିଁ କେବଳ ଦେଶର ଅର୍ଥନୀତିରେ ନୂତନ ବିପ୍ଳବର ସୂତ୍ରପାତ କରିପାରିବ । ଏ ଶିକ୍ଷାପାଇଁ କେବଳ କୃଷକ ନୁହେଁ ବଢ଼େଇ ତା'ର କାଠକାମ, କମାର ତା'ର ଲୁହାକାମ ତନ୍ତୀ ମଧ୍ୟ ତନ୍ତକାମ ପ୍ରଭୃତିରେ ବେଶ୍ ଦକ୍ଷତା ହାସଲ କରିପାରିବ ।

ଏହି ନୂତନ ଯୋଜନାର ସଫଳରୂପାୟନପାଇଁ କେବଳ ରାଜ୍ୟ ବା କେନ୍ଦ୍ର ସରକାର ଉଦ୍ୟମ କରୁନାହାନ୍ତି ୟୁନିସେଫ ଭଳି ବିଶ୍ୱସଂସ୍ଥା ପ୍ରତ୍ୟେକ ଦେଶକୁ ଏ ଶିକ୍ଷା ପ୍ରଚଳନ ନିମିତ୍ତ ସାହାଯ୍ୟ ଦେଉଛନ୍ତି । ଆମ ଦେଶରେ ୟୁନିସେଫର କେତେକ ଯୋଜନା କାର୍ଯ୍ୟକାରୀ କରାଯାଉଅଛି । ଏମାନଙ୍କ ମଧ୍ୟରେ ଗୋଷ୍ଠୀ ଉନ୍ନୟନ ଓ ଗୋଷ୍ଠୀ ସହଯୋଗ ଯୋଜନା ଅନ୍ୟତମ । ଏହି ଯୋଜନା ମାଧ୍ୟମରେ ଶିକ୍ଷାକ୍ଷେତ୍ରରେ ଅନୁନ୍ନତ ତଥା ଅନଗ୍ରସର ଅଞ୍ଚଳମାନଙ୍କରେ ଗୋଷ୍ଠୀକେନ୍ଦ୍ରମାନ ସ୍ଥାପନ କରାଯାଇ ନିରକ୍ଷରମାନଙ୍କୁ ସାକ୍ଷର କରିବା ନିମିତ୍ତ ବିଭିନ୍ନ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଉଛି ଯାହାକି ବିଭିନ୍ନ ଧନ୍ଦାରେ ପର୍ଯ୍ୟବେଶିତ । ବର୍ତ୍ତମାନ ଆମରାଜ୍ୟରେ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଦର୍ଶନ ଢେଙ୍କାନାଳ ଓ ପାରଳାଖେମୁଣ୍ଡିର କେତେକ ଅନୁନ୍ନତ ଗ୍ରାମମାନଙ୍କରେ ଉକ୍ତ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଉକ୍ତ ସ୍ଥାନମାନଙ୍କରେ ସର୍ବେକ୍ଷଣ କରାଯାଇ ବିଭିନ୍ନ ବୃତ୍ତି ସମ୍ବନ୍ଧୀୟ ପାଠ୍ୟ ଯୋଜନା ପ୍ରସ୍ତୁତ କରାଯାଉଛି । ବୃତ୍ତି ସମ୍ବନ୍ଧୀୟ ଶିକ୍ଷାଦାନ ନିମିତ୍ତ ବ୍ଲକ ସଂପ୍ରସାରଣ ଅଧିକାରୀ ଓ ଅଭିଜ୍ଞ ଗ୍ରାମବାସୀଙ୍କ ସାହାଯ୍ୟ ନିଆଯାଉଛି ।

ଏହି ବୃତ୍ତି ଭିତ୍ତିକ ଶିକ୍ଷା ପ୍ରବର୍ତ୍ତନ ଦିଗରେ ବର୍ତ୍ତମାନ ରାଜ୍ୟ ପ୍ରୌଢ଼ଶିକ୍ଷା ବିଭାଗ ମନୋନିବେଶ କରିଛନ୍ତି । ଏଥିପାଇଁ ଆବଶ୍ୟକ ପାଠ୍ୟ ଉପକରଣ ପ୍ରସ୍ତୁତ କରିବା ସଙ୍ଗେ ସଙ୍ଗେ ଏହି କାର୍ଯ୍ୟକୁ କିପରି ତ୍ୱରାନ୍ୱିତ କରାଯାଇ ପାରିବ ସେଥିନିମିତ୍ତ କେନ୍ଦ୍ର ତଥା ରାଜ୍ୟସରକାର ଯୋଜନା ପ୍ରସ୍ତୁତ କରିଛନ୍ତି । ପ୍ରୌଢ଼ଶିକ୍ଷାର ଏହି ନୂତନ ଆଭିମୁଖ୍ୟ ପ୍ରତି ଅନୁକୂଳ ମତ ସୃଷ୍ଟି କରାଯାଉଛି । ମନେହୁଏ ପ୍ରୌଢ଼ଶିକ୍ଷା କ୍ଷେତ୍ରରେ ଏହି ନୂତନ ଚିନ୍ତା ଦିନେ ଏ ଦେଶର ନିରକ୍ଷରତା ଦୂରୀକରଣ ଦିଗରେ ଅଧିକ ସମର୍ଥ କରାଇବ ।

ଜିଲ୍ଲା ପ୍ରୌଢ଼ଶିକ୍ଷା ଅଧିକାରୀ, ପୁରୀ

# "ଅର୍ଘ୍ୟଥାଳୀ"ରୁ

ଶ୍ରୀ ସତ୍ୟନାରାୟଣ ବହିଦାର

### ଖଦ୍ୟୋତର ଖେଦ

ନ କର ମାନବେ,
କ୍ଷୁଦ୍ର ଜୀବେ ଉପହାସ
ନିଜର ଜୀବନ-ଜ୍ୟୋତି
କର ପରକାଶ ।

ନି ମାରବ      ଝୁରରି କେଭେ
ଛୁଟ ଜୁନିଆଁ ବଲି
ଆପନା ଭିତର      ଉକିଆଁ ଦେକି
ଦେ'ନ ଉଜଲ କରି ।

* * *

### କର୍ମବୀର ଓ ବାକ୍ୟବୀର

କୋକିଳ ଭାଷିଲେ      ରସାଳ ପାଚଇ
ଭୁଞ୍ଜନ୍ତି ତା' ସୁଖେ
ଜଗତ ଜନ
ବାକ୍ୟେ କର୍ମବୀର      ଶକ୍ତି ସଞ୍ଚରଇ
ତେବେ କରେ ଲୋକ
ହିତ ସାଧନ ।

କୁଇଲି ଗୁଗାଲେ      ଆମ ପାଚସି
ଖେତା ମଜା ଦେସି
କମିହାଁ କଥାନ      ବହସି ବସୁ
ସବକର ହିତ୍ ହେସି ।

* * *

## ଡାଲ ସୂର୍ଯ୍ୟ

ଯେ ଯାହାର ହିତ କରେ
ନ କରେ ତା କାମ,
ଆମ ଦେଶେ କହୁଁ ତାକୁ
ନିମକ ହାରମ ।

ଉପଗାର ଯେ ଥିସି ପାଲ
ନାଇଁ ମକାଲେ ନାଁ।
ନମକ ହାରମ ବଲସନ ପାଛେ
ଆମର ଉନେ ହାୟ ।

* * * *

## ପରିଶ୍ରମ

ଆପଣାର ପେଟ ପୋଷନ୍ତି
କୀଟ ପତଙ୍ଗଗଣ
ପେଟପାଇଁ ନର ଭିଖାରୀ
ଧରେ ପର ଚରଣ ।

ପୋକ କିରଙ୍ଗା ପେଟ ପୁସସନ
ମେହେନତ୍ ନ ଆହା....
ମୁନୁଷ୍ ଖାଲି ଭିଖ୍ ମାଗସି
ଧରସି ପରର ପାହା ।

* * * *

## କର୍ମଗୁଣ

ଉଚ୍ଚ ସେହୁ ଉଚ୍ଚ କର୍ମ
କରେ ଯେଉଁ ଜନ
କରମ ନିମନ୍ତେ ନାହିଁ
ବଂଶ ପ୍ରୟୋଜନ ।

ଉଁଚ୍ କାମ କରସି ଯେ
ସେ ଲୋକଟା ବଡ୍
ବଇଁଶ-ବିଗ୍‌ର କାଏଁ ଦରକାର
କାମ କବାର ଜଡ୍ ।

ସମ୍ବଲପୁର

# ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା

**ପୃଷ୍ଠଭୂମି**—ଶିକ୍ଷା ବିଶେଷକରି ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ବିକାଶ ନିମନ୍ତେ ୧୯୬୪ ମସିହାରେ ରାଜ୍ୟ ଶିକ୍ଷା ପ୍ରତିଷ୍ଠାନ ପ୍ରତିଷ୍ଠିତ ହେଲା । ପ୍ରାରମ୍ଭରେ ଏହି ଅନୁଷ୍ଠାନର କାର୍ଯ୍ୟ ପ୍ରଶିକ୍ଷଣ, ସଂପ୍ରସାରଣ, ଗବେଷଣା ଓ ପ୍ରକାଶନରେ ସୀମାବଦ୍ଧ ଥିଲା । ପରେ ପରେ ଏହାର କାର୍ଯ୍ୟ ସମଗ୍ର ବିଦ୍ୟାଳୟ ଶିକ୍ଷାକୁ ସଂପ୍ରସାରିତ ହେଲା ।

ସରକାରୀ ସ୍ତରରେ ଅନେକ ପରୀକ୍ଷା ଓ ପର୍ଯ୍ୟାଲୋଚନାପରେ ୧୯୭୯ ଜାନୁଆରୀ ୫ ତାରିଖରେ ଓଡ଼ିଶା ସରକାର ଏକ ବିଜ୍ଞପ୍ତି ପ୍ରକାଶକରି ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ବିକାଶ ଏବଂ ସାର୍ବଜନୀନ ପ୍ରାଥମିକ ଶିକ୍ଷାର ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳ କରିବା ଉଦ୍ଦେଶ୍ୟରେ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ନାମରେ ଏହି ଅନୁଷ୍ଠାନର ନୂତନ ନାମକରଣ କଲେ ।

**ନୂତନରୂପ**—ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଶିକ୍ଷା ନିର୍ଦ୍ଦେଶାଳୟର ଏକ ଅଙ୍ଗ ରୂପେରହି ନିର୍ଦ୍ଦେଶାଳୟର ବୌଦ୍ଧିକ ସଂସ୍ଥାରୂପେ କାର୍ଯ୍ୟ କରିବ । ପରିଷଦ ଅଧିନରେ ପୂର୍ବରୁ ଥିବା ବିଭାଗଗୁଡ଼ିକ ଓ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନରେ ଥିବା ବିଜ୍ଞାନ ଶିକ୍ଷାବିଭାଗ, ଶିକ୍ଷାଉଦ୍ୟୋଗ କେନ୍ଦ୍ର, ପ୍ରଶାସନ ଓ ପ୍ରଚାର ବିଭାଗ ଏବଂ ମୂଲ୍ୟାୟନ ବିଭାଗ ସମସ୍ତର ପୁନର୍ଗଠନ କରାଯାଇ ନିମ୍ନ ବିଭାଗଗୁଡ଼ିକ ସୃଷ୍ଟି କରାଗଲା । ଏଗୁଡ଼ିକ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଅଧୀନରେ ରହିଲା ।

୧ । ପ୍ରାକ୍-ପ୍ରାଥମିକ ଏବଂ ପ୍ରାଥମିକ ଶିକ୍ଷାବିଭାଗ

୨ । ଶିକ୍ଷକ ତାଲିମ୍ ଏବଂ ସେବାକାଳୀନ ଶିକ୍ଷା ବିଭାଗ

୩ । ସଂପ୍ରସାରଣ ସେବା ଏବଂ ବିଦ୍ୟାଳୟ ପରିଚାଳନା ବିଭାଗ

୪ । ପରୀକ୍ଷା ସଂସ୍କାର ଏବଂ ଶିକ୍ଷା ଓ ବୃତ୍ତି ନିର୍ଦ୍ଦେଶନା ବିଭାଗ

୫ । ଗବେଷଣା ବିଭାଗ

୬ । ଶିକ୍ଷାସର୍ଭେ ଏବଂ ପରିସଂଖ୍ୟାନ ବିଭାଗ

୭ । ବିଜ୍ଞାନ ଏବଂ ଗଣିତ ଶିକ୍ଷା ବିଭାଗ

୮ । ପାଠ୍ୟକ୍ରମ ଗବେଷଣା ଏବଂ ପାଠ୍ୟକ୍ରମ ନବୀକରଣ ପ୍ରକଳ୍ପ ବିଭାଗ

୯ । ପ୍ରୌଢ଼ ଏବଂ ଅଣ-ଆନୁଷ୍ଠାନିକ ଶିକ୍ଷା ବିଭାଗ

୧୦ । ଶିକ୍ଷା ଉଦ୍ୟୋଗ ଓ କେନ୍ଦ୍ର ବିଭାଗ

୧୧ । କର୍ମଶିକ୍ଷା ଏବଂ ଲଳିତ କଳା ବିଭାଗ

୧୨ । ପ୍ରକାଶନ ଓ ପ୍ରଚାର ବିଭାଗ

ଏତଦ୍‌ବ୍ୟତୀତ ଭବିଷ୍ୟତରେ ଆହୁରି ଅନେକ ବିଭାଗ ଖୋଲିବ । ସୁସ୍ଥରୂପେ କାର୍ଯ୍ୟ ସଂପାଦନା କରିବାପାଇଁ ଏବଂ ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରିବାପାଇଁ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ଆବଶ୍ୟକତା ଅନୁଯାୟୀ ଏହିସବୁ ବିଭାଗରେ ପରିବର୍ତ୍ତନ କରିପାରିବେ । ଶିକ୍ଷକ ତାଲିମ୍ କାର୍ଯ୍ୟକ୍ରମ, ମୂଲ୍ୟାୟନ, ସର୍ଭେ ଏବଂ ମନିଟରିଂ, ପରୀକ୍ଷାମୂଳକ ଏବଂ ନୂତନ ଶିକ୍ଷାଦାନ ପଦ୍ଧତି ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ଉପଦେଷ୍ଟା କମିଟି ଅନୁମୋଦିତ ବିଭିନ୍ନ କାର୍ଯ୍ୟକ୍ରମ ପ୍ରବର୍ତ୍ତନ ନିମନ୍ତେ ଶିକ୍ଷାଧିକାରୀ ଏବଂ ଅଧସ୍ତନ ଅଫିସରଙ୍କ ଉପରେ ପରିଷଦ ନିର୍ଦ୍ଦେଶକଙ୍କର କର୍ତ୍ତୃତ୍ୱ

ରହିବ । ନୂତନ ବ୍ୟବସ୍ଥା ଅନୁଯାୟୀ ରାଜ୍ୟରେ ଶିକ୍ଷକ ଶିକ୍ଷା ସଂପର୍କରେ ଏବଂ ଶୈକ୍ଷିକ ଗବେଷଣା ଉପରେ ସେ ସରକାରଙ୍କୁ ବିବରଣୀ ଦେବେ । ମୋଟ୍ ଉପରେ କହିବାକୁ ଗଲେ ଏହି ପରିଷଦ ପ୍ରଗତିଶୀଳ ଶିକ୍ଷା ଏବଂ ଶିକ୍ଷା ଗବେଷଣାର କେନ୍ଦ୍ରଭାବରେ କାର୍ଯ୍ୟକରିବ ଏବଂ ଶିକ୍ଷାରେ ଏମ୍ : ଏ :, ଏମ୍. ଫିଲ., ଏବଂ ପି. ଏଚ. ଡିଗ୍ରୀପାଇଁ ଛାତ୍ରମାନଙ୍କୁ ପ୍ରସ୍ତୁତ କରିବ ।

ପରିଷଦର ଏକ ଉପଦେଷ୍ଟାକମିଟି ରହିବ ଏବଂ ସେଥିରେ ଶିକ୍ଷାମନ୍ତ୍ରୀ ସଭାପତି ରହିବେ । ଏହି କମିଟିରେ ଶିକ୍ଷାସଚିବ, ଶିକ୍ଷାନିର୍ଦ୍ଦେଶକ, ଅତିରିକ୍ତ ଶିକ୍ଷାନିର୍ଦ୍ଦେଶକ (ବିଦ୍ୟାଳୟ), ଅତିରିକ୍ତ ଶିକ୍ଷା ନିର୍ଦ୍ଦେଶକ (ପ୍ରୌଢ଼ଶିକ୍ଷା), ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗର ନିର୍ଦ୍ଦେଶକ, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି କିମ୍ବା ତାଙ୍କର ମନୋନୀତ ବ୍ୟକ୍ତି, ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି, ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର କ୍ଷେତ୍ର ଉପଦେଷ୍ଟା, ଆଞ୍ଚଳିକ ଶିକ୍ଷା ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ ପ୍ରଶିକ୍ଷଣ ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ ପ୍ରଶିକ୍ଷଣ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସ୍ୱାସ୍ଥ୍ୟ ଏବଂ କୃଷି ବିଭାଗର ପ୍ରତିନିଧି ଏବଂ କେତେକ ବେସରକାରୀ ସଭ୍ୟ ରହିବେ ।

କାର୍ଯ୍ୟ —ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ନିମ୍ନମତେ କାର୍ଯ୍ୟକରିବେ ।

୧ । ବିଦ୍ୟାଳୟଶିକ୍ଷା, ଅଣ-ଆନୁଷ୍ଠାନିକ ଶିକ୍ଷା ଏବଂ ଶିକ୍ଷକ ଶିକ୍ଷାରେ ଗୁଣାତ୍ମକ ପରିବର୍ତ୍ତନ ।

୨ । ପ୍ରାଥମିକ ଶିକ୍ଷକ ତାଲିମ୍ ଅନୁଷ୍ଠାନରେ କାର୍ଯ୍ୟ ତଦାରଖ ଓ ନିୟନ୍ତ୍ରଣ (ମାଧ୍ୟମିକ ଏବଂ ପ୍ରାଥମିକ ତାଲିମ ବିଦ୍ୟାଳୟ) ଏବଂ ପ୍ରଶିକ୍ଷଣ ମହାବିଦ୍ୟାଳୟଗୁଡ଼ିକର କାର୍ଯ୍ୟ ମଧ୍ୟରେ ସମନ୍ୱୟ ସ୍ଥାପନ ।

୩ । ବିଭିନ୍ନ ସ୍ତରର ଶିକ୍ଷକ, ଶିକ୍ଷାଧିକାରୀ ଏବଂ ଶିକ୍ଷକ ଶିକ୍ଷାବିତ୍‌ମାନଙ୍କୁ ସେବାକାଳୀନ ତାଲିମ୍‌ର ବ୍ୟବସ୍ଥା ଏବଂ ରାଜ୍ୟ ସ୍ତରରେ କାର୍ଯ୍ୟ କରୁଥିବା ବିଭିନ୍ନ ଅନୁଷ୍ଠାନର କାର୍ଯ୍ୟ ମଧ୍ୟରେ ସମନ୍ୱୟ ।

୪ । ଶିକ୍ଷକ, ଶିକ୍ଷକ-ଶିକ୍ଷାବିତ୍ ଏବଂ ବିଦ୍ୟାଳୟ ଶିକ୍ଷାଧିକାରୀଙ୍କର ବୃତ୍ତିଗତ ବିକାଶ ନିମନ୍ତେ ପତ୍ର ତଥା ବ୍ୟକ୍ତିଗତ ସଂପର୍କ ମାଧ୍ୟମରେ କାର୍ଯ୍ୟକ୍ରମର ସଂଯୋଜନା ।

୫ । ଶିକ୍ଷାନୁଷ୍ଠାନ, ପ୍ରାକ୍ ପ୍ରାଥମିକ ଓ ପ୍ରାଥମିକ ଶିକ୍ଷକମାନଙ୍କର ବ୍ୟବହାର ନିମନ୍ତେ ପାଠ୍ୟକ୍ରମ, ସହାୟକ ପୁସ୍ତକ ଏବଂ ପାଠ୍ୟପୁସ୍ତକର ପ୍ରଣୟନ ।

୬ । ରାଜ୍ୟର ସମସ୍ତ ସ୍ତରର ଶିକ୍ଷକ ତାଲିମ୍ ଅନୁଷ୍ଠାନକୁ ସଂପ୍ରସାରଣ ଶିକ୍ଷା ବ୍ୟବସ୍ଥା ।

୭ । ରାଜ୍ୟର ଶିକ୍ଷକତାଲିମ୍ ଅନୁଷ୍ଠାନରେଥିବା ସଂପ୍ରସାରଣ କାର୍ଯ୍ୟକ୍ରମ ମଧ୍ୟରେ ସମନ୍ୱୟ ସ୍ଥାପନ ।

୮ । ବିଦ୍ୟାଳୟଶିକ୍ଷା, ଶିକ୍ଷକ ଶିକ୍ଷା ଏବଂ ପରିଦର୍ଶନର ଗୁଣାତ୍ମକ ବିକାଶ ନିମନ୍ତେ ଜାତିସଂଘ ଆନ୍ତର୍ଜାତୀୟ ଶିଶୁ ଜରୁରୀଭିତ୍ତିକ ପାଣ୍ଠି, ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ସହଯୋଗରେ ବିଶେଷ ଶିକ୍ଷା ପ୍ରକଳ୍ପଗୁଡ଼ିକର ସଂଗଠନ ।

୯ । ବିଦ୍ୟାଳୟ ଏବଂ ଶିକ୍ଷକ ତାଲିମ୍ କେନ୍ଦ୍ର ନିମନ୍ତେ ପାଠ୍ୟକ୍ରମ ଏବଂ ପାଠ୍ୟପୁସ୍ତକ ଅନୁମୋଦନ ।

୧୦ । ଶିକ୍ଷାର ବିଭିନ୍ନ ସମସ୍ୟା ସଂପର୍କରେ ଅନୁଧ୍ୟାନ ଓ ଗବେଷଣା ।

୧୧ । ଶିକ୍ଷକ ଶିକ୍ଷାବିତ୍‌ମାନଙ୍କର ବ୍ୟବହାର ନିମନ୍ତେ ସହାୟକ ପୁସ୍ତକ ପ୍ରଣୟନ ।

୧୨ । ଶିକ୍ଷା ନିର୍ଦ୍ଦେଶକ ବା ସରକାରଙ୍କ ଦ୍ୱାରା ଆଦିଷ୍ଟ କୌଣସି କାର୍ଯ୍ୟକ୍ରମ ବା ପ୍ରୌଢ଼ କିମ୍ବା ଅଣ-ଆନୁଷ୍ଠାନିକ ଶିକ୍ଷା କାର୍ଯ୍ୟକ୍ରମର ସମୀକ୍ଷା ।

୧୩ । ଶିକ୍ଷାର ଗୁଣାତ୍ମକ ବିକାଶ ଦୃଷ୍ଟିରୁ ଏବଂ ବୃତ୍ତିପାଇଁ ପ୍ରାର୍ଥୀ ନିର୍ବାଚନ କରିବା ନିମନ୍ତେ ତୃତୀୟ ଓ ପଞ୍ଚମ ଶ୍ରେଣୀ ତଥା ଅନ୍ୟକେତେକ ସ୍ତର ଶେଷରେ ପରୀକ୍ଷାଗୁଡ଼ିକର ପରିଚାଳନା ।

ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ବିକାଶ ନିମନ୍ତେ ପ୍ରସ୍ତୁତ ବିଭିନ୍ନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାପାଇଁ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଏହି ନୂତନ ବ୍ୟବସ୍ଥା ଅନୁଯାୟୀ ଅଧିକ କ୍ଷମତା ଓ ଦାୟିତ୍ୱ ଗ୍ରହଣ କରିଛି । ରାଜ୍ୟର ଶିକ୍ଷାବ୍ୟବସ୍ଥାର ବିକାଶ, ଶିକ୍ଷକ ଶିକ୍ଷାର ଗୁଣାତ୍ମକ ଅଭିବୃଦ୍ଧି, ନୂତନ ଶିକ୍ଷାବ୍ୟବସ୍ଥା ପ୍ରବର୍ତ୍ତନ, ପରିଦର୍ଶକଙ୍କୁ ଦିଗ୍‌ଦର୍ଶନ ଦେବା ଏବଂ ଶିକ୍ଷା ଗବେଷଣାର ଉନ୍ନତି ସାଧନ କରିବାରେ ଏହି ଅନୁଷ୍ଠାନ ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ଆଶାକରାଯାଏ ।

ଆଜିର ବିଜ୍ଞାନ....

# ଆମରି ସେବାରେ ଗୋବର ଗ୍ୟାସ

ଶ୍ରୀ ସୂର୍ଯ୍ୟମଣି ବେହେରା

ପୁରାତନ କାଳରେ ମଣିଷ ଯେତେବେଳେ ଜଙ୍ଗଲରେ ବାସ କରୁଥିଲା, ସେତେବେଳେ ସେ ଜଙ୍ଗଲରେ ମିଳୁଥିବା ଫଳମୂଳ ତଥା ପଶୁପକ୍ଷୀଙ୍କର କଞ୍ଚାମାଂସସବୁ ନ ରାନ୍ଧି ଖାଉଥିଲା । ଚାଷକରି କୌଣସି ଫସଲ ଫଳାଇବାରେ ମଧ୍ୟ ଆଦୌ ଆଗ୍ରହ ପ୍ରକାଶ କରୁ ନ ଥିଲା । ମାତ୍ର ନୂତନ ସଭ୍ୟତାର ଆଲୋକରେ ତାର ଅନେକ କିଛି ପରିବର୍ତ୍ତନ ଦେଖାଗଲା । ସେ ରାନ୍ଧି ଶିଖିଲା । ବିଭିନ୍ନ ଜାଳେଣି ବ୍ୟବହାର କରି କୌଣସି ଜିନିଷ କଞ୍ଚା ନ ଖାଇ ସିଝାଇ ଖାଇଲା । ସେଥିପାଇଁ କାଠକୁ ସେ ପ୍ରଥମେ ନିଜର ଇନ୍ଧନରୂପେ ବ୍ୟବହାର କଲା । ଠିକ୍ ସେହିପରି ବିଭିନ୍ନ ପ୍ରକାରର ଫସଲକୁ ସେ ନିଜେ ଚାଷକରି ଉତ୍ପାଦନ କରି ଶିଖିଲା । ମୋଟାମୋଟି ଭାବରେ ଦେଖିବାକୁଗଲେ ମଣିଷ-ନିଜର ଅଦମ୍ୟ ଅଧ୍ୟବସାୟ ବଳରେ ବର୍ତ୍ତମାନ ଉନ୍ନତ ଧରଣର ଫସଲ ଫଳାଇବା ସଙ୍ଗେ ସଙ୍ଗେ ବିଭିନ୍ନ ଧରଣର ଜାଳେଣିସବୁ ଉଦ୍‌ଭାବନ କରି ବିଭିନ୍ନ କ୍ଷେତ୍ରରେ ନିଜର ଜୀବନକୁ ତଥା ସମାଜର ଜୀବନକୁ ସୁଖସ୍ୱାଚ୍ଛନ୍ଦ୍ୟରେ ଭରି ଦେଇଛି ।

ସଂପ୍ରତି ଉନ୍ନତଧରଣର କୃଷିପ୍ରଣାଳୀରେ ସାର ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି । ପ୍ରାକୃତିକ ସାର ହିସାବରେ 'ଗୋବର' ଆମର ଅତି ପରିଚିତ । ସଢ଼ା ଗୋବରଖତର ବ୍ୟବହାରରେ ଯେ କୌଣସି ଫସଲ ଅଧିକ ଅମଳ ହୋଇଥାଏ । ସେଥିପାଇଁ ଗାଈଗୋରୁ ମହିଷାଦି ଥିବା ଗୃହସ୍ଥଙ୍କ ଘରେ ଗୋବରଖତ ପ୍ରତ୍ୟେକ ଦେଖିଥିବେ । ଉଦ୍ଦେଶ୍ୟ—ସଂଗୃହୀତ ଗୋବରକୁ ଯଦି ଖାତରେ ପକାଇ ରଖାଯାଏ, ତେବେ କିଛିଦିନ ପରେ ତାହା ଜଳର ସଂସ୍ପର୍ଶରେ ଆସି ସଢ଼ିଯାଇ ଗୋବରଖତରେ ପରିଣତ ହେବ ଯାହାକୁ ଜମିରେ ସାର ହିସାବରେ ବ୍ୟବହାର କରିହେବ । ବୈଜ୍ଞାନିକଗଣ ଦେଖିଲେ ଜଳମିଶ୍ରିତ ଗୋବର ସଢ଼ିବା ସମୟରେ ତହିଁରୁ ଏକ ଗ୍ୟାସ ନିର୍ଗତ ହେଉଛି । ସେହି ଗ୍ୟାସ ଅର୍ଥାତ୍ ଗୋବର ଗ୍ୟାସ ସଂପର୍କରେ ଅନୁଶୀଳନ କରି ସେମାନେ ଜାଣିପାରିଲେ ଯେ ଏହା ଏପରି କେତୋଟି ଦହନଶୀଳ ଗ୍ୟାସଦ୍ୱାରା ପରିପୂର୍ଣ୍ଣ, ଯେଉଁଥିରେ ଡ଼ିଆସିଲିଜାଳି ଲଗାଇବା ମାତ୍ରକେ ନିଆଁ ଧରିବ । ତେଣୁ ସେହି ଗ୍ୟାସର ସଦ୍‌ବିନିଯୋଗରେ ଆମେ କିପରି ଆମର ଦୈନନ୍ଦିନ ରୋଷେଇ କାର୍ଯ୍ୟ ସଂପାଦନ କରିପାରିବୁ ତାର ଏକ ସବିଶେଷ ଯୋଜନା ପ୍ରସ୍ତୁତ କଲେ । ଆଉ ଏହି ଯୋଜନାର ଅଭୂତପୂର୍ବ ସାଫଲ୍ୟରେ ଉତ୍‌ଫୁଲ୍ଲିତହୋଇ ଅଧିକରୁ ଅଧିକ ଲୋକେ ଏହାର ପ୍ରଚଳନ କିପରି କରିପାରିବେ ତାର ପ୍ରସାର ଭାର ଖଦୀ ଓ ଗ୍ରାମୋଦ୍ୟୋଗ କମିଶନ ଗ୍ରହଣ କରିଛନ୍ତି । ଅର୍ଥାତ୍ ଯେଉଁ ବ୍ୟକ୍ତି ଏହି ଗୋବରଗ୍ୟାସ ପ୍ଲାଣ୍ଟ ନିର୍ମାଣ କରିବେ, ଉକ୍ତ କମିଶନ ସେହି ପ୍ଲାଣ୍ଟ ବସାଇବାର ସମସ୍ତ ନିର୍ମାଣ କୌଶଳ ତାଙ୍କୁ ଯୋଗାଇଦେବେ । ଖାଲି ସେତିକିନୁହେଁ, ତା' ସଙ୍ଗେ ସଙ୍ଗେ, ବ୍ୟାଙ୍କରୁ କିପରି ସହଜରେ ଋଣ ମିଳିପାରିବ ତାର ମଧ୍ୟ ସୁବ୍ୟବସ୍ଥା କମିଶନ କରିଦେବେ । ସୁତରାଂ ଗୋବର ଗ୍ୟାସ ପ୍ଲାଣ୍ଟ ବସାଇ ଆମେ ମୁଖ୍ୟତଃ ଆମର ଜାଳେଣି ସମସ୍ୟା ସମାଧାନ କରିବା ସଙ୍ଗେ ସଙ୍ଗେ ସାରର ସମସ୍ୟାକୁ ମଧ୍ୟ ସମାଧାନ କରିପାରିବା ।

### ଗୋବରଗ୍ୟାସ କଣ ?

ଗୋବର ସହିତ ଜଳ ମିଶାଇ ସଢ଼ାଇଦେଲେ ତହିଁରୁ ଯେଉଁ ଗ୍ୟାସ ଉତ୍ପନ୍ନ ହୁଏ, ତାହା ଗୋବରଗ୍ୟାସ ନାମରେ ପରିଚିତ । ଏହି ଗ୍ୟାସର ମୁଖ୍ୟ ଉପାଦାନ ହେଲା "ମିଥେନ ଗ୍ୟାସ" । ଏହି ଗ୍ୟାସଟି ନିଜେ ଜଳେ ଓ ଜଳିବା ସଙ୍ଗେ ସଙ୍ଗେ ପ୍ରଚୁର ଉତ୍ତାପ ପ୍ରଦାନ କରିଥାଏ, ଯାହା ରୋଷେଇ କାର୍ଯ୍ୟପାଇଁ ବେଶ୍ କାର୍ଯ୍ୟକ୍ଷମ । ପୁନଶ୍ଚ ଗ୍ୟାସଟି ଗନ୍ଧଶୂନ୍ୟ ତଥା ଜଳିବାସମୟରେ କଳା ସୃଷ୍ଟି ହୁଏ ନାହିଁ । ସୁତରାଂ ରୋଷେଇକରିବାପାଇଁ ଏହା ସର୍ବୋତ୍କୃଷ୍ଟ ।

କିରୋସିନୀ ଜାଳିଲେ ପ୍ରତି ଲିଟର ପିଛା ତାପଶକ୍ତି ୪୬୦୭ କିଲୋ କ୍ୟାଲୋରୀ ହେଉଥିବା ସ୍ଥଳେ ଗୋବର ଗ୍ୟାସର ତାପଶକ୍ତି ପ୍ରତି କ୍ୟୁବିକ ମିଟର ପ୍ରତି ୩୦୧୧ କିଲୋ କ୍ୟାଲୋରୀ । ଏଇ ହିସାବରୁ ଗୋବର ଗ୍ୟାସର ତାପ ଉତ୍ପାଦିକାଶକ୍ତି ସହଜରେ ଅନୁମେୟ ।

**ଗୋବରଗ୍ୟାସ ପ୍ଲାଣ୍ଟ**

ଗୋବର ଭିତରେ ଲୁକାୟିତ ଥିବା ଜାଳେଣିଶକ୍ତି ଅର୍ଥାତ୍ ମିଥେନ ଗ୍ୟାସକୁ କାଢିନେଇ ପାରୁଥିବା ଯନ୍ତ୍ରଟି ହେଉଛି ଗୋବର ଗ୍ୟାସ ପ୍ଲାଣ୍ଟ । ଏହି ପ୍ଲାଣ୍ଟରେ ଗୋବରଗ୍ୟାସ ସଂଗୃହୀତ ହେବାପରେ ନାଇଟ୍ରୋଜେନ ଓ ଉଦ୍‌ଭିଦ ଖାଦ୍ୟପ୍ରାଣପୂର୍ଣ୍ଣ ତରଳଖତକୁ ନିଷ୍କାସିତ କରାହୋଇଥାଏ, ଯାହାକୁ ଜମିରେ ମୂଲ୍ୟବାନ ଖତରୂପେ ବ୍ୟବହାର କରାଯାଇପାରେ ।

ଗୋବରଗ୍ୟାସ ପ୍ଲାଣ୍ଟର ଗଠନ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ । ଯଥା:—

୧—ଡ଼ାଇଜେଷ୍ଟର ।
୨—ଗ୍ୟାସ ହୋଲ୍‌ଡ଼ର ।

୧—ଡ଼ାଇଜେଷ୍ଟର:—ଏହା ଦେଖିବାକୁ ଏକ ଛୋଟ-କୂଅଭଳି । ଏହାର ଗଭୀରତା ୧୨ ଫୁଟରୁ—୨୦ଫୁଟ ଭିତରେ । ଓସାରରେ (ବ୍ୟାସ) ୪ ଫୁଟରୁ ୨୦ ଫୁଟ ଭିତରେ ସୀମିତ । ତେବେ ଉପରୋକ୍ତମାପ ଗୋବରର ପରିମାଣ ଉପରେ ନିର୍ଭର କରେ । ଅଳ୍ପ ଗୋବର ମିଳୁଥିବା କ୍ଷେତ୍ରରେ ପ୍ଲାଣ୍ଟର ଆକାର ଛୋଟ କରା ହୋଇଥାଏ । ସେହିପରି ଅଧିକ ଗୋବର ମିଳୁଥିବା କ୍ଷେତ୍ରରେ ବଡ଼ ପ୍ଲାଣ୍ଟ ନିର୍ମାଣ କରାହୋଇଥାଏ । କୂଅ ମଝିରେ ଗୋଟିଏ କାନ୍ଥ ତଳୁ ନିର୍ମାଣକରି କୂଅଟିକୁ ୨ଟି କୋଠରୀରେ ବିଭକ୍ତ କରାହୋଇଥାଏ । ଦୁଇଟି ତୀର୍ଯ୍ୟକ ସିମେଣ୍ଟ ପାଇପ୍ ଦୁଇପାଖରୁ ମାଟି ଉପରୁଯାଇ ସେହି ଦୁଇଟି କୋଠରୀର ଦୁଇ ପାଖରେ କୂଅଭିତରେ ସଂଯୁକ୍ତ ହୋଇଥାଏ । ଉଦ୍ଦେଶ୍ୟ—ଗୋଟିଏ ପାଇପ୍‌ର ମୁହଁରେ ଗୋବରକୁ ପାଣିରେ ଗୋଳେଇ ଢ଼ଳାହେବ ଓ ଅନ୍ୟଟିରେ ତରଳଖତ ନିର୍ଗତ ହେବ ।

୨—ଗ୍ୟାସ ହୋଲ୍‌ଡ଼ର

ଏହା ଲୁହାପାତ୍ରରେ ନିର୍ମିତ ଏକ ଢ଼ାଙ୍କୁଣୀ । କୂଅ ମୁହଁରେ ଠିପିଭଳି ଏହା ଢ଼ାଙ୍କି ରହିଥାଏ । ଯେତେବେଳେ ଡ଼ାଇଜେଷ୍ଟର ଭିତରେ ଜଳମିଶ୍ରିତ ଗୋବର ସଢ଼ି ତହିଁରୁ ଗ୍ୟାସ ନିର୍ଗତ ହୁଏ, ସେତେବେଳେ ସେହି ଗ୍ୟାସ ଏହି ଗ୍ୟାସ ହୋଲ୍‌ଡ଼ର ଭିତରେ ସଂଗୃହୀତ ହୋଇ ରହିଥାଏ । ଏହି ସଂଗୃହୀତ ଗ୍ୟାସକୁ ପାଇପ ସାହାଯ୍ୟରେ ଗ୍ୟାସ ବ୍ୟବହାର କରାଯାଉଥିବା ଷ୍ଟୋଭ ଓ ଲ୍ୟାମ୍ପ ଆଦି ପର୍ଯ୍ୟନ୍ତ ପଠାହୋଇ ରୋଷେଇକାର୍ଯ୍ୟ ସମାହିତ କରାହୋଇଥାଏ ।

ଏହି ପ୍ଲାଣ୍ଟକୁ ଯଦି ଆବଶ୍ୟକ ପରିମାଣରେ ଗୋବର ଦିଆଯିବ, ତେବେ ଏହା ଭଲଭାବରେ ବହୁବର୍ଷ ଧରି କାମ କରିଥାଏ ।

ଅଧ୍ୟାପକ
ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ
ପୁରୀ—୭୫୨୦୦୧

ଏହି ଗ୍ୟାସ ପ୍ଲାଣ୍ଟର ବ୍ୟବହାର ଖୁବ୍ ସହଜ । କେବଳ ଗୋବର, ଗୋମୂତ୍ର ପ୍ରଭୃତି ଦ୍ରବ୍ୟ ସଂଗ୍ରହକରି ଆବଶ୍ୟକ ପାଣି ତହିଁରେ ଗୋଳାଇ ସଂଯୁକ୍ତ ନାଳ ବାଟଦେଇ ପ୍ଲାଣ୍ଟ ଭିତରକୁ ଢ଼ାଳି ଦେଲେ ଗୋବର ଗ୍ୟାସର ଉତ୍ପାଦନ ୨।୩ ଦିନ ଭିତରେ ଆରମ୍ଭ ହୋଇଯିବ କିନ୍ତୁ ତା'ପରେ ପରେ ପ୍ରତ୍ୟେକଦିନ କିଛି କିଛି ଗୋବରମିଶା ପାଣି ସେହି ନଳୀ ବାଟଦେଇ ଢ଼ାଳିଲେ ଅବିରାମଭାବେ ଗୋବରଗ୍ୟାସ ସଂଗୃହୀତ ହୋଇଥାଏ । ଏଠାରେ ଗୋଟିଏ କଥା ଉଲ୍ଲେଖଯୋଗ୍ୟ ଯେ ଯେତିକି ପରିମାଣରେ ପାଣିଗୋଳା ଗୋବର ନଳାଦେଇ ଢ଼ଳାହେବ ଠିକ୍ ସେହିପରିମାଣର ତରଳ ସଢ଼ାଖତ ଅନ୍ୟ ନଳ ବାଟେ ପଦାକୁ ବାହାରି ଆସିବ । ଆଉ ଏହି ତରଳ ଖତକୁ କମ୍ପୋଷ୍ଟ ଖାତରେ ଆବର୍ଜନା, ଘରର ଅଳିଆ, କୁଟା, ନଡ଼ା, ଘାସ ପ୍ରଭୃତି ଜମାଇ 'କମ୍ପୋଷ୍ଟସାର' ମଧ୍ୟ ପ୍ରସ୍ତୁତ କରିହେବ ।

କୌଣସି ବ୍ୟକ୍ତିର ଅଧିକାରରେ ପାଞ୍ଚଟି ଗାଈ, ମଇଁଷି ଥିଲେ ସେ ଗୋଟିଏ ଗୋବରଗ୍ୟାସ ପ୍ଲାଣ୍ଟ ବସାଇ ପାରନ୍ତି । ମାତ୍ର ଏହି ପ୍ଲାଣ୍ଟଟି ଯେଉଁସ୍ଥାନରେ ନିର୍ମାଣ କରାହେବ ସେଥିପାଇଁ ସେଠାରେ ଯଥେଷ୍ଟ ସ୍ଥାନ ଥିବା ଦରକାର । ଆଉ ସେହି ସ୍ଥାନଟି ଗୋଶାଳା ଓ ଗ୍ୟାସ ଯେଉଁଠି ବ୍ୟବହାର କରାହେବ, ସେଠାରୁ ଖୁବ୍ ନିକଟରେ ଥିବା ବିଧେୟ । ଏହାଦ୍ୱାରା ନଳ ବସାଇବାରେ କମ୍ ନଳ ଦରକାର ହୋଇଥାଏ ।

ଏହି ଗୋବରଗ୍ୟାସ ପ୍ଲାଣ୍ଟ ଏକ ନିରାପଦ ପ୍ଲାଣ୍ଟ । ଏହାର ଗ୍ୟାସଟାଙ୍କି ଫାଟିଯିବାର ଭୟନାହିଁ । ପୁନଶ୍ଚ ଏହା ଘର ପାଖରେ ତିଆରି ହେଲେ ସୁଦ୍ଧା ଦୁର୍ଗନ୍ଧ ସୃଷ୍ଟି ହୁଏ ନାହିଁ କିମ୍ବା ମଶାମାଛିଙ୍କର ଉତ୍ପାତ ବଢ଼ିବାର ବି ନାହିଁ ।

ଅଟକଳରୁ ଜଣାଯାଇଛି ଯେ ଗୋଟିଏ ଗୋଟିଏ କ୍ୟୁବିକ ମିଟର ଗୋବରଗ୍ୟାସ ପ୍ଲାଣ୍ଟ ପ୍ରତିଷ୍ଠା କରିବାପାଇଁ ହାରାହାରି ୨,୫୦୦ଟଙ୍କା ଖର୍ଚ୍ଚ ହୋଇଥାଏ । ଏଥିରୁ ସମୁଦାୟ ଟଙ୍କା ଋଣ ଆକାରରେ ମଧ୍ୟ ମିଳିପାରିବ ।

ଯେତେବେଳେ ଆମ ଦେଶରେ ଶକ୍ତି ସଂକଟର ପଦଧ୍ୱନି ଶୁଭିଲଣି, ସାରଯୋଗାଣ ଯେତେବେଳେ ପୂର୍ଣ୍ଣମାତ୍ରାରେ ସମ୍ଭବ ହୋଇ ପାରୁନାହିଁ, ସେତେବେଳେ ଗୋସଂପଦର ଅଧିକାରୀ ପ୍ରତ୍ୟେକ ନାଗରିକ ଗୋବରଗ୍ୟାସ ପ୍ଲାଣ୍ଟ ସ୍ଥାପନକରି ଉପରୋକ୍ତ ସଙ୍କଟ ମୋଚନରେ ସାହାଯ୍ୟ କରିବେ ବୋଲି ଆଶା ।

# ଗାନ୍ଧିଜୀ ଓ ଭାରତୀୟ ମୂଲ୍ୟବୋଧ

ପ୍ରବ୍ରାଜକ ସତ୍ୟନାରାୟଣ ନନ୍ଦ

ଆଧ୍ୟାତ୍ମିକ ସାଧନା ଓ ରାଜନୀତି ମଧ୍ୟରେ ସାଧାରଣତଃ ଯେଉଁ ବ୍ୟବଧାନ ପରିଲକ୍ଷିତ ହୁଏ ତାହା ମେରୁଦ୍ୱୟର ବ୍ୟବଧାନ ସହିତ ତୁଳନୀୟ । କିନ୍ତୁ ଗାନ୍ଧିଜୀଙ୍କ ରାଜନୀତି ଓ ଆଧ୍ୟାତ୍ମିକ ସାଧନା ମଧ୍ୟରେ କୌଣସି ପାର୍ଥକ୍ୟ ନଥିଲା । ଏହାର କାରଣ ତାଙ୍କ ମନ, ବଚନ ଓ କର୍ମ ପୃଥକ ନଥିଲା । ସଂସ୍କୃତରେ ମହାତ୍ମା ଶବ୍ଦଟି ଏଇ ଅର୍ଥରେ ପ୍ରଯୁକ୍ତ ହୁଏ : ମନସ୍ୟେକଂ ବଚସ୍ୟେକଂ କର୍ମ-ସ୍ୟେକଂ ମହାତ୍ମନଃ । ଅର୍ଥାତ୍ ଯାହାର ମନ, ବଚନ ଓ କର୍ମ ସୁସଂପର୍କିତ ସେ ହିଁ ମହାତ୍ମା ପଦବାଚ୍ୟ । ସଂଭବତଃ ଭାରତୀୟ ସଂସ୍କୃତିର ଏହା ହିଁ ଶ୍ରେଷ୍ଠତମ ଆଦର୍ଶ ଓ ଆଧ୍ୟାତ୍ମିକ ସାଧନାର ଶୀର୍ଷତମ ସୋପାନ । ଏଇ ଆଦର୍ଶକୁ ଭାରତୀୟ ଶାସ୍ତ୍ର ପୁରାଣ ଅନୁମୋଦନ କରେ ଓ ଯୁଗଯୁଗ ଧରି ଗୁରୁ ଆଚାର୍ଯ୍ୟ ଓ ଧର୍ମପ୍ରବକ୍ତାମାନେ ଏହି ଉପଦେଶ ଦିଅନ୍ତି । କହିବା ବାହୁଲ୍ୟ ଯେ ଆଦର୍ଶ ଶାସ୍ତ୍ରରେ ଥାଇ ବା ଗୁରୁ ମୁଖରୁ ନିଃସୃତ ହୋଇ ନିଜର ମହତ୍ତ୍ୱ ପ୍ରତିଷ୍ଠା କରିପାରେ ନାହିଁ । ବ୍ୟକ୍ତିର ଆଚରଣ ମାଧ୍ୟମରେ ଆଦର୍ଶର ମହତ୍ତ୍ୱ ପ୍ରତିପାଦିତ ହୁଏ ।

ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା ପ୍ରତ୍ୟେକ ଧର୍ମର ଆଦର୍ଶ । ରାମକୃଷ୍ଣ, ବୁଦ୍ଧ, ଯୀଶୁ, ଜୋରଷ୍ଟର ଓ ମହମ୍ମଦ ଏହି ଆଦର୍ଶର ସାକାର ରୂପ । ଆଦର୍ଶ ଅନୁସରଣ କରିବା ଲାଗି ଜନମାନସରେ ଶ୍ରଦ୍ଧାଜାତ କରିବା ଏମାନଙ୍କ ଆବିର୍ଭାବର ଉଦ୍ଦେଶ୍ୟ । ଏହି ଆଦର୍ଶ ପରମାତ୍ମାଙ୍କ ପରି ସନାତନ । ତେଣୁ ଜଣେ ମହାତ୍ମାଙ୍କ ଧରାବତରଣ ସମଗ୍ର ମାନବ ଜାତିର ଅଭ୍ୟୁତ୍ଥାନ ଦିଗରେ ନିଶ୍ଚିତ ଭାବେ କଲ୍ୟାଣକର ।

ତପୋଭୂମି ଓ ତ୍ୟାଗଭୂମି ଭାରତର ସାଂସ୍କୃତିକ ପରଂପରା ପ୍ରତି ଦୃଷ୍ଟି ଦେଲେ ବୁଝାଯାଏ ଯେ ମଣିଷ ନିଜ ଉର୍ଦ୍ଧ୍ୱରେ ଥିବା ଏକ ଅଦୃଶ୍ୟ ଶକ୍ତି ହାତରେ ନିମିତ୍ତ ହୋଇ କାର୍ଯ୍ୟ କରିବା ପାଇଁ ଯେତେବେଳେ ଆଗଭର ହୁଏ, ସେତେବେଳେ ପରାଜୟର ଭୟ ତା' ମନରୁ ସ୍ୱତଃ ଦୂରେଇ ଯାଏ । ହୃଦୟରେ ଉଭାସେ ସହସ୍ର ସୂର୍ଯ୍ୟର ଜ୍ୟୋତି । ସତ୍ୟର ପ୍ରତ୍ୟୟ । ତା'ମାଂସପେଶୀରେ ସଂଚିତ ହୁଏ ଅମିତ ବିକ୍ରମ । ତା' ଆଖିରେ ଉଚ୍ଛୁଳିପଡ଼େ ପ୍ରେମର ମହା ସମୁଦ୍ର । ତା'ସାମ୍ନାରେ ଥିବା ପ୍ରତିବନ୍ଧକଗୁଡ଼ିକ ଯେତେ ଦୁର୍ଜ୍ଜୟ ହେଲେବି ଅନାୟାସରେ ସେସବୁ ହୁଏ ଭୂଲୁଣ୍ଠିତ ।

ଗାନ୍ଧି ଜୀ ଥିଲେ ଏପରି ଶକ୍ତିରେ ସମୃଦ୍ଧ । ଭାରତୀୟ ସଂସ୍କୃତିର ଉପଯୁକ୍ତ ପ୍ରତିନିଧି । ସେ ଜାଣିଥିଲେ ଫ୍ରାନ୍ସ, ଆମେରିକା ଓ ସୋଭିଏତ୍ ରୁଷର ବିପ୍ଳବିକ ପଟ୍ଟଭୂମିକୁ ସମ୍ବଳ କରି ସତ୍ୟର କ୍ଷୁରଧାରରେ ଚାଲି ହେବ ନାହିଁ । ତେଣୁ ସେ ଭାରତୀୟ ଆଦର୍ଶସମ୍ମତ ପନ୍ଥା ସ୍ଥିର କଲେ । ଅହିଂସାର ମହାସମର ଆରମ୍ଭ କଲେ । ଏହାକଣ ବାହାରର ଶତ୍ରୁକୁ ତଡ଼ିବା ପାଇଁ ? ଆମ ଭିତରର ଶତ୍ରୁ ଓ ଦେଶର ଶତ୍ରୁକୁ ବିତାଡ଼ିତ କରିବା ଥିଲା ଏହାର ଉଦ୍ଦେଶ୍ୟ । ବୈଦିକ ଅହିଂସା (ପଶୁବଳି କିନ୍ତୁ ପଶୁତ୍ୱ ବଳିର ପ୍ରତୀକ ମାତ୍ର), ଜୀନ ଅହିଂସା, ବୁଦ୍ଧଦେବଙ୍କ ଅହିଂସା, ଯୀଶୁ, ମହମ୍ମଦ, ଜୋରଷ୍ଟାରଙ୍କ ଅହିଂସାର ଅସ୍ତ୍ରରେ ସେ ଲଢିଥିଲେ ପୃଥିବୀର ଅନନ୍ୟ ମୁକ୍ତି ସଂଗ୍ରାମ ।

ଏ ମୁକ୍ତି ନିଜ ଭିତରର ମୁକ୍ତି ଓ ବାହାରର ମୁକ୍ତି । ଭୌଗୋଳିକ ସୀମାରେ ଏହା ସୀମିତ ନୁହେଁ । କେବଳ ଅର୍ଥନୈତିକ ବିକାଶ ଏହାର ଲକ୍ଷ୍ୟ ନୁହେଁ । ବ୍ୟକ୍ତି-ବୀଣାରେ ବିଶ୍ୱ ଚେତନାର ଝଙ୍କାର ତୋଳିବା ଓ ବିଶ୍ୱବୀଣାରେ ବ୍ୟକ୍ତି ଜୀବନର ଦ୍ୱନ୍ଦ୍ୱାତୀତ ମୂର୍ଚ୍ଛନା ତୋଳିବା ଏହାର ଲକ୍ଷ୍ୟ । ତେଣୁ ଏହି ଆଦର୍ଶ ଶତ୍ରୁର ବିପନ୍ନ ମୁହୂର୍ତ୍ତରେ ତାକୁ ସାହାଯ୍ୟ କରିବା ପାଇଁ ଗାନ୍ଧିଜୀଙ୍କ ମନରେ ସହାନୁଭୂତି ଉଦ୍ରେକ କରିଥିଲା । ଭାରତୀୟତାର ଅଭ୍ରାନ୍ତ ସ୍ୱର ବ୍ୟକ୍ତ ହୋଇଥିଲା "ବ୍ରିଟେନର ଧ୍ୱଂସରୁ ଆମେ ଆମ ସ୍ୱାଧୀନତା ପାଇବାକୁ ଚାହୁଁ ନାହୁଁ" ଏଭଳି ବ୍ୟକ୍ତିରେ । ଜାତିଆଣ ରାଜନୀତି, ପ୍ରାଦେଶିକ ବୈରଭାବ ବା ସାଂପ୍ରତିକ ଦଙ୍ଗାର ଦୁଃସମ୍ବାଦ ଗାନ୍ଧିଜୀଙ୍କ ହୃଦୟରେ

ତାଙ୍କୁ ଯନ୍ତ୍ରଣା ଭରି ଦେଉଥିଲା । ଏହି ଯନ୍ତ୍ରଣାର ଉପଶମ ନିମନ୍ତେ ସେ ଆତ୍ମ ସମୀକ୍ଷା କରୁଥିଲେ, ଉପବାସ କରୁଥିଲେ । ଉପବାସର ଅର୍ଥ ପରମାତ୍ମାଙ୍କ ନିକଟରେ ବାସ । ଅର୍ଥାତ୍ ମାନବ ଜାତିର ଶାନ୍ତି ଓ ସମୃଦ୍ଧି ପାଇଁ ଗାନ୍ଧିଜୀ ସେହି ଦିବ୍ୟ ଶକ୍ତିର ଅନୁଗ୍ରହ ପ୍ରାର୍ଥନା କରୁଥିଲେ । ସେ କହୁଥିଲେ, "ମୋ ଧର୍ମ ବିଶ୍ୱାସ କୌଣସି ଦେଶରେ ଆବଦ୍ଧ ନୁହେଁ । ଭାରତ ପ୍ରତି ମୋର ଯେଉଁ ପ୍ରୀତି ରହିଛି, ଧର୍ମ ବିଶ୍ୱାସ ଉପରକୁ ଆଞ୍ଚ ଆସିଲେ ତାକୁ ମଧ୍ୟ ମୋତେ ବନ୍ଧ ଦେବାକୁ ହେବ । ଅହିଂସା ରୂପକ ଧର୍ମଦ୍ୱାରା ଭାରତର ସେବା କରିବାପାଇଁ ମୋ ଜୀବନ ଉତ୍ସର୍ଗ ହୋଇଅଛି । ମୋର ବିଶ୍ୱାସ, ହିନ୍ଦୁ ଧର୍ମର ମୂଳପିଣ୍ଡ ହେଉଛି ଅହିଂସା ।" ସଂସ୍କୃତରେ ହିଂସାଠାରୁ ଦୂରରେ ରହିଥିବା ବ୍ୟକ୍ତିକୁହିଁ "ହିନ୍ଦୁ" ବୋଲି କୁହାଯାଇଛି ।

ଗୀତାରେ ଭଗବାନ କହିଛନ୍ତି, ବିଦ୍ୟାମାନଙ୍କ ମଧ୍ୟରେ ଆଧ୍ୟାତ୍ମବିଦ୍ୟା ହିଁ ଶ୍ରେଷ୍ଠ । ଏହାର ଶ୍ରେଷ୍ଠତ୍ୱ କେବଳ ଧ୍ୟାନ, ଜପରେ ସୀମିତ ନୁହେଁ । ଅନ୍ୟ ବିଦ୍ୟାକୁ ସମୃଦ୍ଧ କରିବା ପାଇଁ ଆଧ୍ୟାତ୍ମ ବିଦ୍ୟାର ଅବଦାନ ଅତୁଳନୀୟ । ଆଧ୍ୟାତ୍ମ ବିଦ୍ୟାର ସହାୟତାରେ ଅନ୍ୟାନ୍ୟ ବିଦ୍ୟା ପୂର୍ଣ୍ଣତା (Perfection) ଲାଭ କରେ । ଏପରିକି ଆଧ୍ୟାତ୍ମିକ ଭାବବିହୀନ ବିଜ୍ଞାନ ଭସ୍ମାସୁରପରି ନିଜର ଧ୍ୱଂସ ସାଧନ କରିଥାଏ । ଶୂନ୍ୟରୁ ସାଇଲାବ୍‌ର ଆତଙ୍କ ସଂଗ୍ରହ କରେ । ଚରିତ୍ରବିହୀନ ବିଦ୍ୟାଭ୍ୟାସ ଓ ନୈତିକତା-ବିହୀନ ବାଣିଜ୍ୟ ଜାତିପକ୍ଷେ ଅତୀବ କ୍ଷତିକାରକ । ତେଣୁ ଭାରତୀୟ ଆଧ୍ୟାତ୍ମିକତା ଉଦ୍ଦେଶ୍ୟ ସଂପର୍କରେ ଅବହିତ ରହି କର୍ମ ସାଧନ କରିବା ପାଇଁ ଶିକ୍ଷା ଦିଏ । 'ରାମରାଜ୍ୟ' ଏକ Utopia ନୁହେଁ କିମ୍ବା ଆଦର୍ଶ ବାସ୍ତବତାର ବିରୋଧୀ ନୁହେଁ । ଗାନ୍ଧିଜୀଙ୍କ ଭାଷାରେ :

"ମୁଁ କେବଳ ଆଦର୍ଶବାଦୀ ନୁହେଁ—ସ୍ୱପ୍ନ ରାଜ୍ୟରେ ଭାସିବାର ବ୍ୟକ୍ତି ନୁହେଁ । ଆଦର୍ଶବାଦୀ ହେଲେମଧ୍ୟ ଯାହାସବୁ କାର୍ଯ୍ୟକାରୀ କରିହେବ ମୁଁ ସେହିପରି କଳ୍ପନାମାନ କରିଥାଏ । ଅହିଂସା କେବଳ ଯୋଗୀ ଋଷିଙ୍କର ଧର୍ମ ନୁହେଁ । ସାଧାରଣ ସଂସାରୀ ଲୋକ ମଧ୍ୟ ଅହିଂସା ଆଚରଣ କରିପାରିବେ । ପଶୁମାନଙ୍କ ପକ୍ଷରେ ହିଂସା ଯେପରି ମନୁଷ୍ୟମାନଙ୍କ ପକ୍ଷରେ ଅହିଂସା ସେହିପରି ସ୍ୱାଭାବିକ ଧର୍ମ । ପଶୁଠାରେ ଆତ୍ମା ନିଷ୍କ୍ରିୟ ହୋଇଥାଏ; ଶାରିରୀକ ଶକ୍ତିଠାରୁ ବଳିଅନ୍ୟ କିଛି ଗୋଟାଏ ଶକ୍ତି ଅଛି ବୋଲି ପଶୁ ଜାଣେ ନାହିଁ । କିନ୍ତୁ ମନୁଷ୍ୟ ଶାରୀରୀକ ଶକ୍ତିଠାରୁ ମହତ୍ତ୍ୱର ଆତ୍ମିକ ଶକ୍ତିଦ୍ୱାରା ପରିଚାଳିତ, ସେହି ଆତ୍ମିକ ଶକ୍ତି ଯୋଗୁ ମଣିଷର ଏତେ ଗୌରବ ।"

"ତେଣୁ ଭାରତ ଆଗରେ ମୁଁ ପୁରାଣ-ଯୁଗର ଆତ୍ମ-ତ୍ୟାଗର ପନ୍ଥା ଉପସ୍ଥାପିତ କରୁଛି । ସତ୍ୟାଗ୍ରହରୁ ଅସହଯୋଗ ଓ ନିଷ୍କ୍ରିୟ ପ୍ରତିରୋଧ ବାହାରିଛି । ପୁରାଣ ଯୁଗର ଯୋଗୀ-ଋଷିମାନେ ନିଜ ଶରୀରକୁ ଦୁଃଖକଷ୍ଟ ଦେଇ ସତ୍ୟାଗ୍ରହ, ଅସହଯୋଗ ଓ ନିଷ୍କ୍ରିୟ ପ୍ରତିରୋଧ ଦ୍ୱାରା ଲକ୍ଷ୍ୟ ସିଦ୍ଧି କରୁଥିଲେ । ସେଇ ପୁରୁଣା ପନ୍ଥାକୁ ମୁଁ ନୂଆକରି ଭାରତ ଆଗରେ ବାଢ଼ୁଅଛି । ଚତୁର୍ଦ୍ଦିଗରେ ହିଂସାର ରାଜତ୍ୱ ବ୍ୟାପି ଥିଲେ ମଧ୍ୟ ଯୋଗୀ ଋଷିମାନେ ତନ୍ମଧ୍ୟରେ ଅହିଂସାର ସନ୍ଧାନ ପାଇଥିଲେ । ନିଉଟନଙ୍କଠାରୁ ସେମାନେ ଆହୁରି ବଡ଼ ଆବିଷ୍କାରକ ଓ ଊଏଲିଙ୍ଗଟନ୍‌ଙ୍କଠାରୁ ଆହୁରି ବଡ଼ ଯୋଦ୍ଧା । ଅସ୍ତ୍ରଶସ୍ତ୍ରର ମହିମା ସେମାନଙ୍କୁ ଯେ ଅଜଣା ଥିଲା, ତାହା ନୁହେଁ । କିନ୍ତୁ ସେ ସବୁ ନିରର୍ଥକ ବୋଲି ସେମାନେ ଜ୍ଞାନ କରିଥିଲେ । ତେଣୁ ହିଂସା-ପ୍ରପୀଡ଼ିତ ସଂସାରକୁ ସେମାନେ ଶିକ୍ଷା ଦେଇଥିଲେ ଯେ 'ଅହିଂସାରେ ତାର ରକ୍ଷା—ହିଂସାରେ ତାର ବିନାଶ' ।


* * *

"ଭାରତକୁ ଅହିଂସା ଆଚରଣ କରିବାକୁ ମୁଁ ଉପଦେଶ ଦେବାର କାରଣ ନୁହେଁ ଯେ ଭାରତ ଦୁର୍ବଳ । ଭାରତ ତାର ଶକ୍ତି ଓ ସାମର୍ଥ୍ୟ ଉପଲବ୍ଧି କରୁ ଏବଂ ତା'ପରେ ଅହିଂସା ଆଚରଣ କରୁ । ନିଜ ଶକ୍ତି ସାମର୍ଥ୍ୟ ଉପଲବ୍ଧି କରିବା ନିମନ୍ତେ ଅସ୍ତ୍ରଶସ୍ତ୍ର ପ୍ରୟୋଗରେ ତାଲିମ ହେବାର ପ୍ରୟୋଜନ ନାହିଁ । ନିଜ ନିଜକୁ ରକ୍ତ ମାଂସର ଜଡ଼ ଶରୀର ବୋଲି ଜ୍ଞାନ କରୁଥିବାରୁ ଆମ୍ଭେମାନେ ଅସ୍ତ୍ରଶସ୍ତ୍ର ପ୍ରୟୋଗରେ ତାଲିମ ହେବାକୁ ଇଚ୍ଛା କରୁ । ମୁଁ ଭାରତୀୟମାନଙ୍କୁ ହୃଦୟଙ୍ଗମ କରାଇବାକୁ ଚାହେଁ ଯେ ସେମାନଙ୍କର ଶରୀର ଛଡ଼ା ଆତ୍ମା ଅଛି ଏବଂ ସେ ଆତ୍ମାର ବିନାଶ ନାହିଁ । ଶାରୀରିକ ଦ୍ୱିତୀୟ ଦୁର୍ବଳତାକୁ ତାହା ଅତିକ୍ରମ କରିପାରେ ଏବଂ ସମଗ୍ର ଜଗତର ଜଡ଼ ଶକ୍ତି ତା'ବିରୁଦ୍ଧରେ ଏକତ୍ର ହେଲେ ମଧ୍ୟ ତା'ଉପରେ ସେ ପଦାଘାତ କରିପାରେ । ରାମ ତ ମନୁଷ୍ୟ ମାତ୍ର ଥିଲେ—ସେ ବାନର ସେନାଗୁଡ଼ିଏ ଘେନି ଦୁର୍ଦ୍ଧର୍ଷ ଦଶଶିର ରାବଣ ରାକ୍ଷସର ସମୁଦ୍ର ଅଭ୍ୟନ୍ତରରେ ସୁରକ୍ଷିତ ଲଙ୍କାଗଡ଼କୁ ଜୟ କଲେ କିପରି ? ତାଙ୍କ ବିଜୟ ଅର୍ଥ ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ଜଡ଼ ଶକ୍ତିର ବିଜୟ ନୁହେଁ କି ?"

ଭାରତୀୟ ଆଧ୍ୟାତ୍ମିକତା ସଂପର୍କରେ ଗାନ୍ଧିଜୀଙ୍କର କେବଳ ଶାସ୍ତ୍ରଗତ ଜ୍ଞାନ ନଥିଲା । ତାଙ୍କ ଆଚରଣରେ ପ୍ରତିଫଳିତ ହୋଇଥିଲା ଭାରତର ଅମ୍ଳାନ ଜୀବନାଦର୍ଶ । ଜୁଲୁ ବିଦ୍ରୋହ ପରେ ୧୯୦୬ରେ ସେ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ସ୍ଥିର କରିଥିଲେ । ଖଦଡ଼ ଆନ୍ଦୋଳନ, ନିଶା ନିବାରଣ, ସତ୍ୟାଗ୍ରହ, ଗ୍ରାମ ସଂସ୍କାର, ମୌନବ୍ରତ ଓ ଜପଧ୍ୟାନ ଥିଲା ତାଙ୍କର ଦୈନନ୍ଦିନ ଜୀବନବ୍ରତ । ଭାରତୀୟ ସାଂସ୍କୃତିକ ମୂଲ୍ୟବୋଧରୁ ଗାନ୍ଧିଜୀଙ୍କ ଆଦର୍ଶ ଟିକେହେଲେ ଭିନ୍ନ ନୁହେଁ । ବରଂ ଗାନ୍ଧିଜୀ ସନାତନ ଆଦର୍ଶକୁ ଆଚରଣରେ ପ୍ରବର୍ତ୍ତିତ କରିବା ନିମନ୍ତେ ଧରାବତରଣ କରିଥିଲେ ବୋଲି କୁହା ଯାଇପାରେ । ଏହା ଭଗବାନଙ୍କର ଧର୍ମ ସଂସ୍ଥାପନ ଅଙ୍ଗୀକାରର ଅଂଶବିଶେଷ । ତେଣୁ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସାକୁ ଆୟୁଧ କରି ସେ ଜାତିର ମୁକ୍ତି ସଂଗ୍ରାମରେ ବିଜୟୀ ହୋଇଥିଲେ ।

ଆଦର୍ଶର ଅଭ୍ରାନ୍ତ ଅନୁସରଣ ହିଁ ମୋହନ ଦାସଙ୍କୁ ମହାତ୍ମା ଗାନ୍ଧୀରେ ରୂପାନ୍ତରିତ କରିଥିଲା । ତୋତାପୁରୀଙ୍କ ଶିଷ୍ୟ ରାମକୃଷ୍ଣ ଜଗତପୂଜ୍ୟ ହେବା ପରି ଗାନ୍ଧିଜୀ ହେଲେ ଜାତିର ପିତା । କହିବା ବାହୁଲ୍ୟ ଯେ ଗାନ୍ଧିଜୀଙ୍କ ମାଧ୍ୟମରେ ଭାରତୀୟ ମୂଲ୍ୟବୋଧର ମହତ୍ ପୁନଃ ପ୍ରତିପାଦିତ ହେଲା ।

ସହକାରୀ ସଂପାଦକ
ସୂଚନା ଓ ଲୋକ ସଂପର୍କ ବିଭାଗ
ଭୁବନେଶ୍ୱର



ଯା ଦେବୀ ସର୍ବ ଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା
ନମୋସ୍ତସ୍ୟୈ ନମୋସ୍ତସ୍ୟୈ ନମୋସ୍ତସ୍ୟୈ ନମୋନମଃ ।

ପୂଜାର ଏହି ପୂତ ଅବସରରେ ମା'ଙ୍କର ପଦାରବିନ୍ଦରେ ଆମର
ବିନମ୍ର ଶ୍ରଦ୍ଧାଞ୍ଜଳି ।

ଦେଶର ସେବାରେ ନିୟୋଜିତ :

ଓଡ଼ିଶା ସିମେଣ୍ଟ ଲିମିଟେଡ୍
ରାଜଗାଙ୍ଗପୁର—୭୭୦ ୦୧୭
ଟେଲେକ୍ସ—୦୬୩୫ ୨୪୦

ଉତ୍କୃଷ୍ଟ ସିମେଣ୍ଟ ଓ ସିମେଣ୍ଟ ଉତ୍ପନ୍ନ ଦ୍ରବ୍ୟ ତଥା ବିଶ୍ୱବିଖ୍ୟାତ ଜଟିଳ
ପ୍ରକାର ରିଫ୍ରାକ୍ଟୋରିଜ୍‌ର ଅପ୍ରତିଦ୍ୱନ୍ଦୀ ପ୍ରସ୍ତୁତକାରୀ ।

*We are killers, killers of the dragon known as unemployment problem.*

* We have assisted 3113 industrial units with a financial assistance of Rs. 41 crores. During the last financial year alone we financed over Rs. 13 crores in respect of 1260 industrial units and topped the list of all the State Financial Corporation of the country in the growth rate.

* No doubt we are proud of our achievements, but the real credit goes to those educated unemployed young masses who helped us to serve the State making it industrially strong. They not only got themselves employed by starting industries of their own with our financial assistance but also gave employment opportunity to others to work in their industrial units.

* Under the self employment scheme for educated unemployed persons we provide 90% financial assistance. We have the composite loan scheme for village and rural artisans, the technical entreprenuership scheme, small loan scheme, seed capital scheme, soft loan scheme, and a lot more. We have branch offices at all the district head quarters of the State.

*Yes, we are just killers, come, make us giant killer of the dragon known as unemployment problem.*

*Issued by*


**THE DEVELOPMENT DEPARTMENT**

**ORISSA STATE FINANCIAL CORPORATION**

OMP SQUARE

**CUTTACK-3**

## ନୂଆ ଉପ ରାଷ୍ଟ୍ରପତି



ମହମ୍ମଦ ହିଦାୟତୁଲ୍ଲା

ଦେଶର ଷଷ୍ଠ ଉପ-ରାଷ୍ଟ୍ରପତି ରୂପେ ସବୁ ରାଜନୈତିକ ଦଳର ସର୍ବସମ୍ମତ ପ୍ରାର୍ଥୀଭାବେ ମନୋନୀତ ହୋଇ ମହମ୍ମଦ ହିଦାୟତୁଲ୍ଲା ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି । ଶ୍ରୀଯୁକ୍ତ ହିଦାୟତୁଲ୍ଲା ୧୯୭୯ ଅଗଷ୍ଟ ୩୧ ତାରିଖ ଦିନ ତାଙ୍କର ମହାନ୍ ଦାୟିତ୍ୱ ଗ୍ରହଣ କରିଛନ୍ତି ।

ସେ ୧୯୩୦ ମସିହାରେ ଲିଂକନ୍ସ
ଶ୍ରୀ ହିଦାୟତୁଲ୍ଲା ଜଣେ ପ୍ରଖ୍ୟାତ ଆଇନଜ୍ଞ, ବିଦ୍ୱାନ ଏବଂ ଶିକ୍ଷାବିତ୍ । ଖୁବ୍ ଅଳ୍ପ ବୟସରେ ସେ ବାରରେ ଯୋଗ ଦେଇଥିଲେ । ତା' ପରଠାରୁ ତାଙ୍କର କର୍ମ ଜୀବନ ଖୁବ୍ ଉଜ୍ଜ୍ୱଳ ହୋଇଥିଲା । ସର୍ବ କନିଷ୍ଠ ପ୍ରତି କ୍ଷେତ୍ରରେ ସମ୍ମାନଜନକ ଆସନ ଲାଭ କରିଥିଲେ । ୧୯୪୨ ମସିହାରେ ସେ ଦେଶର ଆଡଭୋକେଟ୍ ଜେନେରାଲ ଓକିଲ ହେବାର ଗୌରବ ଅର୍ଜନ କରିଥିଲେ । ଠିକ୍ ତା' ପରବର୍ଷ ଅର୍ଥାତ୍ ୧୯୪୩ରେ ସେ ସବୁଠାରୁ ସାନ । ତା' ପରେ ହୋଇଥିଲେ । ସେତେବେଳେ ମଧ୍ୟ ସେ ତାଙ୍କର ସହକର୍ମୀଙ୍କଠାରୁ ବୟସରେ ଥିଲେ ମୁଖ୍ୟ ବିଚାରପତି ଆରମ୍ଭ ହେଲା ତାଙ୍କର ବିଚାରପତି ଜୀବନ । ଏହି ଲାଇନ୍‌ରେ ପଣି ସେ ୧୯୫୪ରେ ହାଇକୋର୍ଟର ଶେଷରେ ୧୯୬୮ରେ ଓ ୧୯୫୮ରେ ସୁପ୍ରିମ କୋର୍ଟର ଜଜ୍ ହୋଇଥିଲେ । ଦଶବର୍ଷ ଧରି ଏହି ପଦବୀରେ ରହିବା ପରେ ଭାରତର ପ୍ରଧାନ ବିଚାରପତି ଆସନ ଅଳଙ୍କୃତ କରି ୧୯୭୦ରେ ସେଥିରୁ ଅବସର ଗ୍ରହଣ କରିଥିଲେ । ଗୌରବର କଥା ଯେ ଶ୍ରୀ ହିଦାୟତୁଲ୍ଲା ଉଲ୍ଲିଖିତ ବିଚାରପତି ଆସନଗୁଡ଼ିକ ମଣ୍ଡନ କରିବା ସମୟରେ ମଧ୍ୟ ସେ ତାଙ୍କର ତତ୍କାଳୀନ ସହକର୍ମୀ ବିଚାରପତିମାନଙ୍କଠାରୁ ବୟସରେ କମ୍ ଥିଲେ ।

ହିଦାୟତୁଲ୍ଲାଙ୍କ ପାଇଁ ଗୋଟିଏ ସ୍ମରଣୀୟ ଦିବସ ହେଉଛି ଡିସେମ୍ବର ୧୭ ତାରିଖ । କାରଣ ଏହି ଗୋଟିଏ ଦିନ ସହିତ ତାଙ୍କର ଜୀବନର ଦୁଇଟି ଘଟଣା ଜଡ଼ିତ । ଗୋଟିଏ ହେଲା ତାଙ୍କର ଜନ୍ମଦିନ ଓ ଅନ୍ୟଟି ହେଉଛି ଭାରତର ପ୍ରଧାନ ବିଚାରପତି ପଦରୁ ଅବସର ଗ୍ରହଣ । ୧୯୦୫ ମସିହାରେ ଏହି ଦିନ ସେ ଜନ୍ମଗ୍ରହଣ କରିଥିଲେ ଓ ତା'ର ୬୫ ବର୍ଷ ପରେ ୧୯୭୦ରେ ସେହି ତାରିଖରେ ସେ କର୍ମଜୀବନରୁ ଅବସର ନେଇଥିଲେ ।

## ଦାର୍ଶନିକ ଆଭିମୁଖ୍ୟ

ଜଣେ ବିଦ୍ୱାନ ବ୍ୟକ୍ତି ଭାବେ ସେ ସେକ୍ସପିୟର, ଗୁରୁନାନକ ଏବଂ ମାର୍ଟିନ ଲୁଥର, କିଙ୍ଗ୍ ଜୁନିଅରଙ୍କ କୃତି ଉପରେ କେତେଗୁଡ଼ିଏ ଉତ୍କୃଷ୍ଟ ଲେଖା ଲେଖିଛନ୍ତି । ଆଉ ସାଧାରଣ ବ୍ୟକ୍ତି ହିସାବରେ ସେ ପରଂପରାଗତ ସୌମ୍ୟ ଓ ସୌଜନ୍ୟର ମୂର୍ତ୍ତିମନ୍ତ ଅବତାର । ସେ ଧର୍ମନିରପେକ୍ଷତା ନୀତିରେ କେବଳ ଯେ ବିଶ୍ୱାସ କରନ୍ତି ତାହା ନୁହେଁ ନିଜର ବ୍ୟକ୍ତିଗତ ଜୀବନରେ ସେ ତାହାକୁ ଅକ୍ଷରେ ଅକ୍ଷରେ ପାଳନ କରନ୍ତି ମଧ୍ୟ । ସେ ମଦ୍ୟପାନ ଓ ଧୂମ-ପାନଠାରୁ ପୂରାପୂରି ଦୂରରେ ରହିଥାନ୍ତି ।

ଶ୍ରୀ ହିଦାୟତୁଲ୍ଲା ଉପ ରାଷ୍ଟ୍ରପତି ଭାବେ ତାଙ୍କର ଅନ୍ୟାନ୍ୟ ଦାୟିତ୍ୱ ସଂପାଦନ କରିବା ସଙ୍ଗେ ସଙ୍ଗେ ନିଜ ପଦବୀ ବଳରେ ରାଜ୍ୟସଭାର ଅଧ୍ୟକ୍ଷ ଦାୟିତ୍ୱ ମଧ୍ୟ ତୁଲାଇବେ । ଜଣେ ନିର୍ମଳ, ନ୍ୟାୟବନ୍ତ ଓ ନିରପେକ୍ଷ ବ୍ୟକ୍ତି ବୋଲି ଶ୍ରୀ ହିଦାୟତୁଲ୍ଲାଙ୍କର ଯଥେଷ୍ଟ ଖ୍ୟାତି ରହିଛି ।


### ମରୁଡ଼ି ପ୍ରତିକାର ପାଇଁ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରନ୍ତୁ

* ପାଟ, ଜୋର, ନାଳ ଓ ଝରଣାର ପାଣିକୁ ଆଡ଼ିବନ୍ଧ ପକାଇ ନଷ୍ଟ ହୋଇ ଯାଉଥିବା ଖରିଫ ଫସଲକୁ ବଞ୍ଚାଇବା ସଙ୍ଗେ ସଙ୍ଗେ ରବି ଫସଲରେ ବ୍ୟବହାର କରନ୍ତୁ ।
* ଡିପ ଜମିର ଫସଲକୁ ଛୋଟ ଛୋଟ ପଟି କରି ଲଗାନ୍ତୁ ।
* ଡିପ ଜମିରୁ ଧାନ,ସୁଆଁ କିମ୍ବା ମାଣ୍ଡିଆ ଉଠିଗଲା ପରେ କିମ୍ବା ମରୁଡ଼ି ଯୋଗୁ ଫସଲ ନଷ୍ଟ ହୋଇଯାଇ ଥିଲେ, ସେପ୍ଟେମ୍ବର- ଅକ୍ଟୋବର ମାସରେ ଏସ୍-୫ ହରଡ଼, ଅଳସୀ, ରାଶି ଓ କୋଳଥ ଇତ୍ୟାଦି ଚାଷ କରନ୍ତୁ ।
* ଏସବୁ ଫସଲ ଧାଡ଼ିରେ ଓ ମାଟିରେ ଦେଢ଼ ଇଞ୍ଚରୁ ଦୁଇଇଞ୍ଚ ତଳେ ବୁଣନ୍ତୁ । ଧାଡ଼ି ଗୁଡ଼ିକ ଛଡ଼ା ଛଡ଼ା କରନ୍ତୁ ।
* ମଝିଆଲି ଓ ଖାଲ ଜମିର ଧାନ ବିଲରୁ ଘାସ ଲଟା ବାଛି ଧାନ ଫୁଲ ଉଡ଼ାଇବା ପୂର୍ବରୁ ଯବକ୍ଷାର ଜାନ ଜାତୀୟ ସାର ପ୍ରୟୋଗ କରନ୍ତୁ ।
* ବିଲରେ ପାଣିର ଅଭାବ ହେଲେ ଶତକଡ଼ା ୩ ଭାଗ ୟୁରିଆ ଦ୍ରବଣକୁ ଧାନ ଫସଲରେ ପତ୍ରସିଞ୍ଚା କରନ୍ତୁ ।
* ମଝିଆଲି ଜମିରୁ ଧାନ ଉଠିଗଲେ କିମ୍ବା ସେପ୍ଟେମ୍ବର-ଅକ୍ଟୋବର ମାସରେ ଧାନ ନଷ୍ଟ ହୋଇ ଜମି ପଡ଼ିଆ ପଡ଼ିଥିଲେ ମାଣ୍ଡିଆ, ଟି-୯ ବିରି ରଟିଲ ସିଲେକ୍ସନ୍ ମୁଗ, ରାଶି, ସୂର୍ଯ୍ୟମୁଖୀ କୁସୁମୀ କିମ୍ବା ଏସ୍-୫ ହରଡ଼ ଚାଷ କରନ୍ତୁ ।
* ଖାଲ ଜମିରୁ ମରୁଡ଼ି ଯୋଗୁ ଧାନ ଫସଲ ନଷ୍ଟ ହୋଇ ଯାଇଥିଲେ ମାଟିରେ ବତର ଥାଉ ଥାଉ ବୁଟ, ବିରି, ମଟର ଇତ୍ୟାଦି ଚାଷ କରନ୍ତୁ ।

କୃଷି ନିର୍ଦ୍ଦେଶାଳୟ, ଓଡ଼ିଶା
ଭୁବନେଶ୍ୱର

# ଦୁଃଖ କ'ଣ ?

ଶ୍ରୀ ବ୍ରଜମଣି ଟଜରା

ଦୁଃଖ କ'ଣ ବୃହନ୍ନଳା ସାଜିବାରେ
ନିଜକୁବା ନାରୀ ବେଶ କରି
ଦୁଃଖ କ'ଣ ଦ୍ରୌପଦୀକୁ ବାର୍ଣ୍ଣି ଖାଅ
ପୋଡ଼ିଦେଇ ବିରାଟ ନଗରୀ ?

ଦୁଃଖ କ'ଣ କୁରୁସଭା ତଳେ
ଯାଜ୍ଞସେନୀ ବିବସ୍ତ୍ର ହେବାରେ
ଦୁଃଖ କ'ଣ ଶୋହେ ଯଦି ଖାମ ପେଟେ
ଲୌହର ମୁଷଳ
ମୁନି ମନ କିଆଁ ବିଚଳିତ ?

ଦୁଃଖ କ'ଣ ଦୁର୍ଯ୍ୟୋଧନ ପୁତ୍ର ମଲ୍ଲ
ଧର୍ମ ଯୁଦ୍ଧେ କୁଳର ପ୍ରଦୀପ
ଦୁଃଖ କ'ଣ ମହାମାନୀ ଆତ୍ମହତା
ବିନା ଯୁଦ୍ଧେ ନ ଦେବାକୁ ସୂଚ୍ୟଗ୍ର ମେଦିନୀ
କ୍ଷତାହତ ହାରିଗଲ୍ଲ ପରେ ?

ଦୁଃଖ କ'ଣ ମନ୍ଥରାର ମନ୍ତ୍ରଣା ଓ
କୈକେୟୀର ଅଭିଶାପ
ଛାରଖାର ମର ରାଜ୍ୟ ସ୍ମୃତି
ଦୁଃଖ କ'ଣ ଜଳିଗଲ୍ଲ ପୋଡ଼ିଗଲ୍ଲ
ଏରକାର ବନ
କ୍ଷୁଦ୍ରଯେଲେ ଶିଆଳୀ ଲଟାରେ

× × ×

'କର୍ମଣ୍ୟେ ବାଧିକାରସ୍ତୁ' ପାର୍ଥ ବନ୍ଧୁ
ପୋଡ଼ିଆସ ଶବ
କିଛି ବର୍ଷ ପରେ ପୁଣି
ସେ ଶବର ନବଜନ୍ମ ହେବ ।

× × × ×

ଦୁଃଖ ଏକ ପ୍ରବଞ୍ଚନା
ବନ୍ଧୁ ସହ ବନ୍ଧୁର ଝଗଡ଼ା
ଈର୍ଷା ଓ ଅସୂୟା ମଧ୍ୟେ
ଏ ଦୁଃଖର ମିଳିତ ଆଖଡ଼ା
ସହି ସହି ବିଦ୍ରୂପର ହସ
ଯଦି କେଭେ କ୍ଷତାହତ
କାହାକୁ ବା ଦୋଷ ଦେବ ସିଏ
ନିଜ ପାଇଁ ନିଜର ସାନ୍ତ୍ୱନା
ବରଂ ଭଲ ହସିବାରେ
ଦୁଃଖ ମଧ୍ୟେ ସୁଖର ରଚନା ।

ପ୍ରଥମ ଛାତ୍ରାବାସ, ରୁମ୍ ନଂ ୧୮
ବାଣୀବିହାର, ଭୁବନେଶ୍ୱର



## ଆଦିବାସୀ ଅଞ୍ଚଳରେ କଫି ଚାଷ


ଆଦିବାସୀମାନଙ୍କ ଜମିରେ କଫି ଚାଷ ପ୍ରବର୍ତ୍ତନ ପାଇଁ ରାଜ୍ୟ କୃଷି ବିଭାଗ ପକ୍ଷରୁ ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏଥିପାଇଁ ବିଭିନ୍ନ ଅଞ୍ଚଳରେ ୬୦ ହଜାର କଫି ଚାରା ଉଠରା ଯାଇଛି । ଏହି ଚାରା ଗୁଡ଼ିକୁ ଚଳିତ ବର୍ଷ ଆଦିବାସୀ ଚାଷୀମାନଙ୍କ ଜମିରେ ଲଗାଯିବ । ଏହା ବ୍ୟତୀତ, ଉକ୍ତ ଅଞ୍ଚଳରେ ଜଙ୍ଗଲ ଜମିରେ ଜଙ୍ଗଲ ବିଭାଗ ପକ୍ଷରୁ ମଧ୍ୟ କଫି ଚାଷ କରାଯାଉଛି ।

# ଓଡ଼ିଆ ଚଳଚ୍ଚିତ୍ର : ଆଜି ଓ ଆସନ୍ତାକାଲ

ଶ୍ରୀ ରଣଧୀର ଦାସ


ଓଡ଼ିଆ ଚଳଚ୍ଚିତ୍ର ଇତିହାସରେ ୧୯୭୮ରେ ସର୍ବାଧିକ ୧୫ଟି ଚିତ୍ର ମୁକ୍ତିଲାଭ କରିଛି । ମୁକ୍ତିଲାଭ କରିଥିବା ଚିତ୍ର ମଧ୍ୟରେ ବେଶି ଭାଗ ଚିତ୍ରରେ ଓଡ଼ିଆ ଭାଷା, ସଂସ୍କୃତି, ଶୈଳିଚଳଣ ରକ୍ଷା କରାଯାଇ ପାରିନାହିଁ । ତଥାପି ବ୍ରହ୍ମପୁରର ଶ୍ରୀ ରଘୁନାଥ ମିଶ୍ରଙ୍କ ଉଦ୍ୟମରେ 'କବିସମ୍ରାଟ ଉପେନ୍ଦ୍ର ଭଞ୍ଜ' ଚିତ୍ର ନିର୍ମାଣ ଏକାନ୍ତ ଅଭିନନ୍ଦନୀୟ । ଓଡ଼ିଶାର ଲୋକପ୍ରିୟ କବି ଉପେନ୍ଦ୍ର ଭଞ୍ଜଙ୍କ ଜୀବନକୁ ଚଳଚ୍ଚିତ୍ରମାଧ୍ୟମରେ ରୂପାୟିତ କରି ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛନ୍ତି । ଆଶାକରୁ ଓଡ଼ିଶାର ଏକାଧିକ ବରେଣ୍ୟ କବି, ଗଙ୍ଗାଧର ମେହେର, ଫକୀରମୋହନ ସେନାପତିଙ୍କ ଜୀବନୀ ଉପରେ ପ୍ରଯୋଜକମାନେ ଚଳଚ୍ଚିତ୍ର ନିର୍ମାଣ କରିବା ଦିଗରେ ଉଦ୍‌ଯୋଗ କରିବେ ।

୧୯୭୯ ଜାନୁଆରୀ ମାସରେ ଶ୍ରୀ ଧୀର ବିଶ୍ୱାଳଙ୍କ ନିର୍ଦ୍ଦେଶିତ 'ଗୌରୀ' ଚିତ୍ର ମୁକ୍ତିଲାଭ କଲା । ଏକ ବଳିଷ୍ଠ କାହାଣୀ ଉପରେ ଆଧାରିତ 'ଗୌରୀ' ଚିତ୍ର ଜନସାଧାରଣରେ ଆଦୃତ ହୋଇ ପାରିଛି ।



ଗୌରୀ ଚିତ୍ରରେ ଅଜିତ ଦାସ, ମହାଶ୍ୱେତା, ପ୍ରଶାନ୍ତ ନନ୍ଦ ଓ ଗୀତା

ପରେ ପରେ ମୁକ୍ତିଲାଭ କଲା ରଙ୍ଗିନ ଚିତ୍ର ବନ୍ଦିଦାନ । ଚିତ୍ରଟି ଶ୍ରୀ ପ୍ରଶାନ୍ତ ନନ୍ଦଙ୍କ ଦ୍ୱାରା ନିର୍ଦ୍ଦେଶିତ । କାହାଣୀରେ କୌଣସି ନୂତନତ୍ୱ ନଥିଲେ ମଧ୍ୟ ଚିତ୍ରଟି ଆଂଶିକ ସାଫଲ୍ୟ ଅର୍ଜନ କରିପାରିଛି । ଶିଶୁ ଅଭିନେତା ସୌମିତ୍ର, ହେମନ୍ତ ଓ ସୁଜାତାଙ୍କ ଅଭିନୟ ଚିତ୍ରଟିର ଅମୂଲ୍ୟ ସଂପଦ । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଶ୍ରୀ ପ୍ରଫୁଲ୍ଲ କର ।



ରଙ୍ଗୀନ ଚିତ୍ର 'ବଳିଦାନ'ରେ ଦଳଜିତ, ଦୁଃଶାସନ, ଇତି

ଡ଼ଃ ବସନ୍ତ ମହାପାତ୍ରଙ୍କ କାହାଣୀ ଉପରେ ଆଧାରିତ ସପ୍ତଦୁଣୀ ଏକ ନୃତ୍ୟ ଗୀତ ମୁଖରିତ ଚିତ୍ର ଉକ୍ତ ଉପଲକ୍ଷେ ମୁକ୍ତିଲାଭ କରିଛି । ଏହାର ନିର୍ଦ୍ଦେଶକ ଶ୍ରୀ ଅକ୍ଷୟ ମହାନ୍ତି (କାଶ୍ୟପ) ଓ ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀ ବାସୁଦେବ ରଥ, ସର୍ବାଧିକ ଲୋକପ୍ରିୟ ସଙ୍ଗୀତ ରୂପେ ସପ୍ତଦୁଣୀ ଦର୍ଶକ ତଥା ଶ୍ରୋତାଙ୍କୁ ମୁଗ୍ଧ କରିପାରିଛି । ଚିତ୍ରଟି ଦର୍ଶକମାନଙ୍କ ଦ୍ଵାରା ବିଶେଷ ଆଦୃତ ହୋଇପାରିନାହିଁ ।

ଡ଼ଃ ବସନ୍ତ ମହାପାତ୍ରଙ୍କ କାହାଣୀ 'ନାଗଫାଶ' ଓଡ଼ିଆରେ ପ୍ରଥମ ରହସ୍ୟଧର୍ମୀ ଚିତ୍ର । ଉକ୍ତ ଉପଲକ୍ଷେ ନାଟ୍ୟକାର ଶ୍ରୀ ବିଶ୍ଵଜିତ ଦାସଙ୍କ କାହାଣୀ ଉପରେ ଆଧାରିତ 'ନିଝୁମ ରାତିର ସାଥୀ' ଦ୍ଵିତୀୟ ରହସ୍ୟଧର୍ମୀ ଓଡ଼ିଆ ଚିତ୍ର । ଶ୍ରୀ ଦାସ ଚିତ୍ର ନାଟ୍ୟ ସଂଳାପ ଲେଖିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି । ସଙ୍ଗୀତ ନିର୍ଦ୍ଦେଶନା ଶ୍ରୀ ଅକ୍ଷୟ ମହାନ୍ତି । ରହସ୍ୟଧର୍ମୀ ଚିତ୍ର ରୂପେ ନିଝୁମ ରାତିର ସାଥୀ ଦର୍ଶକମାନଙ୍କୁ ପ୍ରଭାବିତ କରି ପାରିନାହିଁ ।

୧୯୭୯ ସାଲରେ ଆଠ ମାସ ମଧ୍ୟରେ ମାତ୍ର ଚାରିଟି ଚିତ୍ର ମୁକ୍ତିଲାଭ କରିବା କ୍ରମବର୍ଦ୍ଧିଷ୍ଣୁ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ପାଇଁ ଶୁଭ ସୂଚନା ନୁହେଁ । ସମାପ୍ତି ଅଥବା ଅର୍ଦ୍ଧ ସମାପ୍ତି ହୋଇଥିବା ବହୁ ଓଡ଼ିଆ ଚଳଚ୍ଚିତ୍ର ଅର୍ଥାଭାବରୁ ମୁକ୍ତିଲାଭ ହୋଇ ପାରୁନାହିଁ । ଫଳରେ ଓଡ଼ିଆ ପ୍ରଯୋଜକମାନେ ବିଶେଷ ଭାବରେ ହତୋତ୍ସାହ ହୋଇପଡ଼ିଛନ୍ତି ।

ଓଡ଼ିଆରେ 'ଶ୍ରୀ ଜଗନ୍ନାଥ' ଚିତ୍ର ୧୯୪୯ରେ ପ୍ରସ୍ତୁତ ହୋଇଥିଲା । ମାନ୍ଦ୍ରାଜର କାନ୍ତିକୁମାର ରଙ୍ଗିନ ଚିତ୍ର 'ଶ୍ରୀଜଗନ୍ନାଥ'ର ପ୍ରଯୋଜକ । ଚିତ୍ରରେ ବହୁ ନୂତନ ଓ ପୁରାତନ କଳାକାର ଅଭିନୟ କରୁଛନ୍ତି ।

ଓଡ଼ିଆ ଚଳଚ୍ଚିତ୍ର ଇତିହାସରେ ସର୍ବାଧିକ ବ୍ୟୟବହୁଳ ଚିତ୍ର ଛାୟାବାଣୀ ପ୍ରତିଷ୍ଠାନର ପଞ୍ଚମ ଅବଦାନ 'ମଥୁରା ବିଜୟ' । ଶ୍ରୀମଦ୍ ଭାଗବତ ଦଶମସ୍କନ୍ଦ (ପୂର୍ବାର୍ଦ୍ଧ) ଅବଲମ୍ବନରେ କୃଷ୍ଣ ଜନ୍ମଠାରୁ କଂସବଧ ତଥା ଉଗ୍ରସେନ ସିଂହାସନ ଆରୋହଣ ପର୍ଯ୍ୟନ୍ତ ବହୁ ଅଲୌକିକ ଘଟଣାବଳୀକୁ ଚିତ୍ର ଉତ୍ତୋଳନରେ ଜୀବନ୍ତ କରି ତୋଳିଛନ୍ତି ଭାରତର ପ୍ରଖ୍ୟାତ କ୍ୟାମେରାମେନ କେ. ଏସ. ପ୍ରସାଦ ଓ ବାବୁ ରାଓ । ଏକାଧିକ କ୍ୟାମେରା ବ୍ୟବହାର, ୩ଲକ୍ଷରୁ ଉର୍ଦ୍ଧ୍ଵ ସେଟ୍‌ସିଟିଙ୍ଗରେ ବ୍ୟୟ ତଥା ଏକ ହଜାରରୁ ଉର୍ଦ୍ଧ୍ଵ ଶିଳ୍ପୀ କଳାକାର ଅଭିନେତା ଅଭିନେତ୍ରୀ ଅଭିନୟ ଏହି ରଙ୍ଗିନ ଚିତ୍ରକୁ ଏକ ଅବିସ୍ମରଣୀୟ ପୌରାଣିକ ଚିତ୍ର ରୂପେ ଦର୍ଶକମାନଙ୍କୁ ମୁଗ୍ଧ କରିବ । ଏହାର ପ୍ରଯୋଜକ ଶ୍ରୀ ବାବୁଲାଲ ଦୋଷୀ, ସଙ୍ଗୀତ ନିର୍ଦ୍ଦେଶନା ଦେ... ଶ୍ରୀ ବାଳକୃଷ୍ଣ ଦାସ ଏବଂ ନିର୍ଦ୍ଦେଶକ ଏ. ସଞ୍ଜୀବ ।



ରଙ୍ଗୀନ ପୌରାଣିକ ଚିତ୍ର 'ମଥୁରା ବିଜୟ'ରେ ଯଶୋଦା ଭୂମିକାରେ ଅନୀତା ଦାସ ଓ କୃଷ୍ଣ ଭୂମିକାରେ ପବନକୁମାର ।

ଦୁର୍ଗା ପୂଜା ଅବସରରେ ତିନୋଟି ରଙ୍ଗୀନ ଚିତ୍ର ମୁକ୍ତିଲାଭ କରିବ ବୋଲି ଜଣାଯାଇଛି । ନାଟ୍ୟକାର କମଳଲୋଚନ ମହାନ୍ତିଙ୍କ ଲିଖିତ 'ଶ୍ରୀକୃଷ୍ଣ ରାସଲୀଳା' ଏକ ନୃତ୍ୟନାଟିକା । ଏହାର ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଗୁରୁ କେଳୁଚରଣ ମହାପାତ୍ର । ସର୍ବାଧିକ ନୃତ୍ୟଶିଳ୍ପୀଙ୍କର ସମାବେଶ ଏବଂ ୩୪ଟି ସଙ୍ଗୀତ ଏହାର ଅନ୍ୟତମ ବିଭବ ।



"ଏକାମ୍ର ଛାୟା ଛବି" ପ୍ରଯୋଜିତ ଇଷ୍ଟମ୍ୟାନ୍ କଲର କଥାଚିତ୍ର "ଶ୍ରୀକୃଷ୍ଣ ରାସଲୀଳା" ରେ ରାଧା ଓ ଲଳିତା ଭୂମିକାରେ ଚପଟି ଏବଂ ଅରୁଣା ମହାନ୍ତି

ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ 'ନୀଳଶୈଳ' ଉପନ୍ୟାସ ଚଳଚ୍ଚିତ୍ର ହେଉଛି । ଶ୍ରୀ ସୁରେନ୍ଦ୍ର ମହାନ୍ତିଙ୍କ ଲିଖିତ ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ରଙ୍ଗୀନ ଚିତ୍ରର ନିର୍ଦ୍ଦେଶକ ଭାରତର ପ୍ରଖ୍ୟାତ ଅଭିନେତା ଓ ନିର୍ଦ୍ଦେଶକ ଶ୍ରୀ ସାଧୁ ମେହେର ।

୧୯୭୯ରେ ସର୍ବାଧିକ ପୌରାଣିକ ଚିତ୍ର ନିର୍ମାଣ ଆରମ୍ଭ ହୋଇଛି । 'ନୀଳମାଧବ', ତ୍ରିନାଥ ମେଳା, ଜୟ ମା ମଙ୍ଗଳା ଚଳିତ ବର୍ଷ ମୁକ୍ତିଲାଭ କରିପାରେ । ସଂପୂର୍ଣ୍ଣ ରାମାୟଣ (ରଙ୍ଗୀନ) ଚିତ୍ର ମଧ୍ୟ ପ୍ରସ୍ତୁତି ପଥେ । ପୌରାଣିକ ଚିତ୍ର ଅଧିକ ବ୍ୟୟସାପେକ୍ଷ ହେଲେ ମଧ୍ୟ ସହର ଓ ପଲ୍ଲୀ ଅଞ୍ଚଳର ଦର୍ଶକମାନଙ୍କୁ ଆକର୍ଷିତ କରିଥାଏ ।

ଓଡ଼ିଆ ଚିତ୍ରର ପ୍ରଯୋଜକଗଣ ଜୀବନଧର୍ମୀ ଚିତ୍ର ନିର୍ମାଣ ଦିଗରେ ବିଶେଷ ଦୃଷ୍ଟି ଦେଇନାହାନ୍ତି । ତଥାପି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ 'ମାଂସର ବିଳାପ' ଓ ମନମୋହନ ମହାପାତ୍ରଙ୍କ ନିର୍ଦ୍ଦେଶନାରେ 'ଶୀତରାତି' ପ୍ରସ୍ତୁତ ହୋଇଛି । ଏହା ପର୍ଯ୍ୟନ୍ତ ମୁକ୍ତିଲାଭ କରି ପାରିନାହିଁ ।

ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକଗଣ ଓଡ଼ିଆ ଚିତ୍ରରେ ବିନିଯୋଗ କରିଥିବା ଅର୍ଥର ଆନୁପାତିକ ହାରରେ ଲାଭବାନ୍ ହୋଇ ପାରୁନାହାନ୍ତି । ତାହାର ବିଶଦ କାରଣ ପ୍ରବନ୍ଧର ସୀମିତ କଳେବର ମଧ୍ୟରେ ଆଲୋଚନା କରିବା ସମ୍ଭବପର ନୁହେଁ । ତଥାପି, ପ୍ରେକ୍ଷାଳୟ ଅଭାବ ତଥା ସୁଦୃଢ଼ ଅଭିଜ୍ଞ ପରିବେଷଣ ସଂସ୍ଥାର ଅଭାବ ପ୍ରଧାନ କାରଣ ।

ଏ ଦିଗରେ ରାଜ୍ୟ ସରକାରଙ୍କ ନବ ଗଠିତ ଫିଲିମ୍ ଡେଭେଲପମେଣ୍ଟ କର୍ପୋରେଶନ କେତେକ ଜନତା ପ୍ରେକ୍ଷାଳୟ ନିର୍ମାଣ ଦିଗରେ ଉଦ୍ୟମ ଆରମ୍ଭ କରିଛନ୍ତି । ଛତ୍ରପୁରଠାରେ ପ୍ରଥମ ପ୍ରେକ୍ଷାଳୟ ଏଫ. ଡ଼ି. ସି. ସହାୟତାରେ ଗଢି ଉଠୁଛି । ଏପ୍ରିଲ ଏକ, ୧୯୭୯ ପରେ ମୁକ୍ତିଲାଭ କରିଥିବା ଚିତ୍ରର ପ୍ରଯୋଜକ ଦ୍ୱିତୀୟ ଚିତ୍ର ନିର୍ମାଣ କଲେ କଳାଧଳା ଚିତ୍ର ପାଇଁ ଏକଲକ୍ଷ ଓ ରଙ୍ଗୀନ ଚିତ୍ର ପାଇଁ ଦେଢ଼ଲକ୍ଷ ଟଙ୍କା ସବ୍‌ସିଡ଼ି ଭାବରେ ପାଇବେ । ଏହା ଖୁବ ଶୀଘ୍ର ରାଜ୍ୟ ସରକାରଙ୍କ ଅନୁମୋଦନ ଲାଭ କରିବ । ପ୍ରଯୋଜକମାନଙ୍କୁ ଚିତ୍ର ପରିବେଷଣ ଦିଗରେ ସହାୟତା କରିବା ପାଇଁ ଫିଲିମ ଡ଼େଭଲେପମେଣ୍ଟ କର୍ପୋରେସନ ପରିବେଷଣ ଦାୟିତ୍ୱ ନେବା କଥା ବିଚାରାଧୀନ ରହିଛି ।

କ୍ରମବର୍ଦ୍ଧିଷ୍ଣୁ ଚଳଚ୍ଚିତ୍ର ଶିଳ୍ପର ବିକାଶ ଦିଗରେ ଫିଲିମ ଡ଼େଭଲେପମେଣ୍ଟ କର୍ପୋରେସନ ତଥା ରାଜ୍ୟ ସରକାରଙ୍କର ଯେତିକି ଦାୟିତ୍ୱ ରହିଛି ଶିଳ୍ପ ସହିତ ସଂପୃକ୍ତ ବ୍ୟକ୍ତିବିଶେଷ ତଥା ଜନସାଧାରଣଙ୍କର ସହଯୋଗ ମଧ୍ୟ ସେତିକି ଆବଶ୍ୟକ । ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ବିକାଶ ଦିଗରେ ଅନ୍ୟାନ୍ୟ ପଡ଼ୋଶୀ ରାଜ୍ୟ ସହିତ ସମକକ୍ଷ ହେବା ପାଇଁ ରାଜ୍ୟ ସରକାର ବିଶେଷ ଦୃଷ୍ଟି ଦେବା ଏକାନ୍ତ ବାଞ୍ଛନୀୟ ।

ସମ୍ପାଦକ, ଜୀବନରଙ୍ଗ
ଷ୍ଟୋନିରୋଡ଼
କଟକ-୭୫୩୦୦୨



# ଆଈବୁଢ଼ୀ

ଶ୍ରୀ ବସନ୍ତ କୁମାର ଶତପଥୀ

ପଟ୍ଟନାୟକ ବାବୁ ଦୁଃଖବିରକ୍ତି ମିଶା ଗଳାରେ ଘରୋଇ କଥା ଗପି ଚାଲିଥାନ୍ତି । "ଦେଖନ୍ତୁ", ଆମ ଘରେ ଚାରିପାଞ୍ଚଟା ପିଅନ, ଚପରାସି ସକାଳୁ ସଞ୍ଜ ଦିନରାତି ଖଟୁଛନ୍ତି ; କିଏ ପାଣି କାଢୁଛି, କିଏ କାଠ କାଟୁଛି, କିଏ ରୋଷେଇ କରୁଛି, କିଏ ବଜାର କରୁଛି, କିଏ ଘର ପୋଛୁଛି, କିଏ ପିଲାଝିଲାଙ୍କୁ ସାଇକେଲରେ ବସାଇ କନଭେଣ୍ଟସ୍କୁଲକୁ ନିଆଅଣା କରୁଛି, ତଥାପି ଆମ ମିସେସ୍‌ଙ୍କ ମନ ମାନୁନାହିଁ ; କହୁଛନ୍ତି 'ଏ ଗୁଡ଼ାକୁ ନେଇ ତମେ ଅଫିସ କିମିତି ଚଳାଉଛ, ଗୁଡ଼ାଏ ଅପଦାର୍ଥ, ବୁଡ଼ା ଅଳସୁଆ, ମୁଁ ଆଉ ପାରିବି-ନାହିଁ, ପାଞ୍ଚପାଞ୍ଚଟା ପିଲାପିଲିଙ୍କି ନେଇ ; ଯିବା ଆସିବା ତ ସଦାବେଳେ ପୁଣି ଲାଗିଛି, ପ୍ରତିଦିନ ଚାଳିଶପଚାଶ କପ୍ ଚା, ତୁମେ ଏଗୁଡ଼ାକୁ କୁଆଡ଼େ ବଦଳି କରି ଦେଇ ନୂଆ ଲୋକ ଆଣ, ନହେଲେ ଘର ଚଳାଅ ; ତୁମ ପରି ନରମ ଲୋକ ନେଇ ସରକାର ଯେ କିମିତି ଚାଲିଛି........

ପାଖପଡ଼ୋଶୀ ବାଲ୍ୟବନ୍ଧୁ ଆମର ଏଇ ଅମାୟିକ ଅଫିସରଟିକୁ ସାନ୍ତ୍ୱନା ଆଶ୍ୱାସନା ଦେବାପାଇଁ କହିଲି, "ଆଉ ସେ ସବୁ କୁହନ୍ତୁ ନାହିଁ, ଆଜିକାଲି ଚାକରବାକର ସମସ୍ୟା ଏମିତି ଉତ୍‌କଟ ହେଲାଣି ଯେ ଚାକରଚାକରାଣୀଙ୍କ ସହିତ ମିଳିମିଶି ନିଜେ ମୁଲିଆକାମୁତୁଣୀ ନ ହେଲେ ଘର ଚଳିବ ନାହିଁ । ଆସୁଥିବେ ଯାଉଥିବେ ଦିନେ ଦୁଇଦିନ ପରେ ଚଖାଚଖି କରି ଅନ୍ତର୍ଦ୍ଧାନ ହୋଇ ଯାଉଥିବେ" ।

ପଚାରିବି ଭାବୁଥିଲି "ପଟ୍ଟନାୟକ ବାବୁ ! ଚତୁର୍ଥ ପାହିଆ କର୍ମଚାରୀସଂଘ ଏମାନଙ୍କୁ ସମସ୍ତଙ୍କୁ ଆପଣଙ୍କ ଘର କାମ କରିବାକୁ ଦେଉଛି କିପରି ? ଆପଣ ନିଜେ କ୍ଲାସ୍ ୱାନ୍ ଅଫିସର ହୋଇ ଏଗୁଡ଼ାକୁ ଘର କାମରେ ଲଗାଇଛନ୍ତି କିପରି " ? ପଚାରିଲି ନାହିଁ ଅପ୍ରିୟ ସତ୍ୟ କଥା । ବରଂ ଯୋଡ଼ିଲି, "ଆମର ସେ ବୁଢ଼ୀଟା ଗଲା ଦିନରୁ ସାତଆଠଟା ଆସିଲେଣି, କିଏ ଦିନେ ତ କିଏ ଓଳିଏ । ହଇରାଣହରକତର ସୀମା ନାହିଁ । ନିଜେ ସବୁ କାମ କରୁଛୁଁ, ବାସନ ମାଜୁଛୁଁ ମସଲା ବାଟୁଛୁ........

କଥା ସେତିକିରେ ରହିଗଲା, ବାହାର ଦରିଜା କଣ୍ଡିରର ଖଡଖଡ୍ ଶବ୍ଦରେ । ବୁଲି ମୋ କୋଳରେ ଶୋଇଥିଲା । ଡେଇଁପଡ଼ି କାନକୁ କାନ୍ଧ ଉପରେ ଉଠାଇ ଶଶା ପରି ଡେଇଁ ଡେଇଁ ଦଉଡ଼ିଲା ଦାଣ୍ଡଦରିଜା ପାଖକୁ । ଭୁକିଲା ନାହିଁ । ଚିହ୍ନା ଅଚିହ୍ନା କୁକୁରଗୁଡ଼ାକ ଅନ୍ଧେଶରେ ଜାଣିପାରନ୍ତି ଅଥଚ ଆମେ ନିଜ ଆତ୍ମୀୟସ୍ୱଜନଙ୍କୁ ନ ଦେଖିଲାଯାଏ ଚିହ୍ନିଜାଣି ପାରୁନାହିଁ । ବୁଲିର ପ୍ରତିକ୍ରିୟାରୁ ମୁଁ ଜାଣିଲି କିଏ ଚିହ୍ନା ଅତିଥି । ସିଧା ତା' ପଛେ ପଛେ ଚାଲିଲି । କଇଁ କଇଁ ହୋଇ ମୋତେ ଶୀଘ୍ର କବାଟ ଫିଟାଇବାକୁ କହୁଥାଏ । ନଖରେ କବାଟକୁ ରାମ୍ପି । ଚିଟ୍କିଣି ଫିଟାଇଲି । କବାଟ ଖୋଲିଗଲା । ଆଈବୁଢ଼ୀ ।

ପାଟିକୁ ବାହାରି ପଡ଼ିଲା "ଆସିଗଲୁ ?" ସାମାନ୍ୟ ଟିକେ ହସ ଆଖି ଓ ଓଠରେ ଖେଳାଇ ବୁଢ଼ୀ କହିଲା, କହିଥିନି ଆସିମି ବୋଲି, ଆସିମିନି" ?

ବୁଢ଼ୀ ମୋତେ 'ତୁ' 'ତା' କରେ, ପିଲାଙ୍କୁ 'ବେ' 'ବା' କରେ । ଆମ ପରିବାରର ଯୁଗଯୁଗ ଧରି ଅଭିଭାବିକା ଯିମିତି ।

ଘର ଭିତରକୁ ପଶି ଆସି ଅଗ୍ନିକି ଆଗରେ ଛିଡ଼ା ହୋଇ ବହୁ କଷ୍ଟରେ ହାତ ପହୁଞ୍ଚାଇ ବୋଇଟୋକୁ ଲଗାଇଦେଲା ।

ଡାଙ୍ଗିରୀ ବୁଢ଼ୀଟି, ମୋର ଛାତିଏକୁ ଉଣାହବ । ଝୁର୍ ଝୁରି ମୁଣ୍ଡୀ । ଧଳା ଚୁଳଗୁଡ଼ାକୁ ରଖି କଳାକୁ ସବୁ ନିର୍ମୂଳ କରି ଦେଇଛି ଯିମିତି । ନାହାନାଡ଼ ଜାତି ତା ମାଥା ଓଠରେ ଘଷି ଯେଉଁ ନାଲି ରଙ୍ଗ ଦେଇଥିଲା ସେଇ ରଙ୍ଗ ଆଜିଯାଏ ଲାଗି ରହିଛି । ପାନ ଖାଇଲେ ନ ଖାଇଲେ ବି ସେଇ ଏକ ମିଠା ନାଲି ରଙ୍ଗ । ଚିନିମାଖର ଟିକି ଛିଅଟି ଯେଉଁ ପ୍ରଥମ ହସ ହସିଥିଲା ତାହା ବୁଢ଼ୀ ହେବା ଯାଏ ତାର ଓଠରେ ଲାଗି ରହିଛି । ଜୀବନର ଦୁର୍ଦ୍ଦିନରେ ସାମୟିକ ଲିଭିଲେ ବି ପୁଣି ଫୁଟି ଉଠେ ।

ଦିହ ହଳଦୀଗରଗର । ସାଇଯାବ୍ଲାଉସ୍ କିଛି ନାହିଁ । ଗାରେ ନାଲି ଧଡି ଥିବା ଆଠଗଜୀ ଧୋତିକି ଶୁଆରଙ୍ଗ ସାବୁନ ଦେଇ ରଙ୍ଗ କରି ନେଇଛି । ଆଠ-ଆଠଟା ଛୁଆଙ୍କୁ ସେ ବେଇଛି, ପେଇଛି, ପାଳିଛି, ବଡ କରିଛି, ବିଭା ଦେଇଛି । ଏବେ ବି ଦିହର ସୁଆଙ୍ଗ ଖଟାଇ ଠୁକୁରୁମୁକୁର୍ କାମ କରି ପାରୁଛି । ଆଗରୁ ଦିନ ସାରା ଘରେ ଖଟୁଥିଲା । ଏବେ 'ଗତର ପଡିଆସିଲାରୁ' ସେ କେବଳ ମୋ ଘରେ ବାସନକୁସନ ଦିଖଣ୍ଡ ମାଜୁଥିଲା, ଘର ପୋଛୁଥିଲା, ଲୁଗାପଟା ଧୋଉଥିଲା, କୂଅରୁ କେତେ ବାଲ୍‌ଟି ପାଣି କାଢୁଥିଲା । ଏ ସମସ୍ତ କାମ ପାଇଁ ମୁଁ ତାକୁ ଦେଉଥିଲି ମାସକୁ ଆଠଟଙ୍କା । ମକର ଆଉ ଦୁର୍ଗାପୂଜାରେ ଦିଖଣ୍ଡି ହାତବୁଣା ଧୋତୀ । ଖାଇବାକୁ ଦିଏ ନାହିଁ । ଆଜିକାଲି ବଜାରରେ ଦି ବେଳା ଖାଇବାକୁ ଦେଲେ ମାସକୁ ଶହେ ପଡିଯିବ, ଲୁଗାପଟା କାଚିଲେ କପେ ଚା, ନ ହେଲେ ମୁଠେ ମୁଢି ।

ବୁଢୀ ଭିତରକୁ ଆସୁଛି । ବ୍ଲାକି ତା ଆଗକୁ ଛାଡିବାକୁ ନାରାଜ । ଖୁସିରେ ଡିଆଁ ମାରୁଛି ତା କାନ୍ଧ ପର୍ଯ୍ୟନ୍ତ । ଅସମ୍ଭାଳରେ କେତେ ଟୋପା ମୁତି ପକାଇଲଣି ବୁଢ଼ୀର ଲୁଗାରେ । ବୁଢୀ କହୁଥାଏ "ହେଲା, ହେଲା ଆଉ କେତେ ଶରଧା କରିବୁ ; ଚାଲ ଚାଲ ଘର ଭିତରକୁ ଚାଲ" । କାନମୁଣ୍ଡ ଆଉଁଷି ଦେଇଁ ଦେଇଁ କହୁଥାଏ "ଆରେ ଆରେ ମୋ ଲୁଗା ଚିରି ଯିବରେ ବ୍ଲାକି ! ପଚା ପୁରୁଣା ଲୁଗାଟା ପରା" । ଏମିତି ସମ୍ବର୍ଦ୍ଧନା ପାଇ ସାରିବା ପରେ ସେ ଘର ଭିତରକୁ ଆସିଲା । ମୋ ପଛକୁ ଦୁଇ ପୁଅ, ତାଙ୍କପଛକୁ ବ୍ଲାକି, ତା ପଛେ ପଛେ ବୁଢୀ ।

ଆମ ଶୋଭାଯାତ୍ରା ଦେଖି ପଟ୍ଟନାୟକ ବାବୁଙ୍କୁ ଜଣା ପଡିଥିବ କୁଇନ୍ ଭିକ୍‌ଟୋରିଆଙ୍କ ଭାଗ୍ୟରେ ଏମିତି ସୌହାର୍ଦ୍ଦପୂର୍ଣ୍ଣ ସମ୍ବର୍ଦ୍ଧନା ଘଟିନଥିବ । ବୁଢୀ ତା ନିଜ ଘରେ ବହୁ ଦିନ ପରେ ପାଦ ଦେଲା ପରି ଭୂଇଁରେ ପାଦ ଜୋରେ ମାଡି ମାଡି ସିଧାସଳଖ ଚାଲିଥାଏ ମୁହଁରେ ବିମଳ ଆନନ୍ଦ ଓ ଗର୍ବ ଖେଳାଇ ।

ପୁଅ ଦୁହେଁ, ବ୍ଲାକି ଓ ମୁଖ୍ୟ ଅତିଥି ଅଗଣାଆଡକୁ ଚାଲିଲେ । ପଟ୍ଟନାୟକ ବାବୁ ଆଖି ଡିମା ଠାରି ମୋତେ ଇଙ୍ଗିତ ଦେଲେ "ଆପଣ ତ ରକ୍ଷା ପାଇଲେ ବୁଢୀ ଆସିଗଲା" ! ଦଣ୍ଡେ ପରେ ସ୍ଥୀତ ବପୁକୁ ସୋଫାରୁ ଉତ୍ତୋଳିତ କରି ମୋଡ଼ିଭାଙ୍ଗି ହେଲେ, କହିଲେ,"ଯାଏଁ ; ଘରେ ଚିନ୍ତୁଥିବେ । ବହୁତ ସମୟ ବସିଗଲି" । ମୁଁ ତାଙ୍କୁ ବାଟ ଦେଖାଇ ଦେଇ ଚାଲିଗଲି ଅଗଣାଆଡକୁ ।

ଦେଖିଲି ବୁଢୀ ରୋଷେଇଘରୁ ଅଇଁଠା ବାସନକୁସନ-ସବୁ ନେଇ କୂଅପାଖରେ ମେଲି ଦେଇଛି । ବାଲ୍‌ଟି ପାଣି କୂଅରୁ କାଢୁଛି । ସାନ ପୁଅ ତା ପାଖରେ ଛିଡା ହୋଇ ପଚାରୁଛି ତାର ସେଇ ଗୋଟିଏ ପୁରୁଣା ପ୍ରଶ୍ନ 'ଆଉ ! ଆଜି ବର୍ଷା ହବ ନା ? ଆଉବୁଢୀ ରାଗିବାର ଛଳ କରି କହୁଛି "ତୋ ବାପାକୁ ପଚାର । ସେ ସିନା କହି ପାରିବ । ପାଠଶାଠ ପଢିଛି । ମୁଁ ତ ମହାମୂରୁଖ । ଗୁଣିଆଁ ନା ଦିଆସି ନା ଜ୍ୟୋତିଷ ହୋଇଛି ଯେ ମେଘ କଥା କହିମି । ଜହ୍ନରେ ମଣ୍ଡଳ କାଟିଛି, ବର୍ଷା ହବ ବୋଲି ସାଇ ଲୋକେ କୁହାକୁହି ହେଉଥିଲେ" ।

ସାନ ପୁଅ ହାତଟା ତା ଆଡକୁ ବଢାଇ ଦେଇ ପଚାରିଲା "ଆଉ ! ମୋ ହାତ ଦେଖି କହତ ମୁଁ କେତୋଟା ବାହା ହେବି" ? ବୁଢୀ ଟିକିଏ ହସିଲା । ମୋତେ ଦେଖି ଟିକିଏ ଲାଜ କରି ଜିଭ କାମୁଡିଲା ଏବଂ ଓଢଣାଟାକୁ ଟିକିଏ ଟାଣି ଧୀର ଗଳାରେ କହିଲା "ବାପା ! ପରଜାପତି ଘଟସୂତ୍ରକଥା ମୁଁ କେମିତି କହିମି ? ଯିଏ ଯାହା ହାଣ୍ଡିରେ ଚାଉଳ ପକାଇଛି ସେ ତାକୁ ବାହା ହବ" । ଟିକିଏ ହସି ଆଖି ମିଟିକା ମାରି ପୁଣି କହିଲା "ତୁ ଯାହାକୁ ଚାହିଁବୁ ତାକୁ ବାହା ହବୁ, ଯେତେଟା ଚାହିଁବୁ ସେତେଟା ବାହା-ହବୁ । ମନ ମାନିଲା " ?

ବଡ ପୁଅ ଫେଟେକା ନୁହେଁ, ବୁଢୀ ଜାଣେ । ତା ଆଡକୁ ଚାହିଁ ବୁଢୀ କହିଲା "ବାପା ! ସେ କାଗଜଫୁଲ ଗଛରେ, ହେନା ଗଛରେ ପାଣି ଢାଳେ ଅଧେ ଦେଇନି ? ମରିଗଲା ଗଛସବୁ" । ବଗିଚାର ଏ କଣ ସେ କଣକୁ ଚାହିଁ କହିଲା "ଗୋଲାପ ଟବ୍ ଗଲା କୁଆଡେ " ? ମାସ ଗୋଟାକରେ ବଗିଚାଟାକୁ ସାରିଦେଲ ବାପା" !

ବାସନକୁସନ କାପ୍‌ପ୍ଲେଟ୍‌ଗୁଡାକୁ ଖେଳାଇଁ ଖେଳାଇଁ ମୁହଁମୁରୁ ହେଲା ଏବଂ ମୋ ଆଡକୁ ଚାହିଁ କହିଲା ବାପା ଯେ ! କେଉଁ ବଡ ବେଲଟାରେ ତୁ ମୁଢି ବାଉଁଶପୋଡା ଖାଉଥିଲୁ ସେଇଟା କାହିଁ ? ଲକ୍ଷ୍ନଉରୁ ଯେଉଁ ଚାବାସନ ଆଣିଥିଲୁ ତାର ପିଲେଟ୍ ଅଛି କପ୍ କାହିଁ ? ଯେଉଁ ସାନ ଷ୍ଟିଲ ଡାଟିଆରେ ଲେମ୍ବୁ ଆଚାର ଚକଟି ଖାଉଥିଲୁ ସେଟା ବି ତ ଦେଖୁନି" ।

ମୋର ପ୍ରଥମ ଜ୍ଞାନ ଉଦୟ ହେଲା ଯେ ମୋର ପ୍ରିୟ ଜିନିଷଗୁଡିକ ବୁଢୀର ମାସଗୋଟାକର ଅନୁପସ୍ଥିତିରେ ଅନ୍ତର୍ଦ୍ଧାନ ହୋଇ ଯାଇଛନ୍ତି । ଏ ଭିତରେ ସାତ ଆଠ ଜଣ ବୁଢୀ ଟୋକୀ ଆସିଲେଣି, ଗଲେଣି । ଖୋଜି ବସିଲେ ଆହୁରି କେତେ କେତେ ଜିନିଷ ହୁଏତ ଉଭେଇ ଯାଇଥିବେ । ସରଳବିଶ୍ୱାସଠୁଁ ମଣିଷର ବଳି ଶତ୍ରୁ କିଏ ଅଛି ?

ଯେଉଁ ଆଠୋଟି ବର୍ଷ (ମାସକୁ ଆଠୋଟି ଟଙ୍କାରେ) ସେ ରହିଥିଲା ସେ ଭିତରେ ଆମ ସହିତ କାହିଁକି କୁକୁର ବିରାଡ଼ି, ଗଛ ବୁରୁଛ, ବାସନକୁସନ ସମସ୍ତଙ୍କ ସହିତ ତାର ଆତ୍ମୀୟତା ଜମି ଯାଇଥିଲା । ସେଥିପାଇଁ ମୁଁ ବେଳେବେଳେ ବୁଢୀକୁ କହୁଥିଲି "ବୁଢୀ, ତୁ ଆମକୁ ଛାଡି ଗଲେ ଆମେ କ'ଣ କରିବୁଁ ? ଛେଉଣ୍ଡ ହୋଇ ଯିବୁ ସିନା" । ସେ କହୁଥିଲା, 'ମୁଁ ବାପା ଆଉ କେତେ-ଦିନ ବଞ୍ଚିମି ଯେ ତୋ ଘରେ ଖଟିମି ? ମୋ ପୁଅଝିଅ

ସମସ୍ତେ ମୋତେ ଚିଡ଼ାଉଛନ୍ତି, କହୁଛନ୍ତି, 'ଆମେ ଥାଉଁଥାଉଁ ତୁ ପର ଘରେ କାମଚୁଣୀ ହବୁ ଆମକୁ ଅପମାନ ହଉଛି । ମୋର ତତେ ଛାଡ଼ି ଯିବାର ଇଚ୍ଛା ନାହିଁ । ମୋର କେତେ କେତେ ବିପଦ ପଡ଼ିଯାଉଛି ବାପ ! ତେବେ ତୁ ଲୋକ ଦେଖୁଥା ଦଶରା ବେଳକୁ ମୁଁ ଚାଲିଯିବି" ।

ଦଶରା ଆସିଲା । ବୁଢ଼ୀପାଇଁ ଏଥର ଟିକିଏ ଭଲ ଧୋତି ଆଣିଥିଲି । ବୁଢ଼ୀ ପଇଠ ପରଷ୍ଟ କରି ଆଙ୍ଗୁଳିରେ ପରଖିଲା । ବେକରୁ ଗୋଡ଼ଯାଏ ଛାତି ଉପରେ ରଖି ଚଉଡ଼ା ମାପିଲା । ଖୁସିରେ ମୁହଁଟାକୁ କୁଞ୍ଚାକୁଞ୍ଚା କରି କହିଲା, 'ଏତେ ଦାମର ନୁଗା ଆଣିଲୁ ବାପା ! ଆଉ ଟଙ୍କାପଇସ ଅଛି ନା ସରିଲା ଅଛି" ? ଲୁହଛଳଛଳ ଆଖିରେ କହିଲା "ମୋତେ ତ ସିଏ ମାରି ଦେଇ ଯାଇଛି । ଖାଲି ମୋ ଛୁଆ ପିଲାକୁ ଆଉ ତମମାନଙ୍କୁ ଦେଖି ସିନା ବଞ୍ଚିଛି" ।

ଦଶହରା ଗଲା, ବୁଢ଼ୀ ଗଲାନାହିଁ । କୁଆଁର ପୁନେଇଁ ଆସିଲା । ବୁଢ଼ୀ କାମଦାମ ସାରି ଯିମିତି ପଣସକାଠର ପିଢ଼ାଖଣ୍ଡିକି ପ୍ରତିଦିନ ଆଗରେ ଥୋଇ ପାନ ଭାଙ୍ଗେ ସେମିତି କଲା । ଏଇ ପିଢ଼ାଖଣ୍ଡି ବାପା-ମାଆଙ୍କ ଶ୍ରାଦ୍ଧ ଦିନରେ ମୁଁ ବାହାର କରେଁ । କାମକୁ ଆସିଲାବେଳେ ପୁଟୁଳାରେ ବୁଢ଼ୀ ପାନ ସରଞ୍ଜାମ ସବୁ ଆଣିଥାଏ, ପାନ, ଚୂନ, ଖଇର, ଗୁଆ, ଗୁଣ୍ଡି । ସବୁ କାମ ସାରି ମୁହଁ ହାତ ଭଲ କରି ଧୋଇ ନିଶ୍ଚିନ୍ତ ମନରେ ପିଢ଼ାକୁ ଆଗରେ ଥୋଇ ବସିଥାଏ ଯିମିତି ପୂଜାପଣା କରିବ । ଯେତେବେଳେ ସେ ଘରର ବଡ ବୋହୂ ଥିଲା ସେତେବେଳେ ଯିମିତି ମୁଣ୍ଡରେ ଓଢ଼ଣା ଦେଇ ସ୍ୱାମୀ ଶାଶୂଶ୍ୱଶୁର ପାଇଁ ପାନ ଭାଙ୍ଗୁଥିଲା ଠିକ୍ ସେଇ ଭଙ୍ଗୀରେ, ପିଠି ମାଡ଼ି ଜଂଘ ପାଡ଼ି ।

ଖବରକାଗଜରୁ ସମାଦଟାଏ ପଢୁଥାଏଁ ଯହିଁରେ ଲେଖାଥିଲା କିମିତି ଯୁବରାଣୀ ଗୃହକର୍ତ୍ତୀଙ୍କି ହତ୍ୟା କରିବା ଷଡ଼ଯନ୍ତ୍ରରେ ଲିପ୍ତ ଥିଲା । ବୁଢ଼ୀ ପାନଖିଲିକୁ କଡ଼ରେ ରଖି ମୋ ଆଡ଼କୁ କଣେଇ ଛିଡ଼ା ହେଲା ଏବଂ ଓଢ଼ଣା-ତଳୁ ଧୀର ଗଳାରେ କହିଲା, 'ବାପା ! ମୁଁ ଆଉ କାଲି ପାଖରୁ ଆସିମି ନାହିଁ । ସାନ ବୋହୂ ଅସଜ ଅଛି । ମାସ ହେଇ ଆସିଲାଣି" ।

ମୁଁ କହିବି ଭାବୁଥିଲି, "ବୁଢ଼ୀ ! ତୁ ଯିବା ଆଗରୁ ଆମକୁ ମାରି ଦେଇ ଯା" । କହିଲି "ବୁଢ଼ୀ, ତୁ ଯାଇ ପାରିବୁ ନାହିଁ । ମଗୁଶିରରେ ପୁଅ ବାହାଘର । ବାହାଘର କାମ ତୁଲେଇବ କିଏ ? ବାହାଘର ହୋଇ ପାରିବ ନାହିଁ ତୁ ଗଲେ" । ପୁଅ ମୋ ସାଙ୍ଗରେ ଯୋଗ ଦେଇ କହିଲା, 'ଆଈବୁଢ଼ୀ, ତୁ ନ ଥିଲେ ଭାଇନା ବାହା ହେବେ ନାହିଁ କହୁଛନ୍ତି' । ସେ ବୁଢ଼ୀ ସାମନାରେ ହାତ ମେଲି କରି ଛିଡ଼ା ହୋଇ କହିଲା, "ଯା ନା କିମିତି ଯିବୁ ଯା, ଛାଡ଼ିବି ନାହିଁ ତୋତେ" ।

ବୁଢ଼ୀ ଖୁବ୍ ଜୋରଧାରେ ହସି କହିଲା, "ତୁମ ଦୁଇଟା କଥା ମାନିଲି, ବାହାଘରଯାଏ ରହିମି, ଖିରିପିଠା ଖାଇମି । ହେଲେ ତୁମେ କିମିତି ଭାବୁଛ ମୁଁ ଏତେ ବଡ ବାହାଘର କାମଟା ସମ୍ଭାଳିମି ? କୂଅରେ ଦିଲଟା ଦେଇଚି ଖାଇବ ଖାଇବ । ମୋତେ କି ଖଟେଇବ ଭାବିଛ ? ମୁଁ ଲଜ ବାହାଘର ଯିବ, ବରଡ଼ି ଯିବ, ଅଠମଙ୍ଗଳାକୁ ପୁଅବହୁ କଟକ ଯିବେ । ମୁଁ ମୋ ପୁଅଘରକୁ ଯିମି । ହେଲା" ?

ବୁଢ଼ୀ କାମ କରି ଚାଲିଲା ।

ଡିସେମ୍ବର ଜଥ । ମଗୁଶିର, ପୂଜାପାର୍ବଣ, ଗୁରୁବାର । ମହାଲକ୍ଷ୍ମୀ ଆସିଛନ୍ତି ପୂରପଲ୍ଲୀକି । ଧାରା ଶ୍ରାବଣରେ କାର୍ତ୍ତିକ ଅଗରେ ପାଣି ; ମଗୁଶିରରେ କାଙ୍ଗାଳଙ୍କୁଆଳ ସମସ୍ତଙ୍କ ଘରେ ଧାନସ୍ତୂପ । ବସି ଖାଇବା ଦିନ । କଣକଣ ଶୀତରେ କାମକୁ ବାହାରିବ କିଏ ? ପଇସାର ପ୍ରଲୋଭନ ବଡ ନୁହେଁ । ଖିରିପିଠା, ଲୁଗାପଟା, ଆମୋଦପ୍ରମୋଦ ମିଳିବ ବୋଲି ପାଣିଟାଣିବ କିଏ, ବାସନକୁସନ ମାଜିବ କିଏ ?

ଦିନ ପାଖେଇ ଆସିବା ବେଳକୁ ବୁଢ଼ୀ ବାରମ୍ବାର ମୋତେ ତାଗିଦା କରୁଥାଏ । "ନୂଆ ଦେଖ୍ ବାପା ! ମୁଁ ବାହାଘର ବେଳ ସମ୍ଭାଳି ପାରିମିନି, ତିନିଚାରି ଜଣିଆ ଘରର କାମ ସିନା ପାରୁ ଥିଲି । ତୁ ଆଗରୁ ଦେଖ୍ । ଧାନକଟା ଲାଗିଥିବ, ନୂଆ କମା ମିଳିବେନି" ।

ମୁଁ ବହୁତ ଖୋଜାଖୋଜି କଲି, ପାଇଲି ନାହିଁ । ଠାପେଇ ରହିଗଲି, ଉଲଟି ମନେମନେ ଭାବିଲି ଏତେ ଝିଅବହୂ ବନ୍ଧୁବାସ ଥାଉଁଥାଉଁ କେଉଁକାମ ବା ରହିଯିବ ? ବନ୍ଧୁବାସ ଆସିଗଲେ । ଦଳ ପରେ ଦଳ । ତିନିଝିଅ, ତିନିଜୋଇଁ, ଦଶ ନାତିନାତୁଣୀ, ତିନି ଭାଇ ବୋହୂ, ପୁତୁରାଝିଆରୀ, ତାଙ୍କ ହୋଇଁ ନାତିନାତୁଣୀ ।

ବିଶୃଙ୍ଖଳାର ଚୂଡ଼ାନ୍ତ । କେହି କୁଟାଖଣ୍ଡିକ ବିଖଣ୍ଡ କରିବାକୁ ନାହିଁ । ମୋ ଘରକୁ ଆସିଛନ୍ତି କଣ କାମଚୁଣୀ କାମ କରିବାକୁ ? ଗହଣାଗାଣ୍ଠି, ଲୁଗାପଟା, ଖାଦ୍ୟପାନୀୟ, ଆଲୋକସଜ୍ଜା, ଗୀତବାଦ୍ୟ ସମସ୍ତଙ୍କୁ ମଜାଇ ରଖିଛି । ଅଇବୁଢ଼ୀକି ଦେଖୁଛି, ପଚାରୁଛି କିଏ ?

ଗୁଣ୍ଡୁଣି ହାତୀଟି ପରି ବୁଢ଼ୀ ଦିନରାତି ଏପଟ ସେପଟ ହେଉଛି । ପାଣି ଟାଣୁଛି, କାଠ ବୋହୁଛି, ଲୁଗା କାଚୁଛି, ଶୁଖାଉଛି, ଡେଉଁଛି, ସାଇତୁଛି । ନିଜ ପାଇଁ ପାନ ଦିଖଣ୍ଡ ଭାଙ୍ଗିବାକୁ–ଯାହା ତାର ଜୀବନର ସବୁଠାରୁ ଆଦରର କାମ–ବେଳ ନାହିଁ । ରାତିରେ ଘରକୁ ଯାଏ ନାହିଁ । ବାରଣ୍ଡାଟାରେ ମଶାପଲଙ୍କ ଭିତରେ ଶୋଇଯାଏ । ଦିହସାରା ଝାଳମାଛି ପରି ମଶାକାମୁଡ଼ା ଦାଗ ।

ମଙ୍ଗଳକୃତ୍ୟରୁ ବାହାଘର ଦିନଗୁଡ଼ାକ ସରିବାଯାଏ ଏଇ ବାଳେକାମଗୁଡ଼ାକ କିମିତି ଚାଲିଛି ଦେଖିବାର ମୁଁ

ସାହସ କରିନି କାଳେ ବୁଢୀକି ଦେଖିଲେ କାନ୍ଦି ପକାଇବି ବା ତାର ଅଭିଶାପ ପାଇବି । ବୁଢୀ ମନେମନେ ମୋତେ ଖୁବ୍ ଚିଡୁଥିବ ବୋଲି ଭାବେଁ, ପୁଣି ଥରେ ଭାବେଁ ସେ ଭାବୁଥିବ ତା ପୁଅ ବହୁତ କାମରେ ବ୍ୟସ୍ତ ହୋଇ ଥାଇ ତା କଥା ବୁଝିବାକୁ ବେଳ ପାଇନାହିଁ ।

ଯାହାହେଉ ଲୋକ ଯୋଗାଡ କରୁଁ କରୁଁ ଚତୁର୍ଥୀ ରାତି ଅଧାଅଧି ହେଲା । ଲୋକ ମିଳିଲେ ନାହିଁ । ଅତିଥି ଅଭ୍ୟାଗତ ଭୁରିଭୋଜନରେ ଆପ୍ୟାୟିତ ହୋଇ ଖାଦ୍ୟ ପାନୀୟ ତଥା ଶୃଙ୍ଖଳାସତ୍କାରର ତାରିଫ୍ କରି ବିଦାୟ ନେଲେ ।

ଅଇଁଠାପତ୍ର ଉଠିଗଲେ ଶେଷ ଦଳ ଝିଅଝିଆଣୀ ବସିଯିବେ । ରାତି ଗୋଟାଏ ବାଜିଲାଣି । କିଏ ଜଣେ ବଡ ପାଟିରେ ମନ୍ତବ୍ୟ କଲା "ବରକନ୍ୟା ବାସରଘରକୁ କେଣ ସକାଳେ ଯିବେ" ?

କିନ୍ତୁ ଅଇଁଠାପତ୍ର ଉଠେଇବା ଲୋକ କାହିଁ ? ବାପା ସବୁ ବନ୍ଦୋବସ୍ତ କରିପାରିଲେ, ଛାର କାମଟୁଣୀ ଗୋଟାଏ ପାଇଁ କାମ ବେଳକୁ ବେଳ ଅଟକି ଯାଉଛି । ଆମକୁ କହିଥିଲେ ଦିଗଣ୍ଡା ଲୋକ ଆଣିଥାନ୍ତେ ସାଙ୍ଗରେ" ।

କାହିଁଗଲା ସେ ବୁଢୀଟା ? ଶୁଭିଆଡେ ଏକସଙ୍ଗରେ ବିକଟ ଚିତ୍କାର 'ବୁଢୀ, ବୁଢୀ' ଆଇ, ଆଇବୁଢୀ' । ଡାହାଣୀ ବୁଢୀ । କିନ୍ତୁ ଆଇବୁଢୀ କାହିଁ ? କୁଆଡେ ପଡି ବୁଡିମଲା ନା ଘରକୁ ପଳାଇ ଗଲା କାମ ଡରରେ ?

ନିଜକୁ ଦୋଷୀମନେକରି ଆଇବୁଢୀକି ଖୋଜିବାରେ ଲାଗିଲି । ଘରର ପ୍ରତ୍ୟେକଟି କୋଠରୀର ଅନ୍ଧିକନ୍ଧି ଖୋଜି ଚାଲିଲି ଯିମିତି ଆଇବୁଢୀ ମଣିଷ ନୁହେଁ ମୂଷାଟିଏ । କବାଟ ଝରକା କଣ, ପରଦା ଭିତରେ, ଆଲମାରି ପଛ ତନ୍ନ ତନ୍ନ କରି ଖୋଜିଲି ।

ଘରଭିତର ବରଣ୍ଡାକଣରେ ଗୋଟାଏ ଛିଣ୍ଡା ସତରଞ୍ଜି ଧୂଳିମଳି ହୋଇ ପଡିଥାଏ । ତାରି ଉପରେ ଗୁଡାଏ ପିଲାଝିଲା ଅରକ୍ଷିତଙ୍କ ପରି କୁଳୁକୁଳୁ ହୋଇ ଉପରାଉପରି ଲଦାଲଦି ହୋଇ ପଡିଥାନ୍ତି ଯିଏ ଯାହା ପାଇଛି ଘୋଡିଘାଡି ହୋଇ । ଦେଖିଲି ଗୋଟାଏ ସ୍ଥାନରେ ସତରଞ୍ଜିଟା ସାମାନ୍ୟ ଉଠି ରହିଛି ଯିମିତିକି ତା'ତଳେ ଛୋଟ ତକିଆଟିଏ କିଏ ଥୋଇ ଦେଇ ଯାଇଛି, ପରେ ଆସି ଶୋଇବ । ଟିକିଏ ଉଠାଇ ଦେଖିଲି ତକିଆଟି ମଣିଷ । ଆଇବୁଢୀ । ଶୀତର ପ୍ରକୋପରୁ ରକ୍ଷା ପାଇବା ପାଇଁ ଶୋଇ ଯାଇଛି ସତରଞ୍ଜିତଳେ ତା ଲୁଗାପୁଟୁଳିକୁ ତକିଆ କରି । ତା ଦିହକୁ ଲାଗି ଜାକିଜୁକି ହୋଇ ଶୋଇଛି ଆମ ବୁଲି ।

ନିଦ ବାଉଳାରେ ବୁଢୀ ଧଡପଡ ହୋଇ ଉଠି ବିସ୍ଫାରିତ ଆଖିରେ ମୋ ଆଡକୁ ଚାହିଁଲା ଏବଂ ଅପ୍ରତିଭ ହୋଇ ଛିଡା ହେଲା । ଶୀତରେ ତା' ଓଠ ଥରୁଥାଏ । ବୁଲି ବଡ ହାଇଟାଏ ମାରି ମୋ ପାଖକୁ କରୁଣ ଦୃଷ୍ଟି ଦେଉଥାଏ "ଆମକୁ କାହିଁକି ଉଠାଇଲୁ" ଅଭିଯୋଗ କରି ।

କହିଲି, "ବୁଢୀ, ପତ୍ରଗୁଡାକ ଉଠେଇବାକୁ କେହି ନାହିଁ । ଯେଉଁ ମେହେନ୍ତରଗୁଡାକ ଆସିଥିଲେ ସେମାନେ ହାଣ୍ଡି ପୁଟୁଳା ବନ୍ଧାବନ୍ଧି କରି କୁଆଡେ ଚାଲିଗଲେଣି । ଖଲିପତରସବୁ ଉଠିଲେ ଯାଇ ଆମ ଘର ଲୋକେ ଖାଇବେ । ଢେର ରାତି ହେଲାଣି । ତୁ ବହୁତ କଲୁଣି, ଆଉ ଟିକିଏ । ଯାଆ, ଯାଆ, ସହଳ" ।

ବୁଢୀର ବିଶାଳ ନୟନରୁ ଛଳଛଳ ହୋଇ ବଡ ବଡ ଲୁହ ଟୋପା ଗାଲ ଦେଇ ଗଡିବାକୁ ଆରମ୍ଭ କଲା । ବାହୁ ଦୁଇଟାରୁ ପିନ୍ଧା ଲୁଗାଟା ଉଠାଇ କହିଲା, "ଦେଖ୍ ବାପା ପାଣି ଟାଣି ଟାଣି ହାତ ଦୁଇଟା କିମିତି ଫୁଲି ଯାଇଛି । ପାପୁଲିର ଫୋଟକା ବି ଫାଟି ଗଲଣି । ଏଇ ଦେଖ୍ ଆଙ୍ଗୁଳି ସନ୍ଧିରେ ସରପ୍ ଆଉ ପାଉଁଶ ଲାଗି ବଡ ରୋଗୀର ହାତ ପରି ଦିଶିଲାଣି । ମୋତେ ଅଇଁଠା ପତର ଉଠାଇବାକୁ ସବା ଶେଷରେ କହିଲୁନା । ଜାତିଅଜାତିର ଲୋକଙ୍କୁ ଡାକିଲୁ ଓ ମୋ ପୁଅବହୁ ଏ କଥା ଜାଣିଲେ ମତେ ପରାଶ୍ଚିତ ନ କରି ଛାଡିବେ । ମୋର ଡାକିବା ଶୁଣିଲୁ ନାହିଁ, ମୋତେ ହୀନିମାନିଆ କଲୁ ତୁ ବି ହଇରାଣ ହେଲୁ" ।

ଏତେଗୁଡା କଥା କହିଲା କିନ୍ତୁ ଚାଲିଲା ବାଧ୍ୟ ଛୁଆଟି ପରି । ଥୁରୁଥୁରୁ ଥରବର ହୋଇ । ନୂଆ ପତର ପଡିଲା, ପାଣି ଛିଞ୍ଚା ହେଲା । ସମସ୍ତେ ହସଖୁସିରେ ମନ ମନାଇ ଖାଇଲେ । ଘୋଡିଘାଡି ହୋଇ ଉଷୁମରେ ଶୋଇଲେ ଥଣ୍ଡାରେ ବି ପଂଖା ଜୋରରେ ଛାଡି । ବୁଢୀକି କେହି ବସିବା ପାଇଁ କି ଖାଇବା ପାଇଁ କହିଲେ ନାହିଁ । ମୋତେ ବି ମରଣ ହେଲା ନାହିଁ ।

ପରଦିନ ସକାଳୁ ଜାଣିଲି ବୁଢୀ ରାତିରେ ଖାଇ ନାହିଁ । ତାକୁ କଂପ, ଦିହବଥା ଗୋଳାବିନ୍ଧା ଓ ଜ୍ୱର ।

ବନ୍ଧୁବାସ ଝିଅଝିଆଣୀ ବିଦା ହୋଇଗଲେ । କାଦଖେଳି ଗଲା । ଅଷ୍ଟମଙ୍ଗଳାକୁ ପୁଅବହୂ କଟକ ଚାଲିଗଲେ । ଘରେ ମୁଁ ଆଉ ସାନ ପୁଅ ।

ବୁଢୀ ବାହାରି ବସିଲା । ପାନ ଭାଙ୍ଗିବାର ଦେଖି ମୁଁ ଜାଣିନେଲି । ମୋ ଆଗରେ ଆସି ଠିଆ ହେଲା କିଛି ନ କହି ସବୁ କହିଗଲା ଭଙ୍ଗୀରେ । ସେଇ ସରସ ମୁହଁ । ସେଇ ତରଳ ଦୟାର୍ଦ୍ର ବଡ ବଡ ଆଖି, ପାନଖିଆ ନାଲି ଓଠ, ଇଷ୍ଟେ ଓଢଣା——ଯିମିତି ଆଠ ବର୍ଷ ପୂର୍ବେ ଦିନେ ଆସିଥିଲା, ଲାଜଲାଜ ହୋଇ ଧୀର ଗଳାରେ କହିଥିଲା "କାମ କରିମି" ।

ଦୁଃଖରେ ମୋ ପାଟିରୁ ଭାଷା ବାହାରିଲା ନାହିଁ । ବାହାଘର ଦିନ ବୁଢୀ ତା ପ୍ରାପ୍ୟ ଲୁଗାଖଣ୍ଡିକ ପିନ୍ଧିଥିଲା ।

ଗୋଟାଏ ଠୁଙ୍ଗାରେ କେତୁଟା ମିଠେଇ ଆଉ ତାଣ୍ଡିକାଣୀ ପାଇଁ ସମୁଧି ଘରୁ ଆସିଥିବା ଛିଟ ଶାଢ଼ିଖଣ୍ଡିକ ବୁଢ଼ୀକିଦେଇ କହିଲି "ବୁଢ଼ୀ, ଏ ଶାଢ଼ୀ ତୋ ସାନ ବହୂକୁ ଦେବୁ ମୋ ସାନ ବହୂ ଆଣିଥିଲେ" ।

ଦରମା ବାଦ୍ ଆଉ ପାଞ୍ଚଟଙ୍କା ଦେଲି । ବୁଢ଼ୀ ସାନ ପୁଅର ଓଠ ଧରି ଚୁମା ଖାଇଲା; ବୁଲିକୁ ଆଉଁସି ଦେଇ କହିଲା 'ମୁଁ ଯାଉଛି ରେ ବୁଲି ଭଲକରି ଘର ଜଗୁଥିବୁ' । ମୋ ଆଡ଼କୁ ଚାହିଁ କହିଲା "ବାପା ! ମୁଁ ଜାଣେ ତୁ ମତେ କେବେ ଖୁସିରେ ଛାଡ଼ିବୁ ନାହିଁ । ହେଲେ ମୁଁ କଣ କରିମି ବାପା ! ମୋ ବହୂ ଆଜି କି କାଲି ପୁଆତି ହବ । ଘରେ ମୋର କେହି ନାହିଁ । ପୁଅ ନୂଆ ରେକସା କରିଛି ଯେ ଦିନରାତି ଘରେ ରହୁ ନାହିଁ । ତେବେ ପୁଆତି ଉଦ୍ଧାର ହେଲେ, ଏକୋଶିଆ ଗଲେ ଆସିମି" ।

ବହୁତ ଆଶାନ୍ୱିତ ଆଗ୍ରହରେ କହିଲି, "ବୁଢ଼ୀ, ମୁଁ ମାସେ ଯାଏ ଆଉ କାହାକୁ ରଖିବି ନାହିଁ ; ତୁ ଆସିବାକୁ ଚାହିଁଥିବି" ।

ବୁଢ଼ୀ କହିଥିଲା "ଏକୋଶିଆ ଗଲେ ଆସିମି" ବୋଲି ; ପ୍ରତିଶ୍ରୁତି ପାଳି ଆସିଛି । ତାର ନାତି ହୋଇଛି ।

ସଞ୍ଜ ହୋଇ ଆସିଲା । ବୁଢ଼ୀ ତା ଘରକୁ ଯିବ । ମୋର ତାକୁ ଗୋଟିଏ ପ୍ରଶ୍ନ ପଚାରିବା କଥା, ତାର ଉତ୍ତର ଉପରେ ମୋର ଭବିଷ୍ୟତ୍ ନୈଶ୍ଚିନ୍ତ୍ୟ ଓ ପୁଅବହୂଙ୍କ ସୁଖ ସୁବିଧା ନିର୍ଭର କରୁଛି । ଆଜି ବୁଢ଼ୀ ଯିମିତି ମୋ ଘରର କାମଦାମ ତନଖିତଦାରଖ କରିଛି ସେଥିରୁ ଆମେ ଆଶା ବାନ୍ଧିଛୁ ବୁଢ଼ୀ କାମ କରି ଚାଲିବ । ମୁହୂର୍ତ୍ତକୁ ଖୁବ୍ ଡେରି ଅପେକ୍ଷା କରିବାକୁ ନ ଦେଇ ପଚାରିଦେଲି ଖୁବ୍ ସନ୍ତର୍ପଣରେ "ତେବେ ବୁଢ଼ୀ କଣ କିମିତି କରୁ ? ମୋ ଘରକଥା ବୁଝିବୁ ନା ନୂଆ ନାତିକୁ ପାଳିବୁ" ?

ହସକାନ୍ଦର ଅଶ୍ରାନ୍ତଶ୍ରୁନ ଲୁହ ଢୁକପକ୍ ଗଡ଼ାଇ ବୁଢ଼ୀ ଥରଥର କଣ୍ଠରେ କହିଲା "ବାପା, ମୋତେ ବହାନା, ପୁଅବହୂ ମତେ ଆଉ ଛାଡ଼ିବେ ନାହିଁ । ପାଳି କରି ମୋତେ ପାଖରେ ରଖିବେ । ମୁଁ ଯାଉଛି ବାପା" । କଷ୍ଟ ଦେଖିପାରିଲି ସେ କୋହ ସମ୍ଭାଳିବା ଚେଷ୍ଟା କରୁଛି ।

ବୁଢ଼ୀ ଧୀରେ ଧୀରେ ଚାଲିବାକୁ ଆରମ୍ଭ କଲା । ପଛକୁ ଚାହିଁଲା ନାହିଁ । ଆମେ ବରଣ୍ଡାରେ କାଠ ହୋଇ ଛିଡ଼ା ହୋଇଥାଉଁ । ବୁଢ଼ୀ ଫାଟକ ପହଞ୍ଚିଛି କି ନାହିଁ ବୁଲି ଧାଇଁ ଯାଇ ତା ଲୁଗାକୁ ଟାଣିଲା । କିଛି ନ କହି ବୁଲି ପଡ଼ି ବୁଢ଼ୀ ତାକୁ ଟିକିଏ ଆଉଁସି ଦେଲା । ମୁହୂର୍ତ୍ତେ ପରେ ତାର ଛୋଟ ଦେହଟାରି ଲୁଚିଗଲା ପାଚେରୀ ଉହାଡ଼ରେ ।

ବୁଢ଼ୀ ଗଲାବେଳେ ଯେଉଁ ପାନଖିଲଟି ଦେଇଥିଲା ତାକୁ ଯତ୍ନସଞ୍ଚିତ ପରି ପାଚିରେ ପୂରାଇଲି ।

ମିସେସ୍ ପଟ୍ଟନାୟକ ଏତିକିବେଳେ ତାହାରି ଘରି ପୁଅକୁ ପଚାରିଲେ "ବୁଢ଼ୀ କଣ କାମ ଛାଡ଼ିଦେଲା" ? ପୁଅ ଯେମିତି ହଁ କହିଛି ସେ କହି ଚାଲିଲେ, "ରକ୍ଷା ପାଇଲୁ । ଏ ଅଥର୍ବ ଡାହାଣୀ ବୁଢ଼ୀଟାକୁ ରଖି କଣ ଲାଭ ପାଉଥିଲରେ ତୁମ୍ଭେ ? କୁକୁରଟାକୁ ବି ଖରାପ କରି ଦେଲା । ବିଧବାର ମୁହଁ ଚାହିଁଲେ ଶୁଭ ନାହିଁ ।

ମାଆ ମାଆ ଡାକି ଭେଁ ଭେଁ ରଡ଼ି ଛାଡ଼ି ବୁଢ଼ୀ ପଛରେ ଖଣ୍ଡେଦୂର ଯାଇଥିଲେ ହୁଏ ତ ମୋ ମନ ମାନିଥାନ୍ତା ।



# ଭାରତ ଜଣେ ମହାନ୍ ବନ୍ଧୁଙ୍କୁ ହରାଇଲା

## ଲର୍ଡ ମାଉଣ୍ଟବ୍ୟାଟେନ ଭାରତ ପାଇଁ ତାଙ୍କର କାର୍ଯ୍ୟ ନିମନ୍ତେ ଚିରସ୍ମରଣୀୟ ହୋଇ ରହିବେ ବୋଲି ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ।

ସ୍ୱାଧୀନ ଭାରତର ପ୍ରଥମ ବଡ଼ଲାଟ ଲର୍ଡ ମାଉଣ୍ଟ ବ୍ୟାଟେନ ୧୯୭୯ ଅଗଷ୍ଟ ୨୭ ତାରିଖରେ ଏକ ନୌକା ବିସ୍ଫୋରଣରେ ପ୍ରାଣ ହରାଇଛନ୍ତି । ଭାରତ ପକ୍ଷରେ ଏହା ଅତି ଦୁଃଖପ୍ରଦ ଘଟଣା । ଭାରତ ପ୍ରତି ତାଙ୍କର ଅକୃତ୍ରିମ ସ୍ନେହ ସଦିଚ୍ଛା ଯୋଗୁଁ ସେ ଭାରତବାସୀଙ୍କର ଅତି ପ୍ରିୟ ହୋଇ ପାରିଥିଲେ ।


ତାଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରି ଓଡ଼ିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଯେଉଁ ବାର୍ତ୍ତା ପଠାଇଥିଲେ, ତାହା ନିମ୍ନରେ ପ୍ରଦତ୍ତ ହେଲା :

ରାଜ୍ୟପାଳ ଶ୍ରୀ ଭଗବତ ଦୟାଲ ଶର୍ମା ଏକ ଶୋକବାର୍ତ୍ତାରେ କହିଛନ୍ତି, "ମାଉଣ୍ଟ ବ୍ୟାଟେନଙ୍କ ଶୋଚନୀ ମୃତ୍ୟୁ ଖବର ଶୁଣି ମୁଁ ଅତ୍ୟନ୍ତ ମର୍ମାହତ । ତାଙ୍କର କନ୍ୟା ଓ ପରିବାରବର୍ଗଙ୍କ ପ୍ରତି ମୁଁ ମୋର ଗଭୀର ସମବେଦନ ଓ ସହାନୁଭୂତି ଜ୍ଞାପନ କରୁଛି । ଜଣେ ବିଚକ୍ଷଣ ରାଷ୍ଟ୍ରନୀତିଜ୍ଞ ହିସାବରେ ତଥା ଆମ ଦେଶର କଲ୍ୟାଣାର୍ଥେ ତାଙ୍କ ଯେଉଁ ଗଭୀର ଆଗ୍ରହ ଥିଲା ସେଥିପାଇଁ ସେ ସର୍ବଦା ସ୍ମରଣୀୟ ହୋଇ ରହିବେ । ତାଙ୍କର ଗୁଣମୁଗ୍ଧ ବହୁ ବନ୍ଧୁ ଆ ଶୋକାଭିଭୂତ । ତାଙ୍କର ମହାନ୍ ଆତ୍ମା ଶାନ୍ତିରେ ରହୁ, ଏହାହିଁ କାମନା ।"

ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ଏକ ଶୋକବାର୍ତ୍ତାରେ କହିଛନ୍ତି, "ଲର୍ଡ ମାଉଣ୍ଟ ବ୍ୟାଟେନଙ୍କ ବିୟୋ ସମ୍ବାଦ କେବଳ ମୋ ପକ୍ଷରେ ନୁହେଁ, ଭାରତର କୋଟି କୋଟି ଜନସାଧାରଣଙ୍କ ପକ୍ଷରେ ଦାରୁଣ ଆଘାତ । ସ୍ୱର୍ଗ ମାଉଣ୍ଟବ୍ୟାଟେନ୍ ସ୍ୱାଧୀନତାପ୍ରାପ୍ତି ସମୟରେ ଭାରତର ଜନସାଧାରଣଙ୍କ ଭାଗ୍ୟକୁ ରୂପାୟିତ କରି ଯାଇଥିଲେ । ବିନ ରକ୍ତପାତରେ ମାଉଣ୍ଟ ବ୍ୟାଟେନ୍ ଯେପରି କାର୍ଯ୍ୟ ସଂପାଦନ କଲେ, ତାହା ମାନବ ସମାଜ ଇତିହାସରେ ବିରଳ ଏ ଦେଶର ମାଟିରେ ସେ ଜନ୍ମ ହୋଇନଥିଲେ ମଧ୍ୟ ଭାରତର ସ୍ୱାଧୀନତା ହାସଲ ପାଇଁ ତାଙ୍କ ନିଜ ଦେଶ ଅ ପ୍ରବଳ ବିରୋଧ ସତ୍ତ୍ୱେ ସେ ସ୍ୱାଧୀନତାର ବାଟ ଫିଟାଇ ଦେଲେ । ସେଥିରେ ଭାରତର ଜନସାଧାରଣଙ୍କ ପ୍ରତି ତାଙ୍କ ସଦିଚ୍ଛା ଏବଂ ଅସାଧାରଣ ରାଷ୍ଟ୍ରନୀତିଜ୍ଞତା ପ୍ରଦର୍ଶନ କରି ଯାଇଛନ୍ତି ।"

## ଅବିସ୍ମରଣୀୟ ସ୍ମୃତି

୧୯୪୭ ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନ ଭାରତର ସର୍ବପ୍ରଥମ ଗଭର୍ଣ୍ଣର ଜେନେରାଲ ରୂପେ କାର୍ଯ୍ୟଭା ଗ୍ରହଣ କଲାପରେ ଲର୍ଡ ମାଉଣ୍ଟ ବ୍ୟାଟେନ୍ ସମ୍ବିଧାନ ସଭାରେ ତାଙ୍କର ପ୍ରଥମ ଭାଷଣ ଦେଉଛନ୍ତି ।



୧୯୪୭ ଜୁନ ୨ ତାରିଖରେ କଂଗ୍ରେସ ଓ ମୁସଲିମ୍ ଲିଗ୍ ନେତାମାନଙ୍କର ବଡଲାଟ ଲର୍ଡ ମାଉଣ୍ଟ ବ୍ୟାଟେନଙ୍କ ସହିତ ହୋଇଥିବା ବୈଠକରେ କ୍ଷମତା ହସ୍ତାନ୍ତର ଓ ଭାରତ ବିଭାଜନ ସଂପର୍କରେ ନିଷ୍ପତ୍ତି ଗୃହୀତ ହୋଇଥିଲା ।



ବାମପଟରୁ—ବଲଦେବ ସିଂହ, ଜେ. ବି. କୃପାଳାନୀ, ଜବାହାରଲାଲ ନେହରୁ, ଲର୍ଡ ମାଉଣ୍ଟ ବ୍ୟାଟେନ୍, ମହମ୍ମଦ ଅଲୀ ଜିନ୍ନା, ଲିଆକତ ଅଲ୍ଲୀ ଖାନ୍ ଓ ଅବଦୁଲ୍ ରବ୍ ନିସ୍ତାର ।



୧୯୪୭ ଅଗଷ୍ଟ ୧୫ ତାରିଖରେ ରାଷ୍ଟ୍ରପତି ଭବନରେ ସର୍ବ ପ୍ରଥମ ଗଭର୍ଣ୍ଣର ଜେନେରାଲ ରୂପେ ଲର୍ଡ ମାଉଣ୍ଟ ବ୍ୟାଟେନଙ୍କ ଶପଥ ଗ୍ରହଣ-ପ୍ରଧାନ ବିଚାରପତି କାନିଆ ଶପଥ ପାଠ କରାଉଛନ୍ତି । ଶପଥ ଗ୍ରହଣ ଉତ୍ସବରେ ପଣ୍ଡିତ ଜବାହାରଲାଲ ନେହରୁ, ସର୍ଦ୍ଦାର ପଟେଲ ଓ କେନ୍ଦ୍ର ମନ୍ତ୍ରିମଣ୍ଡଳର ଅନ୍ୟାନ୍ୟ ସଦସ୍ୟବୃନ୍ଦ ।

ଶତ ସିଂହର ଗର୍ଜନ, କରି ମହାମାୟି ଜାଣ,
ସମରକ୍ଷେତ୍ରେ ବିବସ୍ତ୍ର ହୋଇଣ ଗଲେ,
ଏହା ଦେଖି ମୈଷାସୁର, ମହିଷି ରୂପ ଧରିଣ,
ଶିବା ପଥେ ସର୍ପ ସିଂହ ଘେରିଣ ଗଲେ,
ମହିଷିର ଶିର ଛେଦିଣ
ମୈଷାସୁରଙ୍କୁ ବଧିଲେ ଦୁର୍ଗା ସେ ଜାଣ ॥ ୫ ॥

ଓଡ଼ିଶା ଗଭର୍ଣ୍ଣମେଣ୍ଟ ପ୍ରେସ୍
ମଧୁପାଟଣା, କଟକ-୧୦

THE BISRA STONE LIME CO. LTD.

*If you are in the market for :*


(A) FLUX GRADE & FOUNDRY GRADE LIMESTONE
(B) LIMESTONE FOR LIME MANUFACTURE, CHEMICAL AND INDUSTRIAL USE.
(C) LIMESTONE FOR LIME MANUFACTURE, AGRICULTURAL USE.
(D) LIMESTONE CHIPS AS CONCRETE AGGREGATE ROAD STONE OR RAILWAY BALLAST.
(E) FLUX, REFRACTORY OR CHEMICAL GRADE DOLOMITE

THE BISRA STONE LIME CO. LTD.
CHARTERED BANK BUILDINGS
CALCUTTA-I


Phone : 22-2351 (25 Lines)

THE LARGEST PRODUCER OF LIMESTONE AND DOLOMITE IN INDIA

*Will be at your service*



# ୧୯୭୯ ସ୍ୱାଧୀନତା ଦିବସ ପାଳନ




୧୯୭୯ ଅଗଷ୍ଟ ୧୫ ତାରିଖ ସକାଳ ୮ଟା୩୦ ମିନିଟ୍‌ରେ ସ୍ୱାଧୀନତା ଦିବସ ଉପଲକ୍ଷେ ନୂଆ ରାଜଧାନୀ ପ୍ୟାରେଡ୍ ପଡ଼ିଆରେ ରାଜ୍ୟସ୍ତରୀୟ ପ୍ୟାରେଡ୍ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ପ୍ୟାରେଡ୍‌ରେ ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ଅଭିବାଦନ ଗ୍ରହଣ କରିଥିଲେ । ପ୍ୟାରେଡ୍ ଓ ମାର୍ଚ୍ଚପାଷ୍ଟରେ ମିଲିଟାରୀ ପୁଲିସ୍, ସଶସ୍ତ୍ର ପୁଲିସ୍ ବାହିନୀ, ଗୃହରକ୍ଷୀ ବାହିନୀ, ଏନ୍. ସି. ସି., ନିଆଁ ଲିଭା ବାହିନୀ ପ୍ରଭୃତି ଅଂଶ ଗ୍ରହଣ କରିଥିଲେ ।



କୃତିତ୍ୱପୂର୍ଣ୍ଣ କାର୍ଯ୍ୟପାଇଁ ପୁରସ୍କାର

ରାଜ୍ୟସ୍ତରୀୟ ଉତ୍ସବରେ ପୁଲିସ୍ ବିଭାଗର ଚାରିଜଣ କର୍ମଚାରୀଙ୍କୁ ଉଲ୍ଲେଖନୀୟ ଦକ୍ଷତା, କର୍ମକୁଶଳତା ଓ ନିଷ୍ପାପର ସେବା ଯୋଗୁଁ ରାଷ୍ଟ୍ରପତି ପଦକ ପ୍ରଦାନ କରାଯାଇଛି । ସେମାନେ ହେଲେ— ଶ୍ରୀ ବିଭୂପଦ ଗଡ଼ନାୟକ, ସହକାରୀ କମାଣ୍ଡାଣ୍ଟ, ଶ୍ରୀ ଶକ୍ତିବ୍ରତ ବାନାର୍ଜି, ଇନ୍‌ସପେକ୍ଟର, ଶ୍ରୀ ତ୍ରିଲୋଚନ ଆଚାର୍ଯ୍ୟ, ଡ୍ରିଲ ସବ୍‌ଇନ୍‌ସପେକ୍ଟର ଓ ଶ୍ରୀ ଯୁଧିଷ୍ଠିର ବେହେରା, କନ୍‌ଷ୍ଟେବଲ୍ ।



ନଡ଼ିଆ ଖୁଷ ଜରିଆରେ ଆତ୍ମନିଯୁକ୍ତି

୧୯୭୯ ଅଗଷ୍ଟ ୧୫ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ସାକ୍ଷୀଗୋପାଳଠାରେ ଏକ ଗ୍ରାମ୍ୟ ଆତ୍ମ ନିଯୁକ୍ତି ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଏହି ତାଲିମ କେନ୍ଦ୍ରରେ ଗ୍ରାମାଞ୍ଚଳର ଯୁବକମାନଙ୍କୁ ନଡ଼ିଆ ଖୁଷ ଜରିଆରେ ଆତ୍ମନିଯୁକ୍ତି ପାଇଁ ତାଲିମ ଦିଆଯାଉଛି । ଯୋଜନାବୋର୍ଡ ଉପାଧ୍ୟକ୍ଷ ଶ୍ରୀ ଚନ୍ଦ୍ରମାଧବ ମିଶ୍ର ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ।




ସର୍ବୋତ୍କୃଷ୍ଟ ପୌର ସଂସ୍ଥାକୁ ପୁରସ୍କାର ପ୍ରଦାନ :—

୧୯୭୮-୭୯ ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟର ଯେଉଁସବୁ ପୌର ସଂସ୍ଥା ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ, ସେମାନଙ୍କୁ ରାଜ୍ୟ ଓ ଜିଲ୍ଲାସ୍ତରୀୟ ପୁରସ୍କାର ୧୯୭୯ ସ୍ୱାଧୀନତା ଦିବସ ଉତ୍ସବରେ ଦିଆଯାଇଛି ।

ବାରିପଦା, ଜୟପୁର ଓ ତାଳଚେର ମ୍ୟୁନିସପାଲିଟି ରାଜ୍ୟସ୍ତରରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ବ୍ରଜରାଜନଗର, ଖଡ଼ିଆଳ ରୋଡ଼ ଏବଂ ଅନଗୁଳ ବିଜ୍ଞାପିତ ଅଞ୍ଚଳ ପରିଷଦ ରାଜ୍ୟ ସ୍ତରରେ ସର୍ବୋତ୍କୃଷ୍ଟ ବିବେଚିତ ହୋଇ ପୁରସ୍କୃତ ହୋଇଛନ୍ତି ।

ଜିଲ୍ଲା ସ୍ତରରେ ଉତ୍କୃଷ୍ଟ ବିବେଚିତ ୭ଟି ମ୍ୟୁନିସିପାଲିଟି ପୁରସ୍କୃତ ହୋଇଛନ୍ତି । ସେଗୁଡ଼ିକ ହେଲେ : କଟକ, ପୁରୀ, ବ୍ରହ୍ମପୁର, ବାରିପଦା, କେନ୍ଦୁଝରଗଡ଼, ରାଜଗାଙ୍ଗପୁର ଏବଂ ଜୟପୁର । ଜିଲ୍ଲାସ୍ତରରେ ଉତ୍କୃଷ୍ଟ ବିବେଚିତ ହୋଇଥିବା ୬ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ହେଲେ : ଭଦ୍ରକ, ଅନୁଗୁଳ, ବିନକା, ଖଡ଼ିଆଳ ରୋଡ଼, ବ୍ରଜରାଜନଗର ଓ ବୌଦ୍ଧ ।



୧୯୭୯ ସାଧାରଣତନ୍ତ୍ର ଦିବସ ରାଜ୍ୟସ୍ତରୀୟ ପ୍ରତିଯୋଗିତାମୂଳକ ପ୍ୟାରେଡ଼ରେ ଶ୍ରେଷ୍ଠ ବିବେଚିତ ଛାତ୍ର ଛାତ୍ରୀମାନଙ୍କୁ ଏହି ସ୍ମରଣୀୟ ଦିବସରେ ପୁରସ୍କାର ପ୍ରଦାନ କରାଯାଇଥିଲା । ସେମାନେ ହେଲେ :—

୧—ବି. ଜେ. ବି. କଲେଜ, ଆକାଶ ବାହିନୀ ଶାଖା,

୨—ରମାଦେବୀ ମହିଳା କଲେଜ, ସ୍ଥଳବାହିନୀ ଶାଖା,

୩—ଯୁଗ୍ମ ବିଜେତା (କ) ସୁଭଦ୍ରା ମହତାବ ଉଚ୍ଚ ବାଳିକା ବିଦ୍ୟାଳୟ, ସ୍ଥଳବାହିନୀ ଶାଖା ଓ (ଖ) ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ୟୁନିଟ୍–୬, ସ୍ଥଳବାହିନୀ ଶାଖା,

୪—ରାଜଧାନୀ ଉଚ୍ଚ ବାଳକ ବିଦ୍ୟାଳୟ, ୟୁନିଟ୍–୩, ନୌବାହିନୀ ଶାଖା,

୫—ମହିଳା ଗୃହରକ୍ଷୀ ବାହିନୀ, ଭୁବନେଶ୍ୱର,

୬—ସୈନିକ ସ୍କୁଲ, ଭୁବନେଶ୍ୱର

(ସ୍ୱତନ୍ତ୍ର ପୁରସ୍କାର)




କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର; ରମାଦେବୀ ମହିଳା ମହାବିଦ୍ୟାଳୟ, ଭୁବନେଶ୍ୱର; ଡି. ଏମ୍. ସ୍କୁଲ, ଭୁବନେଶ୍ୱର ଓ ଗାର୍ଲସ ଗାଇଡ୍, ଭୁବନେଶ୍ୱର ମଧ୍ୟ ପୁରସ୍କୃତ ହୋଇଛନ୍ତି ।

ଏ ବର୍ଷ ଅଗଷ୍ଟ ୧୫ ସ୍ୱାଧୀନତା ଦିବସରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଆନୁଷ୍ଠାନିକ ପ୍ୟାରେଡ୍ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ଜିଲ୍ଲାରେ ଅନୁଷ୍ଠିତ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମର ଏକ ସଂକ୍ଷିପ୍ତ ବିବରଣୀ ଏଠାରେ ଦିଆଗଲା ।








ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାରେ
ଜଣେ କୃତୀ ଛାତ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି



ଧୀନତା ଦିବସ ଉପଲକ୍ଷେ ସ୍ଥାନୀୟ ପୁଲିସ
ଆରେ ଜାତୀୟ ପତାକା ଉତ୍ତୋଳନ ଏବଂ
ରେଡ୍ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଓଡ଼ିଶାର
ୀ ନଟବର ପ୍ରଧାନ ମିଳିତ ପ୍ୟାରେଡ୍‌ରେ
ଅଭିବାଦନ ଗ୍ରହଣ କରିଥିଲେ ।




କଟକ : ବାରବାଟି ଷ୍ଟେଡିୟମଠାରେ ବହୁ ସମାରୋହରେ ଏହି ରାଷ୍ଟ୍ରୀୟ ଉତ୍ସବ ପାଳିତ ହୋଇଥିଲା ।
ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ଶ୍ରୀ ପ୍ରତାପ ଚନ୍ଦ୍ର ମହାନ୍ତି ପ୍ୟାରେଡ୍ ରେ ଅଭିବାଦନ ଗ୍ରହଣ କରିଥିଲେ ।



ଜିଲ୍ଲା ସ୍ତରରେ ଉତ୍କୃଷ୍ଟ ବିବେଚିତ
କଟକ ମ୍ୟୁନିସପାଲ୍‌ଟିକୁ ସିଲ୍‌ଡ ପ୍ରଦାନ





ସ୍ୱଳ୍ପ ସଞ୍ଚୟ କ୍ଷେତ୍ରରେ ସର୍ବାଧିକ ସଂଗ୍ରହ ପାଇଁ କଟକ ସଦର
ଏସ୍. ଡି. ଓ. ସିଲ୍‌ଡ ଗ୍ରହଣ କରୁଛନ୍ତି



ବଲାଙ୍ଗିର : ବଲାଙ୍ଗିରଠାରେ ଶିଳ୍ପ, ଖଣି ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର ସ୍ୱାଧୀନତା ଦିବସ ଉପଲକ୍ଷେ ଅଭିବାଦନ ଗ୍ରହଣ କରିଥିଲେ

ବାରିପଦା : ବାରିପଦାଠାରେ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର ଝସକେତନ ସାହୁ ଜାତୀୟ ପତାକା ଉତ୍ତୋଳନ ପରେ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ





ସୁନ୍ଦରଗଡ଼ : ସୁନ୍ଦରଗଡ଼ରେ ମଧ
ବହୁ ସମାରୋହରେ ଏହି ରାଷ୍ଟ୍ରୀ
ଉତ୍ସବ ପାଳିତ ହୋଇଥିଲା । ଗ୍ରା
ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସହରା
ଓରାମ ଜାତୀୟ ପତାକା ଉତ୍ତୋଳ
କରିଥିଲେ



ଅନ୍ତ୍ୟୋଦୟ କାର୍ଯ୍ୟକ୍ରମ ଅଧୀନରେ ଜଣେ ଗ
ପଟ୍ଟା ଦିଆଯାଉଛି




ଜିଲ୍ଲାସ୍ତରରେ ଉତ୍କୃଷ୍ଟ ବିବେଚିତ ରାଜଗାଙ୍ଗପୁର
ମ୍ୟୁନିସିପାଲିଟିକୁ ସିଲ୍ଡ ପ୍ରଦାନ



ରାଉରକେଲା : ରାଉରକେଲାରେ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମର ଅଂଶରୂପେ ଜାତୀୟ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେକ୍ଟର ୨୦ ସ୍ଥିତ ସିଭ ଟାଉନ ନୋଟିଫାଏଡ଼ ଏରିଆ ହାଇସ୍କୁଲ ପ୍ରଥମ ହୋଇ ଉପରାଞ୍ଚଳ କମିଶନର ଶ୍ରୀ ଭି. ନଟରାଜନଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ




ବରଗଡ଼ : ବରଗଡ଼ଠାରେ ଅନୁଷ୍ଠିତ ସ୍ୱାଧୀନତା ଦିବସ ଉତ୍ସବରେ ଏସ୍. ଡି. ଓ. ଶ୍ରୀ ରମେଶ ଚନ୍ଦ୍ର ମିଶ୍ର ପ୍ୟାରେଡ଼ ପରିଦର୍ଶନ କରୁଛନ୍ତି



ଛତ୍ରପୁର: ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁରଠାରେ ଅନୁଷ୍ଠିତ ସ୍ୱାଧୀନତା ଦିବସ ଉତ୍ସବରେ ରେଭିନ୍ୟୁ ବୋର୍ଡ ସଦସ୍ୟ ଶ୍ରୀ କେ. ରାମମୂର୍ତ୍ତି ଆନୁଷ୍ଠାନିକ ପ୍ୟାରେଡ୍ ପରିଦର୍ଶନ ପରେ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଉଛନ୍ତି



ଜିଲ୍ଲାସ୍ତରରେ ଶ୍ରେଷ୍ଠ ବିବେଚିତ ବ୍ରହ୍ମପୁର ମ୍ୟୁନିସପାଲିଟିକୁ ସିଲ୍ଡ଼ ପ୍ରଦାନ



କେନ୍ଦୁଝର : କେନ୍ଦୁଝରଠାରେ ଅନୁଷ୍ଠିତ ସାଧୀନତା ଦିବସ ଉତ୍ସବରେ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଘାସିରାମ ମାଝୀ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଉଛନ୍ତି

ଅନ୍ତ୍ୟୋଦୟ କାର୍ଯ୍ୟକ୍ରମ ଅଧୀନରେ ଜଣେ ଗରିବ ଆଦିବାସୀ ମହିଳାଙ୍କୁ ପଟ୍ଟା ପ୍ରଦାନ




କଳାହାଣ୍ଡି : ବାଣିଜ୍ୟ, ପରିବହନ ଓ ଜେଲ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ହରିହର ସାହୁ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା-ଠାରେ ସ୍ୱାଧୀନତା ଦିବସ ଉତ୍ସବରେ ଅଭିବାଦନ ଗ୍ରହଣ କରିଥିଲେ ।



ଜିଲ୍ଲାର ଶ୍ରେଷ୍ଠ ବାୟର ସଙ୍ଘରୂପେ ଖଡ଼ିଆଳ ରୋଡ୍ ଏନ୍. ଏ. ସି.କୁ ସିଲ୍ଡ ପ୍ରଦାନ

ଆନୁଷ୍ଠାନିକ ପ୍ୟାରେଡ୍ ପରିଦର୍ଶନ ପରେ ରାଷ୍ଟ୍ରମନ୍ତ୍ରୀ ଜଣେ ଗରିବ ମୋଚିକୁ ଯୋତା ତିଆରି ଉପକରଣ ଦେଉଛନ୍ତି



## ପ୍ରଥମଟି ଜଲଦ ନୁହେଁ

## ଦ୍ୱିତୀୟଟି ଏବେ ନୁହେଁ

## ତୃତୀୟଟି କେବେଭେ ନୁହେଁ ।

ରାଜ୍ୟ ପରିବାର କଲ୍ୟାଣ ସଂସ୍ଥା

ଭୁବନେଶ୍ୱର

ଶାରଦୀୟ ଉତ୍ସବରେ ଶୁଭେଚ୍ଛାସହ

## ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର ଘୋଷଣା

- "ବ୍ୟକ୍ତିଗତ ଗୃହନିର୍ମାଣ ଯୋଜନା"ରେ ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ସେପ୍ଟେମ୍ବର ୨୫. ୧୯୭୯ ମସିହା ରଖାଯାଇ ଥିଲା । ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ନଭେମ୍ବର ୩୦. ୧୯୭୯ ପର୍ଯ୍ୟନ୍ତ ବଢାଇ ଦିଆଗଲା ।
- ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ସଂସ୍ଥାରୁ କିସ୍ତି ଧାରରେ ଘର ପାଇଥିବା ବ୍ୟକ୍ତିମାନେ ନିୟମିତ ଭାବରେ କିସ୍ତିଟଙ୍କା ପରିଶୋଧ କରି ଦଣ୍ଡସୁଧ (Penal Interest)ରୁ ରକ୍ଷା ପାଆନ୍ତୁ ।
- ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଯଥା—ଭଦ୍ରକ (ବାଗୁରାଇ), ଭୁବନେଶ୍ୱର (ବେରେଣା ଓ ଝାରପଡ଼ା), ରାୟଗଡ଼ା (ଦୁର୍ଗିଗଡ଼ା), ବ୍ରହ୍ମପୁର (ଆମ୍ବପୁଆ), ଢେଙ୍କାନାଳ (ସାନ ହାଥିଆ ବାଟିଆ) ଠାରେ ନୂତନ ଗୃହ ନିର୍ମାଣ ଯୋଜନା କାର୍ଯ୍ୟ ଶୀଘ୍ର ଆରମ୍ଭ ହେବାକୁ ଯାଉଛି । ଏ ସମ୍ପର୍କରେ ସବିଶେଷ ବିବରଣୀ ଏବଂ ଦରଖାସ୍ତ ଫର୍ମ ଯୋଗାଇ ଦିଆଯିବ । ଆଗ୍ରହୀ ବ୍ୟକ୍ତିମାନେ ସାଦା କାଗଜରେ ପୁରା ଠିକଣାସହ ଆବେଦନ କରିବାକୁ ଅନୁରୋଧ ।

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ଏ-୩୦, ଭୌମନଗର, ଭୁବନେଶ୍ୱର

ଓ

ପ୍ଲଟ ନମ୍ବର ୪୮୪/୪, ଉଦିତନଗର

ରାଉରକେଲା-୧୨

# ସନାତନ ଧର୍ମରେ ଶ୍ରୀ ଶ୍ରୀ ବିଶ୍ୱକର୍ମା

ଶ୍ରୀ ଜୀବନାନନ୍ଦ ମିଶ୍ର

ଶ୍ରୀ ଶ୍ରୀ ବିଶ୍ୱକର୍ମା ବିଶ୍ୱର ନିର୍ମାଣକର୍ତ୍ତା । ଋକ୍‌ବେଦ କହେ—ସେ ସାକାର ବିଷ୍ଣୁ ; ଅର୍ଥାତ୍ ଅବ୍ୟକ୍ତ, ନିରାକାର ପରଂବ୍ରହ୍ମଙ୍କର ସୃଷ୍ଟି ନିର୍ମାଣାର୍ଥେ ଏକ ପ୍ରକାଶଭଙ୍ଗୀ । ଏଥିରୁ ଅନୁମିତ ହୁଏ ଯେ, ଏ ବିଚିତ୍ର ବିଶ୍ୱର ଉଦ୍ଭବ ପୂର୍ବରୁ ହିଁ ଶ୍ରୀ ବିଶ୍ୱକର୍ମାଙ୍କର ଆବିର୍ଭାବ । ଅର୍ଥାତ୍ ପୂର୍ଣ୍ଣ......ନିର୍ଲିପ୍ତ ବ୍ରହ୍ମ ଯେତେବେଳେ ନିଜର ସୃଜନଶୀଳତାର ତାତ୍ପର୍ଯ୍ୟ ବୁଝି-ବାକୁ ଇଚ୍ଛା କଲେ, ନିଜେ ନିଜର ଆତ୍ମପ୍ରକାଶ ଇଚ୍ଛା କଲେ, ସେହି ସମୟରୁ ହିଁ ଶ୍ରୀ ବିଶ୍ୱକର୍ମା ରୂପରେ ସେ ଏ ବିଶ୍ୱର କାର୍ଯ୍ୟ, କାରଣ ଓ କର୍ମର ପ୍ରତୀକ ରୂପରେ ଉପାସିତ ହୋଇ ଆସୁଛନ୍ତି । ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ତାରକା, ସାଗର ଓ ପର୍ବତ



ଅତି ବିପୁଳ ସମ୍ଭାରରେ ପରିପୂର୍ଣ୍ଣ ଏ ବିଚିତ୍ର ବିଶ୍ୱ ଓ ସେ ସବୁରେ ସମନ୍ୱୟ ରକ୍ଷା କରୁଥିବା ଶାଶ୍ୱତ ନିୟମାନୁବର୍ତ୍ତିତା ......ସବୁ କିଛି ତାଙ୍କରି ପରିକଳ୍ପନା । ସେହି ବିଶ୍ୱନିୟନ୍ତା ଶ୍ରୀ ଶ୍ରୀ ବିଶ୍ୱକର୍ମାଙ୍କର ପୂଜା ବା ଆରାଧନା କେବଳ ମନୁଷ୍ୟ କାହିଁକି, ଦେବତାମାନେ ମଧ୍ୟ କରି ଆସିଛନ୍ତି । ତ୍ରେତୟା ଯୁଗରେ ସ୍ୱୟଂ ପରଂବ୍ରହ୍ମଙ୍କର ଅବତାର ଶ୍ରୀରାମଚନ୍ଦ୍ର ନିଜର ଅଭିଷେକ ମଣ୍ଡପର ନକ୍ସା ପ୍ରସ୍ତୁତି ପାଇଁ ବିଶ୍ୱକର୍ମାଙ୍କର ଆରାଧନା କରିଥିଲେ । ଦ୍ୱାପର ଯୁଗରେ ସ୍ୱୟଂ ବ୍ରହ୍ମ, ବିଚିତ୍ର-କର୍ମା ଶ୍ରୀକୃଷ୍ଣ ଜରାସନ୍ଧ ଉତ୍ପାତରୁ ସୁରକ୍ଷା ପାଇଁ ସାଗର ମଧ୍ୟରେ ଏକ ନଗର ପ୍ରସ୍ତୁତି ଲାଗି ଶ୍ରୀ ଶ୍ରୀ ବିଶ୍ୱକର୍ମାଙ୍କର ଆବାହନ କରିଥିଲେ । ସେହିପରି ଦ୍ୱାପର ଯୁଗର ଶେଷ ଭାଗରେ ଅର୍ଥାତ୍ କଳିର ପ୍ରାରମ୍ଭରେ ମା' ମହାଲକ୍ଷ୍ମୀଙ୍କର ପ୍ରାର୍ଥନାକ୍ରମେ ଏହି ବିଶ୍ୱକର୍ମା ତାଙ୍କପାଇଁ, ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ମନ୍ଦିର ଅପେକ୍ଷା ବହୁଗୁଣେ ମୂଲ୍ୟବାନ ଏକ ମନ୍ଦିର ମଧ୍ୟ ନିର୍ମାଣ କରି ଦେଇଥିଲେ । ସର୍ବୋପରି, ଏହି ଶ୍ରୀ ବିଶ୍ୱକର୍ମାଙ୍କର ଦକ୍ଷ କାରିଗରୀ, ସ୍ୱୟଂ ଦାରୁବ୍ରହ୍ମ ଜଗନ୍ନାଥଙ୍କୁ ରୂପଦାନ କରିଛି ।

ପୁରାଣ ତଥା ଇତିହାସ ପ୍ରସିଦ୍ଧ ଏହି ବିଶ୍ୱକର୍ମା ଏ ବିଶ୍ୱର ପ୍ରତ୍ୟେକ କାର୍ଯ୍ୟରେ, କାରଣରେ ଏବଂ କର୍ମରେ ନିହିତ ରହିଛନ୍ତି । ଏ ବିଶ୍ୱରେ ସେ ଏକ ସଙ୍ଗଠିତ ଶକ୍ତିର ମହାନ୍ ପ୍ରବାହ ! ତାଙ୍କରି ନିର୍ମାଣ-କୌଶଳ, ଗଠନ-ଚାତୁରୀ ଓ ସହନଶୀଳତା ଏ ବିଶ୍ୱକୁ ସଦା କର୍ମରତ ଓ ଜୀବନ୍ତ ରଖିଛି । ଯେତେ ନଷ୍ଟ, ଯେତେ ଧ୍ୱଂସ ବା କ୍ଷୟକ୍ଷତି ଘଟି ଯାଉଥିଲେ ମଧ୍ୟ ତାଙ୍କରି ମହିମାରେ ବିଶ୍ୱର ବୈଚିତ୍ର୍ୟ ଅକ୍ଷୁର୍ଣ୍ଣ ରହିଛି......ନୂତନ ନିର୍ମାଣ କାର୍ଯ୍ୟ ଲାଗି ରହିଛି; ସୃଷ୍ଟିର ସୃଜନଶୀଳତାର ଆଦି ଆଉ ଅନ୍ତ ନାହିଁ । ସେହି ବିଶ୍ୱସ୍ରଷ୍ଟା ବିଶ୍ୱକର୍ମାଙ୍କର ନିପୁଣତା ଓ ନିୟମାନୁବର୍ତ୍ତିତା ବିନା ଏ ବିଶ୍ୱରେ ସବୁ କିଛି ଅସାର ।

ଶ୍ରୀ ଶ୍ରୀ ବିଶ୍ୱକର୍ମାଙ୍କର ପୂଜା ଆଜି ସାରା ଭାରତରେ ପ୍ରତ୍ୟେକ କଳ କାରଖାନା ଓ ଶିଳ୍ପାନୁଷ୍ଠାନମାନଙ୍କରେ ମହା ସମାରୋହରେ ଅନୁଷ୍ଠିତ ହୋଇ ଚାଲିଛି । ଶିଳ୍ପ କ୍ଷେତ୍ରରେ ଭାରତ ଆଜି ଯେତେ ଦ୍ରୁତ ଗତିରେ ଅଗ୍ରଗତି କରି ଚାଲିଛି, ଶ୍ରୀ ବିଶ୍ୱକର୍ମାଙ୍କର ଆରାଧନା ମଧ୍ୟ ସେହି ପରିମାଣରେ ବ୍ୟାପକ ହୋଇ ଚାଲିଛି । ଏହି ଦୃଷ୍ଟିରୁ ଓଡ଼ିଶାରେ ବିଶ୍ୱ- କର୍ମାଙ୍କର ପୂଜା ମାତ୍ର ଅର୍ଦ୍ଧ ଶତାବ୍ଦୀର ଇତିହାସ । ଶିଳ୍ପ- କାରିଗର ଓ ଶ୍ରମିକମାନେ ବିଭିନ୍ନ ଶିଳ୍ପାନୁଷ୍ଠାନ କରିଆ- ଏ ଦିନଟିକୁ ଯଥେଷ୍ଟ ଆନନ୍ଦ ଓ ଉଲ୍ଲାସର ସହିତ ପାଳ- କରି ଆସୁଛନ୍ତି । ଶ୍ରୀ ଶ୍ରୀ ବିଶ୍ୱକର୍ମାଙ୍କର ମୂର୍ତ୍ତିସ୍ଥାପନ କ- ଯଥାବିଧି ପୂଜା କରିବା ସଙ୍ଗେ ସଙ୍ଗେ ଏ ଦିନଟି- ସେମାନେ ଆନନ୍ଦ ଉଲ୍ଲାସରେ କଟାଇ ଥାଆନ୍ତି ।

୨୪ ୧୯୭୯ ମସିହା ସେପ୍‌ଟେମ୍ବର ତା ୧୭ରିଖରେ ପଡ଼ିଥିବା ଏହି ଦିନଟି ଓଡ଼ିଶା ସରକାରୀ ଛାପାଖାନା- ପାଇଁ, ନୂତନତାର ସ୍ୱାକ୍ଷର ବହନ କରିଥିବା ଏ- ଅବିସ୍ମରଣୀୟ ଦିନ । ଏହି ଦିନଟିକୁ ସର୍ବାନ୍ତଃକରଣରେ- ପାଳନ କରିବାକୁ ଯାଇ ଅଢ଼େଇ ହଜାର ଶ୍ରମିକ- କର୍ମଚାରୀ ଯେଉଁ ଗଠନ-ମୂଳକ ମନୋବୃତ୍ତି, ନି- ସଂଘବଦ୍ଧତା ଓ ସହନଶୀଳତା ପ୍ରଦର୍ଶନ କରିଛନ୍ତି ତାହ- ବାସ୍ତବରେ ପ୍ରଶଂସନୀୟ ଓ ସେହି ବିଶ୍ୱକର୍ମାଙ୍କର ଇଚ୍ଛ- ବୋଲି ଉପଲବ୍ଧି ହୁଏ । ମୂର୍ତ୍ତି ଗଠନଠାରୁ ଆରମ୍ଭକରି- ସାଜସଜ୍ଜା ଓ ସମବେତ ଭୋଜନ ପର୍ଯ୍ୟନ୍ତ ସମସ୍ତ କା- ଏପରି ଶୃଙ୍ଖଳିତ ଓ ଚମତ୍କୃତ ଭାବରେ ସମ୍ପାଦିତ ହୋ- ପାରିଥିଲା ଯେ, ତାହା ପ୍ରତ୍ୟେକ ଶ୍ରମିକ ଓ କର୍ମଚାର- ପ୍ରାଣରେ ଗଭୀର ଆତ୍ମସନ୍ତୋଷ ଆଣି ଦେଇଥିଲା ।

ଅଧିକ ଆନନ୍ଦର ବିଷୟ ଯେ ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍‌ରେ- ହୋଇଥିବା ଶ୍ରୀ ଶ୍ରୀ ବିଶ୍ୱକର୍ମା ମେଳଣରେ ଏବର୍ଷ ଓଡ଼ିଶ- ସରକାରୀ ଛାପାଖାନା ମୂର୍ତ୍ତି ପାଇଁ ପ୍ରଥମ ପୁରସ୍କା- ଲାଭ କରିଛି । ଏ ଗୌରବର ଅଧିକାରୀ ହେଲେ ଆମ- କର୍ମଚାରୀ, ଶିଳ୍ପୀ ଶ୍ରୀ ତ୍ରିଲୋଚନ ନାଟିଆ, ସହକର୍ମୀ ବନ୍ଧ- ଶ୍ରୀ ରବିନାରାୟଣ ମାଝୀ, ଶ୍ରୀ ରଜନୀ ଦାସ, ଶ୍ରୀ ପଞ୍ଚ- ମହାରଣା ଓ ସମ୍ପାଦକ ଶ୍ରୀ ହରେକୃଷ୍ଣ ସିଂହ ଯେଉଁମାନଙ୍କ- ଗଭୀର ନିଷ୍ଠା ଓ ଅକ୍ଲାନ୍ତ ପରିଶ୍ରମ ଏକ ଉନ୍ନତ ଧାରଣ- ସୃଜନଶୀଳତାକୁ ସମ୍ଭବ କରି ପାରିଛି ।

କର୍ତ୍ତୃପକ୍ଷଙ୍କର ଅକୁଣ୍ଠ ସାହାଯ୍ୟ ଓ ସହାନୁଭୂତି ତଥ- ଶ୍ରମିକ ଓ କର୍ମଚାରୀଙ୍କର ସଂଘବଦ୍ଧତା ବଳରେ ସରକାର- ଛାପାଖାନାରେ ଏ ବର୍ଷର ଏହି ଉତ୍ସବଟି ନିଶ୍ଚିତ ଭାବରେ ସର୍ବାଙ୍ଗ ସୁନ୍ଦର ହୋଇ ପାରିଛି ।

ଓଡ଼ିଶା ସରକାରୀ ମୁଦ୍ରଣାଳୟ

# ଜିଲ୍ଲା ପରିକ୍ରମା

## ମାଣିକ୍ୟପୁରର ବିକାଶ କାହାଣୀ

ଗାଁଟିର ନାଁ ମାଣିକ୍ୟପୁର । ଲୋକଙ୍କ ପାଖରେ ମାଣିକ୍ୟ ନଥିଲେ ମଧ୍ୟ ସେମାନଙ୍କର ଅକ୍ଳାନ୍ତ ପରିଶ୍ରମ ଓ ନିଷ୍ଠା ଫଳରେ ପ୍ରତ୍ୟେକ ଚାଷୀଙ୍କ ଜମିରେ ଏଠି ମାଣିକ୍ୟ ଫଳେ ।

ଗଞ୍ଜାମ ଜିଲା ଦିଗପହଣ୍ଡି ପଞ୍ଚାୟତ ସମିତି ଅନ୍ତର୍ଗତ ଏଇ ଗାଁଟି । ପରିବାର ସଂଖ୍ୟା ୧୨୦ ଏବଂ ଜନସଂଖ୍ୟା ପ୍ରାୟ ୫୩୦ । ଗାଁଟିର ଅଧିକାଂଶ ଲୋକ ମଧ୍ୟବିତ୍ତ ପରିବାର । କୃଷି ଓ ପଶୁପାଳନହିଁ ଲୋକଙ୍କ ମୁଖ୍ୟ ଜୀବିକା । ଗାଁର ଚାଷ ଜମିର ପରିମାଣ ପ୍ରାୟ ୨୦୩ ଏକର । ସେଥିମଧ୍ୟରୁ ୧୫୦ ଏକରରେ ଜଳସେଚନର ସୁବିଧା ଅଛି । କଣ୍ଟେଇନାଳ ଜଳସେଚନ ଯୋଜନାର କାର୍ଯ୍ୟ ଶେଷ ହେବା ପରେ ଗାଁଟିର ବାକି ଜମି ମଧ୍ୟ ଜଳସେଚିତ ହୋଇପାରିବ ।

ଦିଗପହଣ୍ଡି ଟିକିଟି ସଂଯୋଗ କରୁଥିବା ମୁଖ୍ୟ ୬୩ ନମ୍ବର ଜିଲା ରାସ୍ତାର ଜକର ଗାଁଠାରୁ ମାଣିକ୍ୟପୁରର ଦୂରତ୍ୱ ପ୍ରାୟ ଦୁଇ କିଲୋମିଟର । ଯାତାୟତର ସୁବିଧା ପାଇଁ ଏହି ଦୁଇ କିଲୋମିଟରକୁ ଏକ ଶାଖା ସଡ଼କଦ୍ୱାରା ସଂଯୋଗ କରାଯାଇଛି ।

ଆଜକୁ ପ୍ରାୟ ୧୩ ବର୍ଷ ତଳର କଥା । ୧୯୬୬ ମସିହା ଜୁନ୍ ୬ ତାରିଖ । ଗାଁର ଉତ୍ସାହୀ ଯୁବକ ଏବଂ କୃଷକମାନଙ୍କର ମିଳିତ ସହଯୋଗରେ ଏଇ ଗାଁରେ ପ୍ରତିଷ୍ଠିତ ହେଲା ଏକ ପଲ୍ଲୀଶ୍ରୋତା ମଣ୍ଡଳୀ । ଶ୍ରୀ କପିଳେଶ୍ୱର ପାଢ଼ୀ ଏହାର ଆବାହକରୂପେ ଦୀର୍ଘ ଦିନଧରି ଦକ୍ଷତାର ସହ କାମ କରି ଆସୁଛନ୍ତି । ପଲ୍ଲୀଶ୍ରୋତା ମଣ୍ଡଳୀଟି ଗଠିତ ହେବା ପରେ ପରେ ଗାଁରେ ସୃଷ୍ଟି ହେଲା ଏକ ନୂତନ ଉତ୍ସାହ ଓ ଉଦ୍ଦୀପନା । ପଲ୍ଲୀଶ୍ରୋତାମଣ୍ଡଳୀର ଆଲୋଚନା, କୃଷି ବିଶେଷଜ୍ଞମାନଙ୍କର ପରାମର୍ଶ ଏବଂ କୃଷି ବିଭାଗ ତଥା ପଞ୍ଚାୟତ ସମିତି କର୍ମକର୍ତ୍ତାମାନଙ୍କର ସହଯୋଗ ଫଳରେ ଏକ ନୂତନ ସବୁଜ ବିପ୍ଳବର ସୂତ୍ରପାତ ହେଲା ଏଇ ଗାଁରେ । ଗୋଟିଏ ଫସଲ ବଦଳରେ ଚାଷୀମାନେ ନିଜ ଜମିରେ କଲେ ତିନୋଟି ଫସଲ : ଧାନ ଓ ଗହମ ବ୍ୟତୀତ ଆଳୁ, ଲଙ୍କାମରିଚ ଓ ବିଭିନ୍ନ ପରିବା ଏବଂ ଅନ୍ୟାନ୍ୟ ଅର୍ଥକରୀ ଫସଲ କରିବା ଫଳରେ ଲୋକମାନଙ୍କର ଆର୍ଥିକ ଅବସ୍ଥାର ଆଶାନୁରୂପ ପରିବର୍ତ୍ତନ ସମ୍ଭବ ହେଲା । ପଲ୍ଲୀଶ୍ରୋତା ମଣ୍ଡଳୀର ଜଣେ ସକ୍ରିୟ ସଭ୍ୟ ଏବଂ ଜଣେ ଉତ୍ସାହୀ ଚାଷୀ ଶ୍ରୀ ସୋମନାଥ ପାଢ଼ୀ ଗତ ୧୯୭୫-୭୬ ମସିହାରେ ପୁଷାବୈଶାଖୀ ମୁଗ ସଫଳ ଭାବରେ ଚାଷକରି ନିଜେ ଲାଭବାନ ହେବା ସଙ୍ଗେ ସଙ୍ଗେ ଏହି ଅଞ୍ଚଳରେ ଏକ ଚାଞ୍ଚଲ୍ୟ ସୃଷ୍ଟି କରିପାରିଥିଲେ । ଆଜି ପୁରୁଣା ଚାଷ ପଦ୍ଧତିରେ ପରିବର୍ତ୍ତନ ଆସିଛି ଓ ଗାଁର ଚାଷୀମାନେ ଖରିଫ ଋତୁରେ ଅଗ୍ରହର ସହିତ ଅଧିକ ଅମଳକ୍ଷମ ଧାନଚାଷ କରୁଛନ୍ତି । ବାସ୍ତବରେ ଗାଁଟିର ନାମକରଣ ସାର୍ଥକ ହୋଇଛି । ଗାଁଟି ଆଜି ହୋଇପାରିଛି ମାଣିକ୍ୟପୁର ।

ଏଠାରେ ଗ୍ରାମ୍ୟ ଜୀବନ ଶାନ୍ତିମୟ । ଯୁବକମାନେ ବର୍ଷସାରା କୃଷି ଉତ୍ପାଦନ ବୃଦ୍ଧି ପାଇଁ ଅକ୍ଳାନ୍ତ ପରିଶ୍ରମ କରୁଥିଲେ ମଧ୍ୟ ଅବସର ବିନୋଦନ ପାଇଁ ପ୍ରତିଷ୍ଠା କରିଛନ୍ତି ଏକ ପାଠାଗାର ଓ ଯୁବକ ସଂଘ । ଗାଁ ଲୋକଙ୍କ ମଧ୍ୟରେ ସ୍ନେହ ସୌହାର୍ଦ୍ଦ୍ୟ ଓ ଏକତା ପ୍ରତିଷ୍ଠିତ ହେବା ସଙ୍ଗେ ସଙ୍ଗେ ଏ ଅନୁଷ୍ଠାନ ମାଧ୍ୟମରେ ବିଭିନ୍ନ ସମାଜମଙ୍ଗଳ କାର୍ଯ୍ୟ, କ୍ରୀଡ଼ା ଓ ବ୍ୟାୟାମ ଏବଂ ନୃତ୍ୟନାଟିକା ପ୍ରଭୃତି ଅନୁଷ୍ଠିତ ହୋଇ ଗାଁର ସାଂସ୍କୃତିକ ପରିବେଶକୁ ସଂପ୍ରସାରିତ କରାଯାଇ ପାରିଛି । ଗାଁର ଯୁବକ ସଂଘଟି ଆଜି ଦିଗପହଣ୍ଡି ପଞ୍ଚାୟତ ସମିତିର ଅଗ୍ରଗାମୀ ଯୁବକ ସଂଘ ଏବଂ ୧୯୭୧-୭୨ ମସିହାର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଏହା ତୃତୀୟତ୍ୱ ହୋଇପାରିଛି । ଗାଁର ଯୁବକମାନେ ଦେଶ ଓ ସମାଜର ପରିବର୍ତ୍ତନ ସଂପର୍କରେ ଯେ କେବଳ ସଚେତନ ତା' ନୁହେଁ ଏଥିରେ ସକ୍ରିୟ ଭୂମିକା ଗ୍ରହଣ କରି ଆସିଛନ୍ତି । ନିରକ୍ଷରତା ଦୂରୀକରଣ ପାଇଁ ଯୁବକମାନଙ୍କର ସକ୍ରିୟ ଉଦ୍ୟମ ଫଳରେ ଗଢ଼ି ଉଠିଛି ଏକ ପ୍ରୌଢ଼ଶିକ୍ଷା କେନ୍ଦ୍ର । ପରିବାର କଲ୍ୟାଣ, ବୃକ୍ଷରୋପଣ, ଅସ୍ପୃଶ୍ୟତା ନିବାରଣ, ଯୌତୁକ ବର୍ଜନ ଓ ସ୍ୱଳ୍ପ ସଞ୍ଚୟ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଗାଁଟିରେ

ସକ୍ରିୟ ପଦକ୍ଷେପ ନିଆଯାଇଛି । ଦେଶର ସାମାଜିକ ତଥା ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଏହି ଗ୍ରାମବାସୀମାନେ ସଂକଳ୍ପବଦ୍ଧ ।

ଏଇ ଗାଁର ପ୍ରଭାବ ଆଜି ଆଖପାଖ ଗାଁରେ ଦେଖାଦେଇଛି । ହାତିଆଡ଼ି ଓ ବାଲିଯୋଡ଼ି ଗାଁରେ ଦୁଇଟି ପଲ୍ଲୀଶ୍ରୋତା ମଣ୍ଡଳୀ ଗଠନ ହେବା ସଙ୍ଗେ ସଙ୍ଗେ ସାମାଜିକ କୁ-ସଂସ୍କାର ଦୂରୀକରଣ, ଅର୍ଥନୈତିକ ବିକାଶ ଓ ପଲ୍ଲୀ ପୁନର୍ଗଠନ ପାଇଁ ଏହି ଦୁଇଟି ଗାଁର ଯୁବକମାନେ ଆଜି ବଦ୍ଧପରିକର ।

ମାଣିକ୍ୟପୁରର ସର୍ବାଙ୍ଗୀନ ଉନ୍ନତି ପାଇଁ ଯେଉଁମାନେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ସେମାନଙ୍କ ମଧ୍ୟରେ ସର୍ବଶ୍ରୀ କପିଳେଶ୍ୱର ପାଢ଼ୀ, ଗଣପତି ପ୍ରଧାନ, ରଘୁନାଥ ପାଢ଼ୀ, ହାଗଲି ପ୍ରଧାନ, ସୋମନାଥ ପାଢ଼ୀ ଓ ମଗୁନୁ ପ୍ରଧାନଙ୍କ ନାମ ଉଲ୍ଲେଖଯୋଗ୍ୟ । ଏମାନେ ସମସ୍ତେ ପଲ୍ଲୀଶ୍ରୋତା ମଣ୍ଡଳୀର ସଭ୍ୟ ।

ଜାତିର ଜନକ ବାପୁଜୀଙ୍କ ସ୍ୱପ୍ନ ଆଜି ସାର୍ଥକ ହୋଇ ପାରିଛି ଏଇ ଗାଁରେ । ଦେଶର ଶତକଡ଼ା ୮୦ ଭାଗ ଅଧିକ ଲୋକ ପଲ୍ଲୀ ଅଞ୍ଚଳରେ ରହୁଥିବାଯୋଗୁଁ ପଲ୍ଲୀ ବିକାଶ ବିନା ଭାରତର ବିକାଶ ସମ୍ଭବପର ନୁହେଁ ବୋଲି ବାପୁଜୀ କହିଥିଲେ । ଲୋକଙ୍କର ଉତ୍ସାହ ଓ ଆଗ୍ରହ ଫଳରେ ମାଣିକ୍ୟପୁର ଆଜି ଏକ ବିକାଶଶୀଳ ଓ ଉନ୍ନତ ଗାଁ । କିନ୍ତୁ ଗାଁର ଯୁବକମାନେ ଏତିକିରେ ସନ୍ତୁଷ୍ଟ ନହୋଇ ଏହାର ଅଧିକ ଉନ୍ନତି ପାଇଁ ଆଜି କର୍ମରତ । ସେମାନଙ୍କର ଦୃଢ଼ ବିଶ୍ୱାସ, ଏକତା, ମନୋବଳ, ଉତ୍ସାହ ଓ ସଂକଳ୍ପବଦ୍ଧ ଉଦ୍ୟମ ଫଳରେ କୌଣସି କାମ ଅଟକି ଯିବନି । ସବୁ ବାଧାବିଘ୍ନ ଓ ପ୍ରତିବନ୍ଧକ ପ୍ରତିହତ ହୋଇ ଗାଁର ପ୍ରଗତି ରଥ ଗଡ଼ି ଚାଲିବ ।

# ପୁରୀଜିଲ୍ଲା ଓ ପୁରୀ ଗ୍ରାମ୍ୟ ବ୍ୟାଙ୍କ

**ଶ୍ରୀ ସଚ୍ଚିଦାନନ୍ଦ ପଣ୍ଡା**

୧୯୬୯ ମସିହା ପରେ ସମଗ୍ର ଭାରତରେ ବ୍ୟାଙ୍କଗୁଡ଼ିକର ସଂପ୍ରସାରଣ ଅଭୂତପୂର୍ବ । ଗତ ୧୦ ବର୍ଷ ମଧ୍ୟରେ ଆମ ଦେଶରେ ଲୋକଙ୍କର ବ୍ୟାଙ୍କ ସହିତ ସଂପର୍କ ଯେତେ ନିକଟ ହୋଇପାରିଛି ତାହା ଅର୍ଥନୈତିକ ଅଗ୍ରଗତିର ସ୍ପଷ୍ଟ ନିଦର୍ଶନ । ବ୍ୟାଙ୍କଗୁଡ଼ିକର ଦ୍ୱାର ଆଜି ସମସ୍ତଙ୍କର ସେବା-ଲାଗି ଉନ୍ମୁକ୍ତ । ଗାଁର ଅବହେଳିତ କୃଷକ, ବୃତ୍ତିଗତ ବ୍ୟବସାୟୀ, କାରିଗର, ମିସ୍ତ୍ରୀ, ବୁଣାକାର, ତେଲି, ଦରଜୀ, ପାନବରଜି, ଫେରିବାଲା, ଚା'ଦୋକାନୀ, ମତ୍ସ୍ୟଜୀବୀ ସମସ୍ତେ ଆଜି ବ୍ୟାଙ୍କ ମାଧ୍ୟମରେ କାରବାର କରୁଛନ୍ତି । ଏହା କେବଳ ସମ୍ଭବ ହୋଇପାରିଛି ଗାଁଗଣ୍ଡାରେ ବ୍ୟାଙ୍କ-ମାନଙ୍କର ବହୁଳ ପ୍ରସାର ଫଳରେ ।

ବ୍ୟାଙ୍କ ଜାତୀୟକରଣ ହେବାପରେ ଗ୍ରାମାଞ୍ଚଳଗୁଡ଼ିକରେ ବ୍ୟାଙ୍କ ଅଫିସ ଖୋଲିବାକୁ ବିଶେଷ ପ୍ରଚେଷ୍ଟା କରାଯାଇଛି । ଫଳରେ ବ୍ୟବସାୟିକ ବ୍ୟାଙ୍କମାନଙ୍କର ଶାଖା ଜୁନ୍ ୧୯୬୯ ରେ ୮,୩୦୦ ଥିବା ସ୍ଥଳେ ଡ଼ିସେମ୍ବର ୭୮ରେ ସେହି ସଂଖ୍ୟା ବଢ଼ି ୨୮,୫୦୦ ହୋଇଛି । ଅଧିକସଂଖ୍ୟକ ଶାଖା ଅଫିସ ଖୋଲିବା ଦ୍ୱାରା ବହୁ ବ୍ୟକ୍ତି ଉପକୃତ ହେବା ସ୍ୱାଭାବିକ । ୧୦ ବର୍ଷ ପୂର୍ବରୁ ୬୫,୦୦୦ ଲୋକଙ୍କର ସେବା କରିବାକୁ ଗୋଟିଏ ବ୍ୟାଙ୍କ ଅଫିସ ଥିବାସ୍ଥଳେ ବର୍ତ୍ତମାନ ୨୦,୦୦୦ ଲୋକଙ୍କ ଲାଗି ଗୋଟିଏ ଲେଖାଏଁ ଅଫିସ ଖୋଲିଲାଣି । କେବଳ ଗ୍ରାମାଞ୍ଚଳରେ ଶାଖା ସଂଖ୍ୟା ୧୯୬୯ ମସିହାରେ ୧,୮୩୦ ଥିବା ସ୍ଥଳେ ବର୍ତ୍ତମାନ ତାହା ବଢ଼ି ୧୨,୦୦୦ ହୋଇଛି ଯାହାକି ଦେଶର ସମଗ୍ର ବ୍ୟାଙ୍କ ଅଫିସ ସଂଖ୍ୟାର ୪୨ ପ୍ରତିଶତ ଅଟେ । ବର୍ତ୍ତମାନ ଦେଶର ସବୁ ବ୍ଲକରେ ଅତି କମରେ ଗୋଟିଏ ଲେଖାଏଁ ବ୍ରାଞ୍ଚ ଖୋଲି ଗଲଣି । ବ୍ୟାଙ୍କ କେବଳ ପୂର୍ବର ପୁଞ୍ଜିପତି ଓ ଥିଲାବାଲାଙ୍କ ଲାଗି ଦ୍ୱାର ଉନ୍ମୁକ୍ତ ନୁହେଁ । ମଫସଲର କୃଷକ, ଜାତିରର ପ୍ରଥମଥର ଲାଗି ନୂଆ ହୋଇ ବ୍ୟାଙ୍କ 'କଷ୍ଟମର' ହୋଇ ଟଙ୍କା ଡ଼ିପୋଜିଟ୍ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ।

ସେହି ଟଙ୍କା ଗ୍ରାମୀଣ କୃଷି, ଶିଳ୍ପ ଉନ୍ନତିରେ ବ୍ୟୟ ହେଉଛି । ବ୍ୟବସାୟିକ ବ୍ୟାଙ୍କଗୁଡ଼ିକ ଗ୍ରାମାଭିମୁଖୀ ହେବାରେ ଗ୍ରାମ୍ୟବ୍ୟାଙ୍କ ଗୁଡ଼ିକର ଅବଦାନ ଅନୁଶୀଳନଯୋଗ୍ୟ ।

ଦରିଦ୍ର ଅବହେଳିତ ଓ ପତିତ ଜନସାଧାରଣଙ୍କ ଆର୍ଥିକ ମାନଦଣ୍ଡର ଉନ୍ନତିକଳ୍ପେ ଗ୍ରାମ୍ୟବ୍ୟାଙ୍କ ଗୁଡ଼ିକର ଜନ୍ମ ୧୯୭୫ ମସିହା ଅକ୍ଟୋବର ୨ ତାରିଖରେ ହୋଇଥିଲା । ଓଡ଼ିଶାର ପ୍ରଥମ 'ଗ୍ରାମ୍ୟବ୍ୟାଙ୍କ' "ପୁରୀ ଗ୍ରାମ୍ୟ ବ୍ୟାଙ୍କ" ଦିନ-ମଜୁରିଆ, କ୍ଷୁଦ୍ର ନାମମାତ୍ର ଚାଷୀ ଓ କାରିଗରଙ୍କ ଉଦ୍ଦେଶ୍ୟରେ ଗଢ଼ିଉଠିଥିଲା ୧୯୭୬ ମସିହା ଫେବ୍ରୁଆରୀ ମାସ ୨୫ ତାରିଖରେ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କର ତତ୍ତ୍ୱାବଧାନରେ । ଗତ ତିନିବର୍ଷ ଭିତରେ ଏହି ବ୍ୟାଙ୍କ ପୁରୀ ଜିଲ୍ଲାରେ ନିଜକୁ ବେଶ୍ ଆଦୃତ କରିପାରିଛି ।

ପୁରୀ ଗ୍ରାମ୍ୟବ୍ୟାଙ୍କର ଦକ୍ଷିଣରେ ବାଣପୁରଠୁ ଆରମ୍ଭ କରି ଉତ୍ତରରେ ଭୁବନେଶ୍ୱର ପର୍ଯ୍ୟନ୍ତ ପୂର୍ବରେ ପୁରୀଠାରୁ ଆରମ୍ଭକରି ପଶ୍ଚିମରେ ଗଣିଆ ପର୍ଯ୍ୟନ୍ତ ୩୨ଟି ଶାଖା ଖୋଲାଯାଇଛି ।

ପୁରୀ ଗ୍ରାମ୍ୟ ବ୍ୟାଙ୍କ ଚାଷୀ, ମୂଲିଆ, ଛୋଟ ବ୍ୟବସାୟୀ ଇତ୍ୟାଦିଙ୍କୁ ଆଖି ଆଗରେ ରଖି ବିଭିନ୍ନ ଋଣ ଆଉ ସଞ୍ଚୟ ଯୋଜନା ତିଆରି କରିଛି । "ନୀଳଚକ୍ର" ଜମା ଯୋଜନାରେ ମାସକୁ ମାସ ଅଳ୍ପ ଅଳ୍ପ ଟଙ୍କା ସଞ୍ଚୟ କରି ହେଉଛି । "ମହାସିନ୍ଧୁ" ଜମା ଯୋଜନାରେ ଡ଼ିପୋଜିଟର ୫୦୦ ଟଙ୍କାରୁ ଅଧିକ ଜମାକରି ୮ ବର୍ଷପରେ ତାର ୨ ଗୁଣ ଟଙ୍କା ମିଳି ପାରୁଛି । ଦିନମଜୁରିଆଙ୍କ ସଞ୍ଚୟର ସୁବିଧା ପାଇଁ ବ୍ୟାଙ୍କର ଏଜେଣ୍ଟ ଡ଼ିପୋଜିଟରଙ୍କ ଦ୍ୱାରସ୍ଥ ହୋଇ ଦୈନିକ ଜମା ଯୋଜନାରେ ସଞ୍ଚୟ କରିବାକୁ ପ୍ରବର୍ତ୍ତାଉଛନ୍ତି । ଏହିସବୁ ପ୍ରଚେଷ୍ଟା ଫଳରେ ଗତ ଜୁନ୍ ଶେଷ ସୁଦ୍ଧା ୪୦,୦୦୦ ଜମାକାରୀ ପୁରୀ ଗ୍ରାମ୍ୟ ବ୍ୟାଙ୍କରେ ଦୁଇକୋଟି ଦଶ ଲକ୍ଷ ଟଙ୍କା ଜମା କରିଛନ୍ତି ।

ବର୍ତ୍ତମାନ ଋଣ ଲଗାଣ ପଦ୍ଧତିକୁ ଅତି ସରଳ କରାଯାଇଛି । ଚାଷୀ ବ୍ୟାଙ୍କରୁ ସାର, ବିହନ, ଔଷଧ, ପମ୍ପ୍‌ସେଟ, ସ୍ପ୍ରେୟାର କୂପଖନନ ଇତ୍ୟାଦି ପାଇଁ ଆର୍ଥିକ ସାହାଯ୍ୟ ପାଇପାରୁଛି । କାରିଗର ବ୍ୟାଙ୍କରୁ ପୁଞ୍ଜି ଲଗାଣ ଋଣ ନେଇ ନିଜ ବ୍ୟବସାୟ ନିଜେ ଆରମ୍ଭ କରିଛି । ମଜୁରିଆ, ଖଟିଖିଆ ଏ ବ୍ୟାଙ୍କରୁ ରୋଜଗାର ବୃଦ୍ଧି ପାଇଁ ମେଣ୍ଢା, ଛେଳି, କୁକୁଡ଼ା ପାଳନ ପାଇଁ ଋଣ ପାଇପାରୁଛି । ବ୍ୟାଙ୍କର କର୍ମଚାରୀ ନିଜେ କୃଷି ଏବଂ ବୈଷୟିକ ଶିକ୍ଷାସଂପନ୍ନ ହୋଇଥିବାରୁ ଚାଷୀ ମାନଙ୍କର ସୁବିଧା ଅସୁବିଧା ନିଜେ ହୃଦୟଙ୍ଗମ କରି ତାର ଆଶୁ ସମାଧାନ ପାଇଁ ତତ୍ପର ହୋଇ ଉଠିଛନ୍ତି । ଯେଉଁ ଗାଁର ଚାଷୀ ତା' ଜମିରେ ତିନିଗୋଟି ଫସଲ ଉତ୍ପାଦନ କରିବାକୁ ସ୍ୱପ୍ନରେ ସୁଦ୍ଧା ଭାବିନଥିଲା ସେ ଆଜି ବ୍ୟାଙ୍କରୁ ଋଣ ନେଇ କୂପ ଖନନ କରି ଜଳସେଚନର ବ୍ୟବସ୍ଥା କରି ତିନୋଟି ଫସଲ ଉତ୍ପାଦନ କରିବାପାଇଁ ସକ୍ଷମ ହୋଇଛି । ପୁରୀ ଗ୍ରାମ୍ୟ ବ୍ୟାଙ୍କ ବେଗୁନିଆ ବ୍ଲକର ମାଣିବନ୍ଧର ଉନ୍ନତ ଚାଷୀ ଶ୍ରୀ ଦିବାକର ପାଇକରାୟଙ୍କୁ କ୍ଷୁଦ୍ର ଜଳସେଚନ ଯୋଜନା ପାଇଁ ଋଣ ଦେଇ ପଥୁରିଆ ଜମିରେ ବର୍ଷକୁ ଏକାଧିକ ଫସଲ ଆମଦାନୀ ପାଇଁ ସକ୍ଷମ କରାଇ ପାରିଛି ।

ଗତ ଜୁନ୍ ମାସ ଶେଷ ସୁଦ୍ଧା ପୁରୀ ଗ୍ରାମ୍ୟବ୍ୟାଙ୍କ ୩୭,୦୦୦ ଜଣଙ୍କୁ ପ୍ରାୟ ୩ କୋଟି ୬୬ ଲକ୍ଷ ଟଙ୍କାର ଆର୍ଥିକ ସାହାଯ୍ୟ ଯୋଗାଇ ଦେଇଛି । କାରିଗରମାନଙ୍କ ଜୀବନ ଧାରଣ ମାନ ବୃଦ୍ଧି ପାଇଁ ଏ ବ୍ୟାଙ୍କ ଚିରାଚରିତ ରୀତିରେ ଋଣ ଦାନ ପ୍ରଣାଳୀ ତ୍ୟାଗ କରି ବ୍ୟକ୍ତିବିଶେଷର ଉତ୍ପାଦନ-କ୍ଷମ ପ୍ରଚେଷ୍ଟା ପାଇଁ ସହଜ ରୀତିରେ ଋଣ ପ୍ରଦାନ କରୁଛି ।

କଣାସ, କୁହୁଡ଼ି, ଅସ୍ତରଙ୍ଗ, ଭୁଷଣପୁର, ବାଣପୁରର ଶହ ଶହ ମତ୍ସ୍ୟଜୀବୀ ସେମାନଙ୍କ ବ୍ୟବସାୟ ନିମନ୍ତେ ଜାଲ ଏବଂ ଡ଼ଙ୍ଗା କିଣିବା ପାଇଁ ପରଦ୍ୱାରସ୍ଥ ହୋଇ ମହାଜନଠାରୁ ଅଧିକ ସୁଧରେ ଋଣ ନେବାର ଆଉ ଆବଶ୍ୟକତା ମନେକରୁ-ନାହାନ୍ତି । ନୟାହାଟ ଏବଂ ଚନ୍ଦନପୁରର ପାନ ବରଜିଆ ଓ ପାନ ବ୍ୟବସାୟୀମାନେ ସହଜରେ ବ୍ୟାଙ୍କରୁ ଋଣ ନେଇ ବେଶ ଦୁଇପଇସା ଲାଭ କରିପାରୁଛନ୍ତି । ପିପିଲିର ଚାନ୍ଦୁଆ ଚୂଣାଳୀ, ବାଲକାଟି, ରାଜସୁନାଖଳା, ଜଙ୍କିଆର ପିତଳ ବାସନ ତିଆରି କରୁଥିବା କାରିଗର ବ୍ୟବସାୟ ସମବାୟ ସମିତି ମାଧ୍ୟମରେ ବ୍ୟାଙ୍କରୁ କରଜ କରି ତାଙ୍କର ବ୍ୟବ-ସାୟର ଉନ୍ନତି କରୁଛନ୍ତି । ବାଲିପାଟଣା ବ୍ରାଞ୍ଚ ଅନ୍ତର୍ଗତ ଅଠାନ୍ତର ; କୁହୁଡ଼ିର ଗୁନ୍ଦପୁର, ବେଗୁନିଆର ତୁଳସୀପୁର ଏବଂ ଖୋର୍ଦ୍ଧା ନିକଟସ୍ଥ ଗୁଡ଼ଜ ବ୍ୟବସାୟୀମାନେ ମୂଳ ଲଗାଣ ପାଇଁ ବ୍ୟାଙ୍କରୁ ଋଣ କରୁଛନ୍ତି । ବେଗୁନିଆ ନିକଟସ୍ଥ ଗ୍ରେଡ଼ିପାଟଣା, ଉଆଣିଣ ପାଟଣାର ଶୁଖୁଆ ବ୍ୟବସାୟୀ ବ୍ୟାଙ୍କର ଅତି ବିଶ୍ୱସ୍ତ ହୋଇ ପାରିଛନ୍ତି ତାଙ୍କର ବ୍ୟବସାୟିକ ପରାକାଷ୍ଠା ପାଇଁ । ମେଣ୍ଢାଶାଳ ବ୍ରାଞ୍ଚ ଅନ୍ତର୍ଗତ କଣାବାଡ଼, କୁଞ୍ଜିମହଲ, ଡାଲୁଆ, ଭୋଳା ଗାଁରେ ପୁରୀ ଗ୍ରାମ୍ୟ ବ୍ୟାଙ୍କ "କଳିଙ୍ଗ ଶାନ୍ତି ପୁରସ୍କାରର ରୌପ୍ୟ ଜୟନ୍ତୀ ବର୍ଷରେ" ଆଦିବାସୀମାନଙ୍କର ଅର୍ଥନୈତିକ ମାନର ଉନ୍ନତି ପାଇଁ ରାଜ୍ୟ ସରକାର ଏବଂ ଉତ୍କଳ କୃଷି ବିଶ୍ୱବିଦ୍ୟାଳୟର ତତ୍ତ୍ୱାବଧାନରେ ସର୍ବ ପ୍ରକାର ଆର୍ଥିକ ସହାୟତା ଦେଉଛି । ଧଳାପଥର ଏବଂ ଭାପୁରର ଯେଉଁ ବୁଣାକାରମାନେ ସମ୍ବଳ ଅଭାବରୁ ନିଜ ବ୍ୟବସାୟ ନିଜେ କରି ନପାରି ମାଲିକର ଠିକାକାମ କରୁଥିଲେ, ସେମାନଙ୍କୁ ନିଜ ନିଜର ବ୍ୟବସାୟ କରି ଆତ୍ମ ନିର୍ଭରଶୀଳ ହେବାପାଇଁ ବ୍ୟାଙ୍କ ସାହାଯ୍ୟ କରିଛି । ପୁରୀର ଡାଉଁକି ପୋଖରୀ, ପିପିଲିର କସରଦାରେ ଗୋ-ପାଳନ ପାଇଁ ବ୍ୟାଙ୍କର ସାହାଯ୍ୟ ଅନେକଙ୍କୁ ଆତ୍ମନିର୍ଭରଶୀଳ କରିପାରିଛି । ପିତିଲି, ବଳଙ୍ଗା, ବାଲିପାଟଣା, ବାଲକାଟି, ଅସ୍ତରଙ୍ଗ, ସାକ୍ଷୀଗୋପାଳ, ରତିପଡ଼ାରେ ଉନ୍ନତ ଧରଣର ବାଛୁରୀ ପାଳନ ପାଇଁ ଗ୍ରାମ୍ୟ ବ୍ୟାଙ୍କର ଅବଦାନ ଯଥେଷ୍ଟ । ଗୋପାଳପୁରରେ ଏବଂ ଚନ୍ଦ୍ରେଶ୍ୱରରେ ଭୂମିହୀନ ଚାଷୀ ଯେଉଁମାନେ ଜମିବଣ୍ଟନ ଯୋଜନାରେ ଉପକୃତ ହୋଇଥିଲେ ସେମାନେ ସେଠାକାର ଗ୍ରାମ୍ୟ ବ୍ୟାଙ୍କରୁ ଜମିକୁ ଚାଷୋପ-ଯୋଗୀ କରିବାପାଇଁ ଋଣ ନେଇ ବର୍ତ୍ତମାନ ଫସଲ ଉଠାଇ-ବାରେ ସକ୍ଷମ ହୋଇଛନ୍ତି । ଶରଣକୁଳ, ନୂଆଗାଁ, ବୋଲଗଡ଼, ନୟାଗଡ଼ର ଆଖୁଚାଷୀମାନେ ଏବଂ ବଳଙ୍ଗାର ଆଳୁ ଚାଷୀମାନେ ସହଜରେ ଏହି ଅର୍ଥକରୀ ଫସଲ ପାଇଁ ଋଣ ନେଇ ଲାଭବାନ ହେଉଛନ୍ତି । ଗଣିଆ, ଖୋର୍ଦ୍ଧା,

ନୂଆଗାଁ, ଭାପୁର, ନୂଆପଡ଼ା, ବୋଲଗଡ଼ରେ ଛେଳି ଏବଂ ମେଣ୍ଢା ପାଳନ ପାଇଁ ୭୦୦ରୁ ଅଧିକ ଲୋକଙ୍କୁ ଋଣ ଦିଆଯାଇଛି ।

ପୁରୀ ଗ୍ରାମ୍ୟ ବ୍ୟାଙ୍କ, ମୁଖ୍ୟ କାର୍ଯ୍ୟାଳୟ
ପିପିଲି

ଏହିପରି ପୁରୀ ଜିଲ୍ଲାର ଅବହେଳିତ ପ୍ରତ୍ୟେକ ଶ୍ରେଣୀର ଲୋକଙ୍କ ସେବାରେ ପୁରୀ ଗ୍ରାମ୍ୟ ବ୍ୟାଙ୍କ ନିଜକୁ ନିୟୋଜିତ କରିଛି ।

# ପ୍ରମୋଦ ଉଦ୍ୟାନ : ଏକ ଆକର୍ଷଣ

**ଶ୍ରୀ ବିନୋଦ ମହାନ୍ତ**

ଓଡ଼ିଶାରେ ଘଟୁଥିବା ମୃତ୍ତିକାକ୍ଷୟକୁ ଅବରୋଧ କରିବାପାଇଁ ରାଜ୍ୟ ସରକାରଙ୍କ ଅଧୀନରେ ଏକ ମୃତ୍ତିକା ସଂରକ୍ଷଣ ବିଭାଗ କାର୍ଯ୍ୟକାରୀ ହେଉଛି । ବିଭିନ୍ନ ପ୍ରକାର ମୃତ୍ତିକା କ୍ଷୟକୁ ଉପଯୁକ୍ତ ଅବରୋଧ ପ୍ରଣାଳୀ ଦ୍ୱାରା ବନ୍ଦ କରାଯାଇ ଜମିର ଉର୍ବରତା ରକ୍ଷା କରାଯାଉଅଛି । ଆମ ଦେଶର ଅଧିକାଂଶ ଲୋକ ମୃତ୍ତିକାକ୍ଷୟ ଓ ମୃତ୍ତିକା ସଂରକ୍ଷଣ ବିଷୟରେ ସାମାନ୍ୟ କିଛି ଜାଣନ୍ତି, କିନ୍ତୁ ଏହି ସମସ୍ୟାର ଗୁରୁତ୍ୱ ବିଷୟରେ ସେମାନେ ସେପରି ଅବହିତ ନୁହନ୍ତି । ମୃତ୍ତିକାକ୍ଷୟ ଓ ମୃତ୍ତିକା ସଂରକ୍ଷଣ ବିଷୟରେ ଲୋକମାନଙ୍କୁ ଅବଗତ କରାଇବା ପାଇଁ ରାଜ୍ୟ ସରକାର ଓଡ଼ିଶାର ପ୍ରାୟ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଗୋଟିଏ ମୃତ୍ତିକା ସଂରକ୍ଷଣ ପ୍ରଦର୍ଶନ କେନ୍ଦ୍ର ଖୋଲିଛନ୍ତି । ଏହିପରି ଗୋଟିଏ କେନ୍ଦ୍ର କଟକ ଠାରୁ ୩୦ କିଲୋମିଟର ଦୂରରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ବିଶ୍ୱନାହାକାଣୀ ଠାରେ ୮୩୦ ଏକର ବ୍ୟାପୀ ପତିତ ଜମିରେ ଅବସ୍ଥିତ । ଏହା ୧୯୬୬ ମସିହା ଜାନୁଆରୀ ୩୦ ତାରିଖରେ ଉଦ୍‌ଘାଟିତ ହୋଇଥିଲା । ଏହି କେନ୍ଦ୍ରକୁ ସ୍ଥାନୀୟ ଲୋକେ ଶ୍ରଦ୍ଧାର ସହ ପ୍ରମୋଦ ଉଦ୍ୟାନ ନାମରେ ନାମିତ କରିଛନ୍ତି । ଚତୁଃପାର୍ଶ୍ୱ ପାହାଡ଼ ପରିବେଷ୍ଟିତ ଫଳ-ପୁଷ୍ପଭରା ଅନୁପମ ସୌନ୍ଦର୍ଯ୍ୟ ଏପରି ନାମକରଣକୁ ସାର୍ଥକ କରୁଛି ।

ଏହି ସ୍ଥାନଟିକୁ ମୃତ୍ତିକା ସଂରକ୍ଷଣ ବିଭାଗ ହାତକୁ ନେବା ପୂର୍ବରୁ ମୃତ୍ତିକାକ୍ଷୟ ଦ୍ୱାରା ଜମିର ଉର୍ବରତା ନଷ୍ଟ ହୋଇ ଯାଇଥିଲା । ଏହା ଫଳରେ ଜମିସବୁ ଚାଷପାଇଁ ସଂପୂର୍ଣ୍ଣ ଅନୁପଯୋଗୀ ହୋଇ ପଡ଼ିଥିଲା । ଏହି ଫାର୍ମ ମଧ୍ୟରେ ପ୍ରବାହିତ ଧୋଡ଼ାନାଳ (ଯାହାକି ପରେ ସଂରକ୍ଷଣ ପ୍ରଣାଳୀରେ ସୁନ୍ଦର ଜଳାଶୟ ସୃଷ୍ଟି କରାଯାଇ ପାରିଛି) ଏହି ଭୀଷଣ ମୃତ୍ତିକାକ୍ଷୟର ମୂକସାକ୍ଷୀ । ଏହି ପ୍ରଦର୍ଶନ କେନ୍ଦ୍ରରେ ବିଭିନ୍ନ ପ୍ରକାର ବୃକ୍ଷରୋପଣ ସହ ମୃତ୍ତିକା ସଂରକ୍ଷଣ ଉପଯୋଗୀ ବହୁତ ପ୍ରକାର ବାର୍ଷିକ ଫସଲ ଚାଷ କରାଯାଉଛି । ଯଥା:--

| | | |
|---|---|---|
| ୧ । | କାଜୁବାଦାମ .. | ୩୫୭ ଏକର |
| ୨ । | ବାଙ୍ଗର ନଡ଼ିଆ ଗବେଷଣାମୂଳକ ଚାଷ । | ୧୨୫ ଏକର |
| ୩ । | ସପୁରୀ ଓ ଅମୃତଭଣ୍ଡା .. | ୨୬୫ ଏକର |
| ୪ । | ବାର୍ଷିକ ଫସଲ (ମକା, ଚିନାବାଦାମ, ବିରି, ମୁଗ, ଧନିଆ, ଛଣି ଇତ୍ୟାଦି) .. | ୨୦୦ ଏକର |
| ୫ । | ଗୋଚର ଉନ୍ନୟନ, ରାସ୍ତା-ଘାଟ, କୋଠାବାଡ଼ି ଓ ଜଳାଶୟ । | ୧୨୧·୫୦ ଏକର |

ଗତ ଜୁଲାଇ ୩୦ ତାରିଖ ସନ୍ଧ୍ୟାରେ ସମାଜ ସଂପାଦକ ଡ଼ଃ ରାଧାନାଥ ରଥଙ୍କ ସହ ପ୍ରାକୃତିକ ଶୋଭାପୂର୍ଣ୍ଣ ପ୍ରମୋଦ ଉଦ୍ୟାନକୁ କିଛି ପରିମାଣରେ ଦେଖିବାର ସୁଯୋଗ ପାଇଥିଲି । ସ୍ଥାନୀୟ ଗବେଷଣା ଅଧିକାରୀ ଶ୍ରୀ କେଦାରେଶ୍ୱର ପ୍ରଧାନଙ୍କ ତଥ୍ୟ ଅନୁସାରେ ଏହି କେନ୍ଦ୍ରରେ (କ) ସମପତନ ବନ୍ଧ (କଣ୍ଟୁର ବଣ୍ଡିଂ); (ଖ) ସୋପାନ ଗଠନ (ଟେରାସେସ୍); (ଗ) ଧୋଡ଼ା ନିୟନ୍ତ୍ରଣ (ଗଲି କଣ୍ଟ୍ରୋଲ); (ଘ) ବୃକ୍ଷ ରୋପଣ; (ଙ) ସଂରକ୍ଷଣ ଚାଷ; (ଚ) ଶୁଷ୍କ ଚାଷ (ଛ) ସୋପାନ ଚାଷ; (ଜ) ପଟି ଚାଷ; (ଝ) ପର୍ଯ୍ୟାୟ ଚାଷ; (ଞ) ମିଶ୍ରିତ ଚାଷ ପ୍ରଣାଳୀ ପ୍ରଭୃତି ପରୀକ୍ଷିତ ଓ ପ୍ରଦର୍ଶିତ ହେଉଛି ।

ପୂର୍ବରୁ ଏହି କେନ୍ଦ୍ରର ଜମିସବୁ ଢାଲୁ ଓ ଗଡ଼ାଣିଆ । ପାହାଡ଼ ଶିଖର ଦେଶରୁ ବୋହି ଆସୁଥିବା ଅବାରିତ ଜଳସ୍ରୋତ ଏହି ଜମିମାନଙ୍କରେ ଆଶାତୀତ ମୃତ୍ତିକାକ୍ଷୟ କରୁଥିଲା । ତେଣୁ ଜମିସବୁ ଅନୁର୍ବର ଓ ଚାଷପାଇଁ ଅନୁପଯୋଗୀ ହୋଇ ପଡ଼ିଥିଲା । ମୃତ୍ତିକା ସଂରକ୍ଷଣ ବିଭାଗ ଏହିଜମିଟିକୁ ହାତକୁ ନେଇ ସେଥିରେ ଜମିର ଆବଶ୍ୟକତା ମୁତାବକ ବିଭିନ୍ନ ସଂରକ୍ଷଣ ପ୍ରଣାଳୀ

କାର୍ଯ୍ୟକାରୀ କଲେ । ଜମିର ଗଡ଼ାଣି ଶତାଂଶ ଅନୁସାରେ ସମପତନ ବନ୍ଧ ପକାଇ ସମପତନ କୃଷି ପ୍ରଣାଳୀ ଅବଲମ୍ବନ କରି ମକା, ଚିନାବାଦାମ, ବିରି, ମୁଗ, ଧନିଆ, ଛଣି ପ୍ରଭୃତି ଫସଲ- ଚାଷକରି ମୃତ୍ତିକାକ୍ଷୟ ନିରୋଧ କରିବା ସଙ୍ଗେ ସଙ୍ଗେ ଉର୍ବରତା ରକ୍ଷା କରାଯାଇପାରିଛି । ଏହା ବ୍ୟତୀତ ଅଧିକ ଢାଲୁଥିବା ଜମିମାନଙ୍କରେ ସୋପାନ ନିର୍ମାଣ କରି ସୋପାନମାନଙ୍କରେ ସପୁରୀ, କଦଳୀ, ଲେମ୍ବୁ ଓ ଅମୃତଭଣ୍ଡା ଇତ୍ୟାଦି ଫଳ ଚାଷ କରାଯାଇଅଛି । ଧୋଡ଼ାନାଳକୁ ଅବରୋଧ କରାଯାଇଅଛି । ଧୋଡ଼ା ଅବରୋଧ ହେବା ସଙ୍ଗେ ସଙ୍ଗେ ଅନିଷ୍ଟକାରୀ ଧୋଡ଼ା ଉପକାରୀ ଅନୁପମ ଜଳ-ଭଣ୍ଡାରରେ ପରିଣତ ହୋଇଛି । ଏହି ଜଳାଶୟରୁ ୨୦୦ ଏକର ବିଭିନ୍ନ ଫସଲକୁ ବର୍ଷସାରା ଜଳସେଚନ କରାଯାଉଛି ।

ଶତକଡ଼ା ୫ଫୁଟରୁ ଅଧିକ ଗଡ଼ାଣିଥିବା ଯେଉଁ ସ୍ଥାନକି ଅନ୍ୟାନ୍ୟ ଫସଲ ପାଇଁ ଉପଯୋଗୀ ନୁହେଁ ସେଠି ମୃତ୍ତିକାକ୍ଷୟର ପ୍ରାଦୁର୍ଭାବ ଆଧିକ୍ୟ ହେତୁ ସମପତନ ନାଳୀ ଖୋଳି କାଜୁବାଦାମ ଚାଷ କରାଯାଉଛି । ଆଉ ମଧ୍ୟ ଯେଉଁ ମାଟି କୃଷି ଓ ବୃକ୍ଷରୋପଣ ପାଇଁ ଅନୁପଯୁକ୍ତ ସେହି ଜମିରେ ଗୋଚର ଉନ୍ନୟନ ପାଇଁ ଉନ୍ନତ ଧରଣର ଘାସ ଚାଷ କରାଯାଇଅଛି ।

ନଡ଼ିଆ ଗବେଷଣାର ରେଞ୍ଜ ଅଫିସର ଶ୍ରୀ ଜେନା ଆମକୁ ତଥ୍ୟ ଦେଇ କହିଲେ ଯେ, ଏହି କେନ୍ଦ୍ରରେ ଗବେଷଣା ପାଇଁ ଚାଷ ହେଉଥିବା ନଡ଼ିଆର ବିଶେଷତ୍ୱ ଅଛି । ୧୨୫ ଏକର ଜମିରେ ୧୦,୦୦୦ (ଦଶହଜାର) ଗଛ ଲଗାଯାଇଛି । ଏହି ଫାର୍ମର ଚତୁଃପାର୍ଶ୍ୱ ପାହାଡ଼ ପରିବେଷ୍ଟିତ ପ୍ରାକୃତିକ ଅବସ୍ଥିତି, ଜଳପୂର୍ଣ୍ଣ ଜଳାଶୟ, ଏହାର ମୃତ୍ତିକା ଓ ଗଠନ ପ୍ରଣାଳୀ (ଲେ ଆଉଟ) କେନ୍ଦ୍ରୀୟ ନାରିକେଳ ଗବେଷଣା ବିଭାଗର ଉଚ୍ଚ ବୈଜ୍ଞାନିକ କର୍ମକର୍ତ୍ତାଙ୍କ ଉଚ୍ଚ ପ୍ରଶଂସା ଲାଭ କରିଛି । ଏପରି ନଡ଼ିଆ ଗବେଷଣା ପାଇଁ ଉପଯୁକ୍ତ ବିବେଚିତ ହୋଇଛି । ଏଥିରେ ବାଙ୍ଗର ଓ ଢେଙ୍ଗା ଏହିପରି ଦୁଇ ପ୍ରକାର ଗଛ ଲଗାଇ ଗବେଷଣା କରାଯାଉଛି । ପ୍ରତି ଆଠଟି ବାଙ୍ଗର ଗଛ ପାଇଁ ଗୋଟିଏ କରି ଢେଙ୍ଗା ଗଛ ଲଗା ଯାଇଛି । ଏହି ଗବେଷଣାରେ ବାଙ୍ଗର ଗଛକୁ ମା' ଗଛ ଓ ଢେଙ୍ଗା ଗଛକୁ ବାପ ଗଛ ବୋଲି ନିଆଯାଇଛି । ଉନ୍ନତ ବାପ ଗଛର ପରାଗ ରେଣୁ ନେଇ ବାଙ୍ଗର ମା' ଗଛରେ ପରାଗ ସଙ୍ଗମ କରାଇଲେ ସହଜ ଓ ଅଧିକ ଅମଳକ୍ଷମ ନଡ଼ିଆ ବିହନ ଉତ୍ପାଦନ ହେବ । ଏହି ପ୍ରକାର ସଙ୍ଗମକୁ ଇଂରାଜିରେ D×T କୁହାଯାଏ । (D ର ଅର୍ଥ Dwarf ଏବଂ T ର ଅର୍ଥ Tall) ଏଥିପାଇଁ ନିମ୍ନଲିଖିତ ପ୍ରକାର ଗଛ ଲଗାଯାଇଛି ।

ବାଙ୍ଗର (Dwarf Varieties) :—

୧ । ଚୌଘାଟ ଡ୍ୱାର୍ଫ ଆରେଞ୍ଜ
୨ । ମାଲୟାନ ସେମିଟଲ ଗ୍ରୀନ
୩ । ମାଲୟାନ ସେମିଟଲ ୟେଲୋ ।

ଢେଙ୍ଗା (Tall Varieties) :—ଇଷ୍ଟକୋଷ୍ଟାଲ । ଏହି ବିଭିନ୍ନ ପ୍ରକାର ଗଛର ନାମ, ସ୍ଥାନର ନାମ ଓ ଗଛର ରଙ୍ଗକୁ ବିଚାରକୁ ନିଆଯାଇ କରାଯାଇଛି । ଚୌଘାଟ ଗୋଟିଏ ସ୍ଥାନର ନାମ । କମଳା ଲେମ୍ବୁ ପରି ଏହାର ଗଛର ବିଭିନ୍ନ ଅଂଶ ଓ ଫଳର ରଙ୍ଗ । ସେହିପରି ମାଲୟାନ ମାଲୟ ନାମକ ସ୍ଥାନରୁ ଆସିଛି ଓ ଗଛର ବିଭିନ୍ନ ଅଂଶର ରଙ୍ଗ ସହ ସାମଞ୍ଜସ୍ୟ ଥିବାରୁ Green (ସବୁଜ) ଓ Yellow (ହଳଦିଆ) ନାମକରଣ ହୋଇଛି । ଜଣେ ପ୍ରତ୍ୟକ୍ଷଦର୍ଶୀ ଏହା ଭଲଭାବେ ହୃଦୟଙ୍ଗମ କରିପାରେ । ବାଙ୍ଗର ଗଛଗୁଡ଼ିକ ଲଗାଇବାର ୩ବର୍ଷରୁ ୫ବର୍ଷ ମଧ୍ୟରେ ଫଳ ଧାରଣ କରେ । ୧୯୭୬-୭୭ ମସିହାରେ ଏଠାରେ ରୋପଣ କରାଯାଇଥିବା ଏହିପରି ନଡ଼ିଆଗଛ ମାତ୍ର ୩ବର୍ଷ ପୂର୍ଣ୍ଣ ନ ପୂରଣୁ ଏ ବର୍ଷ (୧୯୭୯-୮୦) ଚଅଁର ଧରି ଗୋଟମା ଧରିଲଣି । ଚଅଁର-ଗୁଡ଼ିକ ଗଛ ଗଣ୍ଡିରେ ମାଟିଠାରୁ ମାତ୍ର ଏକଫୁଟ ଉଚ୍ଚରୁ ବାହାରି ଲୋକମାନଙ୍କ ମନରେ ଆଶା ଓ ଆନନ୍ଦ ଭରି ଦେଇଛି । ଏହା ବାସ୍ତବିକ୍ ପ୍ରତ୍ୟେକଙ୍କର ଦେଖିବାର ବସ୍ତୁ ।

ମୃତ୍ତିକା ସଂରକ୍ଷଣ ଉଦ୍ଦେଶ୍ୟରେ ଚାଷକରାଯାଉଥିବା ଫସଲ ଓ ବଗିଚାରୁ ଖୁବ୍ ଆଶାଜନକ ଫସଲ ଉତ୍ପାଦନ ହୋଇ ରାଜ୍ୟ ସରକାରଙ୍କୁ ଭଲ ଆୟ ମିଳୁଛି । ଏହା ବ୍ୟତୀତ ବିଭିନ୍ନ ନୂଆ ତଥା ଉନ୍ନତ ଫସଲ ତଥା ଚିନା-ବାଦାମ, ମୁଗ, ବିରି, ମାଣ୍ଡିଆ ଓ ମକା ବିହନ ରାଜ୍ୟ କୃଷିବିଭାଗ ଜରିଆରେ ଶହ ଶହ କୃଷକ ଚାଷୀମାନଙ୍କୁ ଯୋଗାଇ ଦିଆଯାଉଛି । ଆଉ ଦୁଇ ତିନିବର୍ଷ ପରେ ଅର୍ଥାତ୍ ସମସ୍ତ କାଜୁବାଦାମ ଓ ନଡ଼ିଆ ବଗିଚା ଫଳ ଧାରଣ ଅବସ୍ଥାକୁ ଆସିଲେ ବର୍ଷକୁ ଅନ୍ୟୂନ ୫,୦୦,୦୦୦ (ପାଞ୍ଚ ଲକ୍ଷ)ରୁ ଊର୍ଦ୍ଧ୍ୱ ଟଙ୍କା କେବଳ ଲାଭ ବାବଦକୁ ମିଳି ପାରିବ । ତଳଲିଖିତ ପରିସଂଖ୍ୟାନରୁ ଏହା ସୁସ୍ପଷ୍ଟ ହେବ :—

| | | |
|---|---|---|
| ୧ । | ବାର୍ଷିକ ଫସଲରୁ ଆୟ ୨୦୦ ଏକର (ଏବେ ମଧ୍ୟ ମିଳୁଛି) । | ଟ ୧,୦୦,୦୦୦'୦୦ |
| ୨ । | କାଜୁବାଦାମ ୩୫୭ ଏକର (ପ୍ରତି ଏକରରୁ ଟ୫୦୦ଙ୍କା ହିସାବରେ) । | ଟ ୧,୭୫,୦୦୦'୦୦ |
| ୩ । | ନଡ଼ିଆ ୧୨୫ ଏକର – ୧୦,୦୦୦ ଗଛ (ଗଛପ୍ରତି ପ୍ରାରମ୍ଭିକ ଅବସ୍ଥାରେ ଟ୩୦ଙ୍କା ହିସାବରେ) । | ଟ ୩,୦୦,୦୦୦'୦୦ |
| | | ଟ ୫,୭୫,୦୦୦.୦୦ |

କାଜୁବାଦାମ ଓ ନଡ଼ିଆ ବଗିଚାର ଆୟ ୫ ବର୍ଷ ପରେ ଦ୍ୱିଗୁଣିତ ହେବ । ତେଣୁ ରକ୍ଷଣାବେକ୍ଷଣ ବାବଦକୁ ମିଳୁଥିବା ବାର୍ଷିକ ୨,୫୦,୦୦୦ ଟଙ୍କା ବାଦ୍ ଦେଲେ ବାର୍ଷିକ ଲାଭ ପରିମାଣ ୩ ଲକ୍ଷ ଓ ୫ ବର୍ଷ ପରେ ୬ଲକ୍ଷ ଟଙ୍କା ହେବ ବୋଲି ରେଞ୍ଜ ଅଫିସର ଶ୍ରୀ ଧରଣୀଧର ଦାସ ଦର୍ଶାଇଲେ ।

ଏତଦ୍‌ବ୍ୟତୀତ ଏହି କେନ୍ଦ୍ରରେ ଉପରୋକ୍ତ ଘାସବାସ ଓ ବୃକ୍ଷରୋପଣ ପାଇଁ ଆଖପାଖ ଗ୍ରାମଗୁଡ଼ିକରୁ ଶହ ଶହ ଦରିଦ୍ର ଲୋକ କାମ କରି ସେମାନଙ୍କର ଜୀବିକା ନିର୍ବାହ କରନ୍ତି । ଏହି କେନ୍ଦ୍ର ସକାଶେ ଆଖ-ପାଖ ଅଞ୍ଚଳରୁ ମୂଲିଆ ଶ୍ରେଣୀୟ ଲୋକମାନଙ୍କର ବେକାରୀ ସମସ୍ୟା ସମ୍ପୂର୍ଣ୍ଣଭାବେ ସମାଧାନ ହୋଇ ପାରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଆମ ଦେଶରେ ଏହିପରି ହଜାର ହଜାର ଏକର ଜମି ମୃତ୍ତିକାକ୍ଷୟ ଦ୍ୱାରା ନଷ୍ଟ ହୋଇ ଯାଉଛି । କ୍ରମ-ବର୍ଦ୍ଧିଷ୍ଣୁ ଜନ ସମାଜକୁ ଦୁଇ ଓଳି ଖାଦ୍ୟ ଦେବାକୁ ହେଲେ ଆମର ସୀମିତ ଜମି ପରିମାଣକୁ ନଷ୍ଟ ହେବାକୁ ଛାଡ଼ି ନ ଦେଇ ତାର ସଂରକ୍ଷଣ କରିବା ଏକାନ୍ତ ଆବଶ୍ୟକ । ତା' ନ ହେଲେ ଏବେ ଆମର ମୁଣ୍ଡପିଛା ଜମିର ପରିମାଣ ଯେତିକି ଅଛି, କିଛି ବର୍ଷ ପରେ ଜ୍ୟାମିତିକ ପ୍ରଣାଳୀରେ ତାହା ହ୍ରାସପ୍ରାପ୍ତ ହେବ କାହିଁକି ନା ଜନ୍ମହାର ବଢ଼ିବା ସଙ୍ଗେ ସଙ୍ଗେ ମୃତ୍ତିକା କ୍ଷୟ ଦ୍ୱାରା ଜମି ପରିମାଣ କମି କମି ଯିବ । ତେଣୁ ମୃତ୍ତିକାକ୍ଷୟ ଏକ ନଗଣ୍ୟ ସମସ୍ୟା ନୁହେଁ, ଏହା ଏ... ବିପଦମୟ ଗଭୀର ସମସ୍ୟା । ଏହାକୁ ଏକ ଜାତୀ... ସମସ୍ୟା ରୂପେ ଗ୍ରହଣ କରି ମାଟି ରୂପକ ଜାତୀ... ସଂପଦର ସଂରକ୍ଷଣ ଓ ପୁନରୁଦ୍ଧାର ବ୍ୟକ୍ତି ତଥା ସରକାର... ଙ୍କର କର୍ତ୍ତବ୍ୟ ହେବା ଆବଶ୍ୟକ ।

ଏହି ପ୍ରଦର୍ଶନ କେନ୍ଦ୍ରରେ କାର୍ଯ୍ୟକାରୀ ହେଉଥି... ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ ବାସ୍ତବିକ୍ ସମସ୍ତଙ୍କ ପା... ଆଦର୍ଶଣୀୟ । ଏହା କୃଷକ ତଥା ସଂପ୍ରସାର... କର୍ମୀମାନଙ୍କର ଦେଖିବାର ବସ୍ତୁ । କୃଷକ ଭାଇମା... ଏହିପରି କାର୍ଯ୍ୟକ୍ରମ ଦେଖି ସେମାନଙ୍କ ଜମିରେ ଏହିପ... ପଦ୍ଧତି ଅନୁସରଣ କରି ଲାଭବାନ ହୁଅନ୍ତୁ । ସଂ... ସାରଣ କର୍ମଚାରୀ ଏହାକୁ ଦେଖି ଏହାର ଲବ୍ଧଜ୍ଞାନ... ବିଭିନ୍ନ ଶ୍ରେଣୀର ଲୋକମାନଙ୍କ ନିକଟରେ ପହଞ୍ଚାନ୍ତୁ... ପ୍ରମୋଦ ଉଦ୍ୟାନ ଯେ ପ୍ରତ୍ୟେକ ଦର୍ଶକଙ୍କ ପା... ଅବିସ୍ମରଣୀୟ ଏଥିରେ ସନ୍ଦେହ ନାହିଁ ।


*With best compliments from :*

HINDUSTAN AERONAUTICS LIMITED,

KORAPUT DIVISION

P. O. : SUNABEDA-2

DIST. : KORAPUT



OGP—MP-VI (I. & P. R.) 47—20,000—12-10-1979

Produced by Off-set Process at Orissa Govt. Press, Cuttack-10

# ରାଜ୍ୟସ୍ତରୀୟ ସଞ୍ଚୟ ଉପଦେଷ୍ଟା ବୋର୍ଡ ବୈଠକ

## ରାଜ୍ୟର ଯୋଜନା କାର୍ଯ୍ୟକ୍ରମକୁ ଆଗେଇ ନେବାପାଇଁ ସ୍ୱଳ୍ପ ସଞ୍ଚୟ ଯୋଜନାରେ ଅଧିକ ଅର୍ଥ ବିନିଯୋଗ କରିବାକୁ ଅର୍ଥମନ୍ତ୍ରୀ ଡାଃ: ମିଶ୍ରଙ୍କ ପରାମର୍ଶ

ଦେଶର ଅର୍ଥନୀତି ଉପରେ ମୁଦ୍ରାସ୍ଫୀତିର ପ୍ରଭାବ ରୋକିବା ପାଇଁ ସ୍ୱଳ୍ପ ସଞ୍ଚୟ ଯୋଜନାଗୁଡ଼ିକରେ ସର୍ବାଧିକ ଅର୍ଥ ବିନିଯୋଗ କରିବା ନିମନ୍ତେ ଅଧିକ ଉଦ୍ୟମ ଆବଶ୍ୟକ ବୋଲି ରାଜ୍ୟ ଅର୍ଥମନ୍ତ୍ରୀ ଡାକ୍ତର ରାମପ୍ରସାଦ ମିଶ୍ର ପରାମର୍ଶ ଦେଇଛନ୍ତି । ୧୯୭୯ ସେପ୍ଟେମ୍ବର ପହିଲାରେ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ସଞ୍ଚୟ ଉପଦେଷ୍ଟାବୋର୍ଡ ବୈଠକ ଉଦ୍‌ଘାଟନ କରି ଅର୍ଥମନ୍ତ୍ରୀ ଡାଃ: ମିଶ୍ର କହିଲେ ଯେ ଅଣଉତ୍ପାଦନ ବ୍ୟୟ ତଥା ଅର୍ଥବିନିଯୋଗ ହ୍ରାସ କରିବା ଦିଗରେ ସ୍ୱଳ୍ପ ସଞ୍ଚୟ ବିଶେଷ ସହାୟକ ହେବ । ଏଥି ସଙ୍ଗେ ସଙ୍ଗେ ଅର୍ଥନୀତିରେ ସ୍ଥିରତା ଆଣିବା ଲାଗି ଏହି ଯୋଜନାର ଭୂମିକା ଗୁରୁତ୍ୱପୂର୍ଣ୍ଣ ।



ଅର୍ଥମନ୍ତ୍ରୀ କହିଲେ ଯେ ଉଭୟ ସଙ୍ଗଠିତ ଓ ଅଣସଙ୍ଗଠିତ ସଂସ୍ଥାଗୁଡ଼ିକରେ ସ୍ୱଳ୍ପସଞ୍ଚୟ କାର୍ଯ୍ୟକ୍ରମର ପ୍ରସାର ହେବା ଆବଶ୍ୟକ । ଆମ ରାଜ୍ୟ ସ୍ୱଳ୍ପସଞ୍ଚୟ ଯୋଜନାରେ ଯେତିକି ନିଟ୍ ଅର୍ଥ ବିନିଯୋଗ କରିପାରିବ, ତାହାର ଦୁଇ ତୃତୀୟାଂଶ ଉନ୍ନୟନ କାର୍ଯ୍ୟକ୍ରମପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଦୀର୍ଘ ମିଆଦୀ ଋଣ ଆକାରରେ ଯୋଗାଇ ଦେବେ । ଏଣୁ ରାଜ୍ୟର ଯୋଜନା କାର୍ଯ୍ୟକ୍ରମ ପାଇଁ ଅଧିକ ଅର୍ଥର ଆବଶ୍ୟକତା ଦୃଷ୍ଟିରୁ ସ୍ୱଳ୍ପସଞ୍ଚୟ ଯୋଜନାଗୁଡ଼ିକ ମାଧ୍ୟମରେ ଅଧିକ ଅର୍ଥ ବିନିଯୋଗ ହେବା ଆବଶ୍ୟକ ।

୧୯୭୮-୭୯ ମସିହାରେ ଓଡ଼ିଶାର ସ୍ୱଳ୍ପସଞ୍ଚୟ ଯୋଜନାରେ ମୋଟ୍ ୮·୮୩ କୋଟି ଟଙ୍କା ବିନିଯୋଗ ହୋଇଥିଲା । ଗତବର୍ଷର ଚଳିତବର୍ଷର ପ୍ରଥମ ୪ ମାସ ମଧ୍ୟରେ ୩·୩୮ କୋଟି ଟଙ୍କା ଏ ବାବଦରେ ସଂଗୃହୀତ ହୋଇଛି । ଗତବର୍ଷର ପ୍ରଥମ ୪ମାସ ମଧ୍ୟରେ ସଂଗୃହୀତ ଅର୍ଥର ପରିମାଣ ୨·୬୩ କୋଟି ଟଙ୍କା । ଚଳିତବର୍ଷ ଓଡ଼ିଶାର ସ୍ୱଳ୍ପସଞ୍ଚୟ ଯୋଜନାଗୁଡ଼ିକରେ ୧୪·୦୩ କୋଟି ଟଙ୍କା ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ସରକାରୀ ଓ ବେସରକାରୀ କର୍ମକର୍ତ୍ତା, ଓ ପଞ୍ଚାୟତରାଜ ଅନୁଷ୍ଠାନଗୁଡ଼ିକ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ସ୍ୱଳ୍ପସଞ୍ଚୟ କାର୍ଯ୍ୟକ୍ରମରେ ସକ୍ରିୟଭାବେ ଜଡ଼ିତ ହେବାକୁ ଅର୍ଥମନ୍ତ୍ରୀ ପରାମର୍ଶ ଦେଇଥିଲେ । ସେ କହିଥିଲେ ଯେ ସ୍ୱଳ୍ପସଞ୍ଚୟ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଛାତ୍ରସମାଜ ବିଶେଷତଃ ଜାତୀୟ ସେବାସଂଘ ଅନ୍ତର୍ଭୁକ୍ତ ଛାତ୍ରମାନେ ଆଗେଇ ଆସିବା ଉଚିତ୍ ।

ସ୍ୱଳ୍ପସଞ୍ଚୟ ଯୋଜନାକୁ ଅଧିକ ଲୋକପ୍ରିୟ କରିବାପାଇଁ ବିଭିନ୍ନ କାର୍ଯ୍ୟପନ୍ଥା ସଂପର୍କରେ ଏହି ବୈଠକରେ ଆଲୋଚନା ହୋଇଥିଲା । ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ ସାତଜଣିଆ ପ୍ରଚାର କମିଟି ଗଠନ କରାଗଲା ।

Vol. XXXVI Nos. 2 & 3 UTKAL PRASANGA Regd. No. O-5
Licence No. C. R. N. P. 5—Licensed to post without Pre-Payment

# ଏକ ଉନ୍ମୁକ୍ତ ବାତାୟନ

ରାଉରକେଲା ଭାରତର ଇସ୍ପାତ ଉତ୍ପାଦନର ଏକ ସଂପୂର୍ଣ୍ଣ ନୂତନ ଦିଗରେ ପଦାର୍ପଣ କରିଛି ।

ପ୍ରଥମେ—ପ୍ରଶସ୍ତ ଓ ଭାରୀ ପ୍ଲେଟ୍, ମଧ୍ୟମ ଓ ଲାଇଟ୍ ହଟ୍ ରୋଲଡ୍ ସିଟ୍ ଏବଂ ଷ୍ଟ୍ରିପ୍, କୋଲଡ୍ ରୋଲଡ୍ ସିଟ୍ ଏବଂ ଷ୍ଟ୍ରିପ୍, ହଟ୍ ଡିପ୍ ଓ ଇଲେକ୍ଟ୍ରୋଲାଇଟିକ୍ ଟିନ ପ୍ଲେଟ୍, ଗାଲଭାନାଇଜଡ଼ ସିଟ୍ ଓ ଷ୍ଟ୍ରିପ୍, ବୈଦ୍ୟୁତିକ ଯନ୍ତ୍ରପାତି ପାଇଁ ସିଲିକନ୍ ଇସ୍ପାତ ସିଟ୍ ଆଦି ଦେଶର ଦ୍ରବ୍ୟର ମୂଲ୍ୟ ଉତ୍ପାଦନକାରୀ ରାଉରକେଲା ଏହା ଅତି ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ସୁବିଧା ଯୋଗାଇବା ସଂଗେ ସଂଗେ ଜାହାଜ ନିର୍ମାଣ, ମଟର ଗାଡ଼ି, ରେଳଗାଡ଼ି, ଓଜନ, ଟ୍ରାକ୍ଟର୍ ନିର୍ମାଣ, ଗାର୍ହସ୍ଥ୍ୟ ଟ୍ରାନ୍ସଫର୍ମର, ଡିବା ଓ ପାତ୍ର, ଘର କରଣା ସରଞ୍ଜାମ, କୃଷି ଯନ୍ତ୍ରପାତି, ପ୍ରତିରକ୍ଷା ସରଞ୍ଜାମ ଆଦି ନିର୍ମାଣ ପାଇଁ ଉପାଦାନ ସାମଗ୍ରୀ ଯୋଗାଇ ଦେଉଛି । ଏହା ବ୍ୟତୀତ ଇସ୍ପାତ ଓ ସଂଶ୍ଳିଷ୍ଟ ଦ୍ରବ୍ୟ ସଂକ୍ରାନ୍ତୀୟ ନୂତନ ଯନ୍ତ୍ରକୌଶଳ ଉଦ୍ଭାବନ କ୍ଷେତ୍ରରେ ଅଗ୍ରଗତି କରୁଛି । ଅଗ୍ନିସହ ନିରୋଧ ଇଟାର ଆରମ୍ଭ କାରଖାନାମାନଙ୍କୁ ଯୋଗାଇ କରୁ ଭାରତର ପ୍ରଥମ ବୃହତ୍ ବ୍ୟାସ ବିଶିଷ୍ଟ ସ୍ପାଇରାଲ ଝଳା ପାଇପ କାରଖାନା ରାଉରକେଲାଠାରେ ପ୍ରତିଷ୍ଠିତ ହୋଇଛି । ରାଉରକେଲା ସାର ଦୁଇ ପ୍ରକାରର ରାସାୟନିକ ସାର— କ୍ୟାଲସିୟମ୍ ଆମୋନିୟମ୍ ନାଇଟ୍ରେଟ୍ (ସୋରା) ଓ ଆମୋନିୟମ୍ ସଲଫେଟ୍ (ରାଡା), ଯୋଗାଇବାକୁ ଉତ୍ପାଦିତ ଅଧିକ ଉପଜାତ ଦ୍ରବ୍ୟ, ନଷ୍ଟ ହେଉଥିବା ସିମେଣ୍ଟ ତିଆରି ପାଇଁ ଅତି ଉପଯୋଗୀ ଶିଳ୍ପ ଉତ୍ପାଦନ ଏବଂ ଭାରତୀୟ ଅର୍ଥନୀତି ପାଇଁ ଉପଯୋଗିତା ସେଥିରୁ ସମ୍ଭବ ହୋଇଛି ।

ରାଉରକେଲାର ଉତ୍ପାଦନ ଓ ଉତ୍ପାଦକତା କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ଘଟିଛି । ଉଦାହରଣ ସ୍ୱରୂପ, ବିକ୍ରି-ଯୋଗ୍ୟ ଉତ୍ପାଦନ ୮ ଲକ୍ଷ ୧୬ ହଜାର ଟନରୁ ୧୧ ଲକ୍ଷ ୭୮ ହଜାର ଟନକୁ ବୃଦ୍ଧି ପାଇଛି ।

ସାର ଉତ୍ପାଦନ ୨ ଲକ୍ଷ ୪୫ ହଜାର ଟନରୁ ୩ ଲକ୍ଷ ୧୮ ହଜାର ଟନକୁ ବୃଦ୍ଧି ପାଇଛି । ପ୍ରବନ୍ଧନ ଉଦ୍ୟମ ତଥା କର୍ମଚାରୀମାନଙ୍କ ଅକ୍ଲାନ୍ତ ପରିଶ୍ରମ-ରେ ବିକ୍ରିଯୋଗ୍ୟ ଇସ୍ପାତର ଶତକଡ଼ା ୫୭.୨ ଭାଗ ଓ ସାର କ୍ଷେତ୍ରରେ ଶତକଡ଼ା ୮୮.୭ ଭାଗ—ଦେଶୀ ବଳରେ ଏହା ସମ୍ଭବ ହୋଇ ପାରିଛି । ଆଜି ରାଉରକେଲାର ଦେଶୀ ଲୋକେ ଏହାକୁ ଅଧିକ ଅଭିଜ୍ଞ କରି ଚଳାଉଛନ୍ତି । ଆଜି ପଚାଶ ହଜାର ଲୋକଙ୍କ ନିଜର ଘର, ସ୍ୱାସ୍ଥ୍ୟ ସୁବିଧା ଯନ୍ତ୍ରପାତି, ଉନ୍ନତ ଜୀବନର ସ୍ତର ଏବଂ ଶିକ୍ଷା ଓ ଚିକିତ୍ସା । ଶିଳ୍ପ ଯଥା ଦେଶ ପ୍ରତି ଗୁରୁ ଦାୟିତ୍ୱ-ବୋଧ ମଧ୍ୟ ଏଥିରୁ ଜନ୍ମାଉଛି ।

ସଂକ୍ଷେପରେ କହିଲେ, ଆଜି ରାଉର-କେଲା ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦିଏ ।



ରାଉରକେଲା ଇସ୍ପାତ କାରଖାନା

Printed at Orissa Government Press, Cuttack-10